
ସମୟର ବାଲିବନ୍ତରେ ମୁଁ



ପ୍ରଫେସର ବାଉରୀବଂଧୁ କାର

ସମୟର ବାଲିବନ୍ତରେ ମୁଁ

ପ୍ରଫେସର ବାଉରୀବଂଧୁ କର

ସମୟର ବାଲିବନ୍ତରେ ମୁଁ

ପ୍ରକାଶକ : ମହାବୀର ପ୍ରକାଶନ
ପୁରୁଣା ବସ୍‌ଷ୍ଟାଣ୍ଡ ପାଖ,
ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ଦୂରଭାଷ : ୯୪୩୯୪୭୭୯୯୯

ପ୍ରଥମ ସଂସ୍କରଣ : **୨୦୧୫**

ଅକ୍ଷର : ଶାରଳା ଗ୍ରାଫିକ୍ସ, ଭୁବନେଶ୍ୱର-୧୨

ମୁଦ୍ରଣ : ପ୍ରିଣ୍ଟୋଭର୍ସ, ମୈତ୍ରୀସରଣୀ, କଟକ-୭୫୩୦୦୧

ପ୍ରଚ୍ଛଦ ଶିଳ୍ପୀ : ବିଜୟ କୁମାର ପ୍ରଧାନ

ମୂଲ୍ୟ : ଦୁଇଶହ ଟଙ୍କା ମାତ୍ର

SAMAYARA BALIBANTARE MU

Published By :
Mahavir Prakashan
Near Old Bus Stand,
Ashok Nagar, Unit-II,
Bhubaneswar-751009
Mobile Phone : 9439477999

Laser Typeset :
Sarala Graphics, Bhubaneswar-12

Cover Designed By :

Bijaya Kumar Pradhan

Printed at :
Printoverse, Maitree Sarani,
Cuttack-753001

First Edition : **2015**

Price : **200/-**

I.S.B.N-81-87989-33-5

ଉତ୍ସର୍ଗ

ସୁଲେଖକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି,
ପ୍ରଫେସର ହରିହର ଦାସ ପୂଜନୀୟେଷୁ...
ସ୍ନେହାନୁବନ୍ଧ
ବାଉରୀବଂଧୁ କର

ସାମାନ୍ୟ କଥନ

'ସମୟର ବାଲିବନ୍ତରେ ମୁଁ' ମୋର ଆତ୍ମଜୀବନୀ ଗ୍ରନ୍ଥ । ଏପରି ଏକ ଗ୍ରନ୍ଥ ଲେଖିବା ମୋ କଳ୍ପନାର ବାହାରେ ଥିଲା । ଯେଉଁମାନେ ମୋତେ ଛୋଟ ବେଳରୁ ଏ୍ ପର୍ଯ୍ୟନ୍ତ ଦେଖିଛନ୍ତି, ଜାଣିଛନ୍ତି ଓ ମୋ ସଂପର୍କରେ ଆସିଛନ୍ତି, ସେଇ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଅନୁରୋଧ କ୍ରମେ ଏ ଗ୍ରନ୍ଥଟି ରଚିତ ହୋଇଛି । ସାଧାରଣତଃ ଆତ୍ମଜୀବନୀ ଲେଖକ ଆପଣା ଜୀବନର ଗରିମାମୟ ଘଟଣାକୁ ସ୍ୱକୀୟ ଢଙ୍ଗରେ ଲିପିବଦ୍ଧ କରିଥାଏ । ସେଥିରୁ ଅନ୍ୟମାନେ ବହୁକଥା ଶିଖନ୍ତି ଓ ଉନ୍ନତ ଜୀବନ ଯାପନ ପାଇଁ ପ୍ରେରଣା ଲାଭ କରନ୍ତି । ମୋ ଜୀବନରେ ସେମିତି କିଛି ଗୌରବମୟ କାହାଣୀ ନାହିଁ, ଯାହା ସର୍ବସାଧାରଣରେ ପ୍ରକାଶ ଯୋଗ୍ୟ । କେବଳ ରହିଛି ସଂଘର୍ଷ ପୂର୍ଣ୍ଣ ଜୀବନର ଯାବତୀୟ ପ୍ରସଙ୍ଗ । ସମୟ ପ୍ରବାହରେ ମୋର ଜୀବନ ସଂଗ୍ରାମ ଯେପରି ଗତି କରିଛି ତା'ର ସ୍ୱୟଂ ସଂପୂର୍ଣ୍ଣ ପରିପ୍ରକାଶ ଏ ଗ୍ରନ୍ଥରେ ହୋଇଛି ଲିପିବଦ୍ଧ । ଏଥିରେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜୀବନରେ କେମିତି ବଞ୍ଚିବାକୁ ହୁଏ, ସେ ସଂପର୍କରେ ଅନେକ କଥା କୁହାଯାଇଛି । ଜୀବନ ଯେ କେବଳ ମଉଜ ମଜଲିସ୍‌ର ନୁହେଁ, ବରଂ ଦୁଃଖର ଦୁର୍ଦ୍ଦିନର ଏଇ କଥାକୁ ଏଥିରେ ଉତ୍ତମ ରୂପେ ବୁଝାଇ ଦିଆଯାଇଛି । ହସି ହସି ଦୁଃଖକୁ ଆପଣାର କରିପାରିଲେ ଜୀବନ ଯେ ଅର୍ଥପୂର୍ଣ୍ଣ ହୁଏ, ଏଇ କଥାପଦକ ଏ ଗ୍ରନ୍ଥରୁ ଶୁଣିହୁଏ ।

ଏ ଗ୍ରନ୍ଥରେ ସତକୁ ସତ ରୂପେ ଅବତାରଣା କରାଯାଇଛି । ଏଥିରେ ଘଟଣାକ୍ରମେ କେତେକ ତଥ୍ୟର ଉପସ୍ଥାପନା କରାଯାଇଛି ଯାହାର ସାମ୍ନା ମୁଁ ଜୀବନରେ କରିଛି । ଏଥିରେ ମୋ ସହ ଏକ ସାକ୍ଷାତ୍‌କାର ବିବରଣୀ ଦିଆଯାଇଛି, ଯାହାକୁ ପଢିଲେ ମୋ ଜୀବନ ସଂପର୍କରେ ଯତ୍‌କିଞ୍ଚିତ୍ ଧାରଣା କରିହେବ । ଏଥିରେ ସମୟର ବାଲିବନ୍ତରେ ମୁଁ ମୋର ସ୍ପଷ୍ଟ ନ ହେଲେ ବି ଆପଣାର ପଦଚିହ୍ନଟିକୁ ଯତ୍ ସାମାନ୍ୟ ଥାପିବାକୁ ଚେଷ୍ଟା କରିଛି ।

ଗ୍ରନ୍ଥଟି ଯତ୍ନର ସହିତ ଛାପିଥିବାରୁ ମହାବୀର ପ୍ରକାଶନର ମୁଖ୍ୟ ଶ୍ରୀ ରମାକାନ୍ତ ମିଶ୍ରଙ୍କୁ ସାଧୁବାଦ ଜଣାଉଛି ।

ଗ୍ରନ୍ଥଟିକୁ ପାଠକ ଆଦରର ସହ ଗ୍ରହଣ କଲେ ଏଇ ଲେଖକର ଶ୍ରମ ସାର୍ଥକ ହେବ ।

ବାଉରୀବଂଧୁ କର

୫ଜୁନ୍, ୨୦୧୫

ମୋ ଗାଁ ଓ ମୋ ପିଲାଦିନ

୧

ଅବିଭକ୍ତ କଟକ ଜିଲ୍ଲା ଅଧୁନା ଯାଜପୁର ଜିଲ୍ଲାର ପାଞ୍ଚ ନମ୍ବର ଜାତୀୟ ରାଜପଥର ପାଣିକୋଇଲି କୁଆଖିଆ ମଝିରେ ରହିଛି ଖରସ୍ରୋତା ନଦୀ ସେତୁ । ଏହି ଖରସ୍ରୋତା ନଦୀ କୂଳରେ ଅବସ୍ଥିତ ଇତିହାସ ପ୍ରସିଦ୍ଧ ଗାଁ 'ଖଣ୍ଡିତର' । ଚିର ବନ୍ୟା ପ୍ରପୀଡିତ ଏ ଅଞ୍ଚଳ । ଏ ଗାଁକୁ ଘେରି ରହିଛି ବିଭିନ୍ନ ଆଡୁ ତିନୋଟି ନଦୀ । ଗୋଟିଏ ପଟେ ସୁଗଭୀର ଖରସ୍ରୋତା, କିଛି ବାଟ ପରେ ପ୍ରଖର ସ୍ରୋତା ପାଟିଆ, ପୁଣି ଆଉ ଟିକେ ଡେଙ୍ଗିଗଲେ ବିଲପାଟିଆ । ଏଇ ନଦୀ ଗୁଡ଼ିକର କୂଳେ କୂଳେ ଓ ପଠାରେ ନାନା ଜାତିର ଫୁଲ ଫୁଟେ । ବିଶେଷ କରି ଶରତ୍‌ଋତୁରେ କାଶତଣ୍ଡୀ ଫୁଲ, ସବୁ ଋତୁରେ ଫୁଟୁଥିବା ଦୁଦୁରା ଫୁଲ, ବର୍ଷା ଋତୁରେ ଅରଖ ଫୁଲ, ହେମନ୍ତ ଋତୁରେ ଫୁଟୁଥିବା ସୋରିଷ ଫୁଲ, ନାନା ଗୁଳ୍ମ ଲତାରେ ଫୁଟୁଥିବା ବହୁ କିସମର ଅଜ୍ଞାତନାମା ଫୁଲ, ବସନ୍ତ ଓ ଗ୍ରୀଷ୍ମ ଋତୁରେ ଫୁଟୁଥିବା କିଂଶୁକ ଫୁଲ, ବର୍ଷାରେ ଉଠିଥିବା ଲାଜକୁଳୀ ଲତା, କୂଳରୁ ଅଳ୍ପଛାଡ଼ି ନଇଁ ପଡିଥିବା ବାଉଁଶ ଗଛ, ଛୋଟବଡ଼ ବରଗଛ, ନଈ ଅତଡ଼ାକୁ ଲାଗି ରହିଥିବା କିଆଁ ବୁଦା ଇତ୍ୟାଦି ଏତେ ଆକର୍ଷଣୀୟ ଯେ ତାହା ଦର୍ଶକର ମନକୁ ମୋହିନିଏ । ଯେଉଁ ଆଡ଼େ ଚାହିଁଲେ ଦିଗନ୍ତ ଶ୍ୟାମଳ ଶସ୍ୟକ୍ଷେତ୍ର, ବିଭିନ୍ନ ଋତୁରେ ପନିପରିବା ଚାଷ ; ଧାନ, ଗହମ, ମକା, ପୋଟଳ, ଚିନାବାଦାମ, ବାଇଗଣ, କଲରା, ତରଭୁଜ, କାକୁଡି, ମଟର, ଭେଣ୍ଡି, ଜହ୍ନି, ପୋଇ, ବୋଇତାଳୁ, ଲାଉ, ଖଡା, ଲେଉଟିଆ, ଶିମ୍ବ, ଏମିତି ହରେକ ରକମର ଚାଷ ଏ ଅଞ୍ଚଳରେ ହୋଇଥାଏ । ସବୁଆଡ଼େ ବଡ଼ ବଡ଼ ପଣସ, ଆମ୍ବ, ଦେବଦାରୁ, ପାଟଳୀ, ନଡିଆ, ତାଳ, ଶିରୀଷ, ଜାମୁକୋଳି, ଡିମିରି, କଦମ୍ବ, ଶାଳ, ପୁଣ୍ଡିଆ, ଅଶନ, ପାଳଧୁଆ, ବଉଳ, ତମାଳ, କୃଷ୍ଣଚୂଡ଼ା, କନିଅର, ଶିମିଳି, ଚାକୁଣ୍ଡା, ଓଉ, ଖଜୁର, ଗୁଆ, ଆମ୍ବଡା, ବରକୋଳି, କେନ୍ଦୁ, ପିଜୁଳି, ସଜନା, ଗଛର ସମବେଶ ଗାଁଟିକୁ ଏକ ଚିରସବୁଜ ପରିବେଶ ଭିତରେ କରିଛି ଅତ୍ୟନ୍ତ ଲୋଭନୀୟ । ଏଥିସହିତ ଗୁଡ଼ିଏ ବର ଓ ଓସ୍ତଗଛ ଗାଁ ଦାଣ୍ଡରେ ଏଣେ ତେଣେ ଦଣ୍ଡାୟମାନ ହୋଇ ଏଇ ଗାଁଟିର ଶ୍ରୀ ଓ ଭାଗ୍ୟ ବିପର୍ଯ୍ୟୟ ଦେଖୁଛନ୍ତି । ଏଠି ଗାଁ ମୁଣ୍ଡରେ ସମସ୍ତଙ୍କ ମଙ୍ଗଳ କାମନା କରୁଥିବା

ମଙ୍ଗଳମୟୀ ଦେବୀ 'ଘାଟ ମଙ୍ଗଳା' । ଆପଦ ବିପଦରେ ସମସ୍ତଙ୍କୁ ସାହା ମାଆ ମଙ୍ଗଳା । ସ୍ତ୍ରୀ ଲୋକମାନେ ଭକ୍ତିରେ କହନ୍ତି, 'ମା ଘାଟ ମଙ୍ଗଳା ମା'ଙ୍କୁ କର ଲୋ ଜୁହାର, ସବୁବେଳେ ଝଟକିବ ମଥାରେ ସିନ୍ଦୂର ।' ଏଠି ନଦୀ ଡଙ୍ଗାରେ ପାରି ହେଲାବେଳେ ନାଉରୀ ମା'ଙ୍କୁ ପୂଜାର୍ଚ୍ଚନା କରି ଡଙ୍ଗା ପାରି କରେ । ୧୯୬୬ ମସିହା ପୂର୍ବରୁ ଯେତିକିବେଳେ ନଈରେ ପକ୍କା ସେତୁ ନଥିଲା, ସେତେବେଳେ ଏଠାରେ ଥିଲା ଫେରିଘାଟ । ଏଠି ଘାଟ ପାର ହୋଇ କୁଆଡ଼େ ଶ୍ରୀଚୈତନ୍ୟ ପୁରୁଣା ଜଗନ୍ନାଥ ସଡ଼କରେ ପୁରୀ ଯାଇଥିବା ଜନଶ୍ରୁତି ରହିଛି । ଏଠି ଏହାର ସ୍ମାରକୀ ସ୍ୱରୂପ ରହିଛି ଏକ ମଠ । ନିକଟରେ ବିଲିପଡ଼ାରେ ପ୍ରତିଷ୍ଠା କରିଥିଲେ ଏକ ବୈଷ୍ଣବ ଗ୍ରାମ । ପୁଣି ଏଠି ଘାଟପାରି ହୋଇ ଆସିଥିଲେ ମିଶନାରୀ ଆମସ୍‌ସଟନ୍ । ଯିଏ ୧୮୪୬ ମସିହାରେ ଗଢ଼ିଥିଲେ 'ଓଡ଼ିଶା ମିଶନ ଏକାଡ଼େମୀ' । ସେ ଏଇ ଖଣ୍ଡିତର ଗାଁରୁ ମିଶନାରୀ କାର୍ଯ୍ୟକଳାପକୁ ବେଶ୍ ପ୍ରଚାର କରିଥିଲେ ।

ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାରର ବିବରଣୀ ଓ ମିଶନାରୀ କ୍ରିୟାକଳାପ ସହିତ ଖଣ୍ଡିତର ଗାଁର ଅଂତରଂଗ ସଂପର୍କ ରହିଛି । ନୂତନ ସାମାଜିକ ଜୀବନ ସଂଗଠନ, ଆଧୁନିକ ଶିକ୍ଷା, ଧର୍ମ ପ୍ରଚାର, ପୁସ୍ତକ ପାଠ ପାଇଁ ଉତ୍ସାହ, ଗ୍ରାମାଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ମିଶନାରୀମାନଙ୍କ ଭୂମିକା ପ୍ରଶଂସନୀୟ । ଏ ସଂପର୍କରେ ବ୍ୟାସକବି ଫକୀରମୋହନ ସେନାପତି ଲେଖିଛନ୍ତି :

'ଆଗେ ଆଗେ ଆସିଥିଲେ ଯେତେ ମିଶନାରୀ
ସେହିସବୁ ସାହେବଙ୍କୁ ପୂଜା କରେ ଭାରି ।'
ପ୍ରଥମରେ ପଢ଼ାଇଲେ ଇସ୍କୁଲିଆ ପାଠ,
ପ୍ରଥମରେ ଦେଖାଇଲେ ଛାପାଖାନା ବାଟ ।
ଛାପା ପୋଥି ଆଣି ଦେଖାଇଲେ ପ୍ରଥମରେ,
ଔଷଧ ବାଣ୍ଟିଲେ ପ୍ରଥମରେ ଘରେ ଘରେ ।'

ଖଣ୍ଡିତର ଗାଁଟିର ଭୌଗୋଳିକ ଅବସ୍ଥିତି ଏଠାରେ ମିଶନାରୀ କାର୍ଯ୍ୟକଳାପ ପାଇଁ ସହାୟତା କରିଥିଲା । ଗାଁଟି ସେତେବେଳେ ଜଗନ୍ନାଥ ସଡକ କଡ଼ରେ ଥିବାରୁ (ଅଧୁନା ଏହା ଜାତୀୟ ରାଜପଥ ପାଞ୍ଚନମ୍ବର -ପାର୍ଶ୍ୱବର୍ତ୍ତୀ) ମିଶନାରୀ ମାନେ ସହଜରେ ଏହି ଗାଁକୁ ଆସି ସେମାନଙ୍କ ଧର୍ମ ପ୍ରଚାର ସହିତ ଅନ୍ୟାନ୍ୟ କାର୍ଯ୍ୟ ପ୍ରସାର କରିଥିଲେ । ଓଡ଼ିଶାରେ ପ୍ରଥମେ ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରୀକରଣ ହୋଇଥିବା ଗଙ୍ଗାଧର ଷଡଙ୍ଗୀ (୨୩.୩.୧୮୨୮)

ଏଠାକୁ ଆସି ଲୋକମାନଙ୍କ ମଧ୍ୟରେ ଏହି ଧର୍ମ ସଂପର୍କରେ ସଚେତନତା ସୃଷ୍ଟି କରିଥିଲେ । ମିଶନାରୀ ଆମସଟନଙ୍କ ବ୍ୟତୀତ ଏ ଗାଁକୁ ଆସିଥିଲେ ଉଇଲିୟମ୍ ବ୍ରାଉନ୍, ଜେ. ଷ୍ଟବିନ୍ସ, ଜେ.ମିଲର ପ୍ରମୁଖ ମିଶନାରୀ । ଜେ. ଷ୍ଟବିନ୍ସ ୧୮୩୭ ମସିହାରେ ଆମ ଗାଁକୁ ଆସିଥିବା ବେଳେ ଖଣ୍ଡିତର ନିବାସୀ ପରଶୁ ଓ ସୋମନାଥ ତାଙ୍କୁ ଧର୍ମ ପ୍ରଚାର କାର୍ଯ୍ୟରେ ସହଯୋଗ କରିଥିଲେ । ସେତେବେଳେ ନୂଆ ନୂଆ ଓଡ଼ିଶାରେ ପ୍ରସାର ଲାଭ କରୁଥିବା ଏହି ଧର୍ମକୁ କେତେକ ବିରୋଧ କରିଥିଲେ । ଏ ସତ୍ତ୍ୱେ ଏ ଗ୍ରାମରେ ସବୁ ଜାତିର ଲୋକଙ୍କ ସହିତ ଖ୍ରୀଷ୍ଟିୟାନମାନଙ୍କ ସଂପର୍କ ଅତି ନିବିଡ । ଏଠାରେ ବ୍ରାହ୍ମଣମାନଙ୍କର ଖ୍ରୀଷ୍ଟିୟାନମାନଙ୍କ ସହ ସମ୍ବନ୍ଧ ବେଶ୍ ଅଂତରଂଗ । ବଡ଼ଦିନ, ନୂଆ ବର୍ଷରେ ଏଠାକାର ହିନ୍ଦୁମାନେ ଗାଁର ଖ୍ରୀଷ୍ଟିୟାନମାନଙ୍କ ସହ ମିଳିତ ହୋଇ ଯେପରି ଆନନ୍ଦମୁଖର ହୁଅନ୍ତି, ସେହିପରି ହିନ୍ଦୁମାନଙ୍କ ସାମାଜିକ ଉତ୍ସବ ରଜପର୍ବ, ଦୋଳପର୍ବ, ସରସ୍ୱତୀ ପୂଜା, ଗଣେଶ ପୂଜା ପ୍ରଭୃତିରେ ସେମାନେ ମିଳିମିଶି ଖୁସିରେ ପର୍ବ ପାଳନ କରନ୍ତି ।

ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପୂର୍ବରୁ ଅର୍ଥାତ୍ ୧୮୬୬ ମସିହା ପୂର୍ବରୁ ପ୍ରତିଷ୍ଠିତ ଖ୍ରୀଷ୍ଟିୟାନ ଗାଁ ମଧ୍ୟରୁ ଆମ ଗାଁ ହେଉଛି ସବୁଠାରୁ ବଡ଼ । ଏଠାରେ ଆଠଗୋଟି ପରିବାର ପ୍ରଥମେ ୧୮୩୦ ମସିହାରୁ ୧୮୩୭ ମସିହା ମଧ୍ୟରେ ବାସ କରୁଥିଲେ । ଏ ଗାଁର ଅଧିକାଂଶ ଲୋକେ ଚାଷୀ, ଆଉ କେତେକ ଦୂର ଦୂରାନ୍ତରକୁ ଯାଇ କଳାକାରଖାନାରେ ଶ୍ରମିକ ରୂପେ କାମ କରନ୍ତି । ଏଠାରେ ବହୁଦିନରୁ ରହିଛି ଏକ ଦାତବ୍ୟ ହୋମିଓପାଥିକ ଚିକିତ୍ସାଳୟ ଓ ଏକ ପୁରୁଣା ଗୀର୍ଜା । ଊନବିଂଶ ଶତକରେ ଏହି ଗାଁରେ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିବା ଲୋକମାନଙ୍କ ମଧ୍ୟରୁ ସୋମନାଥ, ପରଶୁ ଓ ଜଗୁରାଉତ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ଖ୍ରୀଷ୍ଟଧର୍ମର ବାର୍ତ୍ତା ପ୍ରଚାର କରିଥିବା ପ୍ରସଙ୍ଗ ସେ ସମୟର ପତ୍ରପତ୍ରିକାରୁ ଅନୁମେୟ । ଏଠାରେ ଲେସି ସାହେବଙ୍କ ସଂପାଦାନରେ ପ୍ରକାଶିତ 'ଜ୍ଞାନାରଣ' ପତ୍ରିକାର କେତେକ ବିବରଣୀ ଉଦ୍ଧାର କରାଯାଇପାରେ । ତାହା ଏହିପରି; "ଧର୍ମ ବିବରଣ ଏଥିରେ ସଂକ୍ଷେପ ରୂପେ ଲେଖାଯାଏ । ଖଣ୍ଡିତର ଗାଁର କୃଷକ ଜଗୁ ରାଉତ ଧର୍ମ ବିଷୟରେ ଅଜ୍ଞାତ ଲୋକଙ୍କୁ ବିଗତ ବର୍ଷମାନଙ୍କରେ ଯେମନ୍ତ ମତେ ପ୍ରଭୁଙ୍କ ଆଗ୍ୟାଂ ଦାନ କରୁଅଛନ୍ତି, ତାହା ବର୍ତ୍ତମାନ ତେମନ୍ତଇ ସମସ୍ତେ ଜାଣୁ ଅଛନ୍ତି । ଗାଁର ଲୋକେ ପ୍ରଭୁଙ୍କ ଆଗ୍ୟାରେ ଅର୍ଥ ବୁଝି ପାରନ୍ତି ନାହିଁ । ଅନ୍ୟ ଲୋକଙ୍କୁ ପଚାରି ଜ୍ଞାତ ହୋଇ ମନୋଯୋଗ କରନ୍ତି । ଯଦ୍ୟପି ଅର୍ଥ ନ ବୁଝିବେ ଅନାୟାସରେ କର୍ମ ଅସଂପନ୍ନ ହେବ । ପ୍ରଭୁ କହିଛନ୍ତି ସତ୍ୟ ବଚନକୁ ଆଶ୍ରା କରି କାହାରି ଯହିଁରେ ଦୁଃଖ ନ ହୁଅଇ ସେ ପ୍ରକାର କର୍ମ କରିବ । ଜଗୁ

ରାଉତ ଇତ୍ୟାଦି ନାନା ପ୍ରକାର ଉପଦେଶମାନ ଗାଁ ଲୋକଙ୍କୁ ଏହି ରୂପେ ବିତରଣ କଲେ ।" (ଜ୍ଞାନାରଣ-ମାର୍ଚ୍ଚ- ୧୮୪୯ ପୃଷ୍ଠା- ୧୨) କେବଳ ସେତିକି ନୁହେଁ ଏ ଗାଁରେ ମିଶନାରୀମାନଙ୍କ ଜନମଙ୍ଗଳ କାର୍ଯ୍ୟର ବିବରଣୀ ସଂପର୍କରେ ଏକ ଶ୍ଳୋକ ରହିଛି । ଲୋକମୁଖରେ ତାହା ଏପରି,

"ଡଫ୍ ଡେଭିଡ୍ କନଭିନ୍ଶୈବ କେରୀ ମାର୍ସମାନସ୍ତଥା
ପଞ୍ଚଗୋରା ସ୍ମରେ ନିତ୍ୟ ମହାପାତକ ନାଶନ ।"

ଏଠାରେ ସଟନ୍ ସାହେବଙ୍କ ନୀତିଶିକ୍ଷା ମୂଳକ କେତେକ କବିତା ବିଶେଷ ପ୍ରସାର ଲାଭ କରିଥିଲା । ଏଠାରେ ପାଠକମାନଙ୍କ ଅବଗତି ନିମନ୍ତେ କେତୋଟିକୁ ଦୃଷ୍ଟାନ୍ତ ଆକାରରେ ଦିଆଯାଇପାରେ -

(କ) ସତ୍ୟାନୃତ :

ସର୍ବକର୍ମ ଅନୁଷ୍ଠାନେ ସତ୍ୟର ପାଳଣ,
ଜାଣି ସୁଜନର ଏହି ଯଶର କାରଣ ।
ଦୋଷ କଲେ ମିଥ୍ୟାବଳେ କଲେ ଆଚ୍ଛାଦନ,
ଦ୍ୱିଗୁଣ ଅପ୍ରାଧ ହୋଇ ଉଠଇ ଦାରୁଣ ।
ମିଥ୍ୟାରେ ଆସକ୍ତ ହୋଇ ଯେ ଅଧମ ଦାସ,
ଅନନ୍ତ ନରକାନଳେ ତାର ସର୍ବନାଶ ।

(ଖ) କାଳକ୍ଷେପ :

ସମୟ ଅମୂଲ୍ୟ ରତ୍ନ
କର ଅତିଶୟ ଯତ୍ନ
ନାହି କର ହେଳା ଯଥାସାଧ୍ୟ ।
ତାର ଦଣ୍ଡ କ୍ଷେପଣରେ ସଦା ରହ ସତର୍କରେ
ନୋହିବ ହେ ଆଳସ୍ୟର ବାଧ୍ୟ ।
ଯେହେତୁ ଅଶୁଭ କ୍ଷଣ ଯାହା ବିଅର୍ଥେ କ୍ଷେପଣ
କଲେ ନିଶ୍ଚେ ବିଧି ବିଡମ୍ବିତ ।
ତାର ଅନୁତାପ ମନେ ଘଟିବ ଯେ କ୍ଷଣେ କ୍ଷଣେ
ସେହି କାଳ ଆସି ଉପସ୍ଥିତ ।

(ଗ) ସୁଖୀ କର :

ବିବିଧ ଶାସ୍ତ୍ରାଦି ବିଦ୍ୟା କରଇ ଅର୍ଜନ ।
ନାନାଦି ଭାଷାରେ ହେଲେ ଅତ୍ୟନ୍ତ ନିପୁଣ ।
ଯେବେ ସତ୍ୟଧର୍ମ ନାହିଁ ହୃଦୟ ଭୂଷଣ ।
ସମସ୍ତ ଅନର୍ଥ ତେବେ ସର୍ବଜନ ଜାଣ ।

(ଘ) ଦାନପତ୍ର :

ଦାନର ଉଚିତ ପାତ୍ର ଦରିଦ୍ର ଦୁର୍ବଳ ।
ଧନବନ୍ତେ ଦେଲେ ଦାନ ନାହିଁ କିଛି ଫଳ ।
ଧୂଣାକ୍ଷେତ୍ରେ ପୁଣି ବୀଜ କଲେଛ ରୋପଣ
ଦୁହିଙ୍କ ଗୌରବ ନାଶ ବୁଝି ହେ ସୁଜନ ।

ଓଡ଼ିଆରେ ଏ ଧରଣର ନୀତିଶିକ୍ଷାମୂଳକ କବିତା ମିଶନାରୀମାନେ ଧର୍ମପ୍ରଚାର ସକାଶେ ବ୍ୟବହାର କରୁଥିଲେ । ଚାଷୀମାନେ ଯେଉଁ ପଶୁମାନଙ୍କୁ ଗୃହପାଳିତ ପଶୁଭାବେ ପ୍ରାଳନ କରନ୍ତି, ସେମାନଙ୍କୁ ନେଇ କେତୋଟିକ କବିତା ଲେଖିଥିଲେ ଆମସ୍‌ସଟନ୍ । ଏ କବିତାମାନ ଆମ ଗ୍ରାମରେ ବେଶ୍ ଜନପ୍ରିୟ ।

ଆମ ଗ୍ରାମରେ ଯେଉଁସବୁ ପର୍ବପର୍ବାଣୀ ଅନୁଷ୍ଠିତ ହୁଏ,ସେଗୁଡ଼ିକ ମଧ୍ୟରେ ରଜପର୍ବ, ଦୋଳପର୍ବ ଓ ରାସ ପୂର୍ଣ୍ଣିମା ପ୍ରଧାନ । ରଜପର୍ବ ତିନିଦିନ ଧରି ଚାଲେ । ଏହି ପର୍ବରେ ଆମ ଗାଁକୁ ପ୍ରାୟ ବାହାରେ ରହୁଥିବା ଲୋକମାନେ, ବାହା ହୋଇଯାଇଥିବା ଝିଅମାନେ ଓ ଅଧିକାଂଶ ବଂଧୁବାଧବ ଆସନ୍ତି । ରଜଦୋଳିରେ ଖେଳିବା ସହିତ ରଜପାନ, ପିଠାପଣା, ନାନା ରକମର ସୁସ୍ୱାଦୁ ବ୍ୟଞ୍ଜନ ଖାଇ ପିଲାଠାରୁ ବୁଢ଼ା-ବୁଢ଼ୀ ପର୍ଯ୍ୟନ୍ତ ମଉଜ ମଜଲିସ୍‌ରେ ମାତନ୍ତି । ଏ ପର୍ବରେ ଅନ୍ୟ ଏକ ବିଶେଷ ଆକର୍ଷଣ ହେଉଛି, ଏଠାରେ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ବୋଧହୁଏ ଗ୍ରାମାଞ୍ଚଳରେ ଏ ଧରଣର କବାଡି ଅନୁଷ୍ଠାନ ଆଉ କେଉଁଠି ନାହିଁ । ଏଥିରେ ପ୍ରାୟ ରଜ ତିନିଦିନ ସାରା ଲକ୍ଷାଧିକ ଦର୍ଶକ ସମାଗମ ହୁଅନ୍ତି । ଦୋଳପର୍ବ ଆମ ଗ୍ରାମରେ ସବୁବର୍ଷ ଦୋଳ ପୂର୍ଣ୍ଣିମା ବାସି ଦିନ 'ଖଣ୍ଡିତର ମେଳଣ' ଭାବରେ ପାଳନ କରାଯାଏ । ଆଖ ପାଖ ଗ୍ରାମରୁ ରାଧାକୃଷ୍ଣ, ମଦନମୋହନ ସୁସଜ୍ଜିତ ବିମାନରେ ବାଣ ଫୁଟାଇ ରୋଷଣି କରି ଆସନ୍ତି । ରାତି ସାରା ଅନିଦ୍ରା ହୋଇ ଗାଁ ଲୋକମାନେ ଏହାକୁ ଉପଭୋଗ କରନ୍ତି । ଏହି ଉତ୍ସବରେ ଲୋକମାନେ ଦଳ ଦଳ ହୋଇ ସଂକୀର୍ତ୍ତନ କରି ଅବିର ପରସ୍ପର ଠାରେ ବୋଳି ହୋଇ

ଆନନ୍ଦରେ ନାଚନ୍ତି । ରାସପୂର୍ଣ୍ଣିମାରେ ହବିଷ୍ୟ କରୁଥିବା ସ୍ତ୍ରୀଲୋକମାନେ ଶାସନ ମୁଣ୍ଡରେ ଥିବା ମହାଦେବ ମନ୍ଦିରରେ ମାସକର କାର୍ତ୍ତିକ ବ୍ରତ ଉଦ୍‌ଯାପନ କରନ୍ତି ଓ ଖୁସି ମନାନ୍ତି । ଏହିଦିନ ଗାଁରୁ ଏକାଧିକ ସଂକୀର୍ତ୍ତନ ଦଳ ବାହାରି ଗ୍ରାମ ପରିକ୍ରମା କରନ୍ତି । ଏହି ସଂକୀର୍ତ୍ତନ ଦଳଙ୍କୁ ବିଭିନ୍ନ ସ୍ଥାନରେ ଗ୍ରାମବାସୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି । ଏହି ତିନୋଟି ମୁଖ୍ୟପର୍ବ ବ୍ୟତୀତ ଗାଁରେ ସୁହାଗ ସିନାନ ଓଷା ଆଶ୍ୱିନ ମାସରେ ଅନୁଷ୍ଠିତ ହୁଏ । ଏହି ଓଷା କେବଳ ବ୍ରାହ୍ମଣ ଘରର ଝିଅମାନେ କରନ୍ତି । ନଦୀ ବାଲିରେ ଶିବ ପ୍ରତିମା ଆଙ୍କି ସକାଳୁ ଗାଧୋଇ ପୂଜା କରନ୍ତି । ଏହି ପୂଜାରେ କୁମାରୀମାନେ ସୁଲଳିତ କଣ୍ଠରେ ସଙ୍ଗୀତ ଗାନ କରି ଜୀବନରେ ଭଲ ସ୍ୱାମୀ ପାଇବା ପାଇଁ ପ୍ରାର୍ଥନା କରିଥାନ୍ତି । ସେଇ ସୁଲଳିତ ସଙ୍ଗୀତ ଏହିପରି;

"ଆମ ପୂଜା ଘେନ ହର ଗଉରୀ, ଆମେ ଆଣ୍ଠ୍ରା କଲୁ ପଦେ ତୁମରି ।
ଆମେ ବାଳଝିଅ ନ ଜାଣୁ ବିଧି, ଆମ ମନସ୍କାମ କରାଅ ସିଦ୍ଧି ।
ଆମେ ଭୋଗ ଦେଉଅଛୁ କାକୁଡି, ବଜ୍ରକର ଆମ ହାତର ଚୁଡ଼ି ।
ଆମେ ଦେଉଅଛୁ ନଡିଆ ଖଣ୍ଡି, ଆମକୁ କରିବ ସିନ୍ଦୂର ମୁଣ୍ଡି ।
ଆମେ ଜଳାଉଚୁ ଦୀପ ଆଳତି, ଆମକୁ କରାଅ ସୌଭାଗ୍ୟବତୀ ।
ଆମେ ବାଳଝିଅ ନଧର ଦୋଷ, ଆମ ପୂଜା ଘେନ ଉମା-ମହେଶ ।"

ଆମ ଗାଁରେ ସବୁ ସାହିରେ ବ୍ରାହ୍ମଣ ଶାସନ ବ୍ୟତୀତ ଖୁଦୁରୁକୁଣୀ ଓଷା ପାଳନ କରାଯାଏ । ଏହି ଓଷାରେ ଭାଇର ଶୁଭ ମନାସୀ ଭଉଣୀ ଭାଦ୍ରମାସ ରବିବାରରେ ଏହା ପାଳନକରିଥାଏ । ଏଥିରେ ସାହି ସାହି ମଧ୍ୟରେ ପୂଜା ପାଉଥିବା ଭାଲୁକାଣୀ ପ୍ରତିମାକୁ ନେଇ ଝିଅମାନଙ୍କ ମଧ୍ୟରେ ଥଟ୍ଟା ପରିହାସ ଜୋର୍‌ସୋର୍ ଚାଲେ । ଏସବୁ ଗ୍ରାମ୍ୟ ରୀତିରେ ଏହିପରି;

"ଆମ ଭାଲୁକାଣୀ ଖାଉଛି ମୁଢ଼ି,
ତମ ଭାଲୁକାଣୀ ଡାଆଣୀ ବୁଢ଼ୀ ।"

ପୁଣି;

"ଆମ ଭାଲୁକାଣୀ ନାଇଚି ନୋଥ
ତମ ଭାଲୁକାଣୀ ପିଚାରେ ବଥ ।"

ଆମ ଗାଁରେ ଥିବା ଜଳସରପୁର ରାଧାଗୋବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଣ୍ଡିତର ମଧ୍ୟ ଇଂରାଜୀ ବିଦ୍ୟାଳୟ, ଖଣ୍ଡିତର ଉଚ୍ଚଇଂରାଜୀ ବିଦ୍ୟାଳୟରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ମହା ସମାରୋହରେ ପାଳନ କରାଯାଏ । ଦୁର୍ଗାପୂଜା, କୁମାରୋତ୍ସବ,

ଦୀପାବଳି ଉତ୍ସବ ପାରମ୍ପରିକ ରୀତିରେ ଘରେ ଘରେ ଅନୁଷ୍ଠିତ ହୁଏ ।

'ବାରମାସରେ ତେର ପରବ' ବୋଲି ଯାହା କୁହାଯାଏ, ତାହା ପ୍ରକୃତରେ ଆମ ଗାଁରେ ଅନୁଭୂତ ହୁଏ । ଏହି ପର୍ବଗୁଡ଼ିକୁ ଗାଁ ଲୋକ ଜାତି ଧର୍ମର ଭେଦଭାବ ଭୁଲି ନିଷ୍ଠାର ସହ ପାଳନ କରିଥାନ୍ତି । ସାଧାରଣତଃ ମଣିଷ ସେବା, ପୂଜା, ଦାନ, ଧର୍ମ ଏକ ବୃହତ୍ତର ଜୀବନ ଉପଲବ୍ଧ ପାଇଁ କରିଥାନ୍ତି । ଏହାଦ୍ୱାରା ମଣିଷ ସଂକୀର୍ଣ୍ଣତାର ପରିଧିରୁ ମୁକ୍ତ ହୋଇ ପରିପୂର୍ଣ୍ଣ ଜୀବନ ପଥର ଦିବ୍ୟ ମାର୍ଗରେ ଗତି କରେ । ମୋର ମନେହୁଏ ଆମ ଗାଁ ଲୋକେ ଏଇ ଭାବନାରେ ବିଭୋର ହୋଇ ବିଭିନ୍ନ ପର୍ବ ପାଳନ କରିଥାନ୍ତି ।

ମୋ ଗାଁର ବଡ଼ ବିପଦ ନଦୀବନ୍ୟା । ଝଡ଼ି, ବର୍ଷା, ବାତ୍ୟା ଅପେକ୍ଷା ବନ୍ୟାକୁ ଗାଁ ଲୋକେ ଭରି ଭୟ କରନ୍ତି । ପ୍ରାୟ ସବୁବର୍ଷ ଛୋଟ ବଡ଼ ବନ୍ୟା ଆସେ । ଗାଁ ଗଣ୍ଡାରେ ପାଣି ପ୍ରବେଶ କରେ ଓ ରାସ୍ତାଘାଟ ବୁଡ଼ିଯାଏ । ଏଯାବତ୍ ଯେତେ ନଦୀବନ୍ୟା ହୋଇଛି ସବୁଠୁ ସ୍ମରଣୀୟ ନଈବଢ଼ି ହେଉଛି ୧୯୫୫ ଓ ୧୯୬୦ ମସିହାର ବଢ଼ି । ନଈବଢ଼ିର ଦୃଶ୍ୟ ଅତି ଭୟଙ୍କର । ଗାଁ ଗଣ୍ଡାରେ ପାଣି ପଶିବା ଓ ଘର ଭାଙ୍ଗିବା ସହିତ ଚାଳ ଛପର ଭାସିଯିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ । ଏହି ସମୟରେ ପିମ୍ପୁଡ଼ି, ସାପ, ବେଙ୍ଗ, ଗାଈ, ଗୋରୁ, ଛେଳି, ମେଣ୍ଢାଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ଯାଇ ସମସ୍ତେ ଭେଦଭାବ ଭୁଲି ଉଚ୍ଚସ୍ଥାନରେ ଆଶ୍ରୟ ନିଅନ୍ତି । ଘନ ଘନ ନଦୀ ବନ୍ୟା ସତ୍ତ୍ୱେ ଆମ ଗାଁର ପିଲାମାନେ ବେଶ୍ ଶିକ୍ଷିତ । ବନ୍ୟାର ସମସ୍ତ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ସମସ୍ତେ ଜୀବନ ସଂଗ୍ରାମରେ ବିଜୟୀ ହୋଇ ଆପଣାର କର୍ମ କରନ୍ତି । ଏଇ ଗାଁର ପ୍ରତିଘରେ ଶିକ୍ଷିତ ଲୋକଙ୍କର ଭିଡ଼ ! ମୋ ଗାଁ ପରି ଗାଁ ଆଉ ନାହିଁ । ଏଠି ମଣିଷମାନେ ମଣିଷ ପଣିଆର ମୂଲ୍ୟ ବୁଝନ୍ତି । ଜୀବନକୁ ସବୁବେଳେ କର୍ମମୁଖର ରଖି 'କର୍ମ ହିଁ ଭଗବାନ'- ଏହି ଭାବନା ନେଇ ବଞ୍ଚନ୍ତି । ଶୋଷଣ, କଷଣ, ଅନୀତି, ଦୁର୍ନୀତି, ଚୋରୀ, ନାରୀ ନିର୍ଯ୍ୟାତନା ପରି ଯାବତୀୟ ବ୍ୟଭିଚାରକୁ ଅତିକ୍ରମ କରି ଏକ ସୁସ୍ଥ ସୁନ୍ଦର ସ୍ୱପ୍ନ ନେଇ ମୋ ଗାଁ ଲୋକେ ବଞ୍ଚନ୍ତି । ପୁରୁଣା ଜଗନ୍ନାଥ ସଡକ କଡ ଓ ଅଧୁନା ପାଞ୍ଚନମ୍ବର ଜାତୀୟ ରାଜପଥ କଡର ଏହି ଇତିହାସ ପ୍ରସିଦ୍ଧ ଖଣ୍ଡିତର ଗାଁଟି ହେଉଛି ଧର୍ମୀୟ ସଂହତିକୁ ଆଧାର କରି ସାମାଜିକ ସଂହତି ପ୍ରତିଷ୍ଠାରେ ବିଶ୍ୱାସ ରଖିଥିବା ଏକ ଦେବଭୂମି ।

୨

ମୋର ପିଲାଦିନର କଥା, ଯାହା ଆଠବର୍ଷ ମୋତେ ହେବାପରଠୁ ସ୍ମୃତିରେ ରହିଛି । ମୋର ଜାତକ ଅନୁଯାୟୀ ଜନ୍ମ ହେଉଛି ୭ ଗଅଷ୍ଟ ୧୯୫୧, କିନ୍ତୁ ମୋର ସରକାରୀ

ସ୍ତରରେ ଜନ୍ମ ତାରିଖ ୧ ୨ ସେପ୍ଟେମ୍ବର ୧୯୫୧ । ଏପରି ଏକମାସ ପାଞ୍ଚଦିନ ଏପଟ ସେପଟ ହେବାର କାରଣ ହେଉଛି- ପିଲାବେଳେ ମୋର ପିତୃ ବିୟୋଗ ଘଟିଥିଲା । ସେ ସମୟର ପ୍ରାଥମିକ ଶିକ୍ଷକ ଅନୁମାନ କରି ମୋର ଜନ୍ମତାରିଖ ନାମ ଲେଖା ରେଜିଷ୍ଟରରେ ଲେଖିଥିଲେ । ମୁଁ ଜନ୍ମ ହେଲାବେଳେ ଚାରିଆଡ଼େ ବନ୍ୟା ମାଡି ଆସୁଥାଏ । ଏଣେ ଝଡି ବର୍ଷା ଲାଗି ରହିଥାଏ । ଏପରି ଏକ ବେଳାରେ ମୋର ଜନ୍ମ । ମୁଁ ମାତୃଗର୍ଭରୁ ଭୂମିଷ୍ଠ ହେବାର ଦୀର୍ଘ ସମୟ ପର୍ଯ୍ୟନ୍ତ କାନ୍ଦି ନଥିଲି । ତେଣୁ କେତେକଙ୍କର ଧାରଣା ସେତେବେଳେ ହୋଇଥିଲା ଯେ ମୁଁ ହେଉଛି ଏକ ମଲା ପିଲା । ସେତେବେଳେ ଜନ୍ମ ହେବା ପରେ କାଠ ନିଆଁରେ ପିଲାକୁ ସେକିବା ବିଧି ଥିଲା । ଗାଁର ସ୍ତ୍ରୀ ଲୋକମାନେ ବାରମ୍ବାର ସେକିବା ପରେ ମୁଁ ନକାନ୍ଦିବାରୁ ଶେଷରେ ମୋର ବାପା ମୋତେ ନିଆଁରେ ଖୁବ୍ ଜୋରରେ ସେକିଲେ । ତଥାପି ମୁଁ ନ କାନ୍ଦିବାରୁ ଗୋଟିଏ ହାଣ୍ଡିରେ ରଖି ମୋତେ ବନ୍ୟା ଜଳରେ ଭସାଇ ଦେବାର ଉଦ୍ୟମ ହେଲା । କିନ୍ତୁ ମୋ ବାପାଙ୍କର ସଂପୂର୍ଣ୍ଣ ଧାରଣା ଥିଲା- ମୁଁ ବଞ୍ଚିଛି । ପୁଣି, ସେ ହାଣ୍ଡିଧରି ଅତି ଜୋରରେ ନିଆଁରେ ସେକିବାକୁ ଲାଗିଲେ । କିଛିକ୍ଷଣ ପରେ ମୁଁ ବୁକୁ ଫଟାଇ କାନ୍ଦିଲି ଓ ନାଟକୀୟ ଭାବରେ ନଦୀ ବନ୍ୟାରେ ଭସାଇ ଦେବା ଅବସ୍ଥାରୁ ବର୍ତ୍ତିଗଲି ।

ମୁଁ ଜନ୍ମିବା ବେଳକୁ ଆମର ଜମିଦାରୀ ଥିଲା । ଆମ ଜେଜେବାପାଙ୍କର ବାପା ବାବନ କର ଘରର ମୋ ଗ୍ରାମର ଆଖପାଖ ଅଞ୍ଚଳରେ ଖୁବ୍ ସୁନାମ ଥିଲା । ମୋ ଜନ୍ମପରେ ପରେ ମୋ ଘରୁ ଚାରିଜଣ ଜେଜେ ବାପା ଅକାଳରେ ଇହଲୋକରୁ ବିଦାୟ ନେଲେ । ତା'ପରେ ମୋ ବାପା ମୋତେ ଦଶମାସ ହେଲା ବେଳକୁ ବିଦାୟ ନେଲେ । ଏତେ ଲୋକ ମୋର ଜନ୍ମର ଏକବର୍ଷ ଭିତରେ ମୃତ୍ୟୁବରଣ କରିଥିବାରୁ ଗାଁରେ ମୋ ସଂପର୍କରେ ଏକ ଅଂଧ ବିଶ୍ୱାସ ସୃଷ୍ଟି ହେଲା ଯେ "ଏ ପିଲା ଜନ୍ମ ହେଉ ହେଉ ବଂଶକୁ ଖାଇଲା । ଏପରିକି ଆମ ଘରେ ଥିବା ବଳଦ, ଗାଈ, ବାଛୁରୀ ଗୋଟିକ ପରେ ଗୋଟିଏ ମରିଗଲେ । ଏପରି ପରିସ୍ଥିତିରେ ମୋ ଉପସ୍ଥିତି ପରିବାରରେ କେମିତି ଭୟାବହ ପରିସ୍ଥିତି ସୃଷ୍ଟି କରିଥିଲା, ତାହା ସହଜରେ ଅନୁମେୟ ।" ମୁଁ ସମଗ୍ର ପରିବାରରେ ଏକ ଅଲୋଡ଼ା ପିଲା ହୋଇ ଯେତେ ଅଯତ୍ନରେ ପିଲାବେଳେ ବଢ଼ିବା କଥା ବଢ଼ିଲି ।

ମୋର ପିତାଙ୍କର ନାମ ଥିଲା ଅନାଥ ବଂଧୁ କର । ସେ କାଳରେ ମାଟ୍ରିକ୍ ଓ କାବ୍ୟତୀର୍ଥ ପଢ଼ିଥିଲେ । ସେ ମାତ୍ର ୩୨ ବର୍ଷ ବୟସରେ ଇହ ଲୋକରୁ ବିଦାୟ ନେଇଥିଲେ । ସେ ଥିଲେ ଅତ୍ୟନ୍ତ ଦୟାଳୁ, ଦାନ ଧର୍ମରେ ବିଶ୍ୱାସୀ, ପରୋପକାରୀ,

ନୀତିନିଷ୍ଠ, ସାହିତ୍ୟରେ ସୁପଣ୍ଡିତ, ସୁନ୍ଦର ହସ୍ତାକ୍ଷର ଲେଖିବାରେ ଧୂରୀଣ, ଉଚ୍ଚକୋଟୀର ଶିକ୍ଷକ । ପ୍ରତ୍ୟହ ସେ ଯଜ୍ଞ କର୍ମ ପୂର୍ବକ ଅନ୍ନ ଜଳ ଗ୍ରହଣ କରୁଥିଲେ । ସୁଗଭୀର ଈଶ୍ୱର ବିଶ୍ୱାସ ସହିତ ଜନ ମଙ୍ଗଳ କାର୍ଯ୍ୟରେ ସମସ୍ତଙ୍କୁ ସହଯୋଗ କରିବା ଥିଲା ତାଙ୍କ ଜୀବନର ବ୍ରତ । ମୋ ବୋଉ ସେ ସମୟରେ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଥିଲା । ପଚିଶ ବର୍ଷରେ ସେ ହେଲା ବିଧବା । ମୁହେଁ ମୁହେଁ ତା'ର ଥିଲା ଭାଗବତ, ମହାଭାରତ, ମନବୋଧ ଚଉତିଶା, କାର୍ତ୍ତିକ ମାହାତ୍ମ୍ୟ, ମାଘ ମାହାତ୍ମ୍ୟ, କେତେ କ'ଣ ଢଗ ଢମାଳି । ସେ ସୁନ୍ଦର ଲଳିତ କଣ୍ଠରେ ଭାଗବତ, ମନବୋଧ ଚଉତିଶା ଆବୃତ୍ତି କରି ପାରୁଥିଲା । ଯାଜପୁର ଅଞ୍ଚଳରେ କୌଣସି ପରିବାରରେ ଏମିତି କିଛି ଅସୁବିଧା ହେଲେ, ସାଧାରଣତଃ ଜ୍ଞାତି କୁଟୁମ୍ବମାନେ ଜମିବାଡିକୁ ନେଇ ଗଣ୍ଡଗୋଳ ଆରମ୍ଭ କରି ଦିଅନ୍ତି । ସେମିତି ଘଟଣା ଘଟିଥିଲା- ଆମ ପଡ଼ୋଶୀ ନିଃସନ୍ତାନ ବୁଢ଼ା ବ୍ରାହ୍ମଣଟିଏ ସେତେବେଳେ ବହୁ ମାଲି ମୋକଦ୍ଦମା କରି ଆମକୁ ସର୍ବସ୍ୱାନ୍ତ କରି ଦେଇଥିଲା । ଏହି ପରିସ୍ଥିତିକୁ ମୁକାବିଲା କରିବା ଆମ ପକ୍ଷରେ ଥିଲା ଅତ୍ୟନ୍ତ କଷ୍ଟକର । ଆମର ଏ ଅବସ୍ଥା ଦେଖି ଆମ ପୂର୍ବପୁରୁଷ ପୁଅ ହୋଇ ଯାଇଥିବା ପରିବାରର ଧର୍ମଶାଳା ନିବାସୀ ଶ୍ୟାମ ଦାଶ ଆମକୁ ସହଯୋଗର ହାତ ବଢ଼ାଇଥିଲେ ଏବଂ ଆମ ଜମିବାଡିକୁ ନିଲାମରେ ତାଙ୍କ ନାମରେ ରଖି; ତାଙ୍କ ମୃତ୍ୟୁପରେ ତାଙ୍କର ସୁପୁତ୍ର ପରୀକ୍ଷିତ ଦାଶ ଓ ଯଦୁନାଥ ଦାଶ ପ୍ରାୟ ଚାଳିଶ ବର୍ଷ ପରେ ଆମକୁ ଫେରାଇ ଦେଇଥିଲେ । ଯାହା ଫଳରେ ଆମ ଭୂସମ୍ପତ୍ତି ସୁରକ୍ଷିତ ହୋଇ ରହିପାରିଲା ।

କେବଳ ସେ ବୁଢ଼ା ବ୍ରାହ୍ମଣ ଆମ ଭୂସମ୍ପତ୍ତି ନେଇ ଗଣ୍ଡଗୋଳ କରିଥିଲା ତାହା ନୁହେଁ; ପ୍ରତିଦିନ ସେ ମୋ ବୋଉକୁ ଅକଥନୀୟ ଗାଳି ଦେଉଥିଲା । କଥା କଥାକେ ମୋ ବୋଉକୁ ସେ କହୁଥିଲା; 'ରାଣ୍ଡେ ରାଣ୍ଡେ ଚାଲି ଯାଉଥିବେ ଦାଣ୍ଡେ ଦାଣ୍ଡେ - ଆଲୋ ହେ, ଘଇତା ଖାଇ ମାଇକିନା ଇତ୍ୟାଦି ।' ଏପରି ଗାଳି ଏବେ କୌଣସି ସ୍ତ୍ରୀ ଲୋକକୁ ଦେଲେ ସଂପୃକ୍ତ ଲୋକଟି ନିଶ୍ଚିତ ଭାବରେ ଭାରତୀୟ ପିଙ୍ଗଳ କୋର୍ଡର ୩୫୪ ଦଫାରେ ପଡ଼ିବ । ମୋ ବୋଉ ଏସବୁକୁ ତା'ର ଦୃଢ଼ ନୈତିକତା ଓ ଅଦ୍ଭୁତ ସାହସ ବଳରେ ମୁକାବିଲା କରି ପାରିଥିଲା । ମୋ ବୋଉ ସବୁବେଳେ ସେ ବୁଢ଼ାକୁ କହୁଥିଲା- ତୁମେ ମୋତେ ଏମିତି ଅଶ୍ରାବ୍ୟ ଗାଳି ଦେଉଛ- ତମକୁ ଧର୍ମ ନ ସହୁ ତମକୁ ଧର୍ମ ଦଣ୍ଡ ହେଉ । ସତକୁ ସତ ସେଇ ବୁଢ଼ା ବ୍ରାହ୍ମଣଟି ଅତି ଦୁଃସ୍ଥ ଭାବରେ ପଡି ଏକ ବର୍ଷଣ ମୁଖର ରଜନୀରେ ମରି ଯାଇଥିଲା । ଦୁଷ୍ଟ କର୍ମର ଫଳ ମଣିଷ କେବେଳେ ବେଳେ ଇହଲୋକରେ ଭୋଗ କରେ । ତାହାହିଁ ଆମ ପରିବାରକୁ ହଇରାଣ ହରକତ କରିଥିବା

ବୁଢ଼ୀ ବ୍ରାହ୍ମଣଟି ଠାରେ ଦେଖିବାକୁ ମିଳିଥିଲା । ମୋ ବୋଉ ବିଧବା ହେବା ପରେ ତା'ର ଖୁଡ଼ିଶାଶୁ, ଗୋଟିଏ ଝିଅ, ଦୁଇ ପୁଅଙ୍କୁ ଧରି ଖଣ୍ଡିତରରେ ଅତି ଦୁଃଖଦ ଜୀବନ ଅତିବାହିତ କରିଥିଲା । ଆମ ସହିତ ଘରେ ଥିଲେ ଦୁଇଟି ଗାଈ- ନାଲି ଓ ଟିମ । ଏ ଗାଈ ଦୁଇଟି ଆମର ଆର୍ଥିକ ଦିଗକୁ ସବଳ କରିଥିଲେ । ଯାହା ଦୁଧ ଏମାନେ ଦିଅନ୍ତି- ଅଧେ ବିକ୍ରି ହୁଏ- ଆଉ ଅଧେ ଆମେ ଖାଉଁ । ଆମର ପ୍ରଚୁର ଭୂସମ୍ପତ୍ତି ଥିଲେ ସୁଦ୍ଧା ବ୍ରାହ୍ମଣ ଘରେ କିଏ ଚାଷ ବୁଝିବ । ଯାହା କିଛି ଭାଗଚାଷରୁ ମିଳେ । ବୋଉ ଏସବୁ ଉପରେ ଗୁରୁତ୍ୱ ନଦେଇ ଆମ ପାଠ ପଢ଼ା ଉପରେ ଗୁରୁତ୍ୱ ଦେଇଥିଲା । ସେ କଥା କଥାକେ କହୁଥିଲା- ବ୍ରାହ୍ମଣ ପିଲା- ବାପ ତ ମରିଗଲା- ପାଠ ମନ ଦେଇ ପଢ଼- ଆଉତ କିଛି କରିବା ଶାସ୍ତ୍ର ବିରୁଦ୍ଧ । ସେ କହୁଥିଲା ବ୍ରାହ୍ମଣର ବଳ ହେଉଛି ବିଦ୍ୟା । ସେ ସୁନ୍ଦର ଭାବରେ ଚାଣକ୍ୟ ଶ୍ଳୋକ ଉଦ୍ଧାର କରି କହୁଥିଲା;

"ବଳଂ ବିଦ୍ୟାଚ ବିପ୍ରାଣାଂ ରାଜ୍ଞା ସୈନ୍ୟଂ ବଳଂ ତଥା
ବଳଂ ବିତ୍ତଂଚ ବୈଶାନାଂ ଶୂଦ୍ରାଣାଂ ପାରିଚର୍ଯ୍ୟକମ୍ ।"

ଅର୍ଥାତ୍, ବିଦ୍ୟା ହେଉଛି ବ୍ରାହ୍ମଣର ବଳ, ସୈନ୍ୟ ହେଉଛି କ୍ଷତ୍ରିୟର ବଳ, ଧନ ହେଉଛି ବୈଶ୍ୟର ବଳ ଓ ଶୂଦ୍ରର ବଳ ହେଉଛି ସେବା । ସେ ଅନବରତ ବିଦ୍ୟାକୁ ଅଭ୍ୟାସ କରିବାକୁ କହୁଥିଲା । ଛୋଟ ବେଳେ ସକାଳୁ ମୁଁ, ନନା ଓ ନାନୀ ବୋଉ ସହିତ ପାଟିଆ ନଈକୁ ଗଧୋଇବାକୁ ଯାଉ । ଗାଧୋଇ ଆସି ବିରି ଚାଉଳର ସୁସ୍ୱାଦୁ ପୋଡପିଠା ଓ ଦୁଧ ଖାଇ ବୋଉ ପାଖରେ ପଢ଼ିବାକୁ ବସିଯାଉ । ବୋଉ ପାଖୁ ମୁଁ, ତା'ପରେ ନାନୀ, ଶେଷରେ ନନା ବସେ । ମୁଁ ପିଲାବେଳୁ ଅତି ଚପଳମତି ସ୍ୱଭାବର ଥିଲି । ଆମ ସହିତ ଗାଁର ଛୋଟ ଛୋଟ ପିଲାମାନେ ମଧ୍ୟ ପଢ଼ିବାକୁ ଆସୁଥିଲେ । ମୁଁ ଶିଶୁ, ପ୍ରଥମ, ଦ୍ୱିତୀୟ ଶ୍ରେଣୀ କିପରି ପଢ଼ିଛି ମୋର ସେମିତି ମନେ ନାହିଁ । ତୃତୀୟ ଶ୍ରେଣୀଠାରୁ ସବୁକଥା ପ୍ରାୟ ମନେ ପଡୁଛି ।

ମୁଁ ଆମ ଗାଁରେ ପ୍ରାଥମିକ ଶିକ୍ଷା ଜଳସରପୁର ରାଧାଗୋବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଭ କରିଥିଲି । ବିଦ୍ୟାଳୟକୁ ଆମ ଘର ଅତି ବେଶୀରେ ଦୁଇଶହ ମିଟର ହେବ । ସ୍କୁଲଟିର ଆଖ ପାଖରେ ସୁନାମ ଥିଲା । ଫଳରେ ଆମ ସ୍କୁଲକୁ କେବଳ ଖଣ୍ଡିତର ଗାଁ କାହିଁକି ବାହାଦଲା ପୁର, ବିଲିପଡ଼ା, ଭୋଟକା, ସୁଆଁସାହି, ଏକତଲା, ମଲପଡ଼ା ପ୍ରଭୃତି ଗାଁରୁ ପିଲା ଆସୁଥିଲେ । ବର୍ଷାଦିନେ ବଢ଼ିପାଣି ସ୍କୁଲ ଚାରିପାଖ ମାଡ଼ି ଯାଉଥିଲା । ଆମ ସ୍କୁଲରେ ପଢ଼ାପଢ଼ି ଖୁବ୍ ଭଲ ହୁଏ । ଶିକ୍ଷକମାନେ ବେଳେବେଳେ

ସେଠି ଭୋଜୀ କରନ୍ତି । ପ୍ରାୟ ସପ୍ତାହରେ ଥରେ ଏହା ଚାଲେ । ଭୋଜୀ ହେଲେ ମୋ ବୋଉ ଉପରେ ବିପତ୍ତି ପଡେ । ମୋ ହାତରେ ଧନିଆ, ଅଦା, ରସୁଣ, ପିଆଜ ଇତ୍ୟାଦି ମୋ ବୋଉ ଦ୍ୱାରା ବାଟି ଭୋଜୀ ପାଇଁ ନେବାକୁ ସାର୍ ସାଧାରଣତଃ ପଠାନ୍ତି । ସେତେବେଳେ ଶିଳ ଓ ଶିଳପୁଆରେ ଏସବୁ ବାଟିବା କେଡେ କଷ୍ଟକର, କେବଳ ସେତେବେଳର ସ୍ତ୍ରୀ ଲୋକ ଜାଣିଛନ୍ତି । ସାର୍‌ଙ୍କ କାମ କଲେ ଆମର ପାଠ ଭଲ ହେବ- ଏଇ ଧାରଣା ନେଇ ସ୍କୁଲର ପିଲାମାନେ ଓ ତାଙ୍କ ବାପ-ମା'ମାନେ ସେ ସମୟରେ ସାର୍‌ମାନଙ୍କ ସେବାଯତ୍ନ କରୁଥିଲେ ।

ମୁଁ ପ୍ରାଥମିକ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ମୋତେ ଏକ ବିଷଧର ସର୍ପ ଦଂଶନ କରିଥିଲା । ସେଦିନ ନଈବଢି ପାଣି ମାଡି ଆସୁଥାଏ । ବୋଉ ମୋତେ ସ୍କୁଲରୁ ଘରକୁ ନେବାକୁ ଆସିଥାଏ । ନଈବଢି ପାଣିରେ ଛୋଟ ସାପଟିଏ ପହଁରୁଥାଏ । ମୁଁ ସାପକୁ ଦେଖି ମୋ ବୋଉକୁ କହିଲି- ବୋଉ ସାପ ତତେ କାମୁଡି ଦେବ । ସାପଟି ଚାହୁଁଚାହୁଁ ମୋତେ କାମୁଡି ଦେଇ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ଦଶମିନିଟ୍ ଭିତରେ ଚେତାଶୂନ୍ୟ ହୋଇଗଲି । ମୋ ଉପରେ ପାଣି ଢଳା ଚାଲିଥାଏ । ମୋ ନନା, ନାନୀ, ବୋଉ, ବୁଢ଼ୀମା, ଗାଁ ଲୋକେ ସମସ୍ତେ ବ୍ୟସ୍ତ ହୋଇ ପାଣି ଢାଳୁଥାନ୍ତି ଓ ଗୋଡର ଦଂଶନ ସ୍ଥାନର କିଞ୍ଚିତ୍ ଉପରେ ଭିଡି କରି ମୋଟା ସୂତାରେ ବାନ୍ଧି ଦେଇଥାନ୍ତି । ଦେଶୀ ଚିକିତ୍ସାରେ ଗଦ ଇତ୍ୟାଦି ଦେଇ ମୋତେ ଯାଜପୁର ବଡ଼ ଡାକ୍ତରଖାନାକୁ ଚେତାଶୂନ୍ୟ ଅବସ୍ଥାରେ ନେଲେ । ଗାଁର କୁଶିଆ ଦଦେଇ, ମହିଆ ଅଜା ଓ ବୋଉ ମୋତେ ଯାଜପୁର ଡାକ୍ତରଖାନା ନେଇ ଯାଇଥିଲେ । ଯାଜପୁର ଡାକ୍ତରଖାନାକୁ ମୁଁ ଆସିଥିବା କଥା ଶୁଣି ମୋ ପିଉସୀ ମା ମୋତେ ଦେଖିବାକୁ ଆସିଥିଲା । ପାଖରେ ବୋଉ ଓ ମୁଁ । ଯାଜପୁର ଡାକ୍ତରଖାନାକୁ ସେଦିନ ତିନୋଟି ସାପକାମୁଡା ରୋଗୀ ଆସିଥାନ୍ତି । ମୋତେ ଆଠବର୍ଷ, ଆଉ ଜଣକୁ ଷାଠିଏ ଓ ଅନ୍ୟଜଣକୁ ସେହିପରି ସତୁରୀ ପାଖାପାଖି । ଡାକ୍ତରଖାନାରେ ଇଞ୍ଜେକ୍‌ସନ ଗୋଟିଏ । ମୋର ଅଭିଭାବକ ହେଲା ବୋଉ- ଅନ୍ୟ ଦୁଇଜଣଙ୍କର ବଳବାନ୍ ପୁଅ ଘେରି ରହିଥାନ୍ତି ଡାକ୍ତରଙ୍କୁ । ଆମ ବାପାଙ୍କୁ ଇଞ୍ଜେକ୍‌ସନ ଦିଅ କହୁଥାନ୍ତି- ପାଟି କରୁଥାନ୍ତି । ମୋ ବୋଉ ଖାଲି କହୁଥାଏ ମୋ ପୁଅକୁ ଦିଅ । ସେତେବେଳକୁ ମୋର ଜଂଘ ପର୍ଯ୍ୟନ୍ତ ଫୁଲି ଯାଇଥାଏ ଓ ମୁଁ ସେଇମିତି ଚେତନା ହରାଇ ଥାଏ । ଏତିକି ବେଳେ କେହି ଜଣେ ଦୈବାତ୍ ଦେବଦୂତ ପରି ଡାକ୍ତରଖାନାକୁ ଆସି କହିଲେ ସେଇଟା ଛୋଟ ପିଲାଟାକୁ ଦିଅ । ଶୁଣିଲି ସେ ଜଣକ

ଥିଲେ ଯାଜପୁର ଏସ୍.ଡି.ଓ (ଏବେ ସେ ପଦବୀ ହୋଇଛି ସବ୍ କଲେକ୍ଟର) । ଡାକ୍ତରଖାନାରେ ଚାରିଦିନ ରହିବା ପରେ ସେଇ ନଈବଢିରେ ଭଲ ହୋଇ ଘରକୁ ଫେରିଲି । ଦୈବୀଶକ୍ତି ଓ ଭାଗ୍ୟ ଭଲ ଥିବାରୁ ମୁଁ ବଞ୍ଚିଲି ଓ ପୁନଃଜନ୍ମ ପାଇଲି ।

ସେଇ ତୃତୀୟ ଶ୍ରେଣୀରେ ପଢିବା ବେଳେ ମୋତେ ଏମିତି ଅମାଶୟ ଝାଡ଼ା ହେଲା- ଯାହା ଭଲ ହେବାକୁ ବର୍ଷେରୁ ଅଧିକ ସମୟ ଲାଗିଥିଲା । ସେଇ ଯାଜପୁର ଡାକ୍ତରଖାନା, କଟକ ବଡ଼ ମେଡିକାଲରେ ଚିକିତ୍ସା ପରେ ବହୁ କଷ୍ଟରେ ସେଥିରୁ ଉପଶମ ହୋଇଥିଲା ।

ମୁଁ ଯେଉଁ ସମୟରେ ପ୍ରାଥମିକ ଶିକ୍ଷା ଲାଭ କରୁଥିଲି, ସେତେବେଳେ ଆମେରିକାରୁ ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଥିଲା । କେୟାର ସଂସ୍ଥା ଦ୍ୱାରା ସୟାବିନ୍ ତେଲ, ଗୁଣ୍ଡଦୁଗ୍ଧ, ଗହମ, ଚାଉଳ ପ୍ରଭୃତି ସ୍କୁଲରେ ଭୋଜନ ଦିଆଯାଉଥିଲା । ଆଜି ଯେପରି ମଧ୍ୟାହ୍ନ ଭୋଜନରେ ଅନୀତି, ଦୁର୍ନୀତି ଥିଲା, ସେତେବେଳେ କିଛି କମ୍ ନଥିଲା । ମୋର ଯାହା ମନେ ପଡୁଛି ମୁହଁ ସଂଜବେଳେ ହଠାତ୍ ମୋତେ ଘରୁ ସାର୍ ଡକାଇଲେ । ମୁଁ ଗଲି, ମୋତେ ଦୁଇଟି ସୟାବିନ୍ ତେଲ ଡବା ସାର୍‌ଙ୍କ ବସାଘରେ ରଖିବା ପାଇଁ କୁହାଗଲା । ସେଦିନ ଝିପିଝିପି ବର୍ଷା ହେଉଥାଏ । ଗୋଡ଼ ଖସିଗଲା । ତେଲ ଡବା ଦୁଇଟି ତଳେ ପଡି ଫାଟିଗଲା । ସାର୍‌ଙ୍କ କୋପ କହିଲେ ନସରେ- ତେନ୍ତୁଳି ଛାଟରେ ମାଡ ଓ ବିଧା ଚାପୁଡ଼ା ମୋତେ ଖାଇବାକୁ ପଡିଲା । ଧକେଇ ଧକେଇ କାନ୍ଦି କରି ରହିଲି । ସବୁକାଳେ ମଧ୍ୟାହ୍ନ ଭୋଜନ ପିଲାଙ୍କର ଶିକ୍ଷକମାନେ ବାଟ ମାରଣା କରୁଥିଲେ ଓ ସେଇ ପରଂପରା ଏବେବି ବଞ୍ଚି ରହିଛି ।

ସେତେବେଳେ ସ୍କୁଲରେ ମାଡ ଦେବା ବିଧି ଥିଲା । ଶିକ୍ଷକମାନେ ମଫସଲ ସ୍କୁଲରେ ମାଡ ଦେବାକୁ ଅଭିଭାବକମାନେ ଉତ୍ସାହିତ କରୁଥିଲେ । ମାଡ ଶିକ୍ଷକଙ୍କ ଠାରୁ ଖାଇଲେ ଭଲ ପାଠ ହେବ ବୋଲି ସମସ୍ତଙ୍କର ଧାରଣା ଥିଲା । ସ୍କୁଲରେ ପଢିବାବେଳେ ପିଲା ପିଲାଙ୍କ ଭିତରେ ଗଣ୍ଡଗୋଳ ଅତି ସାଧାରଣ କଥାଥିଲା । ସାଧାରଣତଃ ମୋତେ ଅନେକ ପିଲା ଅଙ୍କ କଷିବାକୁ କହୁଥିଲେ । ମୋ ଖାତାରୁ ଅଙ୍କ ଦେଖାଇବାକୁ କେତେକ ଦାବୀ କରୁଥିଲେ । ମୁଁ ନ ଦେଖାଇଲେ ମୋତେ ଘେରି ମାରୁଥିଲେ । ଏପରି ଅବସ୍ଥାରୁ ରକ୍ଷା ପାଇବା ପାଇଁ ଉପାୟଶୂନ୍ୟ ହୋଇ ହିଂସ୍ର ଜନ୍ତୁଙ୍କ ପରି ସାଙ୍ଗମାନଙ୍କୁ ମୁଁ ବେଳେବେଳେ କାମୁଡ଼ି ଦେଉଥିଲି । ସେଥିପାଇଁ ଘରେ ମାଡ ଖାଏ ଓ ସ୍କୁଲରେ ସାର୍‌ଙ୍କ ଠାରୁ ଭଲ ମାଡ ଖାଉଥିଲି ।

ସେତେବେଳେ ସ୍କୁଲରେ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ଏକ ମୌଖିକ ପରୀକ୍ଷା ହୁଏ । ମୌଖିକ ପରୀକ୍ଷାରେ ମୋର ଖୁବ୍ ଭଲ ହୁଏ । ପିଲାବେଳୁ ମୋର କହିବା ଦକ୍ଷତା ଖୁବ୍ ଥିଲା । ସାର୍ ସେଦିନ ମୋତେ ପଚାରିଲେ – 'ଗାଁର ମୁଖିଆ ଲୋକ କିଏ ? ମୁଁ ସସମ୍ମାନେ ଆମ ଦଦେଇଙ୍କ ନାଁ କହିଲି । ମାତ୍ର, ତାକୁ ଦେଠେଇଙ୍କୁ କିଏ କହିଲା ଯେ ବାଉରୀ ସ୍କୁଲ ପରୀକ୍ଷାରେ ମୌଖିକ ପ୍ରଶ୍ନର ଉତ୍ତର ଦେଲା– 'ତା ଦଦେଇ ଜଣେ ମୁଖିଆ ଲୋକ । ଏ ନେଇ ଆମ ଘରେ ଓ ତାଙ୍କ ଘରେ ନାନା ଚର୍ଚ୍ଚା ହେଲା । ପିଲାବେଳୁ ଏଯାବତ୍ ମୁଁ ଅନେକ ସମୟରେ ଏହିପରି ଭୁଲ୍ ବୁଝାମଣାର ସମ୍ମୁଖୀନ ହୁଏ ।

ସେ ସମୟରେ ଆଉ ଏକ କଥା ମନେ ପଡୁଛି । ମୁଁ ତୃତୀୟ ଶ୍ରେଣୀରେ ପଢୁଥାଏ । ସେତେବେଳେ ଓଡ଼ିଆ ବ୍ୟାକରଣ ବିଶେଷ କରି ଲିଙ୍ଗ ଓ ବିପରୀତ ଅର୍ଥ ପଢ଼ା ଯାଉଥାଏ । ସେଦିନ ସ୍କୁଲ ପରିଦର୍ଶନରେ ଆସିଥାନ୍ତି ଏସ୍.ଆଇ । ସାର୍ ପଢାଉଥାନ୍ତି । ହଠାତ୍ ଏସ୍.ଆଇ.ମହାଶୟ ପଚାରିଲେ– 'ଗଉଡ଼ ଗାଈ ଦୁହୁଁଛି'– ଏହାର ଲିଙ୍ଗ ପରିବର୍ତ୍ତନ କର । ମୁଁ ତତ୍‌କ୍ଷଣାତ୍ କହିଲି– 'ଗଉଡୁଣୀ ଷଣ୍ଢ ଦୁହୁଁଛି ।' ମୋ ଠାରୁ ଏ ଉତ୍ତର ଶୁଣି ସାର୍‌ଙ୍କ ଉପସ୍ଥିତିରେ ଏସ୍.ଆଇ ମୋତେ ଡାକି ଗୋଟିଏ ଲମ୍ବା ବେଞ୍ଚରେ ବସାଇଲେ । ମୁଁ ବେଞ୍ଚର ଗୋଟିଏ କଡ଼ରେ ବସିଲି । ତା'ପରେ ସେ ଆଉ ଗୋଟିଏ ଝିଅକୁ ଡାକିଲେ । ସେ ଆର କଡ଼ରେ ବସିଲା । ଆମେ ବସିବା ପରେ ମୋତେ ମୋର ପ୍ୟାଣ୍ଟ୍ ଖୋଲି ବସିବାକୁ ଓ ଝିଅଟିକୁ ତା ପ୍ୟାଣ୍ଟ୍ ଖୋଲି ବସିବାକୁ କହିଲେ । ସାର୍‌ଙ୍କ ଉପର ହାକିମ ଏସ୍.ଆଇ. କହୁଥିବାରୁ ଆମେ ନିର୍ବିକାର ଚିତ୍ତରେ ତାହାହିଁ କଲୁ । ତା'ପରେ ଏସ୍.ଆଇ ଧରିଥିବା ବଡ଼ ତେନ୍ତୁଳି ଛାଟଟିକୁ ମୋର ପିତୃତ୍ୱ ସୁଲଭ ବସ୍ତୁ ଆଡକୁ ଦେଖାଇ କହିଲେ ଏ ହେଉଛି 'ପୁଲିଙ୍ଗ' । ପୁଣି ଝିଅଟିର ମାତୃତ୍ୱ ସୁଲଭ ବସ୍ତୁ ଆଡକୁ ଛାଟ ଦେଖାଇ କହିଲେ ଏ ହେଉଛି; 'ସ୍ତ୍ରୀଲିଙ୍ଗ'– ଏଥି ସହିତ ବସିଥିବା ବେଞ୍ଚକୁ ଛାଟରେ ଛୁଇଁ କହିଲେ ଏ ହେଉଛି 'କ୍ଲୀବ ଲିଙ୍ଗ' । ଏ କଥା ଏବେ ଭାବି ହେବନାହିଁ । ଏବେ ଏମିତି ଏସ୍.ଆଇ ଓ ସାର୍‌ମାନେ କଲେ ସେମାନଙ୍କୁ ଜେଲ୍ ଯିବାକୁ ପଡିବ । ଏକଥା କାହାଣୀ ପରି ମନେ ହେଉଥିଲେ ସୁଦ୍ଧା ଏହା ଥିଲା ସତ୍ୟ । ସେଦିନରୁ ଏପର୍ଯ୍ୟନ୍ତ ମୋର କେବେ ହେଲେ ଲିଙ୍ଗ ବାବଦରେ ବ୍ୟାକରଣଗତ ତ୍ରୁଟି ହୋଇନାହିଁ ।

ମୁଁ ଖୁବ୍ ପିଲାବେଳୁ ମାତ୍ର ସାତବର୍ଷ ବୟସରେ ବ୍ରତ ହୋଇଥିଲି । ବ୍ରତ ଘର ହେବା ପରେ ମୁଁ ସବୁବେଳେ କଛା ମାରି ଲୁଗା ପିନ୍ଧୁଥିଲି ଓ ଘରେ ଥିବା ଶାଳଗ୍ରାମ ପୂଜା କରୁଥିଲି । ବେଳେବେଳେ ମଧ୍ୟ ମୁଁ ଘାଟମଙ୍ଗଳା ମନ୍ଦିରକୁ ଯାଇ ନିଜେ ପୂଜାକରେ ।

ଗଣେଶ ପୂଜା ଓ ସରସ୍ୱତୀ ପୂଜାରେ ମାଟିର ପ୍ରତିମା ରଖି ଆମ ଘରେ ଆଡମ୍ବର ସହକାରେ ପୂଜାହୁଏ । ଆମ ସାଇ ପଡିଶା ଘର ପିଲା ଏଥିରେ ଯୋଗ ଦିଅନ୍ତି । ସମସ୍ତଙ୍କ ପାଇଁ ଆମ ଘରେ ପ୍ରସାଦ ସେବନ ହୁଏ । ମୁଁ ଏସବୁ ପୂଜା ବ୍ୟତୀତ ଘରେ ବେଳେ ବେଳେ 'ପଞ୍ଚାନନ ମେଳା' କରେ । ପିଲାବେଳୁ ଭାଗବତ ପଢ଼ିବା ଅଭ୍ୟାସ ମୋର ଥିଲା । କାର୍ତ୍ତିକ ମାସରେ ତୁଳସୀ ଚଉଁରା ନିକଟରେ ହବିଷ୍ୟ ମୋ ବୋଉ ଓ ବୁଢ଼ୀମା କଲାବେଳେ ମୁଁ ସେଠାରେ ବସି 'କାର୍ତ୍ତିକ ମାହାତ୍ମ୍ୟ' ପଢ଼େ । ପିଲାବେଳୁ ଭାଗବତ ଆଦି ପୁରାଣ ପଢ଼ିବା, ପ୍ରତିଦିନ ହସ୍ତାକ୍ଷର ଲେଖିବା ଆମ ଭାଇ ଭଉଣୀ ସମସ୍ତଙ୍କର ଅଭ୍ୟାସରେ ପରିଣତ ମୋ ବୋଉ ପାଇଁ ହୋଇଥିଲା । ଏକ ଆଧାତ୍ମ ପରିବେଶ ଭିତରେ ଆମେ ପିଲାବେଳୁ ବଞ୍ଚିଥିଲୁ । ଆମ ଘରେ ମାଛ-ଆମିଷ ହୁଏନାହିଁ । ମାସରେ ଦୁଇ ଦୁଇଟା ଏକାଦଶୀ, ବିଭିନ୍ନ ପର୍ବପର୍ବାଣୀ ସାତ୍ତ୍ୱିକ ରୀତିରେ ଘରେ ପାଳନ କରାଯାଏ । ମୋ ବୋଉ ପ୍ରତ୍ୟହ ନଈରୁ ସ୍ନାନ କରି ଆସିବା ବେଳେ ପିତଳ ଗରାରେ ପାଣି ଆଣି ମଙ୍ଗଳା ମନ୍ଦିରରେ ଢାଳେ ଓ ମଙ୍ଗଳାଙ୍କୁ ଗୁଣୁ ଗୁଣୁ ହୋଇ କ'ଣ କହି ପ୍ରାର୍ଥନା କରେ । ତା'ପରେ ଘରକୁ ଆସି ତୁଳସୀ ମୂଳେ ପୂଜା କରି ଅନ୍ନଜଳ ଗ୍ରହଣ କରେ । ଆମ ଘର ଯାହା ପୁରୁଣା ଖଞ୍ଜାଘର- ୧୯୫୫ ଓ ୧୯୬୦ ମସିହାରୁ ଭାଙ୍ଗି ଯାଇଥିଲା । ଏକ ଚାଳଘରେ ବୋଉ ଆମକୁ ନେଇ ତା'ର ଜୀବନ ଅତିବାହିତ କରୁଥିଲା । ନୂଆ ଚାଳଘର ମାଟିଘରେ କଙ୍କଡ଼ା ବିଛାଠାରୁ ଆରମ୍ଭ କରି ସାପ ପର୍ଯ୍ୟନ୍ତ ଆମ ସହିତ ରହନ୍ତି । ଥରେ ଆମ ଘରୁ ଏକାଥରେ ଦୁଇଟି ଗୋଖର ସାପ ଧରାଗଲା । ସେ ସାପ ଦୁଇଟି ମାଟି କାନ୍ଥରେ କଣା କରି ରହିଲେ । ମଝିରେ ମଝିରେ ବାହାରି ଫଣା ଟେକନ୍ତି । ବୋଉ ରାତି ଅନିଦ୍ରା ହୋଇ ସେମାନଙ୍କ ଗତିବିଧି ଲକ୍ଷ୍ୟ କରେ । ଏପରିକି ସେମାନଙ୍କ ଉଦ୍ଦେଶ୍ୟରେ ଆମଘରେ ପୂଜା ପଣା ଦିଆଯାଇଛି । ଶେଷରେ ହଗୁରା କେଳା ଆସି ଘରୁ ସାପ ଦୁଇଟିକୁ ଧରି ନେଲା ।

ମୋ ସ୍ମୃତିରେ ୧୯୬୦ ମସିହାରେ ପ୍ରଳୟଙ୍କରୀ ନଦୀ ବନ୍ୟା ଏବେ ସୁଦ୍ଧା ସାଇତି ହୋଇରହିଛି । ଲଗାତର ବର୍ଷା ପରେ ପରେ ବଢ଼ି ଆସିଲା । ସେତେବେଳକୁ ମୋ ବଡ଼ଭାଇ ଯାଜପୁରରେ ପଢୁଥାଏ । ନାନୀ, ମୁଁ, ବୋଉ, ବୁଢ଼ୀମା- ରାତିରେ ସୁସୁ ହୋଇ ପାଣି ଚାରିଆଡୁ ମାଡି ଆସିଲା । ସକାଳୁ ସକାଳୁ ବଢ଼ିପାଣି ଘର ଦ୍ୱାର ଚାରିପଟେ ବ୍ୟାପିଗଲା । ଆମେ ସେଇଠି ଥାଉ । ପାଣି ପିଇବାକୁ ସେଇ ନଈପାଣି । ତାକୁ ଗରମ କରି ପୁଣି ଥଣ୍ଡା କରି ପିଉ । ବଢ଼ି ଛାଡିବାକୁ ଚାରିଦିନ ଲାଗିଲା । ବୁଟସିଝା, ମୁଢ଼ି,

ଚୁଡ଼ା, ଗୁଡ ଏସବୁ ଖାଇ ସେତେବେଳେ ଦିନ ଅତିବାହିକ କରିଛୁ । ନଇବଢ଼ି ସମୟରେ ମନ୍ଦା ମନ୍ଦା ପିମ୍ପୁଡି, ଗାଈ, ଛେଳି, ମେଣ୍ଢା ପ୍ରଭୃତି ପଶୁମାନଙ୍କ ପାଣିରେ ପହଁରିବା ଦୃଶ୍ୟ ଅତୀବ ଚିତ୍ତାକର୍ଷକ । ମୁଁ ପିଲାବେଳେ ନଇପାଣିରେ ଖୁବ୍ ଭଲ ପହଁରି ପାରୁଥିଲି । ସ୍ରୋତର ପ୍ରତିକୂଳରେ ଚିତ୍ ପହଁରା ଦେବାକୁ ମୁଁ ଭାରି ଭଲପାଏ । ଏବେବି ଜୀବନର ପ୍ରତିକୂଳ ସ୍ରୋତରେ ମୋତେ ପହଁରିବାକୁ ଆନନ୍ଦ ଲାଗେ । ନଈ ପାଣି ଛାଡିବା ପରେ ଗାଁକୁ ସରକାରୀ, ବେସରକାରୀ ରିଲିଫ ସାହାଯ୍ୟ ଆସେ । କଲେକ୍ଟର, କମିଶନର, କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ, କିଛି ରାଜନେତା ଆସି ଲୋକଙ୍କ ସୁଖଦୁଃଖ ବୁଝନ୍ତି । ଗୋରୁ ଆଦି ଗୃହପାଳିତ ପଶୁଙ୍କ ପାଇଁ ଦାତବ୍ୟ ଅନୁଷ୍ଠାନମାନ ନଡା, କୁଣ୍ଡା ଚୋକଡ ଇତ୍ୟାଦି ବାଣ୍ଟନ୍ତି । ଜଗନ୍ନାଥ ସଡ଼କରେ ଏଥିପାଇଁ ବନ୍ୟା ପ୍ରପୀଡିତ ଜନସାଧାରଣ ଭିଡ଼ କରନ୍ତି । ବେଳେବେଳେ ରିଲିଫ୍ ବାଣ୍ଟିବାକୁ ରେଭେନ୍‌ସା କଲେଜର ବଡ଼ ବଡ଼ ପ୍ରଫେସର ପିଲାମାନଙ୍କୁ ସାଙ୍ଗରେ ଧରି ଆମ ଗାଁକୁ ଆସନ୍ତି । ମୋର ଯାହା ମନେ ପଡୁଛି ବନ୍ୟା ସମୟରେ ପରମାନନ୍ଦ ମହାନ୍ତି, ଗଦାଧର ଦତ୍ତ, ବାଙ୍କବିହାରୀ ଦାସ ପ୍ରାୟ ଆସି ଗ୍ରାମବାସୀଙ୍କ ସୁଖଦୁଃଖରେ ଭାଗୀଦାର ହୁଅନ୍ତି । ଆଜି ଏ ଧରଣର ରାଜନୀତିକ ନେତା ଆଉ ଦେଖିବାକୁ ମିଳୁନାହାନ୍ତି । ଏମାନେ ବନ୍ୟା ଛାଡିବା ପରେ ବନ୍ୟାଞ୍ଚଳର ଛାତ୍ରମାନଙ୍କୁ ସାହାଯ୍ୟ ଯୋଗାଇଦେବାକୁ ସରକାରଙ୍କୁ ଓ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖୁଥିଲେ । ବନ୍ୟାପରେ ପରେ କୃଷି କିପରି କରାଯାଇପାରିବ ଓ କୃଷକର କିପରି ଉପକାର ହେବ ସେବାବଦରେ ଏଇ ନେତାମାନେ ଚିନ୍ତା କରୁଥିଲେ । ଆମ ଗାଁରେ ଏକାଧିକ ବାର ରାଜନୀତିକ ନେତାମାନେ କୃଷକ ସଭା କରିବା ମୁଁ ଦେଖିଛି । ସେଠି ନଦୀ ବନ୍ୟାର ସ୍ଥାୟୀ ପ୍ରତିକାର କଥା ଆଲୋଚନା ହୁଏ ।

ମୁଁ ପ୍ରାଇମେରୀ ବିଦ୍ୟାଳୟରେ ପଢ଼ିବା ବେଳେ ସବୁଶ୍ରେଣୀରେ ଭଲ ପଢୁଥିଲି । ସେଇ ସକାଶେ ମୋ ବୋଉ ଭାରି ଖୁସିହୁଏ । ମୁଁ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ବୃତ୍ତି ପାଇଥିଲି । ମନରେ ଏବେବି ଅଛି ପଞ୍ଚମ ଶ୍ରେଣୀ ବାର୍ଷିକ ପରୀକ୍ଷା କଥା । ଆମର ପରୀକ୍ଷା କେନ୍ଦ୍ର ହୋଇଥାଏ ଧର୍ମଶାଳା ବାଣୀପୀଠ ହାଇସ୍କୁଲ । ଆମେ ଚାଉଳ, ଡାଲି, ଚୁଡ଼ା ସାଙ୍ଗରେ ନେଇ ଦଶ କିଲୋମିଟର ଚାଲି କରି ଯାଇ ପରୀକ୍ଷା ଆଗଦିନ ରହିଲୁ । ଆମ ସାଙ୍ଗରେ ଦୁଇଜଣ ସାର୍ ଯାଇଥାନ୍ତି । ସେଠି ଚାରିଦିନ ପରୀକ୍ଷା ହେଲା । ଶେଷଦିନ ପରୀକ୍ଷା ସାରି ଚାଲି ଚାଲି ଘରକୁ ଫେରିଲୁ । ବାଟରେ ଦଳ ଦଳ ହୋଇ ଚାଲିବା ବେଳେ ଖୁବ୍ ମଜା ଲାଗେ । ବିଶେଷ କରି ନଈବାଲିରେ ଯିବା ଓ ସାଙ୍ଗମାନଙ୍କ ସହ

ଗପି ଗପି ଯିବାଦ୍ୱାରା ବାଟ ଆମକୁ ଜଣା ପଡିନଥିଲା । ଏବେକାର ପିଲାମାନେ ଏସବୁ ଶୁଣିଲେ ଚମକି ପଡିବେ ନିଶ୍ଚୟ । ଆଉ ପାଠ ପଢ଼ିବାକୁ ଚାହିଁବେ ନାହିଁ ।

ପଞ୍ଚମ ଶ୍ରେଣୀ ପାସ୍ କରିବା ପରେ ଆଉ ମୁଁ ନପଢ଼ି ଘରକାମ ଓ ଠାକୁର ପୂଜା କରି ଘରେ ରହିବାକୁ ପ୍ରାୟ ଠିକ୍ ହେଲା । ଏଣେ ବୃତ୍ତି ପାଇଛି । ଫଳରେ ମୁଁ ନୂଆ କରି ହୋଇଥିବା ଖଣ୍ଡିତର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢିବାକୁ ସ୍ଥିର କରାଗଲା । କେମିତି ନାଁ ଲେଖା ହେବାକୁ ପଇସା ଆସିବ- ବହି କିଣା ହେବାକୁ କିପର ପଇସା ଯୋଗାଡ଼ ହେବ, ସେଥିପାଇଁ ବୋଉର ଚିନ୍ତା କହିଲେ ନସରେ । ବୋଉ ଧାର- ଉଧାର କରି ଏସବୁ କାମ କରିଥିଲା । ମୋ ବୋଉ ଆମମାନଙ୍କ ବହି କିଣିବା, ଖାତା ତିଆରି କରିବା ବ୍ୟାପାରରେ ଥିଲା ଅତ୍ୟନ୍ତ ସଚେତନ । ଆମେ ଜୀବନରେ ଘୋର ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା କେବେ ହେଲେ ଆମର ବହି, ଖାତା ପତ୍ରର ଅଭାବ ନଥିଲା । ଏପରିକି ଚକ୍‌ଚକ୍ ପ୍ୟାଣ୍ଟ୍‌ସାର୍ଟ ପିନ୍ଧି ସ୍କୁଲକୁ ଆସୁଥିବା ଥିଲା ଘରର ପିଲାମାନେ ବେଳେ ବେଳେ ଆମଠାରୁ ବହି ମାଗି ପଢନ୍ତି । ବହି ମାଗି କାହାଠାରୁ ପଢିବାକୁ ମୋ ବୋଉ ନାପସନ୍ଦ କରୁଥିଲା ।

ମୁଁ ଷଷ୍ଠ ଶ୍ରେଣୀରେ ମାଇନର ସ୍କୁଲରେ ପଢିବାବେଳେ ସ୍କୁଲଟିର ନୂଆ ବାସ୍ନା ସେହିପରି ଥାଏ । ତଳ ପକ୍‌କା, କାନ୍ଥ ସିମେଣ୍ଟ୍ ଇଟାରେ ତିଆରି କିନ୍ତୁ ଉପର ଛଣ ଛପର । କେତେବେଳେ କେମିତି ବାତ୍ୟା ହେଲେ ସ୍କୁଲ ଘରକୁ ସୂର୍ଯ୍ୟକିରଣ ଖଣ୍ଡିଆ ଚାଳ ଦେଇ ପ୍ରବେଶ କରେ । ଘରେ ବର୍ଷାପାଣି ପଡ଼େ । ତଥାପି ସେଇଠି ବସି ଦୁଇବର୍ଷ ମୁଁ ପାଠ ପଢ଼ିଛି । ଆମ ସମୟରେ ସମୁଦାୟ ତିନିଜଣ ଶିକ୍ଷକ ଥିଲେ । ସେ ସମୟରେ ଷଷ୍ଠଶ୍ରେଣୀରୁ ଇଂରାଜୀ ଶିକ୍ଷା ଉପରେ ଖୁବ୍ ଗୁରୁତ୍ୱ ଦିଆ ଯାଉଥିଲା । ସେ ସ୍କୁଲର ହେଡ୍ ମାଷ୍ଟର ଥିଲେ ସ୍ୱର୍ଗତଃ ବାଞ୍ଛାନିଧି ପଣ୍ଡା । ସେ ଆମକୁ ଇଂରାଜୀ ପଢାନ୍ତି । ସେ ଖୁବ୍ ଭଲ ପଢାନ୍ତି । ଏଥିସହିତ ସେ ମଧ୍ୟ ଖୁବ୍ କ୍ରୋଧି ଲୋକ ଥିଲେ । ଦିନକର କଥା । ସେ ଇଂରାଜୀରେ ସ୍କୁଲରେ ଅନୁପସ୍ଥିତ ରହିଲେ କିଭଳି ଦରଖାସ୍ତ ଲେଖିବାକୁ ହେବ ଶିଖାଉଥାନ୍ତି । ସେ ବ୍ଲାକ୍‌ବୋର୍ଡରେ ଲେଖୁଥାନ୍ତି- ଏଣେ ମୁହଁରେ କହୁଥାନ୍ତି । ସେ ଆରମ୍ଭ କଲେ “I beg to state that...” ମୁଁ ହଠାତ୍ ଠିଆ ହୋଇ କହିଲି ସାର୍ ଆପଣ ଭୁଲ୍ କହିଲେ- କୁଆଡ଼େ ଗଲା ମୂଳରେ Respect fully... ତା’ପରେ ପ୍ରଚଣ୍ଡ ରାଗରେ ଥରି ମୋତେ ବିଧା, ଚାପୁଡା, ବେତମାଡ କଲେ । ମୁଁ ଭୟରେ ଓ ଏପରି ଅହେତୁକ ମାଡରେ ହଗି ମୂତି ପକାଇଲି । ସ୍କୁଲ ସାରା ସ୍ତବ୍‌ଧ ହୋଇଗଲେ । ମୋର ଚେତା

ବୁଡ଼ିଗଲା । ସାଙ୍ଗେ ସାଙ୍ଗେ ମୋ ବୋଉକୁ ସ୍କୁଲରେ ଶ୍ରେଣୀ କକ୍ଷକୁ ମଇଳା କାଢିବାକୁ ଡକାଗଲା । ବୋଉ କାନ୍ଦୁଥାଏ । ମୋତେ ଘରକୁ ଆଣିଲା । ଗାଁ ଲୋକେ ମୋତେ ଦେଖିବାକୁ ଆସିଲେ । ମୋ କ୍ଷତରେ ବୋଉ ଜଡ଼ା ତେଲ ମାରୁଥାଏ । ଗାଁ ଲୋକ କିଏ କହୁଥାଏ ଉପରକୁ ଲେଖା ଲେଖି କର, କିଏ କହୁଥାଏ ମୋକଦ୍ଦମା କର, କିଏ କହୁଥାଏ ପୋଲିସ୍‌ରେ ହେଡମାଷ୍ଟରଙ୍କୁ ଦିଅ ଇତ୍ୟାଦି ଇତ୍ୟାଦି । ସେତେବେଳେ ଗାଁର ଦଳାଦଳି ଥାଏ । ଗୋଟିଏ ପଟେ ମଠଦଳ, ଆର ପଟେ ହେଡମାଷ୍ଟର ବାଞ୍ଛାନିଧି ପଣ୍ଡାଙ୍କ ଦଳ । ମୋ ବୋଉ କାହା କଥାରେ ପ୍ରଭାବିତ ନ ହୋଇ ମୋ ଦେହ ସୁସ୍ଥ ହେବାପରେ ମୋତେ ସ୍କୁଲକୁ ପଢିବାକୁ ପଠାଇଲା । ବୋଉ କହିଲା ଆଉ କେହି ତ ନୁହେଁ, ହେଡ୍‌ସାର୍ ମାରିଛନ୍ତି । ପାଠ ଭଲ ହେବ । ମୋ ବୋଉର ସବୁବେଳେ ବିଶ୍ୱାସ ଥିଲା ଗୁରୁଙ୍କୁ ଭକ୍ତି କଲେ, ତାଙ୍କୁ ଈଶ୍ୱର ଜ୍ଞାନ କଲେ ବିଦ୍ୟା ଅର୍ଜନର ପଥ ସୁଗମ ହୁଏ ।

ମୁଁ ୧୯୬୪ ମସିହାରେ ଖଣ୍ଡିତର ମଧ୍ୟ ଇଂରାଜୀ ସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଇନର ପାସ୍ କଲି । ସେହିବର୍ଷ ମାଇନର ପିଲାଙ୍କ ପାଇଁ ପରୀକ୍ଷା ଓଡ଼ିଶା ସେକେଣ୍ଡାରୀ ବୋର୍ଡ କରିଥାଏ । ଆମର ପରୀକ୍ଷା କେନ୍ଦ୍ରଥାଏ ପୁରୁଷୋତ୍ତମପୁର ହାଇସ୍କୁଲ କବିରପୁର । ଗାଁରୁ ଦଶ କିଲୋମିଟର । ଏଥର ସେମିତି ପରୀକ୍ଷା କେନ୍ଦ୍ରକୁ ପୂର୍ବଦିନ ଚାଲି ଚାଲି ଯାଇ ସେଠାରେ ରହି ଚାରିଦିନ ପରୀକ୍ଷା ଦେଲୁ । ଶେଷରେ ଥିବା ପରୀକ୍ଷାଟି ପ୍ରଶ୍ନ ପତ୍ର ଲିକ୍ ହେବାରୁ ବାତିଲ ହେଲା । ତାହା ପୁଣି ଥରେ ହେଲା । ଏଥର କିପରି ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେବାକୁ ହେବ- ତାହା ମୋତେ ଓ ମୋ ବୋଉକୁ ହରଡ ଘଣାରେ ପକାଇଥିଲା । ଶେଷରେ ବୋଉ ଆଉ ମୁଁ ରାତି ଦୁଇଟାରୁ ଉଠି ଗାଁର ଧ୍ରୁବ ମଳିକକୁ ସାଙ୍ଗରେ ନେଇ ସକାଳ ଛ'ଟାରେ କବୀରପୁରରେ ପହଞ୍ଚି ସାତଟାରେ ପରୀକ୍ଷା ଦେଇ ଫେରିଲୁ ।

ସପ୍ତମ ଶ୍ରେଣୀ ପରେ ଅଷ୍ଟମ ଶ୍ରେଣୀରୁ କେଉଁଠି ପଢିବି ? ଗାଁରେ ନୂଆ ହାଇସ୍କୁଲ ହୋଇଥାଏ । ମୋ ମନ ଡାକୁଥାଏ ପଢ଼ିବି ଯାଜପୁର ହାଇସ୍କୁଲରେ । ରହିବି ଯାଜପୁର ନିକଟ ଖଇରାବାଦ ଗାଁରେ ଥିବା ପିଉସୀ ଘରେ । ସେଠି ନନା ମୋର ଅଛି । ସାଙ୍ଗ ହୋଇ କେନାଲ ବନ୍ଧରେ ଯିବୁ । ନନା ମୋ ଉପର ଶ୍ରେଣୀରେ ପଢୁଥିବାରୁ ମୋତେ ପାଠ ବୁଝାଇ ଦେବ । ବୋଉ କହିଲା ହଉ- ଚାଲ ଯାଜପୁର ହାଇସ୍କୁଲରେ ପଢ଼ିବୁ । ମନେ ପଡୁଛି ଖଣ୍ଡିତରରୁ ଚାଲି ଚାଲି ବେରୁଦା, ବାହବଳପୁର ପାଟ ଦେଇ ଅଡଙ୍ଗ ଗାଁ

ଦେଇ ପହଞ୍ଚିଥିଲି ପିଉସୀ ଘରେ । ବିଲ, ହିଡ, ପାଟ ଇତ୍ୟାଦି ଦେଇ ସେ ବାଟରେ ଯାଜପୁର ପ୍ରାୟ ପନ୍ଦର କିଲୋମିଟର । ଏଇ ପଥକୁ ସେତେବେଳେ ପାଠ ପଢ଼ିବାର ସ୍ୱପ୍ନ ନେଇ ମୁଁ ଅତିକ୍ରମ କରିଥିଲି ଓ ମୋ ସହିତ ମୋ ବୋଉ ମଧ୍ୟ ସେଇତକ ବାଟ ପୁଅର ଭବିଷ୍ୟତ ଚିନ୍ତାରେ ମସ୍‌ଗୁଲ ହୋଇ ଚାଲି ଆସିଥିଲା । ଯାଜପୁରରେ ଯାଇ ମଫସଲୀ ପିଲାଟିଏ ପଢିବା ସେ ସମୟରେ କିଛି କମ୍ କଥା ନଥିଲା ।

ଗାଁରେ ମୋ ଜୀବନ ନାନା ଘାତ-ପ୍ରତିଘାତ ଭିତରେ ଜନ୍ମରୁ ୧୯୬୪ ମସିହା ପର୍ଯ୍ୟନ୍ତ କଟିଛି । ବାଡିରୁ କିଏ ଜବରଦସ୍ତ ନଡିଆ ତୋଳି ନେଲାଣି ତ କିଏ ଗଛରୁ ଆମ୍ବ ନିଜର କହି ତୋଳି ନେଲାଣି । ପୁଣି କିଏ ରାସ୍ତାଘାଟ ଆମ ଘର କଡ଼ରୁ ବାଡି ବୁଜି ଅବରୋଧ କଲାଣି । ବୋଉ ଏସବୁ ଖାତିର ନ କରି ଆମ ପାଠ ପଢ଼ାରେ ଧ୍ୟାନ ଦେଇଥିଲା । ବେଳେବେଳେ ସେ ଗୋଟିଏ ଢଗଟିଏ ବୋଲୁଥିଲା; "ନଈ ପାଣି ଯିବ ନଈଏ ନଈଏ ସତେ କୁଅ ପାଣି ଖାଇବି, ଦୀପ ଜଳୁଥିବ ପୁଅ ଖେଳୁଥିବ ଭଗାରୀଙ୍କ ଗୁଣ ଗାଇବି ।" ଏତକ ଗାଇଲା ବେଳକୁ ବୋଉ ଆଖିରୁ ଲୁହ ଦୁଇଧାର ଗଡ଼ିଯାଏ ।

୩

ଯାଜପୁର ହାଇସ୍କୁଲରେ ମୋର ଜୁଲାଇ ୧୯୬୪ ମସିହାରେ ନାମ ଲେଖା ହୋଇଥିଲା । ପ୍ରଥମ ଦିନ ମୁଁ ଯଥାଶୀଘ୍ର ଗାଧୁଆ ପାଧୁଆ ସାରି ମହାଦେବ ଦର୍ଶନ କରି ମୋ ନନା ସହିତ ଖଇରାବାଦରୁ ଯାଜପୁର ପ୍ରାୟ ପାଞ୍ଚକିଲୋମିଟର ଚାଲି କରି ଗଲି । ନନା ଜୋର୍‌ରେ ଚାଲେ । ମୁଁ ପଛେ ପଛେ ଚାଲିଥାଏ । କମାଗଡ଼, ବିଦ୍ୟାଧର ପୁର, ଅଡଙ୍ଗ, ସୁନିନ୍ଦା, ହଜାରି ସାହି, ଅଙ୍କୁଲା ପ୍ରଭୃତି ବିଭିନ୍ନ ଗାଁରୁ ପିଲା ଚାଲି ଚାଲି ପଢ଼ିବାକୁ ଯାଜପୁର ହାଇସ୍କୁଲ ଯାଉଥିଲେ । ଖୁବ୍ କମ୍ ପିଲା ସାଇକେଲ ଚଢ଼ି ଯାଉଥିଲେ । ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପିଲା ସେମାନେ ସାଇକେଲରେ ଯାଆନ୍ତି । ପ୍ରାୟ ପାଞ୍ଚ-ଛଅ ଜଣ ପିଲା ସାଇକେଲରେ ଯାଉଥିଲେ । ତିରିଶରୁ ଅଧିକ ପିଲା ସେମିତି ଚାଲି ଚାଲି ଯାଇ ପାଠ ପଢୁଥିଲେ । । ବାଟରେ ଚୁଡ଼ାଖିଆ ବରଗଛ, ସୁବିସ୍ତୀର୍ଣ୍ଣ ଜଳାଶୟ, ଧାନବିଲ, ହାବୋ ମିଆଁ ପାଳ, ଜାମୁକୋଳି ଗଛ, ଖଜୁରୀ ଗଛ, ଆମ୍ବଗଛ, ବଡ଼ ଶିରିଷ ଗଛ, କେନାଲ୍ କୂଳ ଦେଇ ବାଟସାରା ଗାଈ, ଛେଳି, ମେଣ୍ଢା ପଲ ଦେଖି ଦେଖି ଆଣ୍ଠୁଏ ଧୂଳି ହୋଇ ସ୍କୁଲରେ ପହଞ୍ଚୁ । ବର୍ଷାଦିନେ ଧୂଳି ତ ନଥାଏ । କାଦୁଅ ଚାରିଆଡ଼େ ।

ଆମେ କେନାଲ କୂଳ ସଂକୀର୍ଣ୍ଣ ରାସ୍ତାରେ ଗଲାବେଳେ ଗୋଡ଼ ଖସି କେନାଲରେ ପଡିଯିବାର ଭୟ ଥାଏ । ମୁଁ ଥରେ ଦୁଇ ଥର ଗୋଡ଼ ଖସି କେନାଲରେ ପଡିଛି । ସେତେବେଳେ ଯିବାପାଇଁ ସ୍କୁଲକୁ ପାଞ୍ଚକିଲୋମିଟର ଫେରିବାକୁ ପାଞ୍ଚକିଲୋମିଟର ପଡୁଥିଲେ ସୁଦ୍ଧା ବାଟ ପଢା ନିଶାରେ ଜଣା ପଡୁନଥିଲା । ବେଳେବେଳେ କଚେରି ପାଖ ଜଳଖିଆ ଦୋକାନରେ ଜଳଖିଆ ଖିଆଯାଏ ।

ମଫସଲ ସ୍କୁଲରୁ ଯାଇ ଯାଜପୁର ହାଇସ୍କୁଲରେ ପଢିବାରେ ମୋର ଆନନ୍ଦ କହିଲେ ନସରେ । ଆଗରେ ଏସ୍.ଡି.ଓ ହତା । ପ୍ରକାଣ୍ଡ କାୟ ବୌଦ୍ଧ ମୂର୍ତ୍ତି ଇତ୍ୟାଦି ସେଠି ରହିଥାଏ । ଟିକିଏ ଦୂରକୁ ନ୍ୟାୟଳୟ । ସବ୍‌ଡିଭିଜନ ସ୍ତରରେ ବିଭିନ୍ନ କାର୍ଯ୍ୟାଳୟ । ସେପଟେ ନଦୀବନ୍ଧ । ନଦୀବନ୍ଧର ଆରମ୍ଭରେ ମସ୍‌ଜିଦ୍ । ଦଶାଶ୍ୱମେଧ ଘାଟକୁ ଲାଗି ସପ୍ତମାତୃକା ମନ୍ଦିର, ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର ପ୍ରଭୃତି । ନଦୀ ସେପଟରେ ବରାହନାଥଙ୍କ ମନ୍ଦିର, ବାରୁଣୀ ପଡିଆ, ଶ୍ମଶାନ । ଅନତିଦୂରରେ ମୋଟରଙ୍ଗା ପାଳ ଅଞ୍ଚଳର ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର । ସ୍କୁଲରେ ପଢ଼ିବା ସହିତ ମୁଁ ଟିକିଏ ଛୁଟି ପାଇଲେ ସାଙ୍ଗମାନଙ୍କ ଗହଣରେ ଏସବୁ ଦେଖୁ । କେତେବେଳେ କେମିତି ମଧ ଆମେ କଚେରି ଆଡେ ଯାଇ ଓକିଲମାନେ ମୋକଦ୍ଦମାର ଜେରା କିପରି କରୁଛନ୍ତି ଦେଖୁ । ଏସବୁ ଦେଖିବାକୁ ଭାରି ମଜା ଲାଗେ । କଚେରି ନିକଟରେ ବେଳେ ବେଳେ ଯାଦୁଖେଳ, ବାଉଁଶରାଣୀ, ସାପଖେଳ ହୁଏ । ସ୍କୁଲର ଅଧାପିଲା ଏସବୁ ଦେଖିବାକୁ ଚାଲି ଆସନ୍ତି ।

ଯାଜପୁର ହାଇସ୍କୁଲରେ ମଳିମୁଣ୍ଡିଆଙ୍କ ପିଲାଙ୍କଠାରୁ ଆରମ୍ଭ କରି ତଥାକଥିତ ବଡ଼ ବଡ଼ିଆଙ୍କ ପିଲା ପଢୁଥିଲେ । ସେତେବେଳେ ଯାଜପୁରରେ ବଡ଼ ଅଫିସର କହିଲେ ଏସ୍.ଡି.ଓ (ଯାହା ଏବେ ସବ୍‌କଲେକ୍‌ଟର), ଡି.ଏସ୍.ପି, ଏସ୍.ଡି.ଜେ.ଏମ୍, ସବ୍‌ଜଜ୍, ଏସ୍.ଡି.ଏମ୍.ଓ. ଇତ୍ୟାଦି । ସେମାନଙ୍କ ପିଲାମାନେ ମଧ ଏ ସ୍କୁଲରେ ପଢୁଥିଲେ । ଆଉ କିଛି ବଡ଼ ବଡ଼ ଓକିଲଙ୍କ ପୁଅ ଓ ନାତି ମଧ୍ୟ ପଢୁଥିଲେ । ଏମାନଙ୍କ ପିଲାମାନେ ପ୍ରାୟ ବାପା, ଜେଜେବାପାଙ୍କ କ୍ଷମତା, ପ୍ରତିପତ୍ତି ଓ ଅର୍ଥବଳ ନେଇ ଉଦ୍ଧତ ଆଚରଣ, ଅହଂକାର, ଆତ୍ମବଡିମା, ଦେଖାଇବାକୁ ସଂକୋଚବୋଧ କରୁନଥିଲେ । ଅବଶ୍ୟ କିଛି ଭଲ ପିଲା ଏହି ପିଲାମାନଙ୍କ ମଧରେ ଥିଲେ । ସେଇମାନେ ବେଶ୍ ସାଧାରଣ ଜୀବନରେ ଏବେ ଭଲରେ ଅଛନ୍ତି । ମୁଁ ମଫସଲ ଅଞ୍ଚଳରୁ ଆସିଥିବାରୁ ଓ ମୋର ଆର୍ଥିକ ଅବସ୍ଥା ସେତେ ଭଲ ନଥିବାରୁ ଏହି ତଥାକଥିତ ବଡ଼ ବଡ଼ିଆ ପିଲାଙ୍କ ସହ ମିଶି ପାରୁନଥିଲି ।

ପିଲାବେଳେ ମୁଁ ଚପଳମତି ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସ୍କୁଲରେ ଚଗଲାମି କରୁଥିଲି । ପ୍ରାୟ ମାସରେ ଦୁଇ ତିନିଥର ସ୍କୁଲରେ ଶିକ୍ଷକମାନଙ୍କ ଠାରୁ ଗାଳି ଖାଉଥିଲି । ମୁଁ ପଢ଼ିଲାବେଳେ ମାଡ଼ ହାଇସ୍କୁଲରେ ଦିଆଯାଉନଥିଲା । ମୁଁ କି ଧରଣର ଦୁଷ୍ଟାମି ପିଲାବେଳେ କରୁଥିଲି, ତା'ର ଗୋଟେ ଦୁଇଟି ଉଦାହରଣ ଦେଉଛି । ଯାହା ମନେ ପଡୁଛି ଆମ ସମୟରେ ଜଣେ ବୃଦ୍ଧ ସଂସ୍କୃତ ପଣ୍ଡିତ ଥିଲେ । ସେ ପାଠ ପଢ଼ାଇଲା ବେଳେ ଦୁର୍ଗନ୍ଧ ବାୟୁ ତ୍ୟାଗ କରନ୍ତି । ସେ ବାୟୁ ତ୍ୟାଗ କଲାବେଳେ ଶ୍ରେଣୀ ଗୃହଟି କମ୍ପମାନ ହୁଏ । ପୁଣି ତାଙ୍କ କାନକୁ ଶୁଭେ ନାହିଁ । ଥରେ ସେ ଏତେ ଜୋର୍‌ରେ ବାୟୁ ତ୍ୟାଗ କଲେ, ତାହା ଶୁଣି ମୁଁ କହିଲି- ସାର୍ କ୍ଲାସ ଘଣ୍ଟା ବାଜିଲାଣି । ସେ ମୋ କଥାକୁ ସତ୍ୟ ବୁଝି ଶ୍ରେଣୀ ଛାଡି ଚାଲିଗଲେ । ପରେ ସେ ଜାଣିଲେ ଯେ ତାଙ୍କର କ୍ଲାସ ସରିନଥିଲା । ମୋତେ ସେ କେବଳ ଡକାଇ କହିଲେ- 'ବାଉରୀ, ଏସବୁ ଭଲ କଥା ନୁହେଁ ।' ଆଉ ଦିନକର କଥା । ନଈବଢ଼ୁ ଥାଏ । ଆଉ ପିଉସୀ ଘର ପାଖରେ ବୈତରଣୀର ଶାଖାନଦୀ ବୁଢ଼ାନଈ ପ୍ରବାହିତ । ବୈତରଣୀରେ ବଢ଼ି ହେଲେ ବୁଢ଼ାରେ ବଢ଼ି ଆସେ । ସାଧାରଣତଃ ଆମେ କହୁ ନଈରେ ପାଣି ହେଉଛି । ସେଦିନ କ୍ଲାସକୁ ଆସିଥାନ୍ତି ବିଜ୍ଞାନ ଶିକ୍ଷକ ବୃଦ୍ଧ ବାଞ୍ଛାନିଧି ମିଶ୍ର । ଭାରି ରାଗୀ ଲୋକ । ଭଲ ଚେହେରା । ସେ କୁଆଡ଼େ ସେତେବେଳେ ବିଜ୍ଞାନର ସୁଷମ ଖାଦ୍ୟ ତାଲିକା ଅନୁଯାୟୀ ଖାଦ୍ୟ ଖାଉଥିଲେ । ଆମେ କୋମଳ ଚପଳମତି ପିଲା । ଆମେ ବିଜ୍ଞାନ ପଢିବାବେଳେ କିଛି ଯନ୍ତ୍ରପାତି ମଧ୍ୟ ଦେଖୁ । ପଢ଼ାଇଲାବେଳେ ମୁଁ ଥରେ କହିଲି- 'ସାର୍, ଯନ୍ତ୍ର ଦେଖାନ୍ତୁ ।' ସାର୍ ରାଗି ମୋତେ ବେଞ୍ଚରେ ଠିଆ କରାଇ ଦେଲେ । ତା'ପରଦିନ ସ୍କୁଲ ଶେଷ ପିରିୟଡ୍ ବିଜ୍ଞାନ ପଢ଼ାରୁ ରିହାତି ପାଇଁ ନଦୀ ବଢୁଥିବାରୁ ସ୍କୁଲରୁ ଶୀଘ୍ର ଯିବା ପାଇଁ କହିଲି- ସାର୍ 'ଆମ ବୁଢ଼ାରେ ପାଣି ହେଉଛି ।' ଏତକରେ ସାର୍‌ଙ୍କ କ୍ରୋଧ ଅସମ୍ଭବ ଭାବେ ବଢ଼ିଗଲା । ସେତେବେଳେ ମୁଁ ଏସବୁର ଗୂଢ଼ ଅର୍ଥ କ'ଣ ଆଦୌ ନଜାଣି କହିଥିଲି । ଆମର ସେତେବେଳେ ଗୋଟିଏ ପିରିୟଡ୍'ଟେଲରିଂ' ଥିଲା । ଟେଲରିଂ ସାର୍‌ଙ୍କୁ ସମସ୍ତେ ପଛରେ 'ବେଙ୍ଗାନା' ଡାକନ୍ତି । ସାମ୍‌ନାରେ କହିଲେ ସେ ବିଗିଡି ଯାଆନ୍ତି । ସେ ଅଦ୍ଭୁତ ଇଂରାଜୀ କହନ୍ତି । ବେଳେବେଳେ କହନ୍ତି, 'ଅଣ୍ଡରଷ୍ଟାଣ୍ଡ୍ ଏ ରିକ୍ୱା ଫର ମି'- ପୁଣି କହନ୍ତି, 'କରି ଇଜ୍ ଭେରି ଆର୍ଗି ଟୁଡେ'- ତାଛଡା ଟେଲରିଂ କ୍ଲାସ୍ ସମୟରେ ବେଙ୍ଗଟିଏ ଯଦି କିଏ ବ୍ଲାକବୋର୍ଡରେ କରିଦିଏ, ତେବେ ସେଦିନ ସେ କେବଳ ନୀତି, ଛାତ୍ରଙ୍କ କର୍ତ୍ତବ୍ୟ

ସଂପର୍କରେ ଦୀକ୍ଷାନ୍ତ ଭାଷଣ ଦିଅନ୍ତି । ସେତେବେଳେ ଯାଜପୁର ହାଇସ୍କୁଲରେ ନିୟମିତ ଭାବେ ପ୍ରତି ଶନିବାର ବ୍ୟାୟାମ ଶିକ୍ଷା ଦିଆଯାଉଥିଲା । ବ୍ୟାୟାମ ଶିକ୍ଷକଙ୍କ ଭଲ ନାଁ କେହି ମନେ ରଖୁନଥିଲେ । ସମସ୍ତେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନରେ କହନ୍ତି ଧଡିଆ ନନା । ସେ କ୍ରୀଡ଼ାରେ କେତେ ଦକ୍ଷତା ଅର୍ଜିଥିଲେ କହି ପାରିବି ନାହିଁ । କିନ୍ତୁ ସେ ଖୁବ୍ ଭଲ ଗଣିତ ପଢ଼ାଉଥିଲେ । ତାଙ୍କ ବାପା ଆମ ସମୟରେ ଥିଲେ ସ୍କୁଲର ହେଡ୍‌କ୍ଲର୍କ । ଭଲ ଇଂରାଜୀ ଲେଖିପାରନ୍ତି । ସବୁ କାମରେ ଧୂରୀଣ । ସ୍କୁଲ ପିଲାମାନଙ୍କୁ ସ୍କଲାରସିପ୍ ଟଙ୍କା ବାଣ୍ଟିବା ବେଳେ ଛୋଟ ପିଲାଙ୍କୁ ସୁନ୍ଦର ଭାବେ ବୁଝାଇ ତାଙ୍କ ପ୍ରାପ୍ୟ ନିଅନ୍ତି । ଯାହା ମନେ ପଡୁଛି, ଯଦି ପିଲାଟିର ଶହେ ଟଙ୍କା ସ୍କଲାରସିପ୍ ଆସିଥିବ, ସେ ପାଇବ ସତୁରୀ ଟଙ୍କା । ସେ କହିବେ, ବୁଝିଲୁ ତୋର ଏ ଟଙ୍କା ମିଳିବାରେ ଅସୁବିଧା ଥିଲା । ତୋ ପାଇଁ ମୁଁ ଡି.ପି.ଆଇ. କମିଶନରଙ୍କୁ କହିଛି । ସାଙ୍ଗରେ ସ୍କୁଲ ଇନ୍‌ସପେକ୍ଟରଙ୍କୁ ନେଲି । ସବୁଠି ଖର୍ଚ୍ଚ, ଯିବା ଆସିବା ଖର୍ଚ୍ଚ । ଏମିତି ଯାଇ ତୋର ଶହେ ଟଙ୍କାରୁ ସତୁରୀ ଟଙ୍କା ବଞ୍ଚିଛି । ସବୁବେଳେ ସାଧାରଣତଃ ସଂଜବେଳକୁ ସ୍କୁଲରେ କେହି ନଥିବାବେଳେ ସେ ସ୍କଲାରସିପ୍ ଟଙ୍କା ଦିଅନ୍ତି । ପିଲାଙ୍କ ମନ ଜିଣିବା ପାଇଁ ସେ ଟଙ୍କା ସହିତ ରସଗୋଲାଟିଏ ଖାଇବାକୁ ଦିଅନ୍ତି । ଆଉ ଗୋଟିଏ କଥା କହିବି ନ କହିବି ଏହି ଦ୍ୱନ୍ଦ୍ୱରେ ରହି କହି ଦେଉଛି । ମୁଁ ଦଶମ ଶ୍ରେଣୀରେ ପଢୁଥାଏ । ହଠାତ୍ ପିଲାମାନେ କେତେକ ଏକାଠି ହୋଇ କହିଲେ ଆଜି ଗୋଟିଏ କାମ କରିବା । ଗୋଟିଏ ଝିଅ ପିଲା ସିଟ୍‌ରେ ପିଚୁ ଲଗାଇ ଦେବା । ଜଣେ ନାମଜାଦା ବଙ୍ଗାଳି ଓକିଲଙ୍କ ଝିଅ ସିଟ୍‌ରେ ପିଚୁ ଲଗାଇଦେଲି । ସେ କ୍ଲାସ୍‌ରେ ଶିକ୍ଷକ ଉପସ୍ଥାନ ନେଲାବେଳେ ଉଠି ପାରିଲା ନାହିଁ । ଶ୍ରେଣୀ ଶିକ୍ଷକ ତାକୁ ଗାଳି ଦେଲେ । ମୁଁ ଏମିତି କରିଛି ବୋଲି ଜଣାଗଲା । ଫଳରେ ହେଡ୍‌ମାଷ୍ଟରଙ୍କ ପର୍ଯ୍ୟନ୍ତ ଓ ମୋ ନନା ପର୍ଯ୍ୟନ୍ତ କଥା ଗଲା । 'ଦୟାଳୁ' 'ପରୋପକାରୀ', ଅତ୍ୟନ୍ତ ପୃଥୁଳକାୟ ହେଡ୍‌ମାଷ୍ଟର ଶ୍ରୀନାରାୟଣ ଚନ୍ଦ୍ର ଘୋଷ ମୋତେ କ୍ଷମା ଦେଲେ । ଯାଜପୁର ହାଇସ୍କୁଲରେ ପଢିବାବେଳେ ଏମିତି କେତେ ମଧୁର ଅଥଚ ଅତ୍ୟନ୍ତ ପିଲାଳିଆ ସ୍ୱଭାବର ସ୍ମୃତି ମୋର ରହିଛି ।

ଯାଜପୁର ହାଇସ୍କୁଲରେ ପଢାପଢି ଖୁବ୍ ଭଲ ହୁଏ । ବିଶେଷ କରି ଗଣିତ, ଇଂରାଜୀ, ସାହିତ୍ୟ ଖୁବ୍ ଭଲ ପଢ଼ାଯାଏ । ଗଣିତ ଆମକୁ ପଢ଼ାଉଥିଲେ ବଲ୍ଲଭ ପଣ୍ଡା । ଇଂରାଜୀ ପଢ଼ାଉଥିଲେ ଖ୍ୟାତନାମା ଶିକ୍ଷକ ଭୁବନାନନ୍ଦ ମିଶ୍ର । ସେ ହେଉଛନ୍ତି ଯାଜପୁର

ସପନପୁରର ପ୍ରସିଦ୍ଧ ଦାମୋଦର ବିଦ୍ୟାବାଗୀଶଙ୍କ ଅଣନାତି । ବିଶିଷ୍ଟ ସଂସ୍କୃତ ପଣ୍ଡିତ ନୀଳମଣି ମିଶ୍ରଙ୍କ ନାତି । ନାଟ୍ୟକାର କାମପାଳ ମିଶ୍ର ସେଇ ପରିବାରରେ ଥିଲେ ନୀଳମଣି ଙ୍କ ସାନଭାଇ । ସେ ପରିବାରରେ ଓଡ଼ିଶାର ପ୍ରସିଦ୍ଧ ଶିକ୍ଷକ ରାୟବାହାଦୂର ବିଶ୍ୱମ୍ଭର ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର ପ୍ରମୁଖ ଜନ୍ମ ଗ୍ରହଣ କରି ପରାଧୀନ ଓଡ଼ିଶାରେ ଶିକ୍ଷା ବିସ୍ତାରରେ ସହାୟତା କରିବା ସହିତ ଓଡ଼ିଶାର ସାଂସ୍କୃତିକ ନବଜାଗରଣରେ ସହାୟତା କରିଥିଲେ । ଆମର ଭୁବନାନନ୍ଦ ସାର୍ ଏତେ ସୁନ୍ଦର ଉଚ୍ଚାରଣ କରି ଇଂରାଜୀ ପଢାଉଥିଲେ, ଯାହା ସବୁ ଏବେବି ମୋ ମନରେ ରହିଛି । ସେ ସରଳ ଇଂରାଜୀରେ ପଢ଼ାଇବାରେ ପାରଦର୍ଶିତା ଲାଭ କରିଥିଲେ । ପିଲାମାନେ କେମିତି ପରସ୍ପର ମଧ୍ୟରେ ଇଂରାଜୀରେ କଥୋପକଥନ କରିପାରିବେ ତା ଉପରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । ସେତେବେଳେ ଦଶମ-ଏକାଦଶ ଶ୍ରେଣୀରେ ପଢିବାବେଳକୁ ଆମେ ଇଂରାଜୀରେ କଥାବାର୍ତ୍ତା କରିବା ସହିତ ଚିଠିପତ୍ର ଲେଖି ପାରୁଥିଲୁ । ଇଂରାଜୀରେ ମାଟ୍ରିକ୍‌ରେ ଦୁଇଶହ ନମ୍ବର ପଢ଼ାଯାଉଥିଲା । ମୁଁ ସେ ସମୟରେ ଇଂରାଜୀରେ କଥାବାର୍ତ୍ତା କରିବାକୁ ଭାରି ଭଲ ପାଉଥିଲି ।

ମୁଁ ଯାଜପୁର ହାଇସ୍କୁଲରେ ପଢ଼ିବାବେଳେ ଅନେକ ସମୟରେ ଖଣ୍ଡିତର ଘରକୁ ଛୁଟି ଦିନମାନଙ୍କରେ ଚାଲି କରି ବେରୁଦା ବାହବଳପୁର ପାଟ ଦେଇ ଖଣ୍ଡିତର ପୋଲ ପାଖରେ ପହଞ୍ଚେ । ଖରସ୍ରୋତା ନଦୀର ଏଇ ପୋଲ ତଳେ ସାହାପୁର ହାଟ ହୁଏ । ଘରୁ ପଇସା ନେବା ପାଇଁ ଆସିଲାବେଳକୁ ଘରେ ପଇସାର ଅଭାବ । ଏଣୁ ଆମ ଗଛ ନଡିଆକୁ ଗଛରୁ ତୋଳି, ଛଡେଇ କରି ନେଇ ହାଟକୁ ଯାଇ ବିକ୍ରି କରେ । ମୋ ଜାଣିବାରେ ସେତେବେଳେ ଆମ ଗାଁର ଶିକ୍ଷିତ ପିଲା ହାଟକୁ ପରିବାପତ୍ର, ନଡିଆ ନେଇ ବିକ୍ରି କରନ୍ତି । ମୁଁ ହାଟରେ ଗୋଟିଏ ବଡ଼ ପାଛିଆରେ ନଡିଆ ରଖି ବିକୁଛି । ହଠାତ୍ ଜଣେ ଧୋବ ଧାଉଲିଆ ଗ୍ରାହକ ଆସି ମୋତେ କହିଲା- 'ବେ ଟୋକା'- ଏ ନଡ଼ିଆ ଗୋଟା କେତେ ? ମୁଁ ସବୁବେଳେ ହାଟକୁ କଚ୍ଛା ମାରି ଗାମୁଛା ଟିଏ ପିନ୍ଧି ଆଉ ଏକ ଗାମୁଛା କାନ୍ଧରେ ପକାଇ ସଂପୂର୍ଣ୍ଣ ମଫସଲୀ ଢଙ୍ଗରେ ଯାଏ । ମୁଁ ଏପରି କଥା ଶୁଣି ଇଂରାଜୀରେ କହିଲି, 'ୟୁ ସୁଡ୍ ନୋ ମିନିମମ୍ ଇଟିକେଟ୍ ଟୁ ଟକ୍ ଉଇଥ୍ ଏ ୟଙ୍ଗ ବଏ ।' ସେ ମହାଶୟ ମୋତେ ଖୁବ୍ ଜୋର୍‌ରେ ଚାହିଁଲେ । ମୁଁ ତାଙ୍କୁ ତତ୍‌କ୍ଷଣାତ୍ କହିଲି, 'ଡୋଣ୍ଟ' ସୋ ଇଓର୍ ପେୟାର ଅଫ୍ ରେଡ୍ ଆଇଜ ।' ଏତକ କହିବା ପରେ

ସେ ଲୋକଟି ଦବି ଗଲା । ତାକୁ ମୋ ପାଖରେ ବସିଥିବା ଡେଙ୍ଗା ରାମ ମିଶ୍ର ବୁଢ଼ା କହିଲେ- ସେ ପିଲା ଏକାଦଶ ଶ୍ରେଣୀ ପଢୁଛି । ଆଉ ଦିନ କେତେଟା ଗଲେ ସେ ତମ ଭଳି ହାକିମ ବାବୁ ହୋଇ ବୁଲିବ । ମୁଁ ଜାଣି ଜାଣି ସେତେବେଳେ ନଡିଆ ଦାମ୍ ଛଅଣା ଥିବା ସ୍ଥଳେ ଆଠ ଅଣା କହିଥିଲି ଓ ସେ ମୋଠାରୁ ଟଙ୍କାଟିଏ ଦେଇ ଦୁଇଟା ନଡିଆ ନେଇଥିଲେ । ମୁଁ ପିଲାବେଳେ ଅନେକ ସମୟରେ ବିଲ ବାଡିକୁ ଯାଏ । ଆମର ଭାଗଚାଷ କରିଥିବା ଚାଷୀଙ୍କ ଭଲ ମନ୍ଦ ବୁଝେ । ଖଣ୍ଡିତର ନଈ ସେପାରି ପଠାରେ ମାଇଲ୍ ମାଇଲ୍ ବ୍ୟାପୀ ତରଭୂଜ, ଫୁଟି କାକୁଡି, ପୋଟଳ, କଲରା, ବାଇଗଣ ପ୍ରଭୃତି ଚାଷ ହୁଏ । ମଟର, ବୁଟ, ବିରି, ମୁଗ, କୋଳଥ ଇତ୍ୟାଦି ଡାଲି ଜାତୀୟ ଫସଲ ହୁଏ । ମଟର ଛୁଇଁ, ବିରି ଛୁଇଁ, ମୁଗ ଛୁଇଁ ବିଲରେ ଯାଇ ବୁଲି ଖାଇବାକୁ ମୋତେ ଭଲ ଲାଗେ । ଯିଏ ଯେତେ ବିଲକୁ ଯାଇ ତରଭୁଜ ଫୁଟି କାକୁଡି ଖାଇଲେ କେହି କିଛି କହନ୍ତି ନାହିଁ ।

ମୁଁ ମାଟ୍ରିକ ପଢିଲାବେଳେ ପିଲାମାନେ ଟିଉସନ୍ ହେଉଥିଲେ । ସେତେବେଳେ ଟିଉସନ୍ ଦରମା ଥିଲା ମାସକୁ କୋଡିଏ ଟଙ୍କା । ଏତେଟଙ୍କା ଦେଇ ଟିଉସନ୍ ହେବା ସେତେବେଳେ ଥିଲା ଆକାଶ କଇଁଆ ଚିଲିକା ମାଛପରି । ମୁଁ ନିଜେ ନିଜେ ପଢ଼ି ମାଟ୍ରିକ ପରୀକ୍ଷା ଦେଇଥିଲି । ଏପରିକି ମୋର 'ଗଣିତ ସଂପଦ' କିମ୍ବା ଏକାଧିକ ଟେଷ୍ଟ ପେପର ନଥିଲା । କେବଳ ପୂର୍ବବର୍ଷର ଏକ ଓଷ୍ଟା ଟେଷ୍ଟ ପେପର ମୁଁ ପଢିଥିଲି । ସେତେବେଳେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ସ୍କୁଲରୁ ଦୂରରେ ହେଉଥିଲା । ଯାଜପୁର ହାଇସ୍କୁଲର ପରୀକ୍ଷା କେନ୍ଦ୍ର ହୋଇଥିଲା ଦଶରଥପୁର ହାଇସ୍କୁଲ । ପିଲାମାନେ ନିଜ ଦାୟିତ୍ୱରେ ନିଜେ ଯାଇ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିଲେ । ଭାରି କଡ଼ାକଡି ପରୀକ୍ଷା ଦଶରଥପୁର ହାଇସ୍କୁଲରେ ହୁଏ । ସେଠି ଦଶରଥପୁର ପି.ଡବ୍ଲୁ.ଡି ଅଫିସର ଏକ ପରିତ୍ୟକ୍ତ ଗୃହରେ ମୁଁ ଆଉ ଦୁଇଜଣ ସାଙ୍ଗ ରହି ପରୀକ୍ଷା ହେଉଥିଲୁ । ଏ ଘରେ ରହିବା ପାଇଁ ଯାଜପୁର ପି.ଡବ୍ଲୁ.ଡି ଅଫିସରେ କାମ କରୁଥିବା ଖଇରାବାଦ ଗ୍ରାମନିବାସୀ ଜଗବନ୍ଧୁ ସାହୁ ଯୋଗାଡ଼ କରି ଦେଇଥିଲେ । ପରୀକ୍ଷା କେନ୍ଦ୍ରରେ ମୁଁ ପରୀକ୍ଷା ଦେଲାବେଳେ ଏକ ଅଘଟଣ ଘଟିଥିଲା । ମୁଁ ପରୀକ୍ଷାର ପ୍ରଥମ ଦିନ କାଚ ଗ୍ଲାସରେ ପରୀକ୍ଷା ହଲରେ ବସି ପାଣି ପିଉ ପିଉ ଗ୍ଲାସ୍‌ଟି ମୋ ହାତରୁ ଖସି ପଡି ଭାଙ୍ଗି ଯାଇଥିଲା । ଏହାକୁ ନେଇ ହଇଚଇ ସୃଷ୍ଟି ହେଲା । ଶେଷରେ ମୋତେ ଗ୍ଲାସ୍ ଭାଙ୍ଗିବା ବାବଦକୁ ଟଙ୍କାଟିଏ ଦେବାକୁ

ପଢ଼ିଥିଲା । ପରୀକ୍ଷା ଦେଇ ଫେରିଲି । ଛୁଟିରେ ଖଣ୍ଡିତରକୁ ଆସିଲି । କିଛିଦିନ ପରେ ମାଟ୍ରିକ୍ ପରୀକ୍ଷା ଫଳ ବାହାରିଲା । ମୁଁ ମାଟ୍ରିକ୍‌ରେ ଅଙ୍କ ନମ୍ବର ପାଇଁ ପ୍ରଥମ ଶ୍ରେଣୀରୁ ବଞ୍ଚିତ ହୋଇ ଦ୍ୱିତୀୟ ଶ୍ରେଣୀ ପାଇଲି । ସେତେବେଳେ ଖବରକାଗଜରେ କୃତକାର୍ଯ୍ୟ ହେଉଥିବା ପିଲାଙ୍କ ନାଁ ବାହାରୁଥିଲା । ଆମ ସ୍କୁଲରୁ ମାତ୍ର ତିନିଜଣ ପ୍ରଥମ ଶ୍ରେଣୀ ପାଇଥିଲେ । ମୁଁ ତା'ପରେ କ'ଣ ପଢିବି, କେଉଁଠି ପଢିବି, କିପରି ପଢିବି ଏ ନେଇ ଘରେ ଚିନ୍ତା ମୋ ବୋଉର ବଢି ଯାଇଥିଲା ।

ସତକହିବାକୁ ଗଲେ ମୋ ପିଲାଦିନ ଦୁଃଖ, କଷ୍ଟ, ଅଶେଷ ଯାତନା, ଘୋର ଦାରିଦ୍ର୍ୟ ଭିତରେ ଅତିବାହିତ ହୋଇଥିଲା ।



ମୋ କଲେଜ ଜୀବନ

(୧)

ସେତେବେଳେ ଚାରିଆଡ଼େ ଛତୁ ଫୁଟିବା ପରି କଲେଜ ନଥାଏ । କଲେଜ କହିଲେ ଯାଜପୁରରେ ଏକମାତ୍ର ସରକାରୀ କଲେଜ ନରସିଂହ ଚୌଧୁରୀ କଲେଜ, ବରୀରେ ଗୋପବନ୍ଧୁ ଚୌଧୁରୀ କଲେଜ, ବେସରକାରୀ କଲେଜ ଓ ନୂଆକରି ଗଢ଼ି ଉଠିଥାଏ ବ୍ୟାସନଗର କଲେଜ, ଯାଜପୁର ରୋଡ, ବେସରକାରୀ କଲେଜ । ଏ ହେଉଛି ୧୯୬୮ ମସିହାରେ ମୁଁ ମାଟ୍ରିକ୍ ପାସ୍ କରିବା ବେଳେ ତତ୍କାଳୀନ ଯାଜପୁର ସବ୍‌ଡିଭିଜନରେ କଲେଜ ଶିକ୍ଷାର ସ୍ଥିତି । ଏବେ ଯାଜପୁର ଜିଲ୍ଲାରେ କଲେଜ ସଂଖ୍ୟା ୩୦ରୁ ଅଧିକ । ସେ ସମୟରେ ବେସରକାରୀ କଲେଜମାନଙ୍କର ଅବସ୍ଥା ଆଦୌ ଭଲ ନଥାଏ । ପୁଣି ନାମ ଲେଖାଇବାକୁ ଅଧିକ ପଇସା ଦେବାକୁ ହେବ । କ'ଣ କରିବି ଭାବି ମୁଁ ୧୯୬୮ ମସିହାରେ ନରସିଂହ ଚୌଧୁରୀ କଲେଜରେ ପ୍ରି-ୟୁନିଭରସିଟି ବିଜ୍ଞାନରେ ନାମ ଲେଖାଇଲି ।

ନରସିଂହ ଚୌଧୁରୀ କଲେଜ ସରକାରୀ କଲେଜ ହୋଇଥିଲେ ମଧ୍ୟ ସେଠାରେ ବିଜ୍ଞାନ ଶ୍ରେଣୀ ବହୁବିଳମ୍ବରେ ଅର୍ଥାତ୍ ୧୯୬୮ ମସିହାରେ ଖୋଲିଥିଲା । ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ପଦାର୍ଥ ବିଜ୍ଞାନର ପ୍ରସିଦ୍ଧ ଅଧ୍ୟାପକ ତ୍ରିଲୋଚନ ଦାଶ ସ୍ପେଶାଲ ଅଫିସର ହୋଇ ଆସିଥାନ୍ତି । ପିଲା ନାମ ଲେଖାଇବା ପରେ କେବଳ ପଦାର୍ଥ ବିଜ୍ଞାନ ପଢ଼ାଗଲା । ପିଲା ସଂଖ୍ୟା ୯୬ । ସବୁ ସିଟ୍ ପୂର୍ଣ୍ଣ ହୋଇଗଲା । ଶିକ୍ଷକଙ୍କୁ ସରକାର ପୋଷ୍ଟିଂ କଲେ କିନ୍ତୁ ସେମାନେ ସମୟ ଗଡ଼ାଇ ଚାଲିଲେ । ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନରେ ଡିସେମ୍ବର ମାସଯାଏ କେହି ଶିକ୍ଷକ ନଆସିବାରୁ ଆମେ ସିଲାବସ୍ ଅନୁଯାୟୀ ବହି କିଣି ନିଜେ ନିଜେ ପଢ଼ିଲୁ । ଗଣିତ ଖୁବ୍ ଭଲ ପଢ଼ା ହେଉଥିଲା । ଆମର ଗଣିତ ଶିକ୍ଷକ ଥିଲେ ବିଶିଷ୍ଟ ଅଧ୍ୟାପକ ମୂରଲୀଧର ସାମଲ । ସେ ଯେପରି ଆଦର୍ଶବାଦୀ ଥିଲେ ସେହିପରି ଉଚ୍ଚକୋଟୀର ଶିକ୍ଷକ । ଶେଷରେ ଆସିଲେ

ରସାୟନ ବିଜ୍ଞାନର ପ୍ରଫୁଲ୍ଲ କୁମାର ନାଥ, ଉଦ୍ଭିଦ ବିଜ୍ଞାନର ଲକ୍ଷ୍ମୀଧର ସାମନ୍ତରାୟ, ପ୍ରାଣୀ ବିଜ୍ଞାନର ରଘୁନାଥ କର । ଜାନୁୟାରୀରୁ ପଢ଼ାପଢ଼ି ଜୋର୍‌ରେ ଚାଲିଲା ଓ ପ୍ରାକ୍ଟିକାଲ କ୍ଲାସ ସବୁ ହେଲା ।

ମୁଁ ବିଜ୍ଞାନ ଶ୍ରେଣୀରେ ପ୍ରାକ୍ଟିକାଲ କ୍ଲାସ ହେବା ଯାଏ ଲୁଗା ପିନ୍ଧି କଲେଜ ଯାଉଥିଲି । ଆମ ଘରୁ ଜଣେ ବଡ଼ବାପା ଚଇନପୁର ମଠରେ ମହନ୍ତ ହୋଇଥିଲେ । ସେଠି ନିତାଇ ଗୌର ସେଇ ଗୌଡ଼ୀୟ ମଠରେ ପୂଜା ପାଉଥିଲେ । ସେ ଠାକୁର ଦୁଇଟି ମଣିଷ ଉଚ୍ଚର । ସେମାନେ ଲୁଗା ପିନ୍ଧନ୍ତି । ବିଭିନ୍ନ ପର୍ବପର୍ବାଣୀରେ ଠାକୁରଙ୍କ ଲୁଗା ପରିବର୍ତ୍ତନ ହୁଏ, ମୁଁ ତାକୁ ଆଣି ପିନ୍ଧେ । ବଡ଼ ଅସୁବିଧା କଥା- ପ୍ରାକ୍ଟିକାଲ କ୍ଲାସ ପାଇଁ ପ୍ୟାଣ୍ଟ୍, ଆପ୍ରନ୍ ଦରକାର । ଚେଷ୍ଟା କରି ବଡ଼ କଷ୍ଟରେ ଫୁଲ ପ୍ୟାଣ୍ଟ୍‌ଟିଏ କଲି । ସେତେବେଳେ କପଡ଼ା ସିଲେଇ ସହିତ ମୂଲ୍ୟ ଥିଲା ପଚିଶଟଙ୍କା । ମୋର ଯାହା ମନେ ପଡୁଛି ମୁଁ ଠାକୁର ପୂଜା କରି ପାଞ୍ଚ ଟଙ୍କା ରଖିଥିଲି ଓ ମୋର ଭିଣୋଇ କୋଡିଏ ଟଙ୍କା ମୋତେ ଥରେ ଆମ ଘରକୁ ଯାଇଥିବା ବେଳେ ଜାମାପଟା କରିବାକୁ ଦେଇଥିଲେ । ଫୁଲ୍‌ପ୍ୟାଣ୍ଟ୍ ପ୍ରଥମ ଥର ପିନ୍ଧିବା ଦିନ ମୋର ଆନନ୍ଦ କହିଲେ ନସରେ । ପ୍ରାୟ ବର୍ଷେ କାଳଯାଏ ମୋର ଖଣ୍ଡିଏ ମାତ୍ର ପ୍ୟାଣ୍ଟ୍ ଥିଲା । ବିଜ୍ଞାନ ପଢିବା ପାଇଁ ଦାମିକା ବହି ଦରକାର । ସେତେବେଳେ ଲେଣ୍ଡିଂ ଲାଇବ୍ରେରୀ ବ୍ୟବସ୍ଥା ଅତି କ୍ରିୟାଶୀଳ ବିଶେଷ କରି ଏନ୍,ସି. କଲେଜ, ଯାଜପୁରରେ ଥିଲା । ଶିକ୍ଷକମାନେ ମଧ୍ୟ ଅତି ଶ୍ରଦ୍ଧାରେ ବହି ଆର୍ଥିକ ଅନଗ୍ରସର ପିଲାଙ୍କୁ ଦେଉଥିଲେ । ମୋତେ ପଦାର୍ଥ ବିଜ୍ଞାନ ସାର୍ ନୂଆକରି ସେ ସମୟରେ ବାହାରିଥିବା ଡକ୍ଟର କୁଳମଣି ସାମଲ ଓ ଅମୂଲ୍ୟ କୃଷ୍ଣ ମିଶ୍ରଙ୍କ ଦ୍ୱାରା ଲିଖିତ 'କଲେଜ ଫିଜକ୍‌ସ' ବହିଟିଏ ପଢ଼ିବାକୁ ଦେଇଥିଲେ । ସାର୍‌ମାନେ ନୂଆକରି ବିଜ୍ଞାନ ଖୋଲିଥିବାରୁ ଅଧିକା କ୍ଲାସ ନେଇ କୋର୍ସ ସାରି ଦେଇଥିଲେ । ଆମର ସବୁ ପ୍ରାକ୍ଟିକାଲ ନୂଆ ଲାବୋରେଟରୀରେ ଖୁବ୍ ଭଲ ଭାବରେ ହୋଇଥିଲା । ପଦାର୍ଥ ବିଜ୍ଞାନ ଲାବୋରେଟରୀରେ ଦୋଳାୟମାନ ପେଣ୍ଡୁଲମ ଏକ୍‌ସପେରିମେଣ୍ଟ୍‌ଟି ଏ ପର୍ଯ୍ୟନ୍ତ ମୋର ମନେ ରହିଛି ।

ଯଥା ସମୟରେ ପରୀକ୍ଷା ହେଲା । ପରୀକ୍ଷା ଫଳ ଠିକ୍ ସମୟରେ ବାହାରିଲା । ଆମର ୯୬ ପିଲାରୁ ୨୫ଜଣ ମାତ୍ର ପାସ୍ କରିଥିଲେ । ସେଥିରେ ମୁଁ ଥିଲି । ପୁଣି ବିଜ୍ଞାନ ପଢ଼ି ବଡ ମଣିଷ ହେବି ବୋଲି ସେଇ ଝୁଙ୍କରେ ଆର୍ଥିକ ଅସୁବିଧା ସତ୍ତ୍ୱେ ପ୍ରି-ପ୍ରଫେସ୍‌ନାଲ ବା ପ୍ରଥମ ବର୍ଷ ବିଜ୍ଞାନ ପଢ଼ିଲି ।

ପ୍ରଥମ ବର୍ଷ ବିଜ୍ଞାନ ଶ୍ରେଣୀ ଠିକ୍ ସମୟରେ ଆରମ୍ଭ ହେଲା । ସବୁ ବିଷୟରେ ଆଉ ଜଣେ ଜଣେ ଶିକ୍ଷକ ଆସିଲେ । ବିଜ୍ଞାନ ସଂପର୍କରେ ଆମ ସାର୍‌ମାନେ ପଢ଼ାଇବା ବେଳେ ଏହାର ଉପଯୋଗିତା ସଂପର୍କରେ ବହୁ ଜାଣିବା କଥାମାନ କହୁଥିଲେ । ବିଶେଷ କରି ପଦାର୍ଥ ବିଜ୍ଞାନ ସାର୍ ଅଧ୍ୟାପକ ତ୍ରିଲୋଚନ ଦାଶ ଏ ବାବଦରେ ବେଶ୍ ଉତ୍ସାହ ଦେଉଥିଲେ । ମୋର ଯାହା ମନେ ଅଛି; ଆପୋଲୋ-୧୧ ମହାକାଶଯାନ ଜୁଲାଇ ୨୨ ତାରିଖ ୧୯୬୯ରେ ଚନ୍ଦ୍ରପୃଷ୍ଠରେ ଯାଇ ପହଞ୍ଚିଥିଲା । ମହାକାଶ-ବିଜ୍ଞାନୀ ଆମ୍ରଷ୍ଟ୍ରଙ୍ଗ ଚନ୍ଦ୍ରରେ ପାଦ ପ୍ରଥମେ ଦେଇଥିଲେ । ଏ ନେଇ ସେତେବେଳେ ସ୍କୁଲ-କଲେଜ ଛାତ୍ରମାନେ ଏ ବିଷୟରେ ଜାଣିବା ପାଇଁ ବେଶ୍ ଆଗ୍ରହ ପ୍ରକାଶ କରୁଥିଲେ । ଏ ପ୍ରସଙ୍ଗରେ ବଡ଼ ବଡ଼ ସ୍କୁଲରେ କଲେଜରେ ସଭାମାନ ବିଜ୍ଞାନ ଶିକ୍ଷକମାନଙ୍କ ଦ୍ୱାରା ହେଉଥିଲା । ଆମ କଲେଜରେ ଅଧ୍ୟାପକ ତ୍ରିଲୋଚନ ଦାଶ ଜୁଲାଇ ୨୭ ତାରିଖରେ ଆପୋଲୋ-୧୧ ମହାକାଶ ଯାନର ଗତିବିଧି ଓ ଚନ୍ଦ୍ର ପୃଷ୍ଠରେ ଆମ୍ରଷ୍ଟ୍ରଙ୍ଗ ଓ ଏଡୱିନ୍ ଆଲଡ୍ରିନ୍‌ଙ୍କ ତିନିଘଣ୍ଟା ରହଣି ସଂପର୍କରେ ଏକ ଦୀର୍ଘ ଭାଷଣ ପ୍ରାୟ ଦେଢ଼ଘଣ୍ଟା ଧରିଦେଇଥିଲେ । ସେପରି ବିଜ୍ଞାନ ସମ୍ବନ୍ଧୀୟ ଉଚ୍ଚମାନର ବକ୍ତୃତା ମୁଁ କ୍ୱଚିତ୍ ଶୁଣିଛି । ସେ କଲେଜକୁ ବିଜ୍ଞ ପ୍ରଫେସରମାନଙ୍କୁ ନିମନ୍ତ୍ରଣ କରି ତାଙ୍କଠାରୁ ମଧ୍ୟ ବକ୍ତୃତା ଆମମାନଙ୍କୁ ଶୁଣାଉଥିଲେ । ଥରେ ସେ ସମୟରେ ଆମ କଲେଜକୁ ଆସିଥିଲେ ରେଭେନ୍‌ସା କଲେଜର ବିଶିଷ୍ଟ ପଦାର୍ଥ ବିଦ୍ୟା ଶିକ୍ଷକ ଡକ୍ଟର ବ୍ରଜସୁନ୍ଦର ମହାନ୍ତି । ସେ ଆମକୁ ଦୈନନ୍ଦିନ ଜୀବନରେ ବିଜ୍ଞାନ ସଂପର୍କରେ ସୁନ୍ଦର ଭାଷଣଟିଏ ଦେଇଥିଲେ । ତାଙ୍କ ଭାଷଣ ଦ୍ୱାରା ମୁଁ ପ୍ରଭାବିତ ହୋଇ କଲେଜ ଲାଇବ୍ରେରୀରୁ ବର୍ଟ୍ରାଣ୍ଡ୍ ରସେଲଙ୍କ 'The Impact of Science on Society' ବହିଟି ନେଇ ପଢ଼ିଥିଲି । କେବଳ ସେତିକି ନୁହେଁ ମୁଁ ସେଇ ଦିନରୁ ଏଯାବତ୍ ଜନପ୍ରିୟ ବିଜ୍ଞାନ ରଚନା ପଢ଼ିବା ଅଭ୍ୟାସ ରଖିଛି । କେତେକ ବିଜ୍ଞାନ ବିଷୟକ ଲେଖାକୁ ଇଂରାଜୀରୁ ଓଡ଼ିଆରେ ଭାଷାନ୍ତର କରିଛି ଏବଂ ବିଜ୍ଞାନ-ସାହିତ୍ୟର ମଧ୍ୟ ଆଲୋଚନା କରିଛି ।

ମୁଁ ୧୯୭୦ ମସିହାରେ ପ୍ରଥମବର୍ଷ ବିଜ୍ଞାନ ପାସ୍ କଲି ଓ ମେଡ଼ିକାଲ କିମ୍ବା ଭେଟେନାରୀ ସାଇନ୍‌ସ ପଢ଼ିବାକୁ ଚେଷ୍ଟାକଲି । ମୁଁ ଭେଟେନାରୀ ସାଇନ୍‌ସ ପଢ଼ିବାକୁ ସିଟ୍ ପାଇଥିଲି । ପଢ଼ିବା ପାଇଁ ଅର୍ଥାଭାବ ଓ ପଶୁ ଡାକ୍ତର ହେବାପାଇଁ ମୋର ସେତେ ଆଗ୍ରହ ନଥିବାରୁ ଆଉ ବିଜ୍ଞାନ ପଢ଼ିଲି ନାହିଁ । ୧୯୭୦ ମସିହା ଜୁଲାଇରୁ ୧୯୭୧ ଜୁନ୍ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି କ'ଣପଢ଼ିବି, କେଉଁ ବିଷୟ ପଢ଼ିବି ଭାବି ଭାବି

ଶେଷରେ ପୁଣି ସେଇ ଏନ୍.ସି.କଲେଜ, ଯାଜପୁରରେ ଆସି ଓଡ଼ିଆ ଅନର୍ସ ଓ ଦର୍ଶନ ଶାସ୍ତ୍ର ନେଇ ବି.ଏ ପଢ଼ିଲି ।

ମୁଁ ଜୁଲାଇ ୧୯୭୦ ରୁ ଜୁନ୍ ୧୯୭୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହୁଥିଲି । ସେତେବେଳକୁ ମୋ ବଡ଼ଭାଇ ସୌରୀବଂଧୁ କର ସେଠି ଥାଆନ୍ତି । ମୁଁ କିଛିଦିନ ତାଙ୍କ ସହିତ ଆଉ କିଛିଦିନ ନାନୀ ଘରେ ରହି ପାଖାପାଖି ବର୍ଷଟିଏ କଟାଇଥିଲି । ଏତିକି ବେଳେ ମୁଁ ମଧ୍ୟ ନୂଆକରି ଗଢ଼ି ଉଠିଥିବା ୪ନମ୍ବର ହାଟରେ ଛୋଟ ବହି ଦୋକାନଟିଏ କରିଥିଲି । ବହି ସହିତ କଲମ, ପେନ୍‌ସିଲ୍, କାଗଜ, କାଚ ଗ୍ଲାସ, ସୌଖିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସେଠାରେ ବିକ୍ରି କରୁଥିଲି । ଏହି ସମୟରେ ମୁଁ ଓଡ଼ିଶାର ବିଶିଷ୍ଟ ଜନନାୟକ, ରାଜଧାନୀ ଭୁବନେଶ୍ୱରର ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବଙ୍କ ସଂପର୍କରେ ଆସିଥିଲି । ସେ ମୋର ସାହିତ୍ୟ ବୋଧ ଶକ୍ତି ଦେଖି ମୋତେ 'ପ୍ରଜାତନ୍ତ୍ର'ରେ ଲେଖାଲେଖି କରିବାକୁ ଉତ୍ସାହ ଦେଇଥିଲେ । ମୁଁ ବି.ଏ.ପଢ଼ିବା ବେଳେ 'ପ୍ରଜାତନ୍ତ୍ର' ସାହିତ୍ୟ ପୃଷ୍ଠାରେ କେତେଗୁଡ଼ିଏ ଲେଖା ଲେଖିଥିଲି । ମୋର ଏହାର ସଂପାଦକ ଶ୍ରୀହର୍ଷ ମିଶ୍ରଙ୍କ ସହ ଖୁବ୍ ଭଲ ସଂପର୍କ ଥିଲା ।

ମୁଁ ବି.ଏ ପଢ଼ିବାବେଳେ ମୋର ଓଡ଼ିଆ ଶିକ୍ଷକ ଥିଲେ ପ୍ରାଧାପକ ବୁଧେଶ୍ୱର ଦୀକ୍ଷିତ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ର , ଅଧାପିକା (ଶ୍ରୀମତୀ) ବସୁମତୀ ପଟ୍ଟନାୟକ, ଅଧାପକ ରବୀନ୍ଦ୍ର କୁମାର ପ୍ରହରାଜ, ଅଧାପକ ପ୍ରଫୁଲ୍ଲ କୁମାର ରଥ, ଅଧାପକ ଦଶରଥ ନାୟକ । ଦର୍ଶନ ଶାସ୍ତ୍ରର ଶିକ୍ଷକ ଥିଲେ ଅଧାପକ ବନ ବିହାରୀ ଚୌଧୁରୀ,ଅଧ୍ୟାପକ ଫନୀ ମହାନ୍ତି ଓ ଅଧାପକ ଆର୍ଯ୍ୟପ୍ରକାଶ ସାହୁ । ଇଂରାଜୀ ବିଭାଗରେ ଥିଲେ ଜଣାଶୁଣା ପ୍ରାଧାପକ ପରେଶ ଚନ୍ଦ୍ର ରାଉତ, ଅଧାପକ ସୁରେଶ ଚନ୍ଦ୍ର ଦାଶ, ପରେଶ ଚନ୍ଦ୍ର ଦାଶ, ରାଜୀବ ଲୋଚନ ପଟ୍ଟନାୟକ, ସୁଧୀର ଯୋଷୀ, ପ୍ରକାଶ ରାୟ ଚୌଧୁରୀ । ୧୯୭୧ ରେ କାଳପୁରୁଷର କାଳଜୟୀ ସ୍ରଷ୍ଟା ଗୁରୁପ୍ରସାଦ ମହାନ୍ତି ଅଧକ୍ଷ ଥିଲେ । ସେ ୧୯୭୨ ଗ୍ରୀଷ୍ମଛୁଟି ପୂର୍ବରୁ ବଦଳି ହୋଇ ଚାଲିଗଲେ ଓ ତାଙ୍କ ପରେ ଆସିଲେ ରାଜେନ୍ଦ୍ର ପ୍ରସାଦ ଦାସ । ପ୍ରକୃତରେ ୧୯୭୨ରେ ରାଜେନ୍ଦ୍ର ପ୍ରସାଦ ଦାସ ଏନ୍.ସି. କଲେଜର ଅଧକ୍ଷ ପଦମଣ୍ଡନ କରିବା ପରେ ଏହାର ସର୍ବାଙ୍ଗୀନ ଉନ୍ନତି ହୋଇଥିଲା ।

ଅଧକ୍ଷ ରୂପେ ରାଜେନ୍ଦ୍ର ସାର୍ ଯୋଗଦେବାର ଦିନେ ଦୁଇଦିନ ମଧ୍ୟରେ ମୋତେ ଚିହ୍ନି ପାରିଥିଲେ । କାରଣ ମୋର ଚାଲି-ଚଳନ, ପୋଷାକ ପତ୍ର, ଛତାଧରି ସବୁବେଳେ ବୁଲିବା ଦ୍ୱାରା ମୁଁ ଅନ୍ୟମାନଙ୍କଠାରୁ ବାରି ହୋଇପଡୁଥିଲି । ମୋ ପୋଷାକ ଥିଲା ଖଦଡ

ଧୋତି ଓ ପୁରାହାତ ଧଳା ସାର୍ଟ । ସବୁବେଳେ ଦଳେ ପିଲାଙ୍କୁ ଧରି ବୁଲିବା, ପିଲାମାନଙ୍କ ସହ ବକ୍‌ବାଜି କରିବା ଓ ସମସ୍ତଙ୍କୁ ବ୍ୟଙ୍ଗବିଦ୍ରୂପ କରିବାରେ ମୁଁ ଧୂରନ୍ଧର ଥିଲି । ଏପରିକି ମୁଁ ନୂଆ କରି ଆସିଥିବା କିଛି ଶିକ୍ଷକଙ୍କୁ ମଧ୍ୟ ମୃଦୁ ପରିହାସ କରିବାକୁ ସଂକୋଚବୋଧ କରୁନଥିଲି । କଲେଜରେ ଯେତେ ଯାହା ଛୋଟ ବଡ଼ ଗଣ୍ଡଗୋଳ ହେଉଥିଲା, ସେତେବେଳେ ସେଥିରେ ସାମିଲ୍ ହେବାକୁ ମୁଁ ଖୁବ୍ ଭଲ ପାଉଥିଲି । ଏ ସତ୍ତ୍ୱେ ମୁଁ ସବୁ କ୍ଲାସକୁ ଯାଇ ଶିକ୍ଷକମାନେ ଯାହା ପଢ଼ାନ୍ତି ଶୁଣେ ଓ ମନ ଦେଇ ଟିପି ରଖେ । ମୁଁ ହଠାତ୍ ବିଜ୍ଞାନ ପଢ଼ା ଛାଡି ଦର୍ଶନ ଓ ଓଡ଼ିଆ ଅନର୍ସ ନେଇ ବି.ଏ. ପଢୁଥିବାରୁ, ମୋତେ ଥଟ୍ଟାରେ କଲେଜରେ କହନ୍ତି 'ହାଫ୍ ବି.ଏ.' । ମୋର କଲେଜରେ ନାନା କିସମର ଚଗଲାମିକୁ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଅଧ୍ୟାପକଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ । ଦିନେ ବୋଧହୁଏ ଇଂରାଜୀ କ୍ଲାସରେ ପଢ଼ା ହେବାବେଳେ ଏମିତି ଗଣ୍ଡଗୋଳ ହେଲା, ମୁଁ ଧରାହୋଇ ଅଧ୍ୟକ୍ଷଙ୍କ ଅଫିସ୍‌କୁ ଗଲି । ସେ ମୋ'ଠାରୁ ମୋ ରଫ୍‌ଖାତାଟି ମାଗିନେଇ ପ୍ରାୟ ଅଧଘଣ୍ଟାଏ ପଢିଲେ । ମୁଁ ସେଥିରେ ନାନା କିସମର ମନ୍ତବ୍ୟ ଅଧ୍ୟାପନା ହୋଇଥିବା ବିଷୟ ସଂପର୍କରେ ଦେଇଥାଏ । ମୁଁ ରୀତିକାବ୍ୟ ସଂପର୍କରେ ଲେଖିଥାଏ ଏ କାବ୍ୟ ପଢ଼ିଲେ ପୁରୁଷମାନେ ଲେପ୍ଟରାଇଟ୍ ହେବେ, ଝିଅମାନେ ପରପୁରୁଷରେ ମାତିବେ ଓ ଏହାର କବିମାନେ ହସିବେ, ରସିବେ, ନାଚିବେ, ଗାଇବେ, ମତୁଆଲା ହେବେ । ସମସ୍ତଙ୍କୁ ସ୍ୱର୍ଗସୁଖ ଦେବେ, ରାଧାକୃଷ୍ଣ ନାଁ ଧରି ଝିଅ ବୋହୂଙ୍କୁ ଚଲୁ କରିବେ ଇତ୍ୟାଦି ଇତ୍ୟାଦି । ପୁଣି ପଢ଼ା ଯାଇଥିବା ରତ୍ନାକର ପତିଙ୍କ 'ମନ୍ତବ୍ୟ ପ୍ରକାଶ' ସଂପର୍କରେ ମୁଁ ଅଭିମତ ଦେଇ ମୋ ରଫଖାତାରେ ଲେଖିଥାଏ, "ସମାଲୋଚକକୁ ବୃଷଭ ପଶ୍ଚାତ୍ ସହିତ ତୁଳନା କରାଗଲେ କ୍ଷତି କ'ଣ ?" ପୁଣି ଲେଖିଥାଏ- ସାହିତ୍ୟର ସତ୍‌ସମାଲୋଚକ ହେଉଛି ପରିଛିଦ୍ର ନିରୀକ୍ଷଣ କମିଟିର ଚେୟାରମ୍ୟାନ । ତାଙ୍କ ପ୍ରକୋଷ୍ଠରେ କେହି ନଥାନ୍ତି । ମୋ ରଫ୍‌ଖାତା ଆମୂଳାନ୍ତ ପଢ଼ି ଗୋଟିଏ ପ୍ରାଣ ଖୋଲା ହସ ଅଧ୍ୟକ୍ଷ ଦାସ ମହୋଦୟ ହସିଲେ । ତା'ପରେ ସେ ମୋତେ ମୋ ଘର କଥା ପଚାରିଲେ । ମୁଁ କହିଲି- 'ସାର୍ ମୁଁ ଜଣେ ଗରିବ ବ୍ରାହ୍ମଣ ପିଲା । ମୁଁ ପିଉସୀ ଘରେ ରହି ପଢୁଛି । ତା'ର କେହି ପିଲାପିଲି ନାହାନ୍ତି, ସେ ବିଧବା । ଖଇରାବାଦ ଗାଁରୁ ଦୈନିକ ପାଞ୍ଚ କିଲୋମିଟର ଯିବା ପୁଣି ପାଞ୍ଚ କିଲୋମିଟର ଫେରିବା ପାଦରେ ଯାଇ ଆସି କରି ପଢୁଛି । ଏସବୁ ଶୁଣି ସେ କହିଲେ, 'ତମେ ଯାଅ । ତମ ରଫ୍‌ଖାତା ମତେ ସପ୍ତାହରେ ପ୍ରତି ଶନିବାର ଦେଖାଇବ । ମୁଁ ତା' ପରଠୁ ଶ୍ରେଣୀରେ ଯାହା ପଢ଼ାହୁଏ ମନ ଦେଇ ଶୁଣେ ଓ ଲେଖେ । ସାର୍ ଥରେ ମୋର ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ'

କାବ୍ୟର ରଫ୍‌ନୋଟ୍‌ସ ଦେଖି ସେଥିରେ ଗୁଡ୍ ଲେଖିଥିଲେ ।

ଆମ କଲେଜର ଅଧ୍ୟକ୍ଷ ଦାସ ମହୋଦୟ ସେତେବେଳେ କଲେଜର ସାଂସ୍କୃତିକ ବିକାଶ ପାଇଁ ବହୁବିଧ ଚେଷ୍ଟା କରିଥିଲେ । ତାଙ୍କରି ଉଦ୍ୟମରେ 'ଦର୍ଶନ' ନାମରେ ଏକ ହାତ ଲେଖା ପ୍ରାଚୀର ପତ୍ରିକା ବାହାରୁଥିଲା । ପତ୍ରିକାଟିକୁ ମୁଁ ମୂଳରୁ ଶେଷ ପର୍ଯ୍ୟନ୍ତ ହାତରେ ଲେଖୁଥିଲି । ଏହାର ପ୍ରଥମ ସଂଖ୍ୟାକୁ ତତ୍କାଳୀନ ଡି.ପି.ଆଇ. ପ୍ରଫେସର ବିଧୁଭୂଷଣ ଦାସ ଉଦ୍‌ଘାଟନ କରିଥିଲେ । ସେଥିରେ ଥିବା ମୋର ଲେଖା 'ଜୀବନ ସତ୍ୟ, ଦର୍ଶନ ସତ୍ୟ' ପ୍ରବନ୍ଧ ଓ ମୋର ହସ୍ତାକ୍ଷର ଦେଖି ମୋ ପିଠିରେ ହାତ ମାରି ମୋତେ ଆଶୀର୍ବାଦ କରିଥିଲେ । ସେଇ ଦିନରୁ ତାଙ୍କ ସହ ମୋର ସଂପର୍କ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଥିଲା । ମୁଁ ମଧ୍ୟ ତାଙ୍କ ମାଆଙ୍କୁ ଯାଜପୁର କଲେଜ ରୋଡରେ ରହୁଥିବା ଘରେ ନିୟମିତ ଭେଟୁଥିଲି । ତାଙ୍କ ମାଆ ନିର୍ମଳା ଦେବୀ ଜଣେ କବି ହୋଇଥିବାରୁ ମୁଁ ତାଙ୍କ ପାଖରେ ପହଞ୍ଚିବା ମାତ୍ରେ ମୋତେ ସେ ତାଙ୍କ କବିତା ଶୁଣାଉଥିଲେ ।

ଆମ ସମୟରେ କଲେଜରେ 'ବିରଜା ବକ୍ତୃତାମାଳା'ର ଶୁଭାରମ୍ଭ କରିଥିଲେ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ । ପ୍ରଥମ ବକ୍ତୃତା ଦେଇଥିଲେ ବିଶିଷ୍ଟ ଐତିହାସିକ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ପ୍ରଥମ ବକ୍ତୃତାରେ ଶୀର୍ଷକ ଥିଲା 'ଓଡ଼ିଶାର ଇତିହାସ ଓ ସଂସ୍କୃତିରେ ଯାଜପୁର' । ଏହା ଫେବୃୟାରୀ ୩,୪,୫-୧୯୭୩ରେ କଲେଜର ମୁକ୍ତ ପ୍ରାଙ୍ଗଣରେ ହୋଇଥିଲା । ବକ୍ତୃତା ଶୁଣିବାକୁ ଯାଜପୁରର ସବୁ ସ୍ତରର ଲୋକ ଆସୁଥିଲେ । ପ୍ରାୟ ପ୍ରତିଦିନ ଏହି ବକ୍ତୃତାକୁ ତିନି ହଜାର ପାଖାପାଖି ଲୋକ ଶୁଣୁଥିଲେ । ସେତେବେଳକୁ ଯାଜପୁର ଜିଲ୍ଲା ହୋଇନଥାଏ । ମଝିରେ ମଝିରେ ଜିଲ୍ଲାହେବାପାଇଁ ଯାଜପୁରବାସୀ ଆନ୍ଦୋଳନ, ଧାରଣା, ଧର୍ମଘଟ କରୁଥାନ୍ତି । କିନ୍ତୁ ବୌଦ୍ଧିକ ସ୍ତରରେ କୌଣସି କାର୍ଯ୍ୟକ୍ରମ ଜିଲ୍ଲା ଆନ୍ଦୋଳନ ପାଇଁ ହୋଇ ନଥିଲା । ଏଇ 'ବିରଜା ବକ୍ତୃତା ମାଳା'କୁ ଯାଜପୁର ଜିଲ୍ଲା ଆନ୍ଦୋଳନର ବୌଦ୍ଧିକ ମୋଡ ବୋଲି କେତେକ କହିଥିଲେ । ମୁଁ ବିରଜା ବକ୍ତୃତାମାଳାକୁ ଆସିଥିବା ଐତିହାସିକ ଡକ୍ଟର ପାଣିଗ୍ରାହୀଙ୍କୁ ମନ୍ଦିର ଦେଖାଇଥିଲି । ସେଇ ଛାତ୍ରାବସ୍ଥାରୁ ମୋର ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ସହ ସଂପର୍କ ରହିଥିଲା ।

ମୁଁ ବି.ଏ. ଶେଷବର୍ଷ ଛାତ୍ର ଥିବାବେଳେ କଲେଜରୁ 'ଓଡ଼ିଆ ସାହିତ୍ୟ ସମାଜ'ର ସଂପାଦକ ଥିଲି । ସେଇବର୍ଷ ପ୍ରଥମ କରି ସମାଜ ପକ୍ଷରୁ 'ନବଦୂର୍ବା' ନାମରେ ଏକ ମୁଖପତ୍ର ବାହାରିଥିଲା । ସେଥିରେ ଛାତ୍ର, ଶିକ୍ଷକ ସମସ୍ତେ ଲେଖିଥିଲେ । ମୁଁ ସଂପାଦକ ଥିବାବେଳେ ଏକ ରାଜ୍ୟସ୍ତରୀୟ ସେମିନାର କରାଇଥିଲି । ସେମିନାରର ବିଷୟବସ୍ତୁ

ଥିଲା 'ସମକାଳୀନ ଓଡ଼ିଆ ସାହିତ୍ୟରେ ନୂତନତା' । ଏଥିରେ ବିଶିଷ୍ଟ ଗାଳ୍ପିକ ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର, ସାହିତ୍ୟ ସମୀକ୍ଷକ ଡକ୍ଟର କୃଷ୍ଣଚରଣ ସାହୁ ଓ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ ଯୋଗ ଦେଇଥିଲେ । ଆମ କଲେଜ ପକ୍ଷରୁ ଅଧ୍ୟାପକ ରବୀନ୍ଦ୍ର କୁମାର ପ୍ରହରାଜ 'ସମକାଳୀନ ଓଡ଼ିଆ ନାଟକରେ ନୂତନତା' ସଂପର୍କରେ କହିଥିଲେ ।

ମୁଁ ବି.ଏ. ପଢ଼ିବା ବେଳେ ସଂଗୀତ ପ୍ରତିଯୋଗିତାରେ ଓଡ଼ିଆ ଭାଗବତ ଆବୃତ୍ତି କରିଥିଲି । ଏହାକୁ ମୋର ଅନେକ ସହପାଠୀ ହସି ହସି ମୋତେ ବିଦ୍ରୂପ କରିଥିଲେ । କିନ୍ତୁ ସେ ସମୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବୁଧେଶ୍ୱର ଦୀକ୍ଷିତ, ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ ମୋର ଭାଗବତ ଆବୃତ୍ତିକୁ ପସନ୍ଦ କରିଥିଲେ । ସେତେବେଳେ ମୋର ଭାଗବତ ଗାନ କରିବାକୁ ଯେଉଁମାନେ ବିରୋଧ କରିଥିଲେ ସେମାନେ ଆଜି ଭାଗବତର ସୁମଧୁର କ୍ୟାସେଟ୍ ଶୁଣି ନିଶ୍ଚୟ ଆତ୍ମ ପ୍ରସାଦ ଅନୁଭବ କରୁଥିବେ ।

ମୁଁ ଓଡ଼ିଆ ଅନର୍ସ ନେଇ ପଢ଼ିବାବେଳେ ଆମର ଶିକ୍ଷକମାନେ ଖୁବ୍ ଭଲ ପଢ଼ାଉଥିଲେ । ଆମର ମୁଖ୍ୟ ବୁଧେଶ୍ୱର ସାର୍ ଆମକୁ ଓଡ଼ିଆ ସାହିତ୍ୟର ଇତିହାସ ଓ ଓଡ଼ିଆ ଭାଷାର ଇତିହାସ ପଢ଼ାଉଥିବା ବେଳେ, ଲକ୍ଷ୍ମୀକାନ୍ତ ସାର୍ 'ଲାବଣ୍ୟବତୀ', 'ରହସ୍ୟମଞ୍ଜରୀ', ବସୁମତୀ ମାଡାମ ପାଲି 'ଧମ୍ମପଦ', 'ପ୍ରବନ୍ଧ', ପ୍ରହରାଜ ସାର୍ ଗଳ୍ପ ଉପନ୍ୟାସ, ପ୍ରଫୁଲ୍ଲ ସାର୍ ଆଧୁନିକ କବିତା ଓ ଦଶରଥ ସାର୍ ସାହିତ୍ୟ ସମାଲୋଚନା, କୁସୁମାଞ୍ଜଳି, ପଢ଼ାଉଥିଲେ । ସେ ସମୟରେ ଅନର୍ସ ବହି ଯାଜପୁରରେ ମିଳୁନଥିଲା । ମୋତେ ଦଶରଥ ସାର୍ କେତେକ ବହି କଟକରୁ ଶ୍ରଦ୍ଧାରେ ଆଣି ମାଗଣାରେ ଦେଇଥିଲେ । ଆମେ ସାହିତ୍ୟ ଆଲୋଚନା ପାଇଁ ଲାଇବ୍ରେରୀରେ ଥିବା କିଛି 'ଝଙ୍କାର' ପତ୍ରିକାକୁ ବ୍ୟବହାର କରୁଥିଲୁ ଏବଂ ମୁଁ ବ୍ୟକ୍ତିଗତ ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀରୁ କିଛି 'କୋଣାର୍କ' ପତ୍ରିକା କିଣି ସେଥିରେ ଥିବା ଉଚ୍ଚ ମାନର ଆଲୋଚନା ମାନ ପଢ଼ିଥିଲି । ଏଥି ସହିତ କ୍ଲାସର ପଢ଼ାପଢ଼ିକୁ ଆଧାର କରି ମୁଁ ନୋଟସ୍ ପ୍ରସ୍ତୁତ କରି ପଢ଼ିଥିଲି । ପତ୍ର ପତ୍ରିକା ପଢ଼ିବାବେଳେ ମୁଁ ଏହାର ସଂଖ୍ୟା ଓ ପୃଷ୍ଠାକୁ ମନେ ରଖୁଥିଲି । ସେ ସମୟରେ ଗୋଟିଏ ଧାରଣା ଥିଲା ଯେ ଓଡ଼ିଆରେ ଅନର୍ସ ମିଳିବା ଅତି କଷ୍ଟ । ତେଣୁ ଦିନ ରାତି କଠିନ ପରିଶ୍ରମ ପୂର୍ବକ ମୁଁ ପାଠ ପଢୁଥିଲି । ମୁଁ ପଢ଼ିବାବେଳେ ଭାବେ ବିଜ୍ଞାନ ଛାଡ଼ି ଓଡ଼ିଆ ପଢ଼ିଲି, ଯଦି ଅନର୍ସ ପାଇବି, ତେବେ ସ୍ନାତକୋତ୍ତର ଶ୍ରେଣୀରେ ସିଟ୍‌ଟିଏ ମିଳିବ । ନଚେତ୍ ଏତିକିରେ ପାଠପଢ଼ା ବନ୍ଦ ହେବ । ପୁଣି ଚିନ୍ତାକରେ ଏଇ ପିଲାତ ସବୁ ଅନର୍ସରେ ପ୍ରଥମ ଶ୍ରେଣୀ ପାଉଛନ୍ତି । ଓଡ଼ିଆ ଅନର୍ସରେ କାହିଁକି ନ ପାଇବି ? ଅନର୍ସରେ ନିଶ୍ଚୟ

ମୋର ପ୍ରଥମ ଶ୍ରେଣୀ ହେବ, ଏଇ ଉଚ୍ଚାଭିଳାଷ ନେଇ ମୁଁ ପୁରାଦମ୍‌ରେ ପଢ଼ାପଢ଼ିରେ ଲାଗିଗଲି । ଗୋଟିଏ ପ୍ରଶ୍ନକୁ କେତେକ ଶବ୍ଦ ମଧ୍ୟରେ ଲେଖିଲେ ଭଲ ହେବ, କେମିତି ଓଡ଼ିଆ ସାହିତ୍ୟର ଇତିହାସ ଲେଖିଲେ ପ୍ରଭାବଶାଳୀ ହେବ, କିପରି ଓଡ଼ିଆ ଭାଷାର ଇତିହାସ ପ୍ରଶ୍ନର ଉତ୍ତର ଦେବାକୁ ହେବ ଓ ସରଳାର୍ଥ ଗୁଡ଼ିକ ଲେଖିବାର କିପରି ବିଧି ହେବା ଦରକାର- ଏ ନେଇ ମୁଁ ମୋ ଢଙ୍ଗରେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଗଲି । ଆଗ ଅନର୍ସ ପରୀକ୍ଷା ହେଲା । ମୋର ଛଅଟି ଯାକ ପତ୍ର ଖୁବ୍ ଭଲ ହୋଇଥିଲା । ଦର୍ଶନ, ଇଂରାଜୀ, ଆଧୁନିକ ଭାରତୀୟ ଭାଷା (ଓଡ଼ିଆ) ମଧ୍ୟ ଭଲ ହୋଇଥିଲା । ପରୀକ୍ଷା ସରିଗଲା । କେବଳ ଫଳକୁ ଅପେକ୍ଷା । ଆମେ ଯାହା ଶୁଣୁ ଓଡ଼ିଆ ଅନର୍ସ ଖାତା ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ, ପ୍ରଫେସର ପ୍ରହ୍ଲାଦ ପ୍ରଧାନ, ପ୍ରଫେସର ଗୋଲୋକ ବିହାରୀ ଧଳ, ପ୍ରଫେସର ବଂଶୀଧର ମହାନ୍ତିଙ୍କ ପରି ଭାଷା-ସାହିତ୍ୟ ବିଭାଗର ଖ୍ୟାତନାମା ପ୍ରଫେସରମାନେ ଦେଖନ୍ତି । ପୁଣି ସେମାନେ ଭଲ ନମ୍ବର ଦେବାକୁ ଅତ୍ୟନ୍ତ ବିମୁଖ । ଏସବୁ ଭାବି ପରୀକ୍ଷା ଫଳ ବାହାରିବା ପର୍ଯ୍ୟନ୍ତ ମୋତେ ପ୍ରାୟ ନିଦ ହେଉନଥିଲା । ଅବଶେଷରେ ସମସ୍ତ ଉତ୍କଣ୍ଠାର ଅବସାନ ଘଟିଲା ଓ ପ୍ରଥମ ଶ୍ରେଣୀ ଓଡ଼ିଆ ଅନର୍ସ ମୁଁ ପାଇଲି । ମୋ ପରୀକ୍ଷା ଫଳ ଏନ୍.ସି.କଲେଜ, ଯାଜପୁର ପାଇଁ ଥିଲା ଏକ ଗୌରବର କଥା । କାରଣ ମୋ ପୂର୍ବରୁ ଏହି କଲେଜରୁ କେହି ଅନର୍ସରେ ପ୍ରଥମ ଶ୍ରେଣୀ ପାଇନଥିଲେ । ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ ମୋର ପ୍ରଥମ ଶ୍ରେଣୀ ଅନର୍ସ ପାଇବାରେ ଏତେ ଖୁସି ହୋଇଥିଲେ ଯେ ସେ ମୋତେ ତାଙ୍କ ସହିତ ପରୀକ୍ଷା ଫଳ ଜଣା ପଡିବା ଦିନ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ । ତଳ ଶ୍ରେଣୀରେ ପଢୁଥିବା ଛାତ୍ରମାନେ ମୋତେ ସମ୍ମାନ ଜଣାଇଥିଲେ ଓ ଓଡ଼ିଆ ବିଭାଗର ଶିକ୍ଷକମାନେ ଅତି ଆନନ୍ଦିତ ହୋଇଥିଲେ ।

ଯାଜପୁରରେ ବି.ଏ ପଢ଼ିବାବେଳକୁ ମୋର କିଛି ଲେଖା 'ପ୍ରଜାତନ୍ତ୍ର' ସାହିତ୍ୟ ବିଭାଗ, 'ଆସନ୍ତାକାଲି', ଯାଜପୁରରୁ ପ୍ରକାଶ ପାଉଥିବା କିଛି ପତ୍ରିକାରେ ବାହାରିଥିଲା । ଏଥିପାଇଁ ମୋର ଦର୍ଶନ ଶିକ୍ଷକ ଅଧ୍ୟାପକ ଫନୀ ମହାନ୍ତି ଅନେକାଂଶରେ ଦାୟୀ । ସେତେବେଳେ ସେ ଯାହା କବିତା ଲେଖନ୍ତି, ମୋତେ କେତେକ ଶୁଣାନ୍ତି ଏବଂ ବେଳେ ବେଳେ ତାକୁ ଭଲ ହସ୍ତାକ୍ଷରରେ ଉତାରିବା ପାଇଁ କହନ୍ତି । ମୁଁ ଉତାରି ଦିଏ । ସେ କହନ୍ତି, 'ତମେ ଲେଖୁନା, ମୁଁ 'ଆସନ୍ତାକାଲି' ପତ୍ରିକାକୁ ସୁପାରିଶ କରି ପଠାଇବି ।' ସତକୁ ସତ ତାଙ୍କ ସୁପାରିଶରେ ମୋର ଲେଖା ଆସନ୍ତାକାଲିରେ ବାହାରିଥିଲା । ଏଇ

ସୂତ୍ରରେ ତାଙ୍କ ନିକଟରେ ମୁଁ ଋଣୀ । ତାଙ୍କ ପ୍ରେମ କବିତା ପଢ଼ିବାକୁ ମୋତେ ଭାରି ଭଲ ଲାଗୁଥିଲା । ସେ 'ରୁବି ପାଇଁ କେତୋଟି କବିତା' ସେ ସମୟରେ ଲେଖୁଥିଲେ । ସେତେବେଳେ ଆମ କଲେଜରେ 'ରୁବି' ବୋଲି ଝିଅଟିଏ ପଢୁଥାଏ । ତା' ନାଁରେ କବିତା ଦେଖି ମୁଁ କହିଲି ସାର୍ ଆମ ସହିତ ରୁବି ବୋଲି ଝିଅଟିଏ ପଢୁଛି । ସାର୍ ମୋତେ କହିଲେ, 'ସେଠୁ କ'ଣ ହେଲା ? ଏ ରୁବି କାବ୍ୟ ମାନସୀ ।' ମୁଁ ଚୁପ୍ ରହିଲି । ମୁଁ ତାଙ୍କ କବିତାର 'ନିଶବ୍ଦରେ ବର୍ଷାରାତି ଗର୍ଜୁଅଛି ମୋ କାନ୍ଥରେ ଗୁଣୁ ଗୁଣୁ ତମ କଣ୍ଠସ୍ୱର' କିମ୍ବା 'ପ୍ରଥମ ସାକ୍ଷାତ ଆମ ଆଦିବାସୀ ପଡିଆରେ ଲୁପ୍‌କେନ୍ଦ୍ର ଉଦ୍‌ଘାଟନ ବେଳେ' ଏଭଳି ଅଂଶଗୁଡ଼ିକ ସାଙ୍ଗ ଗହଳରେ ପଢ଼ି ଫନୀ ସାରଙ୍କ ରସିକତା ସଂପର୍କରେ କହେ । ସେତେବେଳକୁ ସାର୍ ବାହା ହୋଇନଥାନ୍ତି । ସେ ଯାଜପୁରରେ ଥିବାବେଳେ ତାଙ୍କ ବାହାଘର ହୋଇଥିଲା ପୁଷ୍ପାଦେବୀଙ୍କ ସହ । ଭୁବନେଶ୍ୱରରେ ବାହାଘର ହୋଇଥିଲା ଓ ମୁଁ ସେ ବାହାଘରରେ ଯୋଗ ଦେଇଥିଲି ।

ବି.ଏ.ତ ପ୍ରଥମ ଶ୍ରେଣୀ ଅନର୍ସ ସହ ପାସ୍ କଲି । କେଉଁଠି ପଢ଼ିବି ।ରେଭେନ୍‌ସା ନା ବାଣୀବିହାର । ଆଗ ବାଣୀବିହାରରୁ ଇଣ୍ଟିମେସନ୍ ଲେଟର ଆସିବାରୁ ସେଠି ନାମ ଲେଖାଇଲି । ମୋ ନାମ ଲେଖା ଦିନ ମୋତେ ସାଙ୍ଗରେ ଏନ୍.ସି.କଲେଜର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ ନେଇ ପ୍ରଫେସର ବଂଶୀଧର ମହାନ୍ତି, ପ୍ରାଧ୍ୟାପକ କୃଷ୍ଣଚରଣ ସାହୁଙ୍କ ସହ ଚିହ୍ନାକରାଇ ଦେଇଥିଲେ । ମୋ ବଡ଼ ଭାଇ ସୌରୀବଂଧୁ କର ସେତେବେଳକୁ କାନାରା ବ୍ୟାଙ୍କ୍‌ରେ ଚାକିରି କଲେଣି । ସେ ବାଣୀବିହାରରେ ନାମଲେଖା ଓ ହଷ୍ଟେଲ ରହିବା ପାଇଁ ଦେୟ ମୋତେ ଦେଇଥିଲେ ।

- ୨ -

ମୁଁ ବାଣୀବିହାରରେ ଏମ୍.ଏ.ପଢ଼ିବା ବେଳେ ହଷ୍ଟେଲରେ ରହି ପଢୁଥିଲି । ମୁଁ ପ୍ରଥମ ଛାତ୍ରାବାସ ୫୪ ନମ୍ବର ପ୍ରକୋଷ୍ଠରେ ରହୁଥିଲି । ମୋତେ ସେତେବେଳେ ମାସିକ ଜାତୀୟ ମେଧାବୃତ୍ତି ୧୫୦ ଟଙ୍କା ମିଳୁଥିଲା । ମୋ ନନା ମାସିକ ୫୦ଟଙ୍କା ପଠାଉଥିଲା । ମୁଁ ଅତି ଆନନ୍ଦରେ ଏମ୍.ଏ.ଦୁଇବର୍ଷ (୧୯୭୩-୧୯୭୫) ପଢ଼ିଥିଲି । ପ୍ରତି ମାସରେ ଭଲ ବହି କିଣିବା, ମଝିରେ ମଝିରେ କଟକ ବୁଲିଯିବା ପାଇଁ ଏଟଙ୍କା ଯଥେଷ୍ଟ ଥିଲା । ମୁଁ ବାଣୀବିହାର ପଢ଼ିବାବେଳେ ଆଉ ଧୋତି, ସାର୍ଟ ନପିନ୍ଧି ପ୍ୟାଣ୍ଟ୍ ସାର୍ଟ ପିନ୍ଧିଲି । ଧଳା ପ୍ୟାଣ୍ଟ, ଧଳା ସାର୍ଟ, ଧଳା ଗାମୁଛା, ଧଳା ବେଡ୍‌ସିଟ୍ ସବୁବେଳେ

ବ୍ୟବହାର କଲି । ମୁଁ ସେଇ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ମଧ୍ୟ ଲେଖାଲେଖି କରୁଥିଲି । ମୁଁ ୧୯୭୩ ରେ ନାମ ଲେଖାଇବା ବେଳକୁ ଆମର କୁଳପତି ଥିଲେ ଡକ୍ଟର ରମାନାଥ ମହାନ୍ତି । ସେ ସରଳ, ଭଦ୍ର,ଶାନ୍ତ ସ୍ୱଭାବର ମଣିଷ ଥିଲେ । ପିଲାମାନେ ସେ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଗଣ୍ଡଗୋଳ, ଘେରାଉ ଓ ଧର୍ମଘଟ କରୁଥିଲେ । ତାଙ୍କୁ ସରକାର ନାଟକୀୟ ଭାବରେ ଅପସାରଣ କରି ଜଣେ ବରିଷ୍ଠ କମିଶନର ପାହ୍ୟା ଅଫିସର ଜ୍ଞାନଚାନ୍ଦଙ୍କୁ ୧୯୭୪ ମସିହା ଜୁଲାଇ ମାସରେ ପ୍ରଶାସକ ରୂପେ ନିଯୁକ୍ତି ଦେଇଥିଲେ । ପ୍ରଥମେ ସେ ଛାତ୍ରମାନଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସେ ଚତୁରତାର ସହ ଏସବୁକୁ ନିୟନ୍ତ୍ରଣ କରି ବିଶ୍ୱବିଦ୍ୟାଳୟକୁ ସୁଚାରୁ ରୂପେ ଚଳାଇ ଥିଲେ । ସେ ମଇମାସ ୧୯୭୬ ପର୍ଯ୍ୟନ୍ତ ପ୍ରଶାସକ ଭାବେ ରହି ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିଥିଲେ । ଦୁଃଖର ବିଷୟ ତାହାଙ୍କ ଶାସନ ସମୟରେ ରାଜନୀତି ବିଜ୍ଞାନର ବିଖ୍ୟାତ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା । ତାହାଙ୍କ ବାଧତାମୂଳକ ଅବସର ଶୁଣି ତତ୍କାଳରେ ବହୁ ପ୍ରଫେସର ଭୟଭୀତ ହୋଇ ପଡିଥିଲେ । ଜ୍ଞାନଚାନ୍ଦ ପ୍ରଶାସକ ଥିବାବେଳେ ହଷ୍ଟେଲରେ ମେସ୍ ନିୟମିତ ଚାଲୁଥିଲା ଓ ଭଲ ଖାଦ୍ୟ ଛାତ୍ରମାନଙ୍କୁ ଦିଆଯାଉଥିଲା । ମୁଁ ଓଡ଼ିଆ ବିଭାଗ ତରଫରୁ ସେମିନାର ସେକ୍ରେଟାରୀ ଭାବେ ତିନିଥର ତାଙ୍କୁ ଭେଟିଥିଲି । ଥରେ ମୁଁ ପାଠଚକ୍ର ପ୍ରବନ୍ଧାବଳୀ ପାଇଁ ବାର୍ତ୍ତା ଆଣିବାକୁ ଯାଇଥିବାବେଳେ, ଆଉ ଥରେ ପାଠଚକ୍ର ବାର୍ଷିକୋତ୍ସବକୁ ନିମନ୍ତ୍ରଣ ଓ ଶେଷଥର ଓଡ଼ିଆ ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାପରେ ଦେଖା କରିଥିଲି । ସେ ଛାତ୍ରମାନଙ୍କୁ ଖୁବ୍ ଭଲ ପାଉଥିଲେ । ଏପରିକି ମୁଁ ଅଧ୍ୟାପନା ବୃତ୍ତିରେ ଥିବା ବେଳେ ମୋର ଦୂର ସ୍ଥାନକୁ ହୋଇଥିବା ବଦଳି ବାତିଲ ପାଇଁ ସେ ଚିଫ୍ ସେକ୍ରେଟାରୀ ଥିବାବେଳେ ମୁଁ ତାଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟିଥିଲି । ସେ ମୋତେ ସାହାଯ୍ୟ କରିଥିଲେ ।

ମୁଁ ବାଣୀବିହାରରେ ପଢ଼ିବାବେଳେ ଆମ ବିଭାଗରେ ଚାରିଜଣ ଶିକ୍ଷକ ଥିଲେ ' ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି ପ୍ରାଧ୍ୟାପକ ଡକ୍ଟର କୃଷ୍ଣଚରଣ ସାହୁ, ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ, ଅଧ୍ୟାପକ ବାସୁଦେବ ସାହୁ ଓ ଭାରତୀୟ ସାହିତ୍ୟ ହିନ୍ଦୀ ପଢ଼ାଉଥିଲେ ଅଧ୍ୟାପକ ସି.ଏସ୍.କେ.ଜୈନ । ସେ ସମୟରେ ଗବେଷଣା ସହାୟକ ଥିବା ଫକୀର ଦାସ ସଂସ୍କୃତ ପଢ଼ାଉଥିଲେ । ସେ ପଢ଼ାଇବା ସମୟରେ ଝିଅ ପିଲାଙ୍କ ଆଡକୁ ନ ଚାହିଁ ପଢ଼ାନ୍ତି । ସବୁବେଳେ 'ଶ୍ରୀଳ' ଓ 'ପେଲବ' ଶବ୍ଦ ଦୁଇଟି କହନ୍ତି । ଆମେ ସବୁ ତାଙ୍କୁ

ବିଭିନ୍ନ କଥା ପଚାରି ବିରକ୍ତ କରୁ । ଦିନେ ମୁଁ ତାଙ୍କ କଛା ପଛରୁ ଟାଣି ଫିଟାଇ, ଦେଇଥିଲି । ସେ ବୈଷ୍ଣବ ଦୀକ୍ଷା ନେଇଥିବାରୁ ତାଙ୍କୁ 'ରାଧାଭାବ' କ'ଣ ଆମ ଝିଅ ପିଲାଙ୍କୁ ଅବଲମ୍ବନ କରି ବୁଝାନ୍ତୁ ବୋଲି ମୁଁ କହେ । ସେ କ୍ରୋଧ ଜର୍ଜର ହୋଇ କ୍ଲାସରୁ ପଳାନ୍ତି । ସେ ସଂପର୍କରେ ଏଣୁ ତେଣୁ ଯାଇ ମୁଖ୍ୟ ପ୍ରଫେସର ବଂଶୀଧର ମହାନ୍ତି ସାର୍‌ଙ୍କୁ କହନ୍ତି । ସାର କହନ୍ତି- "ବାଉରୀ ବଂଧୁ ଭଲ ପିଲା । ଆଉ କେହି ତମକୁ ହଇରାଣ କରିଥିବ । ସେ ମୋର କେତେ ତାଳପତ୍ର ପୋଥି ଉତ୍ତାରିଛି । ସେ କଦାପି ଏପରି କହି ନଥିବ ।" ତା'ପରେ ଫକୀରବାବା ଆଉ କ'ଣ କହିବେ ?

ମୁଁ ବାଣୀବିହାରରେ ହଷ୍ଟେଲରେ ଥିବାବେଳେ ବଡ଼ ଅଦ୍ଭୁତ ଭାବରେ ପଢ଼ାପଢ଼ି କରୁଥିଲି । ମୋ ହଷ୍ଟେଲ ପ୍ରକୋଷ୍ଠ ଭିତରେ ଥିବା ଚାରିକାନ୍ଥରେ ନାଲି ପେନ୍‌ସିଲ୍‌ରେ ଇଂରାଜୀ, ସଂସ୍କୃତ, ଓଡ଼ିଆର ଉଦ୍ଧୃତିମାନ ଲେଖି ମନେ ରଖୁଥିଲି । ଗୋଟିଏ ପଟ କାନ୍ଥରେ ଇଂରାଜୀ, ଅନ୍ୟ ପଟେ ସଂସ୍କୃତ, ଆଉ ଦୁଇ ପାଖରେ ଓଡ଼ିଆ ଉଦ୍ଧୃତିମାନ ଲେଖିଥିଲି । ସେତେବେଳ ମୋ ପାଖକୁ ନିୟମିତ ଆସୁଥିବା ଗାଳ୍ପିକ କହ୍ନେଇଲାଲ୍ ଦାସ, ବାମପନ୍ଥୀ ଆଭିମୁଖ୍ୟର ଲେଖକ ଗୋବିନ୍ଦ ଚନ୍ଦ୍ର ମାହୁନ୍ତ, ଯାଜପୁରରେ ମୋତେ ପଢ଼ାଇଥିବା ମାନନୀୟ ଶିକ୍ଷକ ଅଧ୍ୟାପକ ଦଶରଥ ନାୟକ ପ୍ରମୁଖ ମୋର ସାହିତ୍ୟ ମନେ ରଖିବା ପାଇଁ ଏ ଧରଣର ଅଭିନବ କୌଶଳ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ସେଥିପାଇଁ ଏବେ ସୁଦ୍ଧା ମୋର ଅଳଙ୍କାର ଶାସ୍ତ୍ର ସଂପର୍କିତ ଦୀର୍ଘ ଶ୍ଳୋକମାନ ମନେ ଅଛି । ବାଣୀବିହାରରେ ପଢ଼ିବାବେଳେ ଆମର ଓଡ଼ିଆ ସେମିନାର ଲାଇବ୍ରେରୀ ସୁସଜ୍ଜିତ ହୋଇ ସୁନ୍ଦର ଭାବରେ ଥିଲା । ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବଂଶୀଧର ମହାନ୍ତି ଅନେକ ସମୟରେ ସେଠାରେ ପଢୁଥିଲେ । ଗୋଟିଏ ଆଲମିରାରେ କେବଳ ପୋଥି ଥିଲା । ମୁଁ ବହୁବାର ତାଙ୍କ ସହ ଆସି ସେଠାରେ ପୋଥି ଟିପାଟପି କରିଛି । ସେସବୁ ତାଙ୍କ ଦ୍ୱାରା ସଂଗୃହୀତ ବ୍ୟକ୍ତିଗତ ପୋଥି ଥିଲା । ସେ 'କାମିନୀ ବଶୀକରଣ ମନ୍ତ୍ର' ନାମକ ଖଣ୍ଡିଏ ପୋଥି ରଖିଥିଲେ । ସେଥିରୁ କିୟଦଂଶ ମୁଁ ଉତ୍ତାରି ଥିଲି । ତା'ର ଲେଖକ ଥିଲେ ତ୍ରିଲୋଚନ ଦାସ । ସେ ମହାଶୟଙ୍କ ଘର ପୁରୀ କାକଟପୁର ଅଞ୍ଚଳ ବୋଲି ସେଥିରେ ଉଲ୍ଲେଖ ଥିଲା । ସ୍ତ୍ରୀ ଲୋକମାନଙ୍କୁ କିପରି ଆୟତ୍ତ କରିବାକୁ ହେବ, ସେ ସଂପର୍କରେ ନାନା ରହସ୍ୟମୟ ପ୍ରସଙ୍ଗ ସେଥିରେ ଥିଲା । ସେଥିରେ କେତକେ ସ୍ଥଳରେ ଅଶ୍ଳୀଳ ଧାଡ଼ିମାନ ରହିଥିଲା । ସାର୍ ମୋତେ ସେତେବେଳେ କହିଥିଲେ, "ଏବେ ତମେ ଏ ପୋଥି ପଢ଼ିବା କିମ୍ବା ତାକୁ ସଂପାଦନା କରିବା ଠିକ୍ ନୁହେଁ, ଏପରି ପୋଥି ଭବିଷ୍ୟତରେ ଛାପିଲେ ଏହାକୁ

ଅନେକ ଲୋକ ଶ୍ରଦ୍ଧାରେ ପଢ଼ିବେ । ମୁଁ ସେଇଠି ସେଇ ତ୍ରିଲୋଚନ ଦାସଙ୍କର 'ଅନ୍ନବ୍ରହ୍ମ ଗୀତା' ନାମକ ଏକ ପୋଥି ପଢ଼ିଥିଲି । ସେଥିରେ ନିରାମିଷ ଦେବଭୋଗ୍ୟ ବ୍ୟଞ୍ଜନ କିପରି ପ୍ରସ୍ତୁତ କରିବାକୁ ହୁଏ, ସେ ସଂପର୍କରେ ଦୀର୍ଘ ବର୍ଣ୍ଣନା ଥିଲା । ମୁଁ ଛାତ୍ରଥିବା ବେଳେ ସାର୍‌ଙ୍କର ଏକାଧିକ ପୋଥି ତାଳପତ୍ରରୁ ସଂଗ୍ରହ କରିବାକୁ ଯାଇଛି । ତାଙ୍କ ନିକଟରେ ଓଡ଼ିଶାରେ କେଉଁଠି ସବୁ ପୋଥି ରହିଛି, ତାର ଦୀର୍ଘ ତାଲିକା ଥିଲା । ସେ ମୋ ସହାୟତାରେ ଯାଜପୁର ଅଞ୍ଚଳରୁ କେତେଗୁଡ଼ିଏ ମୂଲ୍ୟବାନ ନାଥଧର୍ମ ସଂପର୍କୀୟ ପୋଥି ସଂଗ୍ରହ କରିଥିଲେ ।

ପ୍ରଫେସର ବଂଶୀଧର ମହାନ୍ତିଙ୍କ ଅଧ୍ୟାପନା ରୀତି ଖୁବ୍ ଚମତ୍କାର ଥିଲା । ସେ ପ୍ରାୟ ଉପସ୍ଥାନ ନିଅନ୍ତି ନାହିଁ । ସେ ଆମକୁ ଖାରବେଳଙ୍କ 'ହାତୀଗୁମ୍ଫା ଶିଳାଲେଖ', 'ଓଡ଼ିଆ ସାହିତ୍ୟରେ ଧର୍ମଧାରା', 'ଓଡ଼ିଆ ବୈଷ୍ଣବ ସାହିତ୍ୟ' ପଢ଼ାଉଥିଲେ । ଅତି ଧୀର ସ୍ୱରରେ ସେ ଆସି ପଢ଼ା ଆରମ୍ଭ କରନ୍ତି । ପ୍ରଫେସର ସେତେବେଳେ ବିଭାଗରେ ଜଣେ । ସେ ପଢ଼ାଉଛନ୍ତି ତେଣୁ ସମସ୍ତେ ଚୁପ୍‌ଚାପ୍ ହୋଇ ଶୁଣନ୍ତି । ସେ ପଢ଼ାଇଲା ବେଳେ ଏକାଧିକ ବାର 'ହୁଁ' ଆଉ ବୁଝୁଛ କହନ୍ତି । ମୁଁ ପ୍ରଥମ ଧାଡିର ପ୍ରଥମ ସିଟ୍‌ରେ ବସିଥାଏ । ମୁଁ ମନ କର୍ଣ୍ଣ ଦେଇ ତାଙ୍କଠାରୁ ସବୁ ଶୁଣେ । ସେ ବୈଷ୍ଣବ ଧର୍ମ ପଢ଼ାଇଲେ ପ୍ରଥମେ ବୈଷ୍ଣବ ଧର୍ମ ସମ୍ବନ୍ଧୀୟ ପୁସ୍ତକ ରଚୟିତାଙ୍କ ଗ୍ରନ୍ଥର ଏକ ଲମ୍ବା ତାଲିକା ଦିଅନ୍ତି । ସେ ରାମଗୋପାଳ ଭଣ୍ଡାର କର, ଶଶିଭୂଷଣ ଦାଶଗୁପ୍ତ, ସୁଶୀଲ କୁମାର ଦେ, ସୁନୀତି କୁମାର ଚାଟାର୍ଜୀ, ଏଲ୍.ଏସ୍.ଏସ୍. ଓମାଲି, ପ୍ରଭାତ ମୁଖାର୍ଜୀଙ୍କ ବହିର ଏକ ଲମ୍ବା ତାଲିକା ଦିଅନ୍ତି । ସେ ବହି କେବଳ ତାଙ୍କରି ପାଖରେ ଥାଏ । ବଂଧୁମାନେ ଏ ଧରଣର ବହି ନ ପାଇ ଭାରି ବ୍ୟସ୍ତ ହୁଅନ୍ତି । ମୁଁ ଏ ବହି ଶ୍ରେଣୀର ସମୟ ଶେଷ ହେବା ପରେ କେଉଁଠୁ ମିଳିବ ସାର୍‌ଙ୍କୁ ପଚାରେ । ସାର୍ କହନ୍ତି ଇଚ୍ଛାଶକ୍ତି ଥିଲେ ମିଳିବ । ମୁଁ ସାର୍‌ଙ୍କର ପାଣ୍ଡୁଲିପି ପ୍ରସ୍ତୁତିରେ ସାହାଯ୍ୟ କରେ । ତେଣୁ ସାର୍ ଦୟାପରବଶ ହୋଇ ମୋତେ ଏମିତି କେତେ ଖଣ୍ଡ ଦୁର୍ଲ୍ଲଭ ବହି ପଢ଼ିବାକୁ ଦେଉଥିଲେ । ସାର୍ ସବୁବେଳେ କହନ୍ତି ଭଲ ବହି ଲୁଚାଇ ଲୁଚାଇ ପଢ଼ିବ, ଆବଶ୍ୟକ ସ୍ଥଳେ ତାକୁ ବ୍ୟବହାର କରିବ । ମୁଁ ଏପରି ଦୁର୍ଲ୍ଲଭ ପୁସ୍ତକ ସବୁ ତାଙ୍କ କୃପାରୁ ପଢ଼ିଥିଲି । ମୁଁ ତାଙ୍କ ସହିତ ବହୁବାର କଟକ ବହି ଦୋକାନ ଯାଇଛି । ସେ ମୋତେ ଛାତ୍ରାବସ୍ଥାରେ କଟକର ବିଶିଷ୍ଟ ପୁସ୍ତକ ପ୍ରକାଶକ ଶ୍ରୀଯୁକ୍ତ ଜଗଦୀଶ ଖଣ୍ଡାୟୀ, ଶ୍ରୀଯୁକ୍ତ ସହଦେବ ପ୍ରଧାନଙ୍କ ସହ ଚିହ୍ନା ପରିଚୟ କରାଇ ଦେଇଥିଲେ । ମୋ ଲେଖା ଛାପିବାରେ ଏହି ପ୍ରକାଶକ ଦ୍ୱୟ ମୋତେ ପ୍ରଭୂତ ସାହାଯ୍ୟ କରିଛନ୍ତି । ଆମ ବିଭାଗରେ

ପ୍ରାଧାପକ ଡକ୍ଟର କୃଷ୍ଣଚରଣ ସାହୁ ବିଶେଷ କରି ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ପଢ଼ାଉଥିଲେ । ସେ 'ରୁଦ୍ର ସୁଧାନିଧି', 'ବିଦଗ୍ଧ ଚିନ୍ତାମଣି', 'ରସ କଲ୍ଲୋଳ' ପଢ଼ାଉଥିଲେ । ସେ 'ରୁଦ୍ରସୁଧାନିଧି'କୁ ଷୋଡଶ ଶତାବ୍ଦୀର ରଚନା ବୋଲି କହନ୍ତି । ତାଙ୍କ ମତରେ ରୁଦ୍ରସୁଧାନିଧି ଓଡ଼ିଶାରେ ବୈଷ୍ଣବଧର୍ମର ପ୍ରଥମ ପଦଯାତ୍ରା ସମୟର ସୃଷ୍ଟି ଓ ଏଥିରେ ବୈଷ୍ଣବଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦିତ । ସେ 'ବିଦଗ୍ଧ ଚିନ୍ତାମଣି' ପଢ଼ାଇବା ବେଳେ ଏ ଗ୍ରନ୍ଥରେ ସୁଫୀ ସଂପ୍ରଦାୟର ପ୍ରଭାବ ସଂପର୍କରେ ବହୁ ଉପାଦେୟ କଥା କହୁଥିଲେ । ସେ 'ରସକଲ୍ଲୋଳ' ପରି ପ୍ରାଚୀନ ଓଡ଼ିଆ କାବ୍ୟର ପ୍ରାୟୋଗିକ ସମୀକ୍ଷା କରିଥିଲେ । 'କହେ କୃଷ୍ଣ ଦାସ କବି' ତାଙ୍କର ଏକ ଉଚ୍ଚକୋଟୀର ଆଲୋଚନା ଗ୍ରନ୍ଥ । ଓଡ଼ିଆ 'ଭାଗବତ'ର ଶୁଦ୍ଧ ସଂପାଦନା, ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ର ଶୁଦ୍ଧ ସଂପାଦନା ପାଇଁ ସେ ଓଡ଼ିଆ ପାଠକ ମହଲରେ ବିଶେଷ ପରିଚିତ । ତାଙ୍କ ସାହିତ୍ୟ ଆଲୋଚନା ବେଶ୍ ପରିଚ୍ଛନ୍ନ । ସେ ପ୍ରାଚୀନ ଓଡ଼ିଆ ପୁରାଣ, କାବ୍ୟର ଗୋଟିଏ ଗୋଟିଏ ପ୍ରସଙ୍ଗକୁ ଆଧାର କରି ତାହାକୁ ଭାରତୀୟ ସାଂସ୍କୃତିକ ପରଂପରାରେ ବିଶ୍ଳେଷଣ କରିବାରେ ଥିଲେ ଜଣେ କୃତବିଦ୍ୟ ସମୀକ୍ଷକ ।

ଆମର ଆଧୁନିକ ସାହିତ୍ୟ ପଢ଼ାଉଥିଲେ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ । ସେ କଟକରୁ ଯିବା ଆସିବା କରୁଥିବାରୁ ଛାତ୍ରମାନଙ୍କ ସହିତ ତାଙ୍କର ସଂପର୍କ ଥିଲା ଶିଥିଳ । ଏ ସତ୍ତ୍ୱେ ସେ ଛାତ୍ରମାନଙ୍କୁ ଖୁବ୍ ଭଲ ପାଆନ୍ତି । ସେ ଆମକୁ 'ସାହିତ୍ୟ ସମାଲୋଚନା', 'ପ୍ରବନ୍ଧ', 'ଉପନ୍ୟାସ', 'ଆଧୁନିକ କବିତା' ପଢ଼ାଉଥିଲେ । ପଢ଼ିବାବେଳେ ମୁଁ ତାଙ୍କୁ କଥା ହେବାକୁ ଭୟ କରୁଥିଲି । ମାତ୍ର ଏବେ ମୁଁ ଅନୁଭବ କରେ ସାର୍ ଆମର କେତେ ସ୍ନେହୀ, କେଡ଼େ ଛାତ୍ରବତ୍ସଳ । ଦେଖା ହେଲାକ୍ଷଣି ଏବେ ସେ ମୋର ସ୍ୱାସ୍ଥ୍ୟ, ପରିବାର କଥା ପଚାରନ୍ତି । ମୁଁ ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟ ତାଙ୍କ ସହ କରିଛି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକାଠି ହୋଇଛି । ସେ ଆମ ପଢ଼ିବା ବେଳେ ଯେଉଁ 'ଇସ୍ତାହାର' ପତ୍ରିକା ପ୍ରକାଶ କରିଥିଲେ, ତାହା ଏବେ ଓଡ଼ିଶାର ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା । ପୁଣି ଆଧୁନିକ ଓଡ଼ିଆ ସାହିତ୍ୟ ସମୀକ୍ଷା କ୍ଷେତ୍ରରେ ସାର୍‌ଙ୍କ କୃତିତ୍ୱ ନେଇ ଆମେ ଗର୍ବ ଅନୁଭବ କରୁ ।

ଆମର ଓଡ଼ିଆ ଭାଷାତତ୍ତ୍ୱ, ଭାଷା ବିଜ୍ଞାନ, ଚମ୍ପୂ, ଗୋପାଳ କୃଷ୍ଣ ପଦାବଳୀ, ସମରତରଙ୍ଗ ଅଧ୍ୟାପକ ବାସୁଦେବ ସାହୁ ପଢ଼ାଉଥିଲେ । ସେ ପିଲାମାନଙ୍କୁ ଭାରି ଆପଣାର କରନ୍ତି । ସେ ସବୁବେଳେ ପୁଅପିଲାମାନଙ୍କୁ 'ବାପରେ', 'ଧନରେ' କହୁଥିଲେ ଓ ଝିଅ

ପିଲାମାନଙ୍କୁ ମା' ଡାକୁଥିଲେ । ସେ ପିକନିକ୍‌ର ନେତୃତ୍ୱ ନେଉଥିଲେ । ସବୁ ପିଲା ନ ଖାଇବା ପର୍ଯ୍ୟନ୍ତ ସେ ଖାଆନ୍ତି ନାହିଁ । ସେ ବିଭାଗର ସମସ୍ତଙ୍କ ନାମ, ବାପାଙ୍କ ନାମ, ଠିକଣା, ପଢ଼ିଥିବା କଲେଜ ସୁନ୍ଦର ଭାବରେ ମନେ ରଖୁଥିଲେ । ଏପରିକି ସେ ପିଲାମାନଙ୍କ ହଷ୍ଟେଲକୁ ଅନେକ ସମୟରେ ବୁଲି ଆସୁଥିଲେ । ତାଙ୍କର ପିଲାମାନଙ୍କ ସହ ସଂପର୍କର ଢଙ୍ଗ ଏମିତି ଥିଲା, ଯାହା ଫଳରେ ସମସ୍ତେ ତାଙ୍କୁ ଅତି ଆପଣାର ଭାବୁଥିଲେ । ମୋର ମନେ ପଡୁଛି, ସେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କାନ୍ଦି ପକାଇଥିଲେ । ସେ ଭାଷାତତ୍ତ୍ୱ ଓ ଭାଷାବିଜ୍ଞାନ ସଂପର୍କରେ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ କେତେଗୁଡ଼ିଏ ଉଚ୍ଚକୋଟୀର ପାଠ୍ୟପୁସ୍ତକ ଲେଖିଛନ୍ତି । ସେ କରିଥିଲେ ପିଏଚ୍.ଡି ଓ ଡି.ଲିଟ୍ । ସେ 'ଓଡ଼ିଆ ଭାଷାରେ ବୈଦେଶିକ ପ୍ରଭାବ' ସଂପର୍କରେ ପିଏଚ୍.ଡି. କରିଥିବା ବେଳେ ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ ସଂପର୍କରେ ଡି.ଲିଟ୍ କରିଥିଲେ । ତାଙ୍କ ସହିତ ମୋର ସଂପର୍କ ତାହାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ଥିଲା ।

ଆମ ସମୟରେ ଏମ୍.ଏ. ପରୀକ୍ଷା ସାଧାରଣତଃ ଏକାଥରକେ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ପରୀକ୍ଷା ଛାତ୍ରମାନେ ଦେଉଥିଲେ । ସେ ସମୟରେ ଆମ ପରୀକ୍ଷା ନଭେମ୍ବର ୧୯୭୫ରେ ହୋଇଥିଲା । ସେହିବର୍ଷ ଆଖିଧରା ରୋଗ ବ୍ୟାପକ ରୂପେ ଜୁଲାଇରେ ହୋଇଥିବାରୁ ପରୀକ୍ଷା ନଭେମ୍ବରକୁ ଘୁଞ୍ଚିଥିଲା । ମୋର ପରୀକ୍ଷାରେ ଖୁବ୍ ଭଲ ହୋଇଥିଲା । ପରୀକ୍ଷା ସରିବା ପରେ ମୁଁ ଗାଁକୁ ଡିସେମ୍ବର ମାସ ଶେଷବେଳକୁ ଫେରି ଆସିଥିଲି ।

-୩-

ପରୀକ୍ଷା ସରିବା ପରଠୁ ସବୁବେଳେ ମନରେ ପରୀକ୍ଷା ଫଳ ଚିନ୍ତା । ସେ ସମୟରେ ପରୀକ୍ଷାଖାତା ଏମ୍.ଏ. ଶ୍ରେଣୀର ଦୁଇଜଣ ପରୀକ୍ଷକ ଦେଖୁଥିଲେ । ଜଣେ ପରୀକ୍ଷକ ଦେଇଥିବା ନମ୍ବରଠାରୁ ଦ୍ୱିତୀୟ ପରୀକ୍ଷକ ଦେଇଥିବା ନମ୍ବରର ବ୍ୟବଧାନ ୧୫ରୁ ଅଧିକ ହେଲେ ସଂପୃକ୍ତ ଛାତ୍ରର ଖାତାଟିକୁ ତୃତୀୟ ଥର ଦେଖା ଯାଉଥିଲା । ଅତି ଯତ୍ନର ସହ ବରିଷ୍ଠ ଶିକ୍ଷକମାନେ ଏମ୍.ଏ. ଖାତା ଦେଖୁଥିଲେ । କ'ଣ କରିବି ଏମ୍.ଏ. ପରେ ଏଇ ଚିନ୍ତାରେ ମୁଁ ଗାଁରୁ ଭୁବନେଶ୍ୱର ଫେରି ଆସିଲି । ପରୀକ୍ଷା ପରେ ଆମ ସାର୍‌ମାନେ ଆମକୁ ଫଳ ପ୍ରକାଶ ନପାଇବା ପର୍ଯ୍ୟନ୍ତ ଦେଖା କରିବାକୁ ବାରଣ କରୁଥିଲେ । ମୁଁ ବ୍ୟସ୍ତ ହୋଇ ମୋର ପୂର୍ବ ପରିଚିତ ଓଡ଼ିଶା ସଂଗ୍ରହାଳୟର କ୍ୟୁରେଟର ପଣ୍ଡିତ ନୀଳମଣି ମିଶ୍ରଙ୍କୁ ଭେଟିଲି । ସେ ମାସକୁ ଚାରିଶହ ଟଙ୍କା ଦରମାରେ ମାସକୁ ଅତି କମ୍‌ରେ ୩୦୦ ପୃଷ୍ଠା

ପୋଥିକୁ କାଗଜରେ ଉତାରିବା ପାଇଁ ବ୍ୟବସ୍ଥା କରି ଦେଇଥିଲେ । ସେ ଖୁବ୍ ଭଲ ଲୋକ ଓ ବିଦ୍ୱାନ୍ ଥିଲେ । ତାଙ୍କର ସଂସ୍କୃତ, ଓଡ଼ିଆ ଓ ହିନ୍ଦୀରେ ପାଣ୍ଡିତ୍ୟ ଥିଲା । ମୁଁ ପ୍ରାୟ ଛଅମାସ ତାଙ୍କ ପାଖରେ କାମ କରି ଭୁବନେଶ୍ୱରରେ ରହିଲି ।

ଅବଶେଷରେ ପରୀକ୍ଷାଫଳ ବାହାରିଲା । ମୋତେ ପରୀକ୍ଷା ଫଳ ପ୍ରଥମେ ଦର୍ଶନ ବିଭାଗର ସେ ସମୟର ପ୍ରାଧ୍ୟାପକ ସୁଲେଖକ 'ମାନସ' ପତ୍ରିକାର ସଂପାଦକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ର ଜଣାଇଥିଲେ । ସେ ସାଙ୍ଗେ ସାଙ୍ଗେ ଏତେ ଖୁସି ହୋଇଗଲେ ଯେ ମୋତେ ତାଙ୍କ କ୍ୱାଟର୍ରକୁ ଡାକି ନେଇ ଜଳଖିଆ ଖୁଆଇଥିଲେ । ମୁଁ ଏମ୍.ଏ.ପଢ଼ିବାବେଳେ ପ୍ରାୟ ତାଙ୍କ ଘରକୁ ନିୟମିତ ଯାଉଥିଲି । ତାଙ୍କ ଦ୍ୱାରା ସଂପାଦିତ 'ମାନସ' ପତ୍ରିକାରେ ପ୍ରାୟ ଅଧିକାଂଶ ସଂଖ୍ୟାରେ ଲେଖୁଥିଲି । ସେ ପରୀକ୍ଷା ଫଳ ଭଲ ହୋଇଥିବାର ଦେଖି ଓ ମୁଁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିବାରୁ ଯଥାଶୀଘ୍ର ଅଧ୍ୟାପନା ବୃତ୍ତିରେ ପ୍ରବେଶ କରିବାକୁ ମୋତେ କହିଥିଲେ । ଅଧ୍ୟାପନା ସହିତ ଗବେଷଣାକୁ ମଧ୍ୟ ଗୁରୁତ୍ୱ ଦେବାକୁ ଡକ୍ଟର ମିଶ୍ର ଉପଦେଶ ଦେଇଥିଲେ ।

ଇତି ମଧ୍ୟରେ ମୁଁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଓଡ଼ିଆରେ ଏମ୍.ଏ.ପାସ୍ କରିଥିବାରୁ କିଛି ଖଳ ପ୍ରକୃତିର ଲୋକ ମୁଁ ପ୍ରଫେସର ବଂଶୀଧର ମହାନ୍ତି ବାପାଙ୍କ ମୃତ୍ୟୁରେ ଲଣ୍ଡା ହୋଇ ଏଭଳି କୃତିତ୍ୱ ଲାଭ କରିଛି ବୋଲି ଅପପ୍ରଚାର କଲେ । ସେ ସମୟରେ ରେଭେନ୍ସା କଲେଜର କିଛି ଛାତ୍ର ଓ ଜଣେ ଅଧ୍ୟାପକ ଏଭଳି କୁତ୍ସାରଟନା କରିଥିଲେ । କେବଳ ସେତିକି ନୁହେଁ ଏକ ବ୍ୟଙ୍ଗ ବିଦ୍ରୂପ ମୂଳକ ପତ୍ରିକାରେ ଏହାକୁ ପ୍ରକାଶ କରିଥିଲେ । ମୋର ବନ୍ଧୁମାନେ ଏହା ଜାଣିଛନ୍ତି ଯେ ମୁଁ କେବେ ହେଲେ ସାର୍ଙ୍କ ବାପାଙ୍କ ମୃତ୍ୟୁର ଶୁଦ୍ଧିକ୍ରିୟାରେ ଲଣ୍ଡା ହୋଇନଥିଲି । କେବଳ ସାର୍ଙ୍କ ବାପାଙ୍କ ଶବସତ୍କାରରେ ଆମେ ସହଯୋଗ କରିଥିଲୁ । ମୁଁ ସେତେବେଳେ ଅତି ଛୋଟ ଛୋଟ କେଶ ମୁଣ୍ଡରେ ରଖୁଥିବାରୁ ମୋତେ ଏଭଳି ଅପବାଦ ଦିଆଗଲା । ଏକଥାକୁ ଏତେ ପ୍ରଚାର କରାଯାଇଥିଲା ଯେ ରେଭେନ୍ସାରେ ସ୍ନାତକୋତ୍ତର ଶ୍ରେଣୀରେ ମୁଁ ଅଧ୍ୟାପନା କରୁଥିବା ସମୟରେ ଛାତ୍ରମାନେ ଜାଣିଥିଲେ । ମୁଁ ଏଥିପାଇଁ କେବେହେଲେ ବ୍ୟସ୍ତ ହୁଏନାହିଁ । ବରଂ; ଏହାଦ୍ୱାରା ସାର୍ଙ୍କ ସହ ମୋର ସହ ମୋର ସଂପର୍କ ଆହୁରି ନିବିଡ଼ ହୋଇଥିଲା । ଏପରିକି ମୁଁ ରେଭେନ୍ସାରେ ଅଧ୍ୟାପକ ଥିବାବେଳେ ମୋର ମୁଖ୍ୟ ଥିବା ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଏ ସଂପର୍କରେ ଜାଣିବାକୁ ଚାହିଁଥିଲେ । ମୁଁ ସବୁ ସତ କ'ଣ ବୁଝାଇ ଦେବାରୁ ସେ ଆଶ୍ଚର୍ଯ୍ୟ ହୋଇ କହିଲେ- ଏ ଭୂମିରେ ଯାହା ଢଗ ଅଛି 'ତିନି ତୁଣ୍ଡରେ

ଛେଳି କୁକୁର'- ଏହାକୁ ସ୍ୱୀକାର କରିବାକୁ ହେବ ।

ଏମ୍‌ଏ ତ ପାସ୍ କଲି । ଏହାପରେ କ'ଣ କରିବି ? ଗବେଷଣା ନା ଅଧ୍ୟାପନା ? ମୋତେ ଏକ ପୋଥି ସଂପାଦନା କରିବାକୁ କିମ୍ବା ବୈଷ୍ଣବ ଧର୍ମ ସଂପର୍କରେ ଗବେଷଣା କରିବାକୁ ପ୍ରଫେସର ବଂଶୀଧର ମହାନ୍ତି କହିଥିଲେ । ପୁଣି ସେ କହିଲେ ଅଧ୍ୟାପନା ବୃତ୍ତିରେ ପ୍ରବେଶ କରି ଗବେଷଣା କରିବା ସବୁଠାରୁ ଭଲ । ମୋର ଘର ଯାଜପୁର ଅଞ୍ଚଳରେ ହୋଇଥିବାରୁ ଯାଜପୁରର ଐତିହ୍ୟ, ସଂସ୍କୃତିକୁ ନେଇ ଗବେଷଣା କରିବାକୁ ଶେଷରେ ସ୍ଥିର କଲେ । ମୁଁ ଅଧ୍ୟାପନା ବୃତ୍ତିରେ ଯୋଗଦେଇ 'ଆଧୁନିକ ଓଡ଼ିଆ ସାହିତ୍ୟକୁ କାମପାଳ ମିଶ୍ରଙ୍କ ଦାନ' ଶୀର୍ଷକ ବିଷୟ ନେଇ ଗବେଷଣା କଲି । ଏଣେ ସର୍ବପ୍ରଥମେ ଅଧ୍ୟାପନା ବୃତ୍ତିରେ ଯାଜପୁରର 'ସାଧୁ ଗୌରେଶ୍ୱର କଲେଜ'ରେ ଯୋଗଦେଲି । ଏହା ପରେ ଆରମ୍ଭ ହେଲା ମୋର ଦୀର୍ଘ ଅଧ୍ୟାପନା ଜୀବନ ।



ମୋର କର୍ମଜୀବନ

(ମୋର ପ୍ରଥମ କର୍ମ-ଜୀବନ : ସେଇ ସମୟର ସ୍ମୃତି)

(୧)

ପ୍ରସିଦ୍ଧ ଫରାସୀ ଲେଖକ, ଔପନ୍ୟାସିକ ମାର୍ସେଲ ପ୍ରାଉଷ୍ଟ (Marcel Proust) କହିଛନ୍ତି; "The past not merely is not fugitive, it remains present." ଅର୍ଥାତ୍, ଅତୀତ କେବେହେଲେ ପଳାତକ ନୁହେଁ, ବରଂ ଏହା ସବୁବେଳେ ବର୍ତ୍ତମାନ ରୂପେ ବିଦ୍ୟମାନ । ଆମେ ଅତୀତର ସହାୟତା ନେଇ, ଅତୀତରୁ ପ୍ରେରଣା ଲାଭ କରି ବଞ୍ଚୁ, ଅନ୍ଧ ଭବିଷ୍ୟତ ଉପରେ କଦାପି ଆସ୍ଥାପ୍ରକଟ କରୁନା । ସେଥିପାଇଁ ବର୍ତ୍ତମାନର ସମ୍ମୁଖୀନ ହେବାକୁ ଅତୀତର ଅନୁଭୂତି ଆମକୁ ଅଶେଷ ସହାୟତା କରେ । ଅତୀତ ଅନୁଭୂତିକୁ ନେଇ ବଞ୍ଚିବା ସପକ୍ଷରେ ବହୁ ଚିନ୍ତାନାୟକ, ମନୀଷୀ, ଲେଖକ, ସାଧୁ, ସନ୍ଥ ମତବ୍ୟକ୍ତ କରିବାକୁ ଭୁଲି ନାହାନ୍ତି । ପ୍ରସିଦ୍ଧ ଇଂରେଜୀ ଲେଖକ ଏଚ୍.ଜି. ୱେଲସ୍ (H.G.Wells) କହନ୍ତି, "We live in reference to past experience and not to future events, however inevitable." ଆମର ପ୍ରସିଦ୍ଧ କବି, ଲେଖକ, ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର 'କୋଣାର୍କେ' କାବ୍ୟରେ ଏହି ଅତୀତ ପ୍ରସଙ୍ଗରେ କହନ୍ତି;

"ଅତୀତ ବିଭବ କାହାଣୀ କହି ବିବିଧ ରଂଗେ
ଆତ୍ମାକୁ ବିଶୋରି ମିଶିବେ ପୂର୍ବ ପୁରୁଷ ସଂଗେ ।
ଅତୀତୁ ଅତୀତ ପ୍ରସାରେ ବହି ଜୀବନ ଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର କାରା ।"

ସୁତରାଂ, ଅତୀତର ସ୍ମରଣ ଓ ମନନ ଦ୍ୱାରା ମଣିଷର ଜୀବନ ଧନ୍ୟ ହୁଏ । ତା'ର ଅନ୍ତରାତ୍ମା ଶାନ୍ତି ଲାଭ କରେ । ଆଜି ମୁଁ ସେଇ ଅତୀତର ଦର୍ପଣରେ ମୋର ମୁହଁ ଦେଖୁଛି । ଆଜି ମୁଁ ମୋର ପ୍ରଥମ କର୍ମକ୍ଷେତ୍ର ଅଧ୍ୟାପନା ବୃତ୍ତିରେ ଯୋଗ ଦେଇଥିବା ପ୍ରଥମ କଲେଜ ସାଧୁ ଗୌରେଶ୍ୱର କଲେଜ, ପୂର୍ବ ଯାଜପୁର କଥା ଭାବି କୃତାର୍ଥ ହେଉଛି ।

ମୁଁ ଏମ୍.ଏ. ପାଶ୍ କଲା ପରେ ପରେ ସାଧୁ ଗୌରେଶ୍ୱର କଲେଜରେ ୧୭ ସେପ୍ଟେମ୍ବର ୧୯୭୬ ରେ ଯୋଗ ଦେଇଥିଲି । ଏମ୍.ଏ. ପରୀକ୍ଷା ଫଳ ବାହାରିବା ପରେ ଅଳ୍ପ କେତେଦିନ ପ୍ରଫେସର ବଂଶୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲି । ସେତେବେଳେ ହଠାତ୍ ଅଧ୍ୟାପକ କୌଣସି କଲେଜରେ ଆଡହକ୍ ଭିତ୍ତିରେ ଯୋଗଦେବା ଅପେକ୍ଷା ଗବେଷଣା କରିବାକୁ ଅଧିକ ଗୁରୁତ୍ୱ ଦେଇଥିଲି । ମୋର ଲକ୍ଷ୍ୟ ସତ କହିବାକୁ ଗଲେ ଥିଲା- ବିଶ୍ୱବିଦ୍ୟାଳୟରେ ଗବେଷକ ଭାବରେ ସାର୍‌ମାନଙ୍କ ପାଖରେ ରହି ଗବେଷଣା କଲେ ଓ ଲେଖା ଲେଖି କଲେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଚାକିରିଟିଏ ମିଳିବା ସହଜ ହେବ । କାରଣ ସେତେବେଳେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚାକିରି ପ୍ରାୟତଃ ପ୍ରଫେସର୍ ଓ ମୁଖ୍ୟଙ୍କ ଉପରେ ନିର୍ଭର କରୁଥିଲା । ସେତେବେଳେ ବରିଷ୍ଠତା ଭିତ୍ତିରେ ବିଭାଗ ମୁଖ୍ୟ ନିଯୁକ୍ତ ହେଉଥିଲେ ଓ ସେ ମଧ୍ୟ ଅଧ୍ୟାପକ ନିଯୁକ୍ତି ବେଳେ ସାକ୍ଷାତକାରରେ ବସୁଥିଲେ । ମୁଁ ଛାତ୍ରଥିବା ବେଳେ ଗାଁ ଗାଁ ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ବଂଶୀଧର ମହାନ୍ତିଙ୍କ ସହ ବୁଲି ପ୍ରାଚୀନ ପୋଥି, ପତ୍ରିକା, ପୁରୁଣା ବହିପତ୍ର ସଂଗ୍ରହରେ ଗଭୀର ନିଷ୍ଠା ଦେଖାଇଥିଲି । ଏପରିକି ସାର୍ ଯେଉଁମାନଙ୍କ ଘରୁ ପୋଥି ସଂଗ୍ରହ କରିବାରେ ଅସଫଳ ହୋଇଥିଲେ, ସେମାନଙ୍କ ଘରୁ ଠାକୁର ଗାଦିରୁ ମୁଁ ବ୍ରାହ୍ମଣ ପିଲା ହୋଇଥିବାରୁ ସହଜରେ ପୋଥି ସଂଗ୍ରହ କରିଥିଲି । ସାର୍ ମୋର ଗବେଷଣା ଉପାଦାନ ସଂଗ୍ରହ ପ୍ରବଣତା ଦେଖି ଭାରି ଖୁସି ହେଉଥିଲେ କିନ୍ତୁ ମୋର କାହିଁକି କେଜାଣି ପ୍ରାଚୀନ ପୋଥିରୁ ପାଠ ସଂଗ୍ରହ କରି ଗବେଷଣା କରିବାକୁ ବିଶେଷ ଆଗ୍ରହ ଆସୁନଥିଲା । ମୁଁ ପ୍ରାଚୀନ ପତ୍ରପତ୍ରିକା, ଊନବିଂଶ ଶତକର ମିଶନାରୀ ସାହିତ୍ୟ ଓ ଗଦ୍ୟ ସାହିତ୍ୟ ଗବେଷଣା ପାଇଁ ଅଧିକ ଆଗ୍ରହ ପୋଷଣ କରିଥିଲି । ଦିନେ ସାର୍ କହିଥିଲେ, 'ବାଉରୀବଂଧୁ' ତୁମ୍ଭେ ଏଠି ଗବେଷକ ରହିବା ଅପେକ୍ଷା କେଉଁଠି ଅଧ୍ୟାପକ ହେଲେ ଭଲ ହେବ ଏବଂ ଓଡ଼ିଶାର ଯେ କୌଣସି ସ୍ଥାନରେ ରହି ଓଡ଼ିଆରେ ଗବେଷଣା କରିବାରେ ଅସୁବିଧା ନାହିଁ । ସେ ମଧ୍ୟ କହୁ କହୁ କହିଲେ ଯାଜପୁରର ସାଧୁଚରଣ ରାୟ, କାମପାଳ ମିଶ୍ର, ନୀଳମଣି ମିଶ୍ର ତର୍କାଳଙ୍କାର, ଦାମୋଦର ବିଦ୍ୟାବାଗୀଶ, ଆଦିନେତା ବିଚିତ୍ରାନନ୍ଦ ଦାସ, ପାଠ୍ୟପୁସ୍ତକ ଲେଖକ ବିଚ୍ଛନ୍ଦ ପଟ୍ଟନାୟକ, ଗୋପାଳ ଉଡେ, କୃଷ୍ଣପ୍ରସାଦ ବସୁ, ବିରୂପାକ୍ଷ କର, ବ୍ରଜସୁନ୍ଦର ଦାସ ପ୍ରମୁଖଙ୍କ ସଂପର୍କରେ ଗବେଷଣା ହେବା ନିହାତି ଦରକାର । ଦୈବାତ୍ ସେଇଦିନ ସାଧୁ ଗୌରେଶ୍ୱର କଲେଜର ଓଡ଼ିଆ

ଅଧ୍ୟାପକ ପଦବୀ ପାଇଁ ବିଜ୍ଞାପନ ବାହାରିଥାଏ । ମୁଁ ଦରଖାସ୍ତ କଲି ଓ ସାକ୍ଷାତକାର ଦେଇ ସେଠାରେ ଯୋଗ ଦେଲି । ଅଧ୍ୟାପନା ବୃତ୍ତିରେ ଯୋଗଦେବା ପାଇଁ ଆସିବା ପୂର୍ବରୁ ପ୍ରଫେସର ବଂଶୀଧର ମହାନ୍ତି ଓ ପ୍ରଫେସର କୃଷ୍ଣପ୍ରସାଦ ମିଶ୍ରଙ୍କୁ ଭେଟି ଉଭୟଙ୍କ ଆଶୀର୍ବାଦ ନେଇ ଆସି ଯୋଗ ଦେଇଥିଲି । ଆଜିପରି ମନେ ପଡୁଛି ପ୍ରଫେସର ମହାନ୍ତିଙ୍କ କଥା । ସାର୍ କହିଥିଲେ- ମନ ଦେଇ ପିଲାଙ୍କୁ ପଢ଼ାଇବୁ କିନ୍ତୁ ଗବେଷଣା ଛାଡ଼ିବୁ ନାହିଁ । କ୍ଲାସରେ ପିଲାମାନଙ୍କୁ ଘରେ କ'ଣ ପୋଥି ଅଛି, ପତ୍ରପତ୍ରିକା ଅଛି, ବହି ପତ୍ର ଅଛି, ପୁରୁଣା ସରକାରୀ ଦଲିଲ, ଦସ୍ତାବିଜ୍ ଅଛି,- ଏପରି ବେଳେବେଳେ ପଚାରିବୁ । ସେମାନଙ୍କ ଘରକୁ ସୁବିଧା ଦରି ଯାଇ ଏସବୁ ସଂଗ୍ରହ କରିବୁ । ସାର୍ କହିଥିଲେ- ଜୀବନରେ ଯଦି ପ୍ରଫେସର ହେବା ସ୍ୱପ୍ନ ଦେଖୁଛୁ ତେବେ ଗବେଷଣାକୁ ଆଜୀବନ ବ୍ରତ ରୂପେ ଗ୍ରହଣ କରିବୁ । ଛାତ୍ରମାନଙ୍କୁ ଭଲ ପଢ଼ାଇବା ଯେପରି ଅଧ୍ୟାପକର ଦାୟିତ୍ୱ- ଗବେଷଣା ମଧ୍ୟ ଅଧ୍ୟାପକର ଅନ୍ୟ ଏକ ଗୁରୁ ଦାୟିତ୍ୱ । ତା'ପରେ ଦର୍ଶନର ବିଶିଷ୍ଟ ପ୍ରଫେସର ଓ ଓଡ଼ିଆ ସାହିତ୍ୟର ସୁଲେଖକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ରଙ୍କୁ ଦେଖାକଲି । ସେ କହିଲେ, 'ତମେ ଅଧ୍ୟାପନା, ଗବେଷଣା ସହିତ ସାହିତ୍ୟ, ସଂସ୍କୃତି ଓ 'ମାନସ' ପତ୍ରିକାର ପ୍ରସାର ପାଇଁ ଯାଜପୁର ଅଞ୍ଚଳରେ ଚେଷ୍ଟାକରିବ ।' ସେତେବେଳେ 'ମାନସ' ସାହିତ୍ୟ ପତ୍ରିକାର ସଂପାଦକ ଭାବେ ଡକ୍ଟର ମିଶ୍ର ବେଶ୍ ପ୍ରତିଷ୍ଠା ଅର୍ଜିଥିଲେ । ମୁଁ ସେପ୍ଟେମ୍ବର ୧୬ରେ ୧୯୭୬ ମସିହାରେ ଯୋଗଦେବା ବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପତ୍ର ବିନିମୟ ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନର ଇଂରେଜୀ ଅଧ୍ୟାପକ ନିତ୍ୟାନନ୍ଦ ରାୟ ଡେପୁଟେସନରେ ଅଧକ୍ଷ ଭାବରେ ଯୋଗ ଦେଇଥାନ୍ତି । ତାଙ୍କୁ ମୋର ଯୋଗଦାନ ପତ୍ର ଦେଇ କଲେଜର ନୂଆ ତିଆରି ପୋଲସ୍ତରା ହୋଇନଥିବା ପ୍ରକୋଷ୍ଠ ବୁଲି ଦେଖି ଘରକୁ ଟାକ୍ସି ଯୋଗେ ଫେରିଲି । ସେଠି ମୁଁ ପ୍ରଥମେ ଆମ ଗାଁରୁ କନିକାପଡା ଯିବା ଆସିବା କରୁଥିଲି । ସବୁଦିନ ଟାକ୍ସିରେ ପ୍ରାୟ ଯାଏ । ଯାଜପୁରରୁ ଭଡ଼ା ଟଙ୍କାଟିଏ । ଗୋଟିଏ ଆମ୍ବାସଡର ଟାକ୍ସିରେ କୋଡିଏ ଜଣ ପର୍ଯ୍ୟନ୍ତ ଯିବା ଆସିବା କରନ୍ତି । ସେତେବେଳେ ଯାଜପୁରରୁ ମଙ୍ଗଳପୁରକୁ ଏତେ ବସ୍ କିମ୍ବା ଟ୍ରେକର ଆଜି କାଲି ପରି ନଥାଏ । ସମସ୍ତେ ଏମିତି ଆଡ୍‌ଜଷ୍ଟ ହୋଇ ଟାକ୍ସିରେ ବସି ଯାଆନ୍ତି । ଦିନେ ଦିନେ ମୋର ଧଳା ସାର୍ଟରେ ସହଯାତ୍ରୀଙ୍କ ପାଦ ଚିହ୍ନ ମଧ୍ୟ ଲାଗିଥାଏ- ଯାହା ମୋର ବଂଧୁ ଓ ଛାତ୍ରମାନେ ଦେଖି କହନ୍ତି । ମୁଁ ଅଳ୍ପଦିନ ଯିବା ଆସିବା କରିବା ପରେ ମଙ୍ଗଳପୁର ବଜାରରେ ଗୋଟିଏ ଘର ନେଇ

ରହିଲି । ଘର ମାଲିକଙ୍କ ନାମ ବୋଧେ ଉମା ପଣ୍ଡା । ସେ ମହୁଚାଷ କରୁଥାନ୍ତି କିନ୍ତୁ ସାହିତ୍ୟ ସଂସ୍କୃତି ପ୍ରିୟ । ତାଙ୍କର ମୋ ପ୍ରତି ପ୍ରଚୁର ସମ୍ମାନବୋଧ ଥିଲା ।

ମୁଁ କଲେଜରେ ଯୋଗଦେବା ପରେ ପରେ ପୂଜାଛୁଟି ହେଲା । ପୂଜାଛୁଟି ହେବାଦିନ କଲେଜରେ ଅନ୍ୟତମ ପ୍ରତିଷ୍ଠାତା ଉଦୟ ମହାପାତ୍ର ମୋତେ ବେଶ୍ ଆଦର ଅଭ୍ୟର୍ଥନା ଜଣାଇ ଚା ପିଇବାକୁ ଅନୁରୋଧ କଲେ । ମୁଁ ଏବେ ମଧ୍ୟ ଚା ପିଏ ନାହିଁ କିନ୍ତୁ ଭଦ୍ର ମଣ୍ଡଳୀରେ ମନା କରେ ନାହିଁ । କାରଣ ସମ୍ମାନନୀୟ ଲୋକ ଚା ପିଇବାକୁ ଅନୁରୋଧ କଲେ ଜିଭ ପୋଡିଯାଉ ପଛେ ଚା ପିଇବ । ପୁଣି ସେ ହେଉଛନ୍ତି କଲେଜକୁ ଲାଗିଥିବା ସ୍କୁଲର ଶିକ୍ଷକ । ତାଙ୍କସହ ଛକ ଦୋକାନରେ ଚା ପିଇ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଆସିଲି । ଅଧ୍ୟକ୍ଷଙ୍କ ନିକଟକୁ ଯିଏ ଯାଏ, ତାକୁ ନିଶ୍ଚୟ ଚା ଓ ଜଳଖିଆ ଅବଶ୍ୟ ମିଳେ । ଶ୍ରୀଯୁକ୍ତ ରାୟ ସବୁ ଅଧ୍ୟାପକଙ୍କୁ ପ୍ରାୟ ସବୁଦିନ ଚା ଓ ଜଳଖିଆ ଦିଅନ୍ତି । ମୁଁ ପ୍ରବେଶ କଲାକ୍ଷଣି ସେ ପିଅନ ଦୁଃଶାସନ କିମ୍ବା ପଦିଆକୁ ଡାକି କହିବେ- ଛେନା ପୋଡ କିମ୍ବା ରସଗୋଲା ଆଣିବ । ସାଧୁ ଗୌରେଶ୍ୱର କଲେଜ ଅଞ୍ଚଳରେ ଭଲ ମିଠା ମିଳେ । ବେଳେବେଳେ ଛେନା ଓ ଚିନି ମିଶାଇ ଖିଆଯାଏ । ମୋର ଏକଥା କହିବାରେ ଦ୍ୱିଧା ନାହିଁ, ମୁଁ ଯେତେଦିନ ସାଧୁ ଗୌରେଶ୍ୱର କଲେଜରେ ଥିଲି- ଯେଉଁଦିନ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଯାଉଥିଲି- ଚା' ଜଳଖିଆ ଖାଉଥିଲି । ଚା-ଜଳଖିଆ ସହିତ ସେ ରମାକାନ୍ତ ରଥଙ୍କ 'ବାଘ ଶିକାର', ରାଜେନ୍ଦ୍ର ପଣ୍ଡାଙ୍କ କବିତା, 'ଝଙ୍କାର' ପତ୍ରିକାର ସଂପାଦକୀୟ, 'ମାନସ' ପତ୍ରିକାରେ ପ୍ରକାଶିତ ବିଭିନ୍ନ ବିତର୍କ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ଏମିତି କେତେ କ'ଣ ଆଲୋଚନା କରନ୍ତି । ସେ କହୁ କହୁ ଇଂରେଜୀ ବିଭାଗର ପ୍ରଖ୍ୟାତ ଶିକ୍ଷକ ପ୍ରଫେସର ବିଧୁଭୂଷଣ ଦାସ, ପ୍ରଫେସର ସର୍ବେଶ୍ୱର ଦାସ, ପ୍ରଫେସର ପ୍ରଫୁଲ୍ଲ କୁମାର ପତି, ଦର୍ଶନ ପ୍ରଫେସର ଗଣେଶ୍ୱର ମିଶ୍ର, ରାଜନୀତି ବିଜ୍ଞାନ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶଙ୍କ କଥା ପକାନ୍ତି । ସେତେବେଳେ ସେ କଲେଜ କିପରି ଉତ୍କଳ ବିଶ୍ୱବିଦ୍ୟାଳୟର ସହବନ୍ଧନ ହୋଇଥିଲା, ସେସବୁ ସେଠାରେ ଆଲୋଚନା କରାଯାଏ । ସେ କଲେଜକୁ ଏପରି ଗ୍ରାମୀଣ ପରିବେଶରେ ଦେଖି କୁଆଡ଼େ ସେତେବେଳେ ତତ୍କାଳୀନ ସିଣ୍ଡିକେଟ୍ ସଦସ୍ୟ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଭାରି ଖୁସି ହୋଇ ୧୯୭୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସ୍ୱୀକୃତି ଦେଇଥିଲେ । ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ୱୀକୃତି କଲେଜଟିଏ ପାଇବା ଥିଲା ନାକିକର ପାଠ । ମୁଁ ସାଧୁ ଗୌରେଶ୍ୱର କଲେଜରେ

ଥିବା ବେଳେ ଥରେ ପ୍ରଫେସର ଦାଶଙ୍କ ସହ ଦେଖା ହେବା ଅବସରରେ ମୋତେ ପଚାରିଲେ, ତମ କଲେଜର ସ୍ୱାତନ୍ତ୍ର୍ୟ କ'ଣ ? ମୁଁ ଗଡ଼ବଡ଼େଇ ଗଲି । ସେ କହିଲେ ତମ କଲେଜ ଚାଷୀଭାଇମାନଙ୍କ ରକ୍ତରେ ଗଢ଼ା କଲେଜ । ପୁଣି ଏ କଲେଜ ହେଉଛି 'ହାଟର ମଧ୍ୟେ ବ୍ରହ୍ମଜ୍ଞାନ' ! ମୁଁ ତାଙ୍କ ମୁହଁକୁ ତଟସ୍ଥ ହୋଇ ଚାହିଁଥାଏ । ସେ ବୁଝାଇବା ଭଙ୍ଗୀରେ ମୋତେ କହିଲେ- ଓଡ଼ିଆରେ ଯେଉଁ ଅତି ପ୍ରଚଳିତ 'ହାଟର ମଧ୍ୟେ ବ୍ରହ୍ମଜ୍ଞାନ !' ନାମକ ବିଦ୍ରୂପାତ୍ମକ ଉକ୍ତି ରହିଛି- ତାହା ତମ କଲେଜ ଭୁଲ ପ୍ରମାଣିତ କରୁଛି । କାରଣ କନିକା ପଡ଼ା ଗୋରୁହାଟ ପଇସାରେ ତମ କଲେଜ ଆଜି ଠିଆ ହୋଇଚି । ହାଟ ସହିତ ତମ କଲେଜ ଜ୍ଞାନର ଆଲୋକ ବିତରଣ କରୁଛି । ସୁତରାଂ; ତମ କଲେଜ ଦ୍ୱାରା 'ହାଟର ମ ଧ୍ୟ ବ୍ରହ୍ମଜ୍ଞାନ'; ଉକ୍ତି ଆଜି ବିଦ୍ରୂପାତ୍ମକ ନ ହୋଇ ସତ୍ୟନିଷ୍ଠ ହୋଇଛି । ସେ ପୁଣି କହିଲେ ଜାଣିଛ- ତମ କଲେଜ ସହିତ ଚିନିର ସୁସଂପର୍କ ରହିଛି । ସରକାରୀ କୋଟାରେ ମିଳୁଥିବା ଚିନିକୁ ଚତୁରତାର ସହିତ ବିକି ଜାଣିଲେ ବିଦ୍ୟାୟତନ ଯେ ଗଢ଼ି ହୁଏ ଏକଥା ପୂର୍ବ ଯାଜପୁରବାସୀ ସମଗ୍ର ଓଡ଼ିଶାବାସୀଙ୍କୁ ଶିଖାଇଛନ୍ତି । କେତେକ ମୁଷ୍ଟିମେୟ ବ୍ୟବସାୟୀ ସରକାରୀ କୋଟାରେ ମିଳୁଥିବା ଚିନିକୁ ଏପଟ ସେପଟ କରି ସ୍ୱଉଦର ପୋଷଣ ଓ କୋଷବୃଦ୍ଧି କରିବା ଅପେକ୍ଷା କେତେକ ନିସ୍ୱାର୍ଥପର ଜନସେବୀ ଚିନିର ସଦୁପଯୋଗ କରି ଏମିତି ସର୍ବସାଧାରଣ ଶିକ୍ଷାନୁଷ୍ଠାନ ଗଢ଼ିବା ବରଂ ସବୁ ଦୃଷ୍ଟିରୁ ମଙ୍ଗଳକର । ଏଇ ମହାନ୍ ଶିକ୍ଷା ତମ କଲେଜରୁ ମିଳେ । ଏମିତି ପ୍ରାୟ ଅଧଘଣ୍ଟାଏ ସେ ତାଙ୍କର ଚିରାଚରିତ ବେକଭାଙ୍ଗି ମୋ ସହ ଗପିଲେ ଓ ମୁଁ ଭାବବିହ୍ୱଳ ହୋଇ ଖାଲି ଶୁଣୁଥାଏ ।

ଏବେ ମୁଁ ସେଠି କ'ଣ ଓ କିପରି ପଢ଼ାଉଥିଲି କହିବାକୁ ଉଚିତ ମଣୁଛି । ମୁଁ ଆଜି ସ୍ନାତକୋତ୍ତର ଶ୍ରେଣୀ ଓ ଏମ୍.ଫିଲ୍ ଛାତ୍ରମାନଙ୍କୁ ଯେମିତି ପଢ଼ାଉଛି, ସେତେବେଳେ ମୁଁ ଠିକ୍ ସେମିତି ଆଇ.ଏ. ଶ୍ରେଣୀ ପିଲାଙ୍କୁ ପଢ଼ାଉଥିଲି । ମୁଁ ପିଲାଙ୍କୁ 'ଛ'ମାଣ ଆଠଗୁଣ୍ଠ', ପ୍ରବଂଧ, ଗଳ୍ପ, ନାଟକ ପଢ଼ାଉଥିଲି । ମୋର ମନେ ପଡୁଛି ମୁଁ ପ୍ରବଂଧ ସଂପର୍କରେ କହିଲାବେଳେ କହିଥିଲି; "ପ୍ରବଂଧ ହେଉଛି ଗଦ୍ୟର ସର୍ବୋତ୍କୃଷ୍ଟ ନିଦର୍ଶନ । ଏହା ହେଉଛି ଲେଖକ ବ୍ୟକ୍ତିତ୍ୱର ପରିମାପକ । ପ୍ରାବନ୍ଧିକ ହେଉଛି ଜୀବନ ଓ ଜଗତର ସଫଳ ଭାଷ୍ୟକାର । ଜୀବନକୁ ବିଭିନ୍ନ ଦୃଷ୍ଟିରୁ ଦେଖିବା ଓ ଜାଣିବା ସହିତ ବିପୁଳାଚ ପୃଥ୍ୱୀରେ ଘଟୁଥିବା ପରିବର୍ତ୍ତନର ସ୍ୱରୂପ ଆକଳନ କରିବା ପ୍ରାବଂଧିକର ଦାୟିତ୍ୱ ।" ସେହିପରି ଉପନ୍ୟାସ ସଂପର୍କରେ କହିବା ବେଳେ ମୁଁ ସେତେବେଳେ ଡି.ଏଚ୍. ଲରେନ୍ସଙ୍କ ପ୍ରସିଦ୍ଧ

ଧାଡ଼, "The novel is one bright book of life". ରୁ ଆରମ୍ଭ କରିଥିଲି । ପିଲାଙ୍କୁ ମୁଁ ସବୁଶ୍ରେଣୀରେ ପଢ଼ାଇବା ବେଳେ ଗୁଡ଼ିଏ ସହାୟକ ଗ୍ରନ୍ଥର ତାଲିକା ଦେଉଥିଲି । ଥରେ 'ଆଧୁନିକତା' ସଂପର୍କରେ ପିଲାମାନଙ୍କୁ ଅଧିକ ଅଧ୍ୟୟନ ପାଇଁ 'Modernity and Contemporary Indian Literature', 'Classic, Romantic and Modern', The Twentieth Century Mind' ପରି ବହି ପଢ଼ିବାକୁ କହିଥିଲି । ସେଇ କ୍ଲାସରେ ପିଲାଙ୍କୁ ଅନ୍ନଦାଶଙ୍କର ରାୟଙ୍କ 'A Note on Modernity' ରୁ କିଛି ଧାଡ଼ି ଉଲ୍ଲେଖ କରିଥିଲି । ମୁଁ ପିଲାଙ୍କୁ ସାଧୁଗୌରେଶ୍ୱର କଲେଜରେ ଉତ୍ତମ ରୂପେ ପଢ଼ାଇବା ପାଇଁ ରାତିରୁ ଉଠି ନିୟମିତ ପଢୁଥିଲି । ପ୍ରସିଦ୍ଧ ଗ୍ରନ୍ଥମାନଙ୍କରୁ ଅନେକ ଅଂଶ କ୍ଲାସରେ ଯାଇ ଅନର୍ଗଳ ଉଦ୍ଧାର କରୁଥିଲି । ଏବେବି ମନେ ଅଛି- ମୁଁ ଆଧୁନିକତା ସଂପର୍କରେ 'Modernity and contemporary Indian Literature' ଗ୍ରନ୍ଥର ପୃଷ୍ଠା-୬୫ରେ ଥିବା ଏହିଅଂଶ ଶ୍ରେଣୀରେ ମୁହେଁ ମୁହେଁ କହିଥିଲି । ତାହା ହେଉଛି, 'Modernity, as we have seen cannot be identified either with industrialisation or westernism. ** It is commonly assumed that what is newest and latest in time is modern. This is a fallacy. Yet the modern man, whether he is a scientist, a philosopher, or a poet, must keep pace with a reality that is dynamic and constantly changing.He is aware of the boundlessness of the world in which helives and its infinite possibilities. His horizons are wide." ପିଲାଙ୍କୁ ଏମିତି କହି ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର ତାଙ୍କର 'ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆଧୁନିକତା' ପ୍ରବଂଧରେ କିପରି ଆଧୁନିକତାର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି କହିଥିଲି । ଡକ୍ଟର ମିଶ୍ରଙ୍କ ସେଇ ସ୍ମରଣୀୟ ଧାଡ଼ି; "ସମୟମୂଳକ ଆଧୁନିକତା ଯେ କୌଣସି ଲେଖକ ପାଇବ, କିନ୍ତୁ କାଳର ଗତି ନେଇ ସେ ଲେଖକ ଅବଶ୍ୟମ୍ଭାବୀ ଭାବେ ପୁରାତନ ମଧ୍ୟ ହୋଇଯିବ । ତେଣୁ ଆମମାନଙ୍କ ପାଇଁ ଶ୍ରେୟ ଯେଉଁ ଆଧୁନିକତା, ତାହା ଏକ ସମୟମୂଳକ ବସ୍ତୁ ନୁହେଁ । ଆମ ପାଇଁ ଆଧୁନିକତା ଗୋଟିଏ ଆଦର୍ଶ, ଗୋଟିଏ ସ୍ୱପ୍ନ ବୋଧହୁଏ କେବେହେଲେ ପୂରା ଉପଲବ୍‌ଧି ହେବନାହିଁ, କିନ୍ତୁ ସବୁବେଳେ ମନ ଉଚ୍ଚାଟନକାରୀ ବର୍ଣ୍ଣ ବିଚିତ୍ର ଦିଗ୍‌ବଳୟ ହୋଇରହିବ ।" ଏସବୁ କଥା କହିଲା ବେଳେ

କ୍ଲାସରେ ପିଲାମାନେ ମନଧ୍ୟାନ ଦେଇ ଶୁଣନ୍ତି । ଥରେ ଅଧ୍ୟକ୍ଷ ରାୟ ବାହାରେ ମୋ ପାଠପଢ଼ା ଶୁଣୁଥିଲେ । ମୁଁ କ୍ଲାସରୁ ଫେରିବା ପରେ ସେ ହସ ହସ ମୁହଁରେ ମୋତେ କହିଲେ- "ବାଉରୀବଂଧୁ- ତମେ ତମ ମା'ଙ୍କୁ ଚିଠି ଲେଖିଲେ ବି ସହାୟକ ଗ୍ରନ୍ଥସୂଚୀ, ପାଦଟୀକା ପ୍ରଭୃତି ଦେବ ।" ସେଇଠୁ ବୁଝିଲି ଯେ ମୋ ପଢ଼ା ଅଧିକ ଗବେଷଣାଧର୍ମୀ ହେଉଛି ଏବଂ ଆଇ.ଏ.ଶ୍ରେଣୀର ପଢ଼ା ଅପେକ୍ଷା ଉଚ୍ଚମାନର ହେଉଛି । ଏ ଗଲା ପଢ଼େଇବା କଥା । ଏବେ ସେତେବେଳେ କିପରି ସାଂସ୍କୃତିକ ଉତ୍ସବ ସେ କଲେଜରେ ହେଉଥିଲା ଶୁଣନ୍ତୁ ।

ସେତେବେଳେ ଅଧ୍ୟକ୍ଷ ଥିବା ସାହିତ୍ୟ ପ୍ରାଣ ଶ୍ରୀଯୁକ୍ତ ରାୟ ଲେଖାଲେଖି ନ କରୁଥିଲେ ସୁଦ୍ଧା ଜଣେ ଉତ୍ତମ ସାହିତ୍ୟ ପାଠକ । ସେ ଆଧୁନିକ କବି ଓ ଲେଖକଙ୍କୁ ଅତି ମନୋଯୋଗ ସହକାରେ ପଢନ୍ତି । ଚିହ୍ନରା ଗ୍ରାହକ ପାଇଲେ ସାହିତ୍ୟ ଆଲୋଚନା କରନ୍ତି । ସେତେବେଳକୁ କଲେଜରେ ବି.ଏ. ଖୋଲି ନଥାଏ । କେବଳ ଆଇ.ଏ. ଶ୍ରେଣୀ । ସେଥିରେ କଲେଜରେ ତାଙ୍କର ବିଶିଷ୍ଟ କବି, ଲେଖକଙ୍କୁ ଡାକି ସାହିତ୍ୟ ସଭା କରିବାକୁ ଭାରି ଆଗ୍ରହ । ସେ ମୋତେ ତାଙ୍କ ପ୍ରକୋଷ୍ଠକୁ ଥରେ ଡକାଇ କହିଲେ- ଆମ କଲେଜକୁ ସାଂସ୍କୃତିକ ସଭାକୁ ଚନ୍ଦ୍ରଶେଖର ରଥ, ରାଜେନ୍ଦ୍ର କିଶୋର ପଂଡାଙ୍କୁ ଆଣି ପାରିବ । ମୁଁ କହିଲି ଉଭୟ ନିଶ୍ଚୟ ଆସିବେ । ଦିନ ଧାର୍ଯ୍ୟ ହେଲା । ଉଭୟ ଆସିଲେ । ସେତେବେଳେ ରାଜେଂଦ୍ର କିଶୋର ପଂଡା ଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ । ନୀତି-ନିୟମ କଡ଼ା କଡି । ସେ ରାଜନୀତିକ ଚାପକୁ ଖାତିର କରନ୍ତି ନାହିଁ । ସିଂହ ପରି ନିର୍ଭୟରେ ସେ ଜୀବନ କାଟନ୍ତି । ଚନ୍ଦ୍ରଶେଖର ରଥ- ଡେପୁଟି ଡି.ପି. ଆଇ । ସେ ଖୁବ୍ ଦକ୍ଷ, ସଚ୍ଚୋଟ, ସଂସ୍କୃତି ପ୍ରେମୀ ସୁଲେଖକ । ଉଭୟ ଆସି ଯଥା ସମୟରେ ସାହିତ୍ୟ ସଭାରେ ଯୋଗ ଦେଲେ । ସାଙ୍ଗରେ ରାଜେନ୍ଦ୍ର କିଶୋର ପଂଡାଙ୍କ ସହ ଥାଆନ୍ତି ସୁଲେଖକ ଅଶୋକ ଚନ୍ଦନ । ଯିଏ ଅକାଳରେ ଚାଲିଗଲେ । ସନ୍ଧ୍ୟାବେଳ ହେଲାଣି । କଲେଜ ଲାଇବ୍ରେରୀ ଉଭୟ ବୁଲିଲେ । କଲେଜ ପଡିଆରେ ଉଭୟ ଠିଆ ହୋଇ ଦିଗ୍‌ବଳୟକୁ ଚାହିଁଲେ । ଗଲାବେଳେ କବି ରାଜେନ୍ଦ୍ର କିଶୋର କହିଲେ ଏଠି ବି.ଏ. ଶ୍ରେଣୀ ଖୋଲିଛି । ଅଧ୍ୟକ୍ଷ ରାୟ କହିଲେ ନାହିଁ । ତା'ପରେ ଆଉ କିଛି କେହି କହି ନାହାନ୍ତି । ଏ ସଭାର କିଛିଦିନ ପରେ ବି.ଏ. ଶ୍ରେଣୀ ପାଇଁ ସରକାରୀ ସ୍ୱୀକୃତି ଆସିଲା । ଏ ସ୍ୱୀକୃତି ପାଇଁ ସେତେବେଳେ କଲେଜ ସେକ୍ରେଟାରୀ ସାହିତ୍ୟପ୍ରେମୀ ଗୀତିନାଟ୍ୟ ଲେଖକ ଗୋକୁଳାନନ୍ଦ ବିଶ୍ୱାଳ ବେଶ୍ ସଦୁଦ୍ୟମ କରିଥିବା କେତେକ କହନ୍ତି । ଏହାପରେ ଆସିବେ ବିଶ୍ୱବିଦ୍ୟାଳୟ

ପରିଦର୍ଶନକାରୀ ଦଳ । ପରିଦର୍ଶନ ଦଳରେ ବରିଷ୍ଠ ପ୍ରଫେସର ମାନେ ଓ ସିଣ୍ଡିକେଟ୍ ମେମ୍ବର ରହିଲେ । ସେଥିରେ ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ବଂଶୀଧର ମହାନ୍ତି ଥିଲେ । ସମସ୍ତେ ଏକାଠି ନ ଆସି ଅଲଗା ଅଲଗା ହୋଇ ଦୁଇଥରରେ ଆସିଲେ । ଆଗେ ଆସିଲେ ପ୍ରଫେସର ମହାନ୍ତି । ତାଙ୍କ ପାଇଁ ପ୍ରାୟ ମୁଁ ଯାଜପୁର ଅଞ୍ଚଳରୁ ଭଲ ପୋଥି ଦଶଖଣ୍ଡ ସଂଗ୍ରହ କରିଥିଲି । ସେ ମୋ ସହିତ ଆସି କଲେଜରେ ପହଞ୍ଚି ସିଧା ଲାଇବ୍ରେରୀରେ ପଶିଲେ । ଭଲ ଓଡ଼ିଆ ବହି ଥାଏ କଲେଜ ଲାଇବ୍ରେରୀରେ । ଜୀବନ ସାରା ସଂଗ୍ରହ କରିଥିବା ଦୁର୍ଲ୍ଲଭ ବହି, ପତ୍ରପତ୍ରିକା ଭଞ୍ଜକବିର ଲେଖକ ଦେବେନ୍ଦ୍ର ସିଂହ ଦାନ କରିଥାନ୍ତି କଲେଜକୁ । ଲାଇବ୍ରେରୀରୁ ଛଅଖଣ୍ଡ ବହି ବାହାର କଲେ ପ୍ରଫେସର ମହାନ୍ତି । କହିଲେ ମୁଁ ଏତକ ପଢ଼ିବାକୁ ନେଉଛି । ଏଠି ଓଡ଼ିଆରେ ଏମ୍.ଏ. ଖୋଲିବା ଦରକାର । ମୂଳରୁ ବି.ଏ. ନାହିଁ । ସମସ୍ତେ ହସିଲେ । ଯେତେ ଭଲ କଲେଜ ସଂପର୍କରେ ଲେଖାଯିବା କଥା ଲେଖିଲେ । ପରେ ପରେ ଅନ୍ୟମାନେ କଲେଜ ଦେଖି ସନ୍ତୋଷ ପ୍ରକାଶ କଲେ ଓ କଲେଜରେ ବି.ଏ ଶ୍ରେଣୀ ଖୋଲିଲା । ଏମିତି ସାଧୁ ଗୌରେଶ୍ୱର କଲେଜରେ ମୋର ବର୍ଷେ ପାଖାପାଖି କଟିଗଲା । ସରକାରୀ କଲେଜ ପାଇଁ ଓ.ପି.ଏସ୍.ସି ବିଜ୍ଞାପନ ବାହାରିଲା । ଏଣେ ସରକାର ମଧ୍ୟ ଆଡହକ ଅଧ୍ୟାପକ ପାଇଁ ବିଜ୍ଞାପନ ଦେଲେ । ମୁଁ ବର୍ଷେ ରହିବା ଭିତରେ ସେ ଅଞ୍ଚଳର ପ୍ରସିଦ୍ଧ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ଏକାଦଶୀ ପାଢ଼ୀ, ଯଦୁବାବୁ, ସଦାନନ୍ଦ ବାବୁ ପ୍ରମୁଖଙ୍କର ଶ୍ରଦ୍ଧାଭାଜନ ହୋଇଥିଲି । କିନ୍ତୁ ସମସ୍ତଙ୍କର ସନ୍ଦେହ ଥାଏ ବାଉରୀବଂଧୁ ବାବୁ କ'ଣ ଏଠି ରହିବେ ? ତାଙ୍କର ଏକାଡ଼େମିକ୍ କ୍ୟାରିଅର ଭଲ । ସେ ନିଶ୍ଚେ ଏଠୁ ଚାଲିଯିବେ । ଏହି ସମୟରେ କିଏ ଜଣେ ବାଉରୀବଂଧୁ କର ଆଡହକ ଲିଷ୍ଟରେ ଥାଇ ସୁଦ୍ଧା ସରକାରୀ କଲେଜରେ ଯୋଗ ନଦେଇ ଅନ୍ୟ ପ୍ରାର୍ଥୀମାନଙ୍କ ଅଧ୍ୟାପକ ପଦ ପାଇଁ ପଥରୋଧ କରୁଛନ୍ତି ବୋଲି ଡି.ପି. ଆଇଙ୍କୁ ଲେଖିଲେ । ମୁଁ ସେ ଖବର ପାଇ ଆଉ କଲେଜରେ ନ ରହିବାକୁ ମନସ୍ଥ କଲି । ସେତେବେଳେ ଭଲ କ୍ୟାରିୟର ଥିଲେ ଚାକିରି ପାଇବା ସହଜ ଥିଲା । ମୁଁ ସେଠୁ ଆଡହକରେ ଯୋଗଦେବାକୁ ଚାଲି ଆସିଲି ସେଇ ପ୍ରିୟ କଲେଜକୁ ଛାଡି । ବର୍ଷେ ସେଠି କାମ କରିଛି । ଅଧ୍ୟକ୍ଷ, ଅଧ୍ୟାପକ, ସ୍ଥାନୀୟ ଜନସାଧାରଣ, ଛାତ୍ର ଛାତ୍ରୀ ସମସ୍ତେ ଆଦର ଯତ୍ନ କରିଛନ୍ତି । ସେତେବେଳେ ଥିବା ଓଡ଼ିଆ ମୁଖ୍ୟ ବିଜୟ କିଶୋର ସାମଲ ମୋତେ ସବୁସ୍ତରରେ ଉତ୍ସାହିତ କରିଛନ୍ତି । ମୁଁ ମୋର ଚାକିରି ଜୀବନରେ ତାଙ୍କ ପରିଭଦ୍ର, ସ୍ନେହୀ, ଅମାୟିକ ମଣିଷ କ୍ୱଚିତ୍ ଦେଖିଛି । ଏବେ ସୁଦ୍ଧା ତାଙ୍କ ସହ ମୋ ପୂର୍ବସଂପର୍କ ଅକ୍ଷୁଣ୍ଣ ରହିଛି । ସେ

କାଳର ଛାତ୍ରନେତା ରମେଶ, ଗୌତମ ଓ ଅନ୍ୟମାନେ ଆଜି ଓଡ଼ିଶାର ନେତା । ମୁଁ ସେଠି କାମ କଲାବେଳେ ମୋର ବ୍ୟକ୍ତିଗତ ଫାଇଦା ଅପେକ୍ଷା କଲେଜର ସ୍ୱାର୍ଥ ରକ୍ଷାପାଇଁ ଗୁଣ୍ଡୁଚି ମୂଷା ସେତୁବଂଧ ବାନ୍ଧିବା ପରି ମୁଁ ଯତ୍ ସାମାନ୍ୟ କାର୍ଯ୍ୟ କରିଛି । ମୁଁ ମୋ କର୍ମଜୀବନର ଏଇ ପ୍ରଥମ ଅନୁଷ୍ଠାନଟିକୁ ମୋ ହୃଦୟରେ ଏକ ସ୍ୱନନ୍ତ୍ର ସ୍ଥାନରେ ରଖିଛି । ଏବେବି ସାଧୁ ଗୌରେଶ୍ୱର କଲେଜ ନାଁ ପଡିଲେ ମୁଁ କହେ ସେ କଲେଜ ମୋର ପ୍ରଥମ କର୍ମକ୍ଷେତ୍ର, ମୋର ପୁଣ୍ୟ ଶିକ୍ଷାନୁଷ୍ଠାନ, ଛାତ୍ରମାନଙ୍କୁ କିପରି ଶିକ୍ଷାଦାନ ପରି ପବିତ୍ର କର୍ମ କରିବାକୁ ହୁଏ, ସେଠି ପ୍ରଥମେ ଶିଖିଥିଲି ।

ଶେଷରେ ମୋର ମନେ ପଡୁଛି ସବୁଜକବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କବିତାର କେଇଧାଡି ;

"ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତି ପରେ ଟେକିଛି ମଥା
ପଢ଼ିଥିଲି ଯହିଁ ପ୍ରଥମ ଅକ୍ଷର
ଶିଖିଥିଲି ଯହିଁ ପ୍ରଥମ କଥା ।"

ମୋ ପାଇଁ ସାଧୁ ଗୌରେଶ୍ୱର କଲେଜ, ପୂର୍ବ ଯାଜପୁର ପବିତ୍ର ଦେବାଳୟଠାରୁ ଆହୁରି ପବିତ୍ର । ଏଇଠି ଛାତ୍ରମାନଙ୍କ ଗହଣରେ ଅଧ୍ୟାପକ ଭାବେ ମୋର ପାଟି ଫିଟିଥିଲା । ଏଇଠି ଉଚ୍ଚତର ଗବେଷଣା ପାଇଁ ମୋ ଭିତରେ ରହିଥିବା ସମ୍ଭାବନାର ବିକାଶ ଘଟିଥିଲା । ଚିର ସ୍ମରଣୀୟ ଏ ଅନୁଷ୍ଠାନ । ଏ ଅନୁଷ୍ଠାନ ମୋ ପାଇଁ ସ୍ମୃତିତୀର୍ଥ । ଏ ତୀର୍ଥରେ ବାରମ୍ବାର ପାଦ ଦେବାରେ ମୋର ଅହେତୁକ ଆନନ୍ଦ ।



ମୋ ଭଦ୍ରକ ଅନୁଭୂତି

ମୁଁ ସରକାରୀ ଚାକିରିରେ ଡିସେମ୍ବର ପହିଲା ୧୯୬୭ ମସିହାରେ ଭଦ୍ରକ କଲେଜ (ସାନ୍ଧ୍ୟ ଶାଖା)ରେ ଯୋଗଦେଇଥିଲି । ଭଦ୍ରକ ଗାଁ ଖଣ୍ଡିତରକୁ ବେଶ୍ ନିକଟ । ଭଦ୍ରକ ସହିତ ଆମ ଜିଲ୍ଲାର ସଂପର୍କ ଖୁବ୍ ନିବିଡ । ମୁଁ ଯୋଗଦେବା ବେଳକୁ ଭଦ୍ରକ ଥାଏ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ତର୍ଗତ ଓ ଯାଜପୁର ଥାଏ ଅବିଭକ୍ତ କଟକ ଜିଲ୍ଲାର ପ୍ରସିଦ୍ଧ ସବ୍‌ଡିଭିଜନ୍ । ଶିକ୍ଷା, ସଂସ୍କୃତି, ରାଜନୀତିକ ଦୃଷ୍ଟିକୋଣରୁ ଯାଜପୁର ଯେପରି ଗୁରୁତ୍ୱପୂର୍ଣ୍ଣ, ଭଦ୍ରକର ମଧ୍ୟ ସେହିପରି ସୁଖ୍ୟାତି ସବୁକ୍ଷେତ୍ରରେ ରହିଛି । ପୁଣି ବିଦ୍ୟା, ବୁଦ୍ଧି, ବିଚାର, ଆଦର୍ଶ ଭାବନା, ନୈତିକତା- ସକଳ ଗୁଣ ନିପୁଣ ଭାବରେ ପୁରୀ ବ୍ରାହ୍ମଣ, କଟକ କରଣ, ଯାଜପୁର ସର୍ବସାଧାରଣ, ଭଦ୍ରକ ପଠାଣ, ଆନନ୍ଦପୁର ପାଣ ମାନଙ୍କର ସୁଖ୍ୟାତି ସର୍ବଭାରତୀୟ ସ୍ତରରେ ରହିଛି । ଯାଜପୁରର ଲୋକ ଚଳଣି ଓ ଭଦ୍ରକର ଲୋକଚଳଣି ପ୍ରାୟ ସମାନ କହିଲେ ଚଳେ । ଭଦ୍ରକର ପାଳୁଅ ଲଡୁ ଯାଜପୁରବାସୀଙ୍କର ଯେମିତି ଜିହ୍ୱା ସ୍ୱାଦିଷ୍ଟ ଖାଦ୍ୟ, ଠିକ୍ ସେହିପରି ଖଣ୍ଡିତର ନିକଟସ୍ଥ ସାପୁର ହଟର ପୋଟଳ, କଲରା, ଜହ୍ନି, ଭେଣ୍ଡି, ବାଇଗଣ, ସାରୁ ଆଦି ପନିପରିବା ଭଦ୍ରକବାସୀଙ୍କର ଆଦରଣୀୟ । ଅତୀତରେ ଭଦ୍ରକର ପ୍ରସିଦ୍ଧ ବ୍ୟକ୍ତି ବିଶେଷଙ୍କ ଜମିଦାରୀ ଯାଜପୁରରେ ବିଭିନ୍ନ ଅଞ୍ଚଳରେ ଥିଲା ଓ ଅନୁରୂପ ଭାବରେ ଯାଜପୁରର କେତେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଜମିଦାରୀ ଭଦ୍ରକର ବିଭିନ୍ନ ଅଞ୍ଚଳରେ ରହିଥିଲା । ସାଂସ୍କୃତିକ କ୍ଷେତ୍ରରେ ଦେଖିବାକୁ ଗଲେ ଏଠାକାର ମୋଗଲ ତାମସା, ଜଗନ୍ନାଥ ପାଣିଙ୍କ ଗୀତିନାଟ୍ୟ, ରଘୁନାଥ ପଣ୍ଡାଙ୍କ ଯାତ୍ରା, ଏଠାକାର ପାଲା ଆଦି ଯାଜପୁର ବାସୀଙ୍କର ଖୁବ୍ ପସନ୍ଦ । ଯାଜପୁରର ଗୋପାଳ ଉଡେ, କୃଷ୍ଣପ୍ରସାଦ ବସୁଙ୍କ ପରି ପ୍ରତିଭାଶାଳୀ ସାଂସ୍କୃତିକ ମଣିଷମାନଙ୍କ ବ୍ୟକ୍ତିତ୍ୱର ବିକାଶରେ ଭଦ୍ରକବାସୀ ଢେର ଉତ୍ସାହିତ କରିଛନ୍ତି । ଭଦ୍ରକ ଓ ଯାଜପୁରର ସୀମାରେଖା ରୂପେ ପୂତନୀରା ବୈତରଣୀ ନଦୀ ବହି ଯାଇଛି । ଉଭୟସ୍ଥାନ ହେଉଛି ମାତୃ ଉପାସନାର ପୁଣ୍ୟ ପୀଠ । ଭଦ୍ରକର 'ଭଦ୍ରକାଳୀ' ଓ ଯାଜପୁରର 'ମା ବିରଜା'- ଉଭୟ ପୀଠ ମାତୃ ଉପାସନା ପରଂପରାର ସୂଚନା ଦିଏ । ଏଭଳି ଏକ ସ୍ଥାନରୁ ମୁଁ ସରକାରୀ କଲେଜରେ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲି ।

ମୁଁ ୧୯୬୭ ଡିସେମ୍ବର ପହିଲା ଦିନ ସିଧାସଳଖ ଗାଁରୁ ଯାଇ ସକାଳ ଆଠଟା

ସୁଦ୍ଧା ଭଦ୍ରକରେ ପହଞ୍ଚିଲି । ବସ୍‌ଷ୍ଟାଣ୍ଡରେ ପହଞ୍ଚି ଜଳଖିଆ ଖାଇବାକୁ ଗୋଟିଏ ଦୋକାନରେ ପଶିଲି । ଦୋକାନରେ ପଶିବା ମାତ୍ରେ ଶୁଣିଲି; ଏ ଦୋକାନରୁ ଜଳଖିଆ ଖାଇ ସାତଜଣ ଆଇ.ଏ.ଏସ୍ ଅଫିସର, ପାଞ୍ଚଜଣ ବଡ଼ ବିଶ୍ୱବିଦ୍ୟାଳୟରେ ପ୍ରଫେସର । ତିନିଜଣ ବୈଜ୍ଞାନିକ, ଦୁଇଜଣ ଖ୍ୟାତନାମା ଡାକ୍ତର ହୋଇଛନ୍ତି । ଏମିତି ଡାକି ଚାଲିଥାଏ ଗ୍ରାହକ-ମାନଙ୍କୁ ଜଳଖିଆ ଦେଉଥିବା ବ୍ୟକ୍ତି ଜଣକ- ବୋଧହୁଏ ତା ନାଁ ହବ 'ମହେନ୍ଦ୍ର । ମୋ ମନରେ କୌତୂହଳ ଜାତ ହେଲା- ଏଠି ନିତି ଜଳଖିଆ ଖାଇଲେ ଭଲ ହୁଅନ୍ତା । ଏକାଧିକ ପାଳୁଅ ଲଡୁ ଖାଇଲି । ତା'ପରେ ଧୀରେ ଧୀରେ ଭଦ୍ରକ କଲେଜ ଯିବାକୁ ଉପକ୍ରମ କଲି । ଚାଲି ଚାଲି ସେ ସମୟର ନାଲିଗୋଡି ରାସ୍ତାରେ କଲେଜରେ ଯାଇ ଦଶଟାରେ ପହଞ୍ଚିଲି । ସେଠି ପହଞ୍ଚି ତତ୍‌କ୍ଷଣାତ୍ ସରକାରୀ କଲେଜରେ ଯୋଗଦେବା ପାଇଁ ଥିବା ଫର୍ମରେ ଆବଶ୍ୟକୀୟ ତଥ୍ୟପୂରଣ କରି କଲେଜ କମନ୍‌ରୁମ୍‌କୁ ଗଲି । ସେଠାରେ ମୋର ଯାହାଙ୍କ ସହ ପ୍ରଥମ ସାକ୍ଷାତ ହେଲା, ସେ ଥିଲେ ଅଧ୍ୟାପକ ଏମ୍.ଏ.ନବି, ମୁଖ୍ୟ ଇଂରାଜୀ ବିଭାଗ (ସାନ୍ଧ୍ୟ ଶାଖା) । ଅତି ମେଳାପୀ, ଭଦ୍ର, ବିନୟୀ, କଳାସଙ୍ଗୀତ ପ୍ରିୟ, ରସିକ ସ୍ୱଭାବର ମଣିଷ । ପ୍ରଥମ ଦର୍ଶନରେ ମୋତେ ଖୁବ୍ ଭଲ ଲାଗିଥିଲେ ସେ । ତା'ପରେ ଅଧକ୍ଷଙ୍କୁ ସାକ୍ଷାତ କରିବାକୁ ଗଲି । ତାଙ୍କ ନାଁ ଥିଲା ଡକ୍ଟର ଗୁରୁପଦ ପରିଡ଼ା, ତାଙ୍କ ବିଭାଗ ମନସ୍ତତ୍ତ୍ୱ ବିଭାଗ । ପ୍ରଥମେ ଅଧକ୍ଷଙ୍କ ପ୍ରକୋଷ୍ଠରେ ପହଞ୍ଚି ତାଙ୍କୁ ହାତ ଯୋଡି ପ୍ରଣାମ କଲି । ସେ ମୋତେ ଖୁବ୍ ଜୋରରେ ଚାହିଁଲେ । ମୁଁ ସେଇମିତି ଠିଆ ହୋଇଥାଏ । କିଛି ସମୟ ପରେ କହିଲେ, "ଆଡହକ ଅଧାପକ ଭାବରେ ତ ଯୋଗ ଦେଇଛ"- ଯାଅ କାହିଁକି ସମୟ ନଷ୍ଟ କରି ଠିଆ ହୋଇଛ । ପଳାଇ ଆସିଲି । ପ୍ରଥମ ସାକ୍ଷାତରେ ଅଧକ୍ଷ ତାଙ୍କ ପ୍ରକୋଷ୍ଠରୁ ପଦୁଟିଏ କିଛି ନ କହି ବିଦା କରିଦେବା ମୋତେ ଭାରି ବାଧିଲା । କମନ୍‌ରୁମ୍‌ରେ ଆସି ଗୋଟେ କଣରେ ଚୁପ୍‌ଚାପ୍ ବସିଲି । ଏହି ସମୟରେ ସେଠାକୁ ଆସିଲେ ଇଂରାଜୀ ପ୍ରାଧ୍ୟାପକ ହରିହର ରଥ ଓ କିଛି ସମୟ ପରେ ଆସିଲେ ଓଡ଼ିଆ ପ୍ରାଧ୍ୟାପକ ଗଙ୍ଗାଧର ବଳ । ଉଭୟଙ୍କୁ ମୁଁ ପଢ଼ିବା ସୟରୁ ଚିହ୍ନିଥିଲି । ହରିବାବୁ ଠୋ ଠୋ ହୋଇ ହସି ହସି କହିଲେ- ବାଉରୀବଂଧୁ- କିହୋ ଏଠି କ'ଣ ଯୋଗଦେଲେ । ଖୁବ୍ ଭଲ ହେଲା । ଗଙ୍ଗାଧର ବାବୁ ପାଖକୁ ଡାକିଲେ ଓ ଭଲ କଥାବାର୍ତ୍ତା କଲେ । ଯୋଗଦେବା ପରେ ରହିବି କେଉଁଠି, ସେ ଚିନ୍ତା ମୋତେ ଘାରିଲା ।

ରହିବାପାଇଁ ଏଠି ସେଠି ଖୋଜା ଲୋଡ଼ା କଲି । ଏହି ସମୟରେ କେତେକ ବଂଧୁଙ୍କ ପରାମର୍ଶ କ୍ରମେ ଛକଡି ଭବନ ଗଲି । ଏଠି କେତେକ ଯୁବ ଅଧାପକଙ୍କ ସହ

ଅଚ୍ଚ କେଇଜଣ ପ୍ରବୀଣ ଅଧ୍ୟାପକ ରହୁଥାନ୍ତି । ସେଠି ସମସ୍ତେ ହସ ଖୁସିରେ ରହନ୍ତି । ସମସ୍ତେ ସମସ୍ତଙ୍କୁ ଥଟ୍ଟା ପରିହାସ କରନ୍ତି । ସେଠି ସବୁଠୁ ବୟସ୍କ ଅଧ୍ୟାପକ ପ୍ରହ୍ଲାଦ ମହାନ୍ତି ଆମ ବିଭାଗର ରହୁଥାନ୍ତି । ଯିଏ ଯେତେବେଳେ ଚାହେଁ ତାଙ୍କୁ ଗେଲ ଥଟ୍ଟା କରନ୍ତି । ସେ ସମସ୍ତଙ୍କର ଆଦରର ପହଲାବାବା । ସେ ବ୍ଲୁ ରଂଗର ଖୋର୍ଦ୍ଧା ଲୁଂଗି ଓ ଶୁଭ୍ରଧଳା ଗଂଜି ପିନ୍ଧି ଛକଡ଼ି ଭବନରେ ଏ ପ୍ରକୋଷ୍ଠରୁ ସେ ପ୍ରକୋଷ୍ଠ ବୁଲନ୍ତି । ବେଳେ ବେଳେ ତାଙ୍କୁ ଘେରି ଯୁବ ଅଧ୍ୟାପକମାନେ ଶ୍ଳୀଳ-ଅଶ୍ଳୀଳ ନାନା କଥା କହନ୍ତି । ତାଙ୍କ ଲୁଂଗିଟି ଅତି ପତଳା ହୋଇଥିବାରୁ ବାହାରକୁ ଭିତରର ଜିନିଷ ଦୃଶ୍ୟମାନ ହୁଏ । ଏ ପ୍ରସଙ୍ଗରେ ମନେ ପଡେ ଉତ୍କଳୀୟ କାରୁକାର୍ଯ୍ୟ ଖଚିତ ଶାଢ଼ୀ ପିନ୍ଧି ବୌଦ୍ଧ ସନ୍ନ୍ୟାସିନୀ କିପରି କିଛି ନ ପିନ୍ଧିବା ପରି ଦିଶୁଥିଲେ । ସେମିତି ଖୋର୍ଦ୍ଧାଲୁଙ୍ଗି ପିନ୍ଧି ପହଲାବାବା ଦିଶନ୍ତି । ଏସବୁ ଲକ୍ଷ୍ୟକରି ତାଙ୍କୁ ଜଣେ ଯୁବ ଅଧ୍ୟାପକ କହିଲେ, "ପହଲାବାବା ପହଲା ବାବା ୱାଟ୍ ଇଜ୍ ଦ୍ୟାଟ୍ । ହାଙ୍ଗିଙ୍ଗ୍ ଲାଇକ୍ ଏ କ୍ରିକେଟ୍ ବ୍ୟାଟ୍" ତା'ପରେ ବାବାଙ୍କ ସମେତ ସମସ୍ତେ ହସନ୍ତି, ତାଳିମାରନ୍ତି, ବେଳେବେଳେ ଦ୍ରୌପଦୀଙ୍କ ବସ୍ତ୍ର ଭିଡ଼ିବା ପରି କେତେକ ତାଙ୍କ ଲୁଙ୍ଗିକୁ ଟଣାଟଣି ବି କରନ୍ତି, ଖୋସଣି ଫିଟାଇବାକୁ ଉଦ୍ୟମ କରନ୍ତି । ବେଳେ ବେଳେ ବାବାଙ୍କ ସହ ଭାରତୀୟ ଚଳଚ୍ଚିତ୍ର ଜଗତର ବଡ଼ ବଡ଼ ଚିତ୍ର ତାରକାମାନଙ୍କର ହାସ୍ୟମଧୁର ପ୍ରୀତି ସଂପର୍କରେ ରହିଥିବା କଥା କେତେକ ବଂଧୁ କହିବାକୁ ସଂକୋଚବୋଧ କରନ୍ତି ନାହିଁ । ଏପରିକି କେତେକ ଗମ୍ଭୀର ପ୍ରକୃତିର ଅଧ୍ୟାପକ ମଧ ବାବାଙ୍କ ସହ ଗେଲ ଥଟ୍ଟା ହୁଅନ୍ତି । ବାବାଙ୍କର ଏସବୁ ପରିହାସ ବେଶ୍ ଦେହସୁହା ହୋଇଯାଏ । ସେ କେବେହେଲେ ଏ ସକଶେ କାହା ଉପରେ ରାଗନ୍ତି ନାହିଁ କିମ୍ବା କାହାକୁ କିଛି କହନ୍ତି ନାହିଁ । ବାବାଙ୍କ ଉପରେ ତାଙ୍କର ଅଗ୍ରଜ ଓ ଅନୁଜ ବଂଧୁମାନଙ୍କର ଏତାଦୃଶ ଆକ୍ରମଣ ସତ୍ତ୍ୱେ ସେ ସମସ୍ତଙ୍କୁ ଖୁବ୍ ଭଲ ପାଆନ୍ତି । ବିଶେଷ କରି ସେ ତାଙ୍କ ଶିକ୍ଷକ ଓ ସହଧ୍ୟାୟୀ ବଂଧୁମାନଙ୍କୁ ଅତ୍ୟନ୍ତ ସମ୍ମାନ ଓ ଶ୍ରଦ୍ଧାର ଚକ୍ଷୁରେ ଦେଖନ୍ତି । ଏସବୁ ସତ୍ତ୍ୱେ ପହଲା ବାବାଙ୍କୁ ଛାତ୍ରମାନେ, ସାଙ୍ଗମାନେ ଆବଶ୍ୟକ ସ୍ଥଳେ ଖୁବ୍ ମର୍ଯ୍ୟାଦା ଦିଅନ୍ତି । ପହଲା ବାବା ସ୍ୱଜନ୍ମଭୂମି ଓ ଏହାର କୀର୍ତ୍ତି ଭାସ୍ୱର ମହିମାକୁ ଉଚ୍ଚସ୍ଥାନ ଦିଅନ୍ତି । ସେ କଥା କଥାକେ ବାଲେଶ୍ୱର ଓ ଆଧୁନିକ ସାହିତ୍ୟର ନବନିର୍ମାଣରେ ବାଲେଶ୍ୱରର ଅବଦାନ କଥା କହନ୍ତି । ଓଡ଼ିଶାର ମାନଚିତ୍ରରେ କିପରି ବାଲେଶ୍ୱର ଉପଯୁକ୍ତ ସ୍ଥାନ ପାଇବ ଏବେବି ସେ ସଚେତନ । ନିଜ ଜନ୍ମଭୂମିର ମାଟି, ପାଣି, ପବନକୁ ଭଲ ପାଉଥିବା ସଂସ୍କୃତି ସଂପନ୍ନ ଅଧ୍ୟାପକ ପ୍ରହ୍ଲାଦ ମହାନ୍ତି ସତରେ ଏକ ବିରଳ ବ୍ୟକ୍ତିତ୍ୱ ।

ଯାହା ହେଉ ଶେଷରେ ମୁଁ ସେଇ କ୍ୟାମ୍ପସକୁ ଲାଗିଥିବା ଗୋଟିଏ ମେସ୍‌ରେ ମୋର ବଂଧୁ ଜିତେନ୍ଦ୍ର ନାରାୟଣ ଦାଶ (ଦାଶବେନ୍‌ହୁର)ଙ୍କ ସହ ରହିଲି । ପ୍ରାୟ ତିନି ମାସ ତାଙ୍କ ସହିତ ରହିଲି । ସେଠି ମଧ୍ୟ ଖିଆ ହୁଏ । ସେଠି ମୋର ଦେଖା ହୁଅନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପାସ୍ କରି ଅଧ୍ୟାପକ ଭାବେ ଯୋଗ ଦେଇଥିବା ଅଧ୍ୟାପକ ବିଜୟ କୁମାର ଅଗ୍ରଓ୍ୱାଲଙ୍କ ସହ । ସେ ସବୁବେଳେ ତାଙ୍କର ଶିକ୍ଷକମାନଙ୍କର ଭୂୟସୀ ପ୍ରଶଂସା କରନ୍ତି । ସେ ସମୟରେ ସେ ଆଇ.ଏ.ଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତିରେ ମାତିଥାନ୍ତି । ସେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମୌଖିକ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇ ପାରିନଥିଲେ । ଏହି ସମୟରେ ମୋର କତିପୟବନ୍ଧୁ ପ୍ରେମ ବ୍ୟାପାରରେ କଲେଜରେ ଛାତ୍ରୀମାନଙ୍କ ସହ ମାତିଥିଲେ । ଦାଶ ବେନହୁର ଓ ହରେଶ ମିଶ୍ର ଏ ବ୍ୟାପାରରେ ଥିଲେ ଆଗୁଆ । ସମୟ ଓ ସୁଯୋଗ ପାଇଲେ ଏମାନେ ଯାଇ ଯଥାସମ୍ଭବ ପ୍ରେମରେ ମାତିଥିବା ଛାତ୍ରୀଙ୍କ ସହ କଥା ହୁଅନ୍ତି । ଦିନକର କଥା ମୁଁ ସକାଳୁ ନିତ୍ୟକର୍ମ ସାରି ବସିଛି । ହରେଶ ମିଶ୍ର-ମନସ୍ତତ୍ତ୍ୱ ଅଧ୍ୟାପକ ସକାଳୁ ଉଠିଲେ । ତାହାଙ୍କ ନିଦ ସଂପୂର୍ଣ୍ଣ ଛାଡିନଥାଏ- ସେ ଦେଖିବାକୁ ସାମାନ୍ୟ ଭାବରେ ନେପାଳୀ ଲୋକଙ୍କ ଭଳି । ମୁଁ କହିଲି ହରେଶ ତମେ ହେଉଛ ନେପାଳର ରାଷ୍ଟ୍ରଦୂତ । ସେ କ'ଣ ବୁଝିଲା କେଜାଣି ମୋତେ ଏକ ବ୍ରହ୍ମ ଚାପୁଡା ଦେଲା, ପାଞ୍ଚ ଆଙ୍ଗୁଳି ମୋ ଗାଲରେ ଦାଗ ହୋଇ ଦିଶିଲା- ମୁଁ ହସି ପାରୁ ନଥାଏ କି କାନ୍ଦି ପାରୁ ନଥାଏ । ମୋର ଏ ଅବସ୍ଥା ଦେଖି ବିଜୟ ଅଗ୍ରଓ୍ୱାଲା, ଜିତ ଦାଶ ତା' ଉପରେ କ୍ଷୁବ୍‌ଧ ହୋଇ ଗାଳି ଦେଲେ ଓ ସେ ମୋ ଗୋଡ଼ ତଳେ ବେକରେ ଗାମୁଛା ପକାଇ ଭୁଲ୍ ମାଗିଲା । ସେ ଭୁଲ ମାଗିଲା, କିନ୍ତୁ ଗାଲରୁ ଦରଜ ଗଲାନାହିଁ । ଏ ଘଟଣାର ପନ୍ଦର ଦିନ ପରେ ମୁଁ ଅନ୍ୟତ୍ର ଯାଇ ରହିଲି । ଏହି ସମୟରେ ମଦନମୋହନ ମହଲା ନାମକ ଜଣେ ଛାତ୍ର ମୋତେ ବସାଘର ଖୋଜି ଦେବାରେ ସହାୟତା କରିଥିଲା । ଶେଷରେ ମୁଁ ଯାଇ ବସଷ୍ଟାଣ୍ଡ୍ ପାଖ ବାବାଜୀ ଭୂୟାଁ ମେସ୍‌ରେ ରହିଲି । ସେଠି କିଛି ପ୍ରବୀଣ ଶିକ୍ଷକ ରହୁଥିଲେ- ଯେଉଁମାନଙ୍କ ମଧ୍ୟରେ ସବୁଠୁ ବୟସ୍କ ଥିଲେ- ଅଧ୍ୟାପକ ଜଗନ୍ନାଥ ଶା- ସେ ଫିଜିକ୍‌ସ ଅଧ୍ୟାପକ କିନ୍ତୁ ତାଙ୍କର ସାହିତ୍ୟବୋଧ ଶକ୍ତି ଖୁବ୍ ପ୍ରଖର । ଖୁବ୍ ଭଲ ମଣିଷ, ବଂଧୁ ବତ୍ସଳ, ମିଷ୍ଟଭାଷୀ, କର୍ତ୍ତବ୍ୟ ପରାୟଣ, ଭାରି ମେଳାପୀ ସ୍ୱଭାବର ସେ । ସେଠି ବେଶୀ ସଂଖ୍ୟାରେ ଫିଜିକ୍‌ସ, କେମେଷ୍ଟ୍ରି, ବଟାନି, ଜୁଲଜି ଅଧ୍ୟାପକ ରହୁଥିଲେ । ସେଠି ରହୁଥିଲେ ଫିଜିକ୍‌ସର ଅଧ୍ୟାପକ ନବଘନ ଶାନ୍ତି- ଯିଏକି ସଂଯୁକ୍ତା ଜେନା ନାମ୍ନୀ ଜଣେ ଶିକ୍ଷୟିତ୍ରୀ ସହ ପ୍ରଗାଢ଼ ପ୍ରୀତିରେ ଥିଲେ । ବିବାହ ପାଇଁ ଉଭୟ ରାଜି ଥିଲେ- ହେଲେ ଜାତି

ଅଲଗା । ପୁଅ ଗୋଲା- ଝିଅ ଖଣ୍ଡାୟତ । ଏଣୁ ଝିଅଘର ଏ ବାହାଘରରେ ରାଜି ନଥିଲେ । କ'ଣ କରାଯିବ- କେଉଁଠି ନିରାପଦରେ ବିବାହ ହେବ । ଶେଷରେ ବିରଜା ମନ୍ଦିରରେ ବିବାହ ହେବା ପାଇଁ ଠିକ ହେଲା । ଜଣେ ଫିଜିକ୍ସ ଅଧ୍ୟାପକ କନ୍ୟାପିତା ଓ ତାଙ୍କ ସ୍ତ୍ରୀ ମାତା ହୋଇ ବିବାହ କାର୍ଯ୍ୟରେ ସହାୟତା କଲେ । ବିବାହ ପରେ ବର-କନ୍ୟା ଘରକୁ ଯିବେ । ନବଘନ ସହିତ ସଂଯୁକ୍ତା ଓ ଆଉ ଦୁଇଜଣ ଅଧ୍ୟାପକ ଗାଁକୁ ବରକନ୍ୟାକୁ ଛାଡିବାକୁ ଗଲେ । ଖଣ୍ଡାୟତ କୁଳ ସମବେତ ହୋଇ ଏ ବିବାହର ପ୍ରତିବାଦ କଲେ । ବରଘର ବରୀ ବାଲିଆପାଳ ଅଞ୍ଚଳରେ ଲୋକେ ଉଭୟ ବର-କନ୍ୟାକୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନଥିଲେ । ପୋଲିସର ସହାୟତାରେ ଓ ବିଶିଷ୍ଟ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବଙ୍କ ସୁପରାମର୍ଶରେ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ହେଲା । ନବଘନ ଶାନ୍ତିଙ୍କର ଏହାପରେ ଯେଉଁ ସନ୍ତାନ ଲାଭ ହୋଇଥିଲା- ତାର ନା ରଖିଥିଲୁ ବିରଜା ପ୍ରସାଦ । ଆଶଙ୍କା, ଭୟ, ବିପଦ, ଜାତିଗତ ବିଦ୍ୱେଷ ସତ୍ତ୍ୱେ ଉଭୟଙ୍କ ବିବାହ ମା' ବିରଜାଙ୍କ ଅପାର କରୁଣାରୁ ସମ୍ଭବପର ହୋଇଥିଲା ।

ସେ ସମୟରେ ଆଉ ଏକ କଥା ଏଠି ବଖାଣିବାକୁ ଉଚିତ ମଣୁଛି । ତାହା ହେଲା; ଅଧ୍ୟାପକ ବୃତ୍ତି ପାଇଁ ଲୋକସେବା ଆୟୋଗ, ଓଡ଼ିଶାଙ୍କ ପରୀକ୍ଷା ପ୍ରସଙ୍ଗ । ଆମ ସମୟରେ ଅଧ୍ୟାପକ ପାଇଁ ଏକ ଲିଖିତ ପରୀକ୍ଷା ପ୍ରଥମେ ଓଡ଼ିଶା ଲୋକସେବା ଆୟୋଗ (PSC) କରାଇଲେ । ମୁଁ ପରୀକ୍ଷା ଦେଲି । ମୋର ଠିକଣା ଥାଏ ଭୁବନେଶ୍ୱର ମୋ ଭଉଣୀ ଘର । ସେ ପରୀକ୍ଷାର ଫଳ ବାହାରିଲା । କିନ୍ତୁ ମୋର ଚିଠି ଆସିବାରେ ଟିକେ ବିଳମ୍ବ ହେଲା । ଏହାର ସୁଯୋଗ ନେଇ କେତେକ କହିଲେ, "ବାଉରୀବଂଧୁ କର ଲିଖିତ ପରୀକ୍ଷାରେ କଟିଛନ୍ତି"- ବିଜୁଳି ବେଗରେ ଏହା ବ୍ୟାପିଗଲା । ସେତେବେଳେ ଫୋନ୍ ସୁବିଧା ଏତେ ନଥାଏ- ଚିଠିଟି ଭଉଣୀ ଘରକୁ ଯାଇ ସେଠାରୁ ଭଦ୍ରକ କଲେଜକୁ ପୁଣି ଆସିଥାଏ- ମୌଖିକ ପରୀକ୍ଷା ପାଇଁ ଡାକରା ପାଇ ଆଶ୍ୱସ୍ତି ହେଲି- କାହାକୁ କିଛି ନ କହି ମୌଖିକ ପରୀକ୍ଷା ଦେଇ କୃତିତ୍ୱର ସହ କୃତକାର୍ଯ୍ୟ ହେଲି । 'ତୁଣ୍ଡବାଇଦ ଯେ ସହସ୍ର କୋଶ' ଏବଂ ଖରାପ ଖବର ପ୍ରଘଟ କରି କିପରି ବଂଧୁମାନେ ଆନନ୍ଦ ପାଆନ୍ତି ଏଇ ଘଟଣାରୁ ଜାଣିଥିଲି ।

ଭଦ୍ରକରେ ଥିବା ସମୟରେ ଆଉ ଏକ କଥା ଏବେ ବି ମୋର ମନେ ଅଛି । ସେତେବେଳେ କଲେଜର ଅଧ୍ୟକ୍ଷ ଥାଆନ୍ତି ଡକ୍ଟର ଗୁରୁପଦ ପରିଡ଼ା । ସେ ମହାଶୟ ପ୍ରଥମ ଦର୍ଶନରୁ ମୋ ପ୍ରତି ବିମୁଖ ଥିଲେ । ଥରେ ଡକ୍ଟର ହରେକୃଷ୍ଣ ମହତାବ ଭଦ୍ରକ

ଆସିଥାନ୍ତି । ତାଙ୍କୁ ବିଭିନ୍ନ ବର୍ଗର ଲୋକ ସେଠାରେ ଭେଟିଥିଲେ । ଏଡ଼େ ବଡ଼ମଣିଷ, ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସଂପାଦକ- ଭଦ୍ରକ ତାଙ୍କ ଜନ୍ମପୀଠ ଓ କର୍ମଭୂମି, ସୁତରାଂ ତାଙ୍କୁ ବିଭିନ୍ନ ଲୋକ ଭେଟିବା ସ୍ୱାଭାବିକ । ମୁଁ ମଧ୍ୟ ତାଙ୍କୁ ଭେଟିଥିଲି । ଏ ଖବର "ପ୍ରଜାତନ୍ତ୍ର" ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା । ଏଇ ଖବର ପାଖରେ 'ଭଦ୍ରକ କଲେଜରେ ନାନା ଅବ୍ୟବସ୍ଥା' ଶୀର୍ଷକ ଏକ ସମ୍ବାଦ ବାହାରିଥିଲା । ଏ ଖବର ପଢ଼ି କେତେକଙ୍କର ଧାରଣା ହେଲା- "ବାଉରୀ ବଂଧୁ କର ଯେହେତୁ ଡକ୍ଟର ମହତାବଙ୍କୁ ଭେଟିଛି, ସେଇ ତାଙ୍କୁ କଲେଜର ଅବ୍ୟବସ୍ଥା ସଂପର୍କରେ କହି ଏପରି ଖବର ଛପାଇଛି" ରାଗ ଅଧ୍ୟକ୍ଷ ଡକ୍ଟର ପରିଡ଼ାଙ୍କର କହିଲେ ନସରେ । ସେ ଏତେ ମାତ୍ରାରେ ମୋ ଉପରେ ରାଗିଗଲେ ଯେ ମୋ ଗୁପ୍ତ ଚରିତ୍ର ପଞ୍ଜିକା (CCR)ରେ ଏଣୁତେଣୁ ଲେଖି ପକାଇଲେ । ଅବଶ୍ୟ ମୋର ଏସବୁ ମନ୍ତବ୍ୟ ମୋ ଚରିତ୍ର ପଞ୍ଜିକାରୁ ବାଦ ଦିଆଗଲା- ମୁଁ ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷ ଓ ତତ୍କାଳୀନ ଡି.ପି.ଆଇ ପ୍ରଫେସର ବି.ଦାସଙ୍କୁ ଲିଖିତ ଭାବରେ ଏଭଳି ପ୍ରତିକୂଳ ମନ୍ତବ୍ୟ ବାଦ୍ ଦେବା ପାଇଁ ପ୍ରାର୍ଥନା କରି ଲେଖିଥିଲି । ଥରେ ମଧ୍ୟ ଅଧ୍ୟକ୍ଷ ଡକ୍ଟର ପରିଡ଼ା ଶିକ୍ଷକ ପରିଷଦ (Staff council) ମିଟିଂରେ ମୋତେ ଭର୍ତ୍ସନା କରି ଖରାପ ବ୍ୟବହାର କରିବାରୁ ମୁଁ ତାଙ୍କର ଏ ଆଚରଣର ପ୍ରତିବାଦ ସିଧାସଳଖ କରିଥିଲି । ମୋତେ ଏପରି ଆଚରଣ ନକରି ଅଧ୍ୟକ୍ଷ ଯାହା କହୁଛନ୍ତି ସହ୍ୟ କରିବାକୁ ମୋର ଅଗ୍ରଜ ପ୍ରତିମ ବଂଧୁ ସୌରୀନ୍ଦ୍ର ବାରିକ ବୁଝାଇଥିଲେ । ତାଙ୍କର ମତ ଥିଲା- ଚାକିରି କଲେ କେତେ ଝଡ଼ ଝଞ୍ଜା ଆସିବ, ସେସବୁକୁ ସହ୍ୟ କରି ପାରିଲେ ଚାକିରିରେ ସ୍ୱାଦୁ ଆସ୍ୱାଦନ କରି ହେବ, ନଚେତ୍ ଜୀବନ ହେବ ଜଞ୍ଜାଳମୟ । ପରବର୍ତ୍ତୀ ସମୟରେ ତାଙ୍କର ଏସବୁ କଥାକୁ ମୁଁ ବେଦବାକ୍ୟ ମନେ କରିଥିଲି ।

ଭଦ୍ରକ କଲେଜରେ ପିଲାମାନେ ସେମାନଙ୍କ ଶିକ୍ଷକମାନଙ୍କୁ ଖୁବ୍ ଭକ୍ତି କରନ୍ତି । କେତେକ ପୁରୁଣା ଛାତ୍ର ଏବେ ସୁଦ୍ଧା ମୋ ସହ ସଂପର୍କ ରଖିଛନ୍ତି । ପଢ଼ିବା ସମୟରେ ଯେଉଁମାନେ ଅତି ଦାରିଦ୍ର୍ୟ ଜୀବନ ଯାପନ କରୁଥିଲେ ଏବେ ସେମାନେ ବେଶ୍ ଭଲରେ ଅଛନ୍ତି । ଏପରିକି ଉମାକାନ୍ତ ବାରିକ ନାମକ ଜଣେ ଛାତ୍ର- ଯାହାଙ୍କୁ ମୁଁ ପଢ଼ାଇଥିଲି, ତାଙ୍କ ଝିଅ ବନଜା ବାସିନୀକୁ ମଧ୍ୟ ଏମ୍.ଫିଲ୍ ଶ୍ରେଣୀରେ ମୁଁ ପଢ଼ାଇବା ମୋ ପାଇଁ ଆନନ୍ଦର ବିଷୟ । ଭଦ୍ରକରେ ଥିବାବେଳେ ନାନା ପ୍ରୀତିକର ଅନୁଭୂତି ମୋ ମନରେ ଅଛି । ଥରେ ଗୋଟିଏ ଝିଅ ତା'ର ଉପସ୍ଥାନ କମ୍ ଥିବା କଥା କହିବାକୁ ମୋତେ ଆସିଥିଲା । ମୁଁ ତା'ର ନାମ ପଚାରିଲି । ସେ କହିଲା 'ହରିପ୍ରିୟା' । ମୁଁ କହିଲି କିଛି ଭାବିବ

ନାହିଁ - ମୋ ସ୍ତ୍ରୀ ନାମ ବି 'ହରିପ୍ରିୟା' । ଏଣୁ, 'ତମେ ମନେ ରହିଲ- ମୁଁ ତ ପାଖେ ପାଖେ ଅଛି- କାହିଁକି ତମର ଉପସ୍ଥାନ କମ୍ ହେବ? ତା'ପରେ ଝିଅଟି ହସି ହସି ମୋ ପାଖରୁ ଚାଲିଗଲା ।

ଭଦ୍ରକରେ ଥିବାବେଳେ ମୁଁ ମୋର ଜେଜେ ମାଙ୍କୁ ହରାଇଥିଲି । ଗାଁରୁ ଜଣେ ସ୍ୱତନ୍ତ୍ର ଭାବରେ ଯାଇ ଏ ଦୁଃସମ୍ବାଦ ମୋତେ ଦେଇଥିଲା । ମୁଁ ତତ୍‌କ୍ଷଣାତ୍ ଆସି ଶବ ଧାରରେ ଗାଁରେ ଯୋଗ ଦେଇ ପାରିଥିଲି । ମୋତେ ଭାରି ଖୁସି ଲାଗେ ଯେ ମୁଁ ଭଦ୍ରକରେ ଥିବାବେଳେ ମୋ ଜେଜେମାଙ୍କୁ ସାଂଗରେ ନେଇ ଏଠାକାର ପ୍ରସିଦ୍ଧ କାଳୀପୂଜା ଦେଖାଇଥିଲି ।

ମୁଁ ଭଦ୍ରକରେ ପ୍ରାୟ ଏକ ବର୍ଷ ଦଶମାସ ରହିଥିଲି । ଏହି ସମୟ ମଧ୍ୟରେ ମୁଁ ସେଠାରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି- ଯାହାର ସୂଚନା ଏ ଗ୍ରନ୍ଥର 'ମୋର ସାଂସ୍କୃତିକ ଜୀବନ' ଅଧ୍ୟାୟରେ ରହିଛି । ଭଦ୍ରକର ପାଳୁଅ ଲଡ୍ଡୁ, ସେଠାକାର ଜନସାଧାରଣଙ୍କ ଆତିଥେୟତା, କଲେଜର ସେଇ ଆମ୍ବଗଛମାନଙ୍କର ଛାୟା ସୁଶୀତଳ ପରିବେଶ, ଛାତ୍ର ଛାତ୍ରୀଙ୍କ ଭଦ୍ର-ବିନୟ ଆଚରଣ ଏବେବି ମୋ ପାଇଁ ଅଭୁଲା ହୋଇ ରହିଛି । ଏବେ ବି ହିନ୍ଦୁ ସଂସ୍କୃତି ଓ ଇସଲାମ ସଂସ୍କୃତିର ମହାମିଳନ ପୀଠ ଭାବରେ ଏ ସ୍ଥାନଟି ବାରମ୍ବାର ମୋ ସ୍ମୃତି ପଟକୁ ଆସେ । ଶେଷରେ କହିବି;

"ଭଦ୍ରକ ତୁମେ ଭଦ୍ର
ଥିଲ ତୁମେ ମୋ ପାଇଁ ପ୍ରେରଣାର ଗନ୍ତାଘର
ସାଧନାର ତପୋବନ
ସ୍ୱପ୍ନ ଆଉ ଜାଗରଣେ ଥିଲ ତୁମେ
କମନୀୟ, ମହନୀୟ ଆଉ ଲୋଭନୀୟ ସ୍ମୃତି ତବ ଅବିସ୍ମରଣୀୟ ।



ମୋ କେନ୍ଦୁଝର ଅନୁଭୂତି

ମୁଁ କେନ୍ଦୁଝର କଲେଜ (ଅଧୁନା ଧରଣୀଧର କଲେଜ)ରେ ୩.୧୦.୧୯୭୯ରୁ ୧୬.୭.୧୯୮୦ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ନଅମାସ ମାତ୍ର କାର୍ଯ୍ୟ କରିଥିଲି । ଅଳ୍ପସମୟ ଏଠାରେ କାର୍ଯ୍ୟ କରିଥିଲେ ସୁଦ୍ଧା ମୋର କେନ୍ଦୁଝର ରହଣି ଥିଲା ଘଟଣାବହୁଳ, ଶାନ୍ତିଦାୟକ ଓ ସ୍ମରଣୀୟ । ଏଠି ଥିବା ବେଳେ ମୋର କଲେଜରେ ଅଧ୍ୟାପନା ସହିତ ନାନା ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ସହ ପ୍ରତ୍ୟକ୍ଷ ଜନସମ୍ପର୍କ ଗଢ଼ି ଉଠିଥିଲା - ଯାହା ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି ।

ମୋର ଜନ୍ମଭୂମି ଯାଜପୁର ଜିଲ୍ଲାର ପଡ଼ୋଶୀ ଜିଲ୍ଲା ହେଉଛି କେନ୍ଦୁଝର । ଯାଜପୁରର ଲୋକସଂସ୍କୃତି ସହିତ ଏହାର ଲୋକସଂସ୍କୃତିର ନିବିଡ଼ ସମ୍ପର୍କ ରହିଛି । ଅତୀତରେ କେନ୍ଦୁଝର ରାଜା ବହୁ ସଂଖ୍ୟକ ବ୍ରାହ୍ମଣଙ୍କୁ କେନ୍ଦୁଝର ସେବା ପୂଜା ପାଇଁ ଆଣିଥିଲେ । କେନ୍ଦୁଝରର ଅଧିକାଂଶ ବ୍ରାହ୍ମଣ ଯେ ଯାଜପୁର ବଂଶୋଦ୍ଭବ ଏଥିରେ ସନ୍ଦେହ ନାହିଁ । ଯାଜପୁରକୁ କହନ୍ତି ବୈତରଣୀ ତୀର୍ଥ ବିରଜା କ୍ଷେତ୍ର । ଏହି ବୈତରଣୀ ନଦୀ କେନ୍ଦୁଝରର ଗୋନାସିକାରୁ ବାହାରି ଯାଜପୁର ଦେଇ ପ୍ରବାହିତ । ବୈତରଣୀର ଉତ୍ପତ୍ତି ସ୍ଥଳ ଗୋନାସିକା ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ଆଦିମ ଅଧିବାସୀ ଜୁଆଙ୍ଗ ମାନଙ୍କର ଆଦି ବାସଭୂମି । ଶୁଣାଯାଏ ଭଗବାନ ବ୍ରହ୍ମା ଏଠାରେ ଆବିର୍ଭୂତ ହୋଇ ଧ୍ୟାନ କରିଥିଲେ ଓ ପରବର୍ତ୍ତୀ ସମୟରେ ଏହି ସ୍ଥାନରୁ ଯାଜପୁର ଯାଇ ଯଜ୍ଞକର୍ମ କରିଥିଲେ । କେନ୍ଦୁଝରରେ ଅତୀତରେ ବୌଦ୍ଧଧର୍ମାବଲମ୍ବୀ ବହୁରାଜା ଏଠାରେ ରାଜତ୍ୱ କରିଥିଲେ ଓ ଏଠାରେ ଅନେକ ବୌଦ୍ଧକୀର୍ତ୍ତି ରହିଛି । ଏ ଅଞ୍ଚଳର ବଣ ଜଙ୍ଗଲ ଘେରା ପରିବେଶରେ ବୌଦ୍ଧ ଭିକ୍ଷୁମାନେ ରହୁଥିଲେ । ଏହି ରାଜ୍ୟକୁ କୁହାଯାଉଥିଲା 'ବିନ୍ଧ୍ୟାଟବି'-ଯାହାର ସୀମା ସରହଦ ଯାଜପୁର ଯାଏ ଥିଲା ସୁବିସ୍ତୃତ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀଙ୍କୁ ମଧ କୁହାଯାଏ 'ବିନ୍ଧ୍ୟବାସିନୀ ମା' ବିରଜା' । ଧର୍ମୀୟ ଦୃଷ୍ଟିରୁ ମୋ' ଜନ୍ମଭୂମିର କେନ୍ଦୁଝର ସହିତ ସମ୍ପର୍କ ନିତ୍ୟ, ନିବିଡ଼ ଓ ଅନ୍ତରଙ୍ଗ ।

କେନ୍ଦୁଝରରେ ମୁଁ ଯେଉଁ ସମୟରେ ଥିଲି ସେତେବେଳେ ଏହାର ଜଳବାୟୁ

ଥିଲା ସୁଶୀତଳ । ବର୍ଷ ତମାମ ସୁଲୁସୁଲିଆ ପବନ ଏଠାରେ ବହେ । ବର୍ଷାଦିନେ ଧାରା ଧ୍ୱନିତା ଆକାଶର ଶୋଭା ଓ ଶୀତରତୁରେ ହାଡ଼ଭଙ୍ଗା ଶୀତ ଏଠାରେ ଅନୁଭୂତ ହୁଏ । ମାତ୍ର ଖରାଦିନର ପାହାନ୍ତା ପ୍ରହରର ଯେଉଁ ପବନ ପାହାଡ଼ର ଘଞ୍ଚ ଜଙ୍ଗଲରୁ ବହି ଆସେ ତାହା ଚିତ୍ତ ଉଲ୍ଲାସକ ଓ ଏ ପବନ ନବାଗନ୍ତୁକ ମାନଙ୍କୁ ପ୍ରେମ ଡୋରୀରେ ବାନ୍ଧିଦିଏ । ସେତେବେଳେ ଏତେ ଖଣି ଖନନ ନଥିଲା କିମ୍ବା ଜଳବାୟୁ ପ୍ରଦୂଷିତ ହୋଇ ନ ଥିଲା । ପବନରେ ସ୍ୱାସ୍ଥ୍ୟ ଅହିତ ଧୂଳିକଣା ନ ଥିଲା, ବରଂ ଏହାର ପାଣିରେ ଥିଲା ଅସାଧାରଣ ଜୀର୍ଣ୍ଣ ଶକ୍ତି । ପୁଣି ନାନା ଅଜ୍ଞାତ ପୁଷ୍ପର ମହକରେ ଏହାର ବନଭୂମି ଚହଟୁ ଥିଲା । ସାନ ଘାଗରା ଓ ବଡ଼ ଘାଗରାର ନୈସର୍ଗିକ ଶୋଭା ସମ୍ପଦ, କାଞ୍ଜିପାଣିର ଦୂର ଦିଗବଳୟ, ସୀତାବୀଞ୍ଜିର ପ୍ରାଚୀନ ଐତିହାସିକ ବିଭବ ରାଜି, ପୁଣ୍ୟ ବଳଦେବ ଜୀଉ ସିଦ୍ଧ ପୀଠ, ପ୍ରସିଦ୍ଧ ସିଦ୍ଧି ମଠ, କେନ୍ଦୁଝରର ଆରାଧ୍ୟ ଦେବୀ ଘଟଗାଁର ମା'ତାରିଣୀ, ଦେଓ ଗାଁର ଐତିହାସିକ କୁଶଳେଶ୍ୱର ମନ୍ଦିର ଓ ବୌଦ୍ଧ କୀର୍ତ୍ତିର ଅବଶେଷ, ଢେଙ୍କିକୋଟର ବୌଦ୍ଧ-ଜୈନ ଧର୍ମ ସମ୍ପର୍କିତ ଅତୀତ ସ୍ମୃତି ବିଜଡ଼ିତ କାହାଣୀ, ଏହି ଜିଲ୍ଲାର ଚକ୍ରତୀର୍ଥ ଓ ଗଡ଼ଚଣ୍ଡୀ ପୀଠର ବୌଦ୍ଧ, ଜୈନ କୀର୍ତ୍ତି ରାଜିର ସମ୍ଭାର, ରାବଣ ଛାୟାର ସୌନ୍ଦର୍ଯ୍ୟ, ଅସନପାଟ ଶିଳାଲେଖର ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ କେନ୍ଦୁଝରକୁ ଏକ ଅସାଧାରଣ ଦେବଭୂମିର ମର୍ଯ୍ୟାଦା ଦେଇଛି । ଏହିପରି ପାହାଡ଼-ପର୍ବତ ପରିବେଷ୍ଟିତ, ବିଶାଳ ଶାଳ ବଣ ପରିବେଷ୍ଟିତ ଅରଣ୍ୟାଣୀ ଭିତରେ ଗଢ଼ି ଉଠିଥିବା ଶୁଭ୍ର ସୁନ୍ଦର ସହର କେନ୍ଦୁଝରରେ ପ୍ରଥମେ ମୁଁ ୩ ଅକ୍ଟୋବର ୧୯୭୯ରେ ଏଠାକାର ସରକାରୀ କଲେଜରେ ଅଧ୍ୟାପନା ବୃତ୍ତିରେ ଯୋଗ ଦେବାକୁ ଆସିଥିଲି ।

ମୁଁ ଏଠାକୁ ଆସିବା ଦିନ ହିଁ ମୋର ଅସୁବିଧା ହୋଇଥିଲା । ମୁଁ ଭୁବନେଶ୍ୱରରୁ ବସ୍ ଯୋଗେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ବାହାରିଥିଲି । କି ଯୋଗରେ ବାହାରିଥିଲି କେଜାଣି ମୁଁ ବାଟରେ ପାଣିକୋଇଲି ପାଖରେ ଦେଖିବାବେଳକୁ ମୋର ସୁଟ୍‌କେଶ କିଏ ନେଇଯାଇଛି । ସେଥିରେ ଦୁଇହଳ ପ୍ୟାଣ୍ଟ ସାର୍ଟ, ବହି ଦୁଇଖଣ୍ଡ ଥିଲା । ଉପର ପକେଟ୍‌ରେ ଥିଲା କିଛି ଟଙ୍କା ଓ ବଦଳି ଅର୍ଡ଼ରର ନକଲ । ଯାହାଫଳରେ ମୁଁ ଆସି ୩ ତାରିଖ ଅକ୍ଟୋବରରେ କଲେଜରେ ଯୋଗ ଦେବାରେ କୌଣସି ଅସୁବିଧା ହେଲା ନାହିଁ । ସେତେବେଳେ କଲେଜର ଅଧ୍ୟକ୍ଷ ଥିଲେ ଶ୍ରୀଯୁକ୍ତ ସନ୍ତୋଷ କୁମାର ରାୟ । ସେ କ୍ୱାର୍ଟରରେ ରହୁଥାନ୍ତି ଓ ତାଙ୍କ କ୍ୱାର୍ଟରକୁ ଲାଗି କଲେଜର ଏକ ଅତିଥି ନିବାସ ଥାଏ । ମୁଁ ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ସେଠାରେ ପ୍ରାୟ ମାସେ ପାଖାପାଖି ରହିଲି । ସେଠି ପାଖରେ ଆଉ ଏକ

କ୍ୱାର୍ଟରରେ ରହୁଥାନ୍ତି ଆମ ବିଭାଗର ଅଧ୍ୟାପକ ନିତ୍ୟାନନ୍ଦ ପ୍ରଧାନ, ଯିଏ ମୋତେ ମୋର ଅସୁବିଧା ଭିତରେ ସେତେବେଳେ ବହୁତ ସାହାଯ୍ୟ କରିଥିଲେ । ତାପରେ ଦୁଇଦିନ ଛୁଟି ନେଇ ମୋର ଚଳିବା ପାଇଁ ଯାହାସବୁ ଜିନିଷ ଦରକାର ନେବା ପାଇଁ ଘରକୁ ଆସିଲି । ଘରୁ ଫେରିବା ପରେ ମୋର ପ୍ରଥମ କାମ ଥିଲା ଓଡ଼ିଆ ମୁଖ୍ୟ ଯିଏ ମୋର ଶିକ୍ଷକ ଥିଲେ ପ୍ରାଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଭେଟିବା । ସେ ମୋତେ ଦେଖି ଅତିଶୟ ଖୁସି ହେଲେ । ସେ ହେଉଛନ୍ତି କେନ୍ଦୁଝରର ବାସିନ୍ଦା - ଆଚରଣରେ, ଉଚ୍ଚାରଣରେ ଶୁଦ୍ଧପୂତ ନୈଷ୍ଠିକ ବ୍ରାହ୍ମଣ । କେଉଁଠି ବାହାରେ ଖାଆନ୍ତି ନାହିଁ, ସବୁବେଳେ ସାଙ୍ଗରେ ସେବା ପୂଜା ସାମଗ୍ରୀ ନେଇ କେଉଁଠିକି ଯିବାକୁ ଥିଲେ ବାହାରନ୍ତି । ସେ ସ୍ଥାନୀୟ ଲୋକ ହୋଇଥିବାରୁ କେତେ ଉପଦେଶ ମୋତ ଦେଲେ । ତାପରେ କଲେଜର ଅନ୍ୟ ଓଡ଼ିଆ ଅଧ୍ୟାପକ ବନ୍ଧୁମାନେ ଚିହ୍ନା ହେଲେ । ସେଠି ସେତେବେଳେ ମୋତେ ମିଶାଇ ଛଅଜଣ ଅଧ୍ୟାପକ ଥିଲେ । ସେମାନଙ୍କ ନାମ ହେଲା- ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର - ଅନ୍ୟ ଅଧ୍ୟାପକ ମାନେ ହେଲେ ନରେନ୍ଦ୍ର ପଟ୍ଟନାୟକ, ନିତ୍ୟାନନ୍ଦ ପ୍ରଧାନ, ବିଦ୍ୟାଧର ବେହେରା ଓ ତୀର୍ଥାନନ୍ଦ ମିଶ୍ର । ବିଦ୍ୟାଧର ବାବୁ ମଧ୍ୟ ଥିଲେ ସ୍ଥାନୀୟ ବାସିନ୍ଦା, ସରଳ, ଶାନ୍ତ ସ୍ୱଭାବର ମଣିଷ । ଆମେ ଉଭୟ ଉପର ତଳ ପଢୁଥିଲୁ, ପୁଣି ଗୋଟିଏ ବ୍ୟାଚର ପି.ଏସ୍.ସି. ମନୋନୀତ ଅଧ୍ୟାପକ । ଭାରି ରୁଚିଶୀଳ ମଣିଷ ସେ, କବି ପ୍ରାଣ, ସର୍ବତ୍ର ରହିଛି ତାଙ୍କର ଆଚରଣଗତ ଶୁଦ୍ଧି, ସେ ସହଜରେ ମଣିଷକୁ ଆପଣାର କରିପାରନ୍ତି । କେନ୍ଦୁଝରରେ ଯେଉଁ ସରଳ, ବିନୟୀ, ଶାନ୍ତ-ସନ୍ତୁଷ୍ଟ ମଣିଷ ରହନ୍ତି, ତା'ର ନିଦର୍ଶନ ହେଉଛନ୍ତି ବିଦ୍ୟାଧର ବେହେରା । ଅନ୍ୟର ଗୁଣର ପ୍ରଶଂସା କରିବା, ଆତ୍ମସମୀକ୍ଷା ପ୍ରବୃତ୍ତି, ଅନ୍ୟର ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହେବା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ । ମୋ' ସହିତ ତାଙ୍କର ପ୍ରଥମ ସାକ୍ଷାତରେ ହିଁ ଭଲ ବନ୍ଧୁତା ହୋଇଥିଲା - ଯାହା ଏପର୍ଯ୍ୟନ୍ତ ନିଖୁଣ ହୋଇ ରହିଛି । କେନ୍ଦୁଝରର ଏବେ ସେ ଜଣେ ଗଣମାନ୍ୟ ସାଂସ୍କୃତିକ ମଣିଷ - ଯାହାଙ୍କର ନିଜ ମା, ମାଟି ଓ ଏହାର ପାରିପାର୍ଶ୍ୱିକ ପରିବେଶ ସମ୍ପର୍କରେ ରହିଛି ଅସାଧାରଣ ପାଣ୍ଡିତ୍ୟ ।

ମୁଁ ପ୍ରାୟ ମାସେ ପରେ କେନ୍ଦୁଝର କଲେଜ ଅତିଥି ନିବାସ ଛାଡ଼ି କେନ୍ଦୁଝରେ ଜିଲ୍ଲାପାଳଙ୍କ ଅଫିସ ପଛରେ ଥିବା ଏକ ଭଡ଼ାଘରେ ରହିଲି । ଘରର ମାଲିକଙ୍କ ନାମ ହେଉଛି ଦୁଃଖବନ୍ଧୁ ରାଉତ । ଜଣେ ବିଶିଷ୍ଟ ଚାଷୀ ଭାବରେ ସେଠି ତାଙ୍କର ନାଁ ରହିଥିଲା । ସେ ମୋତେ ତାଙ୍କ ଘରରୁ ଚାରିଗୋଟି ପ୍ରକୋଷ୍ଠ ମୋର ବ୍ୟବହାର ପାଇଁ ଛାଡ଼ି ଦେଇଥିଲେ- ଏପରିକି ବସା ଉଠା ପାଇଁ ତାଙ୍କ ବୈଠକ ଖାନା ଘର ମଧ୍ୟ ଛାଡ଼ିଥିଲେ । ତାଙ୍କ ପିଲାମାନେ

ସବୁ ବଡ଼ ବଡ଼ ଚାକିରିରେ ଅବସ୍ଥାପିତ - ଘରେ କେବଳ ସ୍ୱାମୀ-ସ୍ତ୍ରୀ ଦୁଇଜଣ । ମୁଁ ତାଙ୍କ ପୁଅ ବୟସର ହୋଇଥିବାରୁ ସେ ତାଙ୍କ ଘରେ ରହିବାଠୁ ମୋର ଘର ଛାଡ଼ିବା ପର୍ଯ୍ୟନ୍ତ ଆମ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ଖୁବ୍ ଭଲ ପାଉଥିଲେ । ଦୁଃଖବନ୍ଧୁ ରାଉତଙ୍କ ପରି ସାଧୁପ୍ରତିମ ମଣିଷ ମୁଁ କ୍ୱଚିତ୍ ଦେଖିଛି । ଖରାଛୁଟିରେ ଆମେ ଘର ଛାଡ଼ି ଛୁଟି କଟାଇବାକୁ ଆସିବାବେଳେ ମୋ' ସ୍ତ୍ରୀ ତା'ର ସୁନା ଚେନ୍ ଭୁଲ୍‌ରେ ଛାଡ଼ି ଦେଇ ସେ ଘର ଟେବୁଲ୍‌ରେ ଆସିଥିଲା । ଆମେ ଛୁଟିର ଫେରିବା ବେଳକୁ ତାହା ସେଇମିତି ସେଇଠି ଥିଲା । ଏଥିରୁ ତାଙ୍କ ସାଧୁତା ସହଜରେ ଅନୁମେୟ । କେନ୍ଦୁଝରରେ ମୋର ପୁତ୍ର ଲାଭ ହୋଇଥିଲା । ମୋର ନବଜାତ ଶିଶୁଟିକୁ ଭାରି ଆଦର ଯତ୍ନ କରୁଥିଲେ ଶ୍ରୀମତୀ ରାଉତ । ମୋର ଯାହା ମନେ ପଡୁଛି ମୋ ପୁଅକୁ ବେଳେ ବେଳେ ସେ ତେଲ ହଳଦୀ ଲଗାଇ ଦେଉଥିଲେ । ଦିନକର କଥା । ମୋ' ପୁଅ ଶୀତଦିନ ଖରାରେ ବାହାର ଚଟାଣରେ ଶୋଇଛି, ହଠାତ୍ ଗୋଟିଏ ଷଣ୍ଢ ମୋ' ପୁଅ ପାଖ ଦେଇ ଦୌଡ଼ିଗଲା । ଏ ଦୃଶ୍ୟ ଦେଖି ରାଉତ ଦମ୍ପତି ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଲେ ଓ ସେମାନେ କହିଲେ ଈଶ୍ୱରଙ୍କ ଶୁଭାଶିଷରୁ ପୁଅ ଜୀବନ ପାଇଲା । ମୁଁ ମୋ ପୁଅର ନାମ ସେଥିପାଇଁ ରଖିଲି ଶୁଭାଶିଷ ।

ମୁଁ କେନ୍ଦୁଝର କଲେଜରେ ଆଇ.ଏସ୍‌ସିରେ ଏମ୍.ଆଇ.ଏଲ୍. ଗୋଟିଏ ସେକ୍ସନ୍‌ରେ, ବି.ଏ.ରେ ଏମ୍.ଆଇ.ଏଲ ପଢ଼ାଇବା ସହିତ ଅନର୍ସରେ ଓଡ଼ିଆ ସାହିତ୍ୟର ଇତିହାସ, ପ୍ରବନ୍ଧ ପଢ଼ାଉଥିଲି । ସେଇ ସମୟରେ ମୋର 'ଝଙ୍କାର' ସାହିତ୍ୟ ପତ୍ରିକା ଓ 'ମାନସ' ସାହିତ୍ୟ ପତ୍ରିକାରେ ନିୟମିତ ଭାବେ ପ୍ରବନ୍ଧ ଓ ପ୍ରାବନ୍ଧିକମାନଙ୍କ ସମ୍ପର୍କରେ ଲେଖା ବାହାରୁଥାଏ । କେନ୍ଦୁଝର କଲେଜରେ ମୁଁ ଅନର୍ସ ପିଲାଙ୍କୁ ଓଡ଼ିଆ ସାହିତ୍ୟର ଇତିହାସ ପଢ଼ାଇବା ବେଳେ ବ୍ୟାପକ ପ୍ରସ୍ତୁତ କରିଥିଲି, ଯାହା ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଗ୍ରନ୍ଥଟିଏ ଲେଖିବାକୁ ମୋତେ ଅନେକ ସାହାଯ୍ୟ କରିଥିଲା । ସେଠାରେ ଥିବାବେଳେ ମୋର 'ଓଡ଼ିଆ ପ୍ରବନ୍ଧ ସାହିତ୍ୟ' ବହି ପ୍ରକାଶ ଅପେକ୍ଷାରେ ଥିଲା- ଯାହାପରେ ମୁଁ ରେଭେନ୍ସାରେ ଯୋଗଦେବା ସମୟରେ ୧୯୮୧ରେ ବାହାରିଥିଲା । ମୁଁ ପିଲାଙ୍କର ଆସ୍ଥା ଭାଜନ କେନ୍ଦୁଝରରେ ଭଲ ଭାବେ ହୋଇଥିଲି । ତା'ର କାରଣ ଦୁଇଟି ଥିଲା । ମୁଁ ସବୁବେଳେ ଧଳା ପୋଷାକ ପିନ୍ଧୁଥିଲି, କେତେକ ପିଲା ମୋତେ 'ଟିନୋପାଲ', ଆଉ କେତେକ 'ଧଳା ସାର୍' ଡାକୁଥିଲେ । ପୁଣି ମୁଁ ଏପରି ଭାବରେ ସମୟାନୁଯାୟୀ କ୍ଲାସକୁ ଯାଏ, ଯାହା ମୋତେ ପିଲାଙ୍କ ଗହଣରେ ଆଦୃତ କରିଥିଲା । ତା'ଛଡ଼ା ମୁଁ ସାଧାରଣ କ୍ଲାସରେ ବକ୍ତୃତା ଦେବାବେଳେ ପିଲାଙ୍କ ସହ ପାଠ୍ୟ ବିଷୟରେ ଆଳାପ-ଆଲୋଚନା

ପୂର୍ବକ ପଢ଼ାଏ ଓ କ୍ଲାସରେ ପିଲାଙ୍କୁ ଆବଶ୍ୟକ ସ୍ଥଳେ ମଜା ମଜା ପରିହାସ ମଧୁର କଥା କହେ । ଚାହୁଁ ଚାହୁଁ କେନ୍ଦୁଝରରେ ମୋର କାର୍ଯ୍ୟକାଳ ସରିଗଲା ।

ମୁଁ ସେଠାରେ ଥିବା ବେଳେ କଲେଜ ପରିଦର୍ଶନରେ ଯାଇଥାନ୍ତି ସେ ସମୟର ଶିକ୍ଷା ବିଭାଗର ନୀତିନିଷ୍ଠ ବିଦ୍ୱାନ୍ ଡି.ପି.ଆଇ ପ୍ରଫେସର ବିଧୁଭୂଷଣ ଦାସ । ତାଙ୍କୁ ସମସ୍ତେ ଭୟ କରନ୍ତି ଓ ଭକ୍ତି କରନ୍ତି । କିରାଣୀ, ଅଧ୍ୟାପକ, ଅଧ୍ୟକ୍ଷ ସମସ୍ତେ ତାଙ୍କ ଆସିବା ଶୁଣି ଛାନିଆ । ସେ ପ୍ରାୟ ଦୁଇଟା ବେଳେ କଲେଜରେ ପହଞ୍ଚିଲେ । କିଛି ସମୟ ପିଲାମାନଙ୍କ ସହ ଆଳାପ ଆଲୋଚନା ପରେ ସେ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ହେଲେ । ପାଠ୍ୟ ଯୋଜନା (Lesson Plan), ପାଠ୍ୟ ଖସଡ଼ା (Lesson Note) ବାବଦରେ ଶିକ୍ଷକମାନଙ୍କୁ ଦାଗିଦ୍ କରିବା ସହିତ ଭଲ ଶିକ୍ଷକ ହେବା ପାଇଁ ଶୃଙ୍ଖଳା, ସମୟାନୁବର୍ତ୍ତିତା, ଛାତ୍ରଙ୍କ ସହ ସୁସମ୍ପର୍କ ଉପରେ ଗୁରୁତ୍ୱ ସେଦିନ ସେ ଦେଇଥିଲେ । କଲେଜ ପରିଦର୍ଶନ ସାରି ସେ ସେଠାକାର ବିଶିଷ୍ଟ ଓକିଲ ତଥା ମାନ୍ୟଗଣ୍ୟ ଲୋକ ଶଶୀଭୂଷଣ ମିଶ୍ରଙ୍କ ଘରକୁ ଗଲେ । କାରଣ ଶଶୀବାବୁ ଥିଲେ ବିଧୁବାବୁଙ୍କର ସହାଧ୍ୟାୟୀ ବାଲ୍ୟ ବନ୍ଧୁ । ମୋର ଶଶୀବାବୁ ଆଗରୁ ଚିହ୍ନା ଜଣା ଥିଲେ । ବିଧୁବାବୁ ତାଙ୍କ ଘରେ ସେଦିନ ରାତିରେ ଭୋଜନ କଲେ । ମୋତେ ସେଦିନ ଶଶୀବାବୁ ମଧ ଭୋଜନ କରିବାକୁ ସେଇଠିକୁ ଡାକିଥିଲେ । ଡି.ପି.ଆଇଙ୍କ ସହ ବସି କେମିତି ଖାଇବି, ଭାରି ଡରଡର ମାଡୁଥାଏ । ମୁଁ ତ ପେଟୁ ଲୋକ । ଟେବୁଲରେ ବସି କେମିତି ଖାଇବାକୁ ହୁଏ ସେତେବେଳେ ସେ ଆଦବ କାଇଦା ମୋତେ ଜଣା ନ ଥାଏ । ଅତି ସାବଧାନରେ ବସି ଖାଇଲି । ଖାଇବା ବେଳେ ଯେମିତି କୌଣସି ଶବ୍ଦ ନ ହେଉ ସେ ବାବଦରେ ସଚେତନ ହେଲି । ମଝିରେ ମଝିରେ ବିଧୁବାବୁ ମୋତେ ମୋର ଗବେଷଣା, ଲେଖାଲେଖି ସମ୍ପର୍କରେ ପଚାରୁଥାନ୍ତି । ସେଇ ଖାଇବା ଟେବୁଲରେ ହିଁ ସେ ମୋତେ ଗବେଷଣା ପାଇଁ 'ସେକ୍ସପିୟର ଇନ୍ ଇଣ୍ଡିଆନ୍ ଲିଟରେଚର' ଶୀର୍ଷିକ ଏକ ଲେଖା ପଢ଼ିବାକୁ କହିଥିଲେ । ସେଇଦିନୁ ଯେଉଁଠି ସେ ଦେଖାହୁଅନ୍ତି ମୋତେ ଶ୍ରଦ୍ଧାରେ ଭଲ-ମନ୍ଦ ପଚାରନ୍ତି ।

କେନ୍ଦୁଝରେ ରହଣି ସମୟରେ ମୋ ଘରକୁ ସେକାଳର ଡେପୁଟି ଡି.ପି.ଆଇ (ଜେନେରାଲ) ରାଜେନ୍ଦ୍ର ପ୍ରସାଦ ଦାସ କଲେଜ ଆସିବା ଅବସରରେ ବୁଲି ଆସିଥିଲେ । କାରଣ ଆମେ ସ୍ୱାମୀ-ସ୍ତ୍ରୀ ଉଭୟ ତାଙ୍କ ପାଖରେ ପଢ଼ିଥିଲୁ । ସେ ଥିଲେ ଡି.ପି.ଆଇ. ଅଫିସର ସବୁଠାରୁ କ୍ଷମତାଶାଳୀ ଲୋକ । ସେତେବେଳେ ତାଙ୍କ ହାତରେ ବଦଳି କ୍ଷମତା ଥିଲା । ମୁଁ ମୋର ପୁରଣା ଶିକ୍ଷକଙ୍କୁ ଏତେ ପାଖରେ ପାଇ ତାଙ୍କୁ ମୋତେ ଓଡ଼ିଆରେ

ସ୍ନାତକୋତ୍ତର ଶ୍ରେଣୀଥିବା କଲେଜକୁ ବଦଳି କରିବାକୁ ଅନୁରୋଧ କରିଥିଲି । ପରବର୍ତ୍ତୀ ସମୟରେ ମୁଁ ସେଠାରୁ ରେଭେନ୍ସା କଲେଜ ବଦଳି ହୋଇଯାଇଥିଲି ।

କେନ୍ଦୁଝରର ପର୍ବପର୍ବାଣୀ ମଧ୍ୟରେ ମକର ପ୍ରଧାନ ପର୍ବ । ଏହି ପର୍ବ ମେଳା ଆକାରରେ ବିଭିନ୍ନ ସ୍ଥାନରେ ପନ୍ଦରଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆଦିବାସୀ ଯୁବକମାନେ ଖୁସିରେ ନାଚନ୍ତି, ଗୀତ ବୋଲନ୍ତି, କୁକୁଡ଼ା ଲଢ଼େଇ କରାନ୍ତି । ପ୍ରେମିକମାନେ ଏହି ପର୍ବରେ ଜୀବନସାଥୀ ଚୟନ କରନ୍ତି । ମକର ସଂକ୍ରାନ୍ତିରେ ଏହି ପର୍ବ ଆରମ୍ଭ ହେଉଥିଲେ ସୁଦ୍ଧା ଏଥିରେ କୁକୁଡ଼ା ମାଂସ, ଖାସି ମାଂସ ଓ ମାଛ ପରି ଆମିଷ ଖାଦ୍ୟ ଭୋଜନ କରାଯାଏ । ଏହିଦିନ ଆଖ ପାଖ ପୋଖରୀରେ, ନଦୀ ମାନଙ୍କରେ ମକର ବୁଡ଼ ଶ୍ରଦ୍ଧାଳୁ ଭକ୍ତମାନେ ପକାନ୍ତି । ଏହିଦିନ 'କୁଡୁମା' ଆଦିବାସୀ ସମ୍ପ୍ରଦାୟମାନେ ଟୁସୁ ପର୍ବ ପାଳନ କରିଥାନ୍ତି । କେନ୍ଦୁଝରର ସର୍ବବୃହତ୍ ମକର ମେଳା ହେଉଛି ବାହ୍ମଣିପୁରା ମକର ମେଳା - ଯାହା ପନ୍ଦର ଦିନ ଧରି ଚାଲେ । ରଜପର୍ବ, ଜାଗର ଯାତ୍ରା, ରଥ ଯାତ୍ରାଦି ଏଠାର ଗଣପର୍ବ ଭାବରେ ମହାସମାରୋହରେ ପାଳିତ ହୁଏ ।

ମୁଁ କେନ୍ଦୁଝରରେ ମୋର ସ୍ୱଳ୍ପ ରହଣି କାଳରେ ଯାହା ଅନୁଭବରୁ ଜାଣିଛି; ଏଠିକାର ମଣିଷମାନେ ସରଳ କିନ୍ତୁ ଏମାନଙ୍କ ହୃଦୟ ପ୍ରଶସ୍ତ, ଅମାୟିକ ଅଥଚ ଦୃଢ଼, ଆଜ୍ଞାବହ ଅଥଚ ସ୍ୱାଧୀନଚେତା, ସ୍ୱଳ୍ପ ଭାଷୀ ମାତ୍ର ସ୍ପଷ୍ଟବାଦୀ, ମଣିଷକୁ ଖୋଲା ମନ ନେଇ ଭଲ ପାଆନ୍ତି, ଏଠି ସ୍ନେହ, ଶ୍ରଦ୍ଧା, ସମ୍ମାନ ଦେଇ ଜାଣିଲେ ଅନୁରୂପ ଭାବରେ ପଦମର୍ଯ୍ୟାଦା ମିଳେ ।



ରେଭେନ୍‌ସା କଲେଜରେ ଅଧ୍ୟାପନା

ଯେପରି ଦିଲ୍ଲୀ ନଗରୀର, ମଲ୍ଲୀ ଫୁଲର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି, ସେମିତି ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ରେଭେନ୍‌ସା କଲେଜର ସୁଖ୍ୟାତି ରହିଛି । ଏ କଲେଜର ଉତ୍ତୁଙ୍ଗ ଅଟ୍ଟାଳିକା, ଏହାର ଚାରି ପାଖରେ ଥିବା ହଷ୍ଟେଲ, ଖେଳପଡ଼ିଆ, ପୂର୍ବ ଛାତ୍ରାବାସ ପଶ୍ଚିମ ଛାତ୍ରାବାସ ମଝିରେ ଥିବା ଘାସ ଗାଲିଚା, ଏଠି ଥିବା ସୂର୍ଯ୍ୟଘଡ଼ି, ଆଗରେ ଥିବା ଟେନିସ୍ ଖେଳପଡ଼ିଆ, ପରିସରରେ ଥିବା ବିବିଧ ବିଶାଳ ବୃକ୍ଷରାଜି, ପ୍ରସିଦ୍ଧ କନିକା 'ଲାଇବ୍ରେରୀ' ପ୍ରଭୃତି ହେଉଛି ଏହାର ବିଶେଷ ଆକର୍ଷଣ । ଏହାର ପ୍ରତ୍ୟେକ ଧୂଳିକଣାରେ ରହିଛି ଅତୀତର ସ୍ମୃତି ଓ କୀର୍ତ୍ତିଭାସ୍ୱର ଆଲେଖ୍ୟ । ସେଥିପାଇଁ ବୋଧହୁଏ ବ୍ୟାସକବି ଫକୀରମୋହନ ସେନାପତି 'ଉତ୍କଳ ଭ୍ରମଣଂ', କାବ୍ୟରେ ଲେଖିଛନ୍ତି;

"ରେଭେନ୍‌ସା କଲେଜ କୀର୍ତ୍ତି ସବୁଦିନେ ଥିବ,
ଜୟ ଜୟ ଜୟ ଜୟ ରେଭେନ୍‌ସା ସାହେବ ।"

ଏଠି ପାଠପଢ଼ିବା ଓ ପାଠ ପଢ଼େଇବା ବାସ୍ତବରେ ଆନନ୍ଦ ଦାୟକ । ଏଠି ସବୁ ମେଧାବୀ ଛାତ୍ର ପଢ଼ନ୍ତି ଓ ବିଦ୍ୱାନ୍ ଅଧ୍ୟାପକମାନେ ପାଠ ପଢ଼ାନ୍ତି । ଏଠାକାର ଛାତ୍ରଛାତ୍ରୀମାନେ ଶିକ୍ଷକମାନଙ୍କୁ ଦେବତା ପରି ଭକ୍ତି କରନ୍ତି । ଓଡ଼ିଶାରେ ବଡ଼ ବଡ଼ ପଦ ପଦବୀରେ ଥିବା ଅଧିକାଂଶ ବ୍ୟକ୍ତିବିଶେଷ ଏଇ ଅନୁଷ୍ଠାନରେ ଶିକ୍ଷାଲାଭ କରି ଶିକ୍ଷିତ ହୋଇଛନ୍ତି । ଏହାର ସର୍ବଭାରତୀୟ ଖ୍ୟାତି କାହିଁକି ଆନ୍ତର୍ଜାତିକ ଖ୍ୟାତି ରହିଛି । ଥରେ ଗୋଟିଏ ସଭାରେ ବିଶିଷ୍ଟ ଶିକ୍ଷାବିତ୍, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଓଡ଼ିଶାର ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ, ଏଇ ଅନୁଷ୍ଠାନର ଭୂତପୂର୍ବ ଅଧ୍ୟକ୍ଷ ପ୍ରଫେସର ସଦାଶିବ ମିଶ୍ର କହିଥିଲେ, "ଏକଦା ଖଣ୍ଡେ ଲଫାପାରେ ବିଦେଶରୁ ଏକ ଚିଠି ଆସିଲା- Principal, Ravenshaw College, India, ଚିଠିଟି କୁଆଡ଼େ ନଯାଇ ରେଭେନ୍ସା କଲେଜରେ ପହଞ୍ଚିଲା ।" ଏଥିରୁ ଅନୁଷ୍ଠାନଟିର ଜନପ୍ରିୟତା ଓ ଆନ୍ତର୍ଜାତିକ ଖ୍ୟାତି ଅନୁମାନ କରାଯାଇପାରେ । ଏପରି କଲେଜରେ ତରୁଣ ବୟସରେ ମୋର କିଛି ବର୍ଷ ଅଧ୍ୟାପନା ବୃତ୍ତିରେ କଟିଥିଲା । ମୁଁ ତା ୧୮.୭.୧୯୮୦ରିଖରୁ ତା ୧୪.୪.୮୮ ପର୍ଯ୍ୟନ୍ତ ଏଠାରେ ରହିଥିଲି । ମଝିରେ ଅଳ୍ପ କେଇମାସ କଟକର ଜାତୀୟ କବି ବୀରକିଶୋର କଲେଜକୁ

ଯାଇଥିଲି । ଏଠାରେ ମୁଁ ଯେତେଦିନ କାର୍ଯ୍ୟ କରିଥିଲି ବୃତ୍ତିଗତ ଆତ୍ମ ସନ୍ତୋଷ ପାଇଥିଲି- ଯାହା ମୁଁ ମୋର ଦୀର୍ଘ ପ୍ରଫେସର ଭାବେ ପାଇନାହିଁ । ତେଣୁ ଏ କଲେଜ ନାଁ ପଡ଼ିଲେ ମୁଁ ଅନ୍ୟ ଏକ ଭାବଜଗତକୁ ଚାଲିଯାଏ । ଯେଉଁ ଜଗତରେ କେବଳ ଜୀବନ ସଂପର୍କରେ ନୂଆ ସ୍ୱପ୍ନ ଦେଖିହୁଏ ।

ମୁଁ କଲେଜକୁ ନାଟକୀୟ ଭାବେ ବଦଳି ହୋଇ ଆସିଥିଲି । ସେ ସମୟରେ ଡି.ପି.ଆଇଙ୍କ ହାତରେ ଅଧ୍ୟାପକଙ୍କ ବଦଳି କ୍ଷମତା ଥାଏ । ସେତେବେଳେ ଶିକ୍ଷା ବିଭାଗର ଡି.ପି.ଆଇ ଥିଲେ ରସାୟନ ବିଜ୍ଞାନ ବିଭାଗର ବିଶିଷ୍ଟ ପ୍ରଫେସର ମହେନ୍ଦ୍ର କୁମାର ରାଉତ । ମୁଁ ଖରାଛୁଟିରେ ଗବେଷଣା କାର୍ଯ୍ୟ କରିବାକୁ ଭୁବନେଶ୍ୱର ଯାଇଥାଏ । ସେତେବେଳେ ମୁଁ କେନ୍ଦୁଝର ସରକାରୀ କଲେଜ (ଅଧୁନା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ)ରେ ଅଧ୍ୟାପକ ଥାଏ । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥାଏ । ସେଠି ଦେଖାହେଲେ ମୋର ଶିକ୍ଷକ କବି ଫନୀ ମହାନ୍ତି । ମୁଁ ତାଙ୍କ ସହ କଥାବାର୍ତ୍ତା ହେଉଛି, ସେଠି ପହଞ୍ଚିଲେ ବିଶିଷ୍ଟ ସାମ୍ବାଦିକ ବରେନ୍ଦ୍ର କୃଷ୍ଣ ଧଳ । ମୁଁ ଶ୍ରୀଧଳ ମହାଶୟଙ୍କୁ ଚିହ୍ନି ନଥାଏ । ତାଙ୍କ ସହ ମୋତେ ଫନୀ ସାର୍ ଚିହ୍ନା କରାଇଦେଲେ । ପ୍ରଥମ ସାକ୍ଷାତ୍‌ରେ ଉଭୟ ଉଭୟଙ୍କର ପ୍ରେମରେ ପଡିଗଲୁ । ପ୍ରଥମ ଦେଖାରେ ସେ ପଚାରିଲେ- ଆପଣ କେଉଁଠି ଅଛନ୍ତି ?- ମୁଁ କହିଲି, 'କେନ୍ଦୁଝରରେ ।' ସେ କହିଲେ- ଭୁବ୍ନେଶ୍ୱର ପଳାଇ ଆସ । ମୁଁ କହିଲି, ମୁଁ ଯଦି ଆସିବି ରେଭେନ୍‌ସା କଲେଜକୁ ଆସିବି । ତା'ପରେ ସେତେବେଳେ ସେ ଚଢୁଥିବା ସ୍କୁଟରରେ ମୋତେ ତାଙ୍କ ପଛରେ ବସାଇ ଘରକୁ ନେଇ ଆସିଲେ । ମୋତେ ସବୁ ନାଟକ ପରି ଲାଗୁଥାଏ । ମୁଁ ଖଣ୍ଡିଏ ଦରଖାସ୍ତ ସେଠି ବସି ଲେଖିଲି । ଅଧକ୍ଷଙ୍କ ମାଧ୍ୟମରେ ନଦେଇ ସିଧାସଳଖ ଦରଖାସ୍ତଟି ଡି.ପି.ଆଇଙ୍କୁ ଲେଖିଲି । ସେଇ ଆଗୁଆ କପି ଖଣ୍ଡକ ମୋଠାରୁ ନେଲେ ଶ୍ରୀଧଳ । ମୁଁ ବ୍ୟବସ୍ଥା କରୁଛି ତମେ ରେଭେନ୍‌ସା ଆସିବ । ଠିକ୍ ଦୁଇଦିନ ପରେ ମୋର ବଦଳି ହୋଇଗଲା । କେନ୍ଦୁଝରରୁ ରେଭେନ୍‌ସା କଲେଜ । ମୁଁ ଏସବୁ ଦେଖି ଯେତିକି ବିସ୍ମିତ ହେଲି, ସେତିକି ଖୁସି ହେଲି । ସେଇଦିନରୁ ମୁଁ ତାଙ୍କୁ ଡାକେ 'ବରି ଭାଇନା ।' ସେ ମୋତେ ସାନଭାଇ ପରି ସବୁବେଳେ ବ୍ୟବହାର କରନ୍ତି । ସେ ସମୟରେ ତାଙ୍କ ସ୍ତ୍ରୀ ଓଡ଼ିଆ ଏମ୍.ଏ.ଘରୋଇ ଭାବେ ପଢୁଥାନ୍ତି । ମୁଁ ବେଳେବେଳେ ତାଙ୍କ ଘରକୁ ଯାଇ କିପରି ପଢ଼ିଲେ ପରୀକ୍ଷାରେ ଭଲ ହେବ- ବିଭିନ୍ନ ପାଠ୍ୟପ୍ରସଙ୍ଗ ଆଲୋଚନା କରେ ।

ମୁଁ ଗ୍ରୀଷ୍ମାବକାଶ ପରେ ତା ୧୮.୭.୮୦ରେ ରେଭେନ୍‌ସା କଲେଜରେ ଯୋଗ

ଦେବାକୁ ଗଲି । ମୋତେ ଦେଖି ଦୁଇଜଣ ନେତା-ପିଲା କହିଲେ ଆପଣଙ୍କ ବଦଳି ବାତିଲ୍ ହେବ । ଆପଣ ପରେ ଏଠାରେ ଯୋଗଦେବେ । ମୁଁ କହିଲି ଏ କି କଥା । ସାଙ୍ଗେ ସାଙ୍ଗେ ଆମ ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ କଲେଜର ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ଜଗଦାନନ୍ଦ ଦାଶଙ୍କୁ ଭେଟିଲି । ସେ ମୋତେ ଦେଖି ଭାରି ଖୁସି ହେଲେ । ମୋତେ ସେ ସମୟର ଅଧ୍ୟକ୍ଷ ପ୍ରଫେସର କ୍ଷେତ୍ରମୋହନ ପଟ୍ଟନାୟକଙ୍କ ସହ ଦେଖା କରାଇବା ସହିତ ମୋତେ ଯୋଗଦେବାପାଇଁ ଅଫିସକୁ ନେଇ ଆସିଲେ । ମୁଁ ସେ ସମୟରେ ଅଫିସ୍ ସୁପରିନଟେଣ୍ଡେଣ୍ଟ ଶ୍ରୀ ନିରଂଜନ ସ୍ୱାଇଁଙ୍କ ପାଖରେ ବସି ଆବଶ୍ୟକୀୟ ସରକାରୀ ନଥିରେ ଦସ୍ତଖତ କରି ଯୋଗ ଦେଲି । ତା'ପରେ ଓଡ଼ିଆ ବିଭାଗକୁ ଯାଇ ସେତେବେଳର ପ୍ରଫେସର ଓ ମୁଖ୍ୟ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତିଙ୍କୁ ପ୍ରାୟ ଦିନ ବାରଟା ପାଖାପାଖି ଭେଟିଲି । ସେ ମୋତେ ଦେଖି ପ୍ରଥମେ କହିଲେ ଏଠିକୁ କେମିତି ବଦଳି ହୋଇଆସିଲ ? ମୁଁ କହିଲି ଡି.ପି.ଆଇ. ସାର୍ କରିଛନ୍ତି, ତେଣୁ ଆସିଲି । ସେ କହିଲେ; "ତୁମେ କ'ଣ ସ୍ନାତକୋତ୍ତର ଶ୍ରେଣୀରେ ଏଠି ପଢ଼ାଇ ପାରିବ ?" ମୁଁ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲି । ପୁଣି କହିଲେ, "କ'ଣ ପଢ଼ାଇ ପାରିବ ?" ମୁଁ କହିଲି; ଟିକେ ପ୍ରସ୍ତୁତ ହୋଇଗଲେ ଯେ କୌଣସି ବିଷୟ ପଢ଼ାଇ ପାରିବି । ତା'ପରେ ସେ ମୋତେ ସପ୍ତାହକୁ ଗୋଟିଏ ମାତ୍ର କ୍ଲାସ ସ୍ନାତକୋତ୍ତର ଶ୍ରେଣୀରେ ଦେଇଥିଲେ । ମୁଁ 'ପ୍ରବନ୍ଧ' ପିଲାଙ୍କୁ ପଢ଼ାଇବାକୁ ନିର୍ଦ୍ଦେଶ ସେ ଦେଲେ । ମୋର ଯାହା ମନେ ପଡୁଛି ମୁଁ ଯାଇ ସ୍ୱାତକୋତ୍ତର ଶ୍ରେଣୀରେ 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା' ପଢ଼ାଇଥିଲି । ନୀଳକଂଠଙ୍କ ଏଇ ପ୍ରବନ୍ଧଟିକୁ ପଢ଼ାଇବା ପାଇଁ ମୁଁ ନୀଳକଂଠଙ୍କ ସଂପର୍କରେ ରୀତିମତ ତିନିଦିନ ପ୍ରସ୍ତୁତ ହୋଇଥିଲି । ଏପରିକି ତାଙ୍କର ବହୁ ପ୍ରବଂଧର ପ୍ରସିଦ୍ଧ ଅଂଶମାନ କଣ୍ଠସ୍ଥ କରିଥିଲି । ଯଥା ସମୟରେ ଯାଇ କ୍ଲାସ ନେଲି । ଯୁବକ ଥାଏ- ପିଲାଙ୍କ ପରି ଦିଶୁଥାଏ- ସେ ବାରଣ୍ଡାରେ କେତେ ବଡ଼ ବଡ଼ ପ୍ରଫେସରମାନେ ଯାଆସ କରୁଥାନ୍ତି । ଆସ୍ତେ ଆସ୍ତେ ପିଲାମାନଙ୍କର ଗ୍ରହଣଶୀଳ ହେଲି । ମୋତେ ସାଧାରଣତଃ କେନ୍ଦୁଝର, ମୟୂରଭଂଜ, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ସମ୍ବଲପୁର ଜିଲ୍ଲାରୁ ଆସି ପଢୁଥିବା ନିମ୍ନବିତ୍ତ ପରିବାରର ଛାତ୍ରମାନେ ଖୁବ୍ ଭଲ ପାଉଥିଲେ । ମୁଁ ମଧ୍ୟ ବେଳେ ବେଳେ ପ୍ରଫେସର କୌଣସି କାର୍ଯ୍ୟରେ ଯାଇଥିବା ବେଳେ, ଅନୁପସ୍ଥିତ ଥିବା ସମୟରେ ତାଙ୍କ କ୍ଲାସ ନିଏ । ଏମିତି ସମୟ ସେଠି ପଢ଼ାଇବାରେ, ଲାଇବ୍ରେରୀରେ ବସି ପଢ଼ିବାରେ, ପିଲାମାନଙ୍କ ସହ ଆଳାପ ଆଲୋଚନାରେ କଟୁଥିଲା ।

ରେଭେନ୍ସା କଲେଜରେ ମୁଁ ଯେଉଁ ସମୟରେ ଥିଲି, ସେ ସମୟରେ ସ୍ୱତନ୍ତ୍ର

ପତ୍ର ଅନୁବାଦ ଥାଏ । ଇଂରାଜୀ,ହିନ୍ଦୀ, ବଂଗଳା କିମ୍ବା ଯେକୌଣସି ଭାରତୀୟ ଭାଷାରୁ ଓଡ଼ିଆକୁ ଅନୁବାଦ ଓ ସଂପୃକ୍ତ ଗ୍ରନ୍ଥ ସଂପର୍କରେ ମୁଖବଂଧ-ଏହିପରି ଦୁଇଟି ପତ୍ର ଥାଏ । ଏହାକୁ ଘରୁ ପ୍ରସ୍ତୁତ କରିବାକୁ ହୁଏ । ଭଲ ନମ୍ବର ରଖି ଘରୋଇ ଭାବେ ଏମ୍.ଏ.ପାସ୍ କରିବା ପାଇଁ ଏହି ସ୍ୱତନ୍ତ୍ର ପତ୍ରଟି ସେ ସମୟରେ ପରୀକ୍ଷାର୍ଥୀଙ୍କ ପାଇଁ ସୁବର୍ଣ୍ଣସୁଯୋଗ ସୃଷ୍ଟି କରିଥିଲା । ଏସକାଶେ ସ୍ନାତକୋତ୍ତର ବିଭାଗର ଜଣେ ଅଧ୍ୟାପକ ତତ୍ତ୍ୱାବଧାରକ ରହୁଥିଲେ । ଯିଏ ଯେଉଁ ବହିର ଅନୁବାଦ କରୁଥିଲା, ତାହା ପଞ୍ଜୀକୃତ ହେଉଥିଲା । ମୋ ଅଧୀନରେ ଖୁବ୍ ଅଳ୍ପ ପିଲା ଏହି ସ୍ୱତନ୍ତ୍ର ପତ୍ର ଅନୁବାଦ ନେଇଥିଲେ । ମୁଁ ଆଲଡସ୍ ହକ୍ସଲେ, ଆଡିସନ୍, ଚାର୍ଲସ୍ ଲ୍ୟାମ୍ବ, ରସେଲ ପ୍ରମୁଖଙ୍କ ପ୍ରବଂଧର ଅନୁବାଦ ପାଇଁ ମୋ ପିଲାମାନଙ୍କୁ କହିଥିଲି । ସବୁଠୁ ମଜାକଥା ତଦାନୀନ୍ତନ ସମୟର ଜଣେ ଅଧ୍ୟାପକ- ଯିଏ କି ଏକାଧିକବାର ଓଡ଼ିଶା ଲୋକସେବା ଆୟୋଗ ଅଧ୍ୟାପନା ବୃତ୍ତିପାଇଁ ସାକ୍ଷାତକାର ଦେଇ ଅକୃତକାର୍ଯ୍ୟ ହୋଇ ଶେଷରେ କୃତକାର୍ଯ୍ୟ ହୋଇଥିବା ଅଧ୍ୟାପକ କହିଲେ ଯେ ପ୍ରବନ୍ଧକୁ କ୍ଲାସିକ କୁହାଯାଇ ପାରିବ ନାହିଁ । ତେଣୁ ଅନୁବାଦ ସ୍ୱତନ୍ତ୍ର ପତ୍ରରେ ପ୍ରବନ୍ଧ ଗ୍ରନ୍ଥ ଅନୂଦିତ ହୋଇପାରିବ ନାହିଁ । ମୁଁ ସେଦିନ କ୍ଲାସିକ ସୃଷ୍ଟି କ'ଣ ତାଙ୍କୁ ପ୍ରଶ୍ନ କରିବା ସହିତ କେତେକ କ୍ଲାସିକ ଧର୍ମୀ ପ୍ରବଂଧ ଗ୍ରନ୍ଥ କଥା କହିଥିଲି । ଯାହା ହେଉ ମୋ କଥା ରହିଲା ଏବଂ କେତେକ ଉତ୍କୃଷ୍ଟ ପ୍ରବଂଧ ଗ୍ରନ୍ଥର ଅନୁବାଦ କରାଇଲି । ସେତେବେଳେ ଅନେକ ପରୀକ୍ଷାର୍ଥୀ ଯେହେତୁ ଏକାର୍ଯ୍ୟଟି ଘରେ ବସି କରିବାକୁ ପଡୁଥିଲା, ସେମାନେ ନିଜେ ନକରି ଅନ୍ୟଦ୍ୱାରା କରାଉଥିଲେ । ଏଥିପାଇଁ କେତେକ ତତ୍ତ୍ୱାବଧାରକ ଏସକାଶେ ଉପଢ୍ୌକନ, ନାନା କିସମର ସୁବିଧା ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ । ଥରେ ଜଣେ ତତ୍ତ୍ୱାବଧାରକ ପାରାଦ୍ୱୀପ ଅଞ୍ଚଳର ଜଣେ ପରୀକ୍ଷାର୍ଥୀଙ୍କ ଠାରୁ ଚିଙ୍ଗୁଡ଼ି, କଙ୍କଡ଼ା ଖାଇବାକୁ ଚାହିଁଲେ । ସେ ବିଚରା ତତ୍ତ୍ୱାବଧାରକଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାହା ଆଣି ଦେଲା । ସେଇ ତତ୍ତ୍ୱାବଧାରକଙ୍କ ପରିବାର ଏସବୁ ଖାଇ ସବଂଶେ ଝାଡ଼ାବାନ୍ତିରେ ପଡ଼ିଲେ । ପରିସ୍ଥିତି ଏମିତି ହେଲା ସଂପୃକ୍ତ ପରୀକ୍ଷାର୍ଥୀଙ୍କୁ ସେମାନଙ୍କୁ ଭଲ କରିବା ପାଇଁ ଡାକ୍ତରଖାନା ଔଷଧ ଖର୍ଚ୍ଚ ବହନ କରିବାକୁ ପଡିଲା । ଏପରି କାରବାର ଯୋଗୁଁ ଅନୁବାଦ ସ୍ୱତନ୍ତ୍ର ପତ୍ରଟି ତିନି ଚାରିବର୍ଷ ଚାଲିବା ପରେ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରୁ ତାହା ଉଠିଗଲା । ସମସ୍ତେ ଆଶ୍ୱସ୍ତ ହେଲେ ।

ମୁଁ ରେଭେନ୍ସା କଲେଜରେ ଥିବାବେଳେ ବାରମ୍ବାର ମୋ ବଦଳିକୁ ସାମ୍ନା କରିଛି । ମୋର ବଦଳି ହେବାକ୍ଷଣି ମୋତେ ତତ୍‌କ୍ଷଣାତ୍ ବିଭାଗ କାର୍ଯ୍ୟରୁ ଅବ୍ୟାହତି ଦେବା ସହିତ ଗୋଟିଏ ବିଦାୟ ସମ୍ବର୍ଦ୍ଧନା ଦିଅନ୍ତି । ସବୁଥର ଗୋଟିଏ ବ୍ୟାଗ ଓ ଚାଇନା

ଓ୍ୱିଙ୍ଗସଙ୍ଗ କଲମ ଦେଇଥାନ୍ତି ଏବଂ ସଭାରେ ଶତମୁଖରେ ପ୍ରଶଂସା କରନ୍ତି । ବଦଳିସବୁ ପ୍ରାୟ ଥାଏ ଷଡଯନ୍ତ୍ର ମୂଳକ । ଥରେ ଭଦ୍ରକ କଲେଜରୁ ଜଣେ ଅଧ୍ୟାପକ ଯେ କି କବିତା ଲେଖନ୍ତି, ସେ ରେଭେନ୍‌ସାକୁ ବଦଳି ହୋଇ ଆସିବାପାଇଁ ଯୋଜନାବଦ୍ଧ ଉଦ୍ୟମ କଲେ । ସେତେବେଳେ ମୋ ବୋଉ କଟକ ଡାକ୍ତରଖାନାରେ ମୃତ୍ୟୁସହ ସଂଗ୍ରାମ କରୁଥାଏ । ମୁଁ ସେଠି ବୋଉର ଯତ୍ନ ନେଉଥାଏ । ସେହି ଅଧ୍ୟାପକ ସେ ସମୟର ଶିକ୍ଷାମନ୍ତ୍ରୀଙ୍କୁ ଭେଟି କହିଲେ- ବାଉରୀବଂଧୁଙ୍କ ବୋଉ ରୋଗାକ୍ରାନ୍ତ । ତାଙ୍କ ଘର ଯାଜପୁର । ସେ ରେଭେନ୍‌ସାରୁ ବଦଳି ହେବାକୁ ଚାହୁଁଛନ୍ତି । ମୋର ନାଟକୀୟ ଭାବେ ବଦଳି ହେଲା ଭଦ୍ରକ । ମୁଁ ବଦଳି ନିର୍ଦ୍ଦେଶନାମା ନ ପାଉଣୁ ସେ ରେଭେନ୍‌ସାରେ ଯୋଗ ଦେବାକୁ ହାଜର । ସେତେବେଳେ ଜଣେ ଖୁବ୍ ବେଶୀ ବ୍ୟୁରୋକ୍ରାଟ ଖୁବ୍ କମ୍ କବି, ପୁରସ୍କାର ପ୍ରିୟ, ଥାଆନ୍ତି ଶିକ୍ଷା ବିଭାଗର ଶାସନ ସଚିବ । ସଂପୃକ୍ତ ଅଧ୍ୟାପକଙ୍କୁ ସେ ମୋ ବଦଳିରେ କୁଆଡ଼େ ସହାୟତା କରିଥିଲେ । ମୋର ଛଅଥର ରେଭେନ୍‌ସାରୁ ବଦଳି ହୋଇଥିଲା ଓ ମୁଁ ଛଅଥର ଯାକ ମୋ ବଦଳିକୁ ବାତିଲ କରିଥିଲି । ମୋର ଘନଘନ ବଦଳି ଓ ତାକୁ ପୁଣି ବାତିଲ କରି ସେଇଠି ରହିବା ଦ୍ୱାରା ମୋ ଭିତରେ ଗୋଟିଏ ଅଦ୍ଭୁତ ଆତ୍ମବଳ ଆସିଥିଲା । ଶେଷରେ ମୁଁ ବିରକ୍ତ ହୋଇ କୌଣସି ବିଶ୍ୱବିଦ୍ୟାଳୟରେ ବୃତ୍ତି କରିବାକୁ ମନ ବଳାଇଲି ଓ ପ୍ରାଧ୍ୟାପକ ପଦ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସାକ୍ଷାତ୍‌କାର ପରୀକ୍ଷା ଦେଇ ସେଠାରେ ଯୋଗଦେଲି ।

ମୁଁ ରେଭେନ୍‌ସା କଲେଜରେ ଥିବାବେଳେ ମୋର ପିଏଚ୍.ଡି.ସନ୍ଦର୍ଭ 'ଆଧୁନିକ ଓଡ଼ିଆ ସାହିତ୍ୟକୁ କାମପାଳ ମିଶ୍ରଙ୍କ ଦାନ' ଲେଖି ଡକ୍ଟରେଟ୍ ଡିଗ୍ରୀ ପାଇଥିଲି । ମୁଁ ସେ ସନ୍ଦର୍ଭରେ 'ଉତ୍କଳ ଦୀପିକା', 'ଶିକ୍ଷାବନ୍ଧୁ', 'ନବ ସମ୍ବାଦ', 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ପ୍ରଭା', 'ଉତ୍କଳ ସାହିତ୍ୟ', 'ମୁକୁର' ପରି ଦୁଷ୍ପ୍ରାପ୍ୟ ପତ୍ରିକାରୁ ବହୁ ତଥ୍ୟ ସଂଗ୍ରହ କରି ସନ୍ଦର୍ଭଟି ପ୍ରସ୍ତୁତ କରିବା ସହିତ କାମପାଳ ମିଶ୍ରଙ୍କ ରଚନା ସମଗ୍ରକୁ ପତ୍ରପତ୍ରିକାର ଛିନ୍ନ ପୃଷ୍ଠାରୁ ସାଉଁଟି ଏକାଠି କରିଥିଲି । ମୋର ଗବେଷଣା ନିବନ୍ଧର ତତ୍ତ୍ୱାବଧାରକ ଥିଲେ ପ୍ରଫେସର ବଂଶୀଧର ମହାନ୍ତି । ଜଣେ ପରୀକ୍ଷକ ଯିଏ ହେଲେ ଡକ୍ଟର କୁଞ୍ଜବିହାରୀ ଦାଶ ମୋ ନିବନ୍ଧକୁ ପିଏଚ୍.ଡି. ପାଇଁ ଅନୁମୋଦନ କରିନଥିଲେ । ପୁଣିଥରେ ମୁଁ ନିବନ୍ଧ ଲେଖି ଏହି ଡିଗ୍ରୀ ପାଇଥିଲି । ଓଡିଆ ବିଭାଗରେ ପିଏଚ୍.ଡି., ଡି.ଲିଟ୍ ଅତି ସୁବିଧାରେ ଗବେଷକମାନେ ପାଇଥିବା ବେଳେ ମୁଁ ମୋର ପିଏଚ୍.ଡି.ଡିଗ୍ରୀ ପାଇଁ ପ୍ରାୟ ତିନିବର୍ଷ ହଇରାଣ ହରକତ ହୋଇଥିଲି । ଅନେକ ଓଡ଼ିଆ ସାହିତ୍ୟର ଗବେଷକଙ୍କ ଗବେଷଣା ନିବଂଧ ସୂର୍ଯ୍ୟାଲୋକ ଦେଖୁନଥିବା ବେଳେ ମୋର ଗବେଷଣା ସନ୍ଦର୍ଭ 'ଆଧୁନିକ ଓଡ଼ିଆ

ସାହିତ୍ୟକୁ କାମପାଳ ମିଶ୍ରଙ୍କ ଦାନ' ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଗ୍ରନ୍ଥ ଆକାରରେ ପ୍ରକାଶ କରିଛି । ମୁଁ କାମପାଳ ମିଶ୍ରଙ୍କ ପରି ଜଣେ ସ୍ୱଳ୍ପଜ୍ଞାତ ଲେଖକଙ୍କୁ ବିସ୍ମୃତିର ଅତଳ ଗହ୍ୱରରୁ ଉଦ୍ଧାର କରିଥିବାରୁ ମୁଁ ଆତ୍ମପ୍ରସାଦ ଅନୁଭବ କରେ ।

ମୁଁ କଟକରେ ଥିବାବେଳେ ମୁଁ ମୋର ବୋଉ ସୁଭଦ୍ରା ଦେବୀଙ୍କୁ ହରାଇଥିଲି । ମୋ ବୋଉ ଦୀର୍ଘଦିନ ଅସୁସ୍ଥ ହୋଇ ଡାକ୍ତରଖାନାରେ ରହିଥିଲା । ଆମ ପରିବାର ବ୍ୟତୀତ ଯେଉଁମାନେ ସେ ସମୟରେ ମୋତେ ସାହାଯ୍ୟର ହାତ ବଢ଼ାଇଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ସୁରେନ୍ଦ୍ରନାଥ ମହାରଣାଙ୍କ ସାହାଯ୍ୟ-ସହାନୁଭୂତି ବାସ୍ତବରେ ଅବିସ୍ମରଣୀୟ । ସେ ମୋ ବୋଉକୁ ରକ୍ତଦାନ କରିବା ସହିତ ସେ ଯାଇ ଅନେକ ସମୟରରେ ଡାକ୍ତରଖାନାରେ ତା'ର ସେବାଯତ୍ନ କରୁଥିଲେ । ମୋ ବୋଉର ମୃତ୍ୟୁପରେ ଯେଉଁମାନେ ଆମ ଗାଁ ଖଣ୍ଡିତର ପର୍ଯ୍ୟନ୍ତ ଯାଇ ଆମ ପରିବାରକୁ ସାନ୍ତ୍ୱନା ଦେଇଥିଲେ ଓ ଆମ ଦୁଃଖରେ ସମଦୁଃଖୀ ହୋଇଥିଲେ ସେମାନଙ୍କ ମଧ୍ୟରେ ପ୍ରଫେସର ଗୋପାଳଚନ୍ଦ୍ର ମିଶ୍ର, ଗୋପୀନାଥ ମିଶ୍ର, ଅସିତ କବି, ଦାଶରଥି ଦାସ, ବିଜୟକୁମାର ଶତପଥୀ, ଗୁରୁଚରଣ ବେହେରା, କିଶୋର ଚନ୍ଦ୍ର ଦାସ ପ୍ରମୁଖଙ୍କୁ ମୁଁ କଦାପି ଭୁଲି ପାରିବି ନାହିଁ । ମୋ ବୋଉର ବିୟୋଗରେ ବିଶିଷ୍ଟ ଲେଖକ ସୁରେନ୍ଦ୍ର ମହାନ୍ତି ଯେଉଁ ଚିଠି ଖଣ୍ଡିଏ ମୋ ପାଖକୁ ଲେଖିଥିଲେ, ସେ ଚିଠିଟି ଯେତିକି ଥିଲା ସାନ୍ତ୍ୱନା ମୂଳକ ତତ୍‌ତୋଧିକ ଥିଲା କଳାତ୍ମକ । ସେଇ ଶୁଦ୍ଧ ସାହିତ୍ୟ ଥିଲା ଚିଠି ରୂପରେ ଏହିପରି;

ଆୟୁଷ୍ମାନ୍ ବାଉରୀବଂଧୁ;

ତୁମ ବୋଉ ହଠାତ୍ ଏମିତି ଚାଲିଯିବେ ବୋଲି ତୁମ କଥାରୁ ଆଦୌ ମନେ ହେଉନଥିଲା । ସେଥିପାଇଁ ତୁମ ମାତୃବିୟୋଗ ବାର୍ତ୍ତା ଶୁଦ୍ଧିଘର ଆମନ୍ତ୍ରଣ ପତ୍ରରୁ ଜାଣି ମୁଁ ପ୍ରକୃତରେ ମର୍ମାହତ ହେଲି । ମୃତ୍ୟୁ ଅବଶ୍ୟାମ୍ଭାବୀ ସମସ୍ତେ ଜାଣନ୍ତି, ତଥାପି ମୃତ୍ୟୁ ସମ୍ବାଦଟି ସମସ୍ତଙ୍କୁ ବିଚଳିତ କରିଦିଏ । ଜୀବନ କିନ୍ତୁ ସେଇୟା, ମୃତ୍ୟୁ ପୁଣି ବିଚିତ୍ର । ମୃତ୍ୟୁ ପୂର୍ବରୁ ଜୀବନ ଦୀପ ହଠାତ୍ ତେଜିଉଠେ । କିନ୍ତୁ ମୃତ୍ୟୁ ଆକସ୍ମିକ ଭାବରେ ଆସି ଏକ ଅପ୍ରତ୍ୟାଶିତ ମୁହୂର୍ତ୍ତରେ ତାକୁ ନିଭାଇ ଦିଏ । ସେଥିପାଇଁ ଜୀବନ ମୃତ୍ୟୁ ବ୍ୟାପାରରେ ଲୀଳାମୟଙ୍କ ଇଚ୍ଛାକୁ ଶେଷରେ ମାନିବା ପାଇଁ ପଡିବ । ତା' ନଥିଲେ ଏହାର ଅନ୍ୟ କୈଫିୟତ ନାହିଁ । ବାଉରୀବଂଧୁ ମୁଁ ଜାଣେ ମାତୃହରା ହେବାଠାରୁ ବଳି ଅନ୍ୟ ଦୁଃଖ ନାହିଁ । ଯେଉଁ ଅଞ୍ଚଳ ଛାୟାତଳେ ଆମେ ବଢ଼ି ଉଠିଥିଲେ, ସେ ଛାୟାଟି ଦିନେ ଅପସାରିତ ହୋଇଯିବା ପରେ ପ୍ରକୃତରେ ବଡ଼ ଅସହାୟ ଫୁଙ୍ଗୁଳା ଲାଗେ । ଭଗବାନ ଏ, ଦୁଃଖ, ଏ ଆଘାତ ସହିବା ପାଇଁ ତମ୍କୁ ଓ ତମ ପରିବାର ବର୍ଗଙ୍କୁ ମନବଳ ଦିଅନ୍ତୁ ।

ସୁରେନ୍ଦ୍ର ମହାନ୍ତି

ଏମିତି ପ୍ରତିଷ୍ଠିତ ବ୍ୟକ୍ତି ମୋ ବୋଉର ବିୟୋଗରେ ଆମକୁ ସାନ୍ତ୍ୱନା ସୂଚକ ପତ୍ର ଲେଖିଥିଲେ ।

ମୁଁ ରେଭେନ୍ସା କଲେଜ 'ନିଉ ହଷ୍ଟେଲ' ଆସିଷ୍ଟାଣ୍ଟ ସୁପରିନିଟେଣ୍ଡେଣ୍ଟ ଭାବରେ କିଛିକାଳ କାର୍ଯ୍ୟ କରିଥିଲି । ସେ ହଷ୍ଟେଲରେ ଯୁକ୍ତ ଦୁଇ ଶ୍ରେଣୀଠାରୁ ଆରମ୍ଭ କରି ଏମ୍.ଏ.ଶ୍ରେଣୀର ପିଲା ପର୍ଯ୍ୟନ୍ତ ସମସ୍ତେ ମିଳିମିଶି ରହନ୍ତି । ଯେଉଁମାନେ ଅନ୍ୟରାଜ୍ୟରୁ ଆସି ରେଭେନ୍ସାରେ ପଢନ୍ତି, ସେମାନେ ପ୍ରାୟ ଏଠାରେ ରହନ୍ତି । ନାନା କିସମର ପିଲା ରହୁଥିବାରୁ ସେ ହଷ୍ଟେଲର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଥାଏ । ପୁଣି ସେଠି ବହୁସଂଖ୍ୟକ ଭିନ୍ନ ଭିନ୍ନ ଚରିତ୍ରର ପିଲାଥିବାରୁ ସେଠି ମଧ୍ୟ ବେଳେ ବେଳେ ପିଲାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୁଏ । ବିଶେଷ କରି ବିହାରରୁ ଆସି ପଢୁଥିବା ପିଲାମାନେ ବଡ଼ ପାଟି କରନ୍ତି ଓ ମେସ୍‌ରେ ଖାଇବାବେଳେ କର୍ମଚାରୀଙ୍କ ସହ କଳି କଜିଆ କରନ୍ତି । କିନ୍ତୁ ସେମାନେ ସୁପରିଟେଣ୍ଡେଣ୍ଟ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କୁ ଖୁବ୍ ଭକ୍ତି କରନ୍ତି । ସେ ସମୟରେ ସୁପରିଟେଣ୍ଡେଣ୍ଟ ଥାଆନ୍ତି ପ୍ରାଧ୍ୟାପକ ଆଶାମୁକୁଳ ମିତ୍ର । ଖୁବ୍ ଭଦ୍ରଲୋକ ସେ । ମାତ୍ର ସେ ଅନେକ ସମୟରେ ତାଙ୍କ ସ୍ତ୍ରୀଙ୍କ ଅସୁସ୍ଥତା ନେଇ ଛୁଟିରେ ରହନ୍ତି । ଫଳରେ ମୁଁ ହଷ୍ଟେଲ ଦାୟିତ୍ୱ ବୁଝୁଥିଲି । ହଷ୍ଟେଲରେ ବଡ଼ ଅସୁବିଧା ଦୁଇଟି । ଏଠି ବିଦ୍ୟୁତ୍ ଏତେ ଲୋଭୋଲେଟ୍‌ରେ ଆସେ ଯାହା ଫଳରେ ପିଲାମାନେ ଭଲରେ ପଢି ପାରନ୍ତି ନାହିଁ । ଦ୍ୱିତୀୟଟି ହେଲା ନିକଟସ୍ଥ ମାଲଗୋଦାମ ଅଞ୍ଚଳରୁ କେତେକ ଲୋକ ଆସି ଜୋର ଜବରଦସ୍ତ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗାଧୁଆ ଘରେ ଗାଧୋଇବା ସହିତ ପାଇଖାନାରେ ମଳମୂତ୍ର ତ୍ୟାଗ କରନ୍ତି । ବିଦ୍ୟୁତ୍ ସମସ୍ୟା ଏପରି ହେବାର କାରଣ ପ୍ରାୟ ଏକାଧିକ ଲାଇନ୍ ହୁକ୍ ପକାଇ ବେଆଇନ୍ ଭାବେ ସଂଯୋଗ କରାଯାଇ ଥାଏ । ଏହାର ସ୍ଥାୟୀ ସମାଧାନ ପାଇଁ ସେ ସମୟର ଶକ୍ତିମନ୍ତ୍ରୀ ଓ ସଂସ୍କୃତି ପ୍ରେମୀ ରାଜନେତା ଶ୍ରୀଯୁକ୍ତ ମତ୍‌ଲୁବ୍ ଅଲ୍ଲୀଙ୍କୁ ଓ ବିଶିଷ୍ଟ ଜନସେବୀ ତଥା ସମ୍ବାଦର ସଂପାଦକ ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକଙ୍କୁ ହଷ୍ଟେଲର ବାର୍ଷିକୋତ୍ସବକୁ ଅତିଥି କରି ଆଣିଥିଲି । ଉତ୍ସବ ଦିନ ଓ ତା'ପରେ ପ୍ରାୟ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଆଲୁଅ ଭଲ ଜଳିଲା । କିନ୍ତୁ ତା'ପରେ ଯେମିତି ଅବସ୍ଥା ଥିଲା, ସେମିତି ରହିଲା । ହଷ୍ଟେଲରେ ପ୍ରାୟ ମାସରେ ଥରେ ଭଲ ଭୋଜୀ ହେଉଥିଲା । ଆମକୁ ପିଲାଏ ନିମନ୍ତ୍ରଣ କରନ୍ତି । ମୁଁ ନିରାମିଷାସୀ ହୋଇଥିବାରୁ କେବଳ ଯୋଗଦେଇ ରସଗୋଲାଟିଏ ଖାଏ । ହଷ୍ଟେଲର ଅନ୍ତେବାସୀମାନେ ପ୍ରାୟତଃ ଶୃଙ୍ଖଳିତ । ଖୁବ୍ କମ୍ ପିଲା, ହଷ୍ଟେଲର ନିୟମ

ଲଂଘନ କରନ୍ତି । ଦିନକର କଥା ହଷ୍ଟେଲର ଏକ ପ୍ରକୋଷ୍ଠରେ ପାଞ୍ଚଜଣ ପିଲା ରାତିରେ ବ୍ଲୁଫିଲ୍ମ ଦେଖିଲେ । ଏ କଥା ସକାଳୁ ମୁଁ ଜାଣିଲି । ଅଧ୍ୟକ୍ଷ ଜାଣିଲେ । ସେତେବେଳେ ଅଧ୍ୟକ୍ଷ ଥାଆନ୍ତି ପ୍ରଫେସର ଉମାକାନ୍ତ ମହାପାତ୍ର । ଅତି ଉଦାର ମଣିଷ, ଭଦ୍ର କଥାବାର୍ତ୍ତା, ତାଙ୍କ ବିଷୟ ଗଣିତ । ସେ ଗଣିତରେ ଅତ୍ୟନ୍ତ ବିଦ୍ୱାନ୍, ଖୁବ୍ ଭଲ ଶିକ୍ଷକ । ସାଧାରଣ ଜାଗତିକ ବ୍ୟାପାରରେ ସେ ବିଶେଷ କିଛି ଜାଣନ୍ତି ନାହିଁ । ମୋତେ ପ୍ରାୟ ଦିନ ଏଗାରଟା ବେଳେ ଡକାଇଲେ । ତାଙ୍କ ପାଖରେ ଚାରି ପାଞ୍ଚଜଣ ପ୍ରଫେସର ବସିଥାନ୍ତି । ମୋତେ ପଚାରିଲେ, "କ'ଣ ସେଇ ବ୍ଲୁ ଫିଲ୍ମ ତମ ହଷ୍ଟେଲରେ ଦେଖୁଛନ୍ତି ଶୁଣିଲି । ଏତ ଭଲ ଜିନିଷ । ପିଲାଙ୍କ ଆଖି ଉପରେ ଚାପ ପଡିବ ନାହିଁ ।" ତାଙ୍କର ଧାରଣା ଥିଲା କୋଣାର୍କ ଟିଭିରେ ପରଦା ଉପରେ ଯେଉଁ ବ୍ଲୁ କାଚ ଖଣ୍ଡକ ରହିଛି- ପିଲାଏ ସେଇ ବ୍ଲୁ କାଚ ଦେଇ ଯେଉଁ ଫିଲ୍ମ ଦେଖୁଛନ୍ତି- ତାହା 'ବ୍ଲୁ ଫିଲ୍ମ' । କେବଳ ସେତିକି ନୁହେଁ, ସେ କହିଲେ- "ମୁଁ ସବୁ ହଷ୍ଟେଲରେ ବ୍ଲୁ ଫିଲ୍ମ ଦେଖିବାକୁ ନିର୍ଦ୍ଦେଶ ଦେଉଛି ।' ଏକଥା ଶୁଣି ତାଙ୍କ ପାଖରେ ବସିଥିବା ଚାରିଜଣଯାକ ପ୍ରଫେସର ଠୋ ଠୋ ହୋଇ ହସିଲେ । କହିଲେ- ତା'ହେଲେ ବ୍ଲୁ ଫିଲ୍ମ କ'ଣ ? ମୋତେ ପଚାରିଲେ କ'ଣ ମୋତେ ବୁଝାଅ, ମୁଁ ତାଙ୍କୁ କହିଲି- "ଯେଉଁଥିରେ ପୁରୁଷ ଓ ନାରୀର ନଗ୍ନଛବି ତଥା ଆପତ୍ତିଜନକ ଦୃଶ୍ୟ ପ୍ରଦର୍ଶନ କରାଯାଏ- ସେଇ ଫିଲ୍ମ" ତା'ପରେ ସେ ସଂପୃକ୍ତ ପାଞ୍ଚଜଣ ଅନ୍ତେବାସୀଙ୍କୁ ଡକାଇ ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ନ କରିବାକୁ ତାଗିଦ୍ କରିଥିଲେ ।

ମୁଁ ରେଭେନ୍ସା କଲେଜରେ ଥିବାବେଳେ ଓଡ଼ିଆ ବିଭାଗରେ ପ୍ରଫେସର ଜାନକୀବଲ୍ଲଭ ମହାନ୍ତି, ପ୍ରଫେସର ସାବିତ୍ରୀ ଦେବୀ, ପ୍ରଫେସର ଗଙ୍ଗାଧର ବଳ, ଗୋପୀନାଥ ମିଶ୍ର, ଡକ୍ଟର କୃଷ୍ଣଚରଣ ବେହେରାଙ୍କ ପରି ବିଭାଗ-ମୁଖ୍ୟଙ୍କ ଅଧୀନରେ କାର୍ଯ୍ୟ କରିଛି । ପ୍ରାୟ ସମସ୍ତେ ମୋତେ ଊଣା ଅଧିକେ ବିଶ୍ୱାସକୁ ନେଇଥିଲେ । ସେତେବେଳେ ପ୍ରତିବର୍ଷ ଓଡ଼ିଆ ବିଭାଗ ପକ୍ଷରୁ ସେମିନାର ବଡ଼ ଆକାରରେ ହୁଏ ଏବଂ ଏଥିରେ ପଢ଼ାଯାଉଥିବା ସନ୍ଦର୍ଭମାନ 'ସାହିତ୍ୟ ପତ୍ର'ରେ ସ୍ଥାନ ଲାଭ କରୁଥିଲା । ମୋର ଯାହା ମନେ ପଡୁଛି ଥରେ ନାଟକ ସଂପର୍କରେ ଏକ ବଡ଼ ଧରଣର ସେମିନାର ହୋଇଥିଲା- ଯାହାକୁ ଉଦ୍‌ଘାଟନ କରିଥିଲେ 'ସମାଜ' ସମ୍ବାଦପତ୍ରର ତଦାନୀନ୍ତନ ସଂପାଦକ ଗୋପବନ୍ଧୁଙ୍କ ପଟ୍ଟଶିଷ୍ୟ ଶ୍ରୀଯୁକ୍ତ ରାଧାନାଥ ରଥ । ସେ ଭାଷଣ ପ୍ରସଙ୍ଗରେ ନାଟ୍ୟକାର କାମପାଳ ମିଶ୍ରଙ୍କ ନାଟକମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ସେତେବେଳକୁ ମୁଁ ତାଙ୍କ ସଂପର୍କରେ ଗବେଷଣା କରୁଥାଏ । ତାଙ୍କ ତୁଣ୍ଡରୁ ମୋ ଗବେଷଣା ବିଷୟର ପ୍ରଶଂସା ଶୁଣି ମୋତେ

ଭାରି ଖୁସି ଲାଗିଥିଲା । ବିଭାଗର ପ୍ରାୟ ସମସ୍ତ ଶିକ୍ଷକ ପରସ୍ପର ମଧ୍ୟରେ ଥିବା ବିଭେଦ ଭୁଲି ଏକାଠି ଜଳଯୋଗ କରିବାକୁ କଟକ ସୁଇଟସ୍ ଷ୍ଟଲ ଯାଉଥିଲେ । ଏଠାକାର ଲୋଭନୀୟ କ୍ଷୀରସାଗର, ସୀତାଭୋଗ, ମଲେଇ ଠିପ, ସିଙ୍ଗଡ଼ା ସମସ୍ତେ ବସି ଆନନ୍ଦରେ ଖାଆନ୍ତି । ଯିଏ ଇଚ୍ଛା ଯେତେବେଳେ ପଇସା ଶ୍ରଦ୍ଧାରେ ଦେଇଦିଅନ୍ତି । ବେଳେବେଳେ ଆମେ ସମସ୍ତେ ମିଶି ଜଣ ଜଣକଠୁ ଝଡେଇ ଖାଉ । ଦିନକର କଥା- ପ୍ରାଧ୍ୟାପକ ଡକ୍ଟର ବିଚିତ୍ରାନନ୍ଦ ମହାନ୍ତିଙ୍କ ଠାରୁ ସମସ୍ତେ ମିଳିମିଶି ତାଙ୍କ ଉପରୁ ଜଳଖିଆ ଖର୍ଚ୍ଚ ଆଦାୟ କଲୁ । ସେ ସମୟରେ ଆମ ସମସ୍ତଙ୍କ ପିଛା ପ୍ରାୟ ଶହେ ଟଙ୍କା ପାଖାପାଖି ତାଙ୍କୁ ଦେବାକୁ ପଡିଲା । ସେ ପଇସା ଦେଇସାରି ଆମ ଉଦ୍ଦେଶ୍ୟରେ କହିଲେ, ଏସବୁ ହେଉଛି ସଦ୍ୟ ଦିବା ଲୋକରେ ଗଣ ବଳତ୍କାର ପରି ।' ମୁଁ ହଠାତ୍ ମୋର ବୟସକୁ ଭୁଲିଯାଇ ପରିହାସରେ କହିଲି- 'ତା'ହେଲେ କ'ଣ ଆମ ପାଇଁ ଭାରତୀୟ ପିଙ୍ଗଳ କୋର୍ଡର ୩୭୬ ଦଫା ଲାଗିବ ? ଏ କଥା ଶୁଣି ସମସ୍ତେ ହସିଲେ । ସେ ବି ହସିଲେ । କହିଲେ ମୁଁ ଏନ୍.ସି.ସି. ଲୋକ - କ୍ୟାପ୍‌ଟେନ୍ ର୍ୟାଙ୍କର, ସମସ୍ତଙ୍କୁ ଏକାଠି କରି ସମୂହ ସ୍ୱାର୍ଥ ରକ୍ଷା ଓ ଦେଶ ତଥା ଜାତିର ଉପକାର ଆମର କର୍ତ୍ତବ୍ୟ । ତାଙ୍କ କଥା ଶୁଣି ତାଙ୍କ ବଂଧୁ ପ୍ରାଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ପ୍ରଧାନ ତାଙ୍କ ଉଦ୍ଦେଶ୍ୟରେ କହିଲେ, 'ଏହାକୁ ଜାତୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରାଯାଉ । ମଝିରେ ଏମିତି ସମବେତ ଜଳଯୋଗ ହେଉ ।'

ରେଭେନ୍ସା କଲେଜରେ ଓଡ଼ିଆ ବିଭାଗ ପାଖରେ ସେତେବେଳେ ଥିଲା ଗଣିତ ବିଭାଗ । ମୁଁ କ୍ଲାସ ନଥିବାବେଳେ ଯାଇ ପ୍ରାୟ ଗଣିତ ବିଭାଗରେ ବସେ । ଏ ବିଭାଗରେ ଥିଲେ ମୋର ମାନନୀୟ ଶିକ୍ଷକ ଅଧ୍ୟାପକ ମୂରଲୀଧର ସାମଲ ଓ ଅଧ୍ୟାପକ ବ୍ରଜକିଶୋର ରାୟ । ଉଭୟ ଗଣିତ ବିଦ୍ୟାରେ ପଟୁ ଓ ଏମାନଙ୍କ ଉଦାର ମଣିଷ ପଣିଆର ପଟାନ୍ତର ନାହିଁ । ପୁଣି ଉଭୟ ତାଙ୍କ ଶିକ୍ଷାଗୁରୁ ପ୍ରଥିତଯଶା ଗଣିତ ପ୍ରଫେସର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ରମାନାଥ ମହାନ୍ତିଙ୍କୁ କେତେ ଯେ ଭଲ ପାଆନ୍ତି ଜଣେ ନଦେଖିଲେ ତାହା ବୁଝି ପାରିବନାହିଁ । ମୁଁ ଏମାନଙ୍କ ଠାରୁ ବହୁ କଥା ଶିଖିଛି ଓ ଗୁରୁ-ଶିଷ୍ୟର ସଂପର୍କ କେତେ ମହାନ୍ ତାହା ଜାଣିଛି । ଜଣେ ଶିକ୍ଷକ କିପରି ସରଳ ଜୀବନ, ନୀତିନିଷ୍ଠ ଜୀବନ, ଶୁଦ୍ଧପୂତ ଜୀବନ, କର୍ମ ପରାୟଣ ଜୀବନଯାପନ କରିପାରେ ଅଧ୍ୟାପକ ସାମଲ ଓ ଅଧ୍ୟାପକ ରାୟ ତାହାର ବଳିଷ୍ଠ ନିଦର୍ଶନ ।

ରେଭେନ୍ସା କଲେଜରେ ଥିବା ସମୟର ଅନୁଭୂତି ବର୍ଣ୍ଣନା ବେଳେ ଆଉ ଜଣଙ୍କ କଥା ନ କହିଲେ ଦୋଷାଦୋଷୀ ଲାଗିବ । ସେ ଜଣକ ହେଲେ କିରାଣୀ ଶ୍ରୀ ବିଚିତ୍ରାନନ୍ଦ

ମିଶ୍ର- ଯାହାଙ୍କୁ ସମସ୍ତେ ଶ୍ରଦ୍ଧାରେ କହନ୍ତି 'ବିଚିଭାଇନା' । ତାଙ୍କ ପରି ସାହାଯ୍ୟକାରୀ, ପରୋପକାରୀ, ସ୍ନେହୀ ମଣିଷ ବିରଳ । ସେତେବେଳେ ସେ ଥିଲେ ସାଟିଫିକେଟ୍ ଓ ମାର୍କସିଟ୍ ସେକସନ୍‌ରେ । ପରୀକ୍ଷାଫଳ ବାହାରିବାର ଚବିଶ ଘଣ୍ଟା ମଧ୍ୟରେ ସେ ଏସବୁ ଆବଶ୍ୟକୀୟ ପ୍ରୋଫର୍ମାରେ ଲେଖି ପ୍ରସ୍ତୁତ କରି ଦିଅନ୍ତି । ହସ୍ତାକ୍ଷର ଖୁବ୍ ସୁନ୍ଦର- ଖୁବ୍ ମିଠା କଥା କହନ୍ତି- ଧର୍ମ ପରାୟଣ ମଣିଷ । କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତାଙ୍କ ଚାକିରିରେ ଶେଷ ପର୍ଯ୍ୟାୟରେ ତାଙ୍କୁ ଖୁବ୍ ହଇରାଣ ହରକତ କଲେ । ଶେଷ ଜୀବନ ସେ କାଟିଲେ ସୁଦୂର କୋରାପୁଟରେ ଶ୍ରୀଜଗନ୍ନାଥଙ୍କ ପୂଜା ଉପାସନା କରି । ଏବେ ଆଉ ସେ ନାହାନ୍ତି କିନ୍ତୁ ତାଙ୍କ କଥା ମନେ ପଡିଲେ ଛାତ୍ର, ଶିକ୍ଷକ, ବଂଧୁ, ସୁହୃଦ୍‌ମାନଙ୍କ ପ୍ରତି ଜଣେ କେତେ ଅନ୍ତରଙ୍ଗ ହୋଇପାରେ- ତାହା ଜାଣିହୁଏ । ଶିକ୍ଷାୟତନରେ ତାଙ୍କ ପରି ମଣିଷ ମୁଁ କ୍ୱଚିତ୍ ଦେଖିଛି ।

ରେଭେନ୍ସା କଲେଜର ବାର୍ଷିକ କ୍ରୀଡ଼ାଉତ୍ସବ ନିଆରା ଢଙ୍ଗରେ ପାଳିତ ହୁଏ । ଏଥିରେ କଲେଜର ସମସ୍ତ ଶିକ୍ଷକ ବିଭିନ୍ନ ଭୂମିକାରେ ରହିଥାନ୍ତି । ବିଭିନ୍ନ ପ୍ରତିଯୋଗିତାରେ କିଏ କିପରି ରେକର୍ଡ଼ କରେ, ତା'ର ବିବରଣୀ ପ୍ରକାଶିତ ହୁଏ । ଏ ଉତ୍ସବ ଦେଖିବାକୁ କ୍ରୀଡ଼ାପ୍ରେମୀମାନେ ଆସନ୍ତି । ସମସ୍ତଙ୍କୁ କଲେଜର ଲୋଗୋ ଥିବା ଟୋପି ପିନ୍ଧିବାକୁ ଦିଆଯାଏ ଓ ସମସ୍ତଙ୍କ ପାଇଁ ଭୂରି ଭୋଜନର ବ୍ୟବସ୍ଥା ହୋଇଥାଏ । ସେ ସମୟର ଶାରୀରିକ ଶିକ୍ଷା ଶିକ୍ଷକ ଜଗଦାନନ୍ଦ ଦାଶ ଏହାକୁ ଦକ୍ଷତାର ସହ ପରିଚାଳନା କରୁଥିଲେ । ଏହି କଲେଜର କେତେକ ଛାତ୍ର ସେତେବେଳେ ବିଭିନ୍ନ ବିଭାଗରେ ରାଜ୍ୟର ପ୍ରତିନିଧିତ୍ୱ କରୁଥିଲେ । କେବଳ ବାର୍ଷିକ କ୍ରୀଡ଼ା ଉତ୍ସବ କାହିଁକି ସବୁ ସମୟରେ ଏହାର ଖେଳ ପଡିଆରେ ବର୍ଷସାରା ଛାତ୍ରମାନେ ବିବିଧ ପ୍ରକାର କ୍ରୀଡ଼ାରେ ମାତିଥାନ୍ତି ।

ଏଠାରେ କଲେଜ ପକ୍ଷରୁ, ହଷ୍ଟେଲ ପକ୍ଷରୁ ବକ୍ତୃତା, ପ୍ରବଂଧ, ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୁଏ । ଏଥିରେ ଛାତ୍ରଛାତ୍ରୀମାନେ ଭାଗ ନିଅନ୍ତି । ଅନେକ ବିତର୍କ ପ୍ରତିଯୋଗିତାରେ ମୁଁ ବିଚାରକ ରୂପେ ଯୋଗ ଦେଇଛି । ପ୍ରବଂଧ ପ୍ରତିଯୋଗିତାରେ ପରୀକ୍ଷକ ରୂପେ କାର୍ଯ୍ୟ କରିଛି । ସେତେବେଳେ ପିଲାମାନେ ଖୁବ୍ ଭଲ ବକ୍ତୃତା ଦେଇ ପାରୁଥିଲେ ଓ ଭଲପ୍ରବଂଧ ଲେଖିପାରୁଥିଲେ । ଏମାନଙ୍କ ମଧ୍ୟରୁ ଅନନ୍ତ ଗିରି ଏବେ ଜଣେ କୃତବିଦ୍ୟ ପ୍ରାବଂଧିକ ରୂପେ ପ୍ରତିଷ୍ଠିତ । ସେ ମଧ୍ୟ ସଂପ୍ରତି ଦେଶ ବିଦେଶର ବହୁ ବିଶ୍ୱବିଦ୍ୟାଳୟରେ ବକ୍ତୃତା ଦେଇ ସୁଖ୍ୟାତି ଅର୍ଜନ କରିଅଛି । ଏଠାରେ ଅନେକ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୁଏ । ଏସବୁରେ ବିଶିଷ୍ଟ ବକ୍ତାମାନେ ଆସି ବକ୍ତବ୍ୟ ବାଢନ୍ତି ।

ପ୍ରତିବର୍ଷ କଲେଜରେ ପ୍ରତିଷ୍ଠା ଦିବସ ଖୁବ୍ ଆଡ଼ମ୍ବର ସହକାରେ ହୁଏ । ଏହା କୌଣସି ଗୁଣରେ ବିଶ୍ୱବିଦ୍ୟାଳୟର 'ସମାବର୍ତ୍ତନ ଉତ୍ସବ' ଠାରୁ କମ୍ ନୁହେଁ । ଏଥିରେ କଲେଜରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଏ । ଏଠାରେ ପ୍ରତ୍ୟହ କୌଣସି ନା କୌଣସି ବିଭାଗରେ କିଛି ନା କିଛି କାର୍ଯ୍ୟକ୍ରମ ଥାଏ । ଅତୀତରେ ଏଠି ସବୁଜ ସମିତି, ପ୍ରାଚୀ ସମିତି ପରି ଅନୁଷ୍ଠାନ ଥିଲା- ଯେଉଁ ସବୁଜ ସମିତି 'ସବୁଜ କବିତା'କୁ ପ୍ରୋତ୍ସାହନ ଦେଇଥିଲା- ପ୍ରାଚୀ ସମିତି ଆର୍ତ୍ତବଲ୍ଲଭଙ୍କ ତତ୍ତ୍ୱାବଧାନରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଗବେଷଣା ସକାଶେ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ପୁଣି ଏଠି ଛାତ୍ରଭାବରେ ଅଧ୍ୟୟନ କରୁଥିବା ସମୟରେ କାଳିନ୍ଦୀଚରଣ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବସନ୍ତ କୁମାର ଶତପଥୀ, ରମାକାନ୍ତ ରଥଙ୍କ ପରି ଅନେକ ସାରସ୍ୱତ ସାଧନା ଆରମ୍ଭ କରିଥିଲେ । 'ରେଭେନ୍‌ସା ଭିଆନ୍', 'ଜାଗରଣ', 'ଉର୍ମି' ଭଳି ବହୁ ପତ୍ରିକାରେ ଆଜିର ପ୍ରତିଷ୍ଠିତ ଲେଖକ ସେଦିନର ତରୁଣ ଛାତ୍ର ଲେଖନୀ ଚାଳନା କରିଥିଲେ । ବିଭିନ୍ନ ସମୟରେ ଏହାର ବିଦ୍ୱାନ୍ ଅଧ୍ୟାପକମାନେ ମଧ୍ୟ ନୂଆନୂଆ ସାରସ୍ୱତ ସୃଷ୍ଟି ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ମୁଁ ଏଠି ଅଧ୍ୟାପକ ଭାବରେ କର୍ମଜୀବନ ଅତିବାହିତ କରିଥିବା ବେଳେ 'ଝଙ୍କାର', 'କୋଣାର୍କ', 'ମାନସ' ପରି ପତ୍ରିକାମାନଙ୍କରେ ଅନେକ ଆଲୋଚନା ଲେଖିଥିଲି ।

ମୋର ତରୁଣ ଅଧ୍ୟାପକ ଜୀବନ ରେଭେନ୍ସା କଲେଜରେ କଟିଥିଲା । ଏ ହେଉଛି ଏପରି ଅନୁଷ୍ଠାନ, ଯାହା କି ଶିକ୍ଷକ କି ବିଦ୍ୟାର୍ଥୀ ସମସ୍ତଙ୍କୁ କ୍ଷୁଦ୍ରତାକୁ ପରିହାର ପୂର୍ବକ ବୃହତ୍ତର ତଥା ମହତ୍ତର ଜୀବନ ଦୃଷ୍ଟିନେଇ ବଞ୍ଚିବାର କାଳୋଚିତ ପ୍ରେରଣା ଦିଏ । ଏହା ପୁଣି ସୂଚାଇ ଦିଏ, ସତ୍‌କର୍ମ, ସତ୍‌ଚିନ୍ତା, ସତ୍‌ପଥ, ସତ୍‌ସଙ୍ଗ ହିଁ ଉନ୍ନତ ଜୀବନ ଅନ୍ୱେଷା ପାଇଁ ସବୁବେଳେ ପ୍ରୟୋଜନ । କଠିନ ପରିଶ୍ରମ, ସତ୍ ପ୍ରତିପତ୍ତି, ଶୁଦ୍ଧପୂତ ନୈତିକ ଭାବାଦର୍ଶ ଦ୍ୱାରା ଜୀବନରେ ପ୍ରତିଷ୍ଠା ସମ୍ଭବ ବୋଲି ଏଇ ଅନୁଷ୍ଠାନ ଆମ କର୍ଣ୍ଣକୁହରରେ କହିଦିଏ । ଏ ମନ୍ତ୍ରରେ ଦୀକ୍ଷିତ ହୋଇଆଜି ଏ ଅନୁଷ୍ଠାନର ଅଗଣିତ ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଶିକ୍ଷକ ସମଗ୍ର ବିଶ୍ୱରେ ସ୍ୱସ୍ୱ ଗୁଣରେ ଗରୀୟାନ ହୋଇଛନ୍ତି । ଏ ଅନୁଷ୍ଠାନଟି ମୋତେ ମଧ୍ୟ କହିଛି ବିଦ୍ୟାଠାରୁ ଅଧିକ ଧନ ଓ ସୁକର୍ମଠାରୁ ଅଧିକ ଉତ୍କୃଷ୍ଟ ପଥ ଆଉ କିଛି ନାହିଁ । ଏହାକୁ ପୁଞ୍ଜି କରି ଏବେ ମଧ୍ୟ ମୁଁ ବଞ୍ଚିଛି ।

ମୁଁ କଞ୍ଚା ବୟସରେ ରେଭେନ୍‌ସା କଲେଜରେ ଥିଲି । ଏବେ ପାଚିଲା ବୟସରେ ମୁଁ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛି । ମୋତେ ଏବେ ବର୍ଷକ ପାଇଁ

ଭିଜିଟିଂ ପ୍ରଫେସର ଭାବେ ନିଯୁକ୍ତି ମିଳିଛି । ସେତେବେଳେର ରେଭେନ୍‌ସା କଲେଜ ଏବେକାର ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଭିତରେ କେତେ ତଫାତ୍ । ଆଗରେ ଥିବା ବିଶାଳକାୟ ବୃକ୍ଷରାଜିର ଛାୟା ସୁଶୀତଳ ପରିବେଶ ନାହିଁ କିମ୍ବା ଟେନିସ୍ ଖେଳ ପଡିଆ ନାହିଁ । ତା' ବଦଳରେ ରହିଛି ବିସ୍ତୀର୍ଣ୍ଣ ଘାସ ଗାଲିଚା । ସେମିତି ବିଦ୍ୟାର୍ଥୀମାନେ ଆସୁଛନ୍ତି, ପଢୁଛନ୍ତି, ଯାଉଛନ୍ତି କିନ୍ତୁ ଅନୁଷ୍ଠାନଟି ସବୁ ପରିବର୍ତ୍ତନ ଭିତରେ ସେହିପରି ଓଡ଼ିଶାର ଚିରନ୍ତନ ଗର୍ବ ରୂପେ ରହିଛି ଦଣ୍ଡାୟମାନ । ଆଜି ଏ ଅନୁଷ୍ଠାନଟି ହୋଇଛି ଓଡ଼ିଆଙ୍କ ଆତ୍ମ ପରିଚିତିର ପୁଣ୍ୟଭୂମି ।



ଭଂଜ ବିହାରରେ କର୍ମଜୀବନ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଧାପକ ପଦ ସକାଶେ ଏକ ସାକ୍ଷାତ୍କାର ପରୀକ୍ଷା ମୁଁ ଦୁଇ ଏପ୍ରିଲ୍ ୧୯୮୮ରେ ଦେଇଥିଲି । ଏହି ସାକ୍ଷାତ୍କାର ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଅତିଥି ଭବନରେ ବିଶ୍ୱବିଦ୍ୟାଳୟର ତଦାନୀନ୍ତନ ପ୍ରଶାସକ ଏମ୍.ୱାଇ.ରାଓଙ୍କ ଅଧକ୍ଷତାରେ ହୋଇଥିଲା । ଏଥିରେ ତତ୍କାଳୀନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଘନଶ୍ୟାମ ଦାସ, ବିଷୟ ବିଶେଷଜ୍ଞ ରୂପେ ବିଶିଷ୍ଟ ଭାଷାତତ୍ତ୍ୱବିଦ୍ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ବାସୁଦେବ ସାହୁ ସଦସ୍ୟ ଥିଲେ । ମୋର ସାକ୍ଷାତ୍କାର ସେଦିନ ପ୍ରାୟ ଦିନ ସାଢ଼େ ତିନିଟା ବେଳକୁ ନିଆଗଲା । ମୁଁ ସାକ୍ଷାତ୍କାର ପାଇଁ ଆସିଥିବା ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ସବାସାନ ଥିଲି । ମୋର ପରୀକ୍ଷା ଖୁବ୍ ଭଲ ହୋଇଥିଲା । ପ୍ରାୟ ସାତଟା ବେଳକୁ ସମସ୍ତଙ୍କର ସାକ୍ଷାତ୍କାର ପରୀକ୍ଷା ସରିଲା ଓ ତତ୍କ୍ଷଣାତ୍ ପ୍ରଶାସକ ନିଯୁକ୍ତି ପତ୍ର ପ୍ରାଧାପକ ପଦବୀ ପାଇଁ ମୋତେ ଦେଲେ । ମୁଣ୍ଡ ଉପରେ ବଜ୍ର ପଡିଲା ପରି ଲାଗିଲା । ଏତେଦିନର ରେଭେନ୍ସା କଲେଜର ସଂପର୍କ, ଭୁବନେଶ୍ୱରର ଜ୍ଞାତି-କୁଟୁମ୍ବ-ବଂଧୁ-ବାଂଧବଙ୍କ ସଂପର୍କ, ପୁଣି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ସଂପର୍କ ଛିନ୍ନ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯିବାକୁ ହେବ । ମୁଁ ରାତି ଆଠଟା ସୁଦ୍ଧା ନୂଆ ପଦବୀ ପାଇଁ ନିଯୁକ୍ତି ପତ୍ର ଧରି ଫେରିଲି । ଫେରିବା ପରେ ଘରେ ପହଞ୍ଚି ମୋ ପୂର୍ବରୁ ପ୍ରଫେସର ପଦବୀରେ ଯୋଗ ଦେଇଥିବା ସେତେବେଳେ ରେଭେନ୍ସା କଲେଜ ପରିସରରେ ରହୁଥିବା ଦାଶରଥି ଦାସ ସାର୍ଙ୍କ ଘରକୁ ଗଲି । ସେ ଭାରି ଖୁସି ହେଲେ ଓ କହିଲେ ଯଥାଶୀଘ୍ର ଆପଣ ଯୋଗଦେଲେ ଭଲ ହେବ । ଅଭିନନ୍ଦନ ଜଣାଇଲେ । ମୁଁ ତା'ପରଦିନ ସରକାରଙ୍କୁ କଲେଜ ଜରିଆରେ ଚିଠି ଦେଇ ଉଚ୍ଚତର ପଦବୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯୋଗଦେବା ପାଇଁ ଲେଖିଲି । ସରକାର ମୋର ମୂଳ ଚାକିରିରେ ଅଧିକାର (Lien) ରଖି ମୋର କାଗଜପତ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯିବା ପାଇଁ ପ୍ରସ୍ତୁତ କରି ଦେଲେ । ଏଇ ସମୟରେ ବ୍ରହ୍ମପୁରରୁ ମୋ ପାଖକୁ କିଛି ଅଜ୍ଞାତ ନାମା ଲୋକଙ୍କର ଏକାଧିକ ବେନାମୀ ଚିଠି ପ୍ରାଧାପକ ପଦବୀରେ ଯୋଗ ନ ଦେବା ପାଇଁ ଆସିଲା ।

ମା.....ଭାବରେ ମୋତେ ସମ୍ବୋଧନ ସୂଚକ ସେଇ ଚିଠିରେ ମୋତେ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ସର୍ବନିମ୍ନ ଶାସ୍ତି ମୁଣ୍ଡକାଟ ହେବ ବୋଲି ଉଲ୍ଲେଖ ଥିଲା । ଏପରି ଚିଠି ପାଇଲେ ଯେ କେହି ବିଚଳିତ ହେବା ସ୍ୱାଭାବିକ । ମୁଁ କିପରି ସେଠାରେ ଯୋଗଦେବି ଚିନ୍ତାରେ ପଡ଼ିଲି । ଏକଥା କାହାକୁ ବା କହିବି ? ସ୍ତ୍ରୀ ଜାଣିବାରୁ କହିଲା କାହିଁକି କଟକ ଛାଡ଼ି ଯିବ ? ବିଶିଷ୍ଟ ଦର୍ଶନ ପ୍ରଫେସର କୃଷ୍ଣପ୍ରସାଦ ମିଶ୍ରଙ୍କୁ ଏକଥା କହିଲି । ସେ କହିଲେ, "ସେଠି ମୋ ସାନଭାଇ (ପ୍ରଫେସର ହରିହର ଦାସ, ବିଶିଷ୍ଟ ଲେଖକ) ଅଛନ୍ତି । ମୁଁ ବ୍ରହ୍ମପୁର ଶଙ୍କରପୁର ସାହିରେ ଜନ୍ମ । ମୁଁ ତମକୁ ଅଭୟ ଦେଉଛି- ଯାଅ- ବ୍ରହ୍ମପୁରରେ ଲେଖକ, ଶିକ୍ଷକ, ସଂସ୍କୃତି ସଂପନ୍ନ ମଣିଷଙ୍କୁ ଭଲ ପାଆନ୍ତି । ଭଲରେ ରହିବ । ସବୁଠାରେ ଏମିତି ବେନାମୀ ଲେଖକ, ଦୁଷ୍ଟ ଲୋକ ଅଛନ୍ତି । ତମ ଯାଜପୁରରେ କ'ଣ ଏମିତି ଲୋକ ନାହାନ୍ତି ?" ତା'ପରେ ମୁଁ ଯାଇ ଭେଟିଲି ବିଶିଷ୍ଟ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କୁ । ସେ କହିଲେ, "ଦେଖ ବାଉରୀବଂଧୁ ! ଏମିତି ଦି'ଖଣ୍ଡ ଚିଠି ପାଇ ଏତେ ବ୍ୟସ୍ତ ହେଲେ କିଛି କରିପାରିବ ନାହିଁ । ପୁଣି ବେନାମୀ ଚିଠି । ସେ ସବୁକୁ ଭ୍ରୂକ୍ଷେପ ନକରି ପ୍ରାଧ୍ୟାପକ ପଦରେ ଯାଇ ଯୋଗଦିଅ । ପୁଣି ଯାଇ ଭେଟିଲି ବିଶିଷ୍ଟ ଜନନାୟକ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକଙ୍କୁ । ସେ କହିଲେ, "ତୁରନ୍ତ ଯୋଗ ଦିଅ । ଦରକାର ପଡିଲେ ଶାନ୍ତି ଶୃଙ୍ଖଳା ରକ୍ଷାକାରୀ ପଦସ୍ଥ ଅଧିକାରୀଙ୍କୁ କୁହାଯିବ । କାହାକୁ ସାଙ୍ଗରେ ନେଇ ଯୋଗ ଦେବାକୁ ଯାଅ । ତମବଂଧୁ ଜିତେନ୍ଦ୍ର ନାରାୟଣ ଦାଶ ‑ଓରଫ୍ ଦାଶ ବେନହୁରଙ୍କୁ ନେଇ ସାଙ୍ଗରେ ଯାଅ ।" ମୋ ବଡ଼ଭାଇ ସୌରୀବଂଧୁ କର, ମୋ ଭିଣୋଇ, ମୋ ଭଉଣୀ ସମସ୍ତଙ୍କୁ ଦେଖାକରି ୧୪ ଏପ୍ରିଲ୍ ୧୯୮୮ରେ ଯୋଗଦେବାକୁ ଯିବାପାଇଁ ସ୍ଥିର କଲି ।

ସେତେବେଳେ ବ୍ରହ୍ମପୁରକୁ ଏତେ ସଂଖ୍ୟାରେ ଟ୍ରେନ୍ ନଥାଏ । ୧୩ ତାରିଖ ଦିନ ବଂଧୁ ଜିତକୁ ଦେଖାକରି ତାକୁ ସାଙ୍ଗରେ ମୋ କ୍ୱାଟରକୁ ନେଇ ଆସିଲି । ସେ ରାତିରେ ମୋ ସହ ରହିଲା । ସେଇ ରାତିରେ ଚକାଡ଼ୋଲା ବସ୍‌ରେ ଆଗୁଆ ଟିକେଟ୍ କରି ୧୪ ତାରିଖ ଭୋର ସାଢ଼େ ପାଞ୍ଚଟାରେ ବ୍ରହ୍ମପୁର ଅଭିମୁଖେ ବାହାରିଲୁ । ବାଟ ସରୁନଥାଏ । ସେତେବେଳେ ଖଲ୍ଲିକୋଟ ବଡ଼ଘାଟି ବଡ଼ ଉଚ୍ଚା ଥାଏ । ବସ୍ ଘଁ ଘଁ ହୋଇ ଚାଲୁଥାଏ । ପ୍ରାୟ ସାଢ଼େ ନ'ଟାରେ ଗାଡି ଛତ୍ରପୁରରେ ପହଞ୍ଚିଲା, ସେଠାରେ ଆମେ ଓହ୍ଲାଇ ଗୋଟିଏ ଭଡ଼ା ଟ୍ୟାକ୍ସି କରି ଭଂଜବିହାର ଗଲୁ । ପ୍ରାୟ ସାଢ଼େ ଦଶଟାରେ ସେଠାରେ ପ୍ରଥମେ ଯାଇ ରାଜନୀତି ବିଜ୍ଞାନର ବରିଷ୍ଠ ତଥା ବିଶିଷ୍ଟ ପ୍ରଫେସର ସୁଲେଖକ ହରିହର

ଦାସଙ୍କ ପାଖରେ ପହଞ୍ଚିଲୁ । ସେ ଆମକୁ ଅତି ଆଦର ଯତ୍ନ କଲେ । ଯୋଗଦାନ ପାଇଁ ଚିଠି ତାଙ୍କରି ପ୍ରକୋଷ୍ଠରେ ଲେଖା ହେଲା । ସବୁ କଥା ତାଙ୍କୁ କହିଲି । ସେ ଠୋ ଠୋ ହୋଇ ହସିଲେ । କହିଲେ, 'ଆପଣ ଏଠି ପଢ଼ିବେ, ପଢ଼ାଇବେ, ଗବେଷଣା କରିବେ । ଠିକ୍ ସମୟରେ ଆଠ ଦଶବର୍ଷ ପରେ ପ୍ରଫେସର ହେବେ । କୌଣସି ବ୍ୟାପାରରେ ଶିକ୍ଷାଦାନ ବ୍ୟତୀତ ମାତିବେ ନାହିଁ । ଯେତେବେଳେ ଭଲ ନ ଲାଗିବ ମୋ ପାଖକୁ ଆସିବେ, ସାହିତ୍ୟ ଆଲୋଚନା କରିବା ।" ଏକଥା ଶୁଣି ଯେତିକି ଭଲ ଲାଗିଲା, ସେତିକି ଭୟ ଲାଗିଲା । କାରଣ ସେ ଜଣେ ବରିଷ୍ଠ ପ୍ରଫେସର ଓ ପରେ ବିଶ୍ୱବିଦ୍ୟାଳୟର କୁଳପତି ପଦ କିଛି ସମୟ ପାଇଁ ମଣ୍ଡନ କରିଥିଲେ । ତାଙ୍କୁ ବିଶ୍ୱବିଦ୍ୟାଳୟର ସମସ୍ତେ ଭୟ କରନ୍ତି ଓ ଭକ୍ତି କରନ୍ତି । ଭାରି ସ୍ୱାଭିମାନୀ ମଣିଷ, ନୈତିକ ଭାବାପନ୍ନ, ବିଷୟରେ ଅଗାଧ ପାଣ୍ଡିତ୍ୟ, ସୁଲେଖକ, ସୁବକ୍ତା, ସ୍ୱାଧୀନଚେତା, ଓଡ଼ିଶାର ଏକଦା ପ୍ରଧାନମନ୍ତ୍ରୀ, ପରେ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଭଣଜା, ସୁନ୍ଦର ଚେହେରା । ମୋତେ ଏଭଳି ଜଣେ ବ୍ୟକ୍ତିତ୍ୱ ସଂପନ୍ନ ମଣିଷ ଏତେ ଶ୍ରଦ୍ଧା କରୁଛନ୍ତି ଜାଣି ମୁଁ ବି ଭାରି ଆନନ୍ଦ ଅନୁଭବ କଲି । ମୁଁ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଥିବା ପର୍ଯ୍ୟନ୍ତ ତାଙ୍କ ପାଖକୁ ନିୟମିତ ଯାଉଥିଲି ଓ ତାଙ୍କର ଉପଦେଶମାନ ଅକ୍ଷରେ ଅକ୍ଷରେ ପାଳନ କରୁଥିଲି । ଏବେବି ବ୍ରହ୍ମପୁର ଗଲେ ତାଙ୍କ ସହ କିଛି ସମୟ କଟାଏ । ତାଙ୍କ ପାଖରୁ ଓଡ଼ିଆ ବିଭାଗକୁ ଯାଇ ଯୋଗଦାନ ପାଇଁ ଚିଠି ଦେଲି । କେଉଁଠି ରହିବି, କେମିତି ରହିବି, ଏ ଚିନ୍ତା ଯୋଗଦାନ ପରେ ପରେ ମୋତେ ଘାରିଲା । ବଂଧୁ ଜିତ ସେଇ ଚକାଡ଼ୋଳା ବସ୍‌ରେ ଦୁଇଟା ବେଳକୁ ଫେରିଗଲା । ମୁଁ ବିଶ୍ୱବିଦ୍ୟାଳୟ ଅତିଥି ଭବନରେ ରହିଲି । ହଠାତ୍ ଏପ୍ରିଲ୍ ୧୫ରେ ଜଣେ ଛାତ୍ରନେତା ସେ ସମୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସଦ୍ ବ୍ୟବହାର କଲେ । ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଉଗ୍ର ରୂପ ଧାରଣ କଲା । ତା'ପରେ ବିଶ୍ୱବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଗଲା । ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି । ଲାଗିଗଲା ଗ୍ରୀଷ୍ମାବକାଶ । ମୁଁ ଖୁସି ମନରେ କଟକ ଆସି ରହିଲି । ଛୁଟି ଖୋଲିବା ପରେ ପୁଣି ଯାଇ ବିଶ୍ୱବିଦ୍ୟାଳୟରେ ପହଞ୍ଚିଲି । ଅବସ୍ଥା ଶାନ୍ତ ହେଲା, ପଢ଼ାପଢ଼ି ବାତାବରଣ ଫେରିଲା । ମୁଁ ବିଶ୍ୱବିଦ୍ୟାଳୟ ଖୋଲିବା ପରେ ପୁଣି ଯାଇ ଅତିଥି ଭବନରେ ରହିଲି । ଭାରି ଭଲ ଖାଇବା ସେଠି । ଖାନସମା ସୀମାଞ୍ଚଳ ସାହୁ ସମସ୍ତଙ୍କୁ ଭଲ ଖୁଆଏ । ଘର ଭଳି ଖାଇବାକୁ ଦିଏ । ମୁଁ ଆନନ୍ଦ ମନରେ ସେଠି ରହିଲି । ପ୍ରତିଦିନ ପ୍ରାୟ ପାଞ୍ଚଟା ବେଳେ ବିଶ୍ୱବିଦ୍ୟାଳୟ ପରିସରରେ ବୁଲାବୁଲି କରେ । ଅତିଥି ଭବନ ଉପରେ ଠିଆ ହେଲେ ଗୋପାଳପୁର

ସମୁଦ୍ର ବେଳାଭୂମିର ଦୃଶ୍ୟ ଦେଖିହୁଏ, ଲାଗି କରିଥିବା କେଦାରନାଥ ମନ୍ଦିରର ଘଣ୍ଟାଧ୍ୱନି ଓ ଶଙ୍ଖନାଦ ଶୁଣିହୁଏ । ଚାରିଆଡ଼େ ଛୋଟ ଛୋଟ ପାହାଡ଼, ବିଶ୍ୱବିଦ୍ୟାଳୟ ପରିସରରେ ଶାଳ, ପିଆଶାଳ, ଅଶନ, ଶାଗୁଆନ, ଚନ୍ଦନ, ଦେବଦାରୁ, କେନ୍ଦୁ, ଆମ୍ବ, ନଡିଆ, କାଜୁ, ପିଜୁଳି, ପଣସ, ଜାମୁକୋଳି, କରଞ୍ଜ, ସାହାଡ଼ା, ସପେଟା ଆଦି ଗଛର ଜଙ୍ଗଲ । ନାନା ଅଜ୍ଞାତନାମା, ଲାଜକୁଳି ଲତା, କାନକୋଳି କଣ୍ଟା, ତରାଟ, ଟଗର, ବନମଲ୍ଲୀ, କାଠଚମ୍ପା, କୃଷ୍ଣଚୂଡ଼ା ପ୍ରଭୃତି ଦେଖିଲେ ଏ ସ୍ଥାନଟିକୁ ଯେ କେହି 'ତପୋବନ' ବୋଲି ସ୍ୱୀକାର କରିବ । ବିଶ୍ୱବିଦ୍ୟାଳୟ ଚାରିପାଖରେ ଶ୍ରୀହନୁମାନ ମନ୍ଦିର, ସାଇବାବା ମନ୍ଦିର,ଅଳ୍ପ ଦୂରରେ ଶ୍ରୀରାମକୃଷ୍ଣ ଆଶ୍ରମ, ଡୁରାରେ 'ଦାଢ୍ୟତା ଭକ୍ତି'ର ସନ୍ଥକବି ରାମଦାସଙ୍କ ଗାଦି, ଗୋଳାବନ୍ଧର ଧବଳେଶ୍ୱର ମନ୍ଦିର, ଅନତି ଦୂରରେ ଥିବା ନବନିର୍ମିତ ବିଷ୍ଣୁମନ୍ଦିର ଏ ସ୍ଥାନର ଆଧ୍ୟାତ୍ମିକ ଗୁରୁତ୍ୱର ସାକ୍ଷ୍ୟ ପ୍ରଦାନ କରେ । ଏଥିସହିତ ବିସ୍ତୀର୍ଣ୍ଣ ଶସ୍ୟ କେଦାର, ନିକଟରେ ଥିବା ଉଡାଜାହାଜ ଅବତରଣ କେନ୍ଦ୍ର, ଛୋଟ ବଡ଼ ଜଳାଶୟ, ଦୂର ଦିଗ୍‌ବଳୟ ନବାଗନ୍ତୁକମାନଙ୍କୁ ପ୍ରକୃତି ସହିତ ଆପଣାର କରିଦିଏ । ବିଶ୍ୱବିଦ୍ୟାଳୟ ପରିସରରେ ସବୁ କିସମର ଜୀବଜନ୍ତୁ ଦେଖାଯାଆନ୍ତି । ଠେକୁଆ, ହେଟାବାଘ, ଭାଲୁ, କଟାସ, ଶାଳିଆ ପତନି, ବିଲୁଆ, ମାଙ୍କଡ଼, ନାନା ଜାତିର ହରିଣ, ରଙ୍ଗ ବଦଳାଉଥିବା ଏଣ୍ଡୁଅ, ବାଦୁଡି, ପେଚା, ବିଷଧର ସର୍ପମାନେ ନିର୍ଭୟରେ ଏଠାରେ ରହନ୍ତି । ଏଠାରେ ଅଜଗର, ଅହିରାଜ, ନାଗ, ଗୋଖର, ତମ୍ପ, ରଣା, ବୋଡ଼ା, ଚିତି ପରି ସାପମାନ ସବୁବେଳେ ଚଳପ୍ରଚଳ କରନ୍ତି । ବର୍ଷାଦିନେ ଛୋଟ ଛୋଟ ଗୋଖର ସାପ ଛୁଆ ଫଣା ଟେକି ରାସ୍ତାରେ ବୁଲନ୍ତି । ଏ ସାପମାନେ ମୋ ଦୀର୍ଘ ରହଣି ସମୟରେ କାହାକୁ ଦଂଶନ କରିଥିବାର ମୁଁ ଶୁଣିନାହିଁ । ଥରେ ଜଣେ ବିଶିଷ୍ଟ ପ୍ରଫେସର ପରିହାସରେ କହିଲେ; ଆମ ବଂଧୁମାନଙ୍କ ତୁଳନାରେ ଭଂଜବିହାରର ସାପମାନେ ଅଧିକ ନିରାପଦ, ବିଶ୍ୱସ୍ତ ଓ ଆପଣାର । ଏଠି ଗୋଟିଏ ସୁନ୍ଦର ହରିଣ ପାର୍କ ରହିଛି- ଯେଉଁଠି ଛୋଟବଡ ଶହେ ପାଖାପାଖି ହରିଣ ଅଛନ୍ତି । ବେଳେବେଳେ ବଣୁଆ ହାତୀପଲ ବିଶ୍ୱବିଦ୍ୟାଳୟ ପରିସରକୁ ପଶିଆସନ୍ତି । ସକାଳ ଓ ସଂଜରେ ଗାଈଗୋଠ, ମଇଁଷି ପଲ, ଛେଳିପଲ, ମେଣ୍ଢାପଲ, ଘୁଷୁରିଦଳ ନେଇ ସେମାନଙ୍କୁ ରଖିଥିବା ଲୋକମାନେ ସ୍ୱଚ୍ଛନ୍ଦରେ ଏହାର ପରିସରରେ ବୁଲନ୍ତି । ଏଠି ଅଳ୍ପ ବର୍ଷାରେ ବେଙ୍ଗରଡ଼ି ଶୁଣାଯାଏ । ଛୋଟ ବଡ଼ ବିଭିନ୍ନ ପ୍ରଜାତିର ବେଙ୍ଗ ଏଠି ସୁଲଭ । ପୁଣି ମହୁମାଛି, ବିରୁଡ଼ି, ପ୍ରଜାପତି, କଙ୍କି, ଡାଆଁସ, ଝିଣ୍ଟିକା, ଶୁଆ, ଶାରୀ, ବଣି, ଘରଚଟିଆ, ହଳଦୀ ବସନ୍ତ, କୋଇଲି, ବକୁଳାପ୍ତା ପ୍ରଭୃତି ଦେଖିଲେ ମନେହୁଏ ଏ ସଂସାର କେବଳ ମଣିଷର ବାସସ୍ଥଳୀ

ନୁହେଁ, ଅଧିକନ୍ତୁ ଜୀବଜନ୍ତୁ, କୀଟ, ପତଙ୍ଗ, ପକ୍ଷୀ ସମସ୍ତଙ୍କର ସୁଖପୂର୍ଣ୍ଣ ସହାବସ୍ଥାନ ପାଇଁ ପ୍ରକୃଷ୍ଟ ସ୍ଥାନ । କଟକ ନଗର ଧବଳ ଟଗର ବାଉନ ବଜାର ତେପନ ଗଳିରୁ ଆସି ଏଠାକାର ଜଙ୍ଗଲିଆ ପରିବେଶ ସହିତ ମୁଁ ନିଜକୁ ଖାପ ଖୁଆଇ ନେଲି । ଭଂଜବିହାର ଏମିତି ସ୍ଥାନ- ଯେଉଁଠି ଦେଖିବ, ପ୍ରକୃତି ତା'ର ଶୋଭାର ନୈସର୍ଗିକ ପସରା ମେଲାଇ ଚିହ୍ନରା ଗ୍ରାହକମାନଙ୍କୁ ସଂପର୍କର ଅଦୃଶ୍ୟ ରଜ୍ଜୁରେ ବାନ୍ଧି ଦିଏ । ଭଂଜବିହାରରେ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଗୋଧୂଳି ଗଗନର ସୁଚିତ୍ର ରୂପ ସମ୍ଭାର, ବର୍ଷାର ଧାରା ପ୍ରବାହିତ ଅନ୍ଧକାରମୟୀ ରଜନୀ, ବସନ୍ତର ନବ କିଶଳୟ, ଗ୍ରୀଷ୍ମଋତୁର ଆନନ୍ଦ ପ୍ରଦାନ କାରୀ ସମୁଦ୍ରତଟରୁ ଆସୁଥିବା ପବନ-ବାସ୍ତବରେ ଅବିସ୍ମରଣୀୟ । ଏଠି ବାରମାସରେ ତେରପରବ- ଏଠାକାର ଅଧିବାସୀମାନେ ପାଳନ କରନ୍ତି । ଦୋଳପର୍ବରେ ଅବିରଖେଳ, ରଙ୍ଗ ପିଚକାରୀରେ ପରସ୍ପରକୁ ରଙ୍ଗ ପକାଇବା, ଶୀତଳ ଷଷ୍ଠୀରେ ଶିବବିବାହ, ଦୁର୍ଗାପୂଜାରେ ନବରାତ୍ର ଉପାସନା, ଶିବରାତ୍ରିରେ ଉଜାଗର ରହି ବ୍ରତ, କାର୍ତ୍ତିକମାସ ସାରା ଶୁଦ୍ଧପୂତ ହୋଇ ଦିଅଁପୂଜା, କୁମାର ପୂର୍ଣ୍ଣିମାରେ କୁମାରୀମାନଙ୍କ ଚାନ୍ଦପୂଜା, ଦୀପାବଳୀରେ ପୂର୍ବ ପୁରୁଷଙ୍କ ପିଣ୍ଡଦାନ, ଶାମ୍ବଦଶମୀରେ ସୂର୍ଯ୍ୟପୂଜା, ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀବନ୍ଧନ, ବିଦ୍ୟାଦାତା ଶ୍ରୀଗଣେଶ ପୂଜା, ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା, ସୋମନାଥ ବ୍ରତ, ଜନ୍ମାଷ୍ଟମୀ, ଶ୍ରୀରାମ ନବମୀ, ରାଧାଷ୍ଟମୀ, ସୁନିଆ, ଭାଗବତ ଜନ୍ମ ପ୍ରଭୃତି ପର୍ବପର୍ବାଣୀରୁ ମନେହୁଏ ଯେ ଭଂଜବିହାର ଓ ଏହାର ଆଖପାଖ ଲୋକମାନେ ହିନ୍ଦୁ ସଂସ୍କୃତିରେ ଗଭୀର ଆସ୍ଥା ପୋଷଣ କରନ୍ତି । ବ୍ରହ୍ମପୁରରେ ହିନ୍ଦୁ ସଂସ୍କୃତି ସହିତ ଖ୍ରୀଷ୍ଟିୟାନ ସଂସ୍କୃତି ଓ ଇସଲାମ ସଂସ୍କୃତିର ମହାମିଳନ ଘଟିଛି । ମୁଁ ମୋର ଭଂଜ ବିହାରରେ ଚାକିରି ଆରମ୍ଭ (୧୪/୪/୧୯୮୮)ରୁ ଶେଷ (୩୦.୯.୨୦୧୧)ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ୱାଟରରେ ରହୁଥିଲି । ଝରକାରେ ଦୂର ଦିଗ୍‌ବଳୟକୁ ଚାହିଁବା, ଏକାକୀ ବସି ବିଶ୍ୱବିଦ୍ୟାଳୟ ପରିସରରେ ବୁଲୁଥିବା ପଶୁପକ୍ଷୀଙ୍କୁ ଦେଖିବା,ଘରେ ବସି ପୁସ୍ତକ ପଢ଼ିବା, ଆଲୋଚନା ଲେଖିବା, ଅନେକ ସମୟରେ ପାକଶାଳାକୁ ଯାଇ ରୋଷେଇ କାମରେ ସ୍ତ୍ରୀକୁ ସାହାଯ୍ୟ କରିବାରେ ମୋର ସମୟ କଟୁଥିଲା । ମୁଁ ପ୍ରତ୍ୟହ କାର୍ଯ୍ୟ ଦିବସରେ ବିଭାଗକୁ ସାଢ଼େ ଦଶଟାରେ ଯାଉଥିଲି ଓ ସାଢ଼େ ଚାରିଟାରେ ଫେରୁଥିଲି ।

ମୁଁ ଓଡ଼ିଆ ବିଭାଗରେ ଯୋଗଦେବା ବେଳକୁ ମୋ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ନଥିଲା । ମୁଁ ସେ ସମୟର ମୁଖ୍ୟ ମହାଶୟ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କୁ ମୋ ବସିବା ପାଇଁ ପ୍ରକୋଷ୍ଠ କଥା କହିଲି । ସମସ୍ତେ ଗୋଟିଏ ଗୋଟିଏ ପ୍ରକୋଷ୍ଠ ନେଇ ବସିଛନ୍ତି । ସେ

କହିଲେ, ଆପଣ ସ୍ୱତନ୍ତ୍ର ପ୍ରକୋଷ୍ଠ ଡକ୍ଟର ସୀତାରାମ ମହାପାତ୍ରଙ୍କ ଅବସର ପରେ ପାଇବେ । ସେ ମୁଖ୍ୟ, ଆଉ କ'ଣ ବା କହିବି ? ମୁଁ ତାଙ୍କ ପ୍ରକୋଷ୍ଠରୁ ଫେରୁଛି, ଶୁଣିଲି ରେକର୍ଡ ବାଜୁଛି, 'ଅଇଲ ବଂଧୁ ଭଲ କଲ ବସିବାକୁ ନାହିଁ ଠା, ଯେଉଁବାଟେ ବାଟେ ଅଇଲ ବଂଧୁ ସେଇ ବାଟେ ବାଟେ ଯାଆ"... ଏତିକିବେଳେ ଇତିହାସ ବିଭାଗ ପାଖରେ ବିଶ୍ୱବିଦ୍ୟାଳୟ ମିଉଜିୟମ୍‌ର କ୍ୟୁରେଟର ଗଣପତି ଚୌଧୁରୀ ଦେଖାହେଲେ । କହିଲେ, ସାର୍- ଆପଣ ଓଡ଼ିଆ ବିଭାଗର ନୂଆରିଡର୍- ମୁଁ ମୁଣ୍ଡ ଟୁଙ୍ଗାରିଲି- ଆପଣ ରେଭେନ୍‌ସାରୁ ଆସିଛନ୍ତି- ପୁଣି ହଲାଇଲି ମୁଣ୍ଡ- କହିଲେ ଆପଣ 'ଝଙ୍କାର'ରେ ଲେଖନ୍ତି, ବଡ଼ 'ହୁଁ' ଟେ ମାରିଲି । ସେ କହିଲେ- ଆପଣ ଆମ ମ୍ୟୁଜିୟମ୍ ଆଡ଼େ ଆସନ୍ତୁ- ମୁଁ କ୍ୟୁରେଟର ଆପଣ ସେଠି ଭଲ ବହି ପତ୍ର ପତ୍ରିକା ଅଛି ଦେଖିବେ । ସେ ଅତି ସମ୍ମାନର ସହ ମୋତେ ସେଠାକୁ ପାଛୋଟି ନେଲେ । ମୋ ଅଜାଣତରେ ଚା ମଗାଇଲେ । ମୋତେ ଅତି ଶ୍ରଦ୍ଧାରେ ଚା'ଦେଲେ । ମୁଁ ଏତେ ଶ୍ରଦ୍ଧାରେ ଚା' ଦେବା ଦେଖି ମୋ ଜିଭ ପୋଡି ଯାଉ ପଛେ ତାକୁ ପିଇଗଲି । ତା'ପରେ ସେ ମୋତେ ବହୁ ଗବେଷଣାମୂଳକ ବହି, ପତ୍ରପତ୍ରିକା ଦେଖାଇଲେ । ସେ ସବୁ ଦେଖି ମୋମନ କୁଣ୍ଢେ ମୋଟ । ମୁଁ କିଛି କାଗଜ ସେଠାରୁ ସଂଗ୍ରହ କଲି । ପତ୍ରିକାମାନ ଅତି ପୁରୁଣା ହୋଇଥିବାରୁ ମୁଁ ସେସବୁକୁ ହାତରେ ଉତାରି ଆଣିଲି । ବିଶେଷ କରି ବିରୂପାକ୍ଷ କରଙ୍କର ଅନେକ ଲେଖା ମୁଁ ସେଠାରୁ ସଂଗ୍ରହ କରିଥିଲି । ମୁଁ ପ୍ରାୟ ବିଭାଗରେ ନବସି ମ୍ୟୁଜିୟମ୍‌ରେ ବର୍ଷେରୁ ଉର୍ଦ୍ଧ୍ୱ ସମୟ ବସି ଅନେକ ଭଲ ବହି ଓ ପତ୍ରପତ୍ରିକା ପଢ଼ିବାର ସୁଯୋଗ ପାଇଥିଲି । ସେଥିପାଇଁ ମୁଁ ଗଣପତି ଚୌଧୁରୀଙ୍କ ଠାରେ ଚିର କୃତଜ୍ଞ । ଅବଶେଷରେ ମୋତେ ବିଭାଗରେ ବସିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠଟିଏ ସେଠାରେ ଯୋଗଦେବାର ଦୁଇବର୍ଷ ପରେ ମିଳିଲା । ସେଇଠି ବସି ମୁଁ ପଢ଼ାପଢ଼ି କରିବା ସହିତ ଗବେଷଣା କାମ କରୁଥିଲି । ରୁଟିନ ଅନୁଯାୟୀ ବିଭାଗରେ ଯାଇ ପାଠ ପଢ଼ାଇ ଆସି ମୋ ପ୍ରକୋଷ୍ଠରେ ବସି ମୋ ଅଧୀନରେ ଗବେଷଣା କରୁଥିବା ଗବେଷକଙ୍କ ସହିତ ସେମାନଙ୍କ ଗବେଷଣା ନିବନ୍ଧ ସଂପର୍କରେ ଚର୍ଚ୍ଚା କରୁଥିଲି ।

ଛଅମାସ ପାଖାପାଖି ବିଶ୍ୱବିଦ୍ୟାଳୟ ଅତିଥି ଭବନରେ ରହିବା ପରେ ସେଠି ଆଉ ଅଧିକ ସମୟ ରହିବା ପାଇଁ ମୋତେ ଅନୁମତି ମିଳିଲା ନାହିଁ । ସେତେବେଳେ ଭଂଜ ବିହାର ପରିସରରେ କ୍ୱାଟର ମିଳିବା ବଡ଼ କଷ୍ଟ ଥିଲା । କାରଣ କ୍ୱାଟର ସଂଖ୍ୟା କମ୍, ରହିବା ଲୋକ ବେଶୀ । ସେ ସମୟରେ ମୋର ବଂଧୁ ଡକ୍ଟର ପ୍ରଶାନ୍ତ କୁମାର ସାହୁ ଏମ୍.ବି.ଏ ବିଭାଗରେ ପ୍ରଫେସର ଭାବରେ ଯୋଗ ଦେଇଥାନ୍ତି । ସେ ଗୋଟିଏ କ୍ୱାଟର

ପାଇଲେ । ସେତେବେଳେ ତାଙ୍କ ପିଲାମାନେ ଭୁବନେଶ୍ୱରରେ ରହୁଥାନ୍ତି । ସେ ଅତି ଶ୍ରଦ୍ଧାରେ ମୋତେ ତାଙ୍କ ପାଖରେ ରଖିଲେ । ଗୋଟିଏ କଥା ପ୍ରଫେସର ସାହୁ କହିଲେ; 'ଆପଣ ରୋଷେଇ କରିବେ, ସାଥୀ ହୋଇ ଖାଇବା, ପୁଣି କହିଲେ ଆପଣ ନିରାମିଷାସୀ କିନ୍ତୁ ମୁଁ ଆମିଷ ଖାଇବାକୁ ଭଲପାଏ । ମୁଁ ତାଙ୍କୁ ପରିହାସରେ କହିଲି, 'ମୁଁ ନିରାମିଷ ଖାଇଲେ ସୁଦ୍ଧା ମୁଁ ଏପରି ଭାବରେ ଆପଣଙ୍କୁ ଆମିଷ ରାନ୍ଧି ପରିବେଷଣ କରିବି, ଯାହାକୁ ଖାଇଲେ ଆପଣ ଆଚରଣରେ ସଂପୂର୍ଣ୍ଣ ଆମିଷାସୀ ଭବିଷ୍ୟତରେ ହୋଇଯିବେ । ମୁଁ ଜାଣେନା ସେ ଆଚରଣରେ ଭବିଷ୍ୟତରେ କ'ଣ ହେଲେ କିନ୍ତୁ ସେ ତାଙ୍କର ପୁରୁଣା ସ୍ଥାନ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲେ । ସେ ଆସିବା ପରେ ମୋତେ ଛୋଟ କ୍ୱାଟରଟିଏ ମିଳିଲା ଯହିଁରେ ମୁଁ, ମୋର ସ୍ତ୍ରୀ, ପୁଅ, ଝିଅକୁ ଧରି ୧୯୮୯ ଜୁଲାଇ ଶେଷ ସପ୍ତାହରୁ ରହଲି ।

ପିଲାମାନଙ୍କୁ ନେଇ ଆସିବା ପରେ ମୋର ଏକ ନୂଆ ଜୀବନ ସେଠି ଆରମ୍ଭ ହେଲା । ମୋ ସ୍ତ୍ରୀ ରେଭେନ୍‌ସା କଲେଜରେ ବଡ଼ କ୍ୱାଟର ଛାଡି ଭଂଜ ବିହାରର ଛୋଟ କ୍ୱାଟରକୁ ଯାଇ ନାନା ଅସୁବିଧାର ସମ୍ମୁଖୀନ ହେଲା । ବିଶେଷ କରି ରୋଷେଇ ଘରେ ଖଣ୍ଡେ ସିମେଣ୍ଟ ଚଟାଣ (Slab)ପକାଇ ଗ୍ୟାସ ତଳେ ରହିବା ପାଇଁ ବ୍ୟବସ୍ଥା କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୁଣିଲେ ନାହିଁ । କେବଳ ସେତିକି ନୁହେଁ ଅନେକ ସମୟରେ ମୋ ଘରକୁ ପାଣି ଦିଅନ୍ତି ନାହିଁ । ଏଥିପାଇଁ ଏ ଦାୟିତ୍ୱରେ ଥିବା ଅଫିସର ମହାଶୟ କୁଆଡ଼େ ତଳିଆ କର୍ମଚାରୀଙ୍କୁ ଅଲିଖିତ ନିର୍ଦ୍ଦେଶନାମା ଦେଇଥିଲେ । ଯାହା ହେଉ ମୁଁ ମୋ ରୋଷେଇ ଘରଟିକୁ ନିଜ ଖର୍ଚ୍ଚରେ ମରାମତି କଲି । କିଛି ବର୍ଷ ପରେ ମୋତେ କ୍ୱାଟରଟିଏ ମିଳିଲା । ଦିନଗଲା, ଚିହ୍ନ ରହିଲା । ଘଟଣାକ୍ରମେ ମୁଁ ସିଣ୍ଡିକେଟ୍ ମେମ୍ବର ହେଲି ଓ ସଂପୃକ୍ତ ଅଫିସରଙ୍କ ଅନୀତି, ଦୁର୍ନୀତି ଓ ବ୍ୟଭିଚାର ସଂପର୍କରେ ଅନୁସଂଧାନ କରିବା ପାଇଁ ମୋତେ କୁଳପତି ଦାୟିତ୍ୱ ଦେଇଥିଲେ । ମୁଁ ସେ ଦାୟିତ୍ୱ ସୁଚାରୁ ରୂପେ ସଂପନ୍ନ କରି ସେ ମହାଶୟଙ୍କ ସଂପର୍କରେ ରିପୋର୍ଟ ଦେଇଥିଲି ।

ଭଂଜ ବିହାରରେ ମୋ ସ୍ତ୍ରୀ, ପୁଅ, ଝିଅ ଅନେକ ସମୟରେ ପ୍ରଫେସର ଦାଶରଥି ଦାସଙ୍କ ଘରକୁ ବୁଲି ଯାଉଥିଲେ । ସାର୍‌ଙ୍କ ସ୍ତ୍ରୀ ବାଂଶରୀ ଦାସ ଖୁବ୍ ଭଦ୍ର ମହିଳା । ମୋ ସ୍ତ୍ରୀକୁ ସେ ଠିକ୍ ତାଙ୍କ ସାନ ଭଉଣୀ ପରି ଦେଖନ୍ତି । ତାଙ୍କ ସହିତ ଆମର ପାରିବାରିକ ବଂଧୁତା ଖୁବ୍ ଅଧିକ ଥିଲା- ଯାହା ଏବେବି ଅକ୍ଷୁଣ୍ଣ ରହିଛି । ତାଙ୍କ ପୁଅ ଝିଅ ବାହାଘରରେ ଆମେ ସମସ୍ତେ ଆନନ୍ଦ ଉଲ୍ଲାସରେ ମାତି ଯାଇଥିଲୁ । ସେତେବେଳେ ମୋ ପୁଅ ଖୁବ୍

ସାନ ଥାଏ- ଆଠ ନଅ ବର୍ଷ ହେବ- ଭାରି ଦୁଷ୍ଟ ହେଉଥାଏ । ତା' ସହିତ ବହୁତ କଥା ହେଉଥାନ୍ତି ସାର୍‌ଙ୍କ ଶାଳକ ପ୍ରସିଦ୍ଧ ଲେଖକ ଶରତ କୁମାର ମହାନ୍ତି । ଛୋଟ ପିଲାଙ୍କୁ ଏଡ଼େ ବଡ଼ ଲେଖକ ଶରତ କୁମାର କେତେ ଭଲ ପାଆନ୍ତି ମୁଁ ଏବେ ମଧ୍ୟ ମନେ ରଖିଛି । ମୋ ପ୍ରତି ପ୍ରଫେସର ଦାସଙ୍କର ପ୍ରବଳ ଶ୍ରଦ୍ଧା ଥିଲା । ଭଂଜବିହାରରେ ଥିବା ସମୟରେ ସେ ମୋତେ ବହୁ ଅପ୍ରିୟ ଅଥଚ ମନେ ରଖିବା ପରି କଥାମାନ କହନ୍ତି । ତାଙ୍କ କଥା ମୋ ପାଇଁ ଜୀବନରେ ଭଲ ଭାବରେ ବଞ୍ଚିବା ପାଇଁ ଢେର ସହାୟତା କରିଛି । ମୋର ମନେ ପଡୁଛି ସେ ଯେଉଁଦିନ କ୍ୱାଟର ଛାଡିଲେ ଓ ଅବସର ପରେ ଭଂଜ ବିହାରରୁ କଟକ ଗଲେ ।. ଟ୍ରକ୍‌ରେ ଜିନିଷ ପତ୍ର ଲଦା ହେଲା । ବୋଧହୁଏ ୧୯୯୬ ମସିହା ଅଗଷ୍ଟ ମାସର କୌଣସି ଦିନ । ଶ୍ରଦ୍ଧେୟ ପ୍ରସନ୍ନ ବିଷୋୟୀ ଜିନିଷ ପତ୍ର ଟ୍ରକ୍‌ରେ କିପରି ନିଖୁଣ ଭାବରେ ଯିବ- କୁଲି ଲଗାଇ ତଦାରଖ କରୁଥାନ୍ତି । ସାର୍‌ଙ୍କ ପାଖରେ ମୁଁ ଠିଆ ହୋଇଥାଏ । ସକାଳ ଛଅଟା ହେବ । ସୂର୍ଯ୍ୟ ଉଠି ଆସୁଥାଏ । ହଠାତ୍ ସାର୍ ଭାବବିହ୍ୱଳ ହୋଇ ସୂର୍ଯ୍ୟଙ୍କୁ ହାତ ଯୋଡି କହିଲେ, ମୋ ପ୍ରଫେସର ପୋଷ୍ଟଟି ବାଉରୀବାବୁ ପାଆନ୍ତୁ । ତାଙ୍କ ପ୍ରାର୍ଥନା ଫଳପ୍ରସୂ ହେଲା । ମୋ ଭାଗ୍ୟକୁ ଓ ତାଙ୍କ ଆଶିଷକୁ ମୁଁ ଚିରକାଳ ପାଇଁ ସ୍ମୃତିରେ ସାଇତି ରଖିଛି । ତାଙ୍କ ପରି ମଣିଷ ଆମ ବିଭାଗରେ ବିରଳ । ପାଣ୍ଡିତ୍ୟରେ ଯେମିତି, ମଣିଷ ପଣିଆରେ ସେମିତି ।

କ୍ରମେ ଭଂଜବିହାରରେ ମୋର ଜନସଂପର୍କ ବଢ଼ିଲା । ମୁଁ ୧୯୯୨ରୁ ୧୯୯୪ ରେ ଓଡ଼ିଆ ବିଭାଗର ମୁଖ୍ୟ ହେଲି । ଏହି ସମୟରେ କେତେକ ଉଲ୍ଲେଖନୀୟ କାର୍ଯ୍ୟ ବିଭାଗ ପକ୍ଷରୁ ହୋଇଥିଲା । ବିଶେଷ କରି ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଶ୍ୟାମସୁନ୍ଦର ରାଜଗୁରୁ ଓ ଖ୍ୟାତନାମା ଭାଷାତତ୍ତ୍ୱବିଦ୍ ଗୋପୀନାଥ ନନ୍ଦଶର୍ମାଙ୍କ ସଂପର୍କରେ ବିଭାଗ ପକ୍ଷରୁ ଦୁଇଟି ଗବେଷଣା ଗ୍ରନ୍ଥ 'ଅଭିନବ ଭଂଜ ଭାରତୀ' ନାମରେ ବାହାରିଥିଲା । ଏହି ଗ୍ରନ୍ଥ ଦ୍ୱୟ ପ୍ରକାଶରେ ଓ ଲେଖା ସଂଗ୍ରହ କାର୍ଯ୍ୟରେ ସେ ସମୟର ସବୁ ଶିକ୍ଷକ ମୋତେ ସହଯୋଗ କରିଥିଲେ । ମୁଁ ମୁଖ୍ୟ ଥିବାବେଳେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏକ ଜାତୀୟ ପାଠଚକ୍ର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ମହାସମାରୋହରେ ହୋଇଥିଲା । ଏଥିରେ ସେନାପତିଙ୍କ ପରିବାରର ସୁଲେଖକ ରବୀନ୍ଦ୍ର ମୋହନ ସେନାପତି, ବିଶିଷ୍ଟ ଚିନ୍ତାନାୟକ ଚିତ୍ତରଂଜନ ଦାସ, ପ୍ରସିଦ୍ଧ ଗଳ୍ପ ଲେଖକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ର, ଭାଷାବିଦ୍ ପ୍ରଫେସର ଖଗେଶ୍ୱର ମହାପାତ୍ର, ବିଭାଗ ପକ୍ଷରୁ ପ୍ରଫେସର ଦାଶରଥି ଦାସ, ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ସେମିନାରର ଆଲୋଚନା ଗୁଡ଼ିକ 'ସାରସ୍ୱତ ପରିକ୍ରମା' ନାମରେ ବିଭାଗ ପକ୍ଷରୁ ବାହାରିଥିଲା । ଏହି ସେମିନାର ସକାଶେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଆର୍ଥିକ ସହାୟତା ଦିଆଯାଇ ନଥିଲା । ଏ ସେମିନାର ପାଇଁ ସବୁଠୁ ଅଧିକ ଆର୍ଥିକ ସହାୟତା କରିଥିଲେ ସେକାଳର ଦୈନିକ 'ସମାଜ'ର ସୁଯୋଗ୍ୟ ସମ୍ପାଦକ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ପଟ୍ଟଶିଷ୍ୟ ଶ୍ରୀଯୁକ୍ତ ରାଧାନାଥ ରଥ । 'ସାରସ୍ୱତ ପରକ୍ରମା' ଗ୍ରନ୍ଥଟି ଏତେ ଆଦୃତ ହୋଇଥିଲା- ଯାହାର ଦ୍ୱିତୀୟ ସଂସ୍କରଣ ପରବର୍ତ୍ତୀ ସମୟରେ ପ୍ରକାଶିତ ହୋଇଥିଲା । ଏହି ସେମିନାରକୁ ସର୍ବାଙ୍ଗ ସୁନ୍ଦର କରିବାପାଇଁ ବିଭାଗର କ୍ୟୁରେଟର ରାଧାଗୋବିନ୍ଦ ପାଢ଼ୀ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଗ୍ରନ୍ଥଟିକୁ ରୁଚିଶୀଳ କରି ପ୍ରକାଶ କରିବା ପାଇଁ ପ୍ରଫେସର ଦାଶରଥି ଦାସଙ୍କ ନିଷ୍ଠା ଥିଲା ଅବିସ୍ମରଣୀୟ । ଏଥିରେ ପୁରୁଣା 'ଉତ୍କଳ ସାହିତ୍ୟ', 'ମୁକୁର' ପ୍ରତିକାରୁ ବହୁ ଲେଖା ସଂଗୃହୀତ ହୋଇ ଦିଆଯାଇଥିଲା । ଏହି ସମୟରେ ପ୍ରାୟ ପ୍ରତିମାସରେ ବିଭାଗ ପକ୍ଷରୁ ଦୁଇଟି ସେମିନାର ହେଉଥିଲା, ଯହିଁରେ ଛାତ୍ରମାନେ ସେମାନଙ୍କ ସୁଚିନ୍ତିତ ଆଲୋଚନାମାନ ପାଠ କରୁଥିଲେ । ଶିକ୍ଷକମାନେ ଆଲୋଚନା ପୂର୍ବକ ସଂପୃକ୍ତ ପ୍ରସଙ୍ଗରେ ଛାତ୍ରମାନଙ୍କୁ ସୁନ୍ଦର ଭାବରେ ନାନା ତଥ୍ୟର ସୂଚନା ଦେଉଥିଲେ । ମୁଁ ବିଭାଗର ମୁଖ୍ୟ ଦାୟିତ୍ୱ ନେବାପରେ କ୍ଲାସ ସମୟ ହେଲା ୧୧ଟାରୁ ୪ଟା । ପୂର୍ବରୁ ତାହା ଥିଲା ୧୧ଟା ୩୦ ମିନିଟ୍‌ରୁ ୩ଟା ୩୦ ମିନିଟ୍ । ଏହାଦ୍ୱାରା ଛାତ୍ରମାନେ ଅଧିକ ସମୟ ପଢ଼ିବାର ସୁଯୋଗ ପାଇଲେ ।

ମୁଁ ଭଂଜବିହାରରେ ଥିବାବେଳେ ମୋତେ ବିଶ୍ୱବିଦ୍ୟାଳୟ ନାଗାବଳୀ ଛାତ୍ରାବାସର ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ଜୁନ୍ ପହିଲା ୧୯୯୧ରୁ ମଇ ୩୧ ତାରିଖ ୧୯୯୩ପର୍ଯ୍ୟନ୍ତ ଏବଂ ସାବେରୀ ଛାତ୍ରୀ ନିବାସ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ଜୁନ୍ ପହିଲା ୧୯୯୬ରୁ ମଇ ୩୧ ତାରିଖ ୧୯୯୮ ପର୍ଯ୍ୟନ୍ତ ବହନ କରିବାକୁ ପଡିଥିଲା । ନାଗାବଳୀ ହଷ୍ଟେଲରେ ସେତେବେଳେ ପ୍ରାୟ ଜୋର୍ ଜବରଦସ୍ତ କିଛି ପୁରୁଣା ପିଲା ରହୁଥିଲେ । ମୁଁ ସେମାନଙ୍କୁ ବାହାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲି । ଏବେ ପୁଅ ପିଲାଙ୍କ ହଷ୍ଟେଲରେ ବାହାର ପିଲାମାନେ କେତେକାଂଶରେ ରହୁଛନ୍ତି । କେବଳ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କାହିଁକି; ସବୁ ବିଶ୍ୱବିଦ୍ୟାଳୟ ପୁଅ ପିଲା ହଷ୍ଟେଲରେ ବାହାର ପିଲା- ବିଶେଷ କରି ବଳବାନ ପିଲା ଅବାଧରେ ରହୁଛନ୍ତି । ଏହି ବାହାର ପିଲାମାନେ କେତେବେଳେ ଆସନ୍ତି, କେତେବେଳେ ଯାଆନ୍ତି, କେତେବେଳେ ରହନ୍ତି, ତାହା ସ୍ୱୟଂ ଭଗବାନ ମଧ୍ୟ ଜାଣି ପାରିବେ ନାହିଁ । ସେମାନେ ବେଳେବେଳେ ହଷ୍ଟେଲର ପ୍ରକୃତ ଆବାସୀ ଛାତ୍ର

(Boarder)ମାନଙ୍କୁ ଡରାଇ ହଲାଇ ଦାଦାବଟି ବି ଆଦାୟ କରନ୍ତି । ହଷ୍ଟେଲରେ ମେସ୍ ଚାଲି ପାରେନା । କାରଣ ମେସ୍ କଣ୍ଟ୍ରାକ୍ଟର ଠାରୁ ସମସ୍ତେ ମାହାଳିଆ ଖାଆନ୍ତି । ବିଚରା ମେସ୍ କଣ୍ଟ୍ରାକ୍ଟର ମୁଣ୍ଡକାନ ଆଉଁଷି ମେସ୍ ବନ୍ଦ କରିଦିଏ । ପ୍ରାୟ ସମସ୍ତେ ଆପଣା ପ୍ରକୋଷ୍ଠରେ ଅନୈତିକ ଭାବରେ ବିଦ୍ୟୁତ ସଂଯୋଗ କରି ବଡ଼ ବଡ଼ ହିଟରରେ ରୋଷେଇ କରନ୍ତି । ଆଉ ଗୋଟିଏ କଥା କହିବାକୁ ଉଚିତ ମଣୁଛି । ପିଲାମାନେ ବଡ଼ ଅଦ୍ଭୁତ ନାମରେ କିଛି ପ୍ରକୋଷ୍ଠର ନାମକରଣ କରିଥାନ୍ତି- ଯେମିତି, 'ଖୋପିଆ ମହଲ', 'ରସବତୀ ନିବାସ', 'ଆଦିମ ଗୁମ୍ଫା', 'ରଜନୀଶ୍ ଆଶ୍ରମ', ଏମିତି କେତେକଣ ଶ୍ଲୀଳ ଅଶ୍ଳୀଳ ଅର୍ଥପୂର୍ଣ୍ଣ ମନ ଉଚ୍ଚାଟନ ଯୌନ ଉଦ୍ଦୀପକ ନାମ । ମୁଁ ସେ ସମୟରେ ସ୍ୱଚକ୍ଷୁରେ ଦେଖିଛି ପ୍ରାୟ ହଷ୍ଟେଲର ଶତକଡ଼ା ପଚାଶ ଭାଗ ପିଲା ମଦ୍ୟପାନ କରନ୍ତି । ପୁଣି ହଷ୍ଟେଲରେ ଅନେକ ପ୍ରକୋଷ୍ଠରେ ପିଲାଙ୍କ ପାଖରେ ଠେଙ୍ଗା, ବାଡି, ଖଣ୍ଡା, ଛୁରୀ ଆଦିମାରଣାସ୍ତ୍ର ଥାଏ । ଅବଶ୍ୟ ଶିକ୍ଷକମାନଙ୍କୁ, ବିଶେଷ କରି ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ କେହି ପିଲା ଅସୌଜନ୍ୟ ବ୍ୟବହାର କରନ୍ତି ନାହିଁ । ବରଂ, କହନ୍ତି - 'ସାର୍ ଏ ବଡ଼ ପିଲାଙ୍କ ହଷ୍ଟେଲ- ପିଲା ତାଙ୍କ ଢଙ୍ଗରେ ବଞ୍ଚନ୍ତୁ- ସ୍ୱାଧୀନ ଭାବରେ ବଞ୍ଚନ୍ତୁ- ଇତ୍ୟାଦି-ଇତ୍ୟାଦି ।"

ଏତ ଗଲା ସଂକ୍ଷେପରେ ପୁଅ ପିଲାଙ୍କ ହଷ୍ଟେଲ କଥା । ଶୁଣନ୍ତୁ, ଝିଅ ପିଲାଙ୍କ ହଷ୍ଟେଲ କଥା । ଝିଅଙ୍କ ହଷ୍ଟେଲ "ସାବେରୀ' ଦାୟିତ୍ୱରେ ଦୁଇବର୍ଷ ରହି ଯାହା ଜାଣିଛି- ସେମାନେ ପୁଅ ପିଲାଙ୍କ ତୁଳନାରେ ଅଧିକ ଶୃଙ୍ଖଳିତ- ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଭୟ କରନ୍ତି ଓ ଭକ୍ତି ବି କରନ୍ତି । ସେଠି ନିୟମିତ ମେସ୍ ଚାଲେ- ଖାଇବା ଭଲ ହୁଏ । ଶହେରେ ଦୁଇତିନି ଜଣ ଭିନ୍ନ କିସମର ଝିଅ ଥାଆନ୍ତି- ଯେଉଁମାନେ ହଷ୍ଟେଲ ନିୟମ ଭଙ୍ଗ କରନ୍ତି- ବିଳମ୍ବରେ ହଷ୍ଟେଲକୁ ଫେରନ୍ତି- ହଷ୍ଟେଲ ପରିଚାଳକ (Matron)ସହ କଳିଗୋଳ କରନ୍ତି । ମୁଁ ଝିଅପିଲାଙ୍କ ହଷ୍ଟେଲ ହୋଇଥିବାରୁ କୌଣସି ପ୍ରକୋଷ୍ଠକୁ ଯାଏନା । କେବଳ କାହାର ଦେହ ଖରାପ ହେଲେ ଭଂଜ ବିହାର ଚିକିତ୍ସାଳୟର ଡାକ୍ତରଙ୍କ ସହ ସଂପୃକ୍ତ ରୋଗିଣୀ ଛାତ୍ରୀଙ୍କୁ ଦେଖିବାକୁ ଯାଏ । ବେଳେ ବେଳେ ଦେହ ବେଶୀ ଖରାପ ହେଲେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଯାଏ । ଥରେ ଭଂଜବିହାର ଡାକ୍ତରଖାନାକୁ ଜଣେ ସୁନ୍ଦର ଚେହେରାର ପୁରୁଷ ଡାକ୍ତର ଆସି ଯୋଗଦେଲେ । ସମସ୍ତେ କୁହାକୁହି ହେଲେ ଏ ଡାକ୍ତର ଦେଖିବାକୁ ଭାରି ସୁନ୍ଦର । କିଛି ଦିନ ପରେ ଦେଖାଗଲା ପ୍ରାୟ ପ୍ରତ୍ୟହ ହଷ୍ଟେଲରେ ରହୁଥିବା ଝିଅମାନଙ୍କ ଦେହ ଖରାପ ହେଲା । ସେ ଡାକ୍ତର ହଷ୍ଟେଲ ଯିବାକୁ ବାଧ୍ୟ । ତାଙ୍କୁ ଦେଖିଲେ ଓ ସେ ଝିଅଙ୍କ ହାତ ନାଡି ଚିପି ରୋଗ ପରୀକ୍ଷା କଲାକ୍ଷଣି

ରୋଗିଣୀ ଝିଅମାନେ ନାଟକୀୟ ଭାବେ ଆରୋଗ୍ୟ ଲାଭ କରନ୍ତି । ଏସବୁ ଦେଖିଲେ କୃଷ୍ଣସିଂହ ମହାଭାରତର ଦୁଇଧାଡି ମନେ ପଡେ;

"ସୁନ୍ଦର ପୁରୁଷକୁ ଦେଖିଲେ ନାରୀଏ
ବାରବାର ଦେଖିବାକୁ ଭାରି ଇଚ୍ଛା ହୁଏ ।"

ଝିଅପିଲାଙ୍କ ହଷ୍ଟେଲ ଆଗରେ ବେଳେବେଳେ ଦ୍ରୁତ ଗତିରେ ଗାଡି, ମଟର ସାଇକେଲ ଚଲାଇ ବାହାରର ବାଲୁଙ୍ଗା ପିଲାମାନେ ଯାଆନ୍ତି । ସେମାନଙ୍କୁ ଦେଖାଇ ଦେଖାଇ କହନ୍ତି- ତମେ କାଳି, ଆମେ କଲମ; ତମେ ପିଠା, ଆମେ ପଲମ; ତମେ ଯାଦୁ, ଆମେ ମଲମ; ତମେ ଦୀପ, ଆମେ ବଳିତା; ତମେ ପଦ୍ମ, ଆମେ ବକ୍ର;- ଏମିତି କେତେ କ'ଣ । ଏସବୁର ଗୂଢ଼ାର୍ଥ ଅତି ଅରୁଚିକର ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ମୁଁ ପ୍ରଫେସର ୧୪ ନଭେମ୍ବର ୧୯୯୮ ମସିହାରେ ହେଲି । ତା'ପରେ ମୋତେ ବିଶ୍ୱବିଦ୍ୟାଳୟର ବହୁବିଧ ପ୍ରଶାସନିକ ଦାୟିତ୍ୱ ପ୍ରଦାନ କରାଗଲା । ମୁଁ ରିଡର୍ ଥିବାବେଳେ ଦୁଇବର୍ଷ ମୁଖ୍ୟ ଦାୟିତ୍ୱ ତୁଲାଇ ଥିଲି । ପୁଣି ପ୍ରଫେସର ହେବାପରେ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ସାଢ଼େ ଛଅ ବର୍ଷ- ସମୁଦାୟ ସାଢ଼େ ଆଠ ବର୍ଷ ମୁଖ୍ୟ ରୂପେ କାର୍ଯ୍ୟ କରିଥିଲି । ମୁଁ ମୁଖ୍ୟଥିବାବେଳେ ବିଭାଗ ପକ୍ଷରୁ ଏକାଧିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଜାତୀୟ ସେମିନାର, ଗ୍ରନ୍ଥ ଉନ୍ମୋଚନ ଉତ୍ସବ, ଜାତୀୟ ପୁସ୍ତକ ଦିବସ ଆଦି ମହା ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ 'ଗଙ୍ଗାଧର ମେହେର ଜାତୀୟ ସେମିନାର', 'ବିଂଶ ଶତକର ଓଡ଼ିଆ ସାହିତ୍ୟ ସେମିନାର', 'ମନୋଜ ଦାସ'ଙ୍କ କଥା ସନ୍ଧି କାର୍ଯ୍ୟକ୍ରମ, 'ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ କଥାସନ୍ଧି କାର୍ଯ୍ୟକ୍ରମ', 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ସେମିନାର', 'ରେବତୀ', ଗଳ୍ପର ଶତବାର୍ଷିକୀ କାର୍ଯ୍ୟକ୍ରମ ପ୍ରଭୃତି ଉଲ୍ଲେଖଯୋଗ୍ୟ । ପରବର୍ତ୍ତୀ କାଳରେ ଏହିସବୁ କାର୍ଯ୍ୟାବଳୀ ପାଇଁ ଓଡ଼ିଆ ବିଭାଗ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ପାଇଅଛି । ଏହା ମୋତେ ଭାରି ଆନନ୍ଦ ଦିଏ । ଯେଉଁ ବିଭାଗରେ ବୃତ୍ତି କରି ମୁଁ ପରିବାର ପ୍ରତିପୋଷଣ କରୁଥିଲି, ଆଜି ସେବା ନିବୃତ୍ତ ହେବାପରେ ସେହି ବିଭାଗର ଉତ୍ତରୋତ୍ତର ଉନ୍ନତି କଥା ଶୁଣି ଖୁସି ହେଉଛି ।

ମୁଁ ଫେବୃୟାରୀ ପହିଲା ୨୦୦୧ରୁ ୩୦ ସେପ୍ଟେମ୍ବର ୨୦୧୧ ପର୍ଯ୍ୟନ୍ତ ଓଡ଼ିଆ ବିଭାଗରେ ଥିବା ଆଞ୍ଚଳିକ ଗବେଷଣା କେନ୍ଦ୍ର (ଭଂଜ ସାହିତ୍ୟର ସ୍ୱତନ୍ତ୍ର ଅନୁଶୀଳନ)ର ନିର୍ଦ୍ଦେଶକ ଥିଲି । ଏହି କେନ୍ଦ୍ରରେ ବହୁ ଦୁର୍ଲ୍ଲଭ ପୋଥି ଓ ଗ୍ରନ୍ଥ ସଂଗୃହୀତ ହୋଇଗଛିତ

ଅଛି । ଓଡ଼ିଆ ବିଭାଗରେ ଅନେକ ଚିତ୍ରପୋଥି, ଆଦିବାସୀ ଲୋକକଳା, ପତ୍ରପତ୍ରିକା, ଦୁଷ୍ପ୍ରାପ୍ୟ ପୁସ୍ତକ, ନାନା କିସମର ସାହିତ୍ୟ ଶାସ୍ତ୍ର ସଂପର୍କିତ ପୋଥି, କାବ୍ୟଗ୍ରନ୍ଥ ରହିଛି । ଶୁଣିଛି; ଏସବୁ ସଂଗ୍ରହ କରିବାରେ ସଂପ୍ରତି ବିଭାଗର ମୁଖ୍ୟଥିବା ପ୍ରଫେସର ଅଶ୍ୱିନୀକୁମାର ପଣ୍ଡା ଓ କ୍ୟୁରେଟର ଡକ୍ଟର ରାଧାଗୋବିନ୍ଦ ପାଢ଼ୀଙ୍କର ପ୍ରମୁଖ ଭୂମିକା ଥିଲା ।

ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲି । ୧୦ ମାର୍ଚ୍ଚ ୨୦୦୨ରୁ ୨୧ ଅଗଷ୍ଟ ୨୦୦୩ ଯାଏ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ପରୀକ୍ଷା ଦାୟିତ୍ୱରେ ଥିଲି । ପ୍ରଶ୍ନ ପତ୍ର ପ୍ରସ୍ତୁତ କରିବା, ପରୀକ୍ଷା ଖାତା ମୂଲ୍ୟାୟନ କରିବା, ଫଳ ବାହାର କରିବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା । ସେତେବେଳେ ବି.ପି.ୟୁ.ଟି ହୋଇ ନଥାଏ । ଇଞ୍ଜିନିୟରିଂ କଲେଜଗୁଡ଼ିକ ବିଭିନ୍ନ ବିଶ୍ୱବିଦ୍ୟାଳୟଅଧୀନରେ ଥାଏ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟପରୀକ୍ଷା ନିୟନ୍ତ୍ରକଙ୍କ ପିଲାମାନେ ଇଞ୍ଜିନିୟରିଂ ପଢୁଥାନ୍ତି । ତେଣୁ ଜଣେ ପ୍ରଫେସରଙ୍କ ଦାୟିତ୍ୱରେ ସେ ପରୀକ୍ଷା କାର୍ଯ୍ୟ କରିବାକୁ ମହାମାନ୍ୟ କୁଳାଧିପତିଙ୍କ ଦପ୍ତରରୁ ନିର୍ଦ୍ଦେଶ ଆସିଥାଏ । ଏ ଦାୟିତ୍ୱ ଜଣେ ଦି'ଜଣଙ୍କୁ ମୋ ପୂର୍ବରୁ ଦିଆଗଲା । ମାତ୍ର ପିଲାଙ୍କ ଧମକ ଚମକରେ ସେ ଦାୟିତ୍ୱ ସେମାନେ ଛାଡିଦେଲେ । ମୋତେ ନାଟକୀୟ ଭାବରେ ଏ ଦାୟିତ୍ୱ ଦିନେ କୁଳପତି ଥିବା ବିଶିଷ୍ଟ ପ୍ରଫେସର ଶଶୀଭୂଷଣ ମିଶ୍ର ଡକାଇ କରି ଦେଲେ । ସେତେବେଳେକୁ ମୂଲ୍ୟାୟନ ନହୋଇ ବିଶ୍ୱବିଦ୍ୟାଳୟରେ ବହୁ ଖାତା ଗଦା ହେବା ଫଳରେ ଇଞ୍ଜିନିୟରିଂ କଲେଜର ପରୀକ୍ଷା ଫଳ ବାହାରି ପାରୁନଥାଏ । ମୁଁ ଦାୟିତ୍ୱ ନେବା ପରେ ପରେ ପ୍ରଫେସର ମିଶ୍ର କୁଳପତି ପଦରୁ ଇସ୍ତଫା ଦେଇ ତାଙ୍କ ମୂଳ ପୋଷ୍ଟ ଆଇ.ଆଇ.ଏମ୍. ଅହମ୍ମଦାବାଦକୁ ପ୍ରଫେସର ହୋଇ ଫେରିଗଲେ । ମୁଁ କ'ଣ କରିବି, କେମିତି ଏ ଦାୟିତ୍ୱ ତୁଲାଇବି ଭାବି ଭାବି ବିବ୍ରତ ହୋଇପଡିଲି । କୁଳପତି ଦାୟିତ୍ୱରେ ରହିଲେ ରେଭେନିଉ ଡିଭିଜନାଲ କମିଶନର ଶ୍ରୀମତୀ ବନ୍ଦନା ଜେନା- ତାଙ୍କୁ ଭେଟି ମୋତେ ଇଞ୍ଜିନିୟରିଂ ପରୀକ୍ଷା କାମରୁ ମୁକ୍ତ କରିବାକୁ ପହିଲି । ସେ କହିଲେ ଆପଣ କାହିଁକି ମୋ ସହ କାମ କରିବେ ନାହିଁ? ଆଉ କ'ଣ ବା ତାଙ୍କୁ କହିବି? ଦାୟିତ୍ୱ ସୁଚାରୁ ରୂପେ ସଂପନ୍ନ କଲି । ମୋତେ ଏ କାମ ପାଠପଢ଼ା ସହିତ କରିବାକୁ ପଡୁଥିଲା । ମୁଁ ସାଧାରଣତଃ କ୍ଲାସ ପରେ ଅପରାହ୍ନ ୪ଟାରୁ ରାତି ଦଶଟା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଗୋପନୀୟ କକ୍ଷରେ ବସି କାମ କରୁଥିଲି । ତାଙ୍କ ପରେ ଆସିଲେ କୁଳପତି ଡକ୍ଟର ଅରୁଣକୁମାର ପଣ୍ଡା- ସିଏ ଥିଲେ ଶ୍ରୀମତୀ ଜେନାଙ୍କ ପରେ ରେଭେନିଉ ଡିଭିଜନାଲ କମିଶନର, ଭାରି ସଂସ୍କୃତି ସଂପନ୍ନ ମଣିଷ- ଦକ୍ଷ ପ୍ରଶାସକ ।

ତାଙ୍କୁ ମୁଁ ଭଲ ଭାବେ ଜାଣିଥିଲି । ତାଙ୍କ ଜେଜେବାପା ଉପେନ୍ଦ୍ର ପଣ୍ଡା ଥିଲେ 'ପ୍ରଜାତନ୍ତ୍ର'ର ପ୍ରଥମ ସଂପାଦକ ଓ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବଙ୍କ ଘନିଷ୍ଠ ସହଯୋଗୀ । ବଡ଼ବାପା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଥିଲେ ସମବାୟ ବିଭାଗର ପଦସ୍ଥ କର୍ମଚାରୀ, ବାପା ପ୍ରଭାସ ପଣ୍ଡା ଖ୍ୟାତି ସଂପନ୍ନ ଶିକ୍ଷକ । କମିଶନର ପାହ୍ୟାର ପ୍ରଶାସକ ହେଲେ ସୁଦ୍ଧା ତାଙ୍କର ଆଚରଣ, ବ୍ୟବହାର ମୋ ପ୍ରତି ଥିଲା ଅତ୍ୟନ୍ତ ଭଦ୍ର ଓ ମାର୍ଜିତ । ତାଙ୍କ ସହିତ ମୁଁ ଦୁଇ ଦୁଇ ଥର ଯାଇ ଇଞ୍ଜିନିୟରିଂ ପରୀକ୍ଷା ସଂକ୍ରାନ୍ତରେ ସେ ସମୟରେ ମହାମହିମ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କୁ ଭେଟିଛି । ମହାମହିମଙ୍କ କଠୋର ବାକ୍ୟରେ ମୁଁ ଆବେଗ ପ୍ରବଣ ହୋଇ ପଡିବାରୁ ସେ ମୋତେ କହିଥିଲେ; "ପ୍ରଫେସର କର,... ଆପଣ ଜଣେ ମାନନୀୟ ଶିକ୍ଷକ... ଶିକ୍ଷକର କର୍ତ୍ତବ୍ୟ ସେ ସ୍ଥିର ଚିତ୍ତରେ ଧୈର୍ଯ୍ୟର ସହ ସବୁ ପରିସ୍ଥିତିର ସମ୍ମୁଖୀନ ହୋଇ କାର୍ଯ୍ୟ ସଂପନ୍ନ କରିବ । ମୁଁ ଆପଣଙ୍କ ସହିତ ଅଛି ।" ସତକଥା ମୁଁ ତାଙ୍କ ପାଖକୁ ଯେକୌଣସି ଫାଇଲ ନେଉଥିଲି, ତାକୁ ତତ୍‌କ୍ଷଣାତ୍ ସେ ଅନୁମୋଦନ କରି ଦେଉଥିଲେ । ତାଙ୍କର ସୁ ପରିଚାଳନାରେ ଇଞ୍ଜିନିୟରିଂ କଲେଜ ପରୀକ୍ଷାର ବାକି ରହିଥିବା ଫଳ ବାହାରି ଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମୋତେ ଏହି କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଯେଉଁମାନେ ସହଯୋଗ କରିଥିଲେ, ସେମାନେ ହେଲେ ଟାବୁଲେଟର ପ୍ରଫେସର ସୁଧାକର ମିଶ୍ର, ଏମ୍.ବି.ଏ. ଅଧ୍ୟାପକ ଅରୁଣ କୁମାର ପଣ୍ଡା, ସେକ୍‌ସନ ଅଫିସର ରାଧାଚରଣ ପଣ୍ଡା, ବରିଷ୍ଠ କିରାଣୀ ରାଜେନ୍ଦ୍ର ସାବତ, ଦ୍ୟୁତିକୃଷ୍ଣ ବେହେରା, ପିଅନ ଭଗବାନ । ଏମାନଙ୍କ ସହ ମୋ ବିଭାଗର କ୍ୟୁରେଟର ରାଧାଗୋବିନ୍ଦ ପାଢ଼ୀ, ଷ୍ଟେନୋ ମନୋଜ ପଟ୍ଟନାୟକ ମୋ ପାଖେ ପାଖେ ରହି ଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିଥିଲେ । ପରୀକ୍ଷା ଫଳକୁ ରାତାରାତି ବାହାର କରିବା, ସାର୍ଟିଫିକେଟ୍, ମାର୍କସିଟ୍ ଯଥା ସମୟରେ ପିଲାଙ୍କୁ ଦେବା କାମରେ କମ୍ପ୍ୟୁଟର ସେଣ୍ଟରର ସୁଦକ୍ଷ କର୍ମଚାରୀ ଅଶୋକ କୁମାର ଖଣ୍ଡା ଯେଉଁ ସହଯୋଗ କରିଥିଲେ ତାହା ମୋ ପାଇଁ ଅଭୁଲା ହୋଇ ରହିବ । ଇଞ୍ଜିନିୟରିଂ ପରୀକ୍ଷା ସୁପରିଚାଳନା କରିବାରେ ରାଜେନ୍ଦ୍ର ସାବତଙ୍କ ପରି ସାଧୁ, ସଚ୍ଚୋଟ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା ନକରି ରହିପାରୁନାହିଁ । ସେଭଳି କର୍ମଚାରୀ ଯେକୌଣସି ଅନୁଷ୍ଠାନର ଗୌରବ । ଏଠି ଇଞ୍ଜିନିୟରିଂ ପରୀକ୍ଷା କାମ ପାଇଁ ଠିକ୍ ସମୟରେ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇଥିବା ସେସମୟର ବିତ୍ତ ନିୟନ୍ତ୍ରକ ବିଜୟଚନ୍ଦ୍ର ମିଶ୍ରଙ୍କ କଥା ଟିକିଏ କହେ । ସେ ଯେକୌଣସି ଫାଇଲ ଗଲେ ନାନା କଥା ଅନୁସଂଧାନ କରନ୍ତି, କିନ୍ତୁ ମୁଁ ପଠାଇଥିବା ଫାଇଲରେ କିଛି କେବେହେଲେ ଅସୁବିଧା କରିନାହାନ୍ତି । ସେଥିପାଇଁ ମୁଁ

ତାଙ୍କଠାରେ କୃତଜ୍ଞ । ପୁଣି ଟଙ୍କା ପଇସା ହିସାବ କାର୍ଯ୍ୟରେ ମୋତେ ଅଡିଟର ପରମାନନ୍ଦ ସାମଲ ସହଯୋଗ କରିଥିବାରୁ ତାଙ୍କୁ ମଧ୍ୟ ଧନ୍ୟବାଦ ।

ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କଳା ବିଭାଗର 'ଡିନ୍' ପ୍ରାୟ ଛଅବର୍ଷ କାଳ ଥିଲି । (ଜୁନ୍-୨୦୦୧ରୁ ମଇ ୨୦୦୬ ପୁନଶ୍ଚ ଜୁନ୍ ୨୦୦୯ରୁ ୬.୧୧.୨୦୦୯)ଏହି ସମୟରେ ଅଧ୍ୟାପକ, ପ୍ରାଧ୍ୟାପକ, ପ୍ରଫେସର ପଦବୀ ପାଇଁ କଳା ବିଭାଗରେ ହେଉଥିବା ସମସ୍ତ ଇଣ୍ଟରଭିଉରେ ସଦସ୍ୟ ଭାବେ ବସୁଥିଲି । ଅର୍ଥନୀତି, ରାଜନୀତି ବିଜ୍ଞାନ, ଗୃହବିଜ୍ଞାନ, ଇତିହାସ, ଇଂରାଜୀ ଆଦି କଳା ବିଭାଗର ଇଣ୍ଟରଭିଉରେ ବସି ପ୍ରାର୍ଥୀମାନଙ୍କୁ ପ୍ରଶ୍ନ ପଚାରୁଥିଲି ।

ମୁଁ ଜୁନ୍ ପହିଲା ୨୦୦୬ରୁ ୩୧ ମଇ ୨୦୦୭ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସମୂହର ୱାର୍ଡେନ୍ ଥିଲି । ଛଅଗୋଟି ପୁଅପିଲାଙ୍କ ହଷ୍ଟେଲ ଓ ତିନିଗୋଟି ଝିଅ ପିଲାଙ୍କ ହଷ୍ଟେଲ ମୋ ନିୟନ୍ତ୍ରଣରେ ଥିଲା । ହଷ୍ଟେଲ ନାମଲେଖା ପାଇଁ ତାଲିକା ପ୍ରସ୍ତୁତ କରିବା, ଏହାର ସୁପରିଚାଳନା ପାଇଁ ବିବିଧ କାର୍ଯ୍ୟ ନିର୍ଦ୍ଧାରିତ କରିବା ମୋର ଦାୟିତ୍ୱ ଥିଲା । ପୂର୍ବରୁ କହିଛି ପୁଅ ପିଲାଙ୍କ ହଷ୍ଟେଲରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ଖୁବ୍ ବେଶୀ । ତେଣୁ ମୋର ପ୍ରଥମ କର୍ତ୍ତବ୍ୟ ଥିଲା ଅଣଛାତ୍ରଙ୍କୁ ବାହାର କରିବା । ଅତି ଚେଷ୍ଟାରେ ପୁଅ ପିଲାଙ୍କର ପ୍ରଥମ ଛାତ୍ରବାସରୁ ଅଣଛାତ୍ର ଗଲେ । ମୋ ପାଇଁ ସେତେବେଳେ ଆଉ ଗୋଟିଏ ସମସ୍ୟା ଦେଖାଦେଲା । ଦ୍ୱିତୀୟ ହଷ୍ଟେଲ ଓ ତୃତୀୟ ହଷ୍ଟେଲ ମଧ୍ୟରେ ବିବାଦ ଧରାଧରି ମରାମରି ଆଡ଼କୁ ଗଲା । ହଷ୍ଟେଲ ଦୁଇଟି ପରସ୍ପର ବିରୋଧୀ ରାଜନୀତିକ ଦଳର ଛାତ୍ରନେତାଙ୍କ କବ୍‌ଜାରେ ଥିଲା । ପ୍ରାୟ ପ୍ରତି ସପ୍ତାହରେ ଥରେ ଗଣ୍ଡଗୋଳ ସାଧାରଣ କଥା । ବଡ଼ ଧରଣର ଗଣ୍ଡଗୋଳ ହେଲେ ଓ ଏହାର ସମାଧାନ ସୁପରିଟେଣ୍ଡେଣ୍ଟଙ୍କ ନିୟନ୍ତ୍ରଣ ବାହାରକୁ ଗଲେ ସେଠାକୁ ୱାର୍ଡେନ, କୁଳପତିଙ୍କୁ ଯିବାକୁ ପଡେ । ଗଣ୍ଡଗୋଳ ହେଲେ ବିଚରା ୱାର୍ଡେନ୍ ଓ କୁଳପତି ବିଶ୍ୱବିଦ୍ୟାଳୟ ପରିସର ବାହାରେ ରହୁଥିବା ସୁପରିଟେଣ୍ଡେଣ୍ଟ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କୁ ଡକାନ୍ତି । ବିଳମ୍ବିତ ରାତିରେ ପ୍ରାୟ ଅଧିକାଂଶ ମୋବାଇଲ ବନ୍ଦ କରି କିଛି ଶୁଣନ୍ତି ନାହିଁ । ଯିଏ ବା ଆସନ୍ତି ସେମାନେ ପ୍ରଥମେ କୁଳପତି ଓ ୱାର୍ଡେନ୍‌ଙ୍କୁ ଆପଣମାନେ ବୁଝନ୍ତୁ କହି ଖସି ପଳାନ୍ତି । ସେତେବେଳେ କୁଳପତି ଥିଲେ ଅତ୍ୟନ୍ତ ଛାତ୍ରବତ୍ସଳ, ଉଦାରପନ୍ଥୀ, ଦୁଷ୍ଟପିଲାଙ୍କୁ ଶାସ୍ତିଦେବା ପାଇଁ ବିମୁଖ ପ୍ରଫେସର ଜୟକୃଷ୍ଣ ବରାଳ । ସେ ପଢ଼ିବା ବେଳେ ଖୁବ୍ ମେଧାବୀ ଥିଲେ । ରାଜନୀତି ବିଜ୍ଞାନ ତାଙ୍କର ବିଷୟ- ଖୁବ୍ ଭଲ ଗବେଷଣା ସନ୍ଦର୍ଭ, ବହି ଲେଖିଛନ୍ତି । ମେଳାପି

ମଣିଷ । ବିଶେଷ କରି ସେ ଏମ୍.ଏ.ପଢ଼ିବା ବେଳେ କେମିତି ଭଲଭଲ ଘରର ଝିଅ ତାଙ୍କ ସହପାଠିନୀ ଥିଲେ ଓ ନୃତ୍ୟ ସଂଗୀତ ବିଦ୍ୟାରେ ଖ୍ୟାତି ଅର୍ଜି ଥିଲେ, ସେ ସମୟରେ ପ୍ରଫେସରମାନେ କିପରି ପରକୀୟା ପ୍ରୀତିରେ ମାତୁଥିଲେ, ତାଙ୍କ ସାଙ୍ଗମାନେ କେମିତି ଓଡ଼ିଶା ତଥା ଭାରତ ସରକାରଙ୍କ ପଦ ପଦବୀରେ ଅଛନ୍ତି, ଏମିତି କେତେ କ'ଣ ଗପନ୍ତି । ସେ ପ୍ରତ୍ୟହ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କେଦାରନାଥ ମନ୍ଦିରକୁ ଯାଇ ଲମ୍ବ ଲମ୍ବ ପ୍ରଣିପାତ ପୂର୍ବକ ଆସି କୁଳପତି ପ୍ରକୋଷ୍ଠକୁ ଯାଇ ଆପଣା ଚୌକିକୁ ପ୍ରଣାମ କରି ବସନ୍ତି । ଅତି ଧୈର୍ଯ୍ୟଶୀଳ ମଣିଷ ସେ । ହଷ୍ଟେଲରେ ଗଣ୍ଡଗୋଳ ହେଲେ ମୋତେ ସାଙ୍ଗରେ ଧରି ଯାଇ କାହାକୁ କିଛି ନ କହି ଠିଆ ହୁଅନ୍ତି । ପିଲାଏ ଅଧିକାଂଶ ଭଲ । କିନ୍ତୁ ଅଳ୍ପ କେତେଜଣ ଆମକୁ ମା... ସମ୍ବୋଧନ କରି ଗାଳି ଗୁଲଜ କରନ୍ତି । ମୋତେ କହନ୍ତି- କ'ଣ କରିବା- ଏ ପିଲାଏ କାଲି ଏପରି ଆଚରଣ ପାଇଁ କ୍ଷମା ମାଗିବେ । ସମୟ ଗଡ଼ିଗଲେ ଗଣ୍ଡଗୋଳକାରୀ ପିଲା ଶୋଇପଡିବେ । ସବୁ ଠିକ୍ ହୋଇଯିବ । ସେ ରାତି ଦୁଇଟା; ଏପରିକି ଭୋର ହେବା ପର୍ଯ୍ୟନ୍ତ ଗଣ୍ଡଗୋଳ ହେଉଥିବା ହଷ୍ଟେଲରେ ଠିଆ ହୋଇରହନ୍ତି । ମୋତେ ତା' ପରଦିନକୁ ରାତି ଅନିଦ୍ରା ହେତୁ ଝାଡ଼ା ବାନ୍ତି ହୁଏ । ଏ ତ ଗଲା ପୁଅ ପିଲାଙ୍କ ହଷ୍ଟେଲ କଥା- ଝିଅ ପିଲାମାନେ ଶୃଙ୍ଖଳିତ, କୁଳପତି, ୱାର୍ଡେନ୍, ସୁପରିଟେଣ୍ଡେଣ୍ଟଙ୍କ କଥା ମାନନ୍ତି । ଯାହା ମନେ ପଡୁଛି ୨୦୦୭ , ଶିବ ରାତ୍ରି । ମହା ଆଡମ୍ବରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଶିବ ମନ୍ଦିରରେ ଜାଗର ପାଳନ କରାଯାଏ । ହଜାର ପାଖାପାଖି ଲୋକ ରାତ୍ରି ଉଜାଗର ରହି ସେଦିନ ଆମ ଶିବ ମନ୍ଦିରରେ ରହନ୍ତି । ଝିଅମାନେ ହଷ୍ଟେଲରୁ ଯାଇ ସେଠାରେ ଉଜାଗର ରହିବାକୁ ଚାହିଁଲେ । ଏକଥା କୁଳପତି ମୋତେ କହିଲେ । 'ମୁଁ କହିଲି ରାତିରେ ମୁଁ ହଷ୍ଟେଲ ବାହାରକୁ ଝିଅମାନଙ୍କୁ ଛାଡି ପାରିବି ନାହିଁ ।' ତିନୋଟି ଯାକ ଛାତ୍ରୀନିବାସର ଝିଅ ଏକଜୁଟ୍ । ନିମ୍ନମୁଖୀ ପାଣିର ଗତି ଓ ଝିଅପିଲାଙ୍କ ମନର ଇଚ୍ଛାଶକ୍ତିକୁ କିଏ ବା ରୋକି ପାରିବ? କିଛି ଝିଅ ପୁଣି କୁଳପତି ପ୍ରଫେସର ବରାଳଙ୍କୁ କହିଲେ । ସେ ମୋତେ ପ୍ରାୟ ଅପରାହ୍ନ ପାଞ୍ଚଟାରେ ଫୋନ୍ କରି କହିଲେ, 'ପ୍ରଫେସର କର; "ଆଜି ହଷ୍ଟେଲର ଝିଅମାନେ ଆମ ଶିବ ମନ୍ଦିରରେ ଉଜାଗର ରହି ଲିଙ୍ଗପୂଜା କରିବାକୁ ଚାହୁଁଛନ୍ତି । ଆପଣ ଛାଡ଼ିଦେବେ ।" ମୁଁ କହିଲି; 'ଆପଣ ଲିଖିତ ନିର୍ଦ୍ଦେଶ ଦିଅନ୍ତୁ ।' ସେ କହିଲେ, 'ମୁଁ ସେଠି ଥିବି, କିଛି ଅସୁବିଧା ନାହିଁ । ଆପଣ କାହିଁକି ଝିଅମାନଙ୍କୁ ଆଜି ପରି ଦିନରେ ଲିଙ୍ଗ ଦର୍ଶନରୁ ବିରତ କରିବେ? ସବୁ ତ କ୍ୟାମ୍ପସ୍ ଭିତରେ । କୌଣସି ଅନୁମତି ନନେଇ ଝିଅମାନେ ସେଦିନ ଯାଇ ସାରାରାତି

ଉଜାଗର ରହିବା ସହିତ ଲିଙ୍ଗ ଦର୍ଶନ ଓ ଲିଙ୍ଗ ଆରାଧନା କରି କୃତାର୍ଥ ହେଲେ ।

ମୁଁ ବିଶ୍ୱବିଦ୍ୟାଳୟ ଦୂରଶିକ୍ଷା ନିର୍ଦ୍ଦେଶକ (୩.୮.୨୦୦୭ ରୁ ୪.୧୧.୨୦୦୯), କଲେଜ ଉନ୍ନୟନ ପରିଷଦ ନିର୍ଦ୍ଦେଶକ (୪.୧୧.୨୦୦୯ରୁ ୧୫.୪.୨୦୧୦), ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, ସିଣ୍ଡିକେଟ୍ ମେମ୍ବର (୧.୬.୨୦୦୭ରୁ ୩୧.୫.୨୦୦୮ ଏବଂ ୧୦.୧୦.୨୦୦୮ରୁ ୩୦.୯.୨୦୧୧) ଭାବେ ସେଠାରେ କାର୍ଯ୍ୟ କରିଥିଲି । କୁଳପତିଙ୍କ ଅନୁପସ୍ଥିତି ସମୟରେ ମଧ ଭାରପ୍ରାପ୍ତ କୁଳପତି ରୂପେ କାର୍ଯ୍ୟ କରିଛି । ସବୁ ସମୟରେ ମୁଁ ଯେତେ କଷ୍ଟ ହେଉପଛେ ଦିଆଯାଇଥିବା କାମକୁ ଯଥାର୍ଥ ଭାବେ କରେ । ମୁଁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟିପାଇଁ ସାଧ୍ୟମତେ ଚେଷ୍ଟା କରିଥଲି । ସେ ସମୟରେ ମୋର ଅନୁଜ ପ୍ରତିମ ବଂଧୁ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଅଫିସ୍ କାମରେ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋତେ ଯେଉଁ ସହଯୋଗ କରିଥିଲେ ତାହା କଦାପି ଭୁଲି ହେବନାହିଁ । ତାଙ୍କର ବିଶ୍ୱବିଦ୍ୟାଳୟ ନିୟମ-କାନୁନ୍ ସଂପର୍କରେ ଓ ଭଂଜବିହାରର କୋଣ ଅନୁକୋଣ ସଂପର୍କରେ ଧାରଣା ଅତ୍ୟନ୍ତ ପ୍ରଶଂସନୀୟ । ତାଙ୍କର ଦୃଷ୍ଟିଭଙ୍ଗୀ ସବୁବେଳେ ଗଠନ ମୂଳକ ଓ ବିଶ୍ୱବିଦ୍ୟାଳୟ ପାଇଁ କଲ୍ୟାଣ କର । ଜଣେ ସୁଶିକ୍ଷକ ଭାବରେ ତାଙ୍କର ଖ୍ୟାତି ରହିଛି ।

ମୁଁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଥିଲାବେଳେ କୁଳପତି ଥିଲେ ଆମ ୧୯୯୮ ବ୍ୟାଚ୍‌ର ପ୍ରଫେସର ବିଜୟକୁମାର ସାହୁ । ସେ ସମୟରେ ତାଙ୍କର ପ୍ରଶାସନିକ ଦକ୍ଷତା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କ ମଧରେ ଶୃଙ୍ଖଳା ଆଣିଥିଲା । ସେ ସୁଚାରୁ ଭାବରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ପରିଚାଳନା କରୁଥିଲେ । ସେ ମୋତେଖୁବ୍ ବିଶ୍ୱାସକୁ ନେଇଥିଲେ । ପ୍ରାୟ ପ୍ରତ୍ୟହ ଦଶଟା ବେଳକୁ ସେ ମୋତେ ତାଙ୍କ ଅଫିସକୁ ଡକାଇ ମୋ ସହ ଆଳାପ ଆଲୋଚନା କରୁଥିଲେ । ବଡ଼ ପରିହାସ ପ୍ରିୟ ମଣିଷ ସେ ଥିଲେ । ସେ ଅତି ଶ୍ରଦ୍ଧାରେ କାହାକୁ କର୍କି, କାହାକୁ ପେଙ୍ଗା, କାହାକୁ କେଂପା, କାହାକୁ ବାଙ୍ଗରା, କାହାକୁ ନଣ୍ଡା, କାହାକୁ ବାଇଆ, କାହାକୁ ମାମା, କାହାକୁ ମାଷ୍ଟ୍ରେ ଏମିତି କେତେ ବିଶେଷଣ ପ୍ରୟୋଗ କରି ଡାକୁଥିଲେ । ଏକ ଦୂରଦୃଷ୍ଟି ନେଇ ବିଶ୍ୱବିଦ୍ୟାଳୟର ମଂଗଳ କାମନା କରି ବହୁ ଗଠନମୂଳକ କାର୍ଯ୍ୟ କରିଥିଲେ । ତାହାଙ୍କର ପ୍ରଥମ ବର୍ଷର କାର୍ଯ୍ୟକଳାପ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ବୃଦ୍ଧି କରିଥିଲା । କିନ୍ତୁପରବର୍ତ୍ତୀ ସମୟରେ ଚକ୍ରାନ୍ତକାରୀ ଗୋଷ୍ଠୀ ତାଙ୍କର ସ୍ୱପ୍ନକୁ ଧୂଳିସାତ୍ କରି ଦେଇଥିଲେ ।

ମୁଁ ଓଡ଼ିଆ ବିଭାଗର ପ୍ରଫେସର ହେଲେ ମଧ୍ୟ ମୁଁ ଅନେକ ସମୟରେ ଇତିହାସ ବିଭାଗରେ ମୋର ବଂଧୁ ପ୍ରଫେସର ସୁବାସ ଚନ୍ଦ୍ର ପାଢ଼ୀଙ୍କ ପାଖରେ ଯାଇ ବସେ । ଅବସର ସମୟରେ ସେଠାକୁ ପ୍ରଫେସର ଶିଶିରକୁମାର ପଣ୍ଡା, ପ୍ରଫେସର ଜିନେନ୍ଦ୍ର ନାଥ ମହାନ୍ତି ପ୍ରାୟଆସନ୍ତି । ସେଠି ନାନା କିସମର ଶାସ୍ତ୍ର ଅନ୍ତର୍ଗତ, ଶାସ୍ତ୍ର ବହିର୍ଭୂତ ପ୍ରସଙ୍ଗମାନ ଆଲୋଚନା କରାଯାଏ । ପ୍ରଫେସର ପାଢ଼ୀ ତାଙ୍କ ସଂଗ୍ରାମଶୀଳ ଜୀବନର ବହୁବିଧ ଅନୁଭୂତି ଅତି ଅଂତରଂଗ ଭାବରେ କହନ୍ତି । ପ୍ରଫେସର ଶିଶିର କୁମାର ପଣ୍ଡା ଥିଲେ ପ୍ରସିଦ୍ଧ ପ୍ରାଚ୍ୟ ବିଦ୍ୟା ବିଶାରଦ ହରମାନ୍ କୁଲକେଙ୍କ ଗବେଷଣା-ଛାତ୍ର । ସେ ଜର୍ମାନରେ ତାଙ୍କର ରହଣି କାଳୀନ ରୋମାଣ୍ଟିକ ଅନୁଭବକୁ ସୁନ୍ଦର ଭାବରେ ବଖାଣନ୍ତି । ଶ୍ଲୀଳ-ଅଶ୍ଲୀଳ ସବୁ କିସମର ଜୋକ୍‌ସକୁ ସେ ବେଶ୍ ମଜେଇ କହି ପାରନ୍ତି । ଖୁବ୍ ଭଲ ଶିକ୍ଷକ, ଭଲ ଗବେଷକ ଓ ଭଲମଣିଷ ଭାବେ ଉଭୟ ପ୍ରଫେସର ପାଢ଼ୀ ଓ ପ୍ରଫେସର ପଣ୍ଡାଙ୍କର ସୁନାମ ରହିଛି । ପ୍ରଫେସର ଜିନେନ୍ଦ୍ର ନାଥ ମହାନ୍ତି ପଢ଼ିଥିଲେ ଜେ.ଏନ୍.ୟୁରେ । ସେ ଦିଲ୍ଲୀରେ ତାଙ୍କ ଛାତ୍ରଜୀବନର ଅନୁଭୂତି କହିବାକୁ ଭାରି ଭଲପାଆନ୍ତି । ଆନ୍ତର୍ଜାତିକ ରାଜନୀତି (International Politics) ସଂପର୍କରେ ତାଙ୍କର ପାଣ୍ଡିତ୍ୟ ସୁବିଦିତ । ଅନେକ ସମୟରେ ଏ ପଙ୍ଗତରେ ଆସିଯୋଗ ଦିଅନ୍ତି ରାଜନୀତି ବିଜ୍ଞାନ ପ୍ରଫେସର ଅମିୟ ପରିଛା ଓ ପ୍ରଫେସର ଲକ୍ଷ୍ମୀ ରାଉତ । ମୁଁ ଅବସର ନେବା ପର୍ଯ୍ୟନ୍ତ ନିୟମିତ ଇତିହାସ ବିଭାଗର ବଂଧୁ ପ୍ରଫେସର ପାଢ଼ୀଙ୍କ ପ୍ରକୋଷ୍ଠକୁ ଯାଉଥିଲି । ଏପରିକି ଆମେ ସବୁ କାହିଁକି ସେଠି ଏକାଠି ହୋଇ ଏପରି ହସଖୁସି କରୁଛୁ, ସେ ପ୍ରତି ଅନେକ ଈର୍ଷା-ଅସୂୟା-ଭାବ-ପ୍ରଣୋଦିତ ହୋଇ ଆମର ଏପରି କ୍ରିୟାକଳାପକୁ ବରଦାସ୍ତ କରୁନଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱ ବିଭାଗ ସଂପର୍କରେ କିଛି ନ କହିଲେ ମୋତେ ନୈତିକତା ଦୃଷ୍ଟିରୁ ଭଲ ଲାଗିବ ନାହିଁ । କାରଣ ଏ ବିଭାଗରେ ଥିଲେ ମୋର ଗୁରୁଜନ ସ୍ଥାନୀୟ ବିଶିଷ୍ଟ ଭାଷାବିଦ୍ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ- ସିଏ ଓଡ଼ିଆ ବିଭାଗରୁ ଯାଇ ନୂଆ କରି ଏ ବିଭାଗ ଆରମ୍ଭ କରିଥିଲେ । ଏ ବିଭାଗରେ ଥିଲେ ଯେତିକି ଛାତ୍ର,ପ୍ରାୟ ସେତିକି ଶିକ୍ଷକ । ଏଠାରେ ମୋର ଶ୍ରଦ୍ଧେୟା ଛାତ୍ରୀ ଡକ୍ଟର ସୁନୀତା ତ୍ରିପାଠୀ ଅଧ୍ୟାପିକା ଥିଲେ । ସେ ଖୁବ୍ ଭଲ ପଢ଼ାଉଥିବା ଅଧ୍ୟାପିକା । ଗୁରୁ, ଗୁରୁଜନ, ଛାତ୍ରଛାତ୍ରୀ ସମସ୍ତଙ୍କୁ ସେ ଭାରି ଆପଣାର କରେ । ଭାରି ସ୍ୱାଧୀନ ଚେତା, ସ୍ୱାଭିମାନୀ, କର୍ତ୍ତବ୍ୟ ସଂପାଦନ ବ୍ୟାପାରରେ ସୁନିପୁଣା ସେ । ଦୁଃଖର ବିଷୟ ସେ ତା'ର ଏସବୁ ଭଲଗୁଣ ପାଇଁ କର୍ତ୍ତୃପକ୍ଷଙ୍କ ଶ୍ରଦ୍ଧାଭାଜନହେବା ପରିବର୍ତ୍ତେ, ହେଲା ବିରାଗ ଭାଜନ । ଯାହା ଫଳରେ ସେ ଅଭିମାନରେ

ଚଉଦ ବର୍ଷ ଚାକିରି ଥାଉଥାଉ ସ୍ୱେଚ୍ଛାକୃତ ଅବସର ନେଇଗଲା । ପ୍ରଫେସର ଗଗନେନ୍ଦ୍ରନାଥ ଦାଶଙ୍କର ସ୍ନାତକୋତର ପରିଷଦର ଅଧ୍ୟକ୍ଷ ହେବାର ସବୁଯୋଗ୍ୟତା ଥିବା ସତ୍ତ୍ୱେ ସେଥିରୁ ତାଙ୍କୁ ଏକ ଚକ୍ରାନ୍ତକାରୀ ଗୋଷ୍ଠୀ ବିରତ କଲେ । ଅତି ନିର୍ଭୀକ ଭାବରେ ସେ ଆମ ସାଂସ୍କୃତିକ ଜୀବନର କଥା କହି ପାରୁଥିବା ଜଣେ ବିରଳ ବ୍ୟକ୍ତିତ୍ୱ । ଉଭୟଙ୍କ ସହିତ ଏଯାବତ୍ ମୋର ସଂପର୍କ ଅକ୍ଷୁଣ୍ଣ ରହିଛି ।

ଭଞ୍ଜ ବିହାରରେ ଥିବା ସମୟର ନାନାକଥା ଏବେ ବି ସ୍ମୃତିପଟରେ ଭାସି ଯାଉଛି । ବିଶେଷ କରି ମୋ ପୁଅ ଝିଅଙ୍କ କଥା । ମୋ ଝିଅଶୁଭଶ୍ରୀ (ଝିଲି) ସ୍କୁଲରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଖୁବ୍ ଭଲ ଛାତ୍ରୀ ଥିଲା । ସେ ବିଶ୍ୱବିଦ୍ୟାଳୟରେ ତା ବ୍ୟାଚର କଳାରେ ଶ୍ରେଷ୍ଠ ସ୍ନାତକ ହେବା ସହିତ ମନସ୍ତତ୍ତ୍ୱ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲା ।ତା'ପରେ ପ୍ରଥମ ଶ୍ରେଣୀରେ ଏମ୍.ବି.ଏ ଡିଗ୍ରୀ ହାସଲ କରିସେ ବର୍ତ୍ତମାନ୍ ବାଙ୍ଗାଲୋରରେ ଆସୋସିଏଟ୍ ପ୍ରଫେସର ଭାବେ ଏକଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଛି । ସେ ମଧ୍ୟ ୨୦୧୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ କରିଛି । ତା'ର ସ୍ୱାମୀ ଶାନ୍ତସାଗର (ଚିଂଟୁ) ହେଉଛି ରେଭେନ୍‌ସା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟକୁମାର ପଣ୍ଡାଙ୍କ ସୁପୁତ୍ର- ଯିଏ ବର୍ତ୍ତମାନ ବାଙ୍ଗାଲୋରସ୍ଥିତ ଏକ ଆଇ.ଟି.କମ୍ପାନୀର ଜଣେ ପଦସ୍ଥ କର୍ମଚାରୀ । ମୋ ପୁଅ ଶୁଭାଶିଷ(ଲୁନା) ମୂଳରୁ ଜଣେ ଛାତ୍ରନେତା । ଛୋଟବେଳୁ ସାଙ୍ଗ ସାଥୀଙ୍କୁ ଧରି ବୁଲିବା, ଅନ୍ୟର ଦୁଃଖରେ ଦୁଃଖୀ ହୋବ, ନିର୍ଭୀକ ଭାବରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଗୁରୁ-ଗୁରୁଜନଙ୍କୁ ସମ୍ମାନ କରିବା, ତା' ଚରିତ୍ରର ବିଶେଷତ୍ୱ । ସେ ୧୯୯୮ ରେ ଖଲ୍ଲିକୋଟ ସ୍ୱୟଂଶାସିତକଲେଜ ଛାତ୍ର ସଂସଦର ଉପସଭାପତି ଓ ୧୯୯୯ରେ ସଭାପତି ରୂପେ ବିପୁଳ ଭୋଟରେ ବିଜୟୀ ହୋଇଥିଲା । ସେତେବେଳେ କଲେଜର ସର୍ବମୟକର୍ତ୍ତା ଦିନେ ତାକୁ ଡକାଇ କହିଲେ- ତମର ମୂଳ ଘର ଯାଜପୁର- ତମେ ବ୍ରହ୍ମପୁରରେ କାହିଁକି ଛାତ୍ରମାନଙ୍କନେତୃତ୍ୱ ନେବ ? ଏକଥାରେ ଶୁଭାଶିଷ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲା- "ମୁଁ କ୍ଷୁଦ୍ର ଆଞ୍ଚଳିକତାରେ ବଞ୍ଚିବାକୁ ଚାହେଁନା, ପିଲାଦିନ ମୋର ରେଭେନ୍ସା କଲେଜରେ କଟିଥିଲା । ଅତି ଛୋଟ ବୟସରୁ ମୁଁ ଶିଖିଛି ଉତ୍କଳ ମାତାର ଉନ୍ନତି ପାଇଁ ଓ ଏହାର ସର୍ବାଙ୍ଗୀନ ବିକାଶ ପାଇଁ କ୍ଷୁଦ୍ରତାକୁ ପରିହାର କରି ବୃହତ୍ତର ଜୀବନ ଦୃଷ୍ଟି ନେଇ ବଞ୍ଚିବାର କଳା । ତା'ପରେ ସେ କହିଥିଲା- ସେ ଅନୁଷ୍ଠାନର ଉତ୍ତୁଙ୍ଗ କୋଠାବାଡି, ବିସ୍ତୀର୍ଣ୍ଣ ଖେଳ ପଡିଆ ଓଡ଼ିଶାର ସମଗ୍ର ଅଞ୍ଚଳକୁଆପଣାର କରିବାକୁ ମୋତେ ଇଙ୍ଗିତ ଦେଇଥିଲା । ଅତି ଛୋଟବେଳୁ କେଡ଼େ

ବଡ଼ ବଡ଼ ପ୍ରଫେସର, ଶିକ୍ଷକଙ୍କ ହାତ ଧରି ରେଭେନ୍‌ସାରେ ବୁଲିଛି । ସେମାନେ ମୋତେ ପିଲାବେଳୁ ଉନ୍ନତ ରୁଚିନେଇ ଜୀବନରେ ସୁସ୍ୱପ୍ନ ଦେଖିବାର ମାର୍ଗ ବତାଇଥିଲେ ।" ନିର୍ବାଚନରେ ଜିତିବା ପରେ ସେ ଖଲ୍ଲିକୋଟ ସ୍ୱୟଂସାଶିତ କଲେଜରେନାନା ଛାତ୍ର ମଙ୍ଗଳକାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲା । ସେ ସମୟରେ ସେ କଲେଜର ଉନ୍ନତି ସକାଶେ ତତ୍କାଳୀନ ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ସଚିବ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରମୁଖଙ୍କୁ ଭେଟିଥିଲା । ସେ ଛାତ୍ରନେତା ଭାବରେ ସମସ୍ତଙ୍କର ପ୍ରୀତି ଭାଜନହୋଇଥିଲା । ବିଶିଷ୍ଟ ଜନନାୟକ, ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ , ଜାନକୀ ବଲ୍ଲଭ ପଟ୍ଟନାୟକ; ବିଶିଷ୍ଟ ସମାଜସେବୀ, ପ୍ରାକ୍ତନ ସାଂସଦ ତଥା ଜନପ୍ରିୟ ଓଡ଼ିଆ ଖବରକାଗଜ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ୍ ପଟ୍ଟନାୟକ ଓ ଯୁବନେତୃତ୍ୱର ଅସରନ୍ତି ପ୍ରେରଣାର ଉତ୍ସ ବିଶିଷ୍ଟ ସଂଗଠକ, ପ୍ରାକ୍ତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ପ୍ରେରଣା ତଥା ଆଶୀର୍ବାଦ ଶୁଭାଶିଷ ଛାତ୍ରନେତା ହେବା ମୂଳରେ ଥିଲା । ତା'ର ବଂଧୁ ଯୁବନେତା ଶିବପାତ୍ର, ଦୀପୁରଥ,ମୂର୍ତ୍ତିଦା ଅଲ୍ଲୀ ପ୍ରଭୃତି ତାକୁ ସେସମୟରେ ଅକ୍ଲାନ୍ତ ପରିଶ୍ରମ କରି ଜିତାଇ-ଥିଲେ । ସେ ଜିତିବା ସମୟରେ ଭଂଜ ବିହାରରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିଲା ।

୧୯୯୯ରେ ମହାବାତ୍ୟା ପ୍ରଥମେ ବ୍ରହ୍ମପୁରରେ ହୋଇଥିଲା । ବୋଧହୁଏ ଅକ୍ଟୋବର ୧୭ ତାରିଖ- ତାପରେ ୨୯-୩୦ ତାରିଖ ବେଳକୁ ଏହା ଉପକୂଳ ଓଡ଼ିଶାରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଭଦ୍ରକ, ବାଲେଶ୍ୱର ଜିଲ୍ଲାରେ ଅନୁଭୂତ ହୋଇଥିଲା । ସେ ସମୟରେ କୁଳପତି ଥାଆନ୍ତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ । ଭଂଜବିହାରରେ ହଜାର ହଜାର ବୃକ୍ଷ ଭାଙ୍ଗି ପଡିଲା । ହଜାର ହଜାର ଲୋକ ଗୃହଶୂନ୍ୟ ହୋଇ ସ୍କୁଲ ଗୃହରେ ଆଶ୍ରୟ ନେଇଥିଲେ । ସରକାରୀ ସାହାଯ୍ୟ ସେତେବେଳେ ଥିଲା ସମୁଦ୍ରକୁ ଶଙ୍ଖେ ଭଳି । କ'ଣ କରାଯିବ ? ହଠାତ୍ ମୁଁ ମୋ ବଡ଼ଭାଇ ସୌରୀବଂଧୁ କର- ଯେ ଶ୍ରୀରାମକୃଷ୍ଣ ମିଶନର ଭକ୍ତ, ତାଙ୍କୁ ବ୍ରହ୍ମପୁର ମହାବାତ୍ୟାରେ ଜନସାଧାରଣଙ୍କ ଦୁର୍ଗତିସଂପର୍କରେ ଜଣାଇଲି । ସେ ତତ୍‌କ୍ଷଣାତ୍ ଭୁବନେଶ୍ୱର ମଠର ସନ୍ନ୍ୟାସୀ ସୁଦର୍ଶନ ମହାରାଜଙ୍କୁ ଅନୁରୋଧ କରି ତାଙ୍କୁ ଓ ତାଙ୍କ ସହକର୍ମୀମାନଙ୍କୁ ମହାବାତ୍ୟା ବିପର୍ଯ୍ୟସ୍ତ ଲୋକଙ୍କୁ ରିଲିଫ ସାହାଯ୍ୟ କରିବାପାଇଁପଠାଇଥିଲେ । ଏ କାର୍ଯ୍ୟରେ ମୋର ପଡ଼ୋଶୀ ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ, ତାଙ୍କ ପତ୍ନୀ ଅଧାପିକା ଡକ୍ଟର ଅଳକା ସାହୁ ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା, ତାଙ୍କ ସ୍ତ୍ରୀ ମିନି, ଡକ୍ଟର ପୁଷ୍ପାଞ୍ଜଳି ସାମନ୍ତରାୟ, ଡକ୍ଟର ଉପେନ୍ଦ୍ର ନାଥ ଦାସ, ମୋ ସ୍ତ୍ରୀ ଲିଲି, ପୁଅ ଶୁଭାଶିଷ, ଝିଅ ଶୁଭଶ୍ରୀ, ବିଶ୍ୱବିଦ୍ୟାଳୟର

ଅନେକ ଛାତ୍ର ସହଯୋଗ କରିଥିଲେ । ରନ୍ଧା ଖାଦ୍ୟ ପ୍ରତ୍ୟହ ଦିଆଯିବା ସହିତ ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଡେକ୍‌ଚି, କଡେଇ, ଥାଳି, ଗ୍ଲାସ, କମ୍ବଳ, ଚାଉଳ, ଦିଆସିଲି, ଅଟା, ସୂଜୀ, ଡାଲି, ଚିନି, ଚୁଡ଼ା, ଗୁଡ଼, ଚାହା ଇତ୍ୟାଦି ଦିଆଯାଇଥିଲା । ଏସବୁ କାର୍ଯ୍ୟ ଦେଖି କେତେକ ମୋ ପୁଅ ସାଧାରଣ ନିର୍ବାଚନରେ ଲଢ଼ିବ ବୋଲି ଅନୁମାନ କଲେ । ମୁଁ କହିଥିଲି କୌଣସି ଫଳାଭିସନ୍ଧି ରଖି ଏ ସାହାଯ୍ୟ ନୁହେଁ- ଏଥିରେ କେବଳ ରହିଛି ସେବାଧର୍ମ- ଜନତାଙ୍କ ସେବା ହିଁ ଭଗବାନଙ୍କ ସେବା । ସେତେବେଳେ ମୋର 'ପଲୁ' ନାମରେ ଏକ ସୁନ୍ଦର ଧଳା କୁକୁର ଥିଲା । ସେ ସନ୍ନ୍ୟାସୀମାନଙ୍କ ଗହଣରେ ରହୁଥିଲା ଓ ରିଲିଫ୍ ସାମଗ୍ରୀ ଥିବା ଘରକୁ ଜଗୁଥିଲା । ରିଲିଫ୍ କାର୍ଯ୍ୟର ସେ ସମୟର ଖବର କାଗଜଗୁଡ଼ିକ ଭୂୟସୀ ପ୍ରଶଂସା କରିଥିଲେ । ଏପରିକି ଜିଲ୍ଲା ପ୍ରଶାସନ ଏଭଳି କାର୍ଯ୍ୟକୁ ଶ୍ରଦ୍ଧାର ଚକ୍ଷୁରେ ଦେଖିଥିଲେ ।

ଭଂଜବିହାର ସଂପର୍କରେ ନାନା କଟୁ-ତିକ୍ତ-କଷାୟ ଅନୁଭୂତି ସହିତ ବହୁ ଆନନ୍ଦ-ଉଲ୍ଲାସ-ହାସ୍ୟକର ପ୍ରସଙ୍ଗ ରହିଛି । ଏ କାହାଣୀ କହି ଚାଲିଲେ ଗୋଟେ ସ୍ୱତନ୍ତ୍ର ବହି ହେବ । ଅନେକ ସମୟରେ ମୁଁ ଆଞ୍ଚଳିକ ଶବ୍ଦମାନଙ୍କୁ ବୁଝି ନପାରି ଏ ଶବ୍ଦର ଅର୍ଥ କ'ଣ ଭାବେ- ଦିନକର କଥା- ସେଦିନ ଥାଏ ଏମ୍.ଫିଲ ନାମ ଲେଖାପାଇଁ ସାକ୍ଷାତ୍‌କାର, ଗୋଟିଏ ଦୁର୍ଦ୍ଦାନ୍ତ ପିଲା ନାମ ଲେଖାରୁ ସିଟ୍ ନ ପାଇ ବଞ୍ଚିତ ହେଲା । ସେଦିନ ରାତି ପ୍ରାୟ ଏଗାରଟା ବେଳେ ଗୋଟିଏ ଫୋନ୍ ଆସିଲା । ସେପଟୁ ମୋତେ କେହି ଜଣେ କହିଲେ- ସାର୍ ଆମେ ଠିକ୍ କରିଛୁ ଆପଣଙ୍କ 'ମିନା'କୁ କାଟିଦେବୁ । ମୁଁ ବ୍ୟସ୍ତ ହୋଇ ପଡିଲି । କାରଣ 'ମିନା' ସ୍ତ୍ରୀଲୋକଙ୍କ ନାମ । ମୋ ସ୍ତ୍ରୀ କିମ୍ବା ମୋ ଝିଅର ଡାକ ନାମ ତ 'ମିନା' ନୁହେଁ । ତା'ହେଲେ କ'ଣ ? କାହାକୁ କାଟିବ । ସାଙ୍ଗେ ସାଙ୍ଗେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଶବ୍ଦ ତତ୍ତ୍ୱବୋଧ ଅଭିଧାନ', 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଖେଳେଇ 'ମିନା' ଶବ୍ଦର ଅର୍ଥ ଦେଖିଲି । ସେସବୁ କିପରି କବିସୂର୍ଯ୍ୟ 'ସଙ୍ଗୀତାବଳୀ'ରେ, ଉପେନ୍ଦ୍ରଭଂଜ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ପ୍ରୟୋଗ କରିଛନ୍ତି ଦେଖିଲି । ତା'ପରଦିନ ମୁଁ ଆମ ବିଭାଗର ଏବେ ପ୍ରଫେସର ଓ ମୁଖ୍ୟ- ସେ ସମୟରେ ରିଡର ଡକ୍ଟର ଅଶ୍ୱିନୀ କୁମାର ପଣ୍ଡା- ଯିଏ ଲୋକ ସାହିତ୍ୟ ବିଶାରଦ ତାଙ୍କୁ ପଚାରିଲି । ସେ ମୋତେ ତତ୍‌କ୍ଷଣାତ୍ କହିଲେ ଯାହା, ତାକୁ ଲେଖିବା କଷ୍ଟକର- ଅତ୍ୟନ୍ତ ଅଶ୍ଳୀଳ ଶବ୍ଦ- ଭଦ୍ର ଭାଷାରେ ଯାହାର ଅର୍ଥ ହେଉଛି - ପୁରୁଷର ପୁରୁଷତ୍ୱ ସୂଚକ ଗୋପନ ଅଂଗ ବିଶେଷ । ତା'ପରେ ଏଭଳି ଶବ୍ଦମାନଙ୍କ ସହିତ ଆସ୍ତେ ଆସ୍ତେ ମୁଁ ଅଭ୍ୟସ୍ତ ହୋଇଗଲି । ପରବର୍ତ୍ତୀ ସମୟରେ ଏଭଳି ଶବ୍ଦଶୁଣି ମୁଁ ଆଉ

କେବେ ବିଚଳିତ ହୋଇନାହିଁ ।

ମୁଁ ଭଞ୍ଜ ବିହାରରେ ଥିବାବେଳେ ମୋ ଘରକୁ ଆମ ବିଭାଗରେ ଏକଦା କିରାଣୀ ଥିବା ସୀମାଞ୍ଚଳ ପଣ୍ଡା ଅନେକ ସମୟରେ ଆସୁଥିଲେ । ସେ ଆମ ପିଲାମାନଙ୍କୁ ତଥା ପରିବାରକୁ ଖୁବ୍ ଭଲ ପାଆନ୍ତି । ମୋ ସୁଖ ଦୁଃଖରେ ସେ ଅନେକ ସମୟରେ ସହଭାଗୀ ହୋଇଛନ୍ତି । ତାଙ୍କ ମଣିଷ ପଣିଆକୁ ମୁଁ ଖୁବ୍ ସମ୍ମାନ କରେ । ମୁଁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଥିବାବେଳେ ମୋ ସହିତ କିରାଣୀ ରୂପେ କାମ କରିଥିବା ରାମଚନ୍ଦ୍ର ପଣ୍ଡା, ପିଅନ ଭାବେ କାମ କରିଥିବା ନବ, ଆମ ବିଭାଗର ପିଅନ ଉମାଚରଣ ଦାଶ ଖୁବ୍ ଭଲ ମଣିଷ । ଆଉ ଜଣକ କଥା ନ କହିଲେ ଦୋଷୀ ଦୋଷୀ ଲାଗିବ । ସେ ଜଣକ ହେଲେ କିରାଣୀ ଅରୁଣ ରାଉତ- ଯିଏ ମୋତେ ଭଂଜ ବିହାରରେ ରିଡର ପୋଷ୍ଟରେ ଚାକିରି କରିବା ପାଇଁ ମୁଁ ରେଭେନ୍ସାରେ ଥିବାବେଳେ ଆବେଦନ ଫର୍ମ ପଠାଇଥିଲେ । ସେତେବେଳେ ସେ ଥିଲେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ବ୍ରହ୍ମପୁର ଆଞ୍ଚଳିକ ଶାଖାରେ କର୍ମରତ- ଯେଉଁଠି ଥିଲେ ମୋର ବଂଧୁ ମନସ୍ତତ୍ତ୍ୱ ଅଧ୍ୟାପକ ରେବତୀ ରମଣ ମହାପାତ୍ର ଡେପୁଟି ସେକ୍ରେଟେରୀ । ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ (୧୪/୪/୧୯୮୮ରୁ ୩୦.୯.୨୦୧୧) ସମୁଦାୟ ତେଇଶି ବର୍ଷ ପାଞ୍ଚମାସ ଷୋଳ ଦିନ ଥିଲି, ସବୁ କିଛି ମନେ ପକାଇ ଲେଖିବା କେବଳ କଷ୍ଟକର ନୁହେଁ, ବରଂ ଅସାଧ ସାଧନା । ମୁଁ ଆଉ କିଛି ପ୍ରସଙ୍ଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସଂପର୍କରେ ମୋର ସାଂସ୍କୃତିକ ଜୀବନ ଅଧ୍ୟାୟରେ ଲେଖିଛି । କେବଳ ଏତିକି କହିବି ଏ ସମୟରେ ଅନୁଭୂତି ସଂପର୍କରେ;

'ମୋ ପାଇଁ ଭଂଜ ବିହାର ସାଧନା ଓ ସଂଗ୍ରାମ ବିହାର
ପବିତ୍ର ବିଦ୍ୟାୟତନ, କର୍ମଭୂମି, ଜନ୍ମଭୂମି ପରି
ସହେ ଅଶେଷ ଯାତନା ଯେଉଁଠି ମୁଁ ଦେହ ଓ ମନରେ
ତଥାପି ଏ ଭୂମିକୁ ମୁଁ ସମ୍ମାନ କରେ, ଶ୍ରଦ୍ଧା କରେ,
ଆଲିଙ୍ଗନ କରେ, ସଂପର୍କରେ ପାଟଡୋରରେ ଭିଡ଼ିଧରେ ।
ଜୀବନ ଥିବା ଯାଏ ଏ ଭୂମି ମୋ ପାଇଁ ତୀର୍ଥଭୂମି
ଅବିସ୍ମରଣୀୟ, ସତ୍ୟ, ସତ୍ୟ, ସତ୍ୟ....'

ମୋର ଅବସର ଦିନଟି ଥିଲା ମୋ ପାଇଁ ଅତ୍ୟନ୍ତ ପ୍ରୀତିକର । ଗୋଟିଏ ସପ୍ତାହ ପୂର୍ବରୁ କ୍ୱାଟର୍ର ଛାଡି ଦେଇ ଅତିଥି ନିବାସରେ ରହୁଥାଏ । ଦଳଦଳ ହୋଇ ଛାତ୍ର,ଛାତ୍ରୀ,ଶିକ୍ଷକ, ପ୍ରିୟଜନ ଦେଖା କରିବାକୁ ଆସୁଥାନ୍ତି । ପ୍ରତିଦିନ ପରି ବିଭାଗ ଯାଇ

ପ୍ରଥମ ବର୍ଷ ଏମ୍.ଏ.ପିଲାଙ୍କ କ୍ଲାସ ନେଲି ଓ ତା'ପରେ ଦ୍ୱିତୀୟବର୍ଷ ପିଲାଙ୍କୁ ଯାଇ ତାଙ୍କ ସହ ଦଶମିନିଟ୍ କଟାଇଲି । ଅବସର ସଂକ୍ରାନ୍ତୀୟ କାଗଜ ପତ୍ରରେ ଦସ୍ତଖତ କଲି । ସେଦିନ ୩ଟାରେ ବିଶ୍ୱବିଦ୍ୟାଳୟ ସିନେଟ୍ ହଲରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋତେ ବିଦାୟ ସମ୍ବର୍ଦ୍ଧନା ଦେବାର ଆୟୋଜନ ହୋଇଥାଏ । ଏ ସଭାରେ ଥାଆନ୍ତି କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଚେୟାରମାନ ପ୍ରଫେସର ନିରଜକାନ୍ତି ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରଫେସର ଭବାନୀ ପ୍ରସାଦ ରଥ ପ୍ରମୁଖ । ସଭା ଆରମ୍ଭ ହେଲା । ମୋ ସଂପର୍କରେ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ପ୍ରଫେସର ସୁବାସ ଚନ୍ଦ୍ର ପାଢ଼ୀ, ପ୍ରଫେସର ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ଏତେ ଉତ୍ସାହ ଜନକ ବାକ୍ୟ କହିଥିଲେ ଯାହା ଶୁଣି ମୁଁ ଭାବପ୍ରବଣ ହୋଇ ପଡିଥିଲି । ତା'ପରେ କୁଳପତି ପ୍ରଫେସର ମହାପାତ୍ର କହିଥିଲେ; "ପ୍ରଫେସର କର ଓଡ଼ିଆ ବିଭାଗ ପାଇଁ ଯାହା କରିଛନ୍ତି, ଆମେ ତାଙ୍କୁ ବିଦାୟ ଦେବା ସପକ୍ଷରେ ଆଦୌ ନୋହୁ । ସେ ଆମ ସହିତ ଅଛନ୍ତି ଓ ଅବସର ପରେ ଯେଉଁଠି ରହିଲେ ମଧ୍ୟ ରହିବେ ।' ସତକୁ ସତ ସେ ମୋ ଅବସର ପରେ ଆଉ କିଛି ଦିନ ପିଲାଙ୍କୁ ପଢ଼ାଇବା ପାଇଁ ପୁନଃନିଯୁକ୍ତି ଦେଇଥିଲେ କିନ୍ତୁ ମୁଁ ତାହା ବ୍ୟକ୍ତିଗତ ଅସୁବିଧା ହେତୁ ଗ୍ରହଣ କରିନଥିଲି । ମୁଁ ଅବସର କାଳୀନ ସମ୍ବର୍ଦ୍ଧନାର ଉତ୍ତର ଦେଇ କହିଥିଲି; "ଏ ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୋର ଜୀବନର ଉତ୍ତରୋତ୍ତର ବିକାଶରେ ସହାୟତା କରିଛି । ଜୀବନରେ ମହତ୍ ଭାବନା ନେଇ ବଞ୍ଚିବା ପାଇଁ ଏ ଅନୁଷ୍ଠାନ ମୋତେ ଦେଇଛି ଶେଷହୀନ ପ୍ରେରଣା । ମୁଁ ଜୀଇଥିବା ଯାଏ ଓ ମୃତ୍ୟୁପରେ ସ୍ୱର୍ଗରେ ଥାଇ ସୁଦ୍ଧା ଏ ଅନୁଷ୍ଠାନର ମଙ୍ଗଳକାମନା କରିବି ।" ମୋତେ ମଧ୍ୟ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା ଓ ଲିଖିତ ଆକାରରେ ଏହାର ବିବରଣୀରେ ମୋ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରାଯାଇଥିଲା ।

ମୁଁ ବିଶ୍ୱବିଦ୍ୟାଳୟରୁ ଅବସର ନେଇ ଆସିବାର ଦୀର୍ଘଦିନପରେ ମାର୍ଚ୍ଚ ଶେଷ ସପ୍ତାହ ୨୦୧୨ରେ ବିଦାୟ ସମ୍ବର୍ଦ୍ଧନା ବିଭାଗପକ୍ଷରୁ ଦିଆଯାଇଥିଲା । ଶୁଣିଲି କେହି ଜଣେ ଶିକ୍ଷକ ମୋର ବିଦାୟ ସମ୍ବର୍ଦ୍ଧନା ସପକ୍ଷରେ ନଥିଲେ । ସଂପୃକ୍ତ ଶିକ୍ଷକ ସବୁବେଳେ ଏକ ବଶମ୍ବଦ ସୂଚକ ନିଶରଖି କୃତ୍ରିମ ସ୍ୱର ଲହରେଇ କଅଁଳ କଥା କହି ଆପଣାର ସ୍ୱାର୍ଥ ସାଧନ କରନ୍ତି । ଆବଶ୍ୟକ ସ୍ଥଳେ ଚରଣ ଧରନ୍ତି- ସ୍ୱାର୍ଥପାଇଁ ଚୁଟି ବି ଧରନ୍ତି । ସେ ମହାଶୟଙ୍କ ସଂପର୍କରେ ଆଉ ଅଧିକ ମନ୍ତବ୍ୟ ନିଷ୍ପ୍ରୟୋଜନ । ଯାହା ହେଉ ସେ ସମୟରେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସଦାନନ୍ଦ ନାୟକଙ୍କ ନେତୃତ୍ୱରେ ମହାସମାରୋହରେ

ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ କୁଳପତି, ଚେୟାରମାନ, ରେଜିଷ୍ଟ୍ରାର, ବିଭିନ୍ନ ବିଭାଗ ଶିକ୍ଷକମାନଙ୍କ ଉପସ୍ଥିତିରେ ମୋତେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏ ସମାରୋହରେ ମୋ ସ୍ତ୍ରୀକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ବିଭାଗ ପକ୍ଷରୁ, ପୁରୁଣା ଛାତ୍ର, ଛାତ୍ରୀ, ଗବେଷକଙ୍କ ପକ୍ଷରୁ, ପଢୁଥିବା ଛାତ୍ରଛାତ୍ରୀଙ୍କ ପକ୍ଷରୁ, ବିଭିନ୍ନ ଅନୁଷ୍ଠାନ ପ୍ରକ୍ଷରୁ ମୋତେ ପ୍ରାୟ ଲକ୍ଷେ ଟଙ୍କା ପାଖାପାଖି ମୂଲ୍ୟର ଉପଢ୍ୌକନ ବହୁବିଧ ସାମଗ୍ରୀ ଆକାରରେ ଦିଆଯାଇଥିଲା । ଭଞ୍ଜବିହାର ଓଡ଼ିଆ ବିଭାଗରେ ଏପରି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମୁଁ ଆଗରୁ କେବେ ଦେଖି ନଥିଲି । ଏ ସକାଶେ ମୁଁ ଓଡ଼ିଆ ବିଭାଗ ଓ ଏହାର ତଦାନୀନ୍ତନ ମୁଖ୍ୟ ଡକ୍ଟର ନାୟକଙ୍କ ପାଖରେ ଚିର କୃତଜ୍ଞ ।

ମୋର ଅବସରକାଳୀନ ସମ୍ବର୍ଦ୍ଧନା ଏତିକିରେ ସରିନଥିଲା । ମୋର କିଛି ବଂଧୁ ଓ କିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ଏକ ବିରାଟ ସମ୍ବର୍ଦ୍ଧନା ସଭା ଭାରତୀୟ ବିଦ୍ୟାଭବନ ପ୍ରକୋଷ୍ଠରେ ପବିତ୍ର ଗାନ୍ଧୀ ଜୟନ୍ତୀ, ଅକ୍ଟୋବର ଦୁଇ ୨୦୧୧ରେ ଆୟୋଜନ କରିଥିଲେ । ଏହି ସଭାରେ ପ୍ରଥିତ ଯଶା କବି ପଦ୍ମଭୂଷଣ ରମାକାନ୍ତ ରଥ, ଭାଷାବିଦ୍ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ ମୋର ଶିକ୍ଷକ ତଥା କବି ଫନୀ ମହାନ୍ତି, ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ମୋ ସମ୍ମାନାର୍ଥେ ଏକ ଅଭିନନ୍ଦନ ଗ୍ରନ୍ଥ ଡକ୍ଟର ନବକିଶୋର ମିଶ୍ର ଓ ଡକ୍ଟର ସୁରେଶ ଚନ୍ଦ୍ର ଦାଶଙ୍କ ସଂପାଦନାରେ ବାହାରିଥିଲା । ଏହି ସଭାରେ ବିଶିଷ୍ଟ ପ୍ରଫେସର ଶ୍ରୀନିବାସ ମିଶ୍ର, ପ୍ରଫେସର ଦାଶରଥି ଦାସ, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, କବି ପ୍ରମୋଦ କୁମାର ମହାନ୍ତି ଇତ୍ୟାଦି ବହୁ ବିଦ୍ୱାନ୍ ଲେଖକ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏପରି ଏକ ସଭା ଆୟୋଜନରେ ମୋର ଶ୍ରଦ୍ଧେୟ ଛାତ୍ର ଡକ୍ଟର ଭାସ୍କର ଚନ୍ଦ୍ର ମୁଦୁଲି, ଡକ୍ଟର ତାପସ ସାମନ୍ତରାୟ, ଡକ୍ଟର ଅନାଦି ଗାଁଣ, ଡକ୍ଟର ଚିତ୍ତ ମିଶ୍ର, ଡକ୍ଟର ବିଦ୍ୟୁତ୍‌ପ୍ରଭା ସାହୁ, ଡକ୍ଟର ପ୍ରସନ୍ନ ବିଷୋୟୀ, ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରି ଏବେ ପୁରୁଣା ଭୁବନେଶ୍ୱର କପିଳପ୍ରସାଦରେ ରହୁଛି । ଏବେ ସୁଦ୍ଧା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କିଛି ପୁରୁଣା ଛାତ୍ର, କର୍ମଚାରୀ, ଶିକ୍ଷକ, ବଂଧୁ ଭୁବନେଶ୍ୱର ଆସିଲେ ମୋ ଆଡ଼େ ଟିକେ ମାଡି ଆସନ୍ତି । ଅବସର ପରେ ମୋର ଗବେଷଣା ଛାତ୍ରଙ୍କ ପିଏଚ୍.ଡି.ସାକ୍ଷାତ୍‌କାର କାମରେ ମୁଁ ଚାରିଥର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଲିଣି । ବିଭାଗ ବଢ଼ିଲାଣି । କେତେକ ଆସି ନପାରିଲେ ବି ଫୋନ୍‌ରେ ଆଳାପ ଆଲୋଚନା କରନ୍ତି । ମାସକୁ ମାସ ଠିକ୍ ସମୟରେ ପେନ୍‌ସନ୍

ଦେଉଛନ୍ତି । ଯାହା ଜଣେ ଶିକ୍ଷକ ବିଶ୍ୱବିଦ୍ୟାଳୟରୁ ପାଇବା ପାଇଁ ଇଚ୍ଛା ପୋଷଣ କରେ, ମୋତେ ସବୁକିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦେଇଛି । ମୋର ଜୀବନ ପାତ୍ରକୁ ହସିଲା ପୁରିଲା କରିଛି ଏ ଅନୁଷ୍ଠାନ । ତେଣୁ ମୁଁ ବଞ୍ଚିଥିବା ଯାଏ ଏହାର ଶୁଭଚିନ୍ତା କରିବି ଓ ଏ ଅନୁଷ୍ଠାନର ବନ୍ଦନା ଗାଇବି । ଏଠି ଥିବାବେଳେ ଯିଏ ଯେତେ ସ୍ତବ କରିଥିଲେ ବା ଲାଞ୍ଛନା ଦେଇଥିଲେ ସେସବୁର ଊର୍ଦ୍ଧ୍ୱକୁ ମୁଁ ଚାଲିଗଲିଣି । ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ବଂଚିବା ମଣିଷର ଧର୍ମ, ସେସବୁ ମୁଁ ଅଭ୍ୟାସ କରି ପାରିଛି ବିଶ୍ୱବିଦ୍ୟାଳୟରେ ଚାକିରି କରି । ଭଂଜବିହାରରେ କର୍ମଜୀବନର ଅସରନ୍ତି କାହାଣୀକୁ ଅନିଚ୍ଛାକୃତ ଭାବେ ଏଇଠି ମୁଣ୍ଡି ମାରୁଛି । ଭଂଜ ବିହାରକୁ ନମସ୍କାର, ଦଣ୍ଡବତ, ପ୍ରଣାମ, ଓଳିକି ଜଣାଇ ରହୁଛି ।



ମୋ ସାଂସ୍କୃତିକ ଜୀବନ

କୌଣସି ଏକ ବୃହତ୍ତର ପରିସରରେ ମଣିଷର ସ୍ୱେଚ୍ଛାକୃତ ଜୀବନଗତ ଚଳଣି ଓ ରୁଚିନିଷ୍ଠ ଆଚାର-ବିଚାର ହେଉଛି 'ସଂସ୍କୃତି', ଯାହା ଜୀବନର ସମବାଚୀ, ଜୀବନ ପରି ବ୍ୟାପକ, ଏହାର ବାହ୍ୟ ରୂପ ଯେତିକି ପ୍ରସାରଣଶୀଳ, ଏହାର ଅନ୍ତଃସ୍ୱର ସେତିକି ସୁଗଭୀର । ଏହା ସବୁବେଳେ ବିଶ୍ୱ ସହିତ, ଦେଶ ସହିତ, ଜାତି ସହିତ, ନିର୍ଦ୍ଦିଷ୍ଟ ମଣିଷ ସମାଜ ସହିତ, ଏପରିକି ପ୍ରସିଦ୍ଧ ବ୍ୟକ୍ତି ବିଶେଷ ସହିତ ଜଡ଼ିତ ହୋଇଥାଏ, ବେଳେ ବେଳେ ଧର୍ମ ସହିତ ବି ଏହା ସମ୍ବନ୍ଧାନ୍ୱିତ ହୋଇଥାଏ । ଯେମିତି କୁହାଯାଏ ଭାରତୀୟ ସଂସ୍କୃତି, ହିନ୍ଦୁ ସଂସ୍କୃତି, ବୈଦିକ ସଂସ୍କୃତି, ମହେଞ୍ଜୋଦାର ସଂସ୍କୃତି, ଗାନ୍ଧୀ ପରିବାରର ସଂସ୍କୃତି, ମାର୍କିନ ସଂସ୍କୃତି ଇତ୍ୟାଦି । ଆଧୁନିକ ବିଜ୍ଞାନ ଓ ବୈଷୟିକ ଯୁଗରେ ସଂସ୍କୃତିର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । କାରଣ ବିଜ୍ଞାନ ଓ ବୈଷୟିକ ସଭ୍ୟତା ମଣିଷର ଜଡ଼ ପ୍ରବୃତ୍ତି ଓ ବ୍ୟାବହାରିକ ଦିଗକୁ ଗୁରୁତ୍ୱ ଦେଉଥିବା ବେଳେ ସଂସ୍କୃତି ମଣିଷର ମାନବିକ ସମ୍ବେଦନା ଓ ଅନ୍ତଃ ପ୍ରକୃତିକୁ ନେଇ ଚର୍ଚ୍ଚାକରେ । ପ୍ରତ୍ୟେକ ମଣିଷ ଯେତେ ବାହ୍ୟ ଶକ୍ତି ପ୍ରସଙ୍ଗ କହୁଥିଲେ ସୁଦ୍ଧା ସଭିଏଁ ଗୋଟିଏ ପର୍ଯ୍ୟାୟରେ ସଂସ୍କୃତି‌ି ମୁଗ୍ଧ ବନ୍ଦାପନା କରନ୍ତି, ଜୀବନର ସୁଖ-ଦୁଃଖ, ଅଶ୍ରୁ-ପୁଲକ ଭିତରେ ସଂସ୍କୃତିକୁ ନେଇ ବଞ୍ଚନ୍ତି । ସମୟର ଭାବ ପ୍ରବାହ ସହିତ ଅନନ୍ତକାଳକୁ ସଂସ୍କୃତି ସାମ୍ନା କରେ, ଆତ୍ମ ସଂଯମର ସଫଳ ଅଭ୍ୟାସ ରୂପେ ସଂସ୍କୃତି ଦିବ୍ୟ ମାର୍ଗରେ ହୁଏ ଜୀବନର ତପସ୍ୟା । ଏ ସଂପର୍କରେ ପ୍ରଫେସର ଭି.କେ. ଗୋକକଙ୍କ ମନ୍ତବ୍ୟ ତାତ୍ପର୍ଯ୍ୟ ପୂର୍ଣ୍ଣ । ସେ କହନ୍ତି; "Culture implies an integrated personality and neither time nor eternity can left out of it. The cultured man reconciles the universal with the partcular and the Claims of time with the claims of eternity (India and world culture-(1994)- Sahitya Akademi New Delhi-Page -5) ମଣିଷ ମାତ୍ରେ ସଂସ୍କୃତି ସଚେତନ, ସେ ଜୀବନ ତମାମ ଏକ ସାଂସ୍କୃତିକ ପରିବେଶ ଭିତରେ ବଞ୍ଚେ । କେତେକ ସଂସ୍କୃତି ସହ ଓତପ୍ରୋତ ଜଡ଼ିତ ହୋଇବଞ୍ଚନ୍ତି, ଆଉ କେତେକ ଏହାକୁ ଶିଥିଳ ଭାବେ ଗ୍ରହଣ କରନ୍ତି । ନିଜକୁ ଜାଣିବା,ଯାହାକୁ ଆମେ କହୁ 'ତତ୍ତ୍ୱମସୀ' ସହିତ ସାଧାରଣ ନାଚ, ଗୀତ, ଥିଏଟର, ସିନେମା ଇତ୍ୟାଦିକୁ ଆମ ସଂସ୍କୃତିର ଅଙ୍ଗୀଭୂତ ଭାବେ ଆମେ ଗ୍ରହଣ କରୁ । ଏସବୁ ଭିତରେ ସଂସ୍କୃତି ବଞ୍ଚେ, ଚିନ୍ତାଶୀଳ ମଣିଷ ଆମ

'ତତ୍ତ୍ୱମସୀ' ବ୍ୟାପାରରେ ସଚେତନ ରହି ସୁଗଭୀର ଅଧ୍ୟୟନ କରେ, ନିଜକୁ ପରିପାର୍ଶ୍ୱ ବିଶ୍ୱକୁ ଜାଣିବା ପାଇଁ ଚେଷ୍ଟା କରେ, ଆଉ କେତେକ ମନୋରଂଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଫାଇଦା ନେଇ ସାଂସ୍କୃତିକ ମଣିଷ ରୂପେ ଗଣ୍ୟ ହୁଅନ୍ତି । ଆଇ କେତେକ ମଧ୍ୟମ ପନ୍ଥାରେ ସଂସ୍କୃତି ସଚେତନ ହୋଇ ପଢନ୍ତି, ଲେଖନ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନିଜକୁ ସାମିଲ କରି କୃତାର୍ଥ ହୁଅନ୍ତି । ଏମିତି ମଧ୍ୟମ ପନ୍ଥାରେ ସାଂସ୍କୃତିକ ଜୀବନ ବିତାଉଥିବା ମଣିଷ ସର୍ବାଧିକ । ମୋର ମନେହୁଏ ମୁଁ ଏଇ ମଧ୍ୟମ ମାର୍ଗରେ ସାଂସ୍କୃତିକ ଜୀବନ ଅତିବାହିତ କରିଛି ।

ମୁଁ ପିଲାବେଳୁ ଯେଉଁ ପରିବାରରେ ବଢ଼ିଥିଲି, ସେ ପରିବାରର ଏକ ସଂସ୍କୃତି ଥିଲା । ମୋର ପରିବାର ଆଖପାଖ ଅଞ୍ଚଳରେ କର ପରିବାରର ପ୍ରସିଦ୍ଧ ଦାୟାଦ ବାବନ କର ଘର ନାମରେ ବିଖ୍ୟାତ ଥିଲା । ଆମର ସେସମୟରେ ଅର୍ଥାତ୍ ବ୍ରିଟିଶ ଶାସନକାଳରେ କ୍ଷୁଦ୍ର ଜମିଦାରଟିଏ ଥିଲା, ଗାଈ ଗୋଠ, ପ୍ରାୟ ଶହେ ହେବ ଗାଈ ଥିଲେ, ଚାରି ହଳ ବଳଦ ଥିଲା, ପ୍ରଚୁର ଭୂସଂପତ୍ତି ଥିଲା । ଘରେ ମୋର ଥିଲେ ଅବିଭକ୍ତ ପରିବାରରେ ଚାରି ଜେଜେବାପା, କେବଳ ମୋ ଜେଜେଙ୍କର ଥିଲା ଦୁଇ ପୁଅ- ଆଉ ସମସ୍ତଙ୍କର ଝିଅ । ମୋ ପିତା ଅନାଥ ଥିଲେ ଶୁଦ୍ଧପୂତ ନୈଷ୍ଠିକ ବ୍ରାହ୍ମଣ, ଯିଏ ଦୈନିକ ଚାରିଘଣ୍ଟା ସେବାପୂଜା କରନ୍ତି, ଲଳିତ କଣ୍ଠରେ ବେଦମନ୍ତ୍ର ଉଚ୍ଚାରଣ କରନ୍ତି । ମୁଣ୍ଡରେ ଚନ୍ଦନ, ଲଲାଟରେ, ବାହୁରେ ଚିତା, ପ୍ରତ୍ୟହ ଯଜ୍ଞକର୍ମ ପୂର୍ବକ ସେ ଭୋଜନ କରନ୍ତି, ଦାନ-ଧର୍ମ କରନ୍ତି, ମାତ୍ର ସେ ବତିଶବର୍ଷ ବଞ୍ଚିଥିଲେ । ସମସ୍ତେ ଗାଁରେ ବୟସ୍କ ଲୋକ ଏବେ ସୁଦ୍ଧା କହନ୍ତି ଅନାଥର ସୁକୃତରୁ ଓ ତା'ର ଶୁଦ୍ଧପୂତ ଆଚରଣ ତଥା ସେବାଧର୍ମରୁ ତା' ପିଲାମାନେ ଈଶ୍ୱରଙ୍କ ଆଶିଷ ଲାଭ କରି ଭଲରେ ଅଛନ୍ତି । ମୋର ବଡ଼ ବାପା ନରସିଂହ ଥିଲେ ଗାଁର ଅଳ୍ପ କେତେ କିଲୋମିଟର ଦୂରରେ ଅବସ୍ଥିତ ଚଇନିପୁର ମଠରେ ମହନ୍ତ । ଗୌଡ଼ୀୟ ବୈଷ୍ଣବ ଧର୍ମର ରୀତି ନୀତିରେ ସେଠି ଠାକୁର ନିତାଇ- ଗୌର ପୂଜା ପାଆନ୍ତି । ମୁଁ ଓ ମୋ ପରିବାର ଅନେକ ପରିମାଣରେ ବୈଷ୍ଣବ ସଂସ୍କୃତି ଦ୍ୱାରା ଅନୁପ୍ରାଣିତ । ପିଲାବେଳୁ ଆମର ବାପା ମରି ଯାଇଥିବାରୁ ଆମକୁ ମହନ୍ତ ବାପା ଯେକି ବଡ଼ବାପା ସେ ଗୃହସ୍ଥ ନ ହୋଇ ସୁଦ୍ଧା, ପଢ଼ାପଢ଼ିରେ କିଛି କିଛି ଆର୍ଥିକ ସହଯୋଗ କରୁଥିଲେ । ତାଙ୍କର ଇଂରାଜୀ ଓ ସଂସ୍କୃତ ଜ୍ଞାନ ଖୁବ୍ ଭଲ ଥିଲା । ଆମେ ତାଙ୍କର ନିବିଡ ସଂପର୍କରେ ଆସିବା ଦ୍ୱାରା ତାଙ୍କଠାରୁ ମଠ ସଂସ୍କୃତି, ବୈଷ୍ଣବୀୟ ବିଚାର ଧାରା ବାବଦରେ ବହୁକଥା ଜାଣିଥିଲୁ । ସତ କହିବାକୁ ଗଲେ ଆମେ ପୂର୍ଣ୍ଣମାତ୍ରାରେ ମୋ ବୋଉର ସାଂସ୍କୃତିକ ଜୀବନ ଦ୍ୱାରା

ନିୟନ୍ତ୍ରିତ । ବିଛଣାରୁ ସକାଳୁ ଉଠିବା, ପ୍ରାତଃ ସ୍ନାନ କରିବା, ଦିଅଁ ପୂଜା କରିବା ଥିଲା ଆମର ଅସ୍ଥିମଜ୍ଜାଗତ । ମୋ ବୋଉ ଗାଧୋଇ ସାରି ପ୍ରତିଦିନ ଗାଁର ମଙ୍ଗଳା ମନ୍ଦିରକୁ ଯାଏ, ସେଠି ଥିବା ବର-ଅଶ୍ୱତ୍ଥ ଗଛରେ ପାଣିଦିଏ, ଗାଈ, ମୁଖରେ କେରାଏ ଦୁବଘାସ ଦିଏ, ତା'ପରେ ଘରେ ଚାଲେ ଶାଳଗ୍ରାମ ଓ ଅନ୍ୟାନ୍ୟ ଦିଅଁ ଉପାସନା, ସେଇଠୁ କାମ ସାରି ଦିଅଁଙ୍କୁ ସମର୍ପଣ କରି ଯାହା ଖାଇବା ପିଇବା ହୁଏ । ସନ୍ଧ୍ୟାରେ ଧୂପ, ଦୀପ ପରେ ଦିଅଁପୂଜା, ଆଧ୍ୟାତ୍ମିକ ସଂଗୀତ ଗାନ ଘରେ ନିୟମିତ ମୋ ବୋଉ ଦ୍ୱାରା ସଂପନ୍ନ ହୁଏ । ବୋଉ ଆମକୁ ପିଲାବେଳୁ ଦିଅଁଙ୍କ ସ୍ତବ ସ୍ତୁତି, ଓଡ଼ିଆ ଭାଗବତ ସହ ଅନ୍ୟାନ୍ୟ ପୁରାଣ ପଢ଼ାରେ ଅଭ୍ୟସ୍ତ କରିଥିଲା । ଏ ଦିଗରେ ଆମ ଭାଇ ଭଉଣୀ ତିନିଜଣଙ୍କ ମଧ୍ୟରେ ମୋ ଗୌରୀନାନୀ ସର୍ବାଗ୍ରେ ଥିଲା । ଏବେ ବି ତା'ର ମୁହେଁ ମୁହେଁ ଭାଗବତର ପ୍ରସିଦ୍ଧ ଧାଡି ଟିକେ କଥାରେ କହି ହୋଇଯାଏ ।

ଏତ ଗଲା ପିଲାଦିନ କଥା । ସ୍କୁଲରେ ପଢ଼ିବା ବେଳେ ଆମେ ଛୁଆଁ-ଅଛୁଆଁ ଭେଦ ଭାବରୁ ଉର୍ଦ୍ଧ୍ୱରେ ଥିଲୁ । ଗାଁରେ ସ୍କୁଲରେ ଆମେ ହିନ୍ଦୁ- ଖ୍ରୀଷ୍ଟିୟାନ-ଅନୁସୂଚିତ ଜାତିର ପିଲାମାନେ ଏକାଠି ବସି ପଢୁ । ଆମ ଗାଁ ଏକ ଖ୍ରୀଷ୍ଟିୟାନ ଗାଁ ଭାବରେ ଭାରତ ପ୍ରସିଦ୍ଧ । ଏ ଗାଁରେ ମହା ସମାରୋହରେ ଖ୍ରୀଷ୍ଟୀୟ ସଂପ୍ରଦାୟ ଦ୍ୱାରା ନୂଆବର୍ଷ, ବଡ଼ଦିନ, ଗୁଡ଼ ଫ୍ରାଇଡ଼େ , ଇଷ୍ଟର ମନ୍‌ଡ଼େ ପ୍ରଭୃତି ପାଳନ କରାଯାଏ । ଆମ ଗାଁର ହିନ୍ଦୁ ପିଲାଏ ଏଥିରେ ଅଂଶ ଗ୍ରହଣ କରନ୍ତି । ସେହିପରି ରଜପର୍ବ, ଦୋଳପର୍ବରେ ସେମାନେ ହିନ୍ଦୁ ଉତ୍ସବରେ ମାତନ୍ତି । ଏ ହେଉଛି ଆମ ଗାଁର ଧର୍ମଗତ ବିଭିନ୍ନତା ସତ୍ତ୍ୱେ ସାଂସ୍କୃତିକ ଏକତା, ଯାହା ପାଇଁ ଖଣ୍ଡିତର ଗାଁର ଖ୍ୟାତି ରହିଛି । ଗାଁ ସ୍କୁଲରେ ଆମର ମଧ୍ୟ ଜଣେ ଖ୍ରୀଷ୍ଟିୟାନ ଦିଦି ଥିଲେ- ଯାହାଙ୍କ ସ୍ୱାମୀ ଏକ ଦାତବ୍ୟ ଚିକିତ୍ସାଳୟ ଗାଁରେ କରିଥିଲେ । ପିଲାବେଳେ ଗ୍ରାମ୍ୟ ସଂସ୍କୃତିର ଭାଇଚାରା, ସର୍ବଧର୍ମ ସମନ୍ୱୟ ଭାବ, ଆଦର୍ଶବାଦୀ କର୍ମ ସଂସ୍କୃତି, ନୀତିନିଷ୍ଠ ଜୀବନ ଆମକୁ ନିୟନ୍ତ୍ରଣ କରୁଥିଲା ।

ମୁଁ ୧୯୬୪ ମସିହାରେ ଯାଜପୁର ହାଇସ୍କୁଲରେ ପଢ଼ିବାବେଳେ ମୋର ସାଂସ୍କୃତିକ ଜୀବନ ଭିନ୍ନ ମୋଡ଼ ନେଇଥିଲା । ଏହାର ଉତ୍ତୁଙ୍ଗ କୋଠାବାଡି, ଶିକ୍ଷକମାନଙ୍କର ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଯାପନ ପ୍ରଣାଳୀ, ଏହାର ଐତିହ୍ୟ, ବୃହତ୍ ଖେଳପଡିଆ, ଶ୍ରେଣୀ ଗୃହର ସାଜସଜ୍ଜା, ପ୍ରାର୍ଥନା ସଭା ଆଦି ମୋ ମନରେ ଭାବାନ୍ତର ସୃଷ୍ଟି କରିବା ସହିତ ସଂସ୍କୃତିର ବର୍ଣ୍ଣବିଭା ସଂପର୍କରେ ସମ୍ୟକ୍ ଧାରଣା ମୋତେ ଦେଇଥିଲା । ବିଶେଷ କରି ଯାଜପୁର ହାଇସ୍କୁଲର ବାର୍ଷିକ ସାଂସ୍କୃତିକ ସପ୍ତାହ ଥିଲା ଅନୁଷ୍ଠାନର ବିଶେଷ ଆକର୍ଷଣ ।

ବିଶ୍ୱବିଦ୍ୟାଳୟର କୁଳପତି, ଡି.ପି.ଆଇ, ମାନ୍ୟଗଣ୍ୟ ଅତିଥି, ପ୍ରସିଦ୍ଧ ଲେଖକ, ଜନନାୟକ, ଶିକ୍ଷାବିଦ୍‌ମାନଙ୍କୁ ଏ ମଞ୍ଚରେ ଦେଖିବାକୁ ମିଳୁଥିଲା । ମୁଁ ଏହି ସମୟରେ ତରୁଣ ଛାତ୍ରଟିଏ ଥିଲେ ସୁଦ୍ଧା ଏହି କାର୍ଯ୍ୟକ୍ରମ ଦେଖିବା, ସ୍ୱେଚ୍ଛାସେବୀ ଛାତ୍ର ଭାବେ ଅତିଥିମାନଙ୍କ ସେବା ସତ୍କାର କରିବାରେ ମୁଁ ମାତି ଯାଉଥିଲି । କୌଣସି ଫଳାକାଂକ୍ଷା ନରଖି ଆମ ସଂସ୍କୃତିର ସୁପୁରୁଷମାନଙ୍କୁ ଦେଖିବା, ଶୁଣିବା, ସେମାନଙ୍କ ବକ୍ତବ୍ୟକୁ ଅନୁକରଣ କରିବାରେ ମୁଁ ଅଶେଷ ଶାନ୍ତି ଅନୁଭବ କରୁଥିଲି । ପୁଣି ଏ ଉତ୍ସବରେ ଛାତ୍ରମାନେ ଡ୍ରାମା କରିବା, ନାଚିବା, ସଂଗୀତଗାନ କରି ସେମାନଙ୍କ ସଂସ୍କୃତି ପ୍ରୀତିର ଦେଉଥିଲେ ପରିଚୟ । ଏ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରମାନେ ଯିଏ କୃତିତ୍ୱ ଅର୍ଜିଥାନ୍ତି, ସେଇମାନଙ୍କୁ ପୁରସ୍କୃତ କରାଯାଏ । ମୁଁ ଏକାଧିକ ବାର ପ୍ରବଂଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତାକାର୍ଯ୍ୟ ହୋଇ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଛି । ଯାଜପୁର ହାଇସ୍କୁଲରେ ପଢିବା ବେଳେ ସେଠି କଚେରୀ, ଉପଜିଲ୍ଲାପାଳଙ୍କ ହତାରେ ଥିବା ବୃହତ୍ ବିରଳ ମୂର୍ତ୍ତି ଦେଖିବାର ସୁଯୋଗ ଆମେ ମାନେ ପାଉଥିଲୁ- ଯହିଁରେ ଯାଜପୁରର ପ୍ରାଚୀନ ସଂସ୍କୃତି ଓ ପ୍ରତ୍ନତାତ୍ତ୍ୱିକ ଅବଶେଷର ନିଦର୍ଶନ ରହିଛି । ଏଗୁଡ଼ିକୁ ଦେଖି ଯାଜପୁର ଯେ ସର୍ବଭାରତୀୟ ସ୍ତରରେ ଏକ ପୁଣ୍ୟପୀଠ ଥିଲା, ଏହାର କୀର୍ତ୍ତି ଭାସ୍ୱର ଆଲେଖ୍ୟ ଯେ ସମସ୍ତଙ୍କୁ ମୁଗ୍ଧ କରିଥିଲା- ଏହା ସହଜରେ ଜାଣିହୁଏ । ମୁଁ ଯାଜପୁର ହାଇସ୍କୁଲରେ ପଢ଼ିବାବେଳେ ଟାଉନରେ ଅନେକ ସାହିତ୍ୟ ସଭା ହେଉଥିଲା । ଯଥା; ଅଭିମନ୍ୟୁ ଜୟନ୍ତୀ, କାମପାଳ ମିଶ୍ର ଜୟନ୍ତୀ ପ୍ରଭୃତି । ଏହି ସଭାସବୁ ଆୟୋଜନ କରୁଥିଲେ ଓକିଲ ଚନ୍ଦ୍ରମଣି ପଣ୍ଡା ଓ ସାମ୍ବାଦିକ ଆନନ୍ଦ ବିହାରୀ ବର୍ମା । ଏଥି ସହିତ ଏଠାରେ ସଂଗୀତ ଆସର କେତେକ ବ୍ୟକ୍ତି ବିଶେଷଙ୍କ ଉଦ୍ୟମରେ ହେଉଥିଲା । ମୋପରି କେତେକ ତରୁଣ ଛାତ୍ର ଏ ଆସରରେ ସାମିଲ ହେଉଥିଲେ । ମୁଁ ତରୁଣ ବୟସରୁ କେମିତି ପୂଜ୍ୟପୂଜା କରିବାକୁ ହୁଏ, ପ୍ରତିଭାଶାଳୀ କବିମାନଙ୍କ ସ୍ମୃତିଚାରଣ କରିବାକୁ ହୁଏ, ସଭାସମିତି କେମିତି କରିବାକୁ ହୁଏ, ଏସବୁ ଶିଖିଛି । ସେତେବେଳେ ଯାଜପୁର ଟାଉନ ହଲ୍‌ରେ ଏକ ଭଲ ଲାଇବ୍ରେରୀ ମଧ୍ୟ ଥିଲା, ଯେଉଁଠି ଯୁବକମାନେ ବହୁସଂଖ୍ୟାରେ ବସି ଗ୍ରନ୍ଥ ଅଧ୍ୟୟନ କରୁଥିଲେ । ଏସବୁଥିରୁ ମୁଁ ସାଂସ୍କୃତିକ ଜୀବନ କ'ଣ ଓ କିପରି ଜାଣି ପାରିଛି । ପ୍ରତିଭା ପ୍ରତି ସମ୍ମାନ, ବୀରପୂଜା, ସର୍ବସାଧାରଣଙ୍କୁ ପ୍ରତିଭାମୁଖୀ କରିବାର ପ୍ରେରଣା ଭିତରେ ସଂସ୍କୃତିର ସ୍ୱରୂପ ବିଦ୍ୟମାନ । ନାନା ପ୍ରତିକୂଳ ପରିସ୍ଥିତି ଭିତରେ, ଘାତ-ପ୍ରତିଘାତ ଭିତରେ, ଆହ୍ୱାନ-ପ୍ରତି ଆହ୍ୱାନ ଭିତରେ ପ୍ରତିଭାଶାଳୀ ମଣିଷର ସାଧନା ଯେ ବିକାଶ ପଥରେ ତାକୁ ନେଇଥାଏ, ଏହା

ଏକାନ୍ତ ସତ୍ୟ । ଏସବୁ ପ୍ରସଙ୍ଗ ସାଧାରଣତଃ ଯାଜପୁରର ମାନ୍ୟଗଣ୍ୟ ବ୍ୟକ୍ତି ଓ ବାହାରୁ ଆସୁଥିବା ଅତିଥିମାନେ ସେତେବେଳେ ସଭାରେ ବୁଝାଇ କହୁଥିଲେ । ସେ ସମୟରେ ସଭା କରି ଖବରକାଗଜରେ ନାଁ ବାହାର କରି ଆପଣାକୁ ବିଜ୍ଞପିତ କରିବା ବ୍ୟାଧି ନା ଥିଲା ସଭା ଉଦ୍ୟୋକ୍ତା ମାନଙ୍କର ନା ଥିଲା ଅତିଥିମାନଙ୍କର । ଶ୍ରୋତା ପ୍ରାୟ ସବୁ ଥିଲେ ତରୁଣ ବର୍ଗ- ସ୍କୁଲ, କଲେଜ ଛାତ୍ରଛାତ୍ରୀ । ସେତେବେଳେ ଆଜିକାଲି ପରି ଶ୍ରୋତାମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କିମ୍ବା ଭୋଜନ ବ୍ୟବସ୍ଥା ନଥିଲା । ଏ ସତ୍ତ୍ୱେ ସଭାରେ ସେ ସମୟରେ ଶ୍ରୋତାଙ୍କ ଉପସ୍ଥାନ ଖୁବ୍ ଭଲ ଥିଲା ।

ମୁଁ ଯାଜପୁର ହାଇସ୍କୁଲ ଛାଡ଼ି ୧୯୬୮ ମସିହାରେ ଯାଜପୁରର ଏନ୍.ସି.କଲେଜରେ ପଢିଲି । କଲେଜରେ ପଢ଼ିବା ବେଳେ କଲେଜରେ ବିତର୍କ, ପ୍ରବଂଧ, କବିତା ଆଦି ପ୍ରତିଯୋଗିତା ମାନ ସବୁବର୍ଷ ହେଉଥିଲା । ଏଥିରେ ମୁଁ ନିୟମିତ ଭାଗ ନେଉଥିଲି ଓ ବହୁବାର ପୁରସ୍କୃତ ମଧ୍ୟ ହୋଇଥିଲି । କଲେଜରେ ମଧ୍ୟ ବଡ଼ ଆକାରରେ ସଙ୍ଗୀତ ପ୍ରତିଯୋଗିତା ହୁଏ । ମୁଁ କେବେହେଲେ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜି ପୁରସ୍କାର ପାଇନାହିଁ କିନ୍ତୁ ମୁଁ ସବୁବେଳେ ଓଡ଼ିଆ ଭାଗବତ, ଛାନ୍ଦ, ଚଉପଦୀ ପ୍ରତିଯୋଗିତାରେ ଭାଗ ନେଇ ବୋଲୁଥିଲି । ଓଡ଼ିଆ ଭାଗବତ ମୁଁ ଥରେ ସ୍ୱର ଦେଇ ବୋଲିବା ବେଳେ ପ୍ରେକ୍ଷାଳୟରେ ହୋ-ହଲ୍ଲା ହୋଇଥିଲା କିନ୍ତୁ ସେସବୁକୁ ଭ୍ରୂକ୍ଷେପ ନ କରି ବୋଲିଥିଲି । ଆଜି ମୋତେ ଖୁସି ଲାଗୁଛି କ୍ଲାସିକ ଧର୍ମୀ ସଂଗୀତ ରୂପେ ଭାଗବତ, ଛାନ୍ଦ, ଚଉପଦୀ ରେକର୍ଡ ହୋଇ ବାଜିବା ସହିତ ସାଧାରଣରେ ଜନପ୍ରିୟତା ହାସଲ କରିଛି । ମୁଁ ପଢ଼ିବା ସମୟରେ ଆଉ ଏକ ଉଲ୍ଲେଖନୀୟ ବିଷୟ ହେଲା କଲେଜ ତରଫରୁ 'ଦର୍ଶନ' ନାମରେ ଏକ ପ୍ରାଚୀର ପତ୍ର ବାହାରୁଥିଲା । ଏହି ପତ୍ରିକାଟିକୁ ଆମୂଳାନ୍ତ ମୁଁ ନିଜ ହସ୍ତାକ୍ଷରରେ ଲେଖୁଥିଲି । ଏଥିରେ ଛାତ୍ର ଶିକ୍ଷକମାନଙ୍କ ଲେଖା ସହିତ ସାହିତ୍ୟ ସମ୍ବାଦ, ଚର୍ଚ୍ଚିତ ସାହିତ୍ୟିକ କୃତିତ୍ୱ ଓ ବ୍ୟକ୍ତିତ୍ୱ ସଂପର୍କରେ ବହୁ କଥା ବାହାରୁଥିଲା । ଏ ପ୍ରାଚୀର ପତ୍ରିକାଟି ସେତେବେଳେ କଲେଜରେ ସଭିଙ୍କ ଆଦର ଲାଭ କରିଥିଲା । ମୁଁ ପଢ଼ିବା ବେଳେ ବି.ଏ. ଶେଷବର୍ଷ ଓଡ଼ିଆ ସାହିତ୍ୟ ସମାଜର ସଂପାଦକ ହୋଇଥିଲି । ଏହି ୧୯୭୨-୭୩ ବର୍ଷ ସମାଜର କିଛି ଆଖି ଦୃଶିଆ କାର୍ଯ୍ୟ ହୋଇଥିଲା । 'ସମକାଳୀନ ଓଡ଼ିଆ ସାହିତ୍ୟରେ ନୂତନତା' ଶୀର୍ଷକ ଏକ ସେମିନାର ଥିଲା ସମାଜର ଏକ ଉଲ୍ଲେଖନୀୟ ଆଲୋଚନା ଚକ୍ର । ଏହି ସେମିନାରକୁ ଡକ୍ଟର କୃଷ୍ଣପ୍ରସାଦ ମିଶ୍ର, ଡକ୍ଟର କୃଷ୍ଣଚରଣ ସାହୁ, ଡକ୍ଟର ନିତ୍ୟାନନ୍ଦ ଶତପଥୀ ପ୍ରମୁଖ ଅତିଥି ଭାବେ ଆସିଥିଲେ । ସେମିନାରରେ

ପଠିତ ଲେଖାଗୁଡ଼ିକ 'ନବଦୂର୍ବା' ନାମକ ସମାଜର ବାର୍ଷିକ ସ୍ମରଣିକାରେ ପତ୍ରସ୍ଥ ହୋଇଥିଲା । ଏହି ଲେଖାଗୁଡ଼ିକର ମାନ ଏତେ ଉନ୍ନତ ଥିଲା ଯାହା ପରବର୍ତ୍ତୀ କାଳରେ ଅନେକ ଗବେଷକଙ୍କ ଲେଖାରେ ସହାୟତା କରିଥିଲା । ଓଡ଼ିଆ ସାହିତ୍ୟ ସମାଜ ତରଫରୁ କବି ମାଧବଚନ୍ଦ୍ର ମିଶ୍ର, କବି ନୀଳମଣି ମିଶ୍ର, ନାରୀ କବି ନିର୍ମଳା ଦେବୀ, ବ୍ୟଙ୍ଗ ଲେଖକ ଚନ୍ଦ୍ରମଣି ପଣ୍ଡା ଓ କଥାକାର ଅଚ୍ୟୁତାନନ୍ଦ ପତିଙ୍କୁ ମାନପତ୍ର ଅଙ୍ଗବସ୍ତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ କବିତା ପାଠୋତ୍ସବର ଆୟୋଜନ ମଧ୍ୟ ହୋଇଥିଲା । ସେ ସମୟରେ ମୋତେ ଏ କାର୍ଯ୍ୟରେ ଘନ ପରିଡ଼ା- ଯେକି ଏବେ ବିଶିଷ୍ଟ ସାମ୍ବାଦିକ ଓ ପ୍ରାବନ୍ଧିକ ଅନେକାଂଶରେ ସହଯୋଗର ହାତ ବଢ଼ାଇଥିଲେ । ମୁଁ ବି.ଏ ଅଧ୍ୟୟନ କାଳରେ ସଂପୂର୍ଣ୍ଣ ଭାବେ ସାରସ୍ୱତ କାର୍ଯ୍ୟକ୍ରମରେ ମାତି ଯାଇଥିଲି- ଏତିକି ବେଳେ ମୋର କେତେକ ଲେଖା 'ଆସନ୍ତାକାଲି', 'ସହକାର', 'ନବରବି', ପରି ପତ୍ରିକାରେ ବାହାରିଥିଲା । ମୁଁ ଯାଜପୁରରେ ଯେଉଁବର୍ଷ ବି.ଏ.ଶେଷ କଲି, ସେହିବର୍ଷ ବିରଜା ବକ୍ତୃତାମାଳା ଆରମ୍ଭ ହୋଇଥିଲା- ଯାହାର ପ୍ରଥମ ବକ୍ତୃତା ଯାଜପୁରର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ଦେଇଥିଲେ ପଦ୍ମଶ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ । ମୁଁ ଛାତ୍ର ସ୍ୱେଚ୍ଛାସେବୀ ଭାବେ ଏ ବକ୍ତୃତାମାଳା କାର୍ଯ୍ୟକ୍ରମ ଆୟୋଜନରେ ନାନାମତେ ସହଯୋଗ କରିଥିଲି । ସେତେବେଳେ ଗୋଟିଏ ରିକ୍ସାରେ ଡକ୍ଟର ପାଣିଗ୍ରାହୀ ଓ ମୁଁ ଏକାଠି ବସିଗଲି କନ୍ଦିରେ ଥିବା କେତେକ ମନ୍ଦିର ତାଙ୍କୁ ଦେଖାଇବାର ସୌଭାଗ୍ୟ ଲାଭ କରିଥିଲି । ଏହିବର୍ଷ ପ୍ରସିଦ୍ଧ ଲେଖକ ଗୋପୀନାଥ ମହାନ୍ତି ଏକ ସାଂସ୍କୃତିକ ଉତ୍ସବରେ ଯୋଗଦେଇ 'ସ୍ୱାଧୀନତାର ପଚିଶବର୍ଷ ପରେ ଆମେ' ଶିରୋନାମାରେ ଏକ ବକ୍ତୃତା ଦେଇଥିଲେ । ସ୍ୱାଧୀନତାର ପଚିଶ ବର୍ଷ ପୂର୍ତ୍ତି ଉତ୍ସବ ୧୯୭୨-୭୩ରେ ପାଳିତ ଯାଜପୁରର ଏନ୍.ସି.କଲେଜରେ ହୋଇଥିଲା । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ସେଦିନର ମୋ ପରି ଅନେକ ଛାତ୍ର ପୁରସ୍କୃତ ହୋଇଥିଲେ । ମୁଁ ଏନ୍.ସି. କଲେଜ, ଯାଜପୁରରେ ପଢ଼ିବା ବେଳେ ଖବରକାଗଜ ଓ ପତ୍ରପତ୍ରିକାରେ ଲେଖା ଲେଖି କରି ତରୁଣ ବୟସରୁ ସବୁଠି ପରିଚିତ ହୋଇ ପାରିଥିଲି । ଏହି ସମୟରେ ମୁଁ ମଧ୍ଧ ଅନେକ ପ୍ରତିଷ୍ଠିତ ଅଧ୍ୟାପକ, ଲେଖକଙ୍କ ସଂପର୍କରେ ଆସି ଜୀବନ ଓ ଜଗତ ସଂପର୍କରେ ନାନା ବିଷୟ ଜାଣିବାର ସୁଯୋଗ ପାଇଥିଲି । ସଂସ୍କୃତିର ଆହ୍ୱାନ ମୁଁ ଏହି ସମୟରେ ଯତ୍‌ସାମାନ୍ୟ ଶୁଣିବା ସହିତ ଏହାର ଦିଗ୍‌ବଳୟକୁ ଅବଲୋକନ କରିବା ସୁବିଧା ପାଇଥିଲି ।

୧୯୭୩ ମସିହାରେ ମୁଁ ସ୍ନାତକୋତ୍ତର ଶିକ୍ଷା ଓଡ଼ିଆରେ କରିବା ଉଦ୍ଦେଶ୍ୟରେ

ବାଣୀବିହାର ଆସିଲି । ଗ୍ରାମୀଣ ସଂସ୍କୃତିରୁ ରାଜଧାନୀ ଆସି ବଡ଼ ଅଡୁଆ ପ୍ରଥମେ ଲାଗିଲା । ଗାଁର ଛାୟା ସୁଶୀତଳ ପରିବେଶ, ପାରସ୍ପରିକ ସଂପର୍କ, ଗାଈ ଗୋଠ, ସରଳ ମଣିଷ, ନଦୀ ପଠାର ପ୍ରାକୃତିକ ଶୋଭା, ନାଲି ସଡ଼କ ରାସ୍ତାଦି ଆସ୍ତେ ଆସ୍ତେ ମୋ ସ୍ମୃତି ପଟରୁ ଅପସରି ଗଲା । ଏବେ ଉତ୍ତୁଙ୍ଗକୋଠା ଘର, ରେସ୍ତୋରାଁ, ପାର୍କ, କ୍ଲବ, ବଡ଼ ବଡ଼ ପ୍ରଫେସର, ହାକିମ, ରାଜନେତା, ସହରୀ ଜୀବନ ବିତାଉଥିବା ମଣିଷଙ୍କ ସଂପର୍କରେ ଆସିବାକୁ ପଡିଲା । ଥିଲାବାଲା ଘର ପିଲାମାନଙ୍କ ସ୍ୱଚ୍ଛନ୍ଦ ଚଳଣି, ମେଧାବୀ ଛାତ୍ରମାନଙ୍କ ଉଚ୍ଚାକାଂକ୍ଷାର ପୁଣ୍ୟ ପୀଠ ହେଉଛି ବାଣୀବିହାର । ଏଠି ଅନେକ ଛାତ୍ର ଆଇ.ଏ.ଏସ୍ ହେବାର ସ୍ୱପ୍ନ ଦେଖନ୍ତି, କେତେକ ବିଧାୟକ, ସାଂସଦ ହେବାପାଇଁ ଏଇଠୁ ଭିତ୍ତିଭୂମି ପ୍ରସ୍ତୁତ କରନ୍ତି । ମୋ ପରି ଅନେକ ଅଧ୍ୟାପନା ବୃତ୍ତିକୁ ଆଦରି ନେବାକୁ ଶ୍ରେୟ ମଣନ୍ତି, ଆଉ କିଛି ସଙ୍ଗୀତ ଆବୃତ୍ତି, ନାଟକ ଅଭିନୟ କରି ବଡ଼ କଳାକାର ହେବାକୁ ଚାହାନ୍ତି, ସମସ୍ତେ ଆପଣାର ଭବିଷ୍ୟତ ବାବଦରେ ଅତ୍ୟନ୍ତ ସଚେତନ । ଏଠି ସାଂସ୍କୃତିକ ଜୀବନ ବିତାଇବା କଷ୍ଟ; ବରଂ ଏଠି ଜୀବନକୁ ଭବିଷ୍ୟତରେ କେମିତି ସୁବିଧାରେ ବଞ୍ଚାଇ ହେବ ସେ ପାଇଁ ସମସ୍ତଙ୍କର ଅକ୍ଲାନ୍ତ ଚେଷ୍ଟା । ଏପରି ପରିସ୍ଥିତିରେ ଯଥାସମ୍ଭବ ମୁଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଥିଲି । ବାଣୀବିହାରରେ ବିଭାଗରେ ନିୟମିତ ସେମିନାର ହୁଏ । ମୁଁ ଥିଲି ୧୯୭୩-୭୫ ସେମିନାର ସେକ୍ରେଟାରୀ । ସେମିନାରକୁ ସେତେବେଳେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସତ୍ୟ ସ୍ୱରୂପ ମିଶ୍ର, ପ୍ରାଣବନ୍ଧୁ କର, ଗୌରୀ କୁମାର ବ୍ରହ୍ମା, କୁଞ୍ଜବିହାରୀ ଦାଶ,ଦେବେନ୍ଦ୍ର ମହାନ୍ତି, ସି.ଏସ୍.କେ. ଜୈନ ପ୍ରମୁଖଙ୍କ ପରି ବିଶିଷ୍ଟ ବିଦ୍ୱାନମାନେ ଆସି ସେମାନଙ୍କ ସାରଗର୍ଭକ ବକ୍ତୃତା ଦେଇଥିଲେ । ସେତେବେଳର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସକ ଜ୍ଞାନ ଚାନ୍ଦ ଓଡ଼ିଆ ବିଭାଗର କାର୍ଯ୍ୟକଳାପରେ ସନ୍ତୋଷ ବ୍ୟକ୍ତ କରିଥିଲେ । ବିଭାଗ ପକ୍ଷରୁ ଛାତ୍ର ଓ ଶିକ୍ଷକମାନଙ୍କ ଲେଖାକୁ ନେଇ 'ପାଠଚକ୍ର ପ୍ରବନ୍ଧାବଳୀ'ର ନାଟ୍ୟ ବିଶେଷାଙ୍କ ବାହାରିଥିଲା । ଏହି ବିଶେଷାଙ୍କ ସେ ସମୟରେ ଛାତ୍ର, ଶିକ୍ଷକ ଓ ଗବେଷକଙ୍କ ଦ୍ୱାରା ଆଦୃତ ହୋଇଥିଲା । ମୁଁ ପଢ଼ିବା ସମୟରେ ୧୯୭୪ ମସିହାରେ ପ୍ରଥିତ ଯଶା ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କୁ ଇଂରାଜୀ ଓ ଓଡ଼ିଆ ବିଭାଗ ପକ୍ଷରୁ ତାହାଙ୍କ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଅବସରରେ ଏକ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ସଭାର ଆୟୋଜନ ହୋଇଥିଲା । ଏହି ସଭାରେ ଥିଲେ ବିଶିଷ୍ଟ ଅତିଥି ପ୍ରଫେସର ବିଧୁଭୂଷଣ ଦାସ । ସମ୍ବର୍ଦ୍ଧନାର ଉତ୍ତରରେ ଗୋପୀନାଥ ଆନ୍ତର୍ଜାତିକ ଉପନ୍ୟାସର ସୀମା ଓ ସମ୍ଭାବନା ସଂପର୍କରେ ଅନେକ ଉପାଦେୟ କଥା କହିଥିଲେ । ଏଇ ସଭା ଓ ବିଭାଗର

ସେମିନାର ଛାଡ଼ି ଆଉ ସେମିତି ଆଖି ଦୃଶିଆ ସାହିତ୍ୟ ସଭା କିମ୍ବା ସାଂସ୍କୃତିକ ସମ୍ମେଳନ ବାଣୀ ବିହାରରେ ମୁଁ ପଢ଼ିବା ବେଳେ ହୋଇନଥିଲା ।

ମୁଁ ବାଣୀବିହାରରୁ ପରୀକ୍ଷା ଦେଇ ଏମ୍.ଏ. ପରୀକ୍ଷା ଫଳ ବାହାରିବା ପର୍ଯ୍ୟନ୍ତ ପ୍ରାୟ ଛଅ ମାସ ମ୍ୟୁଜିୟମ ପୋଥି ବିଭାଗରେ ପୋଥିକୁ ଉତାରିବା କାର୍ଯ୍ୟରେ ନିଯୁକ୍ତ ହୋଇଥିଲି । ମୁଁ ପ୍ରତ୍ୟହ ସେଠାରେ ଯାଇ କ୍ୟୁରେଟର ନୀଳମଣି ମିଶ୍ରଙ୍କ ପାଖରେ କାମ କରୁଥିଲି । ସେ ଥିଲେ ଜଣେ ସଂସ୍କୃତି ସମ୍ପନ୍ନ ବିଦ୍ୱାନ୍ ପଣ୍ଡିତ । ସେ ଚିତ୍ର ପୋଥି, ସଂସ୍କୃତ ପୋଥି - ଏମିତି ବିଭିନ୍ନ କିସମର ପୋଥିର ବର୍ଣ୍ଣନାତ୍ମକ ତାଲିକା ପ୍ରସ୍ତୁତ କାର୍ଯ୍ୟରେ ସେତେବେଳେ ବ୍ୟସ୍ତ ଥିଲେ । ମୁଁ ତାଙ୍କ ପାଖରୁ ଓଡ଼ିଆ ତାଳପତ୍ର ପୋଥି ଓ ଏହାର ସଂସ୍କୃତି ସମ୍ପର୍କରେ ବହୁ କଥା ଶିଖିଛି । ତାଙ୍କର ତରୁଣମାନଙ୍କ ପ୍ରତି ବେଶ୍ ଶ୍ରଦ୍ଧା ଥିଲା । ସେସମୟରେ ସେ ଓଡ଼ିଆ ପୋଥିରୁ ଭାଗବତ, ରାମାୟଣ, ପ୍ରସିଦ୍ଧ ଲେଖକଙ୍କ କାବ୍ୟ କବିତା ସମ୍ପାଦନା ପାଇଁ କିଛି କାର୍ଯ୍ୟ କରିଥିଲେ - ଯାହାର ଫଳସ୍ୱରୂପ ତାହାଙ୍କ ଶୁଦ୍ଧ ସମ୍ପାଦନାରେ ବାହାରିଥିଲା ଜଗନ୍ନାଥ ଦାସ କୃତ 'ଭାଗବତ' ଗ୍ରନ୍ଥ । ଏବେ ଏହି ଗ୍ରନ୍ଥଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ହୋଇ ଘରେ ଘରେ ଆଦର ଲାଭ କରିଛି । କିପରି ପୋଥିରୁ ପାଠ ଉଦ୍ଧାର କରିବାକୁ ହୁଏ, ପୋଥିମାନଙ୍କରୁ ଗ୍ରନ୍ଥର ବିସ୍ତୃତ ତାଲିକା ପ୍ରସ୍ତୁତ କରିବାକୁ ହୁଏ, ରାଜାଙ୍କ ଅଙ୍କ ବିଚାର କରି ପୋଥିର ସମୟ ନିରୂପଣ ହୁଏ, ପୁଷ୍ପିକାକୁ ବିଶ୍ଳେଷଣ ପୂର୍ବକ ଲେଖକଙ୍କ ସଂପର୍କରେ ଜାଣିବାକୁ ହୁଏ, ଏମିତି ଅନେକ କଥା ତାହାଙ୍କଠାରୁ ଜାଣିଛି । ମୁଁ ପରୀକ୍ଷାଫଳ ବାହାରିବା ପୂର୍ବରୁ ରୀତିମତ ଓଡ଼ିଆ ତାଳ ପତ୍ର ପୋଥି ସମ୍ପର୍କରେ ଗୋଟିଏ ପ୍ରଶିକ୍ଷଣ ଲାଭ କରିଥିଲି- ଯାହା ପରବର୍ତ୍ତୀ ସମୟରେ ମୋତେ ପ୍ରାଚୀନ ସାହିତ୍ୟ ଅନୁଶୀଳନରେ ସହାୟତା କରିଥିଲା । ଓଡ଼ିଶା ମ୍ୟୁଜିୟମ୍‌ର ଦୁର୍ଲ୍ଲଭ ପୋଥି, ନାନା ରକମର ପୋଥି ଦେଖି ମୋର ତରୁଣ ପ୍ରାଣରେ ଆମ ପୂର୍ବପୁରୁଷ ନିରୋଳା ଜ୍ଞାନଚର୍ଚ୍ଚା ପାଇଁ କେତେ ଶ୍ରମ ସ୍ୱୀକାର କରି ପୋଥି ଲେଖୁଥିଲେ ଏ ସମ୍ପର୍କରେ ଏକ ଧାରଣା ହୋଇଥିଲା । ଏହି ପୋଥିଗୁଡ଼ିକ ଦେଖିଲେ ଆମର ପ୍ରାଚୀନ କବିମାନେ କୌଣସି ଫଳାକାଂକ୍ଷା ଓ ବ୍ୟାବସାୟିକ ଆଶା ନ ରଖି ନିରୋଳା ସାହିତ୍ୟ ସାଧନାରେ ଯେ ଲିପ୍ତ ରହୁଥିଲେ ଏହା ସହଜରେ ଜାଣିହୁଏ । ଓଡ଼ିଶା ମ୍ୟୁଜିୟମରେ ଯେତେ ପୁରାଣ, କାବ୍ୟ-କବିତା ପୋଥି ରହିଛି, ତହିଁରୁ ଅଧିକାଂଶ ବୈଷ୍ଣବ ଧର୍ମ ବିଷୟକ । ବୈଷ୍ଣବ ସାହିତ୍ୟ ସମ୍ପର୍କରେ ଏଇ ବିପୁଳ ଉପାଦାନ ଦେଖି ମୁଁ ପ୍ରଥମେ ମୋର ଗବେଷଣା ଓଡ଼ିଆ

ବୈଷ୍ଣବ ସାହିତ୍ୟ ସମ୍ପର୍କରେ କରିବାକୁ ପ୍ରସ୍ତୁତ କରିଥିଲି, ଏ ସମ୍ପର୍କରେ ମଧ୍ୟ ତିନୋଟି ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିଲି, କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ମୁଁ ଆଧୁନିକ ସାହିତ୍ୟ ସମ୍ପର୍କରେ ଗବେଷଣା କରିଥିଲି ।

ପରୀକ୍ଷା ଫଳ ବାହାରିବା ପରେ ପରେ ମୁଁ ଅଧ୍ୟାପନା ବୃତ୍ତିରେ ପ୍ରବେଶ କଲି । ଛୋଟ ପ୍ରାଇଭେଟ୍ କଲେଜଟିଏ କିନ୍ତୁ ଏହାର ଅବସ୍ଥିତି ଗ୍ରାମୀଣ ସଂସ୍କୃତି ଭିତରେ । ଏଠି ମଣିଷମାନେ ମଣିଷମାନଙ୍କୁ ଖୁବ୍ ଭଲ ପାଆନ୍ତି । କଲେଜଟିର ନା ହେଲା ସାଧୁ ଗୌରେଶ୍ୱର କଲେଜ । ଏଠି ଗୌରେଶ୍ୱର ପୂଜା ପାଆନ୍ତି । ଆଖପାଖ ଅଞ୍ଚଳରେ ଏହି ଦିଅଁଙ୍କ ନାଁ ଅଛି । ନୂଆ କଲେଜ ହେଲେ ସୁଦ୍ଧା ଏଠି ସାହିତ୍ୟ ସଭା ମାନ ହୁଏ, କଲେଜର ବିଭିନ୍ନ ସଂସଦ ସଭା ସମିତି କରନ୍ତି । ଏଠି ମୁଁ ବର୍ଷେ ଦୁଇମାସ କଟାଇଛି । ସବୁବେଳେ ଛାତ୍ରଛାତ୍ରୀମାନେ ଶିକ୍ଷକମାନଙ୍କୁ ପାଠ ପଢ଼ା ବ୍ୟତୀତ ଆମର ପରମ୍ପରା, ସଂସ୍କୃତି, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ବିଷୟକ ପ୍ରଶ୍ନମାନ ପଚାରନ୍ତି । ସମକାଳୀନ କାବ୍ୟ କବିତାକୁ ନେଇ ଚର୍ଚ୍ଚା କରନ୍ତି । କବିତା ପାଠୋତ୍ସବ ସ୍ଥାନୀୟ କବି ଓ ବାହାରର କବିମାନଙ୍କୁ ନେଇ କରନ୍ତି । ମୁଁ ଏସବୁରେ ନିଜକୁ ସାମିଲ କରେ । ସେସମୟର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ବିଜୟ କିଶୋର ସାମଲ ଓ ଅଧ୍ୟକ୍ଷ ନିତ୍ୟାନନ୍ଦ ରାୟଙ୍କ ଏ ବାବଦ ନିଷ୍ଠା ପ୍ରଶଂସନୀୟ । ମୁଁ ୧୯୭୬-୭୭ରେ ଏଠି ଥିବା ବେଳେ ଯାଜପୁର ଅଞ୍ଚଳର ବହୁ ଛୋଟ ବଡ଼ ଅନୁଷ୍ଠାନରେ ପ୍ରାୟ ପ୍ରତ୍ୟହ କେଉଁଠି ନା କେଉଁଠିକୁ ବକ୍ତୃତା ଦେବାକୁ ମୁଖ୍ୟବକ୍ତା ହୋଇଯାଏ । ସୁତରାଂ ସେଠି ବକ୍ତୃତା ଦେଇ ଦେଇ ମୁଁ ରୀତିମତ ଗୋଟେ ବକ୍ତା ହୋଇଗଲି । ଯାଜପୁର ଅଞ୍ଚଳରେ ବକ୍ତୃତା ଦେବା ବେଳେ ଏହାର ମହାନ୍ ସାଂସ୍କୃତିକ ଐତିହ୍ୟ ଏହାର ସର୍ବଭାରତୀୟ ପ୍ରସିଦ୍ଧି ସମ୍ପର୍କରେ କହେ । ମୁଁ ଏପରି କହୁ କହୁ ସର୍ବସାଧାରଣରେ ଯାଜପୁର ସଂସ୍କୃତିର ଜଣେ ବିଶେଷଜ୍ଞର ମର୍ଯ୍ୟାଦା ପାଇଲି । ଯାଜପୁରରେ ଥିବାବେଳେ ଏହି ତରୁଣ ଅଧ୍ୟାପକ ଯାଜପୁରର ଜଣେ କୃତବିଦ୍ୟ ଲେଖକଙ୍କ ସମ୍ପର୍କରେ ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲା । ସେଇ କୃତବିଦ୍ୟ ଲେଖକ ଜଣକ ହେଲେ କାମପାଳ ମିଶ୍ର । ମୁଁ ଯାଜପୁର ଅଞ୍ଚଳରୁ ବହୁ ପୋଥି ସଂଗ୍ରହ କରିଥିଲି । ଏଠାରେ ଥିବା ନାଥସାହି, ଚଇନ ପୁର, ପଣସା, ଖଇରାବାଦ, ମଙ୍ଗଳ ପୁର, କାଟିଆ, ରାମବାଗ ପ୍ରଭୃତି ଅଞ୍ଚଳରେ ବ୍ୟକ୍ତିବିଶେଷଙ୍କ ଘରେ ରହିଥିବା ପୋଥି ମୋର ପୂଜନୀୟ ଗୁରୁଦେବ ପ୍ରଫେସର ବଂଶୀଧର ମହାନ୍ତିଙ୍କ ସହ ସର୍ବେକ୍ଷଣ କରିଥିଲି । ମୋର ପ୍ରଥମ କର୍ମଜୀବନ ସାଧୁ ଗୌରେଶ୍ୱର କଲେଜରେ

ଏକ ଶୁଦ୍ଧପୂତ ସାଂସ୍କୃତିକ ପରିବେଶରେ ଯେ ଅତିବାହିତ ହୋଇଥିଲା ଏହା ବୁଝାଇ କହିବା ନିଷ୍ପ୍ରୟୋଜନ । ସେଠାରୁ ମୁଁ ଯାଇ ଭଦ୍ରକ କଲେଜରେ ଅଧ୍ୟାପନା ବୃତ୍ତିରେ ଓଡ଼ିଶା ଶିକ୍ଷାସେବାରେ ଯୋଗ ଦେଲି ।

ସାଧୁ ଗୌରେଶ୍ୱର କଲେଜ ଥିଲା ଛୋଟ କଲେଜଟିଏ, ଏଠି ଆପଣାର ଅସ୍ତିତ୍ୱ ଜାହିରର ସବୁ ସୁବିଧା ସୁଯୋଗ ଥିଲା । ଭଦ୍ରକ କଲେଜ ବଡ଼ ଅନୁଷ୍ଠାନ, ଏଠି ବଡ଼ ବଡ଼ ପ୍ରାଧ୍ୟାପକ, ଅଧ୍ୟାପକ ସବୁ । ସେମାନଙ୍କ ଗହଣରେ ସମୟ ବିତାଇଲି, ଅତି ସଂକୋଚରେ, କାରଣ ମୁଁ ନୂଆ ହୋଇ ସରକାରୀ ବୃତ୍ତିରେ ଯୋଗ ଦେଇଥାଏ । ସେଠି ମୋ ବୟସର ଦଳେ ଅଧ୍ୟାପକ ଥାଆନ୍ତି, ଆଉ କିଛି ବୟସ୍କ, ଅଥଚ ପ୍ରତିଷ୍ଠିତ ଲେଖକ । କମନ୍‌ରୁମ୍‌ରେ ବେଳେବେଳେ ସାହିତ୍ୟ ଚର୍ଚ୍ଚା ହୁଏ । ସେ କଲେଜରେ ବର୍ଷ ତମାମ ସାଂସ୍କୃତିକ ସଭା, ବିଭିନ୍ନ ଉତ୍ସବର ଆୟୋଜନ । କଲେଜ ବାହାରେ ମଧ୍ୟ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ଜୟନ୍ତୀ ଠାରୁ ଆରମ୍ଭ କରି ଜଗନ୍ନାଥ ପାଣି, କବିଶେଖର ଚିନ୍ତାମଣି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ଚର୍ଚ୍ଚା ହୁଏ । ପ୍ରାୟ ପ୍ରତି ମାସରେ କବିତା ପାଠୋତ୍ସବ । ଏହି ସଭାମାନଙ୍କରେ କଲେଜର ପ୍ରାଧ୍ୟାପକ ଗଙ୍ଗାଧର ବଳ, ସୌରୀନ୍ଦ୍ର ବାରିକ, ହରିହର ରଥ, ଶାନ୍ତି ମହାପାତ୍ର ବଳ, ଦାଶବେନହୁର, ଜୟନ୍ତ କୁମାର ବିଶ୍ୱାଳ, ବ୍ରଜ ମୋହନ ମିଶ୍ର, ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଭାଗ ନିଅନ୍ତି । କଲେଜ ବାହାରୁ ପ୍ରାୟ ସବୁବେଳେ ଅପୂର୍ବ ରଞ୍ଜନ ରାୟ ଏଥିରେ ପ୍ରମୁଖ ଅଂଶଗ୍ରହଣ କରନ୍ତି । ଏହି ସଭାର ଆଲୋଚନା ଗୁଡ଼ିକ କେବଳ ବୌଦ୍ଧିକ ନୁହେଁ, ବରଂ ତରୁଣମାନଙ୍କୁ ପ୍ରଭାବିତ କରିବା ପାଇଁ ଆଲୋଚନା । ବହୁ ସଂଖ୍ୟାରେ ଛାତ୍ର-ଛାତ୍ରୀ-ଅଧ୍ୟାପକ ଏଥିରେ ଯୋଗ ଦିଅନ୍ତି । ଭଦ୍ରକରେ ସାହିତ୍ୟ ସଭାମାନଙ୍କରେ ଭଲ ଶ୍ରୋତା ହୁଅନ୍ତି । ବୋଧହୁଏ ଓଡ଼ିଶାର ଅନ୍ୟତ୍ର ସାହିତ୍ୟ ସଭାରେ ଏତେ ସଂଖ୍ୟାରେ ଶ୍ରୋତାଙ୍କର ସମାବେଶ ହୁଏ ନାହିଁ । ସେଠାରେ ମୁଁ ଆସ୍ତେ ଆସ୍ତେ ଶ୍ରୋତାରୁ ବକ୍ତା ମଧ୍ୟ ହେଲି । ଛୋଟ ଛୋଟ ସ୍ଥାନମାନଙ୍କରେ ରହିଥିବା ସ୍କୁଲ, ମଫସଲର ସାହିତ୍ୟ ସଭାରେ ମୁଁ ବକ୍ତା ଭାବରେ ଭଦ୍ରକ ଅଞ୍ଚଳରେ ବହୁବାର ଯୋଗ ଦେଇଛି । ଭଦ୍ରକରେ ଥିବାବେଳେ ମୋର କେତେକ ଉପାଦେୟ ଲେଖା 'ଝଙ୍କାର', 'ମାନସ' ପରି ପତ୍ରିକାର ପୃଷ୍ଠା ମଣ୍ଡନ କରିଥିଲା । ଭଦ୍ରକରେ ରହିଣି କାଳରେ କିପରି ରୁଚିଶୀଳ ଭାବେ ସାହିତ୍ୟ କରିବାକୁ ହୁଏ, ଲେଖକମାନଙ୍କୁ କିପରି ମର୍ଯ୍ୟାଦା ଦେବାକୁ ହୁଏ, ଆପଣା ମାଟିକୁ କେମିତି ଭଲ ପାଇବାକୁ ହୁଏ, ମୁଁ ସେଠାରୁ ଶିଖିଛି । ଭଦ୍ରକ ଲୋକମାନଙ୍କର ବୃହତ୍ତର

ଜୀବନ ଦୃଷ୍ଟି ଓ ବିଶାଳ ହୃଦୟବତ୍ତା, ସଂସ୍କୃତି ସଚେତନତା ଓ ଜାତୀୟତା ବୋଧ ମୋତେ ଖୁବ୍ ଭଲ ଲାଗିଥିଲା । ଲେଖାଲେଖି କରୁଥିବା ଲୋକଟିଏ ଦେଖିଲେ ତାକୁ ଏତେ ଆତ୍ମୀୟ କରିଦିଅନ୍ତି ଯେ ଅନୁଭବୀ ସେଇ ଏକା ଜଣେ । ସତରେ ଉତ୍କଳ ଜନନୀଙ୍କୁ ମୁଗ୍ଧ ବନ୍ଦାପନା କରିବାର ପୁଣ୍ୟପୀଠ ହେଉଛି ଭଦ୍ରକ । ସେଥିପାଇଁ ବୋଧହୁଏ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଲେଖନୀରୁ ତ ଝରି ଆସିଥିଲା କାଳଜୟୀ କବିତା 'ବନ୍ଦେ ଉତ୍କଳ ଜନନୀ' - ଯେଉଁ କର୍ଣ୍ଣ ରସାୟନ କବିତା ଶୁଣିଲେ ହୃଦୟ ପବିତ୍ର ହୁଏ, ମନରେ ସ୍ୱଭୂମି ପ୍ରତି ଶ୍ରଦ୍ଧା - ସମ୍ମାନ ଆସେ ।

ମୁଁ ଭଦ୍ରକରେ ଥିବାବେଳ ସେଠାରୁ 'ଗଳ୍ପଝରେ' ନାମରେ ଏକ ଗଳ୍ପ ପତ୍ରିକା ବାହାରୁଥିଲା - ଯାହାର ସମ୍ପାଦକ ଥିଲେ ବଳରାମ ସାହୁ । ମୁଁ ସେଥିରେ ଗଳ୍ପ ସମ୍ପର୍କୀୟ ଏକ ଦୀର୍ଘ ଆଲୋଚନା ଲେଖିଥିଲି । ପତ୍ରିକାଟିରେ ଓଡ଼ିଶାର ପ୍ରସିଦ୍ଧ ଗାଳ୍ପିକମାନଙ୍କ ଲେଖା ସହ ଅନେକ ଓଜନଦାର ଆଲୋଚନା ବାହାରୁଥିଲା । ଏହି ପତ୍ରିକାଟିର ସମଗ୍ର ଓଡ଼ିଶାରେ ସେସମୟରେ ଖ୍ୟାତି ଥିଲା । ପ୍ରଚ୍ଛଦ, ଅଳଂକରଣ, ସୁଦୃଶ୍ୟ ଛାପା, ଭଲ କାଗଜ ଏହି ପତ୍ରିକାଟିର ଥିଲା ବୈଶିଷ୍ଟ୍ୟ ।

ଭଦ୍ରକରୁ ମୁଁ ଅନେକ କଥା ସଂସ୍କୃତି ସମ୍ପର୍କରେ ଜାଣିଛି ଓ ଶିଖିଛି । ନିଜକୁ ଭଲପାଅ, ମା'କୁ ଭଲ ପାଅ, ମାଟିକୁ ଭଲ ପାଅ, ଆତ୍ମଦର୍ଶୀ ହୋଇ ଆପଣାର ଆଦର୍ଶକୁ ଜାହିର କର, ସ୍ୱେଚ୍ଛାକୃତ କର୍ମକୁ ରୁଚିଶୀଳ କର, ଜୀବନର ସମବାଟୀ ରୂପେ ସଂସ୍କୃତିକୁ ଗ୍ରହଣ କର - ଏଇ ମହାନ୍ ଦୀକ୍ଷା ମୋତେ ଭଦ୍ରକ ଦେଇଛି । ଭଦ୍ରକ ସମ୍ପର୍କରେ ପୁଣି କହିବି;

"ଭଦ୍ରକ, ଏକ ଛୋଟ ସହରର ନାମ
କବି, ଲେଖକର ତୀର୍ଥ ଭୂମି ଏ ସହର
ଯେଉଁଠି ମାଟି ଧଇଲେ ସଭ୍ୟତା,
କଥା କହିଲେ ସଂସ୍କୃତି
କବି ଲେଖକର ମିଠା ମିଠା ସ୍ମୃତି
ଏଠି, ଜୀବନର ମଧୁମୟ ବାସ୍ନା
ଏ ମାଟିରେ ସ୍ୱପ୍ନ ଦେଖିହୁଏ,
ସ୍ୱପ୍ନକୁ ସାକାର କରି ଭବିଷ୍ୟତ ପାଇଁ
କିଛି ଲେଖିହୁଏ, ଜୀବନକୁ ଭଲପାଇ ହୁଏ

ଏ ସହର ଏକ ଐଶ୍ୱର୍ଯ୍ୟମୟୀ ନାୟିକାର
ସାରସ୍ୱତ ବାଣୀ ଭଣ୍ଡାର, ଯାହା ଅସରନ୍ତି, ଅପାସୋରା ।"

ମୁଁ ଭଦ୍ରକ କଲେଜରୁ ବଦଳି ହୋଇ କେନ୍ଦୁଝରେ ଗଲି ମସିହା ୧୯୭୯, ଗାନ୍ଧୀଜୟନ୍ତୀ ବାସିଦିନ । ଏହା ହେଉଛି ଏକ ଛୋଟ ସହର । ଏଠି ସହରୀ ସଭ୍ୟତା ଅପେକ୍ଷା ଗ୍ରାମୀଣ ସଭ୍ୟତାର ପ୍ରସାର ଅଧିକ । ଏକ ପକ୍ଷରେ ହିନ୍ଦୁ ସଂସ୍କୃତି ଅପର ପକ୍ଷରେ ଆଦିବାସୀ ସଂସ୍କୃତିର ମିଳନ ପୀଠ ହେଉଛି 'କେନ୍ଦୁଝର' । ଛୋଟ ସ୍ଥାନଟିଏ ହେଲେ ସୁଦ୍ଧା ଏ ସ୍ଥାନର ନିଜସ୍ୱ ସାଂସ୍କୃତିକ ଐତିହ୍ୟ ରହିଛି । ଏ ସ୍ଥାନରେ ବଣ ଜଙ୍ଗଲ ଘେରା ପରିବେଶରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ଏକଦା ରହୁଥିବା ଜଣାଯାଏ । ଏଇଠି ସେମାନେ ଯେଉଁ କାଳଜୟୀ ସାହିତ୍ୟ ସୃଷ୍ଟି କରିଥିଲେ ତାହା ହେଉଛି ଆଦି ଓଡ଼ିଆ ସାହିତ୍ୟ 'ବୌଦ୍ଧଗାନ ଓ ଦୋହା' ବା 'ଚର୍ଯ୍ୟାପଦ ସାହିତ୍ୟ' । ଏଠାରେ ଏକ ପ୍ରାଚୀନ ବୌଦ୍ଧବିହାର ଥିବା କେତେକ କହନ୍ତି- ଯାହା ଅଧୁନା ଧ୍ୱଂସପ୍ରାପ୍ତ । ସୀତାବୀଞ୍ଜିଠାରେ ଅବସ୍ଥିତ ଏହି ଭଗ୍ନ ବୌଦ୍ଧ ବିହାର ଅବଶେଷରୁ ଏଠାରେ ସହଜ-ତାନ୍ତ୍ରିକ ବୌଦ୍ଧଧର୍ମ ସମ୍ପର୍କରେ ଅନେକ ସୂଚନା ମିଳେ । ସୀତାବାଞ୍ଜି ବ୍ୟତୀତ ଧଳେଇପାଟ, ଚକ୍ରତୀର୍ଥ, ଅସନପାଟ, ଲକ୍ଷ୍ମୀପାଦ, ସିଦ୍ଧମଠ, ସନ୍ଥେଇଭଞ୍ଜ ଆଦି ସ୍ଥାନରେ ବୌଦ୍ଧ ଓ ଜୈନକୀର୍ତ୍ତିରାଜିର ଭଗ୍ନାବଶେଷ ଦେଖିବାକୁ ମିଳେ । କେନ୍ଦୁଝରରେ ବିଭିନ୍ନ ଧର୍ମୀୟ ସଂସ୍କୃତିର ପ୍ରବାହ ଦେଖିବାକୁ ମିଳୁଥିଲେ ସୁଦ୍ଧା ଏଠାକାର ସର୍ବମାନ୍ୟ ଦେବତା ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା । ସମସ୍ତେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଏଠି ମହାସମାରୋହରେ ପାଳନ କରିଥାନ୍ତି । କେନ୍ଦୁଝରରେ ଆଦିବାସୀମାନେ ବେଶ୍ ପ୍ରଭାବଶାଳୀ । ଏଠାକାର ରାଜା ଶାସନ ବିରୋଧରେ ଏକଦା ବିପ୍ଳବୀ ଧରଣୀଧର ମେଳି କରିଥିଲେ । ଏଭଳି ସ୍ଥାନରେ କାର୍ଯ୍ୟକରି ମୁଁ ଏଠାକାର ସାଂସ୍କୃତିକ ଜୀବନ ସହ ସହଭାଗୀ ହେବା ପାଇଁ ଚେଷ୍ଟା କରିଥିଲି । ମୁଁ ଏଠାରେ ଚାକିରି କଲାବେଳେ ବଳଭଦ୍ର ସାହିତ୍ୟ ସଂସଦ, ମିଳନୀ ସାହିତ୍ୟ ସଂସଦ ବିଶେଷ କାର୍ଯ୍ୟକ୍ଷମ ଥିଲା । ମୁଁ ଯୋଗ ଦେବାର ମାସେ ଭିତରେ ସେଠାରେ ବିଶେଷ ଜଣାଶୁଣା ହୋଇଗଲି । ମୋର ଯାହା ମନେପଡୁଛି - ମୁଁ ଏକ ସନ୍ଧ୍ୟାରେ ମିଳନୀ ସାହିତ୍ୟ ସଂସଦରେ ସାମ୍ପ୍ରତିକ ସାହିତ୍ୟ ସମ୍ପର୍କରେ କିଛି ବକ୍ତବ୍ୟ ରଖିଥିଲି । ମୋର ବକ୍ତବ୍ୟ ଥିଲା, "ସାମ୍ପ୍ରତିକ ସାହିତ୍ୟ ଆଧୁନିକ ଜୀବନ ପରି ବ୍ୟାପକ । ଏହାର ସ୍ୱରୂପ ନାରୀ ପରି ବୈଚିତ୍ର୍ୟମୟୀ । ଏ ସାହିତ୍ୟରେ ଯେପରି ଜୀବନବୋଧର ଗଭୀରତା ରହିଛି, ସେହିପରି ଏଥିରେ

ଜୀବନର ଅନ୍ତଃସାର ଶୂନ୍ୟତା, ମୋହଭଙ୍ଗ, ନିଃସଙ୍ଗତା ଉପସ୍ଥିତ । ଏହା ଅନେକାଂଶରେ ପ୍ରଚାର ସର୍ବସ୍ୱ ସାହିତ୍ୟ । ଆମ ସାହିତ୍ୟରେ ଖୁବ୍ କ୍ୱଚିତ୍ ଲେଖକ ଆଧୁନିକ । ଅଧିକାଂଶ ବାବଦୂକ, ପ୍ରତିଭା ଶୂନ୍ୟ, କବିତ୍ୱହୀନ, ଅହଂକାରୀ, ମଣିଷ ପଣିଆର ନିମ୍ନ ପାହାଚରେ ରହିଛନ୍ତି । ଏଠାରେ ପଠିତ କବିତାଗୁଡ଼ିକ କେବେହେଲେ କାଳଜୟୀ ନୁହେଁ, ବରଂ କ୍ଷଣସ୍ଥାୟୀ ।" ମୁଁ ଏତକ କହିବା ପରେ ସଭାରେ ଅଧିକାଂଶ ଶ୍ରୋତା ମୋ' ବକ୍ତବ୍ୟକୁ ନେଇ ବିତର୍କ କଲେ । କେତେକ ମୋ ମନ୍ତବ୍ୟକୁ ବ୍ୟକ୍ତିଗତ ସ୍ତରକୁ ଆଣି ମୋତେ ଗାଳିଗୁଲଜ କଲେ । ଏସବୁ ସତ୍ତ୍ୱେ କେନ୍ଦୁଝରର କେତେକ ସଚେତନ ସାହିତ୍ୟପ୍ରେମୀ ମୋ' ବକ୍ତୃତାର ପ୍ରଶଂସା କରିଥିଲେ । ମୁଁ ମିଳନୀ ସାହିତ୍ୟ ସଂସଦ ବ୍ୟତୀତ ଯୋଡ଼ା, ଟେନ୍ସା ପରି ଅଞ୍ଚଳକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ବକ୍ତୃତା ଦେଉଥିଲି । ଗୋପବନ୍ଧୁଙ୍କ ସମ୍ପର୍କରେ ମୁଁ ଟେନ୍ସାରେ ଗୋଟିଏ ଭଲ ବକ୍ତୃତା ଦେଇଥିଲି । ଓଡ଼ିଶା ଜାତିକୁ ନୂତନ ଆହ୍ୱାନ, ନୂତନ ପ୍ରେରଣା ଦେବାରେ ଗୋପବନ୍ଧୁଙ୍କ ଭୂମିକା ସମ୍ପର୍କରେ ମୁଁ ସେଠାରେ କହିଥିଲି । ସେଠାରେ ବକ୍ତୃତା ଦେଲେ କିଛି ଅର୍ଥ ମଧ୍ୟ ବେଳେ ବେଳେ ବିଶେଷ କରି ଖଣି ଅଞ୍ଚଳରେ ସମ୍ମାନ ସ୍ୱରୂପ ଦିଅନ୍ତି । ମୁଁ କେନ୍ଦୁଝରରେ ପ୍ରାୟ ଦଶମାସ ପାଖାପାଖି ରହିଥିଲି । ଏଇ ଅଳ୍ପ ସମୟ ମଧ୍ୟରେ ଏଠାକାର ସାଂସ୍କୃତିକ ଜୀବନ ସହିତ ନିଜକୁ ମିଶାଇ ଦେଇଥିଲି । ମୋର ଏଠାରେ ରହଣି ବେଳେ ମୁଁ ଏକାଧିକ ବାର ଗୋନାସିକାର ଜୁଆଙ୍ଗ ରହୁଥିବା ଆଦିବାସୀ ପଲ୍ଲୀକୁ ବୁଲି ଯାଇଛି । ସେମାନଙ୍କ ସଂସ୍କୃତି ଓ ସାମାଜିକ ଚଳଣିକୁ ଅତି ପାଖରୁ ଦେଖିଥିଲେ ସୁଦ୍ଧା ସେମାନଙ୍କ ସମ୍ପର୍କରେ ଆଲୋଚନା କରିପାରି ନାହିଁ । ମୁଁ ୧୬. ୦୭. ୧୯୮୦ରେ ରେଭେନ୍ସା କଲେଜ, କଟକକୁ ବଦଳି ହୋଇ କେନ୍ଦୁଝରରୁ ଆସିଲି ।

ରେଭେନ୍ସା କଲେଜ, କଟକରେ ରହିବା ପରେ ମୋର ସାଂସ୍କୃତିକ ଜୀବନ ଭିନ୍ନ ମୋଡ଼ ନେଲା । କଟକରେ ସବୁବେଳେ ପାଲା, ଦାସ କାଠିଆ, ଥିଏଟର, ପ୍ରତିଭା ପୂଜା, ଧର୍ମୀୟ ଉତ୍ସବ ଆଦି ଲାଗି ରହିଥାଏ । ପୁଣି ଉତ୍କଳ ସାହିତ୍ୟ ସମାଜରେ ପ୍ରାୟ ସବୁବେଳେ ସାହିତ୍ୟ ସଭା, ପାଠଚକ୍ର, କର୍ମଶାଳା ପ୍ରଭୃତି ଦେଖିବାକୁ ମିଳେ । କଟକ ହେଉଛି ସଂସ୍କୃତିର ସହର । ଏଠି ବାଉନ ବଜାର ତେପନ ଗଳି । ସବୁଧର୍ମ ସବୁ ସମ୍ପ୍ରଦାୟ ଲୋକଙ୍କର ପ୍ରିୟ ରହଣି ସ୍ଥାନ । ଏଥି ସହିତ ରେଭେନ୍ସା କଲେଜ ମଧ୍ୟ ସଂସ୍କୃତିର ପୁଣ୍ୟପୀଠ, ଯେଉଁଠି ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ନାନା ସାଂସ୍କୃତିକ ଉତ୍ସବ

ଅନୁଷ୍ଠିତ ହୁଏ । ମୁଁ ଏପରି ଏକ ପୀଠରେ ପାଦ ଦେଇ ନିଜକୁ ଧନ୍ୟ ମଣିବା ସହିତ କିପରି ସାଂସ୍କୃତିକ ଜୀବନକୁ ଫଳପ୍ରସୂ କରିବି, ସେଥିପାଇଁ ଯାହା ଉଦ୍ୟମ କରିବାର କଥା କଲି । କଲେଜରେ ପଢ଼ାପଢ଼ି ସାରିବା ପରେ ବିଭିନ୍ନ ସ୍ଥାନରେ, କଲେଜ ହଷ୍ଟେଲ ମାନଙ୍କରେ ଅନୁଷ୍ଠିତ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲି । ବିଶେଷ କରି ଉତ୍କଳ ସାହିତ୍ୟ ସମାଜରେ ଅନୁଷ୍ଠିତ ଛୋଟବଡ଼ ସଭାମାନଙ୍କରେ ମୁଁ ପ୍ରାୟ ଶ୍ରୋତା ଭାବରେ, ବେଳେ ବେଳେ ବକ୍ତାଭାବରେ ଯୋଗଦାନ କରୁଥିଲି । ମୋର ଯାହା ମନେପଡୁଛି ୧୯୮୧ ମସିହାରେ ମୁଁ ଦୁଇଥର ଏଠାରେ ଅନୁଷ୍ଠିତ ସଭାରେ ଭାଗ ନେଇଥିଲି । ମୁଁ ପ୍ରଥମ ଥର ସେଠାରେ ପ୍ରାବନ୍ଧିକ ଶଶୀଭୂଷଣ ରାୟଙ୍କ ସମ୍ପର୍କରେ ଏକ ପ୍ରବନ୍ଧ ପାଠ କରିଥିଲି । ମୁଁ ସେଇ ପ୍ରବନ୍ଧରେ ଶଶିଭୂଷଣଙ୍କ ବିପୁଳ ଗଦ୍ୟ ସମ୍ଭାରର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ସହିତ ତାଙ୍କର ରଚନା ଶୈଳୀ ଓ ଭାଷା ସମ୍ପର୍କରେ କରିଥିଲି ମତବ୍ୟକ୍ତ । ଏଇ ଲେଖାଟିରେ ଶଶୀଭୂଷଣଙ୍କୁ ବିଂଶ ଶତକ ଗଦ୍ୟ ସାହିତ୍ୟର ଜଣେ ଅନର୍ଗଳ ସ୍ରଷ୍ଟା ରୂପେ କରିଥିଲି ପ୍ରତିପାଦନ । ସଭାରେ ଉପସ୍ଥିତ ଶ୍ରୋତାମାନେ ପ୍ରବନ୍ଧ ପାଠ ପରେ ମୋତେ ନାନା ପ୍ରଶ୍ନ ଶଶୀଭୂଷଣଙ୍କ ସମ୍ପର୍କରେ ପଚାରିଥିଲେ ଓ ମୁଁ ଯଥାସମ୍ଭବ ତା'ର ସନ୍ତୋଷଜନକ ଉତ୍ତର ଦେଇଥିଲି । ଏହି ସଭାରେ ପ୍ରଫେସର ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି କରିଥିଲେ ସଭାପତିତ୍ୱ । ସେହିବର୍ଷ ଆଉ ଏକ ସଭାରେ ମୁଁ ଯୋଗ ଦେଇ 'ସାହିତ୍ୟରେ ନୂତନତା' ସମ୍ପର୍କରେ କରିଥିଲି ଆଲୋଚନା । ସେ ସଭାରେ ବକ୍ତାମାନେ କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ନାଟକରେ କ'ଣ ନୂତନତା ଆସିଛି ସେ ସମ୍ପର୍କରେ କହୁଥାନ୍ତି । ମୁଁ ସେଇ ଆଲୋଚନା ସଭାରେ ନାଟକରେ ନୂତନତା ସମ୍ପର୍କରେ ପାଞ୍ଚମିନିଟ୍ କହିଥିଲି । ମୁଁ ପ୍ରଥମେ କହିଥିଲି ଯେ ଆଧୁନିକ ପାଶ୍ଚାତ୍ୟ ନାଟକର ଆଦର୍ଶରେ ଓ ଗତାନୁଗତିକ ରଙ୍ଗମଞ୍ଚଠାରୁ ଦୂରରେ ଯେଉଁମାନେ ନାଟକ ଲେଖିଲେ ସେମାନେ ଓଡ଼ିଆ ନାଟକରେ ନୂତନତା ଆଣିଲେ । ଏହି ସୂତ୍ରରେ ନୂତନ ଢଙ୍ଗରେ ନାଟକ ରଚନାରେ ମନୋରଞ୍ଜନ ଦାସ ଅନନ୍ୟ ସିଦ୍ଧିର ଅଧିକାରୀ । ତାଙ୍କର ବକ୍ତବ୍ୟ ଓ ଆଙ୍ଗିକ ପ୍ରକରଣ ଦୃଷ୍ଟିରୁ ଏ ଦିଗରେ 'ଆଗାମୀ' ଏକ ବଳିଷ୍ଠ ପଦକ୍ଷେପ - ଯହିଁରେ ଫ୍ରଏଡ଼ଙ୍କ ମନ ମନ୍ଥନ, ଗାନ୍ଧୀଙ୍କ ସେବାଧର୍ମ ଓ ମାର୍କ୍ସଙ୍କ ଗଣସମାଜର ଅଦ୍ଭୁତ ସମନ୍ୱୟ ଘଟିଛି । ମାତ୍ର ସେଇ ନାଟ୍ୟକାର 'ଅରଣ୍ୟ ଫସଲ'ରେ କ'ଣ କଲେ ? ଫ୍ରଏଡ୍ ସେଥିରେ ପ୍ରାଧାନ୍ୟ ବିସ୍ତାର କଲେ । କ'ଣ ଛେଳିଟିଏ ମେଁ ମେଁ ହୋଇ ବୋବାଇଲେ ତାହା ହେବ ଆବସର୍ଡ୍ ନାଟକ । ଆମର ତ ସେଇମିତି

ପରିବେଶ ଆବ୍‌ସର୍ଡ୍ ନାଟକ ପାଇଁ ନାହିଁ। କାହିଁକି ଆମେ 'ଅରଣ୍ୟ ଫସଲ'କୁ ପରୀକ୍ଷାଧର୍ମୀ ମନସ୍ତାତ୍ତ୍ୱିକ ନାଟକ ନକହିବା ? ମୁଁ ଖୁସିରେ ସଭାରୁ ଆସିଲି। ତା ପରଦିନ କଲେଜକୁ ଯଥାବିଧି ଗଲି। ପ୍ରାୟ ସେଦିନ ଦିନ ତିନିଟା ବେଳକୁ ଜଣେ ଭଦ୍ରବ୍ୟକ୍ତି ମୋତେ କଲେଜରେ ଖୋଜିଲେ। ତାଙ୍କର ମୋ' ସହ ଦେଖାହେଲା। ସେ କହିଲେ, "ଆପଣ ଟିକେ ସୁବିଧା କରି ବର୍ଦ୍ଧମାନ କମ୍ପାଉଣ୍ଡ ଘରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କୁ ଭେଟିବେ।" ମୁଁ ପ୍ରାୟ ସାଢ଼େ ଚାରିଟା ପାଖାପାଖି ତାଙ୍କ ଘରେ ପହଞ୍ଚିଲି। ବଡ଼ ଆଦର ଯତ୍ନରେ ପାଖରେ ବସାଇଲେ ଓ ଗମ୍ଭୀର ଗଳାରେ ପଚାରିଲେ, ଆପଣ 'ବାଉରୀବଂଧୁ ବାବୁ'- ମୁଁ ହଁ କଲି। କାଲି ଆପଣ ମୋ 'ଅରଣ୍ୟ ଫସଲ' ନାଟକକୁ ମନଇଚ୍ଛା ଗାଳି ଦେଲେ। ଜାଣନ୍ତି ତ ସେ ନାଟକ ପାଇଁ ମୁଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଛି। ତାକୁ ଭିତ୍ତି କରି ଗଢ଼ି ଉଠିଛି ଏକ ଉଦ୍ଭଟ ନାଟ୍ୟ ପରମ୍ପରା। ମୁଁ କହିଲି ସାର୍ - ଆପଣଙ୍କୁ ଅମର କରି ରଖିବ ନାଟକ 'ଆଗାମୀ', 'ଅବରୋଧ', 'ବନହଂସୀ', 'କାଠ ଘୋଡ଼ା', ଛୋଟ ନାଟକ ଇତ୍ୟାଦି। କାରଣ ଏହାର ଅଛି ଆମ ସାଂସ୍କୃତିକ ଜୀବନ ସହ ସମ୍ପୃକ୍ତି। ଅଧିକନ୍ତୁ 'ଅରଣ୍ୟ ଫସଲ'ରେ ନାଁ ଅଛି ଆମ ସଂସ୍କୃତି ସହ ସମ୍ପର୍କ ନା ଅଛି ଜୀବନବୋଧର ଗଭୀରତା। ମୋ'ଠୁ ଏସବୁ ଶୁଣି ସେ ହସିଲେ ଓ ପୁଣିଥରେ ନାଟକଟିକୁ ପଢ଼ିବାକୁ କହିଲେ। କଟକରେ ଏମିତି ମୋର ବକ୍ତବ୍ୟ, ସେସବୁ ଶୁଣି ପ୍ରଖ୍ୟାତ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ପ୍ରତିକ୍ରିୟା ମୋତେ ଯେତିକି ବିତର୍କର ବଳୟ ଭିତରକୁ ଟାଣି ନେଇଥିଲା, ସେତିକି ସାହିତ୍ୟ ସଭାରେ ଯୋଗଦେବାକୁ ଉତ୍ସାହିତ କରିଥିଲା।

ମୋର ଯାହା ମନେଅଛି ୧୯୮୨ ମସିହା ଅଗଷ୍ଟ ମାସରେ କୌଣସି ଏକ ଦିନ ମୁଁ ଡଗର ପ୍ରେସ୍ ପରିସରରେ 'ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀ' ଶୀର୍ଷକ ଏକ ଆଲୋଚନା ପାଠ କରିଥିଲି। ଏଥିରେ ଅଧ୍ୟାପକ ଡକ୍ଟର ଶ୍ୟାମସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ ଓ ବିଶିଷ୍ଟ ବାଗ୍ମୀ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅଲୋଚନାରେ ଗୋବିନ୍ଦ ତ୍ରିପାଠୀଙ୍କ ସ୍ୱଦେଶ ପ୍ରେମ, ସାହିତ୍ୟିକ ରୁଚିବୋଧ, ପାରମ୍ପରିକ ମୂଲ୍ୟବୋଧ ପ୍ରତି ଶ୍ରଦ୍ଧା ସମ୍ପର୍କରେ ସବିଶେଷ ଅନୁଶୀଳନ କରାଯାଇଥିଲା। ଆଲୋଚନାଟି ସମ୍ପର୍କରେ ସଭାରେ ଉପସ୍ଥିତ ଅତିଥି ଡକ୍ଟର ଦାଶ ସମୀକ୍ଷା କରିବା ସହିତ ଗୋବିନ୍ଦ ତ୍ରିପାଠୀଙ୍କ ଗଦ୍ୟ ସାହିତ୍ୟର ବିଧିବଦ୍ଧ ଗବେଷଣା ହେବା ଉଚିତ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ମୋ ତତ୍ତ୍ୱାବଧାନରେ

ଗବେଷଣା କରି ଏହି ପ୍ରସଙ୍ଗରେ ଅଧ୍ୟାପକ ଅନାଦିଚରଣ ଗାଁଣ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ପାଇଥିଲେ । ସେ ସମୟକୁ ଗୋବିନ୍ଦ ତ୍ରିପାଠୀଙ୍କ ଲେଖାଗୁଡ଼ିକ ଏକତ୍ର ହୋଇ ଗ୍ରନ୍ଥ ଆକାରରେ ବାହାରିନଥାଏ କିମ୍ବା ତାଙ୍କ ସାହିତ୍ୟର ବ୍ୟାପକ ଚର୍ଚ୍ଚା ହୋଇନଥାଏ ।

ମୁଁ ଲେଖକ ସାମ୍ମୁଖ୍ୟ, ଓଡ଼ିଶା ସହିତ ୧୯୮୦ ମସିହାରୁ ଓତପ୍ରୋତ ଭାବରେ ସଂପୃକ୍ତ ଥିଲି । ମୁଁ ୧୯୮୦ ମସିହାରୁ କ୍ରମାଗତ ଭାବରେ ୧୯୮୯ ପର୍ଯ୍ୟନ୍ତ ଏହାର ବାର୍ଷିକ ଉତ୍ସବରେ ଯୋଗଦାନ ସହିତ ଏହାର ସାହିତ୍ୟ ଆଲୋଚନାରେ ଅଂଶଗ୍ରହଣ କରୁଥିଲି । ଏହାର ପ୍ରଥମ ବାର୍ଷିକ ଉତ୍ସବ ୧୯୮୦ ମସିହାରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସାହିତ୍ୟ ପ୍ରାଣ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବିଶିଷ୍ଟ ସାହିତ୍ୟିକ ଓ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ମଧ୍ୟ ବରେଣ୍ୟ ଅତିଥି ଭାବରେ ଏହାର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ । ସେ ସଭାରେ ସାହିତ୍ୟକୁ ଗଣାଭିମୁଖୀ କରିବା ପାଇଁ ମତ ପ୍ରକାଶ ପାଇଥିଲା । ସେ ସକାଶେ ସାହିତ୍ୟ ସଭାକୁ କଟକ, ଭୁବନେଶ୍ୱର ପରିବର୍ତ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷ କରି ଓଡ଼ିଶାର ଉପାନ୍ତ ଅଞ୍ଚଳରେ କରିବା ପାଇଁ ସଭାରେ ଅତିଥିମାନେ ବକ୍ତବ୍ୟ ଛଳରେ କହିଥିଲେ । ତା' ପରବର୍ଷ ଠାରୁ ସାହିତ୍ୟୋତ୍ସବ ଓଡ଼ିଶାର ଉପାନ୍ତ ଅଞ୍ଚଳରେ କରାଯାଇଥିଲା । ଦ୍ୱିତୀୟ ବର୍ଷ ଏହି ଉତ୍ସବ କୋରାପୁଟ ଜିଲ୍ଲାର ସୁନାବେଡ଼ାରେ ମହାସମାରୋହରେ ହୋଇଥିଲା । ଏହି ସଭାକୁ ସାହିତ୍ୟ ପ୍ରାଣ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ପ୍ରସିଦ୍ଧ ଲେଖକ ସୁରେନ୍ଦ୍ର ମହାନ୍ତି, ରାଧାମୋହନ ଗଡ଼ନାୟକ, ରାଜକିଶୋର ରାୟ ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବରେ ଯୋଗଦାନ କରିଥିଲେ । ତୃତୀୟବର୍ଷ ଏହି ଉତ୍ସବ ୧୯୮୨ ମସିହାରେ ଶିଳ୍ପନଗରୀ ରାଉରକେଲାଠାରେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଲେଖକ ସାମ୍ମୁଖ ସାହିତ୍ୟ ଅନୁଷ୍ଠାନର ସଭାପତି ଥିଲେ ସୁଲେଖକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ର । ସଭାକୁ ସାହିତ୍ୟ ପ୍ରାଣ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ରାଉରକେଲା ଶିଳ୍ପନଗରୀର ଶିଳ୍ପ ସଭ୍ୟତା ସହିତ ଆମ ସାଂସ୍କୃତିକ ଜୀବନର ଯେଉଁ ସମ୍ପର୍କ ରହିଛି ସେସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଚତୁର୍ଥ ବର୍ଷ ଉତ୍ସବ ବାଲେଶ୍ୱରରେ ହୋଇଥିଲା । ଏଥିରେ ମଧ୍ୟ ସେ କାଳର ସାହିତ୍ୟପ୍ରାଣ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଯୋଗଦାନ ପୂର୍ବକ ଓଡ଼ିଆ

ସାହିତ୍ୟକୁ ବ ଲଶ୍ୱରର ସୁମହତ୍ ଅବଦାନ ସମ୍ପର୍କରେ କହିବା ସହିତ ଓଡ଼ିଆ ଭାଷାରେ ଉଚ୍ଚମାନର ସ ହିତ୍ୟ ସୃଷ୍ଟି ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପଞ୍ଚମ ବର୍ଷ ସାହିତ୍ୟ ଉତ୍ସବ ବଲାଙ୍ଗୀରରେ ହୋଇଥିଲା । ଏଥିରେ ସେ ସମୟର ମୁଖ୍ୟମନ୍ତ୍ରୀ ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ସାହିତ୍ୟର ସାର୍ବଜନୀନତା ଓ ସମାଜ ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଷଷ୍ଠ ସାହିତ୍ୟ ଉତ୍ସବ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇଥିବା ବେଳେ ସପ୍ତମ ସାହିତ୍ୟ ଉତ୍ସବ କେନ୍ଦୁଝରରେ ହୋଇଥିଲା ଅନୁଷ୍ଠିତ । ଉଭୟ ସଭାକୁ ସେତେବେଳର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । କେନ୍ଦୁଝର ସଭାରେ ବିଶିଷ୍ଟ ବାଂଲା ଲେଖକ ସୁନୀଲ ଗଙ୍ଗୋପାଧ୍ୟାୟ ଯୋଗ ଦେଇଥିଲେ । କେନ୍ଦୁଝରର ପଚିଶ ଜଣ ଲେଖକଙ୍କୁ ଏହି ସଭାରେ ବିଶିଷ୍ଟ ରାଜନେତା ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ପୃଷ୍ଠପୋଷକତାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅଷ୍ଟମ ସାହିତ୍ୟୋତ୍ସବ ୧୯୮୭ ମସିହାରେ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅନ୍ୟତମ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ ଆସାମର ପ୍ରସିଦ୍ଧ ଲେଖକ ନବକାନ୍ତ ବରୁଆ । ମୁଁ ତାଙ୍କ ସହ କାର୍ ଯୋଗେ ଭୁବନେଶ୍ୱରରୁ ସମ୍ବଲପୁର ଯାଇଥିଲି । ଏହି ସମୟରେ ସାମ୍ମୁଖ୍ୟର ସମ୍ପାଦକ ଥିଲେ କବି ଫନୀ ମହାନ୍ତି । ତା'ଙ୍କ ପରିଚାଳନାରେ ଉତ୍ସବ ଖୁବ୍ ସଫଳ ହୋଇଥିଲା । ଏହି ସମୟରେ ସମ୍ବଲପୁରରେ ରାଜସ୍ୱ କମିଶନର ଥିଲେ କବି ରାଜେନ୍ଦ୍ର କିଶୋର ପଣ୍ଡା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଲେଖକ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ସାହିତ୍ୟୋତ୍ସବକୁ ଉଦ୍‌ଘାଟନ କରି ଉତ୍ସବର ସଫଳତା କାମନା କରିଥିଲେ । ମୁଁ ଏହିପରି ଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଲେଖକ ସାମ୍ମୁଖ୍ୟର ସାହିତ୍ୟୋତ୍ସବରେ କ୍ରମାଗତ ଭାବରେ ଯୋଗ ଦେଇ ସାହିତ୍ୟ ଆଲୋଚନାରେ ଭାଗ ନେଇଥିଲି ।

ମୁଁ ୧୯୮୬ ଜାନୁୟାରୀ ୧୫ରୁ ଜାନୁୟାରୀ ୨୫ ମଧ୍ୟରେ ଓଡ଼ିଶା ସାହିତ୍ୟ ଅକାଦେମୀ ପକ୍ଷରୁ ଆନ୍ତଃରାଜ୍ୟ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟମାନଙ୍କୁ ଯାଇଥିଲି । ଆସାମ, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ବୁଲାବୁଲି କରି ଆମ ସଂସ୍କୃତି ସହିତ ସେମାନଙ୍କ ସଂସ୍କୃତିର ତୁଳନାତ୍ମକ ଅଧ୍ୟୟନ କରିଥିଲି । ଏ କାର୍ଯ୍ୟକ୍ରମରେ ମୁଁ ବେଶୀଦିନ ମଣିପୁରରେ କଟାଇଥିଲି । ମଣିପୁରରେ ୧୭ ଜାନୁୟାରୀ ୧୯୮୬ରୁ ୨୩ ଜାନୁୟାରୀ ୧୯୮୬ ପର୍ଯ୍ୟନ୍ତ ରହି

ସେଠାରେ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଭାଷାର ଐତିହ୍ୟ ଓ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ତିନୋଟି ବକ୍ତୃତା ଦେଇଥିଲି । ମୁଁ ଜାନୁୟାରୀ ୧୮ ତାରିଖ, ୨୦ ତାରିଖ ଓ ୨୨ ତାରିଖରେ ଉପରଲିଖିତ ପ୍ରସଙ୍ଗରେ ତିନୋଟି ବକ୍ତୃତା ଦେଇଥିଲି । ଏହି ତିନୋଟି ବକ୍ତୃତା ମଣିପୁର ସାହିତ୍ୟ ପରିଷଦରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସେ ସମୟର ମଣିପୁର ଡ୍ୟାନ୍ସ ଏକାଡ଼େମୀର ଡିରେକ୍ଟର ପ୍ରକାଶ ସିଂ, ପ୍ରସିଦ୍ଧ କବି ଇ. ନୀଳକଣ୍ଠ ସିଂ, ସମରେନ୍ଦ୍ର, ଇରମ ସିଂ ବାବୁ, ରନ୍‌ବୀର ସିଂ, ଜଲଜିତ୍ ସିଂ ପ୍ରମୁଖ ଯୋଗ ଦେଇଥିଲେ । ମଣିପୁରର ଲେଖକମାନେ ସେମାନଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଖୁବ୍ ଭଲ ପାଆନ୍ତି । ସେମାନଙ୍କର ଜାତୀୟ ଜୀବନ ପ୍ରତି ଅଦ୍ଭୁତ ପ୍ରେମ ରହିଛି । ମଣିପୁରର ନଦ-ନଦୀ, ପାଣି-ପବନ, ବଣ-ପାହାଡ଼କୁ ସେମାନେ କବିତାରେ ସୁନ୍ଦର ରୂପ ଦିଅନ୍ତି । ସାମୂହିକ ଭାବରେ ହସି-ଖେଳି, ନାଚି-କୁଦି ଜୀବନ କଟାଇବାରେ ଆନନ୍ଦାନୁଭବ କରନ୍ତି । ଅନ୍ୟତମ ବିଶିଷ୍ଟ ଆଧୁନିକ କବି ସମରେନ୍ଦ୍ର ଏହି ବୈଶିଷ୍ଟ୍ୟ ସମ୍ପର୍କରେ ଏକ କବିତାରେ ଲେଖିଛନ୍ତି,

"Is the land so beautiful
Is the valley so charming
Is khwairamban so clear
'Are the Manipuris so united
O, all Manipuris unite at least today
So, they may remain united for ever".

ଏଇ କବିତା କେଇଧାଡ଼ିରୁ ସେମାନଙ୍କ ଜାତୀୟ ଜୀବନକୁ ବୁଝିହୁଏ ।

ଆସାମରେ ବିଶେଷ ଆକର୍ଷଣ ହେଉଛି ସେଠାକାର ସାହିତ୍ୟ ସଭା । ମୁଁ ସେଠାରେ ସିଲଚରରେ ଏକ ସାହିତ୍ୟ ସଭାରେ ଯୋଗଦେଇ ଓଡ଼ିଆ ସାହିତ୍ୟର ପ୍ରାଚୀନତା ସମ୍ପର୍କରେ କହିଥିଲି । ଉତ୍ତର ପୂର୍ବ ଭାରତର ଏହିସବୁ ଅଞ୍ଚଳ ବୁଲି ମୋର ଧାରଣା ହୋଇଥିଲା ଯେ ଭାରତ ବର୍ଷରେ ଏଠାକାର ଲୋକମାନେ ଏକ ଉନ୍ନତ ସାଂସ୍କୃତିକ ରୁଚି ନେଇ ବଞ୍ଚନ୍ତି । ଓଡ଼ିଆମାନଙ୍କ ଅପେକ୍ଷା ରୁଚିଶୀଳ ଢଙ୍ଗରେ ସାଂସ୍କୃତିକ ଜୀବନ ବିତାଇବାରେ ଏମାନଙ୍କର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ ।

ମୁଁ କଟକରେ ଥିବା ସମୟରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ହେଉଥିବା ବିଷୁବ ମିଳନରେ ଶ୍ରୋତା ଭାବରେ ପ୍ରତିବର୍ଷ ଯୋଗଦିଏ । ଥରେ ଦୁଇଥର ବିଷୁବ

ମିଳନର ଆଲୋଚନା ଚକ୍ରରେ ବକ୍ତା ରୂପେ ଯୋଗ ଦେଇଛି । ମୋର ଯାହା ମନେ ପଡୁଛି, ଥରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ସମ୍ପର୍କିତ ଆଲୋଚନା ଚକ୍ରରେ ଯୋଗ ଦେଇ ମୁଁ ଓଡ଼ିଆ ଗଦ୍ୟର ସୁଦୂର ପ୍ରସାରୀ ଦିଗ୍‌ବଳୟ ସମ୍ପର୍କରେ କହିଥିଲି । ଏଥିସହିତ ପତ୍ରପତ୍ରିକା ପୃଷ୍ଠାରେ ଆଧୁନିକ ଗଦ୍ୟର ନବଦିଗନ୍ତ ସମ୍ପର୍କରେ କିଛି ମନ୍ତବ୍ୟ ଦେଇଥିଲି । କଟକରେ ଥିବା ସମୟରେ ପଣ୍ଡିତ ନୀଳକଣ୍ଠ ଦାସ ଶତବାର୍ଷିକୀ ସମାରୋହରେ ମୁଁ ଅଂଶଗ୍ରହଣ କରିଥିଲି । ଏହି ଉପଲକ୍ଷେ ପଣ୍ଡିତ ନୀଳକଣ୍ଠ ଜ୍ୟୋତି ପରିକ୍ରମା କାର୍ଯ୍ୟକ୍ରମରେ ଭାଗ ନେଇଥିଲି । ଖ୍ରୀଷ୍ଟ କଲେଜରେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ଏକ ବକ୍ତୃତା ଦେଇଥିଲି । ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ପ୍ରାବନ୍ଧିକ ନୀଳକଣ୍ଠ ଦାସ ଶୀର୍ଷକ ଏକ ପ୍ରବନ୍ଧ ପଢ଼ିଥିଲି । ଯାହା ପରବର୍ତ୍ତୀ ସମୟରେ 'କୋଣାର୍କ' ପତ୍ରିକାରେ ନୀଳକଣ୍ଠ ବିଶେଷାଙ୍କ ସଂଖ୍ୟାରେ ବାହାରିଥିଲା । ମୁଁ ୧୯୮୪-୮୫ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସ ଶତବାର୍ଷିକୀ ସମାରୋହ ଅବସରରେ ଏକାଧିକ ସ୍ଥାନରେ ଆଲୋଚନା ଚକ୍ରରେ ଅଂଶଗ୍ରହଣ ପୂର୍ବକ ତାହାଙ୍କ ସାରସ୍ୱତ ସାଧନା ସମ୍ପର୍କରେ ନାନା ଦୃଷ୍ଟିରୁ ଆଲୋଚନା କରିଥିଲି ।

କଟକରେ ଥିବାବେଳେ ମୁଁ ଅନେକ ସମୟରେ ସ୍କୁଲ, କଲେଜ ଓ ଅନୁଷ୍ଠାନମାନଙ୍କୁ ବକ୍ତା ହୋଇଯାଉଥିଲି । ବେଳେ ବେଳେ ଯାଜପୁର ଟାଉନ୍ ହଲ୍‌ରେ ହେଉଥିବା କାମପାଳ ମିଶ୍ର ଜୟନ୍ତୀ, କୃଷ୍ଣପ୍ରସାଦ ବସୁ ଜୟନ୍ତୀ, ଅଭିମନ୍ୟୁ ଜୟନ୍ତୀକୁ ବକ୍ତା ହୋଇ ଯାଉଥିଲି । ୧୯୮୬ ମସିହାରେ କାମପାଳ ଜୟନ୍ତୀରେ ମୁଁ କାମପାଳଙ୍କ ସାରସ୍ୱତ ସାଧନାର ଦିଗ୍‌ବଳୟ ସମ୍ପର୍କରେ ଏକ ଦୀର୍ଘ ବକ୍ତୃତା ଦେଇଥିଲି । ୧୯୮୭ ମସିହାରେ ଅଭିମନ୍ୟୁ ଜୟନ୍ତୀରେ ମଧ୍ୟ ମୁଁ ତାଙ୍କର ଶାସ୍ତ୍ରଜ୍ଞାନ, କବିତ୍ୱ, ଧର୍ମମତ ଆଦି ସଂପର୍କରେ ଆଲୋଚନା କରିଥିଲି । ଟାଉନ୍ ହଲ୍‌ର ସଭାଗୁଡ଼ିକୁ ବିଶିଷ୍ଟ ବ୍ୟଙ୍ଗ ଲେଖକ ଚନ୍ଦ୍ରମଣି ପଣ୍ଡା ସବୁବେଳେ ଆୟୋଜନ କରୁଥିଲେ । ୧୯୮୮ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ ମୁଁ କଟକରେ ଥିବାବେଳେ ଛୋଟ ବଡ଼ ବହୁ ସାରସ୍ୱତ ସଭାରେ ଯୋଗ ଦେଇ ମୋର ସାହିତ୍ୟ ସେବା ପ୍ରତି ଆନ୍ତରିକତାର ପରିଚୟ ଦେଇଥିଲି । ତା'ପରେ ମୁଁ ଆସି ୧୯୮୮ ଏପ୍ରିଲ ୧୪ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯୋଗ ଦେଲି ଓ ମୋର ସାଂସ୍କୃତିକ ଜୀବନ ଏକ ଭିନ୍ନ ମୋଡ଼ ନେଲା ।

କଟକ ପରି ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତ୍ୟହ କିଛି ନା କିଛି ସାଂସ୍କୃତିକ ସଭା ହୁଏ । କଟକ ପରି ଏଠି ରହିଛି 'କଳିଙ୍ଗ ସାହିତ୍ୟ ସମାଜ' । ମୁଁ

କଳିଙ୍ଗ ସାହିତ୍ୟ ସମାଜର ସଭ୍ୟ ନ ଥିଲେ ସୁଦ୍ଧା ଏହି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ କେତେକ ସଭାରେ ଶ୍ରୋତା, ଅନ୍ୟ କେତେକ ସଭାରେ ବକ୍ତା ଭାବେ ଯୋଗ ଦେବାର ସୁଯୋଗ ପାଇଥିଲି । ଏହି ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ବସନ୍ତକୁମାର ପାଣିଗ୍ରାହୀ ପ୍ରାୟ ଏହାର ସବୁ ସଭାସମିତିରେ ଯୋଗ ଦିଅନ୍ତି । ଏହି ସଭାମାନଙ୍କ ମଧ୍ୟରୁ କେବଳ ମୋର ସ୍ମୃତିପଟରେ ମନୋଜ ଦାସଙ୍କୁ ନେଇ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବଟି ଏବେ ବି ରହିଅଛି । ମୁଁ ୧୯୮୮ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଅଧିକାଂଶ ସମୟରେ କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟିକ କାର୍ଯ୍ୟକ୍ରମରେ ଯୋଗ ଦେଇଛି । ଏହି ସଭାରୁ ଆମର କବି, ସାଂସ୍କୃତିକ ମହାପୁରୁଷଙ୍କୁ ନେଇ କିପରି ଭାବପ୍ରବଣ ହୋଇ ଗର୍ବ କରିବାକୁ ହୁଏ ଓ ଓଡ଼ିଆ ଅସ୍ମିତାକୁ ଜାହିର କରିବାକୁ ହୁଏ ମୁଁ ଶିଖିଛି । ବ୍ରହ୍ମପୁରରେ ଲେଖକମାନଙ୍କ ପ୍ରତି ଶ୍ରଦ୍ଧା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ଆନ୍ତରିକତା ମୋତେ ମୁଗ୍ଧ କରିଛି ।

ବ୍ରହ୍ମପୁରରେ ଥିବା ସମୟରେ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପରେ ପ୍ରଫେସର ଲକ୍ଷ୍ମୀନାରାୟଣ ରାଉତଙ୍କ ଅନୁରୋଧ କ୍ରମେ ତା ୪.୧୦.୧୯୮୯ରେ ଅନୁଷ୍ଠିତ ଏକ ପାଠଚକ୍ରରେ ଯୋଗ ଦେଇଥିଲି । ଏହା ବିଶିଷ୍ଟ ଐତିହାସିକ ପ୍ରଫେସର ଭବାନୀ ଚରଣ ରାୟଙ୍କ ପୌରୋହିତ୍ୟରେ ଭୁବନେଶ୍ୱର ପାନ୍ଥନିବାସ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ପାଠଚକ୍ରର ପ୍ରସଙ୍ଗ ଥିଲା 'ଓଡ଼ିଆ ଜାତୀୟତା' । ଏଥିରେ ମୁଁ ବିଂଶ ଶତକ ଆଦି ପର୍ଯ୍ୟାୟ ଓଡ଼ିଆ ସାହିତ୍ୟରେ ଜାତୀୟ ଭାବଚେତନା ଶୀର୍ଷକ ଏକ ସନ୍ଦର୍ଭ ପାଠ କରିଥିଲି । ଏହି ସନ୍ଦର୍ଭରେ ମୁଖ୍ୟତଃ ସତ୍ୟବାଦୀ ସାହିତ୍ୟର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପୂର୍ବକ ଓଡ଼ିଆ ଜନସମାଜ ଉପରେ ଏହାର ପ୍ରଭାବର ସ୍ୱରୂପ ଆକଳନ କରାଯାଇଥିଲା । ଆମ ଜାତୀୟତା କ୍ଷୁଦ୍ର ପରିସରରୁ ମୁକ୍ତିଲାଭ କରି ଜାତୀୟ ମମତା ଓ ବିଶ୍ୱଜନ ପ୍ରୀତିକୁ କିଭଳି ଆପଣାର କରିଥିଲା ଏହି କଥା ମୁଁ ସେଇ ସନ୍ଦର୍ଭଟିରେ ଦର୍ଶାଇଥିଲି ।

ପୁରୀରେ ୨୪-୨୫ ଡିସେମ୍ବର ୧୯୯୦ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଲେଖକ ସମ୍ମିଳନୀରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିନିଧି ରୂପେ ଯୋଗଦେଇ 'ଆଧୁନିକ ଓଡ଼ିଆ ଗଦ୍ୟ' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ନିବନ୍ଧରେ ଆଧୁନିକ ଗଦ୍ୟର ବହୁବିଧ ଆଙ୍ଗିକ ଓ ଆତ୍ମିକ ବିଭବ ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ଆମ ଗଦ୍ୟ ସାହିତ୍ୟର ଜୀବନବାଦୀ ଦୃଷ୍ଟିଭଙ୍ଗୀ, ବୈଚିତ୍ର୍ୟ ଓ

ମୌଳିକତା ସମ୍ପର୍କରେ ଏଥିରେ ମୁଁ ବିଶ୍ଳେଷଣ କରିଥିଲି । ପଦ୍ୟ ସାହିତ୍ୟ ତୁଳନାରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ଯେ ଅଧିକ ସମୃଦ୍ଧ ଓ ସଭାବଶାଳୀ ଏଥିରେ ମୁଁ ଦର୍ଶାଇଥିଲି । ପୁନଶ୍ଚ ଗଦ୍ୟ ସାହିତ୍ୟ ପ୍ରତି ପାଠକୀୟ ବିମୁଖତା ଫଳରେ ଆଧୁନିକ ଓଡ଼ିଆ ଗଦ୍ୟ ଯେପରି ସାଧାରଣରେ ଆଦର ଲାଭ କରିବା କଥା, ସେପରି ହୋଇପାରି ନାହିଁ ବୋଲି ମୁଁ କହିଥିଲି । ଏ ସତ୍ତ୍ୱେ ଆଧୁନିକ ଗଦ୍ୟ ନୂତନ ଚିନ୍ତା, ନୂତନ ବକ୍ତବ୍ୟ, ନୂତନ ଆଭିମୁଖ୍ୟ ନେଇ ବଞ୍ଚି ରହିବ ।

ବିଶ୍ୱଭାରତୀ ଶାନ୍ତିନିକେତନରେ ଫକୀର ମୋହନ ସାହିତ୍ୟ ସମ୍ପର୍କରେ ଏକ ଜାତୀୟ ସେମିନାର ୨୩ ଓ ୨୪ ଫେବୃୟାରୀ ୧୯୯୧ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇ ମୁଁ 'ଫକୀର ମୋହନଙ୍କ ଗଦ୍ୟ ସାହିତ୍ୟ : ପ୍ରବନ୍ଧ' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ନିବନ୍ଧରେ ମୁଁ କହିଥିଲି ଯେ ଫକୀରମୋହନ କାଳଜୟୀ ଉପନ୍ୟାସ ରଚନା ପୂର୍ବରୁ ତାଙ୍କ ଗଦ୍ୟର ପରୀକ୍ଷା କରିଥିଲେ ପ୍ରବନ୍ଧରେ । ତାଙ୍କ ପ୍ରବନ୍ଧରେ ରହିଥିବା ଗଦ୍ୟଭାଷାର କ୍ରମ ବିବର୍ତ୍ତନ ଧାରା ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ଦେଖିବାକୁ ମିଳେ । ଏହି ସେମିନାରଟିରେ ଜାତୀୟ ଓ ଆନ୍ତର୍ଜାତିକ ଦୃଷ୍ଟିକୋଣରୁ ଫକୀରମୋହନ ସାହିତ୍ୟର ବିଶ୍ଳେଷଣ ପୂର୍ବକ ତାଙ୍କୁ ଜଣେ ବିଶ୍ୱସ୍ତରୀୟ ମହାନ୍ ଲେଖକ ରୂପେ ଅବତାରଣା କରାଯାଇଥିଲା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଫକୀର ମୋହନଙ୍କ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସେମିନାର ୩୧ ଜାନୁୟାରୀ ୧୯୯୩ ଭଞ୍ଜବିହାର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ଫକୀରମୋହନଙ୍କ ଦାୟାଦ ସୁଲେଖକ ରବୀନ୍ଦ୍ର ମୋହନ ସେନାପତି ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ 'ସାରସ୍ୱତ ପରିକ୍ରମା' ଶୀର୍ଷକ ଏକ ଗ୍ରନ୍ଥ ପ୍ରକାଶ ପାଇଥିଲା । ଏହି ସେମିନାରରେ ବିଶିଷ୍ଟ ଲେଖକ ଚିତ୍ତରଂଜନ ଦାସ, ଡକ୍ଟର କୃଷ୍ଣପ୍ରସାଦ ମିଶ୍ର, ଡକ୍ଟର ଦାଶରଥି ଦାସ, ଡକ୍ଟର ସୁଦର୍ଶନ ଆଚାର୍ଯ୍ୟ ପ୍ରମୁଖ ନିବନ୍ଧ ପାଠ କରିଥିଲେ । ସେମିନାର ଉପଲକ୍ଷେ ପ୍ରକାଶିତ 'ସାରସ୍ୱତ ପରିକ୍ରମା' ଗ୍ରନ୍ଥଟି ଏବେ ସୁଦ୍ଧା ଫକୀରମୋହନ ସାହିତ୍ୟ ଆଲୋଚନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଗ୍ରନ୍ଥ ହୋଇ ରହିଛି । ଫକୀର ମୋହନ ସେମିନାରଟି ହେବା ସମୟରେ ମୁଁ ବିଭାଗର ମୁଖ୍ୟ ଥିଲି । ସେମିନାରଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମୁଁ ସଦୁଦ୍ୟମ କରିଥିଲି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫକୀର ମୋହନଙ୍କ ସମ୍ପର୍କରେ ଏକ ଜାତୀୟ

ସେମିନାର ୨୪-୨୫ ମାର୍ଚ୍ଚ ୧୯୯୪ରେ ଅନୁଷ୍ଠିତ ହୋଇଥିଲା । ସେଥିରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବେ ଯୋଗ ଦେଇ 'Nineteenth century Western education and Fakir mohan Senapati' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ନିବନ୍ଧରେ ମୁଁ ଫକୀର ମୋହନଙ୍କର ପାଶ୍ଚାତ୍ୟ ଶିକ୍ଷା ପ୍ରତି ରହିଥିବା ସକାରାତ୍ମକ ଦୃଷ୍ଟିଭଙ୍ଗୀକୁ ତାହାଙ୍କ ରଚନାବଳୀରୁ ଦୃଷ୍ଟାନ୍ତ ଦେଇ ବୁଝାଇଥିଲି । ଏହି ସେମିନାରରେ ଲେଖକଙ୍କ ପ୍ରଶସ୍ତ ଜୀବନ ଦୃଷ୍ଟି ଓ ମେଦିନୀ ଧାରଣା ସମ୍ପର୍କରେ ଅନେକ ଉପାଦେୟ ଆଲୋଚନା ହୋଇଥିଲା ।

ଡକ୍ଟର ମାୟାଧର ମାନସିଂହଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ନେଇ ଏକ ସ୍ମାରକୀ ବକ୍ତୃତା ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ତା ୨୬.୧୦.୧୯୯୫ ରିଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିଦ୍ୟାଧର ମିଶ୍ର । ଏହି ସ୍ମାରକୀ ବକ୍ତୃତା ମୁଁ ଦେଇଥିଲି । ଏହାର ବିଷୟବସ୍ତୁ ଥିଲା, 'ଗଦ୍ୟଶିଳ୍ପୀ ଡକ୍ଟର ମାୟାଧର ମାନସିଂହ' । ଏଥିରେ ମୁଁ କହିଥିଲି, "ଯଦି କୌଣସି ପରିସ୍ଥିତିରେ ମାନସିଂହଙ୍କ କବିତା ଗୁଡ଼ିକ ପାଠକ ଠାରୁ ଦୂରେଇ ଯାଏ, ତେବେ ତା'ଙ୍କ ଗଦ୍ୟପାଠ କରି ବିଜ୍ଞ ପାଠକେ ତାଙ୍କୁ ଜଣେ ଯଶସ୍ୱୀ କବିର ଗୌରବ ପ୍ରଦାନ କରିବେ ।" ଏହି ସଭାରେ ମୁଖ୍ୟ ଉଦ୍ୟୋକ୍ତା ଥିଲେ ମାନସିଂହଙ୍କ ଘନିଷ୍ଠ ସହଯୋଗୀ ପ୍ରଫେସର ଡକ୍ଟର ସୂର୍ଯ୍ୟକାନ୍ତ ଦାସ । ବାଣିଜ୍ୟ ବିଭାଗର ଅନ୍ୟତମ ପ୍ରଫେସର ଡକ୍ଟର ଶାମସନ ମହାରଣା ଏହି ବକ୍ତୃତା କାର୍ଯ୍ୟକ୍ରମକୁ ସବୁ ପ୍ରକାରେ ସଫଳ କରିବା ପାଇଁ ସାଧୁ ଉଦ୍ୟମ କରିଥିଲେ । ପ୍ରାୟ ପଚାଶ ପୃଷ୍ଠାର ଏହି ମୁଦ୍ରିତ ବକ୍ତୃତାଟି ଏକ କ୍ଷୁଦ୍ର ପୁସ୍ତକ ଆକାରରେ ପ୍ରକାଶିତ ହୋଇ ପାଠକ ମାନଙ୍କର ପ୍ରୀତି ଭାଜନ ହୋଇଥିଲା ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି କଲେଜର ଗଜପତି ସ୍ମାରକୀ ବକ୍ତୃତା ଦେବାର ସୁଯୋଗ ମୁଁ ତା ୧୭.୪.୧୯୯୭ରେ ପାଇଥିଲି । ଏହି ବକ୍ତୃତାର ବିଷୟ ବସ୍ତୁ ଥିଲା, 'ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସର ସ୍ୱରୂପ' । ସାମ୍ପ୍ରତିକ କାଳରେ ଉତ୍କୃଷ୍ଟ ଉପନ୍ୟାସ କହିଲେ ଗଦ୍ୟ ମହାକାବ୍ୟକୁ ବୁଝାଉଛି ଓ ଔପନ୍ୟାସିକ ଯୁଗ ଯନ୍ତ୍ରଣାର ସ୍ୱର ତଥା ସମସାମୟିକ ସମୟର ପ୍ରାଣସ୍ପନ୍ଦନକୁ ଏଥିରେ ପ୍ରକାଶ କରୁଛି । ଆଉ ଉପନ୍ୟାସ ସମ୍ପ୍ରତି ହୋଇଛି ଜୀବନର ଏକ ଉଜ୍ଜ୍ୱଳ ଗ୍ରନ୍ଥ । ମୁଁ ପ୍ରାୟ ଦୀର୍ଘ ଏକ ଘଣ୍ଟା ଧରି ଓଡ଼ିଆ ଉପନ୍ୟାସର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ କହିଥିଲି । ଶିକ୍ଷକ ଓ ଛାତ୍ରମାନେ ଏ ସମ୍ପର୍କରେ

ନାନା ପ୍ରଶ୍ନ ମୋତେ ବକ୍ତୃତା ପରେ ପଚାରିଥିଲେ ଓ ମୁଁ ଏହାର ଉତ୍ତର ଦେଇଥିଲି । ପରବର୍ତ୍ତୀ ସମୟରେ ଏହି ବକ୍ତୃତାଟି ଏକ ନିବନ୍ଧ ଆକାରରେ ପ୍ରକାଶିତ ହୋଇଥିଲା ।

କେନ୍ଦ୍ର ସାହିତ୍ୟ ଅକାଦେମି, ନୂଆ ଦିଲ୍ଲୀ ଓ ଭାରତୀୟ ଭାଷା ପରିଷଦ ସହଯୋଗରେ କଲିକତାରେ ଏକ ଜାତୀୟ ସେମିନାର 'ପୂର୍ବ ଭାରତୀୟ ପ୍ରଦର୍ଶନଶୀଳ କଳା ଉପରେ ମୈଥିଳୀ ପ୍ରଭାବ' ପ୍ରସଙ୍ଗରେ ୨୯ ମାର୍ଚ୍ଚ ୧୯୯୯ରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଫେସର ପବିତ୍ର ସରକାର, ଇ. ନୀଳକଣ୍ଠ ସିଂହ, ରାମକୁମାର ମୁଖୋପାଧ୍ୟାୟ, ପ୍ରଫେସର ଚନ୍ଦ୍ରଶେଖର ରଥ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାର ପ୍ରତିନିଧି ଭାବରେ ମୁଁ ଏହି ସଭାରେ 'ଓଡ଼ିଆ ପ୍ରଦର୍ଶନଶୀଳ କଳା ଉପରେ ମୈଥିଳୀର ପ୍ରଭାବ' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ବିଶେଷ କରି ଆମର ପଦାବଳୀ, ସଂକୀର୍ତ୍ତନ ସହିତ ମୈଥିଳୀର ଯେଉଁ ସୂକ୍ଷ୍ମାତିସୂକ୍ଷ୍ମ ପ୍ରଭାବ ରହିଛି, ମୁଁ ଏହି ନିବନ୍ଧଟିରେ ତା'ର ତର୍ଜମା କରିଥିଲି । ଭାରତର ପୂର୍ବାଞ୍ଚଳରେ ପ୍ରଚଳିତ ଭକ୍ତି ସାହିତ୍ୟର ଅନ୍ତଃସ୍ୱର ଯେ ଏକ ଏହା ମୁଁ ନିବନ୍ଧରେ ଉଲ୍ଲେଖ କରିଥିଲି ।

ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଓ ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱରର ମିଳିତ ସହଯୋଗରେ କବିବର ରାଧାନାଥ ରାୟଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ଠାରେ ୨-୩ ମାର୍ଚ୍ଚ ୨୦୦୦ରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଖ୍ୟାତ ସାହିତ୍ୟ ସମୀକ୍ଷକ ପ୍ରଫେସର ଶିଶିର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସେମିନାରରେ ପ୍ରଫେସର ବୈରାଗୀ ଚରଣ ଜେନା, ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ, ସୁଲେଖକ ଚନ୍ଦ୍ରଶେଖର ରଥ, ପ୍ରଫେସର ଖଗେଶ୍ୱର ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ରୂପେ ଯୋଗଦାନ ପୂର୍ବକ ମୁଁ ଗଦ୍ୟଶିଳ୍ପୀ ରାଧାନାଥ, ଶୀର୍ଷକ ନିବନ୍ଧ ପାଠ କରିଥିଲି । ଏହି ନିବନ୍ଧରେ କବି ରାଧାନାଥଙ୍କ ତୁଳନାରେ ଗଦ୍ୟଶିଳ୍ପୀ ରାଧାନାଥ ଯେ ଅନନ୍ୟ ସାହିତ୍ୟ-ବ୍ୟକ୍ତିତ୍ୱର ଅଧିକାରୀ ମୁଁ ତାଙ୍କ ଗଦ୍ୟକୁ ଭିତ୍ତିକରି ଆଲୋଚନା କରିଥିଲି ।

କଲିକତାରେ ୬-୭ ଫେବୃୟାରୀ, ୨୦୦୧ରେ ଶରତ ଚନ୍ଦ୍ରଙ୍କ ସମ୍ପର୍କରେ ଏକ ଜାତୀୟ ସେମିନାର ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଓ ଶରତ ସମିତି ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ବିଦ୍ୱାନ୍ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଚନ୍ଦ୍ର ଉଦ୍‌ଘାଟନ କରିଥିଲେ । ସେ ଉଦ୍‌ଘାଟନ କରି

କହିଲେ ଯେ, ଶରତ ଚନ୍ଦ୍ରଙ୍କ ପ୍ରଭାବ ପ୍ରତ୍ୟେକ ଭାରତୀୟ ଭାଷାର ସାହିତ୍ୟରେ ଅନୁଭୂତ ହୁଏ । ଭାରତୀୟ ଭାଷାମାନଙ୍କରେ ଶରତଚନ୍ଦ୍ରଙ୍କ କଥା ସାହିତ୍ୟ ବ୍ୟାପକ ପରିମାଣରେ ଅନୂଦିତ ହୋଇ ପାଠକର ମନୋରଞ୍ଜନରେ ସହାୟତା କରିଛି । ତାଙ୍କପରି ବୋଧହୁଏ ଅନ୍ୟ କୌଣସି ଲେଖକଙ୍କ ଲେଖା ଆଧୁନିକ କାଳରେ ଏମିତି ଭାବରେ ବିଭିନ୍ନ ଭାରତୀୟ ସାହିତ୍ୟକୁ ଅନୁବାଦ କରାଯାଇ ନାହିଁ । ଏହି ସେମିନାରରେ ମୁଁ 'ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଶରତଚନ୍ଦ୍ରଙ୍କ ପ୍ରଭାବ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲି । ଏଥିରେ ମୁଖ୍ୟତଃ ମୁଁ ଆମ ସାହିତ୍ୟର କାହ୍ନୁଚରଣଙ୍କ ସହ ଶରତଚନ୍ଦ୍ରଙ୍କ ଉପନ୍ୟାସର ତୁଳନାତ୍ମକ ବିଶ୍ଳେଷଣ କରିଥିଲି । ଏଥିସହିତ ଶରତ ଚନ୍ଦ୍ରଙ୍କ ଗ୍ରନ୍ଥମାନ କିପରି ଓଡ଼ିଆ ଭାଷାରେ ଅନୂଦିତ ହୋଇ ପାଠକର ଶ୍ରଦ୍ଧାଭାଜନ ହୋଇଛି ସେ ସମ୍ପର୍କରେ କହିଥିଲି । ଏହି ସେମିନାରକୁ ବଙ୍ଗଳାର ବଛା ବଛା ବିଦ୍ୱାନ୍, ପ୍ରସିଦ୍ଧ ଲେଖକମାନଙ୍କର ସମାବେଶ ହୋଇଥିଲା । ଏହି ସେମିନାରଟିରୁ ବାଂଲା ସାହିତ୍ୟରେ ଶରତଚନ୍ଦ୍ର ଯେ ଜଣେ ଅତ୍ୟନ୍ତ ଜନପ୍ରିୟ ପ୍ରସିଦ୍ଧ ଲେଖକ, ତାହା ଜାଣି ହେଉଥିଲା ।

୨୯ ଜୁନ୍ ୨୦୦୧ରେ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ସହଯୋଗରେ ନିଖିଳ ଓଡ଼ିଶା କବି ସମ୍ମେଳନ ସୁନାବେଢ଼ାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମେଳନକୁ ଉଦ୍‌ଘାଟନ କରିଥିଲେ ସାହିତ୍ୟ ଅକାଦେମିର ତତ୍କାଳୀନ ସଭାପତି ପ୍ରଥିତଯଶା କବି ରମାକାନ୍ତ ରଥ । ଏଥିରେ ମୁଁ 'ସାମ୍ପ୍ରତିକ ଓଡ଼ିଆ କବିତାର ସ୍ୱରୂପ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲି । ଏହି ପ୍ରବନ୍ଧରେ ମୁଁ କହିଥିଲି ଯେ, "ସାମ୍ପ୍ରତିକ ଓଡ଼ିଆ କବିତା ଆମ ପରମ୍ପରାରୁ ବିଚ୍ଛିନ୍ନ ନୁହେଁ । ଏଥିରେ ସାମ୍ପ୍ରତିକ ମଣିଷର ଜୀବନାଭୂତି ସହିତ ରହିଛି ସାମ୍ପ୍ରତିକ ସମୟର ପ୍ରାଣ ପ୍ରବାହ । ମଣିଷର ଭାଗ୍ୟ-ବିପର୍ଯ୍ୟୟ ଠାରୁ ଆରମ୍ଭ କରି ତା'ର ଅନିବାର୍ଯ୍ୟ ଅବସାଦ, ବିଚ୍ଛିନ୍ନତା ବୋଧ, ମନର କ୍ରିୟା-ପ୍ରତିକ୍ରିୟା, ମୃତ୍ୟୁ-ଚେତନା ଏ କବିତାରେ ସୁଲଭ ।" ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଶତାଧିକ କବି ଏହି ସଭାରେ ଯୋଗ ଦେଇଥିଲେ । ଆଲୋଚନା ସଭା ସହିତ କବିମାନଙ୍କର କବିତା ପାଠ ଥିଲା ଏହି ସଭାର ବିଶେଷ ଆକର୍ଷଣ ।

ସାହିତ୍ୟ ଅକାଦେମି ଓ ବିଶ୍ୱଭାରତୀ ଓଡ଼ିଆ ବିଭାଗର ମିଳିତ ସହଯୋଗରେ ଏକ ବକ୍ତୃତା ମୁଁ 'ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସରେ ନୂତନତା' ଶୀର୍ଷକ ବିଷୟବସ୍ତୁ ଉପରେ ୨୯ ଅଗଷ୍ଟ ୨୦୦୧ରେ ଶାନ୍ତିନିକେତନରେ ଦେଇଥିଲି । ଏଥିରେ ବିଭାଗର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମୁଁ ମୋର ବକ୍ତୃତାରେ କହିଥିଲି

ଯେ, "ସାମ୍ପ୍ରତିକ କାଳରେ ଉପନ୍ୟାସ ନାମ ବହନ କରିଥିବା ବହୁ ଲେଖା ବାହାରୁଛି, କିନ୍ତୁ ସେଗୁଡ଼ିକ ମଧ୍ୟରେ ଶତକଡ଼ା ଏକଭାଗ, ଯଥାର୍ଥରେ ଉପନ୍ୟାସ୍ ପଦବାଚ୍ୟ । ଓଡ଼ିଆ ଉପନ୍ୟାସ ଆଜି ରୁଚିହୀନ କ୍ରେତା ଦୁର୍ବଳ ପାଠକ ନିକଟରେ ରହିଯାଇଛି । ସାମ୍ପ୍ରତିକ ସମୟର ବାତାବରଣ, ମଣିଷର ଜୀବନବୋଧର ଗଭୀରତାକୁ ନେଇ କିଛି ଭଲ ଉପନ୍ୟାସ ଓଡ଼ିଆରେ ନ ଥିବା ଦୁର୍ଭାଗ୍ୟର ବିଷୟ । ଉପନ୍ୟାସ ଲେଖକ ଯେ କବି, ବୈଜ୍ଞାନିକ, ସନ୍ନ୍ୟାସୀ, ଦାର୍ଶନିକ ଠାରୁ ଉର୍ଦ୍ଧ୍ୱରେ ବିଚରଣ କରୁଥିବା 'ସ୍ୱତନ୍ତ୍ର ମଣିଷ' ଏହାକୁ ଅନୁଭବ କରିପାରିଲେ ଯାଇ ଭଲ ଉପନ୍ୟାସ ଲେଖାଯାଇ ପାରିବ ବୋଲି ମୁଁ କହିଥିଲି ।" ମୋ ବକ୍ତୃତା ପରେ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କିଛି ସମୟ ଧରି ଚାଲିଥିଲା ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ନୂଆଦିଲ୍ଲୀଙ୍କ ଆର୍ଥିକ ସହାୟତାରେ 'ଊନବିଂଶ ଶତକର ଓଡ଼ିଆ ସାହିତ୍ୟ' ଶୀର୍ଷକ ଏକ ସେମିନାର ୨୫ ଅଗଷ୍ଟ ୨୦୦୧ରେ ବ୍ୟାସନଗର କଲେଜ, ଯାଜପୁର ରୋଡ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ମୁଁ 'ଊନବିଂଶ ଶତକ ଓଡ଼ିଆ ସାହିତ୍ୟ ଚିନ୍ତା' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲି । ଏଥିରେ ମୁଁ ଊନବିଂଶ ଶତକର ପତ୍ରପତ୍ରିକା ମିଶନାରୀ ସାହିତ୍ୟ, ପାଠ୍ୟପୁସ୍ତକ ଆଦିରେ କିପରି ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ସ୍ୱର ପ୍ରକାଶ ପାଇଥିଲା ତା'ର ତର୍ଜମା କରିଥିଲି । ଏହି ସମୟରେ ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର, ରାମଶଙ୍କର ଆଦି ଲେଖକ ଗଣ ମୁଖ୍ୟତଃ ପତ୍ରପତ୍ରିକାରେ ସ୍ୱ ସ୍ୱ ସର୍ଜନଶୀଳ ପ୍ରତିଭାର ପରିଚୟ ଦେଇଥିଲେ । ଖ୍ରୀଷ୍ଟଧର୍ମ, ବ୍ରାହ୍ମଧର୍ମର ପ୍ରସାର ମଧ୍ୟ ଏହି ସମୟର ସାହିତ୍ୟକୁ ଅନେକାଂଶରେ ପ୍ରଭାବିତ କରିଥିଲା । ଏଥିରେ ମୁଁ ମଧ୍ୟ ଊନବିଂଶ ଶତକରେ ଯାଜପୁର ଅଞ୍ଚଳରେ କିପରି ଖ୍ରୀଷ୍ଟଧର୍ମ ଓ ବ୍ରାହ୍ମଧର୍ମ ପ୍ରସାରିତ ହୋଇ ଓଡ଼ିଆ ସାହିତ୍ୟର ଆଧୁନିକ ରୂପରେଖ ଗଠନରେ ସହାୟତା କରିଥିଲା ସେ ସମ୍ପର୍କରେ କିଞ୍ଚିତ ସୂଚନା ଦେଇଥିଲି ।

୨୦୦୧ ମସିହା ଡିସେମ୍ବର ପହିଲାରୁ ତିନି ତାରିଖ ପର୍ଯ୍ୟନ୍ତ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହଯୋଗରେ 'ବିଂଶ ଶତକର ଓଡ଼ିଆ ସାହିତ୍ୟ' ଶୀର୍ଷକ ଏକ ଜାତୀୟ ସେମିନାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ସେମିନାରର ମୁଁ ଥିଲି ସଂଯୋଜକ । ଏଥିରେ ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ଦାଶରଥି ଦାସ, ପ୍ରତିଭା ଶତପଥୀ

ପ୍ରମୁଖ ଯୋଗ ଦେଇଥିଲେ । ଏହି ସେମିନାରକୁ ଉଦ୍‌ଘାଟନ କରିଥିଲେ ଅକାଦେମିର ସଭାପତି ପ୍ରଥିତଯଶା କବି ରମାକାନ୍ତ ରଥ । ଏହି ସେମିନାରରେ ପୂର୍ବରୁ ହୋଇଥିବା ଗଙ୍ଗାଧର ମେହେର ସେମିନାରର ପ୍ରବନ୍ଧକୁ ନେଇ ପ୍ରକାଶିତ ଏକ ଗ୍ରନ୍ଥ ସୁଲେଖକ ଚନ୍ଦ୍ରଶେଖର ରଥଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ମନୋଜ ଦାସ କଥାସନ୍ଧି କାର୍ଯ୍ୟକ୍ରମ ଓ ଶାନ୍ତନୁ କୁମାର ଆଚାର୍ଯ୍ୟ କଥା ସନ୍ଧି କାର୍ଯ୍ୟକ୍ରମ ୧୯୯୯ ମସିହାରେ ଓ ୨୦୦୦ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମନୋଜ ଦାସ ସ୍ୱ ଗଳ୍ପ ପାଠ ସହିତ ଆପଣାର ଲେଖକୀୟ ଅନୁଭୂତି ସମ୍ପର୍କରେ ନାନା କଥା କହିଥିଲେ । ସେହିପରି କଥାକାର ଶାନ୍ତନୁ କୁମାର ଆଚାର୍ଯ ସୁନିର୍ବାଚିତ ଦୁଇଟି ଗଳ୍ପ ପାଠ ସହିତ ସେ କିପରି ଗଳ୍ପ ଲେଖିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଅଠର ଓ ଉଣେଇଶ ମଇ ୨୦୦୨ରେ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଉଦ୍ୟମରେ ସବୁଜ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଶତବାର୍ଷିକୀ ଉପଲକ୍ଷେ ଏକ ଜାତୀୟ ସେମିନାର କଟକ ଠାରେ ମହା ସମାରୋହରେ ପାଳିତ ହୋଇଥିଲା । ଏହାକୁ ଅକାଦେମିର ସଭାପତି ରମାକାନ୍ତ ରଥ ଉଦ୍‌ଘାଟନ କରିଥିଲେ ଓ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ସମୀକ୍ଷକ ପ୍ରଫେସର ନାମ୍ୱର ସିଂହ । ସାହିତ୍ୟ ଅକାଦେମି କାର୍ଯ୍ୟକାରୀ କମିଟିର ଓଡ଼ିଆ ବୋର୍ଡ଼ର ଆବାହକ ଚନ୍ଦ୍ରଶେଖର ରଥ ଏଥିରେ ଯୋଗ ଦେଇ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସାଧନାର ଦିଗଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସେମିନାରରେ ମୁଁ ଯୋଗଦେଇ କାଳିନ୍ଦୀ ଚରଣଙ୍କ ପ୍ରବନ୍ଧ ଜଗତର ସମୀକ୍ଷା କରିଥିଲି ।

ନଭେମ୍ବର ପାଞ୍ଚ ୨୦୦୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀଙ୍କ ସହଯୋଗରେ ଆଧୁନିକ ଓଡ଼ିଆ କବିତା ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଅକାଦେମି ସଭାପତି ବିଶିଷ୍ଟ କବି ରମାକାନ୍ତ ରଥ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥିଭାବେ କୁଳପତି ପ୍ରଫେସର ପାଣ୍ଡବ ନାୟକ, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ଚନ୍ଦ୍ରଶେଖର ରଥ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମୁଁ ଯୋଗଦେଇ ଆଧୁନିକ ଓଡ଼ିଆ କବିତାର ସୀମା ଓ ସମ୍ଭାବନା ସମ୍ପର୍କରେ କହିଥିଲି । ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା, ଯଶସ୍ୱୀ କବି ଫନୀ ମହାନ୍ତି, ପ୍ରଫେସର ବିଜୟ

କୁମାର ଶତପଥୀ, ପ୍ରଫେସର ସଂଘମିତ୍ରା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାୟ ଶହେ ପାଖା ପାଖି ଛାତ୍ର ଏହି କର୍ମଶାଳାରେ କବିତା ପାଠ କରିଥିଲେ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ମୁଁ ୩ ଫେବୃୟାରୀ ୨୦୦୪ରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ମାରକୀ ବକ୍ତୃତା ଦେଇଥିଲି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ବହୁ ପ୍ରଫେସର ଯୋଗ ଦେଇଥିଲେ । ବାରିପଦାର ଗଣମାନ୍ୟ ବ୍ୟକ୍ତିଗଣ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ମୋ ବକ୍ତୃତାର ବିଷୟ ବସ୍ତୁ ଥିଲା, 'ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦୃଷ୍ଟିରେ ଓଡ଼ିଶାର ସଂସ୍କୃତି' । ଏ ସମ୍ପର୍କରେ ମୁଁ କହିଥିଲି ଯେ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସଂସ୍କୃତି ନାମରେ ମିଥ୍ୟାଚାର, ଧର୍ମ ନାମରେ ତଥାକଥିତ କୁସଂସ୍କାର, ଗବେଷଣା ନାମରେ ଭଣ୍ଡ ପାଣ୍ଡିତ୍ୟକୁ ପ୍ରଶ୍ରୟ ଦେଉନଥିଲେ । ସବୁ କ୍ଷେତ୍ରରେ ସରଳତା, ଆଦର୍ଶବାଦ, ସତ୍ୟବାଦିତାକୁ ଗୁରୁତ୍ୱ ଦେଉଥିଲେ । କୌଣସି ମତାନ୍ଧତା, ଅଯଥା ଭାବପ୍ରବଣତା ଓ ପଲ୍ଲବ ଗ୍ରାହିତାକୁ ସଂସ୍କୃତି କ୍ଷେତ୍ରରୁ ସେ ଦୂରେଇ ରଖୁଥିଲେ । ପ୍ରଚାର ସର୍ବସ୍ୱ ସଂସ୍କୃତି କିମ୍ବା ସଂସ୍କୃତି ନାମରେ ଆଞ୍ଚଳିକତାକୁ ସେ ସହ୍ୟ କରୁନଥିଲେ । ଏହି ବକ୍ତୃତାଟି ନିବନ୍ଧ ଆକାରରେ ପରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପତ୍ରିକା 'ବନାନୀ'ରେ ପ୍ରକାଶିତ ହୋଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସ୍ୱତନ୍ତ୍ର ପ୍ରକଳ୍ପ ଡି.ଏସ୍.ଏ. ସେମିନାରରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବେ ଯୋଗ ଦେଇଥିଇଥିଲି । ଏହି ସେମିନାର ୧୦-୧୧ ମାର୍ଚ୍ଚ ୨୦୦୫ ଦୁଇଦିନ ଧରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଁ 'ବିଂଶ ଶତକରେ ଓଡ଼ିଆ ଗଦ୍ୟ ସାହିତ୍ୟ' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ନିବନ୍ଧରେ ମୁଁ ବିଂଶ ଶତକ ଓଡ଼ିଆ ସାହିତ୍ୟର ବ୍ୟାପକତା, ଆନ୍ତର୍ଜାତିକ ଚେତନା, ବହିର୍ଜଗତ ତୁଳନାରେ ଅନ୍ତର୍ଜଗତ ପ୍ରତି ଅଧିକ ଗୁରୁତ୍ୱ, ନିଃସଙ୍ଗ ଜୀବନବୋଧ, ସ୍ଥିତିବାଦୀ ଭାବନା, ମୃତ୍ୟୁଚେତନା ଓ ସହରୀ ସଭ୍ୟତା ପ୍ରତି ମୋହ ସମ୍ପର୍କରେ ଆଲୋଚନା କରିଥିଲି ।

ମୁଁ ୨୬-୨୭ ଫେବୃୟାରୀ ୨୦୦୬ରେ ରାଉରକେଲାର ଇସ୍ପାତ କଲେଜରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ସେମିନାରରେ ଯୋଗଦେଇ 'ଶିଳ୍ପାୟନ ଓ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ' ଶୀର୍ଷକ ନିବନ୍ଧ ପାଠ କରିଥିଲି । ଏହି ସେମିନାରରେ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଦାଶରଥି ଦାସ, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ଡକ୍ଟର କୃଷ୍ଣଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ରାଉରକେଲାର ବହୁ ବିଦ୍ଧିଜୀବୀ ଓ ଇସ୍ପାତ କାରଖାନାର ପଦସ୍ଥ କର୍ମଚାରୀମାନଙ୍କ ଗହଣରେ ଏହି ସେମିନାରଟି ସର୍ବାଙ୍ଗ ସୁନ୍ଦର ହୋଇଥିଲା। ଏହି ସେମିନାରର ସଂଯୋଜକ ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ।

ଗୋବିନ୍ଦ ତ୍ରିପାଠୀ ସ୍ମାରକୀ ବକ୍ତୃତା 'ଗୋବିନ୍ଦ ତ୍ରିପାଠୀ ଫାଉଣ୍ଡେସନ' ପକ୍ଷରୁ ୧୪ ମଇ ୨୦୦୬ରେ ହୋଟେଲ ନିଉ ମାରିଅନ୍, ଭୁବନେଶ୍ୱର ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମୁଁ 'ଗୋବିନ୍ଦ ତ୍ରିପାଠୀଙ୍କ ଦୃଷ୍ଟିରେ ଓଡ଼ିଶାର ସଂସ୍କୃତି' ଶୀର୍ଷକ ଏକ ଲିଖିତ ବକ୍ତୃତା ଦେଇଥିଲି। ଏହି ବକ୍ତୃତାରେ ମୁଁ ଗୋବିନ୍ଦ ତ୍ରିପାଠୀଙ୍କ ଓଡ଼ିଆତ୍ୱ ପ୍ରତି ଶ୍ରଦ୍ଧା, ଓଡ଼ିଶୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ତାହାଙ୍କ ନିଷ୍ଠା, ଜାତୀୟ ଭାବ ଚେତନା, ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ମର୍ଯ୍ୟାଦାବୋଧ ସମ୍ପର୍କରେ କହିଥିଲି। ଏହି ସଭାରେ ସଭାପତିତ୍ୱ କରିଥିଲେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ। ଏଥିରେ ଗୋବିନ୍ଦ ତ୍ରିପାଠୀଙ୍କ ସୁପୁତ୍ର ପ୍ରଫେସର ବିଘତକେଶ ତ୍ରିପାଠୀ, ବିଶ୍ୱକେଶ ତ୍ରିପାଠୀ, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ଇ. ରାଜା ରାଓ ପ୍ରମୁଖ ଯୋଗ ଦେଇଥିଲେ।

ମୁଁ ୧୮ ଫେବୃୟାରୀ ୨୦୦୮ରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ଆର୍ଥିକ ପ୍ରୋତ୍ସାହନରେ ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ, ଦଶରଥପୁର, ଯାଜପୁରଙ୍କ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସେମିନାରରେ ଯୋଗଦେଇ ଓଡ଼ିଆ ସାହିତ୍ୟ ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ସମ୍ପର୍କରେ ଏକ ନିବନ୍ଧ ପାଠ କରିଥିଲି। ଏହି ସେମିନାରକୁ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ରାଜ୍ୟପାଳ ମୂରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ। ଅନୁଷ୍ଠାନର ପୃଷ୍ଠପୋଷକ ନ୍ୟାୟମୂର୍ତ୍ତି ରଙ୍ଗନାଥ ମିଶ୍ର, ସଭାପତି ଡକ୍ଟର ନବକିଶୋର ମିଶ୍ର ଏଥିରେ ଯୋଗ ଦେଇଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ସଂସ୍କୃତିର ସ୍ୱରୂପ ଓ ସାହିତ୍ୟରେ ଏହାର ପ୍ରତିଫଳନ ସମ୍ପର୍କରେ କହିଥିଲେ।

ଡିସେମ୍ବର ୧୩-୧୪, ୨୦୦୮ ମସିହାରେ ଏକ ଜାତୀୟ ସେମିନାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀଙ୍କ ସହାୟତାରେ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ବିଷୟବସ୍ତୁ ସମ୍ପର୍କରେ ଅନୁଷ୍ଠିତ ହୋଇଥିଲା। ଏହି ସେମିନାରକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଲେଖକ ଡକ୍ଟର ବିଭୂତି ପଟ୍ଟନାୟକ। ଏଥିରେ ମୁଁ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସ୍ୱରୂପ' ସମ୍ପର୍କରେ

ଏକ ନିବନ୍ଧ ପାଠ କରିଥିଲି । ଏହି ସେମିନାରକୁ ସଂଯୋଜନା କରିଥିଲେ କଲିକତା ଆଞ୍ଚଳିକ କେନ୍ଦ୍ରର ପ୍ରୋଗ୍ରାମ୍ ଅଫିସର ଡକ୍ଟର ମିହିର କୁମାର ସାହୁ । ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସେମିନାରରେ ବିଶ୍ୱବିଦ୍ୟାୟଳୟର ଛାତ୍ର-ଛାତ୍ରୀ ଓ ଗବେଷକମାନେ ବହୁ ସଂଖ୍ୟାରେ ସହଯୋଗ କରିଥିଲେ ।

ଫେବୃୟାରୀ ୪-୫, ୨୦୦୯ ମସିହାରେ ଏକ ଜାତୀୟ ସେମିନାର ସାହିତ୍ୟ ଅକାଦେମି, ନୂଆଦିଲ୍ଲୀଙ୍କ ପକ୍ଷରୁ କଲିକତା ଆଞ୍ଚଳିକ କାର୍ଯ୍ୟାଳୟରେ ସୁଲେଖକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସମ୍ପର୍କରେ ତାହାଙ୍କ ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଁ 'ଭଗବତୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟରେ ବିପ୍ଳବର ସ୍ୱର' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ସେମିନାରକୁ ଉଦ୍‌ଘାଟନ କରିଥିଲେ ଅକାଦେମିର ସଭାପତି ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ସୁନୀଲ କୁମାର ଗଙ୍ଗୋପାଧ୍ୟାୟ । ଏହି ନିବନ୍ଧରେ ମୁଁ କହିଥିଲି ଯେ "ଭଗବତୀ ଚରଣ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚେତନାର ବାର୍ତ୍ତାବାହ । ସେ ସାହିତ୍ୟରେ ବାମପନ୍ଥୀ ଆଭିମୁଖ୍ୟକୁ ଆମ ସାହିତ୍ୟରେ ସଫଳତାର ସହ ପ୍ରକାଶ କରିଛନ୍ତି । ମେହନତୀ ମଣିଷର ସ୍ୱର ତାଙ୍କ ରଚନାରେ ସର୍ବତ୍ର ପରିଲକ୍ଷିତ । ସଂଖ୍ୟା ଦୃଷ୍ଟିରୁ ଅଳ୍ପ କେତୋଟି ଗଳ୍ପ ଲେଖିଥିଲେ ସୁଦ୍ଧା ସେସବୁରେ ନୂତନତାର ଇଙ୍ଗିତ ରହିଛି ।"

ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ୟୁ.ଜି.ସି.ର ସ୍ୱତନ୍ତ୍ର ଅନୁଦାନ ସହାୟତାରେ ୧୯ ଫେବୃୟାରୀ ୨୦୦୯ରେ ଏକ ଜାତୀୟ ସେମିନାର 'ତୁଳନାତ୍ମକ ସାହିତ୍ୟ' ସମ୍ପର୍କରେ ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବେ ଯୋଗଦାନ ପୂର୍ବକ 'ତୁଳନାତ୍ମକ ସାହିତ୍ୟ : ତତ୍ତ୍ୱ ଓ ପ୍ରୟୋଗ' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି ।

ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ୪ ମଇ ୨୦୦୯ରେ ଶ୍ରୀଧର ଦାସ ସ୍ମାରକୀ ସେମିନାରରେ 'ଊନବିଂଶ ଶତକ ଓଡ଼ିଆ ବ୍ୟାକରଣ ରଚନା ପରମ୍ପରା' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏଇ ନିବନ୍ଧରେ ଊନବିଂଶ ଶତକରେ କେତେକ ପାଶ୍ଚାତ୍ୟ ବିଦ୍ୱାନ ଓଡ଼ିଆ ବ୍ୟାକରଣ ରଚନାକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ଓ ଏହି ସମୟରେ ବ୍ୟାକରଣ ରଚନା ମୁଖ୍ୟତଃ ପାଠ୍ୟପୁସ୍ତକ ଆକାରରେ ହୋଇଥିଲା ବୋଲି ମୁଁ ସେମିନାରରେ କହିଥିଲି ।

୧୧-୧୨ ଜୁଲାଇ ୨୦୦୯ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ 'Choice based credit system and Curriculam Development' ସେମିନାରରେ ମୁଁ ଯୋଗଦେଇ ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ ପ୍ରସ୍ତୁତରେ ଅଂଶ ଗ୍ରହଣ କରିଥିଲି । ମୋ ସହିତ ଏହି ସେମିନାରରେ ଓଡ଼ିଆ ବିଭାଗ ପକ୍ଷରୁ ପ୍ରଫେସର ବିଜୟ କୁମାର ଶତପଥୀ, ପ୍ରଫେସର ମନୋରଞ୍ଜନ ପ୍ରଧାନ, ଡକ୍ଟର ହରିଶଙ୍କର ମିଶ୍ର ଯୋଗ ଦେଇଥିଲେ ।

୨୯ ନଭେମ୍ବର ୨୦୦୯ରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ପକ୍ଷର ୟୁ.ଜି.ସି.ର ଆର୍ଥିକ ଅନୁଦାନରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା । ଏହି ସେମିନାରର ବିଷୟବସ୍ତୁ ଥିଲା 'ଜଗନ୍ନାଥ ଦାସ' । ଏଥିରେ ମୁଁ ଯୋଗଦେଇ 'ନୈତିକତାର ଉତ୍ତରଣରେ ଭାଗବତ' ଶୀର୍ଷକ ଏକ ସନ୍ଦର୍ଭ ପାଠ କରିଥିଲି । ପାଶ୍ଚାତ୍ୟ ନୈତିକତା 'ପ୍ରଭୁ ବଳ', 'ଦାସ ବଳ' ଦୃଷ୍ଟିରୁ ମୁଁ ଓଡ଼ିଆ ଭାଗବତର ସମୀକ୍ଷା କରିଥିଲି । ଇଂରାଜୀରେ 'ପ୍ରଭୁ ବଳ'କୁ 'Master Morality' ଓ 'ଦାସ ବଳ'କୁ 'Slave Morality' କୁହାଯାଇଥାଏ । ଭାଗବତର ପ୍ରସିଦ୍ଧ ଧାଡ଼ି "ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ"କୁ ନେଇ ମୁଁ ପାଶ୍ଚାତ୍ୟ 'ପ୍ରଭୁ ବଳ' ଓ 'ଦାସ ମଳ' ସହ ତଳନା କରି ସେଦିନ ଯେଉଁ ଆଲୋଚନା କରିଥିଲି, ତାହା ସେମିନାରରେ ବେଶ୍ ବିତର୍କ ସୃଷ୍ଟି କରିଥିଲା । ସେଇ ସେମିନାରରେ କଲେଜର ତତ୍କାଳୀନ ଅଧକ୍ଷ ଡକ୍ଟର ଭଗବାନ ଜୟସିଂହ ଅଧକ୍ଷତା କରିଥିଲେ ।

ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଶତବାର୍ଷିକୀ ସମାରୋହ ପାଳନ ଅବସରରେ କଲିକତାର ଇଣ୍ଡିଆନ୍ ମିଉଜିଅମ୍ ପକ୍ଷରୁ ଏକ ଦିନିକିଆ ସେମିନାର ଫେବୃୟାରୀ ଏକ ତାରିଖ ୨୦୧୦ରେ ମିଉଜିଅମ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ମୁଁ, ବିଶିଷ୍ଟ ଲେଖକ ଜଗନ୍ନାଥ ପ୍ରସାଦ ଦାସ, ସୁଲେଖକ ଗଗନେନ୍ଦ୍ର ନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହାର ନିର୍ଦ୍ଦେଶକ ଥିଲେ ଇଣ୍ଡିଆନ୍ ମିଉଜିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର କିଶୋର କୁମାର ବାସା । ଏଥିରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଗଦ୍ୟ ରଚନା ସମ୍ପର୍କରେ 'Dr. K.C. Panigrahi, the Master of Modern Odia Prose' ଶୀର୍ଷକ ଏକ ନବନ୍ଧ ପାଠ କରିଥିଲି ।

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ UGC ର ସ୍ୱତନ୍ତ୍ର ଅନୁଦାନ ପ୍ରକଳ୍ପ ସେମିନାର ୨୯ ଓ ୩୦ ମାର୍ଚ୍ଚ ୨୦୧୦ ଦୁଇଦିନ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ

ବିଭାଗରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବରେ ଯୋଗଦେଇ ଆଧୁନିକ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ସମ୍ପର୍କରେ ଚର୍ଚ୍ଚା କରିଥିଲି । ସମସ୍ୟା ବହୁଳ ଆଧୁନିକ ଓଡ଼ିଆ ସାହିତ୍ୟର ବହିର୍ଦୃଷ୍ଟି ଯେପରି ସୁଦୂର ପ୍ରସାରୀ, ଅନ୍ତର୍ଦୃଷ୍ଟି ସେହିପରି ସୁଗଭୀର ବୋଲି ମୁଁ ମୋର ବକ୍ତବ୍ୟରେ କହିଥିଲି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ସ୍ୱତନ୍ତ୍ର ଅନୁଦାନ UGC ଜାତୀୟ ସେମିନାରରେ ମୁଁ ଯୋଗ ଦେଇ 'Early Christian Converts of Odisha' ଶୀର୍ଷକ ଏକ ନିବନ୍ଧ ପାଠ କରିଥିଲି । ଏହି ସେମିନାର ୨୭-୨୮ ନଭେମ୍ବର ୨୦୧୦ରେ ବିଶ୍ୱବିଦ୍ୟାଳୟ ସିନେଟ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଫେସର ସୁବାସ ଚନ୍ଦ୍ର ପାଢ଼ୀ, ପ୍ରଫେସର ଶିଶିର କୁମାର ପଣ୍ଡା, ପ୍ରଫେସର ଲକ୍ଷ୍ମୀନାରାୟଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

ମୁଁ ଅବସର ନେବା ଯାଏ ନିୟମିତ ଭାବରେ ବିଭିନ୍ନ ସେମିନାର, ପାଠଚକ୍ର, କର୍ମଶାଳା, ବକ୍ତୃତା,କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଅବସର ପରେ ମଧ୍ୟ ଏହି ଧାରା ଅବ୍ୟାହତ ରହିଛି । କାରଣ ମୋର ଦୃଢ଼ ବିଶ୍ୱାସ ମଣିଷ କେବଳ ଏକ ସାମାଜିକ ପ୍ରାଣୀ ନୁହେଁ, ଅଧିକନ୍ତୁ ସେ ହେଉଛି ଏକ ସାଂସ୍କୃତିକ ଜୀବ ବିଶେଷ । ଏଥିପାଇଁ ମୋର ସାଂସ୍କୃତିକ ଜୀବନ ଓ ସାମାଜିକ ଜୀବନ ଏକାଠି ହୋଇଯାଇଛି ।



ମୋ ପରିବାର ଓ ଜୀବନର ଆଉ କିଛି କଥା

ପରିବାର ହେଉଛି ଏମିତି ଏକ ବନ୍ଧନ, ଯେଉଁ ବନ୍ଧନରେ ମଣିଷ ବାଲ୍ୟ ଜୀବନରୁ ମୃତ୍ୟୁ ପର୍ଯ୍ୟନ୍ତ ବାନ୍ଧି ହୋଇ ରହିଥାଏ । ପାରିବାରିକ ବନ୍ଧନ ସ୍ନେହ-ଶ୍ରଦ୍ଧା, ଭକ୍ତି-ପ୍ରୀତିର ବନ୍ଧନ, ଯାହା ସ୍ୱର୍ଗୀୟ ଓ ଚିରନ୍ତନ । ଆପଣାର ପରବାରକୁ ନେଇ ମଣିଷ କେତେ ସ୍ୱପ୍ନ ଦେଖେ, କେତେ ସ୍ୱପ୍ନ ମଧ୍ୟ ତା'ର ବିଡ଼ମ୍ବିତ ହୁଏ । ପାରିବାରିକ କାମନା-ବାସନା ସବୁବେଳେ ମଣିଷର ସୁଖ-ଦୁଃଖର ସହଚର । ସାଧାରଣତଃ ଆମେ ପରିବାରରେ କୌଣସି ଆନନ୍ଦ ଉଲ୍ଲାସର ପରିବେଶ ସୃଷ୍ଟି ହେଲେ ଆମେ ହସ ଖୁସିରେ ମାତିଯାଉ । କୌଣସି ଦୁଃଖ ବା ଶୋକାକୁଳ ପରିବେଶ ହେଲେ ଆମେ ଭାଙ୍ଗିପଡୁ । ସୁଖରେ ଆନନ୍ଦିତ ହେବା, ଦୁଃଖରେ ମ୍ରିୟମାଣ ହେବା ପରିବାରରେ ସାଧାରଣ କଥା । ସୁଖ ଆସୁ ବା ଦୁଃଖ ଆସୁ ତାକୁ ଅନେକ ସମୟରେ ଈଶ୍ୱରଙ୍କୁ ଆମେ ସମର୍ପି ଦେଇ ଜୀବନ ଅତିବାହିତ କରୁ । ମୋ ପରିବାର ଏହି ପନ୍ଥାରେ ବିଶ୍ୱାସ କରେ ଓ ଆମେ ଏଯାବତ୍ ଏଇ ମନୋବୃତ୍ତି ନେଇ ଜୀବନ ବିତାଇଛୁ ।

ମୁଁ ମୋ ପରିବାରର ମୂଳ ବଂଶ ବୃକ୍ଷକୁ ଯାଉନାହିଁ । ମୋର ପିତା ଅନାଥବନ୍ଧୁ କରଙ୍କ ଠାରୁ ମୋ' ପରିବାରର କଥା ଆରମ୍ଭ କରୁଛି । ସେ କ୍ଷୀଣାୟୁ ଘେନି ଜନ୍ମଗ୍ରହଣ କରିଥିଲେ । ପ୍ରାୟ ଦଶବର୍ଷ ସଂସାର କଲା ପରେ ସେ ଇହଲୋକରୁ ବିଦାୟ ନେଇଥିଲେ । ମୋ'ପିତାଙ୍କ ମୃତ୍ୟୁ ବେଳକୁ ମୋ' ବୋଉ ସୁଭଦ୍ରା ଦେବୀଙ୍କ କୋଳରେ ଝିଅଟିଏ ଗୌରୀ - ଆଉ ଦୁଇ ପୁଅ ସୌରୀ ଓ ବାଉରୀଙ୍କୁ ଛାଡ଼ି ଯାଇଥିଲେ । ଦୁଃଖର ବୋଝକୁ କାଖେଇ ମୋ' ବୋଉ ତା ପରିବାରକୁ କଷ୍ଟେ ମଷ୍ଟେ ଚଳେଇଥିଲା । ପିଲାଏ ଈଶ୍ୱରଙ୍କ ଆଶୀର୍ବାଦରୁ ହେଉ କି ମୋ ପିତାଙ୍କର ସତ୍‌କର୍ମରୁ ହେଉ ବଡ଼ ହେଲେ ଓ ସେମାନେ ପାରିବାରିକ ବନ୍ଧନରେ ଆବଦ୍ଧ ହେଲେ । ମୋ' ବଡ଼ଭଉଣୀର ବିବାହ ୧୯୬୬ ମସିହାରେ ଯାଜପୁରର ସନ୍ତୁମାଧବ ନିବାସୀ ମାନଗୋବିନ୍ଦ ପତିଙ୍କ ତୃତୀୟ ପୁତ୍ର ବାସୁଦେବ ପତିଙ୍କ ସହ ହୋଇଥିଲା । ମୋର ନାନୀ ଜଣେ ସୁଗୃହିଣୀ । ମୋର ଭିଣୋଇ ବାସୁଦେବ ପତି ଜଣେ ଆଦର୍ଶବାଦୀ ଭଲ ମଣିଷ । ସେ ଓଡ଼ିଶା ସଚିବାଳୟରେ ଜଣେ କିରାଣୀ ଭାବେ କର୍ମଜୀବନ ଅତିବାହିତ କରି

ଜଣେ ସେ୯ ନ୍ ଅଫିସର ଭାବେ ଚାକିରିରୁ ଅବସର ନେଇଛନ୍ତି । ତାଙ୍କର ତିନିପୁଅ - ମନୋଜ, ମାନସ, ମଣୀନ୍ଦ୍ର, ଗୋଟିଏ ଝିଅ ମମତା । ପୁଅ ଝିଅ ସମସ୍ତେ ବିବାହିତ । ମୋ' ଭଉଣୀର ତିନି ନାତି, ତିନି ନାତୁଣୀ । ବଡ଼ ପୁଅ ମନୋଜ ଓଡ଼ିଶା ସରକାରଙ୍କ ଅଧୀନରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲରେ କର୍ମରତ, ମଝିଆ ପୁଅ ମାନସ ଓଡ଼ିଶା ହାଇକୋର୍ଟରେ ଆଡ଼ଭୋକେଟ୍ ଓ ସାନପୁଅ ମଣୀନ୍ଦ୍ର ପୁନେରେ ଏକ ଆଇ.ଟି. କମ୍ପାନୀରେ କର୍ମରତ । ଏମାନେ ସ୍ୱ ସ୍ୱ ପରିବାର ଘେନି ବେଶ୍ ଭଲରେ ଅଛନ୍ତି । ମୋ ବଡ଼ଭାଇଙ୍କର ତିନିପୁଅ, ଗୋଟିଏ ଝିଅ । ମୋ' ବଡ଼ଭାଇ ୧୯୭୨ ମସିହାରେ ଯାଜପୁରର ମହେଶ୍ୱର ପତିଙ୍କ ଝିଅ ପ୍ରତିଭା ମଞ୍ଜରୀଙ୍କୁ ବିବାହ କରିଛନ୍ତି । ତିନିପୁଅ ହେଲେ ସୌଭାଗ୍ୟ, ସିଦ୍ଧାର୍ଥ, ସମ୍ବିତ୍, ଝିଅ ସୁପ୍ରିୟା । ସୌଭାଗ୍ୟ ଭାରତ ସରକାରଙ୍କ ଅଧୀନରେ ଜଣେ ପଦସ୍ଥ କର୍ମଚାରୀ । ସେ ଅତ୍ୟନ୍ତ ଉଦ୍‌ଯୋଗୀ ଯୁବକ ଓ କର୍ମତତ୍ପର ଅଟେ । ତା'ର ଗୋଟିଏ ଝିଅ । ଦ୍ୱିତୀୟ ପୁଅ ସିଦ୍ଧାର୍ଥ ଜଣେ ଆଡ଼ଭୋକେଟ୍ ରୂପେ ଭୁବନେଶ୍ୱର କୋର୍ଟରେ କର୍ମରତ । ତା'ର ଗୋଟିଏ ପୁଅ । ସାନପୁଅ ସମ୍ବିତ୍ ଏଯାବତ୍ ଅବିବାହିତ । ଝିଅ ସୁପ୍ରିୟା ଇଂରାଜୀରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପିଏଚ୍.ଡି. । ଜଣେ ଭଲ ଅନୁବାଦିକା ଭାବରେ ତା'ର ସୁନାମ ରହିଛି । ତା'ର ଗୋଟିଏ ପୁଅ । ସେ କଲକତାରେ ବାହା ହୋଇ ରହୁଛି । ମୋ' ବଡ଼ ଭାଇ ଘରଦ୍ୱାର କରି ୫୦୧୨/ ୫୮୫୩, ଗଜପତି ନଗର, ଭୁବନେଶ୍ୱର-୭୫୧୦୦୫ରେ ରହନ୍ତି । ସେ ଜଣେ ପ୍ରସିଦ୍ଧ ଶ୍ରମିକ ନେତା ଓ ଜଣେ ସୁଲେଖକ ଭାବରେ ତାଙ୍କର ଲେଖା ପୁସ୍ତକ ମାନଙ୍କରେ ଓ ସମ୍ବାଦପତ୍ର ପୃଷ୍ଠାରେ ପରିଲକ୍ଷିତ ।

ଏବେ ମୋ' ନିଜ ପରିବାର ସମ୍ପର୍କରେ କିଞ୍ଚିତ୍ ଟୀକା ଟିପ୍ପଣୀ ଦେବାକୁ ମୁଁ ଉଚିତ ମଣୁଛି । ମୋ ପରିବାର କହିଲେ ମୋ ସ୍ତ୍ରୀ ହରପ୍ରିୟା କର, ମୋ ଝିଅ ଶୁଭଶ୍ରୀ କର, ମୋ ପୁଅ ଶୁଭାଶିଷ କର, ଆଉ ମୁଁ । ମୁଁ ଖଣ୍ଡିତର ମୂଳ ବାସିନ୍ଦା ହେଲେ ମଧ୍ୟ ଏବେ ଘରଦ୍ୱାର କରି ୩୪୮/୨୯୩୭, କପିଳପ୍ରସାଦ, ଭୁବନେଶ୍ୱର-୭୫୧୦୦୨ରେ ରହୁଅଛି । ମୋ ସହିତ ମୋ ପିଲାଛୁଆ ରହୁଛନ୍ତି । ମୁଁ ୮ ମାର୍ଚ୍ଚ ୧୯୭୬ରେ ଯାଜପୁର ନିବାସୀ ସଚ୍ଚିଦାନନ୍ଦ କରଙ୍କ ଜ୍ୟେଷ୍ଠା କନ୍ୟା ହରପ୍ରିୟା ଡାକ ନାମ 'ଲିଲି'ଙ୍କୁ ବିବାହ କରିଛି । ମୋ ସ୍ତ୍ରୀ ସୁଗୃହିଣୀ, ମେଳାପୀ, ଈଶ୍ୱର ବିଶ୍ୱାସୀ । ସେ ଏମ୍.ଏ. ପାସ୍ କରି ଅଳ୍ପ କିଛିଦିନ ଚାକିରି କରିଥିଲା । ଘରର ଦାୟିତ୍ୱ, ପିଲାମାନଙ୍କ ଲାଳନ ପାଳନ ପାଇଁ ସେ ଚାକିରି ମୋହ ତ୍ୟାଗ କରି ଘରକାମରେ ସମ୍ପୂର୍ଣ୍ଣ ଭାବରେ

ରହିଲା । ମୋ' ଝିଅ ଶୁଭଶ୍ରୀ ଏମ୍.ବି.ଏ. ପାସ୍ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବ୍ୟବସାୟ ପ୍ରଶାସନରେ ପିଏଚ୍.ଡି. କରିଛି । ସେ ବର୍ତ୍ତମାନ ବାଙ୍ଗାଲୋରରେ ଏକ କଲେଜରେ ଆସୋସିଏଟ୍ ପ୍ରଫେସର ଭାବେ କର୍ମରତ । ୨୦୦୭ରେ ତା'ର ବିବାହ ପ୍ରଫେସର ଅମୂଲ୍ୟ କୁମାର ପଣ୍ଡାଙ୍କ ପୁଅ ଶାନ୍ତ ସାଗର ପଣ୍ଡାଙ୍କ ସହ ହୋଇଅଛି । ମୋର ସମୁଦି ଜଣେ ବିଶିଷ୍ଟ ଶିକ୍ଷାବିଦ୍ ଓ ବିଜ୍ଞାନ ସାହିତ୍ୟ ଲେଖକ ଭାବେ ଓଡ଼ିଶାରେ ବେଶ୍ ଜଣାଶୁଣା । ମୋର ଜ୍ୱାଇଁ ଶାନ୍ତ ସାଗର ଓ୍ୱିପ୍ରୋ କମ୍ପାନୀରେ ଜଣେ ପଦସ୍ଥ ଅଫିସର ରୂପେ କର୍ମରତ । ମୋ ଝିଅର ଝିଅଟିଏ - ତା'ର ନାମ ହେଉଛି ସାତ୍ୱିକୀ । ମୋ' ପୁଅ ଶୁଭାଶିଷ ଏମ୍.ବି.ଏ. ଉତ୍କଳ ବିଶ୍ୱବିଦ୍ୟାଳୟରୁ ପାସ୍ କରି ବିଭିନ୍ନ କମ୍ପାନୀରେ କାମ କରି ଏବେ ଆଦିତ୍ୟ ବିରଲା ଗ୍ରୁପ୍ 'ଆଇଡ଼ିଆ' କମ୍ପାନୀରେ ଜଣେ ପଦସ୍ଥ ଅଫିସର ରୂପେ କାର୍ଯ୍ୟ କରୁଛି । ତା'ର ପଢ଼ିବା ବେଳେ ଜଣେ ରାଜନୀତିକ ନେତା ହେବାର ଆଗ୍ରହ ଥିଲା । ସେ ମଧ୍ୟ ସେତେବେଳେ ଥିଲା ଖଲ୍ଲିକୋଟ ସ୍ୱୟଂ ଶାସିତ କଲେଜର ସଭାପତି । ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ମଧ୍ୟ ଛାତ୍ର ରାଜନୀତି ସହ ସଂଶ୍ଳିଷ୍ଟ ଥିଲା । ପରବର୍ତ୍ତୀ ସମୟରେ ରାଜନୀତିର ଢିପ ଢାଲୁ ମଧ୍ୟରେ ଗତି କରି ଆଉ ରାଜନୀତି କରିବାକୁ ଅନିଚ୍ଛା ପ୍ରକାଶ କଲା । ସେ ୨୦୧୪ ଜୁଲାଇ ୨ ତାରିଖ ଦିନ କେନ୍ଦୁଝର ନିବାସୀ ଶ୍ରୀରାମଚନ୍ଦ୍ର କରଙ୍କ ତୃତୀୟ କନ୍ୟା ସୌଭାଗ୍ୟ ଲକ୍ଷ୍ମୀ କରଙ୍କୁ ବିବାହ କରିଅଛି । ମୋ'ପୁଅ ଅତ୍ୟନ୍ତ ଭଦ୍ର, ପରୋପକାରୀ ଓ ଈଶ୍ୱର ବିଶ୍ୱାସୀ । ଏଥିସହିତ ତା'ର କର୍ମନୈପୁଣ୍ୟ ପ୍ରଶଂସନୀୟ ।

ମୋ ପରିବାର ସହିତ ଯେଉଁମାନେ ସୁଖ-ଦୁଃଖରେ ସାମିଲ ହେଉଥିଲେ, ସେମାନଙ୍କ ମଧ୍ୟରେ ରହିଛନ୍ତି ମୋର ଅଗଣିତ ଛାତ୍ରଛାତ୍ରୀ । ବିଶେଷ କରି ମୋ' ଅଧୀନରେ ଏମ୍.ଫିଲ୍. ପିଏଚ୍.ଡି., ଡି.ଲିଟ୍ କରିଥିବା ଅଧିକାଂଶ ଗବେଷକ ଗବେଷିକା ମୋର ପରିବାର ସହିତ ଏଯାବତ୍ ସୁସମ୍ପର୍କ ରଖିଛନ୍ତି । ସେମାନଙ୍କ ତାଲିକା ଦୀର୍ଘ ହେଲେ ସୁଦ୍ଧା ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସମ୍ପର୍କରେ କିଛି କହିବାକୁ ମୁଁ ଉଚିତ ମଣୁଛି । ମୋର ପ୍ରଥମ ପିଏଚ୍.ଡି. ଛାତ୍ର ହେଉଛନ୍ତି ଅନାଦି ଚରଣ ଗାଁଣ - ଯିଏ ମଧ୍ୟ ମୋ ତତ୍ତ୍ୱାବଧାନରେ ଡି.ଲିଟ୍ କରିଥିଲା । ସେ ଏବେ ବି ପ୍ରତି ସପ୍ତାହରେ ମୋ' ସହିତ କଥାବାର୍ତ୍ତା ହୁଏ । ମଝିରେ ମଝିରେ ଘରକୁ ଆସେ । ସେ ଆଧୁନିକ ଓଡ଼ିଆ ସାହିତ୍ୟର ଓ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ କିଛି ଉଲ୍ଲେଖଯୋଗ୍ୟ କାମ କରିଛି । ସେ ସାହିତ୍ୟ ସମ୍ପର୍କିତ ଏକାଧିକ ଗ୍ରନ୍ଥର ରଚୟିତା । ମୋର ଅନ୍ୟ ଗବେଷକମାନଙ୍କ

ମଧ୍ୟରେ ବେଣୁଧର ପାଢ଼ୀ ଆଧୁନିକ ଓଡ଼ିଆ ସାହିତ୍ୟ ଅନୁଶୀଳନ କ୍ଷେତ୍ରରେ ଏବେବି ତା'ର ନିଷ୍ଠା ଅବ୍ୟାହତ ରଖିଛି । ଏକାଧାରରେ ସେ ଜଣେ କବି ଓ ସାହିତ୍ୟ ସମୀକ୍ଷକ । ମୋ ତତ୍ତ୍ୱାବଧାନରେ ଗବେଷଣା କରିଥିବା ଅଶୋକ କୁମାର ଦାସବାବୁ, ଆନନ୍ଦ ଚନ୍ଦ୍ର ମିଶ୍ର, ସୁଶାନ୍ତ ଜେନା, କୁଳମଣି ନାୟକ ଅଧ୍ୟାପନା ବୃତ୍ତିରେ ସେମାନଙ୍କ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ମୋର ଜଣେ ବନ୍ଧୁ ମୋ ଅଧୀନରେ ଗବେଷଣା କରି ପିଏଚ୍.ଡି. ପାଇଥିଲେ । ସେ ହେଲେ ବିମ୍ବାଧର ବେହେରା । କେନ୍ଦୁଝର ସଂସ୍କୃତି ଓ ଓଡ଼ିଶାର ଆଦିବାସୀ ଜନଜାତି ସମ୍ପର୍କରେ ସେ ଅତ୍ୟନ୍ତ ଉଚ୍ଚକୋଟୀର କାର୍ଯ୍ୟ କରିଛନ୍ତି । ଏଥି ସହିତ ସେ ଜଣେ କବି । ତାଙ୍କ ଦ୍ୱାରା ଏକ ଗବେଷଣା ପତ୍ରିକା 'ଅସନ ପାଟ' ନାମରେ ବାହାରୁଛି । ମୋର ଗବେଷକମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ବିଷୋୟୀ ମୋ' ପ୍ରତି ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ବ୍ୟବହାରରେ ମୋତେ ସମ୍ମାନ କରେ । ମୋର ଭଲ-ମନ୍ଦରେ ସିଏ ସବୁବେଳେ ପଚାରେ । କେବଳ ସେତିକି ନୁହେଁ ଗୁରୁଜନ ମାନଙ୍କୁ କେମିତି ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦିଆଯାଏ, ସେ ତାହା ଭଲ ରୂପେ ଜାଣେ । ମୋର ଅନ୍ୟ ଜଣେ ଗବେଷକ ସୁଦର୍ଶନ ପଣ୍ଡା ସୁଦୂର କଳାହାଣ୍ଡିର ଧର୍ମଗଡ଼ରେ ଅଧ୍ୟାପନା କରୁଥିଲେ ସୁଦ୍ଧା ଚିଠିପତ୍ର ଓ ଫୋନ୍ ଯୋଗେ ମୋ' ସହିତ ଉତ୍ତମ ସମ୍ପର୍କରେ ରଖିଛି । ଦୁଇ-ତିନି ବର୍ଷରେ ଥରେ ଆସି ସେ ମୋର ଭଲ-ମନ୍ଦ ବୁଝିଯାଏ ଓ ମୋତେ ଦେଖିଯାଏ । ମୋ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥିବା ଗବେଷକମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ମିଶ୍ର ଜଣେ ଭଲ ହୋମିଓପାଥି ଚିକିତ୍ସକ । ଅଧ୍ୟାପନା ବୃତ୍ତି ସହ ହୋମିଓପାଥି ଚିକିତ୍ସାରେ ତା'ର ଦକ୍ଷତା ରହିଛି । ସେ ଅନେକ ସମୟରେ କି କି ହୋମିଓପାଥିକ୍ ଔଷଧ ଜର, କାଶ, ଅଜୀର୍ଣ୍ଣ ପରି ସାଧାରଣ ରୋଗରେ ବ୍ୟବହାର କରିବାକୁ ହୁଏ ମୋତେ ବତାଇଦିଏ । ସିପ୍ରା ସ୍ୱାଇଁ, ଭୀମସେନ ସେଠୀ ମୋ ତତ୍ତ୍ୱାବଧାନରେ ପିଏଚ୍.ଡି. କରିବାର ଅଳ୍ପ କିଛି ବର୍ଷ ପରେ ଇହଲୀଳା ସମ୍ବରଣ କରିଛନ୍ତି । ସିପ୍ରା ସ୍ୱାଇଁ ଖୁବ୍ ଭଲ ଲେଖାଲେଖି କରୁଥିଲା । ତା'ର ପ୍ରତିଭାର ବିକାଶ ପୂର୍ବରୁ ସେ ଆଖିବୁଜି ଦେଲା । ଭୀମସେନ ସେଠୀ ଖୁବ୍ ଉଦାର ଚେତା ମଣିଷ । ଅକାଳରେ ସେ ଚାଲିଗଲା । ଯିଏ ମୋ' ପାଖରେ ପ୍ରାୟ ବର୍ଷରେ ଅତିକମ୍‌ରେ କୋଡ଼ିଏ-ପଚିଶ ଦିନ କଟାଏ ଓ ମୋ ସୁଖ-ଦୁଃଖରେ ଭାଇ ଭଳି ପାଖେ ପାଖେ ଥାଏ, ସେ ଜଣକ ହେଲେ ଭାସ୍କର ଚନ୍ଦ୍ର ମୁଦୁଲି । ସେ ବାମପନ୍ଥୀ ଚିନ୍ତାଧାରାକୁ ନେଇ ରଚିତ ସାହିତ୍ୟ ସମ୍ପର୍କରେ ପିଏଚ୍.ଡି କରିଛି । ତା'ର ସାଧାରଣ ମଣିଷ ପ୍ରତି ସହାନୁଭୂତି,

ମେହନତୀ ମଣିଷ ପ୍ରତି ରହିଛି ମାନବିକ କରୁଣା । ଜୀବନ ସଂଗ୍ରାମ କରି ବଞ୍ଚିବାରେ ସେ ଆନନ୍ଦାନୁଭବ କରେ । ମୋର ଗବେଷକମାନଙ୍କ ମଧ୍ୟରେ ତାପସ କୁମାର ସାମନ୍ତରାୟ ଜଣେ ସଂସ୍କୃତି ପ୍ରେମୀ ଭଲ ମଣିଷ । ଏବେ ସେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତାରେ କର୍ମଜୀବନ ଅତିବାହିତ କରୁଅଛି । କଲିକତାରେ ଥିଲେ ସୁଦ୍ଧା ସେ ମୋର ଶୁଭାଶୁଭ ଖବର ରଖେ । ମୋ ପରିବାର ସହିତ ତା'ର ସମ୍ପର୍କ ଖୁବ୍ ଅନ୍ତରଙ୍ଗ ଓ ନିବିଡ଼ । ମୋ ଅଧୀନରେ ଗବେଷଣା କରିଥିବା ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ସବିତା କୁମାରୀ ପଟ୍ଟନାୟକ, ସବିତା ଜେନା, ସସ୍ମିତା ପଣ୍ଡା ମୋ' ସ୍ତ୍ରୀକୁ ଖୁବ୍ ଭଲ ପାଆନ୍ତି । ମୋ' ଅପେକ୍ଷା ମୋ' ସ୍ତ୍ରୀ ପ୍ରତି ସେମାନଙ୍କର ଆନ୍ତରିକତା ମୋତେ ଅଭିଭୂତ କରେ । ଅନାଦି ଚରଣ ରାଉତ ମୋର ଜଣେ ଗୁଣଗ୍ରାହୀ ଛାତ୍ର । ମାନବେତର ଚରତ୍ର ମାନଙ୍କର ପ୍ରସଙ୍ଗ ଓଡ଼ିଆ ସାହିତ୍ୟରେ କିପରି ପ୍ରତିଫଳିତ ସେ ଦିଗରେ ସେ ଖୁବ୍ କାମ କରିଛି । ସେ ଗ୍ରାମୀଣ ପ୍ରକୃତିକୁ ଖୁବ୍ ଭଲପାଏ ଓ ଜଣେ ପରିବେଶବିତ୍ । ମୋ ନିକଟରେ ଆଧୁନିକ ଓଡ଼ିଆ କବିତା ସଂପର୍କରେ ଗବେଷଣା କରିଥିବା ପ୍ରୀତିଧାରା ସାମଲ ଓଡ଼ିଆ ସାହିତ୍ୟରେ ଖୁବ୍ ଜଣାଶୁଣା । ସେ ତା'ର ସ୍ୱାମୀ ସୁଜୟ ସହ କୋରାପୁଟରେ ରହେ । ମଝିରେ ମଝିରେ ସେ ଭୁବନେଶ୍ୱର ଆସିଲେ ଆମ ପରିବାର ସହିତ ସାକ୍ଷାତ୍ କରେ । ସେ ଆମ ପରିବାରର ଶୁଭଚିନ୍ତା କରୁଥିବା ଜଣେ ଭଦ୍ର ମହିଳା । ମୋ ନିକଟରେ ଜର୍ମାନ୍‌ରେ ରହୁଥିବା ପ୍ରସିଦ୍ଧ ଇଞ୍ଜିନିୟର ରାଜେନ୍ଦ୍ର ନାରାୟଣ ଦାସ ଗବେଷଣା କରି 'ଓଡ଼ିଶା ଅଦ୍ୟାବଧି' ଶୀର୍ଷକ ନିବଂଧ ଲେଖି ପିଏଚ୍.ଡି. ପାଇଛନ୍ତି । ସେ ମଧ୍ୟ ଖବର କାଗଜ ପୃଷ୍ଠାରେ ପ୍ରବନ୍ଧ ଲେଖନ୍ତି । ସେ ଇଞ୍ଜିନିୟରିଂରେ ଜଣେ ନାମଜାଦା ଲୋକ ଓ ତାଙ୍କର ଓଡ଼ିଶା ପ୍ରତି ଶ୍ରଦ୍ଧା ଅକଳନୀୟ । ଓଡ଼ିଶାର ଜ୍ଞାନୀ, ଗୁଣୀ, ପ୍ରତିଭାଶାଳୀ ଲେଖକମାନଙ୍କୁ ସେ ଖୁବ୍ ଭଲ ପାଆନ୍ତି । ସୁଦୂର ଜର୍ମାନ୍‌ରେ ସେ ରହୁଥିଲେ ସୁଦ୍ଧା ତାଙ୍କର ପ୍ରାଣ ସବୁବେଳେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ତତ୍ପର । ତାଙ୍କ ପରି ସୁଜନ, ଶିଷ୍ଟ, ମିଷ୍ଟଭାଷୀ, ଭଦ୍ର ଓଡ଼ିଶାରେ ଖୁବ୍ କମ୍ ଅଛନ୍ତି । ବିଦେଶରେ ରହି ମାତୃଭୂମି ଓଡ଼ିଶା, ମାତୃଭାଷା ଓଡ଼ିଆର ମଙ୍ଗଳ କାମନା କରୁଥିବା ତାଙ୍କ ପରି ମଣିଷ ମୁଁ ଆଉ ଦେଖି ନାହିଁ । କବି, ଲେଖକମାନଙ୍କ ଲେଖା ପଢ଼ିବା ଓ ସେମାନଙ୍କୁ ଅକୁଣ୍ଠ ଚିତ୍ତରେ ପ୍ରଶଂସା କରିବାରେ ତାଙ୍କ ପରି ଆଉ କେହି ନାହାନ୍ତି । ମୁଁ ତାଙ୍କଠାରୁ ବୟସରେ ସାନ ହେଲେ ସୁଦ୍ଧା ସେ ମୋତେ ଗୁରୁର ଯେଉଁ ମର୍ଯ୍ୟାଦା ଦିଅନ୍ତି ମୁଁ କ୍ୱଚିତ୍ ଗବେଷକଙ୍କ ଠାରୁ ପାଇଛି । ଏଡ଼େ ବଡ଼ ମଣିଷ । ଈଶ୍ୱର ତାଙ୍କୁ ଧନ, ଜନ, ମାନ

ସବୁ ଦେଇଛନ୍ତି । ଏଥି ସହିତ ଦେଇଛନ୍ତି ଉନ୍ନତ ମଣିଷ ପଣିଆର ସବୁ କିଛି ଦିବ୍ୟଗୁଣ । ଓଡ଼ିଆ ସାହିତ୍ୟକୁ ପ୍ରୋତ୍ସାହନ ଦେବାରେ ସେ ଆମର ପ୍ରାଚୀନ ରାଜନ୍ୟବର୍ଗଙ୍କ ସହ ଅନେକାଂଶରେ ତୁଳନୀୟ ।

ମୋର ଗବେଷକ ଓ ଗବେଷିକାମାନଙ୍କ ମଧ୍ୟରେ ଯେଉଁମାନେ ମୋତେ ନେଇ ଗର୍ବ କରନ୍ତି, ସେମାନଙ୍କ ଭିତରେ ଶକ୍ତି ପ୍ରସାଦ ଛୋଟରାୟ, ସୁଶାନ୍ତ କୁମାର ଦାଶ, ବିଦ୍ୟୁତ୍‌ପ୍ରଭା ସାହୁଙ୍କ କଥା ଏଠାରେ କିଞ୍ଚିତ୍ କହିବି । ଶକ୍ତି ପ୍ରସାଦ ରମାକାନ୍ତ ରଥଙ୍କ କବିତାର ଇଂରାଜୀ ଅନୁବାଦ କରି ପିଏଚ୍.ଡି.ପାଇଛି । ସୁଶାନ୍ତ ଭଞ୍ଜ ସାହିତ୍ୟ ସଂପର୍କରେ ଭଲ ଗବେଷଣା କରିବା ସହିତ ଆପଦ ବିପଦରେ ସମସ୍ତଙ୍କୁ ସହାୟତା କରିବାରେ ଭଲ ନାଁ ଅର୍ଜିଛି । ବିଦ୍ୟୁତ୍‌ପ୍ରଭା, ଡକଟର ରାଧାନାଥ ରଥଙ୍କ ସାହିତ୍ୟ ସାଧନାକୁ ନେଇ ଉଚ୍ଚମାନର ଗବେଷଣା କରିଛି । ସେ ଖୁବ୍ ଭଲ ବକ୍ତୃତା ଦେଇପାରେ । ସେ ଅତ୍ୟନ୍ତ ସୁଖୀ ଦୁଃଖୀ ମେଳାପୀ ପ୍ରକୃତିର ଭଦ୍ର ମହିଳା । ଶେଷରେ ମୁଁ ମୋର ଗବେଷଣା ଛାତ୍ର ଡମ୍ବରୁଧର ସଂପର୍କରେ ପଦେ ଅଧେ କହି ଏମାନଙ୍କ କଥା ସାରିବି । ଡମ୍ବରୁ ଆଧୁନିକ କବିତା ସଂପର୍କରେ ଉଲ୍ଲେଖଯୋଗ୍ୟ ଗବେଷଣା କରିଛି । ବିଶେଷ କରି ଆଧୁନିକ କବିତାର ଭାଷା ଓ ରଚନାଶୈଳୀ ସଂପର୍କରେ ସେ ସୁନ୍ଦର ତର୍ଜମା କରିଛି । ମୁଁ ଭଞ୍ଜ ବିହାରରେ ଯେତେ ଛାତ୍ରଙ୍କୁ ଓଡ଼ିଆ ଏମ୍.ଏ.ପଢ଼ାଇଛି ବୁଦ୍ଧିରେ, ମେଧାରେ ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବ ।

ମୋ ଅଧୀନରେ ଶତାଧିକ ଛାତ୍ର ଗବେଷଣା କରି ଏମ୍.ଫିଲ୍, ପିଏଚ୍.ଡି. ଡି.ଲିଟ୍ କରିଥିବାରୁ ଅନେକ ସମୟରେ ମୋର ବଂଧୁମାନେ ମୋତେ ପ୍ରଶ୍ନ କରନ୍ତି- "ଆପଣ ଏତେ ପିଲାଙ୍କୁ ଗବେଷଣା ଉପାଧି ବାଣ୍ଟି ସେମାନଙ୍କଠାରୁ କ'ଣ ପାଇଛନ୍ତି ?" ମୁଁ କହେ ଯିଏ ଚାରିଆଡୁ ପିଏଚ୍.ଡି. କରିବାକୁ ଯାଇ ହଇରାଣ ହରକତ ହୋଇ ଫେରନ୍ତି, ସେଇଭଳି କିଛି ଛାତ୍ର ମୋ ନିକଟକୁ ଆସି ଆନନ୍ଦ ମନରେ ଗବେଷଣା କରନ୍ତି । ପୁଣି ମୁଁ ସଦ୍ୟ ସ୍ନାତକୋତ୍ତର ଡିଗ୍ରୀ ସାରିଥିବା ପିଲାଙ୍କୁ ଗବେଷଣା କରିବାକୁ ଭାରି ଉତ୍ସାହିତ କରେ । ମୁଁ ସବୁବେଳେ ମୋର ଗବେଷଣା ଛାତ୍ରଙ୍କ ସୁବିଧାଦେଖେ । ସେମାନେ ଠିକ୍ ସମୟରେ କିପରି ଉପାଦାନ ସଂଗ୍ରହ କରିବେ, ବହି ପଢ଼ିବେ, ଲେଖିବେ ସେ ବାବଦରେ ସେମାନଙ୍କୁ ବାରମ୍ବାର ତାଗିଦ୍ କରେ । ଏପରିକି ମୁଁ ମଧ୍ୟ ବେଳେ ବେଳେ ମୋର ଛାତ୍ରମାନଙ୍କୁ ଗବେଷଣା ସମ୍ବନ୍ଧୀୟ ଦୁଷ୍ପ୍ରାପ୍ୟ ତଥ୍ୟ ସଂଗ୍ରହରେ ସାହାଯ୍ୟ କରେ- ଯାହା ଗବେଷଣା ତତ୍ତ୍ୱାବଧାରକର କାର୍ଯ୍ୟ ବୋଲି ମୁଁ ଭାବେ ।

ଏଥିସହିତ ମୁଁ ମୋର ଛାତ୍ରମାନଙ୍କ ପାଇଁ କିଛି ସମୟ ପ୍ରତିଦିନ ଦେଇଥାଏ । ମୋର ବିଶ୍ୱାସ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ- ଯାହାକୁ ଖୁସି ମନରେ କଲେ ତାହା ସହଜରେ ହୋଇଯାଏ । ଏଥିପାଇଁ ଧୈର୍ଯ୍ୟ, ଅଧ୍ୟୟନ, ନିଷ୍ଠା ନିହାତି ପ୍ରୟୋଜନ । ମୋ ତତ୍ତ୍ୱାବଧାନରେ ଜଣେ ଗବେଷକ ଗବେଷଣା କରି ଡିଗ୍ରୀ ପାଇଲେ ମୁଁ ଯେଉଁ ମାନସିକ ଶାନ୍ତି ପାଏ ତାହା ଭାଷାରେ ପ୍ରକାଶ କରିହେବ ନାହିଁ । ଏହାଛଡ଼ା ମୁଁ ପଢ଼ିଥିବା ବିଦ୍ୟା ଅନ୍ୟର କାମରେ ଲାଗିଥିବାରୁ ମୁଁ ଏ ସକାଶେ ତା'ର ଉପକାରରେ ଆସିଥିବାରୁ ଭାରି କୃତାର୍ଥ ହୁଏ । ମୋର ଛାତ୍ରମାନେ ଗବେଷଣା କରୁଥିବା ବେଳେ ମୁଁ ତାଙ୍କୁ ଖୁଆଇବାକୁ ଖୁବ୍ ଭଲପାଏ । ମୋ ଗବେଷକମାନେ ମଧ୍ୟ ମୋତେ ଖୁବ୍ ସମ୍ମାନ କରନ୍ତି, ଭକ୍ତି କରନ୍ତି, ମୋ ପ୍ରତି ଅନୁରାଗ ରଖନ୍ତି ଓ ଗବେଷଣା ଡିଗ୍ରୀ ପାଇବା ପରେ ମୋତେ ଖୁଆଇବାକୁ ଭଲ ପାଆନ୍ତି । ମୁଁ ଏତେ ପିଲାଙ୍କର ଗବେଷଣା ତତ୍ତ୍ୱାବଧାରକ କାମ କରିଥିଲେ ସୁଦ୍ଧା କାହାଠାରୁ କୌଣସି ଅର୍ଥ କିମ୍ବା ଦାମିକା ଉପହାର ଗ୍ରହଣ କରିନାହିଁ । ବେଳେବେଳେ କେହି କେହି ଉତ୍ତରୀୟଟିଏ କିମ୍ବା ସାଲଟିଏ ମୋତେ ଯାହା ଶ୍ରଦ୍ଧା ଓ ସମ୍ମାନରେ ଦିଅନ୍ତି । କେବଳ ବିଦ୍ୟା ସହ ନିରନ୍ତର ସଂପର୍କ, ମାନସିକ ଶାନ୍ତି, ଶୁଦ୍ଧ ଆନନ୍ଦ ଓ ଛାତ୍ରଛାତ୍ରୀମାନଙ୍କ ଦୁଃଖ ମୋଚନ ପାଇଁ ମୁଁ ଏତେ ଅଧିକ ସଂଖ୍ୟାରେ ଗବେଷଣା କରାଇଛି ।

ଏବେ ମୋର ଲେଖା ଲେଖି ଓ ବହି ସଂପର୍କରେ ଯତ୍ ସାମାନ୍ୟ ଆଲୋକପାତ କରିବି । ମୋର ଏଯାବତ୍ ଚାଳିଶ ଖଣ୍ଡରୁ ଉର୍ଦ୍ଧ୍ୱ ବହି ବାହାରିଛି । କିଛି ନିଜ ଲେଖା, କିଛି ସଂପାଦନା । ଏସବୁ ବହି ପ୍ରକାଶ ପାଇବାରେ ମୁଁ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହିଁ । ବରଂ; ପ୍ରସିଦ୍ଧ ପ୍ରକାଶନ ସଂସ୍ଥାମାନେ ମୋ ବହି ଛାପି ମୋତେ ଲେଖାଲେଖି କରିବା ପାଇଁ ଉତ୍ସାହିତ କରିଛନ୍ତି । ମୋର ଅଧିକାଂଶ ଗ୍ରନ୍ଥ ଏକାଧିକ ସଂସ୍କରଣ ହୋଇଛି । ମୋର ପ୍ରଥମ ବହି 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ'କୁ ପ୍ରଥମେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଛାପିଥିଲେ ୧୯୭୭ ମସିହାରେ । ଏ ସମୟରେ ଭଲ ପ୍ରକାଶନ ସଂସ୍ଥା ବହିଟିଏ ଛାପିବା ଜଣେ ଅଖ୍ୟାତନାମା ଲେଖକର କାଠିକର ପାଠ ଥିଲା । ଯାହା ହେଉ ମୋର ଅନୁରୋଧ କ୍ରମେ ଏହାର ପ୍ରତିଷ୍ଠାତା ଅନନ୍ତ ମିଶ୍ର ବହିଟିକୁ ଛାପିଥିଲେ । ଏଥିପାଇଁ ତାଙ୍କର ପୁତ୍ର ସୁଲେଖକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ରଙ୍କ ଭୂମିକା ଥିଲା ପ୍ରଶଂସନୀୟ । ଏ ବହିର ଦ୍ୱିତୀୟ ସଂସ୍କରଣ ୧୯୯୭ରେ ବ୍ରହ୍ମପୁରର ଆଶା ପୁସ୍ତକଳାୟ, ତୃତୀୟ ସଂସ୍କରଣ ୨୦୦୪ରେ କଟକର ବିଦ୍ୟାପୁରୀ ଓ

୨୦୧୫ରେ ଏହାର ପରିବର୍ଦ୍ଧିତ ନୂତନ ସଂସ୍କରଣ କଟକର ଫ୍ରେଣ୍ଡସ୍ ପବ୍ଲିଶର୍ସ ପ୍ରକାଶ କରିଛନ୍ତି । ମୋର ଦ୍ୱିତୀୟ ବହି 'ଚିନ୍ତନ: ଅନୁଚିନ୍ତନ' ୧୯୮୧ ମସିହାରେ କଟକର ଓଡ଼ିଶା ବୁକ୍ ଷ୍ଟୋର ଛାପିଛନ୍ତି । ଅତି ଶ୍ରଦ୍ଧାରେ ଏହାର ପ୍ରତିଷ୍ଠାତା ଗୋବିନ୍ଦ ଚରଣ ପାତ୍ର ମୋ ଠାରୁ ବହିର ପାଣ୍ଡୁଲିପି ନେଇ ଖୁବ୍ ଅଳ୍ପ ସମୟରେ ଛାପି ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି ପ୍ରକାଶନ ସଂସ୍ଥା ମୋର 'ଜିଜ୍ଞାସାର ଜ୍ୟୋତି' ଗ୍ରନ୍ଥ ୧୯୮୯ ମସିହାରେ, 'ସମାଲୋଚନା ଭାରତୀ' ୧୯୯୧ ମସିହାରେ ଓ ସଂପାଦନା ଗ୍ରନ୍ଥ 'ବିରୂପାକ୍ଷ ପ୍ରବନ୍ଧମାଳା' ୧୯୯୩ ମସିହାରେ ପ୍ରକାଶ କରିଥିଲେ । ଏହି ବହିଗୁଡ଼ିକ ଛାପିବାରେ ଗୋବିନ୍ଦ ବାବୁଙ୍କ ସୁପୁତ୍ର ବିଜୟଶଙ୍କର ପାତ୍ରଙ୍କ ଭୂମିକା ଅବିସ୍ମରଣୀୟ ହୋଇ ରହିବ । ୧୯୮୨ ମସିହାରେ କଟକର ବୁକ୍ସ ଆଣ୍ଡ ବୁକ୍ସ ମୋର 'ପ୍ରାବନ୍ଧିକ ନୀଳକଣ୍ଠ ଦାସ' ବହିଟିକୁ ଛାପିଥିଲେ । ବହିଟିର ଆଉ ଅଧିକ ସଂସ୍କରଣ ଏଯାବତ୍ ହୋଇନାହିଁ । ମୁଁ ଡକ୍ଟର ରାମବାହାଲ ତିୱାରୀଙ୍କ ଦ୍ୱାରା ରଚିତ ଆଧୁନିକ ଓଡ଼ିଆ ଛନ୍ଦ' ବହିଟିକୁ ଅନୁବାଦ କରିଥିଲି, ଯାହାକୁ ଛାପିଛନ୍ତି କଟକ ଷ୍ଟିଡେଣ୍ଟସ୍ ଷ୍ଟୋର । ମୋ ଦ୍ୱାରା ଲିଖିତ 'ସାହିତ୍ୟ ସାଧକ ଡକ୍ଟର ମାୟାଧର ମାନସିଂହ' ବହିଟିକୁ ୧୯୮୮ ମସିହାରେ ଛାପିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର । ବହିଟି ତିନିଗୋଟି ସଂସ୍କରଣ ହେଲାଣି । ଏବେ ୨୦୧୫ ରେ ତା'ର ତୃତୀୟ ସଂସ୍କରଣ ପ୍ରକାଶ ପାଇଛି । ମୋର 'ଓଡ଼ିଆ ପ୍ରବନ୍ଧ ସାହିତ୍ୟ' ବହି ପ୍ରଥମେ ୧୯୮୦ରେ ବାହାରିଥିଲା । ଏହାର ଦ୍ୱିତୀୟ ସଂସ୍କରଣ କରିଥିଲେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ତୃତୀୟ ଓ ଚତୁର୍ଥ ସଂସ୍କରଣ କରିଥିଲେ ମହାବୀର ପ୍ରକାଶନ, ଭୁବନେଶ୍ୱର । ବହିଟିର ପରିବର୍ଦ୍ଧିତ ନୂତନ ସଂସ୍କରଣ ୨୦୧୫ରେ ପ୍ରକାଶ କରିଛନ୍ତି ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ । ମୋର ଗ୍ରନ୍ଥମାନଙ୍କ ମଧ୍ୟରେ 'ଓଡ଼ିଆ ସାହିତ୍ୟର ଇତିହାସ'ର ସବୁଠାରୁ ଅଧିକ ସଂସ୍କରଣ ହୋଇଛି । ଏହାର ପ୍ରଥମ ସଂସ୍କରଣ ଛାପିଥିଲେ କଟକର କିତାବ ମହଲ । ପରବର୍ତ୍ତୀ ସଂସ୍କରଣ ଓ ପରିବର୍ଦ୍ଧିତ ସଂସ୍କରଣ ଛାପିଛନ୍ତି ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ । ଏ ବହିଟି ପାଠକ, ଛାତ୍ର ଓ ଅଧ୍ୟାପକମାନଙ୍କ ଦ୍ୱାରା ବେଶ୍ ଶ୍ରଦ୍ଧାଭାଜନ ହୋଇଛି । ଏଯାବତ୍ ବହିଟିର ଛଅଗୋଟି ସଂସ୍କରଣ ହେଲାଣି । 'ସୁରେନ୍ଦ୍ର ସମୀକ୍ଷା' ଶୀର୍ଷକ ଗୋଟିଏ ଗ୍ରନ୍ଥ ମୁଁ ୧୯୮୯ରେ ସଂପାଦନା କରିଥିଲି, ଯାହାର ପ୍ରଥମ ସଂସ୍କରଣ ଛାପିଥିଲେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର । ଏହାର ପରବର୍ତ୍ତୀ ସଂସ୍କରଣ ଛାପିଲେ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ । ସେଇସଂସ୍ଥା ମୋ ଦ୍ୱାରା ଲିଖିତ ତିନୋଟି ସମାଲୋଚନା ଗ୍ରନ୍ଥ ୧୯୯୧ରେ ଛାପିଛନ୍ତି ।

ଏହି ଗ୍ରନ୍ଥର ଏକାଧିକ ସଂସ୍କରଣ ହୋଇଛି । 'ଆମସ୍‌ସଟନ୍ ରଚନାବଳୀ' ଆମସ୍ ସଟନଙ୍କ ଦ୍ୱାରା ସଂକଳିତ 'ସାଧୁଭାଷାର୍ଥାଭିଧାନ' ମୋ ଦ୍ୱାରା ସଂପାଦିତ ହୋଇ ୨୦୦୨ରେ ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପ୍ରକାଶିତ ହୋଇଛି । ମୋ ଦ୍ୱାରା ଲିଖିତ 'ନାନା ଆଲୋଚନା' ଗ୍ରନ୍ଥଟି ପ୍ରଥମେ ୧୯୯୪ରେ ଭୁବନେଶ୍ୱର ଗଦ୍ୟ ପ୍ରକାଶନୀ ଦ୍ୱାରା ବାହାରିଥିଲା । ଗ୍ରନ୍ଥଟି ତୃତୀୟ ସଂସ୍କରଣ ହେଲାଣି- ଯାହାକୁ ଛାପିଛନ୍ତି 'ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୧୪ ମସିହାରେ । ସେଇ ସଂସ୍ଥା ମଧ୍ୟ ମୋ ଦ୍ୱାରା ସଂପାଦିତ 'ସାହିତ୍ୟ ସାଧକ ମନୋଜ ଦାସ', 'ସାହିତ୍ୟ ସାଧକ କବି ଉପେନ୍ଦ୍ର ଭଂଜ' ବହି ପ୍ରକାଶ କରିଛନ୍ତି । ମୁଁ ୧୯୯୪ ମସିହାରେ ଓଡ଼ିଆ ମାନଙ୍କର କେତେକ ପୁଣ୍ୟ ଦେବାଳୟ, ପବିତ୍ର ନଦ-ନଦୀ, ପାହାଡ଼, କୀର୍ତ୍ତିଭାସ୍ୱର ଆଲେଖ୍ୟକୁ ନେଇ 'ଓଡ଼ିଶାର...' ଶୀର୍ଷକ ଖଣ୍ଡିଏ ବହି ଲେଖିଥିଲି । ଏହାକୁ ଛାପିଛନ୍ତି କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର । ସାହିତ୍ୟ ଅକାଦେମି ନୂଆ ଦିଲ୍ଲୀଙ୍କ କୃପାରୁ ମୋ ଦ୍ୱାରା ଲିଖିତ ତିନିଖଣ୍ଡ ଗ୍ରନ୍ଥ ପ୍ରକାଶ ପାଇଛି । ୧୯୯୮ ମସିହାରେ ଲିଖିତ 'ଗୋପୀନାଥ ନନ୍ଦ', ୨୦୦୫ରେ ଲିଖିତ 'ଗୋପୀନାଥ ମହାନ୍ତି', ୨୦୦୬ ମସିହାରେ ଲିଖିତ 'କୃଷ୍ଣପ୍ରସାଦ ମିଶ୍ର' ଏହି ଅନୁଷ୍ଠାନ ଦ୍ୱାରା ପ୍ରକାଶିତ । ୧୯୯୯ ମସିହାରେ ମୁଁ 'ଗଦ୍ୟଶିଳ୍ପୀ କିଶୋରୀଚରଣ' ନାମକ ଏକ ଗ୍ରନ୍ଥ ସଂପାଦନା କରିଥିଲି- ଯାହା କିଶୋରୀ ଚରଣ ଦାସ ଅଭିନନ୍ଦନ ସମିତି ଦ୍ୱାରା ପ୍ରକାଶିତ । ମୋର 'ସମାଲୋଚନା ସ୍ତବକ' ବହିଟି ୨୦୦୦ ମସିହାରେ ଓଡ଼ିଶା ଲେଖକ ସମବାୟ ସମିତି ଆନୁକୂଲ୍ୟରେ ଭୁବନେଶ୍ୱରରୁ ପ୍ରକାଶିତ ହୋଇଛି । କବି ରମାକାନ୍ତ ରଥଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ନେଇ ମୁଁ ଗୋଟିଏ ବହି ୨୦୦୨ରେ 'ସାହିତ୍ୟ ସାଧକ କବି: ରମାକାଂତ ରଥ' ନାମରେ ସଂପାଦନା କରିଥିଲି । ଏହି ଗ୍ରନ୍ଥଟିକୁ ଛାପିଛନ୍ତି ଗ୍ରନ୍ଥ ମନ୍ଦିର, କଟକ । ବହିଟିର ମଧ ଦ୍ୱିତୀୟ ସଂସ୍କରଣ ହୋଇଛି । ଆଧୁନିକ ଲେଖକମାନଙ୍କ ସଂପର୍କରେ ମୁଁ 'ସାହିତ୍ୟ ସାଧକ ମହାପାତ୍ର ନୀଳମଣି ସାହୁ' ୨୦୦୪ରେ 'ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ', ୨୦୦୪ରେ ସଂପାଦନା କରିଅଛି । 'ସାହିତ୍ୟ ସାଧକ ମହାପାତ୍ର ନୀଳମଣି ସାହୁ'ଗ୍ରନ୍ଥଟି ଭୁବନେଶ୍ୱରର ଜ୍ଞାନଯୁଗ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶ ପାଇଥିବା ବେଳେ 'ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ' ଗ୍ରନ୍ଥଟି ଶାନ୍ତନୁ କୁମାର ଆଚାର୍ଯ୍ୟ ଅଭିନନ୍ଦନ ସମିତି ଦ୍ୱାରା ପ୍ରକାଶିତ । କେତେକ ଲେଖକଙ୍କ ସହ ମୋର ସାକ୍ଷାତ୍‌କାର ବିବରଣୀକୁ ନେଇ ଏକ ସଂପାଦନା ଗ୍ରନ୍ଥ ହେଉଛି 'ସାକ୍ଷାତ୍‌କାର ବର୍ତ୍ତିକା' । ଏହି ଗ୍ରନ୍ଥ

ସଂପାଦନାରେ ମୋତେ ସହଯୋଗ କରିଛନ୍ତି ଡକ୍ଟର ନବକିଶୋର ମିଶ୍ର ଓ ଡକ୍ଟର ଲକ୍ଷ୍ମୀନାରାୟଣ ମିଶ୍ର । ଏହି ଗ୍ରନ୍ଥଟି ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ ପକ୍ଷରୁ ୨୦୦୭ ମସିହାରେ ପ୍ରକାଶିତ ହୋଇଛି । ମୋର ପିଏଚ୍.ଡି, ନିବଂଧ 'ଆଧୁନିକ ଓଡ଼ିଆ ସାହିତ୍ୟକୁ କାମପାଳ ମିଶ୍ରଙ୍କ ଦାନ' ୨୦୦୯ ମସିହାରେ ଯାଜପୁରର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ । ଗ୍ରନ୍ଥଟିରେ କାମପାଳ ମିଶ୍ରଙ୍କ ସଂପର୍କରେ ଅନେକ ଦୁଷ୍ପ୍ରାପ୍ୟ ତଥ୍ୟ ରହିବା ସହିତ କାମପାଳଙ୍କ ସାରସ୍ୱତ ସମ୍ଭାର ଏଥିରେ ଦିଆଯାଇଛି । ଏହି ଗ୍ରନ୍ଥଟିରେ ଉନବିଂଶ ଶତକ ଓଡ଼ିଆ ସାହିତ୍ୟ ସଂପର୍କରେ ଅନେକ ଅଜ୍ଞାତ ପ୍ରସଙ୍ଗ ସ୍ଥାନ ଲାଭ କରିଅଛି । ମୋର ଏହି ଗ୍ରନ୍ଥ 'ସଂସ୍କୃତି ଓ ମାନବିକ ମୂଲ୍ୟବୋଧ'କୁ ୨୦୧୦ରେ ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ ଛାପିଛନ୍ତି । ଗ୍ରନ୍ଥଟିରେ କେତେକ ଲେଖକଙ୍କ ସାଂସ୍କୃତିକ ଦୃଷ୍ଟିକୋଣ ସଂପର୍କରେ ତର୍ଜମା କରାଯାଇଥିବା ବେଳେ ଆଉ କେତୋଟି ଲେଖାରେ, ଆମ ସାହିତ୍ୟରେ ମାନବିକ ମୂଲ୍ୟବୋଧର ସ୍ୱରୂପ ଆକଳନ କରାଯାଇଛି । 'ବେଦରୁ ଆଧୁନିକ' ପ୍ରଫେସର ସର୍ବେଶ୍ୱର ଦାଶଙ୍କର ଏକ ସମାଲୋଚନା ଗ୍ରନ୍ଥ । ଗ୍ରନ୍ଥଟିକୁ ୨୦୧୦ ମସିହାରେ ମୁଁ ଓ ଅସିତ ମହାନ୍ତି ସଂପାଦନା କରିଅଛୁ । ଯାହା ଯାଜପୁରର 'ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ' ଦ୍ୱାରା ପ୍ରକାଶ ପାଇଛି । ମୋ ଦ୍ୱାରା ଲିଖିତ 'ସାହିତ୍ୟ ସାଧକ ଶରତ କୁମାର ମହାନ୍ତି' ଗ୍ରନ୍ଥଟି ୨୦୧୩ରେ କଟକର ଅଗ୍ରଦୂତଙ୍କ ଦ୍ୱାରା ପ୍ରକାଶିତ । ସେହିବର୍ଷ ମୋ ଦ୍ୱାରା ସଂପାଦିତ 'ସମକାଳୀନ ଓଡ଼ିଆ କବିତା' ଗ୍ରନ୍ଥ ଭୁବନେଶ୍ୱରର ମହାବୀର ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଛି । ୨୦୧୩ ମସିହାରେ ମୁଁ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ନୂଆଦିଲ୍ଲୀ ପକ୍ଷରୁ କୃଷ୍ଣପ୍ରସାଦ ମିଶ୍ରଙ୍କ ଶ୍ରେଷ୍ଠଗଳ୍ପ ଓ ୨୦୧୪ରେ ଚନ୍ଦ୍ରଶେଖର ରଥଙ୍କ ଶ୍ରେଷ୍ଠଗଳ୍ପ ସଂପାଦନା କରିଅଛି । ଗ୍ରନ୍ଥ ଦୁଇଟିରେ ଉଭୟଙ୍କ ଗଳ୍ପ ଜଗତ ସଂପର୍କରେ ବିସ୍ତୃତ ବିବରଣୀ ଦିଆଯିବା ସହିତ ଉଭୟଙ୍କ ସୁନିର୍ବାଚିତ ଗଳ୍ପକୁ ସ୍ଥାନ ଦିଆଯାଇଛି । ଗ୍ରନ୍ଥ ଦୁଇଟି ପାଠକ ମହଲରେ ଅଳ୍ପ ସମୟ ମଧ୍ୟରେ ବେଶ୍ ଆଦୃତ ହୋଇଛି । ଏତଦ୍ ବ୍ୟତୀତ ମୁଁ ଛାତ୍ରମାନଙ୍କ ପାଠପୁସ୍ତକ ଉଦ୍ଦେଶ୍ୟରେ 'ଅଳଂକାର ମାନସ' ପରି ବହିଟିଏ ଲେଖିଛି । 'ପ୍ରଚଳିତ ପ୍ରବନ୍ଧ', 'ପ୍ରବନ୍ଧ ସ୍ତବକ', 'ପ୍ରବନ୍ଧ କାଳଜୟୀ' ଗ୍ରନ୍ଥକୁ ମୁଁ ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ସଂପାଦନା କରିଅଛି ।

ମୁଁ ମଧ୍ୟ ସାମୟିକ ଭାବେ ଇଂରାଜୀରେ କିଛି କିଛି ଲେଖା ଲେଖିଛି । ମୋର ଏନ୍‌ସାଇକ୍ଲୋପେଡିଆ ଅଫ୍ ଇଣ୍ଡିଆନ୍ ଲିଟରେଚର ଗ୍ରନ୍ଥରେ 'Science Fiction'

ଓ 'Travelogue' ଶୀର୍ଷକ ଦୁଇଗୋଟି ଲେଖା ରହିଛି । ଓଡ଼ିଆରେ 'ବୈଜ୍ଞାନିକ କଥା ସାହିତ୍ୟ'ର ଉତ୍ପତ୍ତି ଓ ବିକାଶକ୍ରମ ସଂପର୍କରେ 'Science Fiction'ରେ ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ, ଓଡ଼ିଆ ଭ୍ରମଣ ସାହିତ୍ୟ ସଂପର୍କରେ 'Travelogue' ରେ ଅନୁଶୀଳନ ହୋଇଅଛି । ଏ ଦୁଇଟି ବରାଦୀ ଲେଖା । ଉଭୟ ଲେଖା ସାହିତ୍ୟ ଅକାଦେମି, ନୂଆଦିଲ୍ଲୀଙ୍କ ଅନୁରୋଧ କ୍ରମେ ଲେଖା ଯାଇଥିଲା । ସେହିପରି କେ.ଏମ୍.ଜର୍ଜଙ୍କ ଅନୁରୋଧ କ୍ରମେ ମୁଁ ଲେଖିଥିଲି 'Shorter Fiction of Surendra Mohanty' ଯାହା ନ୍ୟାସନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ମାଷ୍ଟର ପିସେସ୍ ଅଫ୍ ଇଣ୍ଡିଆନ୍ ଲିଟରେଚର ଗ୍ରନ୍ଥରେ ସ୍ଥାନିତ ହୋଇଛି । ମୋ ଦ୍ୱାରା ଲିଖିତ (Development of Modern Odia Literature-(1803-1994) ଶୀର୍ଷକ ଏକ ଦୀର୍ଘ ନିବଂଧ କାବେରୀ ବୁକ୍ସ, ନୂଆଦିଲ୍ଲୀଙ୍କ ଦ୍ୱାରା ପ୍ରକାଶିତ କମ୍ପ୍ରିହେନ୍ସିଭ୍ ହିଷ୍ଟ୍ରି ଆଣ୍ଡ୍ କଲଚର ଗ୍ରନ୍ଥରେ ସ୍ଥାନ ଲାଭ କରିଛି । ଏହି ଲେଖାରେ ଓଡ଼ିଆ ସାହିତ୍ୟର ଊନବିଂଶ ଓ ବିଂଶ ଶତକର ସର୍ବେକ୍ଷଣ କରାଯାଇଛି । ଏଥି ସହିତ ଆଧୁନିକ କାଳର ଓଡ଼ିଆ ସାହିତ୍ୟ ପୃଷ୍ଠଭୂମି ସଂପର୍କରେ ସୂଚନା ଦିଆଯାଇଛି । ମୁଁ ଜର୍ଣ୍ଣାଲ ଅଫ୍ ଦି ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାନ୍ ସୋଭନିର୍-୧୯୯୬ରେ 'Builders of Modern Odisha- The Satyabadi Group' ଶୀର୍ଷକ ଏକ ଲେଖା ଲେଖିଥିଲି । ମୁଁ କବିସୂର୍ଯ୍ୟ ବଳଦେବ ରଥଙ୍କ ସଂପର୍କରେ 'ଦି କଲ୍‌ଚରାଲ୍ ହେରିଟେଜ୍ ଅଫ୍ ଗଞ୍ଜାମ'ରେ ଏକ ନିବଂଧ ଲେଖିଥିଲି । ଯାଜପୁରର ଲେଖକମାନଙ୍କ ବିବରଣୀ ମୁଁ 'ଦି କଲ୍‌ଚରାଲ ହେରିଟେଜ୍ ଅଫ୍ ଯାଜପୁର'ରେ ଲେଖିଅଛି । ସୁଲକ୍ଷଣା ଦେବୀଙ୍କ ସଂପର୍କରେ 'କଲଚରାଲ ହେରିଟେଜ୍ ଅଫ୍ ଓଡ଼ିଶା', ଢେଙ୍କାନାଳରେ, ମନୋଜ ଦାସଙ୍କ ସଂପର୍କରେ 'କଲ୍‌ଚରାଲ ହେରିଟେଜ୍ ଅଫ୍ ଓଡ଼ିଶା, ବାଲେଶ୍ୱରରେ ମୋର ଏହି ଲେଖା ଦ୍ୱୟ ସ୍ଥାନିତ ହୋଇଛି । ଉପରଲିଖିତ ଏହି କଲ୍‌ଚରାଲ ହେରିଟେଜ୍ ଗ୍ରନ୍ଥ ଚାରୋଟି ପ୍ରଶାସକ ଗୋପୀନାଥ ମହାନ୍ତି ଓ ଅନ୍ୟମାନଙ୍କ ଦ୍ୱାରା ସଂପାଦିତ ହୋଇ ବ୍ୟାସକବି ଫକୀରମୋହନ ସାହିତ୍ୟ ସଂସଦ, ଭୁବନେଶ୍ୱରଙ୍କ ପକ୍ଷରୁ ପ୍ରକାଶିତ । ଏବେ ମୋର ପନ୍ଦର ଗୋଟି ଓଡ଼ିଆ ପ୍ରବନ୍ଧ ପ୍ରଫେସର ଅଶୋକ ମହାନ୍ତିଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ହୋଇ ପ୍ରକାଶ ଅପେକ୍ଷାରେ ରହିଛି । ଇଂରାଜୀରେ ସାଧାରଣତଃ ଓଡ଼ିଆ ସାହିତ୍ୟ ସଂପର୍କିତ ଲେଖା ବାହାରିଲେ ତାକୁ ଏକ ବୃହତ୍ତର ପାଠକ ଗୋଷ୍ଠୀ ପଢନ୍ତି । ଅଣଓଡ଼ିଆ ପାଠକମାନେ ଏଇ ସବୁ ଲେଖାକୁ ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ।

ମୁଁ ଲେଖାଲେଖି ଦ୍ୱାରା କିଛି ଅର୍ଥ ଉପାର୍ଜନ କରିବାକୁ ନାପସନ୍ଦ କରେ। ଓଡ଼ିଆରେ ଲେଖି ପଇସା ପାଇବା କାଠିକର ପାଠ। ଫକୀରମୋହନ ବହୁ ବର୍ଷ ପୂର୍ବେ ଯାହା କହିଥିଲେ, "ଦେଶୀ ସାହିତ୍ୟ ଯେ ବଣିଜ କଲା, ଜାଣିଥିବ ସେଇ ଲୋକଟି ମଲା।" ଏ ଧାଡ଼ି ଦୁଇଟିର ଏବେ ବି ପ୍ରାସଙ୍ଗିକତା ରହିଛି। ସାରସ୍ୱତ ସେବା ସକ୍ରାରରୁ କିଛି ଆର୍ଥିକ ଫାଇଦା ଉଠାଇବା ସପକ୍ଷରେ ମୁଁ ନୁହେଁ। ଯଦି କେହି ଲେଖା ପାଇଁ ମର୍ଯ୍ୟାଦାଜନକ ଭାବରେ କିଛି ଅର୍ଥ ଦିଏ ତାକୁ ଗ୍ରହଣ କରିବାରେ ମୋର କୁଣ୍ଠା ନଥାଏ। ମୋତେ ଲେଖାପାଇଁ କିଛି ପ୍ରକାଶକ ମୋ ବହିର ପ୍ରାପ୍ୟ ଦେଇଛନ୍ତି। ଏ ଦିଗରେ ଫ୍ରେଣ୍ଡସ୍ ପବ୍ଲିଶର୍ସର କିଛିଟା ନିଷ୍ଠା ରହିଛି। ଏହି ସଂସ୍ଥା ମୋର ଛାପିଥିବା ବହିର ପ୍ରାପ୍ୟ ପ୍ରାୟ ପ୍ରତିବର୍ଷ ହିସାବ କରି ଦେଇ ଦିଅନ୍ତି। ଏମିତି କେତେକ ପ୍ରକାଶନ ଅଛନ୍ତି ଛାପିଥିବା ବହି ବାବଦ ରୟାଲିଟି ଅଧଲାଟିଏ ନ ଦେଇ ବେଶ୍ କୌଶଳରେ ଲେଖକଙ୍କୁ ପ୍ରାପ୍ୟ ଦେଇଛନ୍ତି ବୋଲି କାଗଜ ପତ୍ର କରାଇ ନିଅନ୍ତି। ମୋ ବହିର ଏଇପରି ପ୍ରକାଶକ ବି ଅଛନ୍ତି। ଓଡ଼ିଶାରେ ବହି ପ୍ରକାଶନ ପାଇଁ କେତେକ ଲେଖକ ପ୍ରକାଶକଙ୍କୁ ବହିର ଛାପାଖର୍ଚ୍ଚ ଦେଇ ବହି ଛାପନ୍ତି। ପ୍ରକାଶକଙ୍କୁ ଯେତିକି ଟଙ୍କା ଦେଇଥାନ୍ତି, ସେଇ ଅନୁପାତରେ ବହି ତାଙ୍କୁ ମିଳେ ନାହିଁ। ଓଡ଼ିଶାରେ ଅନେକ ପ୍ରକାଶକ କହନ୍ତି ବହି ଆଦୌ ବିକ୍ରି ହେଉନାହିଁ। ଏହା ସତ୍ୟ ନୁହେଁ। ଅବଶ୍ୟ ପର୍ଯ୍ୟାପ୍ତ ପରିମାଣରେ ବହି ଅନ୍ୟ ଭାଷା ଭାଷୀ ରାଜ୍ୟରେ ଯେମିତି ବିକ୍ରି ହୁଏ, ସେପରି ଏଠାରେ ହୁଏନାହିଁ। ଏ ସବୁ ସତ୍ତ୍ୱେ ଓଡ଼ିଶାରେ ସରକାରୀ, ବେସରକାରୀ ସ୍ତରରେ କିଛି ବହି ବିକ୍ରି ହୁଏ। ବିଶେଷ କରି ରାଜ ରାମମୋହନ ରାୟ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ମୋଟା ଅଙ୍କର ଓଡ଼ିଆ ବହି ଓଡ଼ିଶା ସରକାର କିଣି ଆମ ପ୍ରକାଶନ ସଂସ୍ଥାମାନଙ୍କୁ ଭଲ ବହି ଛାପିବା ପାଇଁ ଉତ୍ସାହିତ କରନ୍ତି। ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ଏକ ଅନଗ୍ରସର ରାଜ୍ୟ ହୋଇଥିବାରୁ ଅନେକ ସାଧାରଣ ପାଠକ ଇଚ୍ଛାଥିଲେ ସୁଦ୍ଧା ଅଭାବ-ଅସୁବିଧା ହେତୁ ବହି କିଣି ପଢି ପାରନ୍ତି ନାହିଁ। ଏଣେ ବହିର ମୂଲ୍ୟ ମଧ୍ୟ ଓଡ଼ିଶାରେ ଆକାଶ ଛୁଆଁ। ତା'ଛଡ଼ା ଓଡ଼ିଶାରେ ଲେଖକ ପ୍ରକାଶକର ସଂପର୍କ ଯେଉଁ ସ୍ତରରେ ସଂପ୍ରତି ରହିଛି, ତା' ଅପେକ୍ଷା ଆହୁରି ମଧୁର ହେବା ଉଚିତ। ଓଡ଼ିଶାରେ ପାଠକ ସୃଷ୍ଟିପାଇଁ ପାଠାଗାର ଆନ୍ଦୋଳନକୁ କ୍ରିୟାଶୀଳ କରାଯିବା ବିଧେୟ।

ମୁଁ ନାନା ଅନୁଷ୍ଠାନ ପକ୍ଷରୁ ମୋର ଯତ୍‌ସାମାନ୍ୟ ସାରସ୍ୱତ ସାଧନା ସକାଶେ ସମ୍ବର୍ଦ୍ଧିତ ହୋଇଛି। ମୋ ଉଦ୍ଦେଶ୍ୟରେ ଯେତେ ସମ୍ବର୍ଦ୍ଧନା ସଭା ହୋଇଛି ସବୁଠୁ

ଗୁରୁତ୍ୱପୂର୍ଣ୍ଣ ଥିଲା ପ୍ରଫେସର ବାଉରୀବଂଧୁ କର ଅଭିନନ୍ଦନ ସମିତିର ସମ୍ବର୍ଦ୍ଧନା ସଭା । ଏହି ସଭାରେ ପ୍ରଫେସର ବାଉରୀବଂଧୁ କର ଅଭିନନ୍ଦନ ଗ୍ରନ୍ଥ ବାହାରି ଥିଲା ଯାହାକୁ ସଂପାଦନା କରିଥିଲେ ମୋର ବନ୍ଧୁ ଡକ୍ଟର ନବକିଶୋର ମିଶ୍ର ଓ ଅନୁଜ ପ୍ରତିମ ଡକ୍ଟର ସୁରେଶ ଚନ୍ଦ୍ର ଦାଶ । ଏହି ଗ୍ରନ୍ଥରେ ମୋତେ ଭଲ ଭାବେ ଜାଣିଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଲେଖା 'ଅନ୍ତରଙ୍ଗ ଅନୁଭବ ଶୁଭକାମନା' ନାମରେ, ଆଉ କିଛି ଲେଖା ବିଦ୍ୟା ବିଦ୍ୟାର୍ଥୀ' ନାମରେ, କିଛି ମୋର ଲେଖା 'ବାଉରୀବଂଧୁ ବିଚିତ୍ରା' ନାମରେ କିଛି ସ୍ମରଣୀୟ ଫଟୋଚିତ୍ର ଶୀର୍ଷକରେ ସ୍ଥାନିତ ହୋଇଥିଲା । ଯେଉଁମାନେ ମୋ ସଂପର୍କରେ ଅନ୍ତରଂଗ ଅନୁଭବ ଶୁଭ କାମନାରେ ଲେଖିଥିଲେ ସେମାନେ ହେଲେ, ଚନ୍ଦ୍ରଶେଖର ରଥ, ସାତକଡ଼ି ହୋତା, ଡାକ୍ତର କବି ପ୍ରସାଦ ମିଶ୍ର, ପ୍ରଫେସର ହରିହର ଦାସ, ପ୍ରଫେସର ତ୍ରିଲୋଚନ ଦାଶ, ଡକ୍ଟର କୃଷ୍ଣଚରଣ ବେହେରା, ପ୍ରଫେସର ଶରତ ଚନ୍ଦ୍ର ପ୍ରଧାନ, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ, ସୌରୀବଂଧୁ କର, ଜଗନ୍ନାଥ ଶା, ଡକ୍ଟର ଧନେଶ୍ୱର ମହାପାତ୍ର, ଭୁବନାନନ୍ଦ ମିଶ୍ର, ପ୍ରଫେସର ବୈଷ୍ଣବ ଚରଣ ସାମଲ, ପ୍ରଫେସର ବିଜୟ କୁମାର ଶତପଥୀ, ପ୍ରଫେସର ଗଣେଶ ପ୍ରସାଦ ଦାସ, ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରଫେସର ମନୋରଂଜନ ପ୍ରଧାନ, ପ୍ରଫେସର ସବିତା ପ୍ରଧାନ, ପ୍ରଫେସର ଅନନ୍ତ କୁମାର ଗିରି, ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ, ଇଂ. ଦାଶରଥି ନନ୍ଦ, ଡକ୍ଟର କାର୍ତ୍ତିକ ଚନ୍ଦ୍ର ରାଉତ, ଡକ୍ଟର ଫନୀ ମହାନ୍ତି, ଅସିତ ମହାନ୍ତି, ପ୍ରଫେସର ଶରତ ଚନ୍ଦ୍ର ରଥ, ଡକ୍ଟର ବିଜୟ କୁମାର ଷଡଙ୍ଗୀ, ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ, ଡକ୍‌ଟର ଗୌରହରି ଦାସ, ବରେନ୍ଦ୍ରକୃଷ୍ଣ ଧଳ, ଭାସ୍କର ଜେନା, ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ, ବିଜୟ ପ୍ରଧାନ, ଡକ୍ଟର ବିଦ୍ୟୁତ୍ ପ୍ରଭା ସାହୁ, ଡକ୍ଟର ତାପସ ସାମନ୍ତରାୟ, ଡକ୍ଟର ନବକିଶୋର ମିଶ୍ର, ଡକ୍ଟର ରମେଶ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ଦାମୋଦର ବେହେରା, ଡକ୍ଟର ରାଧାଗୋବିନ୍ଦ ପାଢ଼ୀ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଚାରୁପ୍ରଭା ନାୟକ, ଡକ୍ଟର ବେଣୁଧର ପାଢ଼ୀ, ଡକ୍ଟର ସୁରେନ୍ଦ୍ରନାଥ ମିଶ୍ର, ଡକ୍ଟର ବବିତାରାଣୀ ପଟ୍ଟନାୟକ, ଡକ୍ଟର ଅନାଦି ଚରଣ ରାଉତ, ଡକ୍ଟର ପ୍ରସନ୍ନ କୁମାର ବିଷୋୟୀ, ଡକ୍ଟର ଭାସ୍କର ଚନ୍ଦ୍ର ମୁଦୁଲି, ଡମ୍ବରୁଧର ଦାସ, ଅଧ୍ୟାପକ ଶକ୍ତିପ୍ରସାଦ ଛୋଟରାୟ, ଡକ୍ଟର ସୁଶାନ୍ତ ଜେନା, ଡକ୍ଟର ସବିତା ଜେନା, ଡକ୍ଟର ବିମ୍ବାଧର ବେହେରା, ଡକ୍ଟର ଅନାଦି ଚରଣ ଗାଁଣ, ଡକ୍ଟର ସୁନୀତା ତ୍ରିପାଠୀ, ପ୍ରଫେସର ଏ.ପି.ପାଢ଼ୀ, ପ୍ରଫେସର ଅମୂଲ୍ୟ କୁମାର ପଣ୍ଡା, ପ୍ରଫେସର ଜେକେ ମହାପାତ୍ର,

ପ୍ରଫେସର ଏସ୍.ସି.ପାଢ଼ୀ, ଶ୍ରୀମତୀ ଶୁଭଶ୍ରୀ କର, ଶ୍ରୀ ଶୁଭାଶିଷ କର । ଏମାନେ ମୋର ସାରସ୍ୱର ବ୍ୟକ୍ତିତ୍ୱ, ଶିକ୍ଷା ପ୍ରେମ, ମଣିଷ ପଣିଆ, ବନ୍ଧୁ ପ୍ରୀତି, ଜୀବନରେ କୃତିତ୍ୱ ସଂପର୍କରେ ଆପଣା ଦୃଷ୍ଟିକୋଣରୁ ମୂଲ୍ୟାୟନ କରିଛନ୍ତି । ଏହି ଗ୍ରନ୍ଥରେ ରହିଥିବା ଅନ୍ୟଲେଖା ଗୁଡ଼ିକରେ ଆମ ସଂସ୍କୃତି, ଐତିହ୍ୟ, ସାହିତ୍ୟିକ ଦୃଶ୍ୟପଟ ସଂପର୍କରେ ଅନେକ ତଥ୍ୟ ରହିଛି । ଏ ଗ୍ରନ୍ଥଟି ବାହାରିଥିଲା ପବିତ୍ର ଗାନ୍ଧୀ ଜୟନ୍ତୀ ଦୁଇ ଅକ୍ଟୋବର ୨୦୧୧ ଓ ଏହାକୁ ଉନ୍ମୋଚନ କରିଥିଲେ ପ୍ରଥିତ ଯଶା କବି ରମାକାନ୍ତ· ରଥ । ଯେତେବେଳେ ମୋତେ ସମ୍ବର୍ଦ୍ଧନା ପୂର୍ବକ ଏହି ବହି ଖଣ୍ଡିକ ଉପହାର ଦିଆଯାଇଥିଲା, ସେତେବେଳେ ସଭାରେ ମୋ ଅଜାଣତରେ ମୋ ଆଖିରୁ ଆନନ୍ଦାଶ୍ରୁ ଗଡ଼ି ଆସିଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ମୋର ପରିବାରର ସଦସ୍ୟ, ବଂଧୁଗଣ, ଶୁଭେଚ୍ଛୁ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଗ୍ରନ୍ଥଟି ପଢିଦେଲେ ମୋର ଶୁଭେଚ୍ଛୁ ଜଗତ, ବଂଧୁ ଜଗତ, ମୋତେ ଭଲ ପାଉଥିବା ବ୍ୟକ୍ତି ବିଶେଷଙ୍କର ମୋ ସଂପର୍କରେ ରହିଥିବା ଦୃଷ୍ଟିଭଙ୍ଗୀ ସଂପର୍କରେ ଜାଣିହେବ ।

ଏବେ ମୁଁ ମୋର ନିଜ ବ୍ୟକ୍ତିତ୍ୱ ସଂପର୍କରେ କିଛି କହିବାକୁ ଉଚିତ ମନେ କରୁଅଛି । କାରଣ ମଣିଷଟିଏ ନିଜ ସଂପର୍କରେ ନିଜେ ଯେତିକି ଜାଣିପାରେ, ନିଜ ସଂପର୍କରେ ଯେତିକି ଆତ୍ମ ସମୀକ୍ଷା କରିପାରେ, ଆଉ କେହି ସେତିକି କରି ପାରନ୍ତି ନାହିଁ । ପୁଣି ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ସେ ନିଜ ପାଇଁ କେବଳ ବଞ୍ଚେନାହିଁ । ଅନ୍ୟର ଉପକାରରେ ପ୍ରୟୋଜନରେ ଆସିବା ପାଇଁ ବଞ୍ଚେ । ସେଥିପାଇଁ କୁହାଯାଇଛି, ଯେଉଁ ମଣିଷଟି ଜୀବଦଶାରେ ପରୋପକାରରେ ନଲାଗେ, ସେ ଇତର ପ୍ରାଣୀଠାରୁ ଭିନ୍ନ ନୁହେଁ । ସୁତରାଂ ମଣିଷଟିଏ ଅନ୍ୟର ସ୍ନେହ, ପ୍ରେମ, ଦୟାରେ ଯେପରି ବଞ୍ଚେ, ଅନ୍ୟମାନେ ମଧ୍ୟ ସେହିପରି କାହାରି ନା କାହାରି ସ୍ନେହ- ସହାନୁଭୂତିରେ ବଞ୍ଚନ୍ତି । ଏହା ହେଉଛି ଜୀବଜଗତର ଧର୍ମ । ମଣିଷର ବ୍ୟକ୍ତିତ୍ୱ ତା'ର ସ୍ୱେଚ୍ଛାକୃତ କ୍ରିୟା-କଳାପର ସ୍ୱୟଂସମ୍ପୃଦ୍ଧ ରୂପ । ସେ ଯେଉଁ ପରିବେଷ୍ଟନୀରେ ବଞ୍ଚେ, ସେଇ ପରିବେଶରେ ତା'ର ସ୍ୱେଚ୍ଛାକୃତ କ୍ରିୟାକଳାପର ପରିପ୍ରକାଶ ଘଟେ, ଯାହା ତା'ର ବ୍ୟକ୍ତିତ୍ୱର ବିକାଶରେ ସହାୟତା କରେ । ବ୍ୟକ୍ତିତ୍ୱ ବିଚାର ବେଳେ ଚରିତ୍ରଟି ପ୍ରଥମେ ଉଜ୍ଜ୍ୱଳ ହୋଇ ଦିଶେ । ଯାହାର ଚରିତ୍ର ଯେତେ ଭଲ ତା'ର ବ୍ୟକ୍ତିତ୍ୱ ସେତିକି ଉତ୍ତମ । ସାଧାରଣତଃ ଚରିତ୍ର ବିଚାର ବେଳେ ମଣିଷଟି କେତେ ଶୁଦ୍ଧପୂତ ଆଦର୍ଶବାଦୀ ହୋଇବଞ୍ଚିଛି, ତା'ର ବିଶ୍ଳେଷଣ କରାଯାଏ । ସାଧାରଣ ଭାବରେ କହିଲେ ଚୋରୀ,

ନାରୀ, ଦାରୀ, ତୋଷରପାତ, ଟ୍ରେଜେରୀ ଟଙ୍କା ଆତ୍ମସାତ୍ ଭଳି କର୍ମରେ ପ୍ରବୃତ୍ତ ହେବା ହେଉଛି ଚାରିତ୍ରିକ ସ୍ଖଳନର ଲକ୍ଷଣ । ସରକାରୀ ଚାକିରିରେ ଲାଞ୍ଚଖୋର ନ ହେବା, ଅପକ୍ଷପାତ ବିଚାର କରିବା, ବିଧିବ୍ୟବସ୍ଥା ଅନୁଯାୟୀ କର୍ମ କରିବା, ଠିକ୍ ସମୟରେ କର୍ମକ୍ଷେତ୍ରକୁ ଯିବା, ଶୃଙ୍ଖଳାର ସହ କର୍ମସଂପାଦନ କରିବା ଚରିତ୍ରବାନ୍ ଭଲ ମଣିଷଠାରେ ଦେଖାଯାଏ । ଜଣେ ଉତ୍ତମ ଚରିତ୍ରବାନ ନାଗରିକ ପାଖରେ ଏସବୁ ଗୁଣ ଶହେରୁ ଶହେ ଭାଗ ନଥାଇ ପାରେ କିନ୍ତୁ ଏହି ସଦ୍‌ଗୁଣରୁ ଅତି କମ୍‌ରେ ଷାଠିଏ ଭାଗ ଥିଲେ ସେ ସୁମଣିଷ ରୂପେ ଗଣ୍ୟ ହୋଇ ପାରିବ । ମୁଁ ଜାଣେନା ମୋ ପାଖରେ ଏସବୁ ସଦ୍‌ଗୁଣ କେତେ ପରିମାଣରେ ରହିଛି । ସମାଜର ଜଣେ ସାଧାରଣ ମଣିଷ ଭାବେ ଯେତିକି ସତ୍ୟନିଷ୍ଠ,ନୀତିନିଷ୍ଠ, ଶୁଦ୍ଧପୂତ ଆଦର୍ଶବାଦୀ ହୋଇ ବଞ୍ଚିବା କଥା ମୁଁ ବଞ୍ଚେ । ଜୀବନରେ କେବେହେଲେ ରାଜସ୍ୱ, ବ୍ରହ୍ମସ୍ୱ, ପରସ୍ୱ, ଦେବସ୍ୱକୁ ଆପଣାର କରିନାହିଁ । କସ୍ମିନ୍ କାଳେ ଜୀବନରେ ଚୌର୍ଯ୍ୟ ବୃତ୍ତି, ପର ଦାରା ଗମନ, ଜାତି ଧର୍ମଗତ ବିଦ୍ୱେଷ କାର୍ଯ୍ୟରେ ସଂଶ୍ଳିଷ୍ଟ ହୋଇନାହିଁ । ଜ୍ଞାତ ସାରରେ କିମ୍ବା ଅଜ୍ଞାତ ସାରରେ ପରପୀଡ଼ନ ଭଳି କର୍ମ କରି ମୁଁ ଅନ୍ୟକୁ କଷ୍ଟ ଦେଇନାହିଁ । ମୁଁ ଆଶୁ ଆପତ୍‌କାଳୀନ ପରିସ୍ଥିତିରେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନ୍ତତଃ ପକ୍ଷେ ଯେପରି ସେବା ସମାଜରେ ଦୁର୍ଗତଙ୍କ ପାଇଁ କରିବା କଥା କରିଛି । ମୁଁ ସ୍ୱୀକାର କରୁଛି ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ଗୋପବନ୍ଧୁଙ୍କ ପରି ସେବାଧର୍ମ ମୁଁ କରି ପାରିନାହିଁ । କିନ୍ତୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟର ସେବାରେ ଯତ୍‌ସାମାନ୍ୟ ନିଜକୁ ନିୟୋଜିତ କରିଛି ।

ମୋର ଚରିତ୍ରର ଗୋଟିଏ ଦିଗ ହେଲା ମୁଁ ଭାବପ୍ରବଣ ମଣିଷଟିଏ । କାହାର ସାମାନ୍ୟ ଦୁଃଖ-କଷ୍ଟ ଦେଖିଲେ ତାହାକୁ ମୁଁ ସହି ପାରେ ନାହିଁ । ମୁଁ ସେଇ କଷ୍ଟମୋଚନ ପାଇଁ ପ୍ରାଣ ପଣେ ସାହାଯ୍ୟ କରେ । ଏହିପରି ସାହାଯ୍ୟ ବିଶେଷ କରି ମୁଁ ଓଡ଼ିଆ ବିଭାଗର ମୁଖ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଥିବାବେଳେ ମୋର ଅନେକ ସହକର୍ମୀଙ୍କୁ କରିଛି । ମୁଁ ଦେଖିଛି ସାହାଯ୍ୟ ଦ୍ୱାରା ପରିସ୍ଥିତି ଅନୁକୂଳ ହେଲେ ସେଇ ସହକର୍ମୀମାନେ ସେ ସମୟର ସାହାଯ୍ୟ-ସହଯୋଗକୁ ଭୁଲି ଯାଆନ୍ତି । ଏଥିପାଇଁ ମୋର ସାମାନ୍ୟତମ ଦୁଃଖ ନାହିଁ । କେବଳ ମୁଁ ଭାବେ, କାହିଁକି ମଣିଷ ଏତେ ଉପକାର ପାଇ ସୁଦ୍ଧା ସମ୍ପୃକ୍ତ ମଣିଷ ପ୍ରତି କୃତଜ୍ଞ ନ ରହି କୃତଘ୍ନ ହୁଏ । ହୁଏତ ଏହା ହୋଇପାରେ ମଣିଷର ପ୍ରକୃତିଗତ ।

ମୋ ଚରିତ୍ରର ଗୋଟିଏ ବଡ଼ ଦିଗ ହେଲା ମୁଁ ଅଳ୍ପରେ ସନ୍ତୁଷ୍ଟ ହୁଏ । କିଏ

ମୋର ସାମାନ୍ୟତମ ଉପକାର କଲେ ମୁଁ ତା ନିକଟରେ କୃତଜ୍ଞତାରେ ନଇଁପଡ଼େ। ମୋ ହେତୁ ପାଇବା ବିନୁ ଯିଏ ମୋର ଜ୍ଞାତସାରରେ ସାହାଯ୍ୟ ସହାନୁଭୂତି ଦେଖାଇ ମୋତେ ସୁବିଧା ସୁଯୋଗ ଜୀବନରେ ଭଲରେ ରହିବା ପାଇଁ ଦେଇଛନ୍ତି, ସେମାନେ ସମସ୍ତେ ମୋରନମସ୍ୟ। ମୁଁ ମଧ୍ୟ ଖାଇବା ପିଇବାରେ ଅଳ୍ପରେ ଖୁସି ହୋଇଯାଏ। ଭାଗବତର ସେଇ କାଳଜୟୀ ବାଣୀ; "ଆହାରେ ଭଲ ମନ୍ଦ ନାହିଁ, ଯେସ୍ଥାନେ ଯେମନ୍ତେ ମିଳଇ।"ରେ ମୁଁ ଗଭୀର ବିଶ୍ୱାସୀ। ସାଧାରଣ ଭାବରେ ନିରାମିଷ ଭୋଜନ ମୁଁ କରେ। ଗରିଷ୍ଠ ଖାଦ୍ୟର ସପକ୍ଷରେ ମୁଁ ଆଦୌ ନୁହେଁ। ଗୁଡ଼ାଏ ଖାଦ୍ୟକୁ ଆବୋରି ବସିବା, ତାକୁ ନଷ୍ଟକରିବାକୁ ମୁଁ ଭଲ ପାଏନା। ମୁଁ କେବେ ହେଲେ ଖାଦ୍ୟନଷ୍ଟ କରେ ନାହିଁ। ମୁଁ ଭଲ ଭାବରେ ବୁଝିଛି ଏ ଦେଶରେ ଖାଦ୍ୟପାଇଁ କିଛି ଲୋକ ସଂକଟ ଜନକ ସ୍ଥିତିରେ ଥିବାବେଳେ, ସୁବିଧାରେ ଖାଦ୍ୟ ପାଉଥିବା ଲୋକ ତାକୁ ନଷ୍ଟ କରିବା ଉଚିତ କାର୍ଯ୍ୟ ନୁହେଁ।

ମୁଁ ଏକାନ୍ତ ଜିଦ୍‌ଖୋର, କ୍ରୋଧୀ ମଣିଷଟିଏ। ମୁଁ କୌଣସି ଭଲକାମ କିପରି ହେବ ସେଥିପାଇଁ ଜିଦ୍ ଧରି ବସେ, ଏଥିପାଇଁ ଉପାୟ ଖୋଜେ। ଯାହା ଫଳରେ ଅନେକ ଭଲ କାମ ସୁରୁଖୁରୁରେ ହୋଇଯାଏ। ବେଳେବେଳେ ରାତି ଅନିଦ୍ରା ହୋଇ ଆମ ବିଭାଗ ପାଇଁ ମୁଁ ମୋର ସହକର୍ମୀଙ୍କୁ ଧରି ମାତିଯାଏ, ସମସ୍ତେ କାମ କରୁ। ମୁଁ ଏଇ ଧରଣର ଜିଦ୍ କରେ- ଯହିଁରେ ଗଠନମୂଳକ ମନୋଭାବ ରହିଥାଏ। ମୁଁ ଅନେକ ସମୟରେ ସାମାନ୍ୟତମ ବିଶୃଙ୍ଖଳା କେଉଁଠି ଦେଖିଲେ କ୍ରୋଧ ପ୍ରକାଶ କରେ। ସେଥିପାଇଁ ଜୀବନରେ ଅନେକ ଦୁଃଖ ପାଇଛି। ଏପରି ପରିସ୍ଥିତି ହୋଇଛି ମୋତେ ରଗାଇବାପାଇଁ ଜଣେ ଜଣେ ଜାଣିଶୁଣି ବିଶୃଙ୍ଖଳା ସୃଷ୍ଟି କରନ୍ତି। ମୁଁ ଦେଖେ ଏ ସଂସାରରେ ଏମିତି କିଛି ଲଗାମଛଡ଼ା ମଣିଷ ଅଛନ୍ତି, ଯେଉଁମାନେ ବିଶୃଙ୍ଖଳିତ ଜୀବନ ଯାପନ କରି ନିଜକୁ ଭାରି ବଡ଼ ବୋଲି ଭାବନ୍ତି। ନିଜର ମୂଳ ବୃତ୍ତିରୁ ଅନ୍ୟର ଦୃଷ୍ଟି ଏଡାଇବା ପାଇଁ ସେମାନେ ଏ ଧରଣର କାର୍ଯ୍ୟ କରନ୍ତି। ଯେଉଁମାନେ ଅଧ୍ୟାପନା ବୃତ୍ତିରେ ରହି ମଦ ଖାଇ ଶ୍ରେଣୀଗୃହକୁ ଯାଆନ୍ତି, ବିଭାଗ ଭିତରେ ଜାଣିଶୁଣି ସିଗାରେଟ୍ ଟାଣନ୍ତି, ଝିଅମାନଙ୍କୁ ଅସଦ୍‌ବ୍ୟବହାର କରନ୍ତି, ସେଇ ଧରଣର ଶିକ୍ଷକମାନଙ୍କୁ ଶିକ୍ଷା ଜଗତର ଅପଦାର୍ଥ ଓ ଅପରାଧୀ କହିବା ଯଥାର୍ଥ ହେବ। ଏପରି ଶିକ୍ଷକଙ୍କ ସଂଖ୍ୟା ଶିକ୍ଷା ବିଭାଗରେ ଦ୍ରୁତ ଗତିରେ ବଢ଼ି ଚାଲିଛି। ମୋର ବୃତ୍ତିଗତ ଜୀବନରେ ଏପରି କିଛି ଶିକ୍ଷକମାନଙ୍କର ଦୃଢ଼ ମୁକାବିଲା କରିବାରେ ମୁଁ ସମର୍ଥ ହୋଇଛି। ମୁଁ ଜଣେ କ୍ରୋଧୀ

ମଣିଷ ହେଲେ ସୁଦ୍ଧା ବିନା କାରଣରେ କସ୍ମିନ୍‌କାଳେ କାହା ଉପରେ ରାଗେ ନାହିଁ। ସଂସାରରେ ଅନୀତି, ଦୁର୍ନୀତି, ବ୍ୟଭିଚାର ଦେଖି ବେଳେ ବେଳେ ମୁଁ ଉପାୟଶୂନ୍ୟ ହୋଇପଡେ। କାହା ଉପରେ ରାଗିବି, ମନରେ ପୁଞ୍ଜୀଭୂତ ଦୁଃଖ ନେଇ ମୁଁ ବିଚଳିତ ହୋଇପଡ଼େ। ଏଥିପାଇଁ ମୁଁ ଉଚ୍ଚ ରକ୍ତଚାପ, ମଧୁମେହ ପରି ରୋଗକୁ ଆପଣାର କରିଛି।

ମୁଁ ଯେତେବେଳେ ଯେଉଁ କାର୍ଯ୍ୟ କରେ ସେତେବେଳେ ମୁଁ ମୋର ବିବେକର ଆହ୍ୱାନ ଶୁଣେ। ଯଦି କୌଣସି କାର୍ଯ୍ୟ ନିୟମ ପରିସର ଭୁକ୍ତ ନୁହେଁ ଏବଂ ତାକୁ ମୋର ବିବେକ ଅନୁମୋଦନ କରୁନାହିଁ, ମୁଁ ସେମିତି କାର୍ଯ୍ୟରେ ହାତ ଦିଏ ନାହିଁ। ମୁଁ ସବୁବେଳେ ମୋର ମୂଳ ବୃତ୍ତିକୁ ଗୁରୁତ୍ୱ ଦିଏ। ମୁଁ ଜଣେ ଶିକ୍ଷକ, ମୋର ମୂଳ ବୃତ୍ତି ଯେ ଅଧ୍ୟାପନା, ଏଇ କଥାରେ ମୁଁ ଆସ୍ଥା ପ୍ରକଟ କରେ। କିନ୍ତୁ ଆଜିକାଲି ଅନେକ ଶିକ୍ଷକ ଅଧ୍ୟାପନା ଛାଡି, ଶସ୍ତା ରାଜନୀତିରେ ମାତିବା ଦୁଃଖର ବିଷୟ। ପୁଣି ଅଧ୍ୟାପନା ବୃତ୍ତିରେ ମୁଁ ନୈତିକତାକୁ ଖୁବ୍ ସମ୍ମାନ ଦିଏ। ଶିକ୍ଷକଟିଏ ବିଦ୍ୟାୟତନରେ, ସମାଜରେ, ପରିବାରରେ ସର୍ବତ୍ର ନୈତିକଭାବାପନ୍ନ ଆଚରଣ ଓ ଉଚ୍ଚାରଣରେ ହେବା ଅପରିହାର୍ଯ୍ୟ। ଏବେ ଦୁଃଖର ସହ କହିବାକୁ ହେଉଛି ଯେ ଆମ ସମାଜରେ ଶିକ୍ଷକ ମାନଙ୍କର ଅଧିକ ନୈତିକ ଅଧୋଗତି ଘଟିଛି।

ମୁଁ ଯେମିତି ବଦରାଗୀ, ସେମିତି ବଦଖର୍ଚ୍ଚୀ ମଣିଷଟିଏ। ପାଖରେ ପଇସା ଥିଲେ ତାକୁ କେମିତି ଖର୍ଚ୍ଚ କରାଯିବ, ମୋତେ ବୁଦ୍ଧିବାଟ ଦିଶେ ନାହିଁ। ମୁଁ ପଇସା ସଞ୍ଚୟ କରି ରଖି ପାରେନାହିଁ। କାରଣ ମୋର ଜୀବନ ଦର୍ଶନ ହେଲା, "କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ, କି ଘେନି ଯିବୁ ତୋର ଛୁଟିଲେ ଘଟ।" ଖାଇ, ପିଇ, ମଉଜ, ମଜ୍‌ଲିସ୍ କରି ଦିନ କାଟିବାକୁ ମୁଁ ଖୁବ୍ ଭଲପାଏ। ପାଖରେ ଅର୍ଥ ଥିଲେ ତାକୁ ଖର୍ଚ୍ଚ କରିବା ପାଇଁ କରେ ନାନା ଭାବରେ ପ୍ରୟାସ। ଦାନ, ଧର୍ମଠାରୁ ଆରମ୍ଭ କରି ବଂଧୁମାନଙ୍କୁ ନିମନ୍ତ୍ରଣ କରି ଆଣି ଖାଇବା ପିଇବାରେ ଖର୍ଚ୍ଚ କରିବାକୁ ମୁଁ ଖୁବ୍ ଭଲପାଏ। ମୁଁ ପ୍ରତ୍ୟେକ ମାସ କିଛି ନା କିଛି ବହି କିଣେ। ମୋ ରୋଜଗାରରେ ଏକ ବଡ଼ ଅଂଶ ବହି କିଣାରେ ଯାଏ। ମୁଁ ଅର୍ଥ ସଞ୍ଚୟ କରିବା ଅପେକ୍ଷା ଭଲ ବହି କିଣି ତାକୁ ପଢି ଯତ୍ନର ସହିତ ସାଇତି ରଖିବାକୁ ଭଲ ପାଏ। ଯାହା ଫଳରେ ମୋର ଏକ ବଡ଼ ଲାଇବ୍ରେରୀ ଅଛି। ମୁଁ ଅର୍ଥ ସଞ୍ଚୟ କରି ଯେଉଁ ଆନନ୍ଦ ପାଇଥାନ୍ତି ନିଜର ଗୋଟିଏ ଲାଇବ୍ରେରୀ କରି ତା'ଠାରୁ ଅଧିକ ଆନନ୍ଦ ପାଏ। ମନ ଦୁଃଖ ବେଳେ ମୁଁ ଲାଇବ୍ରେରୀ

ଭିତରେ ବୁଲି ବହିଗୁଡ଼ିକୁ ଦେଖି ଶାନ୍ତି ଲାଭ କରେ । ଯେତିକି ଅର୍ଥରେ ପରିବାର ଚଳିବା ପାଇଁ ଆବଶ୍ୟକତା ରହିଛି, ମୁଁ ସେତିକି ରଖି ବାକୀତକ ଖର୍ଚ୍ଚ କରିବାକୁ ଭଲପାଏ । ମୁଁ ଦେଖିଛି ଏଇ ସୂତ୍ରରେ ମୋର କେବେ ହେଲେ ପଇସାର ଅଭାବ ହୋଇନାହିଁ । ଦରମାରେ ଚଳୁଥିବା ବେଳେ ଯେମିତି ଖର୍ଚ୍ଚ କରି ଆରାମରେ ଥିଲି, ଏବେ ପେନ୍‌ସନ୍ ଭୋଗୀ ହୋଇ ମଧ୍ୟ ସେହିପରି ଭଲରେ ରହିଛି । (ମୋର ବିଶ୍ୱାସ ଜଳାଶୟରେ ଯେମିତି ପାଣି ଆବଦ୍ଧ ହୋଇ ରହିଲେ ତାହା ଦୂଷିତ ଓ ବ୍ୟବହାର ଅନୁପଯୁକ୍ତ ହଏ, ସେହିପରି ଅର୍ଥ ଖର୍ଚ୍ଚ ନ ହୋଇ ସଞ୍ଚିତ ହୋଇ ବର୍ଷ ବର୍ଷ ରହିଲେ ତାହା ମଣିଷକୁ ଶାନ୍ତି ଦେଇ ପାରେ ନାହିଁ ।) good example.

ମୁଁ ଗୋଟିଏ ସ୍ୱପ୍ନଜୀବୀ ମଣିଷ । ମୁଁ ସ୍ୱପ୍ନ ଦେଖିବାକୁ ଭଲପାଏ । ମୋତେ ନାନା ସ୍ୱପ୍ନ ଅସ୍ଥିର କରେ କିନ୍ତୁ ସବୁ ସ୍ୱପ୍ନ ତ ଫଳପ୍ରସୂ ହେବା ସହଜ ନୁହେଁ । ଯେତିକି ବାସ୍ତବ କ୍ଷେତ୍ରରେ କରାଯାଇ ପାରିବ, ସେଇତକ ମୁଁ ଚରିତାର୍ଥ କରିବାକୁ ଚେଷ୍ଟା କରେ । ସୁସ୍ୱପ୍ନ ମଣିଷକୁ ଭଲ କର୍ମ କରିବାକୁ ପ୍ରେରଣା ଯୋଗାଏ । ବେଳେବେଳେ ମଣିଷର ସ୍ୱପ୍ନ ମଧ୍ୟ ଅସମ୍ଭବକୁ ସମ୍ଭବ କରିଦିଏ । ଯେମିତି ପାର୍ବତୀ ପାଇଥିଲେ ଶିବଙ୍କ ପରି ବର ଓ ଯେମିତି ସାବିତ୍ରୀ ମୃତ୍ୟୁଲୋକରୁ ଫେରାଇ ଆଣିଥିଲେ ମୃତ ସ୍ୱାମୀ ସତ୍ୟବାନଙ୍କୁ ନୂଆ ଜୀବନ ଦେଇ । ମଣିଷ ଜୀବନର ଅଭିଳାଷକୁ ପୂରଣ କରବାପାଇଁ ମଣିଷ ନୂଆ ନୂଆ ସ୍ୱପ୍ନ ଦେଖିବା ସହିତ ତଦନୁଯାୟୀ କର୍ମପ୍ରବଣ ହେବା ବିଧେୟ । ଛାତ୍ରଟିଏ ଜୀବନରେ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ସ୍ୱପ୍ନ ଦେଖିଲେ, ଆପେ ଆପେ ସେଇ ସ୍ୱପ୍ନକୁ ସତ୍ୟରେ ପରିଣତ କରିବା ପାଇଁ ଉଚ୍ଚକୋଟୀର ଅଧ୍ୟୟନର ମାର୍ଗ ତାକୁ ଦିଶିଯାଏ । ସେ ଅଧ୍ୟୟନ , କଠିନ ପରିଶ୍ରମ କରି ବିଦ୍ୟାକୁ ଆୟତ୍ତ କରେ । ତା'ପରେ ସେ ଆପଣା ସ୍ୱପ୍ନ ଅନୁରୂପ ଫଳ ପାଏ । ମଣିଷକୁ ଶୁଭସ୍ୱପ୍ନ ସବୁବେଳେ ଭଲ ବାଟ ଦେଖାଏ, ଭଲ ବୁଦ୍ଧି ବତାଏ, ମଣିଷର ଆତ୍ମବିକାଶକ୍ଷମ ଶକ୍ତିକୁ ଜାଗ୍ରତ କରେ । ଜୀବନରେ ଦୁଃସ୍ୱପ୍ନ, ଆପଣା ସାଧ୍ୟର ବାହାରେ ଥିବା ସ୍ୱପ୍ନକୁ ପରିହାର କରିବା ନିହାତି ଆବଶ୍ୟକ । ମଣିଷ ନିଜ ଜୀବନ ଗଠନ ପାଇଁ, ଭବିଷ୍ୟତରେ ଭଲରେ ବଞ୍ଚିବା ପାଇଁ କିଛିଟା ସ୍ୱପ୍ନଜୀବୀ ହେଲେ କିଛି କ୍ଷତି ନାହିଁ ।

ମୁଁ କର୍ମରେ ଗଭୀର ଆସ୍ଥା ପୋଷଣ କରେ । ମଣିଷ ଭଲକାମ କଲେ ଭଲ ଫଳ, ଖରାପ କାମ କଲେ ଖରାପ ଫଳ ଲାଭ କରେ । ଭାଗ୍ୟୋନ୍ନତି, ଦୈବୀକୃପା ଏସବୁ ଅନେକାଂଶରେ ଆକାଶ କୁସୁମ । ଏ ସଂସାର ତ ନିଶ୍ଚିତ ଭାବରେ ଅଦୃଶ୍ୟ

କର୍ଣ୍ଣଧାରର ଶକ୍ତିରେ ନିୟନ୍ତ୍ରିତ । ମାତ୍ର କର୍ମ ନ କରି ଭାଗ୍ୟ, ଦୈବ ଦ୍ୱାରା ସବୁ କିଛି ସମ୍ଭବ ହେବ ଏମିତି ଚିନ୍ତା କରିବା ଆଦୌ ଠିକ୍ ନୁହେଁ । ସର୍ବଦା କର୍ମ କଲେ ମଣିଷ ମାନସିକ ସନ୍ତୋଷ ଲାଭ କରେ । ଅନେକତ୍ର ମଣିଷ କର୍ମକୁ ଅଦୃଶ୍ୟ କର୍ଣ୍ଣଧାର ନିକଟରେ ସମର୍ପଣ କରିଦିଏ । ଏଣୁ କର୍ମ ସହିତ ଅନେକାଂଶରେ ଭାଗ୍ୟ ଓ ଦୈବର ଅତି ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ସଂପର୍କ ରହିଛି । ଏଣୁ ଭାଗବତର ପ୍ରସିଦ୍ଧ ଉକ୍ତି ହେଲା, 'ଆପଣା କଲା କର୍ମମାନ, ଆଗୁ ହୋଇବ ସାବଧାନ ।' ଅବଶ୍ୟ ଉଚ୍ଚ କୁଳରେ ଜାତ ହେବା ଅନେକାଂଶରେ ଦୈବୀ କୃପା ଓ ଭାଗ୍ୟର କଥା, କିନ୍ତୁ ଉଚ୍ଚମାନର କର୍ମ ଦ୍ୱାରା ଆପଣା ବ୍ୟକ୍ତିତ୍ୱର ବିକାଶ କରିବା ହେଉଛି ମଣିଷର ନିୟନ୍ତ୍ରଣାଧୀନ । ତେଣୁ ଜୀବନ କ୍ଷେତ୍ରରେ କର୍ମ ଶୃଙ୍ଖଳାର ଢେର ପ୍ରୟୋଜନ ରହିଛି । କର୍ମଶୃଙ୍ଖଳା ହେଉଛି ନୀତିନିଷ୍ଠ କର୍ମ, ସୁକର୍ମ, ସତ୍‌କର୍ମ- ଯାହାଦ୍ୱାରା ମଣିଷର ଓ ମଣିଷ ସମାଜର ଅଶେଷ ଉପକାର ସାଧିତ ହୁଏ । ସତ୍‌କର୍ମ ଦ୍ୱାରା ଆପେ ଆପେ ମଣିଷର ଭାଗ୍ୟୋଦୟ ହୁଏ ଏବଂ ସେ ହୁଏ ଅଶେଷ ଯଶର ଅଧିକାରୀ । ସତ୍‌କର୍ମରେ ମଣିଷ ଏଇ ମର୍ତ୍ତ୍ୟରେ ଦିବ୍ୟସୁଖ ଲାଭ କରେ । ସ୍ୱର୍ଗ ବୋଲି ଆଉ କିଛି ରାଜ୍ୟ ଏ ସଂସାରରେ ନାହିଁ । ଉତ୍ତମତା, ସଦାଚାର, ଆଦର୍ଶ, ସତ୍ୟ, ପ୍ରେମ, ନୈତିକତା, ମୈତ୍ରୀଭାବ , ସଦ୍‌ଗୁଣ ଦ୍ୱାରା ଏଇ ମର୍ତ୍ତ୍ୟରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରାଯାଇ ପାରିବ । ଏଥିପାଇଁ ମଣିଷକୁ ଶୁଦ୍ଧପୂତ କର୍ମମୟ ଜୀବନକୁ ଆପଣାର କରିବାକୁ ହେବ ।

ମୁଁ ଏବେ ମୋର ଧର୍ମବିଶ୍ୱାସ ସଂପର୍କରେ ଏଠାରେ କିଛି କହିବି । ମୁଁ ଧର୍ମରେ କିଛିଟା ଆସ୍ଥାପୋଷଣ କରେ । ଜଣେ ଭାରତୀୟ ହିନ୍ଦୁ ଭାବେ ମୁଁ ଗର୍ବ ଅନୁଭବ କରେ । ଜଣେ ହିନ୍ଦୁଭାବେ ଏହାର ରୀତିନୀତି, ପରମ୍ପରାକୁ ମାନି ଚଳେ । ଧର୍ମ ନାମରେ ଘଣ୍ଟଘଣ୍ଟା ଧରି ଠାକୁର ପୂଜା କରିବା, କୌଣସି ଠାକୁରଙ୍କ ନାମ କୀର୍ତ୍ତନ କରିବା, ଧର୍ମ ନାମରେ ମାଳି ଗଡ଼ାଇବା, କାମ ନ କରି ଠାକୁରଙ୍କ ବିଭୂତି, ପାଦୁକ ସେବନରେ ସବୁକାର୍ଯ୍ୟ ହୋଇଯିବା ନୀତିକୁ ମୁଁ ନାପସନ୍ଦ କରେ । ଧର୍ମ ପର୍ବପର୍ବାଣୀର ଆଳ ଦେଖାଇ ଚାନ୍ଦା ଆଦାୟକୁ ମୁଁ ଘୃଣା କରେ । ଏସବୁ ଦ୍ୱାରା ଧର୍ମର ସାତ୍ତ୍ୱିକ ଭାବ ନଷ୍ଟ ହୁଏ । ଧର୍ମନାମରେ, ଦିଅଁ ସେବା ନାମରେ, ପୂଜାପାର୍ବଣ ଭେଳିକି ଦେଖାଇ, ମାନସିକ ରଖି ଧର୍ମପୀଠରେ ଜୀବହତ୍ୟାର ମୁଁ ଘୋର ବିରୋଧୀ । ସାଧାରଣତଃ ଧର୍ମରେ ବଡ଼ କଥା ହେଉଛି 'ଜୀବେ ଦୟା', କେବେ ହେଲେ ଜୀବ ହତ୍ୟା କରି ରକ୍ତପାତରେ ଦିଅଁ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଠାକୁରଙ୍କ ପାଖରେ ଅଧିଆ ପଡିବା, ଲକ୍ଷ୍ୟ ସିଦ୍ଧି ପାଇଁ ତନ୍ତ୍ର

ଉପାସନା କରିବା, ଭକ୍ତିନାମରେ କେବଳ ମାତ୍ର ଭେଲିକି ଓ ପ୍ରବଞ୍ଚନା ବ୍ୟତୀତ ଆଉ କିଛି ନୁହେଁ । ପୁଣି ଦେଖାଯାଏ ଲାଉଡସ୍ପିକର ଲଗାଇ ଉଚ୍ଚସ୍ୱରରେ କେତେକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଧର୍ମଚର୍ଚ୍ଚା କରନ୍ତି । ପ୍ରକୃତରେ ମନ୍ତ୍ର ଉଚ୍ଚାରଣ ମନେ ମନେ କରାଯାଏ, କେବେ ହେଲେ ଲାଉଡସ୍ପିକରରେ ନୁହେଁ । ଆଜିକାଲି ଦେଖାଯାଉଛି ଯେ ମଠ ଓ ମନ୍ଦିରଗୁଡ଼ିକ ଆସ୍ତେ ଆସ୍ତେ ବ୍ୟବସାୟ କେନ୍ଦ୍ରରେ ପରିଣତ ହୋଇଯାଉଛି । କେତେକ ବଡ଼ ବଡ଼ ମନ୍ଦିରରେ ଅଧିକ ଅର୍ଥ ଦେଲେ ଶୀଘ୍ର ଦେବ ଦର୍ଶନ ହୋଇପାରିବା ରୀତି ବି ପ୍ରଚଳିତ । ଠାକୁରଙ୍କ ପ୍ରସାଦ, ଭୋଗ, ମୁଦି, ଚେନ୍, ଫଟୋ, ଲକେଟ୍‌କୁ ନେଇ ବେପାର ଖୁବ୍ ଭଲ ଚାଲେ । ଏସବୁ ଦେଖିଲେ ମନେ ହୁଏ ଧର୍ମ କହିଲେ ଯାହା ଚିତ୍ତଶୁଦ୍ଧି, ସାତ୍ତ୍ୱିକ ଭାବନାର ପରିପ୍ରକାଶ, ସେସବୁ ଆଜି ଧର୍ମଜଗତରୁ ଉଭେଇ ଗଲାଣି । ଆଜିକାଲି ଧର୍ମର ନୈତିକ ଆଚରଣ, ସମସ୍ତଙ୍କ ପ୍ରତି ମୈତ୍ରୀ ଭାବ, ଜାତିଧର୍ମ ବର୍ଣ୍ଣନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରିବା ମନୋଭାବ, ମଣିଷ ପଣିଆ ଏ ସଂସାରରୁ ବିଦାୟ ନେଲାଣି । ଧର୍ମର ଆଡମ୍ବର ପୂର୍ଣ୍ଣ ଶୋଭାଯାତ୍ରା ଭିତରେ ଆମ ପୃଥିବୀରୁ ଧର୍ମର ଅସଲ ମର୍ମ୍ମ ଉଭେଇ ଯାଇଛି ।

ମୁଁ ନିଜେ ସଙ୍ଗୀତ ଗାଇ ପାରେନା କିନ୍ତୁ ଉଚ୍ଚକୋଟୀର ସଙ୍ଗୀତ ଶୁଣିବାକୁ ଖୁବ୍ ଭଲପାଏ । ଆମର ପ୍ରାଚୀନ କବି ସାରଳାଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଂଜ, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ, ସାଲବେଗ, ପ୍ରମୁଖଙ୍କ କବିତା ମୋତେ ଶୁଣିବାକୁ ଖୁବ୍ ଭଲ ଲାଗେ । ବିଶେଷ କରି ଓଡ଼ିଶୀ ସଙ୍ଗୀତ, ପଲ୍ଲୀ ସଂଗୀତର ମୁଁ ଜଣେ ଗୁଣମୁଗ୍ଧ ଶ୍ରୋତା । ମୋତେ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠ ନିଃସୃତ 'ଗୀତ ଗୋବିନ୍ଦ'ର ଗାନ ଶୁଣିବାକୁ ଖୁବ୍ ଭଲ ଲାଗେ । ଦୁଃଖର ବିଷୟ ଆମର ପ୍ରାଚୀନ ସଂଗୀତର ସବୁକିଛି ଉପାଦାନ ଥାଉ ଥାଉ, ଆମେ ଆଜି ମନ ଉଚ୍ଚାଟନ ଚିତ୍ତ ଚାଞ୍ଚଲ୍ୟକର ଆଲବମ୍ ସଂଗୀତରେ ମାତିଛୁ ।

କହୁ କହୁ ବହୁ କଥା ନିଜ ସଂପର୍କରେ କୁହାଗଲାଣି । ସାଧାରଣତଃ ଆତ୍ମଜୀବନୀ ଲେଖକ ନିଜକୁ ନାୟକ କରି ନିଜ ସଂପର୍କରେ ବନେଇ ଚୂନେଇ କହେ । ସେଇ ରାସ୍ତାରେ ମୁଁ ମଧ୍ୟ ଗତି କରିଛି । ମୋ ସଂପର୍କରେ, ମୋ ପରିବାର ସଂପର୍କରେ, ମୋର ବଂଧୁ ଜଗତ ସଂର୍ପକରେ, ମୋ ଛାତ୍ର ଛାତ୍ରୀଙ୍କ ସଂପର୍କରେ କେତେ କଣ ବାଚାଳଙ୍କ ପରି କହିଗଲିଣି । ଆଉ ଅଧିକ ଏ ବାବଦରେ କିଛି କହି ମୁଁ ମୋ ପାଠକମାନଙ୍କୁ ଅଯଥା ଭାରାକ୍ରାନ୍ତ କରିବାକୁ ଚାହୁଁନାହିଁ । ମୁଁ ମଧ୍ୟ ଅଯଥା

କାହା ଉପରେ ମୋର ଜ୍ଞାପନ ଯୋଗ୍ୟ ଚିନ୍ତାକୁ ଲଦି ଦେବାକୁ ଚାହେଁନା । କାରଣ ସମସ୍ତଙ୍କ ସମୟର ମୂଲ୍ୟ ଅଛି । କେବଳ ମାତ୍ର ସମୟର ଅନୁକୂଳ, ପ୍ରତିକୂଳ ପ୍ରବାହ ଭିତରେ କିପରି ମୁଁ ଜୀବନ ଅତିବାହିତ କରିଛି ଓ ସମୟର ବାଲିବନ୍ତରେ ମୁଁ କେମିତି ନିଜର ଆତ୍ମ ପରିଚୟ ଦେଇଛି, ସେଇତକ ଏ ଆତ୍ମଜୀବନୀରେ ଶ୍ରଦ୍ଧାର ସହିତ ଲିପିବଦ୍ଧ କରିଛି । ମୁଁ ଏଥିରେ କୌଣସି ବାର୍ତ୍ତା ଦେଇନି, ନିଜ ସଂପର୍କରେ ବଡ଼ କରି କହିନାହିଁ, କେଉଁଠି ହେଲେ ସତ୍ୟର ଅପଳାପ କରିନାହିଁ । ଶେଷରେ ମୁଁ କହିବି;

"ଶ୍ରଦ୍ଧାରେ ଲେଖିଛି ମୁଁ ଏ ଆତ୍ମ ଚରିତ,
ଭଲ ହେଇ ମନ୍ଦ ହେଉ ଘେନିବ ଅମୃତ ।
ଏଥିରେ ରହିଛି କେତେ ଖଟା ମିଠା କଥା,
ଖୁସିରେ ପଢ଼ିଲେ ନ ହେବ ତ ମୁଣ୍ଡବ୍ୟଥା ।
ନିଜ କଥା ନିଜ ବୁଦ୍ଧି ଦେଇ ମୁଁ ଲେଖିଛି,
ନିଜର ବିବେକ ବାଣୀ ଏଠି ବଖାଣିଛି ।
ପଢ଼ ବା ନ ପଢ଼ କେହି କିଛି କହୁନାହିଁ,
ନ ପଢ଼ିଲେ ତିଳେ ହେଲେ ଦୁଃଖ ମୋର ନାହିଁ ।
ବିବେକୀ ପାଠକ ଉପରେ ଆସ୍ଥା ମୋର ଅଛି,
ପଢ଼ିଲେ କୃତାର୍ଥ ହେବି ଆଶା ମୁଁ ରଖିଛି ।
ଘେନ ବା ନ ଘେନ ପାଠକେ ମାଗୁଛି ମେଲାଣି,
ଦିନ ସରିବା ସରିବା ମୋର ହୋଇଲାଣି ।"

ㅁㅁ

ସାକ୍ଷାତ୍‌କାର

ପ୍ରଫେସର ବାଉରୀବଂଧୁ କରଙ୍କର ୧୯୫୧ ମସିହା ସେପ୍ଟେମ୍ବର ୧୨ ତାରିଖରେ ଯାଜପୁର ଜିଲ୍ଲାର ଖଣ୍ଡିତର ଠାରେ ଜନ୍ମ । ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ସୁନାମ ରହିଛି । ୧୯୭୩ ମସିହାରେ ବି.ଏ. ଅନର୍ସରେ ସେ ପ୍ରଥମ ଶ୍ରେଣୀ ଓ ୧୯୭୫ ମସିହାରେ ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦୁଇଗୋଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ବହୁବର୍ଷ ଧରି ସେ ଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ, ସିଣ୍ଡିକେଟ୍ ସଦସ୍ୟ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ । ସେ ମଧ୍ୟ ଥିଲେ ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ସାଧାରଣ ପରିଷଦର ସଦସ୍ୟ (୧୯୯୮-୨୦୦୨) । ଜଣେ ସୁବକ୍ତା, ସୁ ପ୍ରାବନ୍ଧିକ ଭାବରେ ତାଙ୍କର ଓଡ଼ିଶାରେ ଖ୍ୟାତି ରହିଛି । ଏଯାବତ୍ ସେ ୪୦ଖଣ୍ଡ ଗ୍ରନ୍ଥ ରଚନା ଓ ସମ୍ପାଦନା କରିଛନ୍ତି । ତାହାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ପ୍ରବନ୍ଧ ସାହିତ୍ୟ', 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ', 'ଚିନ୍ତନ : ଅନୁଚିନ୍ତନ', 'ଜିଜ୍ଞାସାର ଜ୍ୟୋତି', 'ସାହିତ୍ୟ ସାଧକ ଶରତ କୁମାର ମହାନ୍ତି', 'ସଂସ୍କୃତି ଓ ମାନବିକ ମୂଲ୍ୟବୋଧ', 'ସମାଲୋଚନା ସ୍ତବକ', 'ତିନୋଟି ସମାଲୋଚନା', 'ସିହିତ୍ୟ ସାଧକ ଡକ୍ଟର ମାୟାଧର ମାନସିଂହ', 'ଗୋପୀନାଥ ନନ୍ଦ', 'କୃଷ୍ଣପ୍ରସାଦ ମିଶ୍ର', 'ଗୋପୀନାଥ ମହାନ୍ତି', 'ସମାଲୋଚନା ଭାରତୀ' ଇତ୍ୟାଦି ପ୍ରଧାନ । ତାଙ୍କ ସମ୍ପାଦନା ମଧ୍ୟରେ 'ବିରୂପାକ୍ଷ ପ୍ରବନ୍ଧାବଳୀ', 'ଆମସ୍‌ସଟନ ରଚନାବଳୀ', 'ସୁରେନ୍ଦ୍ର ସମୀକ୍ଷା', 'ବେଦରୁ ଆଧୁନିକ', 'ସାହିତ୍ୟ ସାଧକ : କବି ରମାକାନ୍ତ ରଥ', 'ସାହିତ୍ୟ ସାଧକ ଉପେନ୍ଦ୍ର ଭଞ୍ଜ', 'ସାହିତ୍ୟ ସାଧକ ମନୋଜ ଦାସ' ପ୍ରଭୃତି ପ୍ରଧାନ । ତାଙ୍କ ସାହିତ୍ୟାଲୋଚନାରେ ବିଶ୍ଳେଷଣରେ ଚମତ୍କାରିତା, ଉପାଦାନର ପ୍ରାଚୁର୍ଯ୍ୟ, ଯୁକ୍ତିନିଷ୍ଠ ଭାବନା ଦେଖିବାକୁ ମିଳେ ।

ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସେବାନିବୃତ୍ତ ହୋଇ ସମ୍ପ୍ରତି ୩୪୮/୨୯୩୭, କପିଳ ପ୍ରସାଦ, ଭୁବନେଶ୍ୱର-୨ରେ ଅବସ୍ଥାନ କରୁଛନ୍ତି ।

ଏପରି ଜଣେ ପ୍ରାବନ୍ଧିକଙ୍କୁ ସାକ୍ଷାତ କରିଥିଲେ ବର୍ତ୍ତିକାର ସମ୍ପାଦକ ଡକ୍ଟର ନବକିଶୋର ମିଶ୍ର -

ପ୍ରଶ୍ନ : ଆପଣ କାହିଁକି ଲେଖନ୍ତି ?

ଉତ୍ତର : ସବୁ 'କାହିଁକି'ର ଉତ୍ତର ଦେବା ସହଜ ନୁହେଁ। ଜଣେ କାହିଁକି ଖାଏ ? କାହିଁକି ଶ୍ୱାସ-ପ୍ରଶ୍ୱାସ ନିଏ ? କାହିଁକି ହସେ ? କାହିଁକି କାନ୍ଦେ ? କାହିଁକି ଶୁଏ ? କାହିଁକି ଆନନ୍ଦରେ ବିମୋହିତ ହୁଏ ? କାହିଁକି ଦୁଃଖରେ ଭାଙ୍ଗି ପଡ଼େ ? କାହିଁକି ସାମାଜିକ ସେବାରେ ନିଜକୁ ନିୟୋଜିତ କରେ ? - ଏସବୁ ପ୍ରଶ୍ନର ଉତ୍ତର ଦେବା ତା' ପକ୍ଷରେ କାଠିକର ପାଠ। କେବଳ ଏତିକି କୁହାଯାଇପାରେ ଯେ, ଲେଖିବା ମୋ ପାଇଁ ଜୀବନର ଏକ ସ୍ୱାଭାବିକ କ୍ରିୟାକଳାପ, ଯାହା ମତେ ବଞ୍ଚିବା ପାଇଁ ପ୍ରେରଣା ଦିଏ, ଲୌକିକରୁ ଅଲୌକିକ ଭାବ ଜଗତରେ ବିଚରଣ ପାଇଁ ଉତ୍ସାହିତ କରେ, ଜୀବନକୁ ଖାଦ୍ୟ, ବସ୍ତ୍ର, ଆଶ୍ରୟ, ଅର୍ଥ ଉପାର୍ଜ୍ଜନ, ଅର୍ଥ ବ୍ୟୟ ପରି କ୍ରିୟା-କଳାପର ଊର୍ଦ୍ଧ୍ୱକୁ ନେଇଯାଏ, ଏକ ଦିବ୍ୟ ପଥର ଯାତ୍ରୀ ହେବା ପାଇଁ କର୍ମତତ୍ପର କରେ, ସର୍ବୋପରି ସୁଖମୟ ଶାନ୍ତ ସନ୍ତୁଷ୍ଟ ଜୀବନ ଯାପନ ପାଇଁ ଆହ୍ୱାନ ଦିଏ। ବେଳେ ବେଳେ ଲେଖିବାକୁ ଭାରି ଇଚ୍ଛା ହୁଏ, ଅଥଚ ଇଚ୍ଛାକୁ ଫଳବତୀ କରିବା ପାଇଁ ପାଖରେ ଭାଷା ନ ଥାଏ; ଆଉ ଯେତେବେଳେ ଭାଷା ଥାଏ, ସେତେବେଳେ ହୁଏତ ଭାବ-ଗତ ଦାରିଦ୍ର୍ୟରେ ମୁଁ ଘାଣ୍ଟିଚକଟି ହୋଇ ଲେଖେ, ସାଧାରଣ ପାଠକର ବୌଦ୍ଧିକ ବିକାଶରେ ସହାୟତା କରିବା ପାଇଁ ଲେଖେ, ଆତ୍ମସନ୍ତୋଷ ପାଇଁ ଲେଖେ। ଲେଖା ହେଉଛି ମୋ' ଜୀବନର ସମବାଟୀ, ମୋ' ଲେଖା ସହିତ ମୁଁ ଏକୀଭୂତ ହୋଇଯାଏ, ମୁଁ ଚାହେଁ ବା ନ ଚାହେଁ ସେଥିରେ ରହିଯାଏ ମୋ ବ୍ୟକ୍ତିତ୍ୱର ସ୍ପର୍ଶ। ଲେଖିବା ହେଉଛି ମୋର ପ୍ରବୃତ୍ତିଗତ, ଏହା ହେଉଛି ମୋ' ଜୀବନର ଯଜ୍ଞ, ଜୀବନର ସୀମା ଓ ସମ୍ଭାବନାର ସୁଦୂର ପ୍ରସାରୀ ଦିଗ୍‌ବଳୟର ସ୍ୱରୂପ ଆକଳନ ପାଇଁ ମୁଁ ଲେଖେ, ଜୀବନବୋଧର ଗଭୀରତାକୁ ଯାଇ କିଛି ନୂଆ କଥା ଜାଣିବା ପାଇଁ ମୁଁ ଲେଖେ। ଏଥିରୁ ପାଠକେ ଅବଶ୍ୟ ଜାଣିବେ - 'ମୁଁ କାହିଁକି ଲେଖେ ?'

ପ୍ରଶ୍ନ : ପ୍ରଥମେ ଆପଣ କିପରି ଲେଖିଲେ ଓ କାହା ପ୍ରେରଣାରେ ଲେଖିଲେ ?

ଉତ୍ତର : ମୁଁ ପ୍ରଥମେ ମୋ ପରିବାର, ବିଶେଷ କରି ମୋର ଶିକ୍ଷିତା ବୋଉର ପ୍ରେରଣାରେ ଲେଖିଲି। ପିଲାବେଳୁ ଅର୍ଥାତ୍ ମୋତେ ଯେତେବେଳେ ମାତ୍ର ଦଶମାସ, ମୋର ପିତୃଦେବ ଇହଧାମରୁ ଚିର ବିଦାୟ ନେଇଥିଲେ। ଶୁଣିଛି ସେ ଥିଲେ ଜଣେ ସଂସ୍କୃତ ବିଦ୍ୱାନ୍। ସଂସ୍କୃତ ଧର୍ମଶାସ୍ତ୍ର - ଗୀତା, ଉପନିଷଦ, କାବ୍ୟଗ୍ରନ୍ଥ ସେ ସୁନ୍ଦର ଭାବରେ ଉଚ୍ଚାରଣ କରି

ଅନର୍ଗଳ କହି ପାରୁଥିଲେ ବୋଲି ମୁଁ ଆମ ଗାଁରୁ ତାଙ୍କ ସମସାମୟିକ ଲୋକଙ୍କ ମୁହଁରୁ ଶୁଣିଛି । ମୋ' ବୋଉ ଲଳିତ ସ୍ୱରରେ ଚଉତିଶା, ଚଉପଦୀ, କୋଇଲି, ପୁରାଣ ଆଦି ଆବୃତ୍ତି କରିପାରୁଥିଲା । ପ୍ରତ୍ୟହ ଆମଘରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପଢ଼ା ଯାଉଥିଲା । ଏଥି ସହିତ ଗାଁରେ ସଂକୀର୍ତ୍ତନ, ରାସ, ରଜ ସମୟରେ ରଜ ଦୋଳି ଗୀତ, ବିଭିନ୍ନ ଓଷା-ବ୍ରତରେ ସଙ୍ଗୀତ ଗାନ କରାଯାଉଥିଲା । ଗାଁ ଦାଣ୍ଡରେ ଯୋଗୀମାନଙ୍କର କେନ୍ଦରା ଗୀତ, ଆଶୁକବିମାନଙ୍କର ସମକାଳୀନ ଭୟାବହ ଘଟନାବଳୀକୁ ନେଇ କବିତା- ଯାହାକୁ ସେମାନେ ଗାଁ ଦାଣ୍ଡରେ ହାରମୋନିୟମ ଧରି ଗାନ କରି ସାଧାରଣ ପାଠକକୁ ଆକୃଷ୍ଟ କରନ୍ତି, ପୁଣି ସ୍କୁଲରେ ଶିକ୍ଷକମାନଙ୍କର ଆବେଗ-ସମୃଦ୍ଧ ଭାଷାରେ ସାହିତ୍ୟ ଅଧ୍ୟାପନା - ମୋର ସାହିତ୍ୟ ଶକ୍ତି ବିକାଶରେ ସହାୟତା କରିଥିଲା । ସେତେବେଳେ ସ୍କୁଲମାନଙ୍କରୁ ଛାତ୍ରମାନଙ୍କର ସର୍ଜନ ଶକ୍ତିର ବିକାଶ ପାଇଁ ବର୍ଷକୁ ଥରେ ସାହିତ୍ୟପତ୍ରିକା ବାହାରୁଥିଲା । ମୁଁ ପଢୁଥିବା ଯାଜପୁର ହାଇସ୍କୁଲର ବାର୍ଷିକ ସାହିତ୍ୟ ପତ୍ରିକା ନାମ ହେଉଛି 'ବିରଜା ପ୍ରଦୀପ' । ଏତଦ୍ ବ୍ୟତୀତ ସେ କାଳରେ 'ପ୍ରଜାତନ୍ତ୍ର' ସମ୍ବାଦପତ୍ର ଶିଶୁ କିଶୋରମାନଙ୍କ ସାହିତ୍ୟ ସାଧନା ପାଇଁ ଥିଲା ପ୍ରଶସ୍ତ କ୍ଷେତ୍ର । ମୁଁ ପ୍ରଥମେ ସ୍କୁଲ ପତ୍ରିକା 'ବିରଜା ପ୍ରଦୀପ'ରେ ୧୯୬୭ ମସିହା ବେଳକୁ 'ପ୍ରାକୃତିକ ଦୃଶ୍ୟ ବୈଭବରେ ଉତ୍କଳର ସ୍ଥାନ' ଶୀର୍ଷକ ଏକ ଲେଖା ଲେଖିଥିଲି । ତା'ପରେ ମୁଁ ନିୟମିତ ସେଦିନର ସାହିତ୍ୟକୁ ଉତ୍ସାହ ଦେଉଥିବା ସମ୍ବାଦପତ୍ର 'ପ୍ରଜାତନ୍ତ୍ର'ରେ ଅନେକ ଲେଖା ଲେଖିଛି ।

ପ୍ରଶ୍ନ : ଆପଣଙ୍କର ସମକାଳୀନ କବିମାନଙ୍କ ମଧ୍ୟରୁ କେଉଁ କବିମାନେ ପ୍ରିୟ ଓ କାହିଁକି ?

ଉତ୍ତର : ଯେଉଁ ଓଡ଼ିଆ କବିମାନେ ଏବେ ଲେଖୁଛନ୍ତି, ସେମାନଙ୍କ ମଧ୍ୟରେ ମୋର ପ୍ରିୟ କବି ରମାକାନ୍ତ ରଥ । ଖୁବ୍ ଅଳ୍ପ ଶବ୍ଦକୁ ନେଇ ଚମତ୍କାର ଚିତ୍ରକଳ୍ପ ପ୍ରୟୋଗ କରି ମଣିଷର ନିଃସଙ୍ଗତା, ଜୀବନ-ଯନ୍ତ୍ରଣା, ମୃତ୍ୟୁ ଓ ଜାଗତିକ ରହସ୍ୟକୁ କବିତାରେ ବ୍ୟକ୍ତ କରିବାରେ ସେ ଓଡ଼ିଆ ସାହିତ୍ୟ କାହିଁକି ସାମ୍ପ୍ରତିକ ଭାରତୀୟ ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କବି । ଆଉ ଯେଉଁ ପ୍ରସିଦ୍ଧ କବିମାନଙ୍କ କବିତା ମୋତେ ପଢ଼ିବାକୁ ଖୁବ୍ ଭଲ ଲାଗେ ସେମାନଙ୍କ ଭିତରେ ଜଗନ୍ନାଥ ପ୍ରସାଦ ଦାସ, ଦୁର୍ଗା ଚରଣ ପରିଡ଼ା, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, ସୌରୀନ୍ଦ୍ର ବାରିକ, ଶରତ ଚନ୍ଦ୍ର ପ୍ରଧାନ, ଫନୀ ମହାନ୍ତି, ପ୍ରମୋଦ କୁମାର ମହାନ୍ତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଦୁର୍ଗା ଚରଣ ପରିଡ଼ାଙ୍କ କ୍ଷୁଦ୍ର ଅଥଚ ଭାବଗର୍ଭ ଲାଳିତ୍ୟପୂର୍ଣ୍ଣ କବିତା ମୋର ଅତ୍ୟନ୍ତ ପ୍ରିୟ । ମୋର ସେଇ କବିତା ପଢ଼ିବାକୁ

ଇଚ୍ଛା ନ ଥାଏ, ଯେଉଁମାନେ ଛଳନା କରି କବିତାରେ ନାଲି କଙ୍କି, ସହସ୍ର ଫଟା କଦଳୀ ପତ୍ର, ଦୁବଘାସ, ଖଡଗଦା, ଭଙ୍ଗାଚାଳ, ପୋକଶୁଙ୍ଗା, ଟୋକେଇ କୁଣ୍ଡେଇ ଫୁଲ, ଘରଚଟିଆ, ହଳଦୀବସନ୍ତ, ଜୁଲୁଜୁଲିଆ ପୋକ, ଏନ୍ତୁଡ଼ିଶାଳ, ଶାଗଭଜା, ପଖାଳ କଂସା, ଥାଟ ପଟାଳି, ଚିତ୍ରୋପିଳା, ଚହ୍ଲାମାଟି, ଦରଛିଣ୍ଡା ମଇଳା ମସିଣା, ବୋତିଆ ମୁତୁରା ଗନ୍ଧ, ପୁଚି ଖେଳ, କାନକୋଳି କଣ୍ଟା ପ୍ରଭୃତି ଲେଖନ୍ତି । କବିତାରେ ଗ୍ରାମୀଣ ପରିବେଶ, ଗ୍ରାମ୍ୟଗୀତି, ଗାଁର ପ୍ରାକୃତିକ ପରିବେଶକୁ ଗାଁ ସମ୍ପର୍କରେ ସାମାନ୍ୟତମ ଅନୁଭବ ନ ଥାଇ ସେମାନେ ବଖାଣନ୍ତି । ଏମିତି କବିତ୍ୱ ବର୍ଜିତ କବିତା ଲେଖି, ତାକୁ ବିଭିନ୍ନ ଭାଷାରେ ଅନୁବାଦ କରି, ବଡ଼ ବଡ଼ ପୁରସ୍କାର ହାତେଇବା ପାଇଁ ସବୁବେଳେ ତତ୍ପର କବିମାନଙ୍କ କବିତା ମୋ ପାଇଁ ଅପାଠ୍ୟ । ଯେଉଁ କବି ମନ୍ଦକବି ଯଶପ୍ରାର୍ଥୀ ଗୋତ୍ରୀୟ ସେଇ କବିଙ୍କୁ ମୁଁ ସାଂପ୍ରତିକ ଓଡ଼ିଆ କାବ୍ୟଜଗତର ଖର୍ବ ପୁରୁଷ ମନେ କରେ । ଜଗନ୍ନାଥ ପ୍ରସାଦଙ୍କ ପ୍ରତୀକାତ୍ମକ କବିତା, ରାଜେନ୍ଦ୍ର କିଶୋରଙ୍କ କବିତାର ଶବ୍ଦ ବୈଚିତ୍ର୍ୟ, ସୌଭାଗ୍ୟ କୁମାର ମିଶ୍ରଙ୍କ କବିତାରେ ବକ୍ତବ୍ୟର ଚମତ୍କାରିତା, ସୌରୀନ୍ଦ୍ର ବାରିକଙ୍କ କବିତାର ମିଥ୍, ଶରତଙ୍କ କବିତାର ସାଂଗଠିକତା, ଫନୀ ମହାନ୍ତିଙ୍କ କବିତାର ରୋମାଣ୍ଟିକ ଦୃଷ୍ଟିଭାଙ୍ଗୀ, ପ୍ରମୋଦ କୁମାର ମହାନ୍ତିଙ୍କ କବିତାର ଗୀତିମୟତା ମୋତେ ମୁଗ୍ଧ କରେ ।

ଏବେ ସାମ୍ପ୍ରତିକ କାଳର ନାରୀକବିଙ୍କ ସମ୍ପର୍କରେ ମୁଁ କିଛି କିହବାକୁ ଉଚିତ ମଣୁଛି । ଆମ ସମୟରେ ଲେଖୁଥିବା ନାରୀକବି ମାନଙ୍କ ମଧ୍ୟରୁ ମୋତେ ମନୋରମା ମହାପାତ୍ର, ମନୋରମା ବିଶ୍ୱାଳ ମହାପାତ୍ର, ସଂଘମିତ୍ରା ମିଶ୍ର, ବୀଣାପାଣି ପଣ୍ଡା, ସୁଷମା ମିଶ୍ର, ସୁଚେତା ମିଶ୍ର, ପ୍ରୀତିଧାରା ସାମଲ, ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପଢ଼ିବାକୁ ଖୁବ୍ ଭଲ ଲାଗେ । ଏମାନଙ୍କ କବିତାରେ ଜୀବନ ପ୍ରତି ଅନ୍ତରଙ୍ଗତା, ଜାଗତିକ ସମସ୍ୟା ପ୍ରତି ରହିଥିବା ସହାନୁଭୂତି ଜର୍ଜର ଦୃଷ୍ଟିଭଙ୍ଗୀ, ମଣିଷପଣିଆର ସ୍ୱର ଓ ଗୀତିଧର୍ମିତା ମୋତେ ପ୍ରଭାବିତ କରେ । ଆଉ କେତେକ-ଯେଉଁମାନେ କବିତାରେ ନିଃସଙ୍ଗତା, ସମ୍ମୋହନ, ଉତ୍ତର ଆଧୁନିକତାର ଦ୍ୱାହି ଦେଇ କବିତା ଲେଖୁଛନ୍ତି, ସେମାନଙ୍କ କବିତା ଅନେକତ୍ର ପାଠକ ପାଇଁ ଅପାଠ୍ୟ କହିଲେ ଚଳେ । ସେମାନେ କବିତା ରଚନାରେ ଯେତିକି ନିଷ୍ଠା ଦେଖାଉଛନ୍ତି, ତା' ତୁଳନାରେ ଅଧିକ ଆଗ୍ରହ ବିଭିନ୍ନ ପୁରସ୍କାର ଯୋଗାଡ଼ ପାଇଁ ଲବି କରିବାରେ ଦେଖାଇବାକୁ ସଂକୋଚବୋଧ କରୁନାହାନ୍ତି । ଏ ସତ୍ତ୍ୱେ ଆମର ନାରୀ କବିମାନେ ହିନ୍ଦୀ, ବଙ୍ଗଳା, ଆସାମୀ, ମରାଠୀ, ତେଲଗୁ, ତାମିଲ କବିମାନଙ୍କ ଠାରୁ ଢେର ଭଲ କବିତା ଲେଖୁଛନ୍ତି । ପୁଣି କବିତା ପାଠୋତ୍ସବରେ ଏମାନେ ସୁନ୍ଦର ଭାବରେ

ସ୍ୱ ସ୍ୱ କବିତାକୁ ଆବୃତ୍ତି କରି ଶ୍ରୋତାଙ୍କୁ ଚମତ୍କୃତ କରୁଛନ୍ତି । ବିଶେଷ କରି କବି ମନୋରମା ମହାପାତ୍ର ତାଙ୍କ କବିତାକୁ ଏମିତି ସୁନ୍ଦର ଭାବେ ଆବୃତ୍ତି କରନ୍ତି ଯାହା ଶୁଣିଲେ ଶ୍ରୋତାର ପ୍ରାଣ ପୁଲକିତ ହୁଏ । ଓଡ଼ିଆ କବିତାକୁ ଆବେଗ ସମୃଦ୍ଧ ରୀତିରେ ଗାଇବାରେ ତାଙ୍କ ପରି କ୍ୱଚିତ୍ ନାରୀକବି ଦେଖାଯାନ୍ତି ।

ସାମ୍ପ୍ରତିକ କାଳରେ ଶତାଧିକ ତରୁଣ କବିତା ରଚନାରେ ମନୋନିବେଶ କରିବା ଆନନ୍ଦର ବିଷୟ । ଏମାନେ ଭାବବସ୍ତୁ ଓ ଶିଳ୍ପକଳାରେ ନାନା ପରୀକ୍ଷା ନିରୀକ୍ଷା ପୂର୍ବକ ଓଡ଼ିଆ କବିତାକୁ ସୁଶ୍ରୀ ସମ୍ପନ୍ନା କରିବାକୁ ଆପଣାର ସାଧମତେ ଚେଷ୍ଟା କରୁଛନ୍ତି । ଏହା ଆମ ସାମ୍ପ୍ରତିକ ସାହିତ୍ୟ ପାଇଁ କିଛି କମ୍ ଗୌରବର କଥା ନୁହେଁ ।

ପ୍ରଶ୍ନ : ଓଡ଼ିଶାରେ କ୍ଷମତା, ପ୍ରତିପତ୍ତି ଓ ଅର୍ଥବଳ ଥିଲେ ଯେକେହି ଚାହିଁଲେ ଲେଖକ ହୋଇପାରିବ – ଏ ସମ୍ପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ ?

ଉତ୍ତର : ଏହା ଅନେକାଂଶରେ ସତ୍ୟ । ଏ ପରମ୍ପରା ଆଜି ନୁହେଁ, ଆରମ୍ଭ ହୋଇଛି କବିବର ରାଧାନାଥ ରାୟଙ୍କ ଠାରୁ । ସେ ତାଙ୍କ ଲେଖାକୁ ଗ୍ରହଣଶୀଳ କରିବା ପାଇଁ ଶିକ୍ଷାବିଭାଗକୁ ବ୍ୟବହାର କରୁଥିଲେ । ସେ ଯେଉଁ ସ୍କୁଲ ପରିଦର୍ଶନରେ ଯାଉଥିଲେ ସାଙ୍ଗରେ ଜଣେ ବିଶ୍ୱସ୍ତ ଶିକ୍ଷକଙ୍କୁ ନେଉଥିଲେ । ସେ ଶିକ୍ଷକ ଜଣକ ସ୍କୁଲରେ ପହଞ୍ଚି ବାବୁ ରାଧାନାଥଙ୍କ ସଦ୍ୟପ୍ରକାଶିତ କବିତା ଗ୍ରନ୍ଥ ସମ୍ପର୍କରେ ଶିକ୍ଷକମାନଙ୍କୁ କହୁଥିଲେ । ଏହା ମଧ୍ୟ କହୁଥିଲେ, "ଯେଉଁ ଶିକ୍ଷକ ବାବୁଙ୍କ ଲେଖା ପଢ଼ନ୍ତି, ବାବୁ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧାରେ ଦେଖନ୍ତି ।" ସେ ସମୟରେ ରାଧାନାଥଙ୍କ ପାଠ୍ୟପୁସ୍ତକସବୁ ସ୍କୁଲ ପାଠ୍ୟକ୍ରମରେ ଥିଲା- ଯେଉଁ ସ୍କୁଲ ସାହିତ୍ୟରେ ଭଲ କରୁଥିଲା, ସେଇ ସ୍କୁଲକୁ ଅଧିକ ଅନୁଦାନ ମିଳୁଥିଲା । ଏପରିକି ସେ ସମୟରେ ଛାତ୍ର ଗୋପବନ୍ଧୁ ଆଧୁନିକ ସାହିତ୍ୟ ପ୍ରତି ବିଦ୍ରୂପ କରୁଥିବା 'ଇନ୍ଦ୍ରଧନୁ' ପତ୍ରିକାରେ ଲେଖା ଲେଖି କରୁଥିବାରୁ ରାଧାନାଥ ତାଙ୍କ ଛାତ୍ରବୃତ୍ତି କାଟି ଦେଇଥିଲେ । ଏ ପରମ୍ପରା ମୁଁ ହୃଦୟଙ୍ଗମ କରିଛି । ରାଜ୍ୟରେ ଜଣେ ଲେଖକ ଶିକ୍ଷାମନ୍ତ୍ରୀ ଥିବା ବେଳେ ତାଙ୍କ କବିତା, ନାଟକର ବହୁମାତ୍ରାରେ ଆଲୋଚନା ହେଲା । ତା'ପରେ ସବୁ ଫୁସ୍ । ସେଇମିତି ଓଡ଼ିଶା ଶିକ୍ଷା ବିଭାଗର ଜଣେ ସଚିବ ଥିଲାବେଳେ ତାଙ୍କ କବିତାର ଯିଏ ଆଲୋଚନା କଲା ତାକୁ ରାତାରାତି ଦୂରଦୂରାନ୍ତରୁ କଟକ, ଭୁବନେଶ୍ୱର ବଦଳି କରି ଆଣିଲେ । ସେ ସମୟରେ ଏଇ କ୍ଷମତାସୀନ ସଚିବଙ୍କ ପାର୍ଶ୍ୱଚରମାନେ ତାଙ୍କ ନାଁ ଧରି ସରଳ, ଅମାୟିକ, ବୃତ୍ତିନିଷ୍ଠ ଅଧ୍ୟାପକମାନଙ୍କୁ ଧମକାଇଲେ । ସମ୍ପୃକ୍ତ ଶିକ୍ଷା ସଚିବ ଯେତେବେଳେ କେନ୍ଦ୍ରକୁ ଡେପୁଟେସନ୍‌ରେ ଗଲେ ଓ ସଂସ୍କୃତି ସଚିବ ହେଲେ ଆପଣାର

ପଦପଦବୀକୁ ଆୟୁଧ କରି ସର୍ବଭାରତୀୟ ପୁରସ୍କାର ପାଇଲେ । ଯାହାକୁ ଯାହା ଚାହିଁଲେ ସେଇ ପୁରସ୍କାର ଦେଲେ । ଏସବୁ ସାହିତ୍ୟରେ ଆଗ୍ରହ ରଖୁଥିବା ଅନୁଭବୀ ମାତ୍ରେ ବୁଝିପାରିବେ ।

ସତ କହିବାକୁ ଗଲେ ରାଜନୀତିରେ ଯେତିକି ମାଫିଆ ଅଛନ୍ତି, ସାହିତ୍ୟରେ ତା' ତୁଳନାରେ ସେମାନଙ୍କ ସଂଖ୍ୟା କିଛି କମ୍ ନୁହେଁ । ରାଜନୀତିରେ ମାଫିଆମାନେ ବାରି ହୋଇ ପଡ଼ନ୍ତି, ଧରାପଡ଼ି ଯାନ୍ତି, କିନ୍ତୁ ଆମ ସାହିତ୍ୟର ମାଫିଆମାନେ ସୁନ୍ଦର ଅଭିନୟ କରି ହସନ୍ତି, ପାଖରେ ବସନ୍ତି, ଭଦ୍ର ବାର୍ତ୍ତାଳାପ କରନ୍ତି, ନିଜର ସୁଖଭୋଗ ପାଇଁ ଗୁରୁ-ପିତୃ-ବନ୍ଧୁ-କୁଟୁମ୍ବ କିଛି ନମାନି ଅନ୍ୟର ଚେର କାଟନ୍ତି ।

ପ୍ରଶ୍ନ : ଆପଣ ଦୀର୍ଘ ସମୟ ଅର୍ଥାତ୍ ତିରିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ନାତକୋତ୍ତର ଓଡ଼ିଆ ଶିକ୍ଷା, ଏମ୍.ଫିଲ୍. ଓଡ଼ିଆ ଶିକ୍ଷା ଓ ପିଏଚ୍.ଡି. ଶିକ୍ଷାଦାନ ସହ ସମ୍ପୃକ୍ତ । ଆପଣ ମଧ୍ୟ ବିଭିନ୍ନ ସମୟରେ ବହୁ ବର୍ଷ ଧରି ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୁଖ୍ୟ ଥିଲେ । ଏ ସମ୍ପର୍କରେ ଆପଣ ସ୍ୱ ଅନୁଭୂତିରୁ କିଛି କହିବେ କି ?

ଉତ୍ତର : ମୁଁ ଖୁବ୍ ତରୁଣ ବୟସରୁ ସ୍ନାତକୋତ୍ତର ଓଡ଼ିଆ ଶିକ୍ଷା ସହ ରେଭେନ୍ସା କଲେଜ (ସମ୍ପ୍ରତି ରେଭେନ୍ସା ବିଶ୍ୱବିଦାଳୟ)ରୁ ସମ୍ପୃକ୍ତ । ମୁଁ ସରକାରୀ କଲେଜରେ ପ୍ରାୟ ଦଶବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଚାକିରି କରିଛି । ସରକାରୀ କଲେଜର ଶୃଙ୍ଖଳା, ଅଧ୍ୟାପନା ପ୍ରତି ଶିକ୍ଷକମାନଙ୍କ ଆଗ୍ରହ, ଛାତ୍ରମାନଙ୍କୁ ଭଲମଣିଷ କରି ଗଢ଼ିବାର ପ୍ରତିବଦ୍ଧତା ବିଶ୍ୱବିଦ୍ୟାଳୟରେ ଅନୁପସ୍ଥିତ । ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଟିଏ ଯେଉଁଦିନ ଯୋଗ ଦିଏ, କଳେ ବଳେ କଉଶଳେ କିପରି କ୍ୟାରିଅର ଗଢ଼ିବ, ପ୍ରଫେସରଟିଏ ହେବ, ହୁଏ ସେଇ ସ୍ୱପ୍ନରେ ବିଭୋର । ଛାତ୍ରଙ୍କୁ ଭଲରୂପେ ପଢ଼ାଇବାକୁ ଅନେକ ଶିକ୍ଷକ ଭୁଲି ଯାଆନ୍ତି । ପ୍ରାୟତଃ ଶିକ୍ଷକମାନଙ୍କୁ ଗୋଟିଏ ପ୍ରକୋଷ୍ଠ ମିଳେ ଗବେଷଣା ପାଇଁ ଓ ଅବସର ସମୟରେ ପଢ଼ିବା ପାଇଁ । କିନ୍ତୁ କିଛି ଶିକ୍ଷକ ଏଇ ପ୍ରକୋଷ୍ଠରୁ ବସି କତିପୟ ଛାତ୍ର, କର୍ମଚାରୀଙ୍କୁ ଧରି ଉଚ୍ଚ କର୍ତ୍ତୃପକ୍ଷଙ୍କ ବିରୋଧରେ ଷଡ଼ଯନ୍ତ୍ର କରନ୍ତି; ମଦ୍ୟପାନ କରନ୍ତି, ସିଗାରେଟ୍ ପିଅନ୍ତି, ଝିଅ ପିଲାଙ୍କ ସହ ସୁବିଧା ସୁଯୋଗ ଦେଖି ଅଶୋଭନୀୟ ଆଚରଣ ବି କରନ୍ତି । ଏକଥା ଯେତେ ଅପ୍ରିୟ ହେଲେ ସୁଦ୍ଧା ସତ୍ୟ । ଏମିତି ଶିକ୍ଷକ ଅଛନ୍ତି, ଯେଉଁମାନେ ବିଶ୍ୱବିଦ୍ୟାଳୟ ପରିସର କାହିଁକି, ଶ୍ରେଣୀ କକ୍ଷରେ, ମୁଖ୍ୟଙ୍କ କାର୍ଯ୍ୟାଳୟରେ ଧୂମପାନ କରିବାକୁ ସାମାନ୍ୟ ସଂକୋଚ ବୋଧ କରନ୍ତି ନାହିଁ । ସ୍ନାତକୋତ୍ତର ପରିଷଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର

ଅଧ୍ୟକ୍ଷ ଥିବାବେଳେ ଏକଥା ଅନୁଭବରୁ କହୁଛି । ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରୁ ଶତକଡ଼ା ଚାଳିଶ ଭାଗ ଶିକ୍ଷକ ଭଲଭାବେ ଛାତ୍ରମାନଙ୍କୁ ପଢ଼ାନ୍ତି, ଶୃଙ୍ଖଳା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରନ୍ତି, ଠିକ୍ ସମୟରେ ପରୀକ୍ଷା ଖାତା ଦେଖନ୍ତି, ନିୟମିତ ବିଭାଗକୁ ଆସନ୍ତି । ଆଉ ଅନ୍ୟମାନଙ୍କ କଥା ନ କହିଲେ ଭଲ । ସବୁ କିସମର ବଦ୍‌ଗୁଣର ଅଧିକାରୀ ଏମାନେ । ଏମାନେ କେବେହେଲେ ଛାତ୍ରମାନଙ୍କୁ ଅଧାପନା କରିବା ପାଇଁ ପ୍ରସ୍ତୁତ ହୋଇ ଆସନ୍ତି ନାହିଁ, ଶ୍ରେଣୀ କକ୍ଷକୁ ଠିକ୍ ସମୟରେ ଯାଆନ୍ତି ନାହିଁ, ମୋଟା ଅଙ୍କର ଦରମା ପାଇ ସୁଦ୍ଧା ଅନେକ ସମୟରେ ବିଶ୍ୱବିଦ୍ୟାଳୟକୁ ଆସିବାକୁ ଭୂଲି ଯାଆନ୍ତି । ଏମାନଙ୍କ କଥା; "କହିଲେ କୁଳକୁଟୁମ୍ବକୁ ଲାଜ, ଏବେ ନ କହିଲେ କୁଳ ଭାସି ଯାଉଛି ।" ସତ କଥା କହିବାକୁ ଗଲେ ବିଶ୍ୱବିଦ୍ୟାଳୟ ଶିକ୍ଷା, ଶିକ୍ଷକଙ୍କ ସମ୍ପର୍କରେ ମୋର ଅନୁଭୂତି ଅଳ୍ପ ମିଠା, ବରଂ କଟୁ, ତିକ୍ତ, କଷାୟ ।

ପ୍ରଶ୍ନ : ଆପଣ ଦୀର୍ଘ ସମୟ ଧରି ବିଶ୍ୱ ବିଦ୍ୟାଳୟ ବୃତ୍ତିରେ ଏକାଧିକ ଶିକ୍ଷକ କୁଳପତି ଓ ପ୍ରଶାସକ କୁଳପତିଙ୍କ ସହ କାର୍ଯ୍ୟ କରିଛନ୍ତି । ଆପଣଙ୍କ ମତରେ ବିଶ୍ୱବିଦ୍ୟାଳୟ ପାଇଁ କିଏ ଭଲ ?

ଉତ୍ତର : ସତ କହିବାକୁ ଗଲେ ପ୍ରଶାସକ କୁଳପତି (ବିଶେଷ କରି ଆଇ.ଏ.ଏସ୍. ଅଫିସର) ଆମ ଶିକ୍ଷକ କୁଳପତି (ପ୍ରଫେସର)ଙ୍କ ଠାରୁ ଢେର ଢେର ଭଲ । ଆମର ଅଧିକାଂଶ ଶିକ୍ଷକ କୁଳପତି କିଛି ଛାତ୍ରନେତାଙ୍କୁ ଧରି କିପରି ଆପଣାର କୁଳପତି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବେ, ସେ ବାବଦରେ ଅତ୍ୟନ୍ତ ସଚେତନ । ଏମାନେ, "ଚୋରକୁ କହନ୍ତି ଚୋରୀ କର, ସାଧୁ କହନ୍ତି ଧର ।" ପୁଣି ଏମାନଙ୍କ ଶାସନରେ 'ଜୋର ଯାର ମୁଲକ ତାର' ନୀତି ପ୍ରଭାବ ବିସ୍ତାର କରେ । ଅବଶ୍ୟ ଜଣେ ଜଣେ ଏମିତି ଦୃଢ଼ମନା ଶିକ୍ଷକ-ପ୍ରଶାସକ କୁଳପତି ଅଛନ୍ତି, ଯେଉଁମାନେ ଦକ୍ଷତାର ସହ କର୍ମ କରନ୍ତି । ମୁଁ ଯେଉଁସବୁ ଶିକ୍ଷକ କୁଳପତିଙ୍କ ଅଧୀନରେ କାର୍ଯ୍ୟ କରିଛି, ସେମାନଙ୍କ ମଧ୍ୟରେ ପ୍ରଫେସର ହରିହର ଦାସ, ପ୍ରଫେସର ଶଶୀଭୂଷଣ ମିଶ୍ର, ପ୍ରଫେସର ସୂର୍ଯ୍ୟନାରାୟଣ ବେହେରା, ପ୍ରଫେସର ବିଜୟ କୁମାର ସାହୁଙ୍କ ପ୍ରଶାସନିକ ଦକ୍ଷତା ଖୁବ୍ ଭଲ । ବିଶେଷ କରି କୁଳପତି ଭାବେ ପ୍ରଫେସର ସାହୁଙ୍କ ଦୃଢ଼ ନିଷ୍ପତ୍ତି, ବିଶ୍ୱବିଦ୍ୟାଳୟରୁ ଦୁର୍ନୀତି ହଟାଇବା ଅଭିଯାନ, ଟାଉଟରୀ କରୁଥିବା କର୍ମଚାରୀଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ କଠୋର ଥିଲା । କୁଳପତି ଭାବେ ତାହାଙ୍କ ପ୍ରଥମ ଦେଢ଼ବର୍ଷର କାର୍ଯ୍ୟକଳାପ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଶାସକ-କୁଳପତି ମାନଙ୍କ ମଧ୍ୟରେ ଏମ୍.ୱାଇ. ରାଓ, ଜେ.ଏନ୍. ପୋଦାର, ବନ୍ଦନା ଜେନା, ଅରୁଣ କୁମାର ପଣ୍ଡା,

ସି.ଟି.ଏମ୍. ସୁଗୁଣା ବିଶ୍ୱବିଦ୍ୟାଳୟ ପାଇଁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି । ଅନେକ ଶିକ୍ଷକ କୁଳପତି ବାରମ୍ୱାର ନିଷ୍ପତ୍ତିକୁ ଆପଣାର ସ୍ୱାର୍ଥ ଅନୁଯାୟୀ ବଦଳାନ୍ତି, ପ୍ରିୟା-ପ୍ରୀତି-ତୋଷଣରେ ମାତନ୍ତି, ସଂକୀର୍ଣ୍ଣ ଗୋଷ୍ଠୀ ରାଜନୀତି ଅଳ୍ପ କେଇଜଣ ଶିକ୍ଷକ-କର୍ମଚାରୀ-ଛାତ୍ରଙ୍କୁ ଧରି କରନ୍ତି । ବିଶ୍ୱବିଦ୍ୟାଳୟରେ ଶୃଙ୍ଖଳା, ପଢ଼ାପଢ଼ି ବାତାବରଣ, ନିରପେକ୍ଷତା ବ୍ୟାପାରରେ ଆମର ଶିକ୍ଷକ-କୁଳପତିଙ୍କ ତୁଳନାରେ ପ୍ରଶାସକ-କୁଳପତିମାନେ ପ୍ରଶଂସନୀୟ ।

ପ୍ରଶ୍ନ : ଓଡ଼ିଆ ସାହିତ୍ୟର ଜଣେ ଗବେଷକ ଓ ସମାଲୋଚକ ଭାବେ ଆପଣଙ୍କର ସୁଖ୍ୟାତି ରହିଛି । ସାମ୍ପ୍ରତିକ କାଳରେ ଆମ ସାହିତ୍ୟର କିପରି ଗବେଷଣା ଚାଲିଛି ଓ ସମାଲୋଚନା ଲେଖାଯାଉଛି ସେ ସମ୍ପର୍କରେ କିଛି କହିବେ କି ?

ଉତ୍ତର : ଓଡ଼ିଆ ବିଭାଗରେ ଅନେକ ପିଏଚ୍.ଡି., ଡି.ଲିଟ୍ ପରି ଗବେଷଣା ଡିଗ୍ରୀ ପାଉଛନ୍ତି ଓ ପାଇଛନ୍ତି । ବୃତ୍ତିରେ ପିଏଚ୍.ଡି ଥାଇ ପଶିଲେ ଅଧ୍ୟାପକମାନଙ୍କୁ ତିନୋଟି Increment ପ୍ରୋତ୍ସାହନ ଆକାରରେ ଦରମାରେ ମିଳୁଛି । ତା'ପରେ ଅନେକ ଅଧ୍ୟାପକ ଗବେଷଣା ଯେ ଏକ ଜୀବନବ୍ୟାପୀ ସାଧନା ସେକଥା ଭୁଲିଯାଉଛନ୍ତି । ଏତିକିରେ ସନ୍ତୁଷ୍ଟ । ଆଉ ଅନେକ ଗବେଷଣା-ନିବନ୍ଧ ଏତେ ନିକୃଷ୍ଟ ଧରଣର ଯାହାକୁ ପ୍ରକାଶ କରିବାକୁ ଗବେଷକମାନେ ଚାହିଁ ନ ଥାନ୍ତି । ବିଶ୍ୱବିଦ୍ୟାଳୟ ପାଠାଗାରରେ ପିଏଚ୍.ଡି., ଡି.ଲିଟ୍. ଡିଗ୍ରୀ ପାଇଁ ଅନୁମୋଦିତ ହୋଇଥିବା ନିବନ୍ଧଗୁଡ଼ିକୁ ଦେଖିଲେ, ଯେକେହି ଏହାର ସତ୍ୟତା ହୃଦୟଙ୍ଗମ କରିପାରିବ । ଆମ ସାହିତ୍ୟର ଗବେଷଣା କଥା ଯେତେ ଅଳ୍ପ କୁହାଯିବ, ସେତେ ଭଲ । ପ୍ରାଚୀନ ଓଡ଼ିଆ ସାହିତ୍ୟ ଆଲୋଚନା, ତାଳପତ୍ର ପୋଥିରୁ ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ଗ୍ରନ୍ଥ ସମ୍ପାଦନା, ଊନବିଂଶ ଶତକ ସାହିତ୍ୟ ଆଲୋଚନା ପ୍ରାୟ ଆଉ ହେଉ ନାହିଁ କହିଲେ ଚଳେ । ପରିଶ୍ରମ କରି ଦୁଷ୍ପ୍ରାପ୍ୟ ଗବେଷଣା ଉପାଦାନ ସଂଗ୍ରହ ନିଷ୍ଠା ଆଉ ଗବେଷକଙ୍କ ପାଖରେ ଏବେ ନାହିଁ । ଆଜିକାଲି ଉପାଦାନ ସଂଗ୍ରହ ପାଇଁ ମାଧ୍ୟମ ହୋଇଛି ଇଣ୍ଟରନେଟ୍ । ଏଥିସହିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC)ରୁ ପ୍ରକଳ୍ପ ଆଣି କାମ କରିବା ଶିକ୍ଷକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ସେମାନଙ୍କ କଥା କ'ଣ ବା କହିବି ? ଜୀବନରେ ଭଲ ଭାବରେ ଦିଧାଡ଼ି ଲେଖିପାରୁ ନ ଥିବା ଅଧ୍ୟାପକମାନେ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ଆଣନ୍ତି, ପ୍ରକଳ୍ପ ସହିତ ଜଡ଼ିତ ଗବେଷକ (Research Scholar) ଓ ତଥ୍ୟ ପ୍ରଦାନକାରୀ (Informant)ଙ୍କ ପ୍ରାପ୍ୟକୁ ଅଧାଅଧି ଚଳୁ କରନ୍ତି । ବେଳେବେଳେ ନିଜ ସମ୍ପର୍କୀୟଙ୍କ ନାଁରେ ଏସବୁକୁ ଅତି ଧୂର୍ତ୍ତତାର ସହ ଚଳାଇ ନିଅନ୍ତି । ଆଜିକାଲି

ମୁଦ୍ରଣ ଶିଳ୍ପର ଦ୍ରୁତ ବିକାଶ ହେତୁ ଏଣୁ ତେଣୁ ସଂଗ୍ରହକରି ଏକାଠି କରି UGCକୁ ପ୍ରକଳ୍ପ ରିପୋର୍ଟ ଏମାନେ ଦିଅନ୍ତି । ଆଉ ଏ ରିପୋର୍ଟ ସୂର୍ଯ୍ୟାଲୋକ ଦେଖେ ନାହିଁ । ଆଉ ଓଡ଼ିଆ ବିଭାଗମାନଙ୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସ୍ୱତନ୍ତ୍ର ଅନୁଦାନ ପ୍ରକଳ୍ପ କେମିତି ଚାଲିଛି ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିବା ନ୍ୟାୟରେ ଆମର ସର୍ବ ପ୍ରାଚୀନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗକୁ ଅନୁଧ୍ୟାନ କଲେ ଜାଣି ହେବ । ସମ୍ପ୍ରତି ଓଡ଼ିଆ ସାହିତ୍ୟ ଗବେଷଣାରେ ଆମ ଶିକ୍ଷକମାନଙ୍କର ନାଁ ଅଛି ନିଷ୍ଠା, ନାଁ ଅଛି ଧୈର୍ଯ୍ୟ, ନାଁ ଅଛି ଧୀଶକ୍ତି । ଏବେ ଓଡ଼ିଆ ବିଭାଗରେ ହଜାରରେ ଜଣେ ଦୁଇଜଣ ଭଲ ଗବେଷକ ମିଳିବା କଷ୍ଟ । ଏତ ଗଲା ଗବେଷଣା କଥା- କହୁଛି ଏବେ ସାହିତ୍ୟ ସମାଲୋଚନା ପ୍ରସଙ୍ଗ । ଆମ ସାହିତ୍ୟର ଯେପରି ଉତ୍ତରୋତ୍ତର ବିକାଶ ସଂଘଟିତ ହେଉଛି, ସେଇ ଅନୁପାତରେ ଆମ ସାହିତ୍ୟର ଆଲୋଚନା ହେଉନାହିଁ । ଆମର ପ୍ରାଚୀନ ସମୃଦ୍ଧ ପୁରାଣ ସାହିତ୍ୟ, କାବ୍ୟ ସାହିତ୍ୟ ସମ୍ପର୍କରେ ଏଯାବତ୍ ନୂଆ ଢଙ୍ଗରେ, ସମକାଳୀନ ସମୟର ପ୍ରେକ୍ଷାପଟ୍ଟରେ ଆଲୋଚନା ନ ହେବା ଦୁଃଖର ବିଷୟ । ଯାହା ଏବାବଦରେ ଆଲୋଚନା ହେଉଛି, ସେଇ ଚର୍ବିତ ଚର୍ବଣ । ଏପରିକି କେତେକ ଶିକ୍ଷକ ଓ ଧୂର୍ତ୍ତ ସାହିତ୍ୟ-ଅନୁଷ୍ଠାନ ପଣ୍ଡିତ ପ୍ରବର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରାଚୀ ଗ୍ରନ୍ଥମାଳାର ମୁଖବନ୍ଧ ଓ ସାରଳା ମହାଭାରତର ଶୁଦ୍ଧ ସମ୍ପାଦନାକୁ ଆପଣାର ବୋଲି କହୁଛନ୍ତି । ପୁନଶ୍ଚ ଆଉ କେତେକ ଶିକ୍ଷକ ଅନ୍ୟର ପୁରୁଣା ନିବନ୍ଧକୁ ନିଜ ନାମରେ ଛାପୁଛନ୍ତି ଓ ତାକୁ ନିଃସଙ୍କୋଚରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପରି ସରକାରୀ ସାହିତ୍ୟ ଅନୁଷ୍ଠାନ ପ୍ରକାଶ କରୁଛନ୍ତି । ଏ ସମ୍ପର୍କ ଅଧିକ କହିବା ନିଷ୍ପ୍ରୟୋଜନ । ସାଧାରଣତଃ ଯେଉଁଠି ଓଡ଼ିଆ ସ୍ନାତକୋତ୍ତର ଶିକ୍ଷା ଦିଆଯାଉଛି ଓ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ରହିଛି ସେଠି ଶିକ୍ଷକ ମାନେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ନୂଆ ରୂପରେଖ ଦେବାପାଇଁ କାଠୋର ଅଧ୍ୟବସାୟ ପୂର୍ବକ କାର୍ଯ୍ୟ କରିବା ଦରକାର । ମାତ୍ର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାରେ କୌଣସି ଭଲ ଆଲୋଚନା ନ ଲେଖି, ସାହିତ୍ୟ ଆଲୋଚନାର ଧାର ଧାରୁ ନ ଥିବା ସେହି ଶିକ୍ଷକମାନେ ଆଜି ପ୍ରଫେସର ପଦ ବିଶ୍ୱବିଦ୍ୟାଳୟମାନଙ୍କରେ ମଣ୍ଡନ କରୁଛନ୍ତି । ଦେଖାଯାଉଛି ଯେଉଁ ତରୁଣମାନେ ବିଶ୍ୱବିଦ୍ୟାଳୟରେ ଶିକ୍ଷକ-ବୃତ୍ତିରେ ପ୍ରବେଶ କରୁଛନ୍ତି, ସେମାନେ କିପରି ରାତାରାତି ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର, ସ୍ତମ୍ଭକାର ହେବେ ସେ ଦିଗରେ ଅତ୍ୟନ୍ତ ସଚେତନ । ସାହିତ୍ୟ ସମାଲୋଚନା ପାଇଁ ଯେଉଁ ଧୈର୍ଯ୍ୟ ଆବଶ୍ୟକ, ଯେଉଁ ଅଧ୍ୟୟନ ଆବଶ୍ୟକ, ଯେଉଁ ରୁଚି ଆବଶ୍ୟକ, ତାହା ଆଜିର ଯୁବ ଶିକ୍ଷକମାନଙ୍କ ଠାରେ ଆକାଶକୁସୁମ

ପରି ଅନୁପଲଭ୍ୟ । ଆଗେ ପ୍ରବୀଣ ସାହିତ୍ୟ-ସମୀକ୍ଷକମାନଙ୍କୁ ଗୁରୁକରି ଅଧ୍ୟାପକମାନେ ସାହିତ୍ୟ ସମାଲୋଚନାରେ ପ୍ରବୃତ୍ତ ହେଉଥିଲେ । ଏବେ ସେ ପରମ୍ପରା ଆଉ ନାହିଁ । ଯଦି କିଛି ରହିଛି - ତେବେ ତାହା ହେଉଛି କିଛି ତରୁଣଙ୍କୁ ନେଇ ଜଣେ ଜଣେ ପ୍ରବୀଣ କେମିତି ମଦ୍ୟପାନ କରିବାକୁ ହୁଏ, କେମିତି ପରିଛିଦ୍ର ଅନ୍ୱେଷଣ କରିବାକୁ ହୁଏ, କେମିତି କାମିନୀ ଭୋଗ କରିବାକୁ ହୁଏ ସେ ବିଦ୍ୟା ଶିଖାଉଛନ୍ତି । ଆଜିକାଲି ବିଦ୍ୱାନ୍ ସମୀକ୍ଷକ (Scholar Critic) ହେବା ପାଇଁ କୌଣସି ପ୍ରବୀଣ ସାହିତ୍ୟ ସମୀକ୍ଷକ ଯୁବବର୍ଗଙ୍କୁ କହୁ ନାହାନ୍ତି କିମ୍ବା ତରୁଣମାନେ ଏ ଦିଗରେ ନିଷ୍ଠା ଦେଖାଉ ନାହାନ୍ତି । ଆଜିର ଓଡ଼ିଆ ସାହିତ୍ୟ ଆଲୋଚନାରେ ତରୁଣମାନଙ୍କ ଅନାଗ୍ରହ ସଚରାଚର ପରିଲକ୍ଷିତ ।

ପ୍ରଶ୍ନ : ଆପଣଙ୍କ ଅବସରକାଳୀୟ ପ୍ରିୟ କାର୍ଯ୍ୟ (Hobby) କ'ଣ ?

ଉତ୍ତର : ହଁ; ପଢ଼ାପଢ଼ି କରିବାକୁ ଆଗ୍ରହ ନ ଆସିଲେ ମୁଁ ରୋଷେଇ କରେ । ମୋତେ ଘରେ ରୋଷେଇ କରିବାକୁ ଖୁବ୍ ଭଲ ଲାଗେ । ମୁଁ ନିରାମିଷ ଆହାର କରୁଥିଲେ ସୁଦ୍ଧା, ଉତ୍ତମ ରୂପେ ଆମିଷର ବିଭିନ୍ନ କିସମର ସ୍ୱାଦିଷ୍ଟ ଖାଦ୍ୟ ରାନ୍ଧିପାରେ । ପୁଣି ଆମ ଗାଁ ଗହଳର ଖାଦ୍ୟରୁଚି ରାନ୍ଧିବାରେ ମୋର ଭାରି ଆଗ୍ରହ । ବିଶେଷ କରି ଆମ୍ବୁଲ ରାଇ, ଓଉ ଖଟା, କୋଳଥ ଡାଲି, ସଜନା ଶାଗ ଭଜା, ନଡ଼ିଆ ବରା, କଖାରୁ ଫୁଲ ବରା, ଦହି ବାଇଗଣ, ନିମ୍ବ ପିତା, ରାଇତା, ମଞ୍ଜା ଭଜା, କାଞ୍ଜି ପରି ଆମ ସମାଜରୁ ହଜିଯାଉଥିବା ଖାଦ୍ୟକୁ ମୁଁ ଉତ୍ତମ ରୂପେ ପ୍ରସ୍ତୁତ କରି ଜାଣେ । ତଥାକଥିତ ଆଧୁନିକ ରୀତିରେ ପନୀର, ମସରୁମ, କୋବି ପ୍ରଭୃତି ଖାଦ୍ୟକୁ ରାନ୍ଧିବାରେ ମୋର ଦକ୍ଷତା ରହିଛି । ଅଳ୍ପ ତେଲ ମସଲା ଦେଇ ରୋଗୀ ଖାଉଥିବା ପଥ୍ୟ ମଧ୍ୟ ମୁଁ ତିଆରି କରି ଜାଣେ । ମୁଁ କାର୍ତ୍ତିକ ମାସରେ ହବିଷ ଅନ୍ନ, ଆନୁଷଙ୍ଗିକ ତରକାରୀ ପ୍ରାୟ ରାନ୍ଧେ ଓ ଏଇ ଦେବ ଭୋଗ୍ୟ ଖାଦ୍ୟର ମହକ ଅତ୍ୟନ୍ତ ପ୍ରୀତିକର । ମୁଁ ଭଲ ଭାବେ ମଣ୍ଡା, ଦୁଧ ଗଇଣ୍ଠା, ଆରିଷା, କାକରା, ଏଣ୍ଡୁରୀ, ସରୁ ଚକୁଳି, ବୁଢ଼ା ଚକୁଳି, ଚିତୋଉ, ଛୁଞ୍ଚିପତ୍ର, ପୋଡ଼ପିଠା ତିଆରି କରିପାରେ । ଯେକୌଣସି ଖାଦ୍ୟ ପ୍ରସ୍ତୁତ କରିବାରେ ମୋର କିଛି ନିପୁଣତା ରହିଛି । ମୋ ମତରେ, ଯେକୌଣସି ଗବେଷଣା କାର୍ଯ୍ୟ ପାଇଁ ଯେପରି ଧୈର୍ଯ୍ୟ, ଏକାଗ୍ରତା, ସାଧୁତା, ନୂଆ ଚିନ୍ତା କରିବାର ଶକ୍ତି, ଯଥାର୍ଥ ଉପାଦାନ ଓ ଅନ୍ତର୍ଦୃଷ୍ଟି ଦରକାର ସେହିପରି ଭଲ ରୂପେ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ଏସବୁର ପ୍ରୟୋଜନ ଅନୁଭୂତ ହୁଏ । ଆଉ ଏଇଠି କହି ରଖେ, ଆମ ଓଡ଼ିଆମାନେ ଘରେ ବହୁବିଧ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରି ଅତିଥିମାନଙ୍କୁ ଶ୍ରଦ୍ଧାରେ ଖୁଆଇବାରେ ଯେଉଁ ଆନନ୍ଦ ଅନୁଭବ କରନ୍ତି, ତାହା ଭାରତର ଅନ୍ୟ ରାଜ୍ୟର ଅଧିବାସୀଙ୍କ

ଠାରେ କ୍ୱଚିତ ପରିଲକ୍ଷିତ ହୁଏ । ସୁଆଦିଆ ଖାଦ୍ୟ ରାନ୍ଧିବାର ଓ ସୁସ୍ୱାଦୁ ଖାଦ୍ୟ ଖାଇବାର ସମସ୍ତ କଳା ଓଡ଼ିଆମାନଙ୍କୁ ବେଶ୍ ଜଣା । ଓଡ଼ିଆ ମହାଭାରତରେ ଓଡ଼ିଆ ଖାଦ୍ୟ ସାମଗ୍ରୀର ଯେଉଁ ଦୀର୍ଘ ତାଲିକା ଦେଖିବାକୁ ମିଳେ; ଚତୁର ବିନୋଦ କଥାଗ୍ରନ୍ଥରେ ଯେପରି ସ୍ୱାଦିଷ୍ଟ ଖାଦ୍ୟର ଦୀର୍ଘ ସମ୍ଭାରର ଉଲ୍ଲେଖ ରହିଛି, ସେସବୁ ଅନ୍ୟ ଭାରତୀୟ ଭାଷାରେ ସାହିତ୍ୟରେ ଦେଖିବାକୁ ମିଳେ ନାହିଁ ।

ପ୍ରଶ୍ନ : ଆପଣ କ'ଣ ଖାଇବାକୁ ଭଲ ପାଆନ୍ତି ?

ଉତ୍ତର : ଖାଦ୍ୟ ବାବଦରେ ମୋର କୌଣସି ସ୍ୱତନ୍ତ୍ର ଅଭିରୁଚି ନାହିଁ । "ଆହାରେ ଭଲ ମନ୍ଦ ନାହିଁ, ଯେ ସ୍ଥାନେ ଯେମନ୍ତ ମିଳଇ" ଭାବଧାରାକୁ ମୁଁ ଖୁବ୍ ସମ୍ମାନ କରେ । ମୁଁ ଜଣେ ନିରାମିଷ ଖାଦ୍ୟ ଖାଉଥିବା ମଣିଷ । ଆମର ଯେତେ ଯାହା ଦେଶୀ ଖାଦ୍ୟ, ମୁଁ ସେଇ ଖାଦ୍ୟ ଖାଇବାକୁ ଭଲ ପାଏ । ମୁଁ ସବୁଜ ପନିପରିବାରେ ପ୍ରସ୍ତୁତ ତରକାରୀ, ମୁଗ ଡାଲି, ଦହି, ଶାଗ ଖାଇବାକୁ ଭାରି ଆଦର କରେ । ସ୍ୱାସ୍ଥ୍ୟକୁ ସହାୟତା କରୁଥିବା ପରି ଖାଦ୍ୟ ଗ୍ରହଣ କରିବାରେ ମୁଁ ବିଶ୍ୱାସୀ । ଜଳଖିଆରେ ଚକୁଳି ପିଠା, ଉପମା, ଇଡ଼୍ଲି, ଦୋଷା ମୋର ପ୍ରିୟ । ମୁଁ ପ୍ରତିଦିନ ବଦଳାଇ ବଦଳାଇ ଖାଦ୍ୟ ଖାଏ । ମୁଁ ମୋ' ଘରେ ଖାଇବାକୁ ଖୁବ୍ ପସନ୍ଦ କରେ । ଭୋଜୀର ଆଡ଼ମ୍ବର ପୂର୍ଣ୍ଣ ଖାଦ୍ୟ, ହୋଟେଲ ଖାଦ୍ୟରେ ମୋର ସେମିତି ରୁଚି ନ ଥାଏ । ମୁଁ ସୁସ୍ଥ ଶରୀର ନେଇ ବଞ୍ଚିବା ପାଇଁ ଖାଦ୍ୟ ଗହଣ କରେ, ଜିହ୍ୱା ଲାଳସା ଚରିତାର୍ଥ ପାଇଁ ମୁଁ ଖାଦ୍ୟ ଗ୍ରହଣ ସପକ୍ଷରେ ନୁହେଁ । ପ୍ରତ୍ୟେକ ଦିନ ମୁଁ ଖାଦ୍ୟ ସହିତ କିଛି ନା କିଛି ଫଳାହାର କରେ । ତରଭୁଜ, ପାଚିଲା ଅମୃତ ଭଣ୍ଡା, ସେଓ, ପାଚିଲା କଦଳୀ, ପାଚିଲା ଆମ୍ବ, ପିଜୁଳି ପରି ଫଳମାନ ମୋତେ ଖାଇବାକୁ ଖୁବ୍ ଭଲ ଲାଗେ ।

ପ୍ରଶ୍ନ : ଆପଣ ମୂଳତଃ ଓଡ଼ିଅ ଗଦ୍ୟ ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକ । ଆପଣ ସାମ୍ପ୍ରତିକ କାଳର କେଉଁ ଗଦ୍ୟ ଲେଖକଙ୍କ ଲେଖାକୁ ଖୁବ୍ ମର୍ଯ୍ୟାଦା ଦିଅନ୍ତି ।

ଉତ୍ତର : ଓଡ଼ିଆ ଗଦ୍ୟ ସାହିତ୍ୟରେ ସାମ୍ପ୍ରତିକ କାଳରେ ବେଶ୍ ପରୀକ୍ଷା ନିରୀକ୍ଷା ହୋଇଛି । ଉଭୟ ଭାବବସ୍ତୁ ଓ ଶୈଳୀରେ ନାନା ପରିବର୍ତ୍ତନ ଓଡ଼ିଆ ଗଦ୍ୟ ସାହିତ୍ୟରେ ହୋଇଛି ସଂଘଟିତ । ଯାହାଫଳରେ ସାମ୍ପ୍ରତିକ ଗଦ୍ୟରେ ସୁତୀକ୍ଷ୍ଣ ଜୀବନ ବିଶ୍ଳେଷଣ, ଆନ୍ତର୍ଜାତିକ ଦୃଷ୍ଟିଭଙ୍ଗୀ ଓ ମଣିଷ ପଣିଆର ବିକଶିତ ରୂପ ଦେଖିବାକୁ ମିଳୁଛି । ପୁଣି ଏଥିରେ ମାନବିକ ଚେତନାର ଉତ୍ତରଣ ସହିତ ସ୍ଥାନ-କାଳ-ପାତ୍ର ବହିର୍ଭୂତ ଭିନ୍ନ ଏକ ଇଲାକାର ପ୍ରତିଭୂ ରୂପେ ମଣିଷ ଆପଣାର ଆତ୍ମପରିଚୟ ଦେଇଛି । ସାମ୍ପ୍ରତିକ କାଳରେ ଅନେକ ପ୍ରବୀଣ

ଲେଖକ ଲେଖନୀ ଚାଳନା କରି ଓଡ଼ିଆ ଗଦ୍ୟକୁ କରିଛନ୍ତି ଋଦ୍ଧିମନ୍ତ- ଯେଉଁମାନଙ୍କ ମଧ୍ୟରୁ ମୁଁ ମନୋଜ ଦାସ, ଚନ୍ଦ୍ରଶେଖର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁଙ୍କୁ ଖୁବ୍ ମର୍ଯ୍ୟାଦା ଦିଏ । ଏମାନେ ଆପଣାର ସାଧମତେ ଆପଣା ଢଙ୍ଗରେ ନାନା କିସମର ଲେଖା ଲେଖିଛନ୍ତି । ମନୋଜ ଦାସ ହେଉଛନ୍ତି ଜଣେ ପ୍ରଥିତଯଶା ଗାଳ୍ପିକ, ଉଚ୍ଚକୋଟୀର ଔପନ୍ୟାସିକ, ବିଶିଷ୍ଟକବି, କୃତବିଦ୍ୟ ପ୍ରାବନ୍ଧିକ, ସଫଳ ଜୀବନୀ ଲେଖକ, ଶିକ୍ଷାପ୍ରଦ ଭ୍ରମଣ ବୃତ୍ତାନ୍ତ ଲେଖକ, ମନୋଜ୍ଞ ଅନୁବାଦକ, ଦକ୍ଷ ସମ୍ପାଦକ, ପ୍ରଖ୍ୟାତ ଶିଶୁ ଓ କିଶୋର ସାହିତ୍ୟ ଲେଖକ ଏବଂ ସର୍ବୋପରି ଭାରତୀୟ ସଂସ୍କୃତିର ଅନନ୍ୟ ଭାଷ୍ୟକାର । ପୁଣି ସେ ଇଂରେଜୀରେ ମଧ୍ୟ ସୁନ୍ଦର ଭାବେ ସାହିତ୍ୟ ରଚନା କରିପାରନ୍ତି । ଚନ୍ଦ୍ରଶେଖର ରଥ ସାମ୍ପ୍ରତିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ଦେଇଛନ୍ତି ନୂତନ ଦିଗ୍‌ଦର୍ଶନ, ଓଡ଼ିଆ କଥା-ସାହିତ୍ୟକୁ କରିଛନ୍ତି ମନନଧର୍ମୀ । ଓଡ଼ିଆ ଓ ସଂସ୍କୃତରେ କବିତା ଲେଖିବା, ଅବସର ସମୟରେ ଚିତ୍ର ଆଙ୍କିବାରେ ତାହାଙ୍କ ନିଷ୍ଠା କିଛି କମ୍ ନୁହେଁ । ଶାନ୍ତନୁ କୁମାର ଆଚାର୍ଯ୍ୟ ଓଡ଼ିଆ ଉପନ୍ୟାସ ଜଗତରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ, ଭିନ୍ନ ସ୍ୱାଦର ଗଳ୍ପ ରଚନାରେ, ବିଜ୍ଞାନ ସାହିତ୍ୟ ଲେଖିବାରେ, ଶିଶୁ-କିଶୋର ସାହିତ୍ୟ ସୃଷ୍ଟିରେ ଜଣେ ସାର୍ଥକ ଲେଖକ । ମାହାପାତ୍ର ନୀଳମଣି ସାହୁ ରମ୍ୟରଚନା, ଉପନ୍ୟାସ, ଗଳ୍ପ, ଅନୁବାଦ, ବ୍ୟଙ୍ଗ କବିତା, ମୁକ୍ତ ଆଙ୍ଗିକ ଧର୍ମୀ ରଚନା ଲେଖିବାରେ ଆପଣାର ନିଷ୍ଠା ଦେଖାଇଛନ୍ତି । ଏମାନଙ୍କ ଲେଖାରେ ଆମର ସାଂସ୍କୃତିକ-ଐତିହ୍ୟ, ଉଦାର ମାନବିକ ଭାବନା ସହିତ ରହିଛି ମଣିଷର ଆତ୍ମାନୁସନ୍ଧାନ । ଏମାନଙ୍କ ଲେଖା ପଢ଼ିଲେ ପାଠକର ପ୍ରାଣ ପୁଲକିତ ହୁଏ, ଚେତନାର ବିସ୍ତାର ହୁଏ, ଜୀବନ ଓ ଜଗତ ସମ୍ପର୍କରେ ବହୁକଥା ଜାଣିହୁଏ ।

ପ୍ରଶ୍ନ : ଆପଣ ସାହିତ୍ୟ ଆଲୋଚନା କ୍ଷେତ୍ରରେ କାହାକୁ ଗୁରୁ କରି ସାହିତ୍ୟ ଆଲୋଚନାରେ ପ୍ରବେଶ କରିଥିଲେ ।

ଉତ୍ତର : "ଶୁଣ ହେ ପାଠକ ପ୍ରବର, ଅନେକ ଗୁରୁ ଛନ୍ତି ମୋର ।" ମୁଁ ଅନ୍ୟମାନଙ୍କ ଠାରୁ ସବୁବେଳେ କିଛି ଶିଖିବାକୁ ଭଲ ପାଏ । ମୁଁ ସାହିତ୍ୟ ଆଲୋଚନା ଖୁବ୍ କଞ୍ଚା ବୟସରୁ ଲେଖିଛି । କେହି ବିଶ୍ୱାସ କରୁ ବା ନ କରୁ ମୁଁ ବି.ଏ. ପଢ଼ିଲାବେଳକୁ ଲେଖାମାନ ପ୍ରତିଷ୍ଠିତ ଓଡ଼ିଆ ପତ୍ରିକାରେ ଲେଖୁଥିଲି । ମୁଁ ଯେତେବେଳେ ମାଟ୍ରିକ ପଢୁଥିଲି ଆମର ଯାଜପୁର ହାଇସ୍କୁଲରେ ଇଂରାଜୀ ସାର୍ ଥିଲେ ଶ୍ରୀଯୁକ୍ତ ଭୁବନାନନ୍ଦ ମିଶ୍ର । ସେ ଏପରି English to Engilish ଆମର ପଠିତ ଇଂରାଜୀ କବିତା ଓ ଗଦ୍ୟ ବୁଝାଉଥିଲେ, ଯାହା ମୋତେ ସାହିତ୍ୟ ପାଠ ପ୍ରତି ଆକୃଷ୍ଟ କରିଥିଲା । ଓଡ଼ିଆ, ସଂସ୍କୃତ, ହିନ୍ଦୀ ମଧ୍ୟ ଖୁବ୍

ଭଲ ଭାବରେ ହାଇସ୍କୁଲ ସାର୍‌ମାନେ ପଢ଼ାଉଥିଲେ - ଯାହା ମୋର ସାହିତ୍ୟ ଅନୁଶୀଳନ ଶକ୍ତିରେ ସହାୟତା କରିଥିଲା । ତାପରେ କଲେଜକୁ ଆସିଲି । ଦୁଇବର୍ଷ ବିଜ୍ଞାନ ପଢ଼ିଲି । ବିଜ୍ଞାନରୁ ହେଲି କଳା ଶ୍ରେଣୀର ଛାତ୍ର । ଏହି ସମୟରେ ମୋର ଶିକ୍ଷକ ଥିଲେ ନୂତନ କବି ଗୁରୁପ୍ରସାଦ ମହାନ୍ତି, ସୁଲେଖକ ଓ ଐତିହାସିକ ରାଜେନ୍ଦ୍ର ପ୍ରସାଦ ଦାସ, ବୁଧେଶ୍ୱର ଦୀକ୍ଷିତ, ବନବିହାରୀ ଚୌଧୁରୀ, ଫନୀ ମହାନ୍ତି, ରବୀନ୍ଦ୍ର କୁମାର ପ୍ରହରାଜ, ପ୍ରଫୁଲ୍ଲ କୁମାର ରଥ ପ୍ରମୁଖ । ଏମାନଙ୍କ ପ୍ରେରଣା ମୋତେ ସାହିତ୍ୟ ଆଲୋଚନା ପାଇଁ ଢେର ଉତ୍ସାହିତ କରିଥିଲା । ଦୁଇବର୍ଷ ବିଜ୍ଞାନ ପଢ଼ିବା ସମୟରେ ଆମକୁ ପଦାର୍ଥ ବିଜ୍ଞାନ ପଢ଼ାଉଥିଲେ ପ୍ରସିଦ୍ଧ ଶିକ୍ଷକ ତ୍ରିଲୋଚନ ଦାଶ । ମୁଁ ସିନା ବିଜ୍ଞାନ ସ୍ନାତକ ହେଲି ନାହିଁ, କିନ୍ତୁ ମୋର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ କିପରି ବିକାଶ ଲାଭ କରିବ, ସେ ପାଇଁ ସେ ମୋତେ ଦେଇଥିଲେ ପ୍ରଭୂତ ପ୍ରେରଣା । ସାହିତ୍ୟକୁ ନୂଆ ଦୃଷ୍ଟିଭଙ୍ଗୀ ନେଇ ପଢ଼ିବାର ଆକାଙ୍‌କ୍ଷା ମୋର ବି.ଏ. ଶ୍ରେଣୀରୁ ସୃଷ୍ଟି ହୋଇଥିଲା । ତା'ପରେ ଏମ୍.ଏ. ପଢ଼ିଲି ବାଣୀବିହାରରେ, ଯେଉଁଠି ମୁଁ ଓଡ଼ିଆ ବିଭାଗର ତଦାନୀନ୍ତନ ପ୍ରଫେସର ଓ ମୁଖ୍ୟ ବଂଶୀଧର ମହାନ୍ତିଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲି । ତାଙ୍କରି ତତ୍ତ୍ୱାବଧାନରେ ମୁଁ ଅନେକ ପୋଥି ଉତାରିଛି, ଊନବିଂଶ ଶତକର ପୁରୁଣା ପତ୍ର-ପତ୍ରିକା ଓ ରେକର୍ଡ଼ ଅନୁଧ୍ୟାନ କରିଛି । ପୁଣି ଆମର ଶିକ୍ଷକ ଥିଲେ ସେ ସମୟର ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ - ଯିଏ ଆମକୁ ଆଧୁନିକ ସାହିତ୍ୟ ପ୍ରତି ଶ୍ରଦ୍ଧା ଭାବ ପୋଷଣ କରିବାକୁ ଦେଇଥିଲେ ଅନେକ ପ୍ରେରଣା । ଏହି ସମୟରେ ବାହାରୁଥିଲା 'ମାନସ' ପତ୍ରିକା - ଯେଉଁ ପତ୍ରିକାରେ ମୋର ଛାତ୍ରାବସ୍ଥାରୁ ଲେଖାମାନ ଧାରାବାହିକ ବାହାରୁଥିଲା । ଏହାର ସମ୍ପାଦକ ପ୍ରଖ୍ୟାତ ଗାଳ୍ପିକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ରଙ୍କର ମୋତେ ଲେଖା ଲେଖି କରିବା ପାଇଁ ଉତ୍ସାହ ବାସ୍ତବରେ ଅବିସ୍ମରଣୀୟ । ଏତିକିବେଳେ 'ନବରବି' ପରି ପ୍ରତିଷ୍ଠିତ ପତ୍ରିକାରେ ମୋର କେତେକ ଲେଖା ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଛାପି ମୋତେ ଅନୁଗୃହୀତ କରାଇଥିଲେ । ମୁଁ ମଧ୍ୟ ତରୁଣ ବୟସରୁ ଚନ୍ଦ୍ରଶେଖର ରଥ, ସର୍ବେଶ୍ୱର ଦାଶଙ୍କ ପରି ବିଜ୍ଞ ଇଂରାଜୀ ଶିକ୍ଷକ, ସାହିତ୍ୟ ସମୀକ୍ଷକ ଡକ୍ଟର ଶ୍ରୀନିବାସ ମିଶ୍ର ଓ ସୁଲେଖକଙ୍କ ଘନିଷ୍ଠ ସମ୍ପର୍କରେ ଆସି ସେମାନଙ୍କ ଠାରୁ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ନାନା କଥା ଜାଣିଛି । ପରେ ରେଭେନ୍ସା କଲେଜ (ଏବେ ବିଶ୍ୱବିଦ୍ୟାଳୟ)ରେ ଅଧ୍ୟାପନା ସମୟରେ ଦାଶରଥି ଦାସଙ୍କ ପରି ବିଶିଷ୍ଟ ସମାଲୋଚକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗଗନେନ୍ଦ୍ର ନାଥ ଦାଶଙ୍କ ପରି ଖ୍ୟାତନାମା ଭାଷାବିତ୍, ହରିହର ଦାସଙ୍କ ପରି ପ୍ରସିଦ୍ଧ ସର୍ଜନଶୀଳ ଲେଖକଙ୍କ ସମ୍ପର୍କରେ ଆସି ସେମାନଙ୍କ ଠାରୁ ସାହିତ୍ୟ ଆଲୋଚନାର ଦିଗ

ଓ ବାଗ ସମ୍ପର୍କରେ ବହୁ କଥା ଜାଣିଛି । ଏତକ ନାମ କହିଦେଲି । ମୋର ସତରେ ଅନେକ ଗୁରୁ । ଯାହାକୁ ହିସାବ କରିବା କଷ୍ଟ ।

ପ୍ରଶ୍ନ : ସାହିତ୍ୟ-ସମ୍ପର୍କିତ କୌଣସି ବ୍ୟାପାରରେ ଆପଣଙ୍କୁ କେହି କେବେ ଅପମାନିତ କରିଛନ୍ତି କି ?

ଉତ୍ତର : ହଁ, ସର୍ବଭାରତୀୟ ସ୍ତରରେ ମୋତେ ଅପମାନିତ କରିଛନ୍ତି ସୀତାକାନ୍ତ ମହାପାତ୍ର ମହାଶୟ, ସାହିତ୍ୟ ଅକାଦେମି, ନୂଆଦିଲ୍ଲୀର ସଭା ଗୃହରେ, ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ବଛା ବଛା ଲେଖକମାନଙ୍କ ଗହଣରେ । ସେଦିନର କଥା ଏବେବି ମୋର ମନେଅଛି - ସେ ଅପମାନର କ୍ଷତ ଏ ଜନ୍ମରେ କେବେହେଲେ ଶୁଖିବ ନାହିଁ । ସେ ସମୟର ଘଟଣାଟି ଥିଲା, ଏହିପରି "ମୁଁ ଥିଲି ୧୯୯୮ ମସିହାରୁ ୨୦୦୨, ସାହିତ୍ୟ ଅକାଦେମି, ନୂଆଦିଲ୍ଲୀର ସାଧାରଣ ପରିଷଦ ଓ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ । ୨୦୦୨ ମସିହା ଶେଷ ପର୍ଯ୍ୟାୟର କଥା । ଆମର କାର୍ଯ୍ୟକାଳ ସରି ଆସୁଥାଏ । ୨୦୦୩ ମସିହାରୁ ୨୦୦୭ ପାଇଁ କେଉଁମାନେ ସାଧାରଣ ପରିଷଦର ସଦସ୍ୟ ରହିବେ ସେଥିପାଇଁ ସଭା ହେଉଥାଏ । ଓଡ଼ିଶାରୁ ଯୋଗ ଦେଇଥାଉ ଚନ୍ଦ୍ରଶେଖର ରଥ ମହାଶୟ ଓ ମୁଁ । ନ୍ୟାସନାଲ ବୁକ୍ ଟ୍ରଷ୍ଟର ଚେୟାରମ୍ୟାନ ଭାବରେ ପ୍ରଦ ପ୍ରଯୁକ୍ତ ସଦସ୍ୟ ରୂପେ ଯୋଗ ଦେଇଥିଲେ ସୀତାକାନ୍ତ ମହାପାତ୍ର ମହାଶୟ । ସଭାପତିତ୍ୱ ସେ ସଭାରେ କରୁଥାନ୍ତି ଅକାଦେମିର ସଭାପତି ରମାକାନ୍ତ ରଥ ମହୋଦୟ । ଓଡ଼ିଶାରୁ କିଏ ରହିବେ ଏ ନେଇ ଆଲୋଚନା ହେଲା । ପ୍ରଥମେ ପ୍ରଫେସର ଆଦିକନ୍ଦ ସାହୁ, ତା'ପରେ କବି ବ୍ରଜନାଥ ରଥଙ୍କ ନାଁ ଚୂଡ଼ାନ୍ତ ହେଲା । ତୃତୀୟ ନାମ ପାଇଁ ମୁଁ ପ୍ରସ୍ତାବ ଦେଲି ଗୌରହରି ଦାସଙ୍କ ନାମ । ଏ ନାମଟି ମୋ' ପାଟିରୁ ବାହାରିବାକ୍ଷଣି ସଭାର ଶୃଙ୍ଖଳାକୁ ଭୁଲି ସୀତାକାନ୍ତ ବାବୁ ମୋତେ ଉଚ୍ଚ ସ୍ୱରରେ କହିଲେ- 'irrelevent', 'irresponsible', Vague. ପୁଣି ସେ କହିଲେ, "ପ୍ରତିଭା ରାୟ ମହାଶୟାଙ୍କ ନାମ ପ୍ରସ୍ତାବ କରୁଛି । ମୁଁ ପ୍ରତିବାଦ କଲି । ପୁଣି ମୋତେ ସେ ଅଧିକ ଗାଳିଦେଲ - ଯାହା ମୁଁ ପ୍ରକାଶ କରୁନାହିଁ । ଏହି ସମୟରେ ମାନନୀୟ ସଭାପତି ରମାକାନ୍ତ ରଥ ମହାଶୟ ଆସନରୁ ଉଠି ତାଙ୍କୁ ଆଉ କହିବାକୁ ସୁଯୋଗ ଦେଲେ ନାହିଁ । ଶେଷରେ ଓଡ଼ିଆ ସଦସ୍ୟଙ୍କ ଦ୍ୱାରା ନୁହେଁ, ପଦ ପ୍ରଯୁକ୍ତ ସଦସ୍ୟଙ୍କ ପ୍ରସ୍ତାବ ଭାରତର କିଛି ଅନ୍ୟ ରାଜ୍ୟ ସଦସ୍ୟଙ୍କ ଦ୍ୱାରା ଗୃହୀତ ହେଲା । ପ୍ରତିଭା ରାୟ ମହାଶୟା ସଦସ୍ୟା ହେଲେ । ମୁଁ ସେଦିନ କାଳବିଳମ୍ୱ ନ କରି ଅକାଦେମି ସଭାଗୃହରୁ ଫେରି ମୋ' ରହିବା ସ୍ଥାନ 'ଓଡ଼ିଶା ନିବାସ'କୁ ଗଲି ।" ସେଦିନ ଘଟଣାରୁ ଜାଣିଛି, ସୀତାକାନ୍ତ ମହାପାତ୍ର ନିଜ

ଜିଦ୍‌କୁ କାର୍ଯ୍ୟକାରୀ କରିବା ପାଇଁ କିପରି ଅଶୋଭନୀୟ ଆଚରଣ କରିପାରନ୍ତି, ଅସଦ୍ ବ୍ୟବହାର କରିପାରନ୍ତି । ଆଉ ଟିକେ କବି ଅଭିମନ୍ୟୁଙ୍କ ଭାଷାରେ କହିଲେ, "ଲାଭ ନ ଥିଲେ ହେଁ ସର୍ପ ପରାୟେ ଦଂଶନ୍ତି"- । ମୁଁ ଜାଣେନା ମୋତେ ସର୍ବଭାରତୀୟ ସ୍ତରରେ ଅପମାନିତ କରି ସେ ପାଶ୍ଚାତାପ କରିଛନ୍ତି କି ନା ? ମୁଁ ଏବେବି ବୁଝିପାରୁନି କାହିଁକି ମୋ ଉପରେ ସେ ଏପରି କ୍ରୋଧାନ୍ୱିତ ହେଲେ ? ଏସବୁ ଭାବିଲେ ଏବେ ବି ମନ ଦୁଃଖ ହୁଏ, ମୁଁ କାନ୍ଦ କାନ୍ଦ ହୋଇଯାଏ । ମୁଁ ବୃତ୍ତିରେ ଶିକ୍ଷକ, କୁଳୀନ ବ୍ରାହ୍ମଣ ପରିବାରରେ ବୈତରଣୀ ତୀର୍ଥ ବିରଜା କ୍ଷେତ୍ର ଯାଜପୁରରେ ମୋର ଜନ୍ମ । ଶିକ୍ଷକତା ଗୁଣକର୍ମ ଅନୁଯାୟୀ ବ୍ରାହ୍ମଣର ବୃତ୍ତି - ଏଣେ ନୈଷ୍ଠିକ ବ୍ରାହ୍ମଣ । ବ୍ରାହ୍ମଣମାନେ ସମାଜର, ମଣିଷର, ସମସ୍ତଙ୍କର ମଙ୍ଗଳ କରନ୍ତି । ମୁଁ ଶୁଣିଛି ବ୍ରାହ୍ମଣମାନଙ୍କୁ ଯିଏ ଅଶୋଭନୀୟ ଆଚରଣ କରେ, ତା'ର କର୍ମଫଳ ସେ ଭୋଗ କରେ । ଆମ ଅଞ୍ଚଳରୁ ଶୁଣିଛି, ଯିଏ ଏପରି ଆଚରଣ କରେ, ତା'ର ସର୍ବନିମ୍ନ ଶାସ୍ତି ବିଧାନ ଈଶ୍ୱରଙ୍କ ଦରବାରରେ ସେ କିଛି ଶୁଣି ପାରେନା, କିଛି କହି ପାରେନା, କିଛି ଦେଖି ପାରେନା । ଏସବୁ ତ୍ୱରିତ୍ ଫଳିଯାଏ । ମୁଁ ତ ଏପରି ଅପମାନ ପାଇଁ କିଛି କହିବି ନାହିଁ କାହାକୁ, କିନ୍ତୁ ଏତିକି ଜାଣିଛି ମଣିଷ ଯେମିତି କର୍ମ କରିବ, ସେମିତି ଫଳଭୋଗ କରିବ । ଖାଲି ମା' ବିରଜାଙ୍କୁ ପ୍ରାର୍ଥନା କରୁଛି ଏ ଧରଣର ଅପମାନ ସୁଯୋଗ କାହା ଭାଗ୍ୟରେ ନ ଘଟୁ । ଭାଗବତରେ ଅଛି, "ବ୍ରାହ୍ମଣ କଲେ ଅପରାଧ । ବେଗେ ପୂଜିବ ତା'ର ପାଦ ।" ମୋ ପାଇଁ ହେଲା ଓଲଟା । କିନ୍ତୁ କିଛି କାହାକୁ ନ କହି ମୁଁ ଗାଳି ଖାଇଲି ଭାରତର ବଛାବଛା ଲେଖକ ନବକାନ୍ତ ବରୁଆ, ଆବୁରି ଛାୟା ଦେବୀ, ରମାରଞ୍ଜନ ମୁଖାର୍ଜୀ, କେ. ସଚ୍ଚିଦାନନ୍ଦନ ପ୍ରଭୃତିଙ୍କ ଉପସ୍ଥିତିରେ । ଏକଥା ଏବେ ବି ମୋତେ ପଚାରନ୍ତି ମୋର ଶୁଭାକାଂକ୍ଷୀ ବନ୍ଧୁମାନେ । ଶୁଣିଲି ପ୍ରଖ୍ୟାତ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଏ ପ୍ରସଙ୍ଗ ବିଶ୍ୱରଞ୍ଜନଙ୍କ 'ଚିଠି' ପତ୍ରିକା ବସନ୍ତ-୨୦୧୪ରେ ଲେଖିଛନ୍ତି । ଶେଷରେ ଏ ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ଟାଣିବି ପ୍ରଖ୍ୟାତ ସାହିତ୍ୟ ଗବେଷକ, ପ୍ରଥିତଯଶା ସମାଲୋଚକ, ମୋର ଶୁଭାନୁଧ୍ୟାୟୀ ଅଗ୍ରଜ ପ୍ରତିମ ବନ୍ଧୁ ବିଦ୍ୱାନ୍ ପ୍ରଫେସର ଦାଶରଥି ଦାସଙ୍କ ଧାଡ଼ି ସହିତ ମୋର ଗୋଟିଏ ଛୋଟ ଧାଡ଼ି ଯୋଗ କରି - ତାଙ୍କ ଧାଡ଼ି; "ସୀତାକାନ୍ତଙ୍କ କବିତାରେ ପ୍ରାଣର ପରିତୃପ୍ତି ସୁଲଭ ହୁଏ ।" ମୋ ଧାଡ଼ିଟି ହେଲା "ସୀତାକାନ୍ତଙ୍କ ଅଶୋଭନୀୟ ଆଚରଣ ଗୁଳି ପରି ଶରୀରକୁ ବିଦ୍ଧ କରେ - ଯାହା ମୋ' ସାରା ଜୀବନ ପାଇଁ ଯନ୍ତ୍ରଣାଦାୟକ, ଯାହା ଏ ଜନ୍ମରେ ଭୁଲିବାର ନୁହେଁ ।" ଏ ମଧ୍ୟ କବି ସୀତାକାନ୍ତଙ୍କ ବ୍ୟକ୍ତିତ୍ୱର ଗୋଟିଏ ଦିଗ ।

ପ୍ରଶ୍ନ : ତରୁଣମାନଙ୍କ ଉଦ୍ଦେଶ୍ୟରେ ଆପଣ କି ବାର୍ତ୍ତା ଦେବେ ?

ଉତ୍ତର : ବାର୍ତ୍ତା ଦେବା ଧର୍ମଯାଜକମାନଙ୍କର କାର୍ଯ୍ୟ । ଲେଖକମାନେ ସବୁବେଳେ ପ୍ରଥାସିଦ୍ଧ ଧର୍ମ ବିଶ୍ୱାସ ଓ ଧର୍ମର ଯାବତୀୟ କୁସଂସ୍କାରକୁ ନେତି ବାଚକ ଦୃଷ୍ଟିରେ ଦେଖନ୍ତି । ସେମାନେ ବିବେକର ଆହ୍ୱାନ ଶୁଣନ୍ତି ଓ ମଣିଷର ମଣିଷପଣିଆ ଉପରେ ଗୁରୁତ୍ୱ ଦିଅନ୍ତି । ମୁଁ ତରୁଣମାନଙ୍କ ଉଦ୍ଦେଶ୍ୟରେ ଅନେକତ୍ର କହିଛି,

"ନିଜ କାମ ନିଜେ କର
ବାର୍ତ୍ତାକୁ ଅବଜ୍ଞା କର
ଏହି ବାର୍ତ୍ତା ତମ ପାଇଁ ମୋର
ଯଦି ପାରୁଚ ବିବେକର ଆହ୍ୱାନ ଶୁଣ
ସବୁଠି ଉନ୍ନତ ମଣିଷପଣିଆକୁ ମର୍ଯ୍ୟାଦା ଦିଅ
ସତ୍ୟର ଦିବ୍ୟ ମାର୍ଗର ଯାତ୍ରୀ ହୁଅ ।
ନିଜ ବୁଦ୍ଧିରେ ଘାସ କାଟ ପଛେ
ପର ବୁଦ୍ଧିରେ ଘୋଡ଼ା ଚଢ଼ ନାହିଁ ।"

ଆଉ ମଧ କହିବି; ଜୀବନରେ ଭଲ ବହି ଆପଣା ରୁଚି ଅନୁଯାୟୀ ପଢ଼ । ମହାପୁରୁଷଙ୍କ ଜୀବନୀ, ଆମର ମହାନ୍ ସାଂସ୍କୃତିକ ଐତିହ୍ୟ ବିଷୟକ ଗ୍ରନ୍ଥମାନଙ୍କରୁ ଜୀବନକୁ, ଜଗତକୁ ଜାଣିବା ପାଇଁ ଓ ମଣିଷପଣିଆକୁ ବୁଝିବା ପାଇଁ ଉପାଦାନ ସଂଗ୍ରହ କର । ମା, ମାଟି, ମାତୃଭାଷାକୁ ପ୍ରାଣ ଭରି ଭଲପାଅ । ନିଜ ବ୍ୟକ୍ତିତ୍ୱକୁ ଆପଣାର ସାଧମତେ ଜାହିର କରି ଶିଖ । ଯେତେ ଅପ୍ରିୟ ହେଲେ ବି ଆପଣା ଅନ୍ତରର କଥା ପଦକ ନିର୍ଭୟର ସହ କହବିାକୁ ସଂକୋଚବୋଧ କର ନାହିଁ । ତରୁଣମାନଙ୍କ ପାଇଁ ବୋଧହୁଏ ଏତକ ଯଥେଷ୍ଟ । ଯଦି ମନକୁ ପାଉଛି, ଉପର ଲିଖିତ ବିବରଣୀକୁ ଗ୍ରହଣ କର, ମନ ନ ମାନିଲେ ଏଇତକ ବି ଭୁଲିଯାଅ ।

ପ୍ରଶ୍ନ : ଓଡ଼ିଶାରେ ସାହିତ୍ୟକୁ ବୃତ୍ତି କରି ଜୀବିକା ନିର୍ବାହ କରି ହେବ କି ?

ଉତ୍ତର : ଓଡ଼ିଆ ସାହିତ୍ୟକୁ ବୃତ୍ତି କରି ବଞ୍ଚିବା ଲେଖକ ଆମ ସାହିତ୍ୟରେ ନାହାନ୍ତି । ପ୍ରାୟ ଆମ ଲେଖକମାନଙ୍କର ଜୀବିକା ସାହିତ୍ୟଠାରୁ ଭିନ୍ନ । ଆଗେ ବହି ଛାପିବା ପାଇଁ ପ୍ରକାଶକମାନେ ଆଗେଇ ଆସୁଥିଲେ । ଲେଖକମାନଙ୍କୁ ନିୟମିତ ତାଙ୍କ ରାଜ ଭାଗ (Royalty) ଦେଉଥିଲେ । ଏବେ କିଛି ପ୍ରକାଶକ ଏସବୁ ଅବଶ୍ୟ ଲେଖକମାନଙ୍କୁ ଦେଉଛନ୍ତି । କିନ୍ତୁ ଏବେ ଏକ ପରମ୍ପରା ଗଢ଼ି ଉଠୁଛି । କିଛି ପ୍ରକାଶକ ଲେଖକମାନଙ୍କ

ଠାରୁ ଆବଶ୍ୟକୀୟ ଆର୍ଥିକ ସହଯୋଗ ନେଇ ବହି ଛାପୁଛନ୍ତି । ଆଉ ବହି ହଜାରେ କପି ଛପା ଯାଉନାହିଁ । ଏହା ୩୦୦ କିମ୍ବା ୫୦୦ ଭିତରେ ସୀମିତ ରହୁଛି । ପୁଣି ଏହା ବିକ୍ରି କରିବା ପାଇଁ ପ୍ରକାଶକ ଓ ଲେଖକ ଉଭୟ ରାଜା ରାମମୋହନ ରାୟ ପୁସ୍ତକ କମିଟିର ବହିକିଣାକୁ ଅପେକ୍ଷା କରୁଛନ୍ତି । ସରକାରୀ ପ୍ରାପ୍ୟ ପାଇବାକୁ ପ୍ରକାଶକ, ଲେଖକଙ୍କୁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି । ପୁଣି ସରକାରୀ ପଇସା ପାଇବା ବାଘ ପାଟିରୁ ହାତ ପୁରାଇ କାଢ଼ିବା ସହ ସମାନ କହିଲେ ଅଯଥାର୍ଥ ହେବ ନାହିଁ । ଏହା ଅନୁଭବୀ ମାତ୍ରେ ଜାଣନ୍ତି । ଏଭଳି ପରିସ୍ଥିତିରେ ଆମ ଓଡ଼ିଶାରେ ଲେଖା ଲେଖି କରି ଜୀବିକା ନିର୍ବାହ କରିବା 'ଆକାଶ କଇଁଆ ଚିଲିକା ମାଛ' କହିଲେ ଚଳେ । ତଥାପି ଓଡ଼ିଆରେ କିଛି ନିର୍ଦ୍ଦିଷ୍ଟ ଧର୍ମମତର ବହି (ଯେମିତି ସାଇବାବାଙ୍କ ସମ୍ପର୍କିତ ବହି), ଯୌନ-ଉଦ୍ଦୀପକ-ଗ୍ରନ୍ଥ, ଛାତ୍ର ସେବ୍ୟ ପାଠ୍ୟପୁସ୍ତକ ସହଚର, ବାସ୍ତୁବିଜ୍ଞାନ ଗ୍ରନ୍ଥ ଇତ୍ୟାଦିର ଚାହିଦା ଖୁବ୍ ଭଲ । ଏ ଧରଣର ଗ୍ରନ୍ଥ ରଚୟିତା ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ଆଉ ସାହିତ୍ୟ ପୁସ୍ତକ ବିକି ବଞ୍ଚିବା ଏଠି ଅସମ୍ଭବ ବ୍ୟାପାର । କାରଣ ଫକୀର ମୋହନଙ୍କ ଭାଷାରେ, "ଦେଶୀ ସାହିତ୍ୟ ଯେ ବଣିଜ କଲା, ଜାଣିଥିବ ସେହି ଲୋକଟି ମଲା ।"

ପ୍ରଶ୍ନ : ଆପଣଙ୍କର କେଉଁ ଓଡ଼ିଆ ଗ୍ରନ୍ଥଟି ଅତ୍ୟନ୍ତ ପ୍ରିୟ ଓ କାହିଁକି ?

ଉତ୍ତର : ମୁଁ ବିଭିନ୍ନ କିସମର ବହି ପଢ଼େ । ମୋତେ ଯଦି କେହି ପଚାରେ, ଆପଣ କେଉଁ ବହି ସର୍ବାଧିକ ଥର ପଢ଼ିଛନ୍ତି ଓ ପଢ଼ି ଆନନ୍ଦ ଅନୁଭବ କରିଛନ୍ତି, ମୁଁ କହିବି ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ । ଏ ବହିଟି ମୋତେ ପଢ଼ିଲା ବେଳେ ଏତେ ଭଲ ଯେ ମୁଁ କେତେବେଳେ ଏହାକୁ ମନେ ମନେ ପଢ଼େ, କେତେବେଳେ ଉଚ୍ଚ ସ୍ୱରରେ ଆବୃତ୍ତି କରି ପଢ଼େ, ଆଉ କେତେବେଳେ ଅନ୍ୟମାନଙ୍କୁ ପଢ଼ି ଶୁଣାଏ । ଏଥି ସହିତ ମୁଁ ମଧ୍ୟ ସ୍ନାତକୋତ୍ତର ଶ୍ରେଣୀରେ ଦୀର୍ଘ ବର୍ଷ ଧରି ଯଦ-ଅବଧୂତ ସମ୍ବାଦ, ରାସ ପଞ୍ଚାଧ୍ୟାୟୀ ପଢ଼ାଇଛି । ଏସବୁ ପଢ଼ାଇବା ବେଳେ ମୁଁ ଲୌକିକରୁ ଭିନ୍ନ ଏକ ଅଲୌକିକ ଜଗତକୁ ଚାଲିଯାଏ । ମୋ'ଠାରୁ ଅଧ୍ୟାପନା ଶୁଣି ସମବେତ ଛାତ୍ରଛାତ୍ରୀ ମନ୍ତ୍ରମୁଗ୍ଧ ହୁଅନ୍ତି । ଭାଗବତ ଗ୍ରନ୍ଥଟି ଏମିତି ଏକ ଗ୍ରନ୍ଥ ଯାହା ସମସ୍ତଙ୍କ ପାଇଁ ଜୀବନର ସବୁ ବୟସରେ ଉପାଦେୟ । ଏଥିରୁ ଅର୍ଥ କରି ଜାଣିଲେ ନାନା ଗୂଢ଼ ଅର୍ଥ ବାହାରେ । ଏକଦା ଏହା ଥିଲା ପିଲାମାନଙ୍କ ପାଠ୍ୟପୁସ୍ତକ, ସାଧାରଣ ଜନତାଙ୍କ ଆଧ୍ୟାତ୍ମିକ ଗ୍ରନ୍ଥ; ଦର୍ଶନରେ ଆସ୍ଥା ପୋଷଣ କରୁଥିବା ପାଠକଙ୍କର ପ୍ରସିଦ୍ଧ ଦାର୍ଶନିକ ଗ୍ରନ୍ଥ, ଏହା ମଧ୍ୟ ମାନକ ଓଡ଼ିଆ ଭାଷା (Standard Odia Language) ରେ ଲିଖିତ କାଳଜୟୀ ପୁସ୍ତକ । ଏହା ସଂସ୍କୃତରୁ ଅନୁବାଦ ହେଲେ

ବି ଏହାର ସାବଲୀଳତା, ଏହାର ସୁସଂହତ ଭାଷା ପ୍ରୟୋଗ ରୀତି ଓ ଭାବ ଗାମ୍ଭୀର୍ଯ୍ୟ ଯେକୌଣସି ପାଠକକୁ ପ୍ରଭାବିତ କରେ । ଏମିତି ଗ୍ରନ୍ଥ ଆଉ ଓଡ଼ିଆରେ ନାହିଁ, ଭବିଷ୍ୟତରେ ରଚିତ ହେବା ସମ୍ଭବ ନୁହେଁ, ଏହା ଓଡ଼ିଆ ସାହିତ୍ୟ ଜଗତର ଅକ୍ଷୟ ସମ୍ପଦ । ଏପରି ଗ୍ରନ୍ଥକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ । ମୁଁ ଆଜି ବି ଏହି ଗ୍ରନ୍ଥଟି ପଢୁଛି, ମୃତ୍ୟୁ ପର୍ଯ୍ୟନ୍ତ ଏହି ଗ୍ରନ୍ଥଟିକୁ ପଢ଼ିବି, ମୋର ମୃତ୍ୟୁ ସମୟକୁ ମୋର ଆତ୍ମୀୟ ସ୍ୱଜନମାନେ ମୋ'ପାଖରେ ବସି ମୋତେ ଏହାର କିଛି ଅଂଶ ପଢ଼ି ଶୁଣାଇଲେ ମୋ' ଆତ୍ମା ଶାନ୍ତି ଲାଭ କରିବ ।

ପ୍ରଶ୍ନ : ଆପଣଙ୍କ ଜୀବନର ଦୀର୍ଘ ଅଧ୍ୟାପନା ଭିତରେ ଆପଣ କେଉଁ ଅନୁଷ୍ଠାନରୁ ବୃତ୍ତିଗତ ସନ୍ତୋଷ ପାଇଛନ୍ତି ?

ଉତ୍ତର : ମୁଁ ପ୍ରଥମେ ଚାକିରି ଯାଜପୁରର ସାଧୁ ଗୌରେଶ୍ୱର କଲେଜରୁ ଆରମ୍ଭ କରିଥିଲି । ସେତେବେଳେ କଲେଜର ଘର ହୋଇ ନ ଥାଏ । କ୍ଲାସ୍ ହେଉଥାଏ ଇଟାରେ ସିମେଣ୍ଟ ଦେଇ କବାଟ ଝରକା ଲାଗି ନ ଥିବା ଘରେ । ଆଇ.ଏ. ଶ୍ରେଣୀ ଥାଏ । ମୁଁ ଯୋଗଦେବା ବର୍ଷ ବି.ଏ. ଖୋଲିଲା । ୧୯୬୭ ମସିହାରେ ମୁଁ ସରକାରୀ କଲେଜରେ ଯୋଗ ଦେଲି । ୧୪.୪.୧୯୮୮ ପର୍ଯ୍ୟନ୍ତ ସରକାରୀ ବୃତ୍ତିରେ ଭଦ୍ରକ କଲେଜ, କେନ୍ଦୁଝର ସରକାରୀ ବିଜ୍ଞାନ କଲେଜ (ଅଧୁନା ଧରଣୀଧର କଲେଜ), ରେଭେନ୍‌ସା କଲେଜ, କଟକ, ଜାତୀୟ କବି ବୀରକିଶୋର କଲେଜ କଟକ ପୁନଶ୍ଚ ରେଭେନ୍ସା କଲେଜରେ କାମ କରିଛି । ତାପରେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗରେ ୧୯୮୮ରେ ପ୍ରାଧ୍ୟାପକ ଓ ୧୯୯୮ରେ ପ୍ରଫେସର ପଦ ମଣ୍ଡନ କରିଥିଲି । ମୋଟା ଅଙ୍କର ଦରମା ପାଉଥିଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ, କିନ୍ତୁ ବୃତ୍ତିଗତ ସନ୍ତୋଷ ପାଇଥିଲି ପ୍ରଥମ ଅନୁଷ୍ଠାନ ସାଧୁ ଗୌରେଶ୍ୱର କଲେଜ, ଯାଜପୁରରେ ଓ ପରବର୍ତ୍ତୀ ସମୟରେ ରେଭେନ୍ସା କଲେଜରେ । ପଢ଼ାଇବା ପରେ ଯେଉଁ ଆତ୍ମସନ୍ତୋଷ ତା'ର ସ୍ୱରୂପ ସେଠାରେ ପ୍ରଥମ ଚାକିରି ଜୀବନରେ ଅନୁଭବ କରିଥିଲି । ରେଭେନ୍ସାରେ ସ୍ନାତକୋତ୍ତର ଶ୍ରେଣୀରେ ମୋ ଅଧ୍ୟାପନା ଦ୍ୱାରା ମୁଁ ପାଇଥିଲି ଆତ୍ମତୃପ୍ତି । ଆଉ ସେଠି ମୁଁ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏତେ ଗ୍ରହଣଶୀଳ ଥିଲି, ଯାହା ଭାବିଲେ ମନ ମୋର କୁଣ୍ଢେ ମୋଟ ହୋଇଯାଏ । କିପରି ପିଲାମାନଙ୍କୁ ଉତ୍ତମ ରୂପେ ପଢ଼େଇବାକୁ ହେବ, କିପରି କ୍ଲାସ୍ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ, କେମିତି ଉତ୍ତମମାନର ଗବେଷଣା କରିବାକୁ ହେବ, ତାହା ମୋତେ ରେଭେନ୍ସା କଲେଜ ଶିକ୍ଷା ଦେଇଥିଲା । ଏବେ ମୁଁ ଜୀବନର ପରିଣତ ବୟସରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ

ଭିଜିଟିଂ ପ୍ରଫେସର ଭାବେ ଯୋଗଦେଇ ପରମ ତୃପ୍ତି ଲାଭ କରୁଛି । ଏପରି ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ଭାରତରେ ବିରଳ, ଯେଉଁଠି ପଢ଼ାପଢ଼ି ପାଇଁ ରହିଛି ଅନୁକୂଳ ବାତାବରଣ ।

ପ୍ରଶ୍ନ : ଆପଣଙ୍କ ଜୀବନର ଆନନ୍ଦମୟ ଦିନ ଓ ଶୋକାବାହ ଦିନ ସମ୍ପର୍କରେ କିଛି କହିବେ କି ?

ଉତ୍ତର : ପ୍ରଥମେ ଆନନ୍ଦର କଥା କହୁଛି । ମୋ' ଝିଅ ବାହାଘର ୨୫-୬-୨୦୦୭ରେ ହୋଇଥିଲା । ସେଇଦିନଟି ଥିଲା ମୋ' ପାଇଁ ଆନନ୍ଦମୟ ଦିନ । କାରଣ ଗୋଟିଏ ଯୋଗ୍ୟ ପିଲା ହାତରେ, ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ମୋ' ଝିଅକୁ ବାହାଦେଲି । ଘରୁ ଝିଅ ବିଦା ହୋଇ ତା'ଘର କରିବ, ସେ ପାଇଁ ମନ ଯେତିକି ଦୁଃଖ ଥିଲା, ତା ତୁଳନାରେ ଝିଅ ତା'ର ନୂଆ ଘର ସଂସାର କରିବ, ନୂଆ ପରିବାରକୁ ଆପଣେଇ ନେବ, ନୂଆ ବାପା, ମା'ଙ୍କୁ ସମ୍ପର୍କର ଡୋରରେ ବାନ୍ଧି ଦେବ ସେ ପାଇଁ ମୁଁ ଭାରି ଖୁସି ଥାଏ । ସେଦିନଟି ମୋ' ପାଇଁ ଏକ ଅବିସ୍ମରଣୀୟ ଦିନ ।

ଆଉ ଦୁଃଖର ଦିନ କଥା ହେଲା ମୋ' ବୋଉ ଯେଉଁଦିନ ଇହଲୀଳା ସମ୍ବରଣ କଲା । ସେଦିନ ଥିଲା ୧୫.୧୧.୧୯୮୬ ବଡ଼ଓଷା, ସନ୍ଧ୍ୟାବେଳେ ବୋଉ ମୋର ଆରପାରିକୁ ଚାଲିଗଲା । ଶେଷ ମୁହୂର୍ତ୍ତରେ ମୁଁ ବୋଉ ପାଖରେ ଥିଲି । ମୁଁ, ମୋ ସ୍ତ୍ରୀ, ମୋ' ପୁଅ ସମସ୍ତେ ପାଟିରେ ନିର୍ମାଲ୍ୟ ପାଣି ଦେଲୁ । ତା'ପର ଦୃଶ୍ୟ ହୃଦୟ ବିଦାରକ । ମୋ' ମୁହଁକୁ ଚାହିଁଥାଏ, ମୋ' ପୁଅ ହାତକୁ ବୋଉ ଧରିଥାଏ । ମୋ ମୁହଁକୁ, ମୋ ବୋଉ ମୁହଁ, ଆଖି ସବୁ ଏକାକାର ହୋଇ ଯାଇଥାଏ । ସେ ଆଖି ବୁଜି ଦେଲା, ମୁଁ ପତା ଖୋଲିବାକୁ ଚାହିଁଲି, ଆଉ ସେ ଆଖି ଖୋଲିଲା ନାହିଁ । ସେବେଳରେ ମୁଁ ଦୁଃଖ, ଶୋକରେ କାଠ ପିତୁଳା ପାଲଟି ଯାଇଥିଲି । ମୋତେ ମୋର ଜ୍ଞାତି-ଜନ-କୁଟୁମ୍ବ, ବନ୍ଧୁଗଣ ବହୁ ସାନ୍ତ୍ୱନା ଦେଇଛନ୍ତି କିନ୍ତୁ ଏଯାବତ୍ ସେଇ ଶୋକାବହ ଦୁଃଖଦ ଘଟଣା ମୁଁ ଭୁଲି ପାରି ନାହିଁ ।

ପ୍ରଶ୍ନ : ଆପଣଙ୍କ ଜୀବନର ସ୍ୱପ୍ନ କ'ଣ ?

ଉତ୍ତର : ମୁଁ ପିଲାବେଳୁ ଏଯାବତ୍ ସବୁବେଳେ ସ୍ୱପ୍ନ ଦେଖିବାକୁ ଖୁବ୍ ଭଲ ପାଏ । ସ୍ୱପ୍ନକୁ କିପରି ବାସ୍ତବ ଜୀବନରେ ଫଳପ୍ରସୂ କରିବାକୁ ହେବ ସେ ପାଇଁ ସଦୁଦ୍ୟମ କରେ । କେତେକ ମୋତେ ସ୍ୱପ୍ନଜୀବୀ ମଣିଷଟିଏ ବୋଲି କହନ୍ତି । ମୋର ବିଶ୍ୱାସ ଭଲ ସ୍ୱପ୍ନକୁ ଆପଣାର କର୍ମ ଶୃଙ୍ଖଳାରେ ବାନ୍ଧି ପାରିଲେ, ତାହା ଖୁବ୍ ଭଲ ଫଳ ଦିଏ । ଏ ସମ୍ପର୍କରେ କାଳିଦାସଙ୍କ 'କୁମାର ସମ୍ଭବମ୍' କାବ୍ୟର ପାର୍ବତୀଙ୍କ ତପସ୍ୟା (ପଞ୍ଚମ ସର୍ଗ)

ପ୍ରସଙ୍ଗ ମନେପଡ଼େ । ପାର୍ବତୀ ଶିବ ସ୍ୱପ୍ନରେ ବିଭୋର ହୋଇ ତପସ୍ୟା କଲେ, ସେ ସ୍ୱପ୍ନରେ ଶିବଦର୍ଶନ କଲେ, ବାସ୍ତବ ଜୀବନରେ ଶିବଙ୍କ ପରି ବର ପାଇଲେ । ସେଇ ପ୍ରସିଦ୍ଧ ଧାଡ଼ି ଏହିପରି;

"ତ୍ରିଭାଗ ଶେଷାଷୁ ନିଶାସୁ ଚ କ୍ଷଣଂ
ନିମିଲ୍ୟନେତ୍ର ସହସା ବ୍ୟବୁଧ୍ୟତ
କ୍ୱ ନୀଳକଣ୍ଠ ବ୍ରଜସିତ୍ୟଲକ୍ଷବାକ୍
ଅସତ୍ୟା କଣ୍ଠାର୍ପିତ ବାହୁ ବନ୍ଧନା ।"

ଯେଉଁ ପାର୍ବତୀ ସ୍ୱପ୍ନରେ 'ନୀଳକଣ୍ଠ କୁଆଡ଼େ ଯାଉଛ' କହି ରାତିରେ ବିଳାପ କରୁଥିଲେ, ପରବର୍ତ୍ତୀ ସମୟରେ ସେଇ ନୀଳକଣ୍ଠଙ୍କୁ ସେ ପତି ରୂପେ ବରଣ କଲେ । ଅର୍ଥାତ୍ ସ୍ୱପ୍ନ ଦେଖିବା ସହିତ କର୍ମରେ ଶୃଙ୍ଖଳା ରହିଲେ ମଣିଷର ସ୍ୱପ୍ନ ବାସ୍ତବରେ ପରିଣତ ହୁଏ । ମୁଁ ସବୁବେଳେ ମୋର ସ୍ୱପ୍ନକୁ ଅଭ୍ୟାସରେ, ଆଚରଣରେ ରୂପ ଦେବାକ୍ ଚେଷ୍ଟା କରେ ।

ମୋ' ଜୀବନରେ ସ୍ୱପ୍ନ ଅନେକ । କିପରି ପରୋପକାରରେ ଲାଗିପାରିବି, ଭାଷା-ସାହିତ୍ୟର ସେବା ସତ୍କାରରେ ନିଜକୁ ଉତ୍ସର୍ଗ କରିପାରିବି ତାହା ମୋ ପାଇଁ ସବୁବେଳେ ଗୁରୁତ୍ୱପୂର୍ଣ୍ଣ । ଏଇ ଭାବନା ନେଇ ସ୍ୱପ୍ନକୁ ସାକାର କରେ । ଜୀବନରେ ମୋ' ସ୍ୱପ୍ନ କେତେଦୂର ସାର୍ଥକ ହୋଇଛି, ତାହା ମୋର ମୃତ୍ୟୁ ପରେ ଜାଣିବେ ସମସ୍ତେ । ଏବେ ତା'ର ହିସାବ ନିକାଶ ଠିକ୍ ନୁହେଁ ।

ପ୍ରଶ୍ନ : ଆପଣ ଦୀର୍ଘ ବର୍ଷ ଧରି ବିରୂପାକ୍ଷ କରଙ୍କ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳନ କରୁଥିଲେ । ହଠାତ୍ ନାଟକୀୟ ଭାବେ ତାହା ବନ୍ଦ ହେଲା କାହିଁକି ?

ଉତ୍ତର : ବିରୂପାକ୍ଷ କରଙ୍କ ଶ୍ରାଦ୍ଧୋତ୍ସବ ସଭା ଆକାରରେ ୧୯୯୩ ମସିହାରୁ ଆରମ୍ଭ ହେଲା । ଏହି ବର୍ଷଟି ଥିଲା ତାହାଙ୍କ ଶତବାର୍ଷିକୀ । ଏ ଉପଲକ୍ଷେ ଏକ ସ୍ମରଣିକା ଓ 'ବିରୂପାକ୍ଷ ପ୍ରବନ୍ଧାବଳୀ' ପ୍ରକାଶିତ ହୋଇଥିଲା । ସ୍ମରଣିକା ପାଇଁ କିଛି ବିଜ୍ଞାପନ ଓ 'ସମାଜ'ର ସମ୍ପାଦକ ରାଧାନାଥ ରଥ ସେତେବେଳେ ଆର୍ଥିକ ସହଯୋଗ କରିଥିଲେ । ବହିଟିକୁ ଛାପିଥିଲେ ଓଡ଼ିଶା ବୁକ୍ ଷ୍ଟୋରର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗୋବିନ୍ଦ ଚରଣ ପାତ୍ର । ପ୍ରଥମ ତିନିବର୍ଷ ସଭା ଖୁବ୍ ଆଡ଼ମ୍ବରରେ ହେଲା । ଚତୁର୍ଥ ବର୍ଷ ସଭା ପାଇଁ ଟାଉନ୍ ହଲ୍ ମିଳିଲା ନାହିଁ । ସେ ବର୍ଷ ସଭା ଯାଜପୁର ହାଇସ୍କୁଲରେ ହେଲା । ସଭାରେ ସେ ବର୍ଷ ଜଣେ ମଦ୍ୟପ ଗୁଣ୍ଡା ପଶି ସାମାନ୍ୟ ଗଣ୍ଡଗୋଳ କଲା । ତେଣୁ ମୁଁ ସଭାକୁ ଭୁବନେଶ୍ୱରରେ ପଞ୍ଚମ ବର୍ଷରୁ କଲି । ୨୦୦୭ ମସିହା ପର୍ଯ୍ୟନ୍ତ ସଭା ଚାଲିଲା । ପରିବାରର ସହଯୋଗ

ଯେପରି ମିଳିବା କଥା ମିଳିଲା ନାହିଁ । ବିରୂପାକ୍ଷ କରଙ୍କ ଜଣେ ଝିଅର ପୁଅ ନାତି ଥରେ ସଭାରେ ଅସ୍ୱାଭାବିକ ଆଚରଣ ସ୍ୱରୂପ ଗୋଡ଼ ଚପଲ ଘଷି ଶବ୍ଦ କଲେ ଓ ଅଶାଳୀନ ଇଙ୍ଗିତ ଦେଲେ । ଏ ସତ୍ତ୍ୱେ ସବୁ ଠିକ୍ ଚାଲିଲା କିନ୍ତୁ ହଠାତ୍ ୨୦୦୮ ମସିହାରେ ବିରୂପାକ୍ଷ କରଙ୍କ ପୁତ୍ର ଏ ଶ୍ରାଦ୍ଧୋତ୍ସବ ସଭା କରିବାକୁ ମନାକଲେ । କେବଳ ସେତିକି ନୁହେଁ ଏପରି ଆଡ଼ମ୍ବରପୂର୍ଣ୍ଣ ସଭା ଦେଖି ତାଙ୍କ ପରିବାର ଲୋକ ଭାବିଲେ- "ବାଉରୀବଂଧୁ କରର ଏହାଦ୍ୱାରା କିଛି ଲକ୍ଷ୍ୟ ରହିଛି"- ମୋର ତ ବିରୂପାକ୍ଷ କରଙ୍କ ଘର ଶ୍ୱଶୁର ଘର - ମୋ' ଝିଅ, ପୁଅ କହିଲେ ଅଜାଘର ଏସବୁ ସଭା କରିବାକୁ ଭଲ ପାଉନାହାନ୍ତି । ତେଣୁ ଆମର ଅଜାଘର ମନରେ କାହିଁକି ଆଘାତ ଦେଇ ଏତେ କଷ୍ଟରେ ସଭା କରିବା । ଅଜାଘର ଆଗ, ସେମାନଙ୍କ ନାସ୍ତିସୂଚକ ଉତ୍ତରରେ ସଭା ବନ୍ଦ ହେଲା ।

ପ୍ରଶ୍ନ : ଓଡ଼ିଆ ଭାଷା ସରକାରୀ ଦପ୍ତରର ଭାଷା ରୂପେ ବିଧି ବ୍ୟବସ୍ଥା ଥିଲେ ସୁଦ୍ଧା ଏହା କାହିଁକି କାର୍ଯ୍ୟକାରୀ ହୋଇପାରୁ ନାହିଁ ?

ଉତ୍ତର : ରାଜା ଯେମିତି କାମ କରିବେ, ପ୍ରଜା ତାକୁ ଅନୁକରଣ କରିବେ । ସେଠି ବିଧି ବ୍ୟବସ୍ଥା ହାର ମାନିବ । ୧୯୫୪ ଅକ୍ଟୋବର ମାସ ୧୫ ତାରିଖରୁ ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଥମେ ଦେଇଥିଲେ ସେ ସମୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ । ତା'ପରେ ୧୯୮୫ ଅପ୍ରେଲ ପହିଲାରୁ ସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସେଦିନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ । ତାଙ୍କ ଶାସନ କାଳରେ ଓଡ଼ିଆରେ ଶାସନ କାର୍ଯ୍ୟ ହେଲା ଓ ସରକାରୀ ଦପ୍ତରରେ ଭାଷା ହେଲା ଓଡ଼ିଆ । ତାଙ୍କ ପରେ ଅନ୍ୟ ମୁଖ୍ୟମନ୍ତ୍ରୀମାନେ ଆସିଲେ ଏହାକୁ ଗୁରୁତ୍ୱ ଦେଲେ ନାହିଁ । ସବୁ ସେମିତି ଇଂରେଜୀରେ ପ୍ରାୟ ଚାଲୁଛି । ଓଡ଼ିଆ ଅଳ୍ପ ଅଳ୍ପ କାମ ହେଉଛି । କାରଣ ଆମର ଶାସନ ମୁଖ୍ୟ ଓଡ଼ିଆରେ ସରକାରୀ କାର୍ଯ୍ୟ କରିବାରେ ଅଭ୍ୟସ୍ତ ନୁହଁନ୍ତି । ଏସବୁ ଦେଖି ମୋର ମନେ ପଡୁଛି ଫକୀରମୋହନ ସେନାପତିଙ୍କ 'ଉତ୍କଳ ଭ୍ରମଣଂ' ରଚନାର କିୟଦଂଶ;

"କେତେ ରାଜାଙ୍କର ଅଛି ଇଂରେଜୀ knowledge
ନ ଛୁଇଁବେ very dirty ଓଡ଼ିଆ Language
ସତକଥା ହେଲେ ଏବେ English educated
Consequently ଓଡ଼ିଆ study sadly neglected".

ଏ ବ୍ୟାପାରରେ ଆଉ ଅଧିକ କ'ଣ କହିବି, "କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ

କୂଳ ଭାସି ଯାଉଛି”- ଅବସ୍ଥା । ଶେଷରେ ଏ ସମ୍ପର୍କରେ ଏତିକି କହିବି; “କହିବି ନାହିଁ, କହିଲେ ଏ ଘରେ ରହିବି ନାହିଁ”-

ପ୍ରଶ୍ନ : ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା କେନ୍ଦ୍ରସରକାରଙ୍କ ଦ୍ୱାରା ପାଇବାରେ ଆପଣଙ୍କ ପ୍ରତିକ୍ରିୟା କ'ଣ ? ଏହା ଦ୍ୱାରା ଓଡ଼ିଆ ଭାଷାର କ'ଣ ଉପକାର ହେବ ?

ଉତ୍ତର : ଭାଷା ସାହିତ୍ୟର ଜଣେ ଅନୁରାଗୀ ଭାବେ ଓଡ଼ିଆ ଭାଷା କେନ୍ଦ୍ରସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହାଦ୍ୱାରା ଓଡ଼ିଆ ଭାଷା ସମ୍ପର୍କରେ ଉଚ୍ଚମାନର ଗବେଷଣା, ଏହାର ପ୍ରଚାର-ପ୍ରସାର ପାଇଁ କିଛିଟା ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ । ମୋଟା ଅଙ୍କର ଆର୍ଥିକ ଅନୁଦାନ ମଧ୍ୟ ଦିଲ୍ଲୀ ସରକାରଙ୍କ ଠାରୁ ମିଳିବ । ଏ ଅନୁଦାନ ଯଥାର୍ଥ ଭାବେ ଆମେ ଖର୍ଚ୍ଚ କରି ପାରିବା ତ ? ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଭାଷଣ ଦେବା, ଖବରକାଗଜରେ ସ୍ତମ୍ଭ ଲେଖିବା, ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ କିଛି ଚତୁର ବ୍ୟକ୍ତିବିଶେଷ ଫୁଲ ହାର ପକେଇ ଖବରକାଗଜରେ ଫଟୋ ଛାପିବା ଦ୍ୱାରା ଓଡ଼ିଆ ଭାଷାର କିଛି ଉପକାର ହେବ ନାହିଁ । ବରଂ, ଓଡ଼ିଆ ଭାଷାର ଆଞ୍ଚଳିକ ବୈଷମ୍ୟ, ଲୋକ ମୁଖର ଭାଷା, ଓଡ଼ିଆ ଶବ୍ଦ ଭଣ୍ଡାରକୁ ନେଇ ବ୍ୟାପକ ଗବେଷଣା ହେବା ଦରକାର । ସବୁ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ଓଡ଼ିଆ ଅଭିଧାନ, ବ୍ୟାକରଣ ପହଞ୍ଚିବା ଜରୁରୀ । ଆଞ୍ଚଳିକ ଓଡ଼ିଆ ଶବ୍ଦକୋଷ ସଂକଳନର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥି ସହିତ ଆଦିବାସୀ ଭାଷା ସହିତ ଆମ ସଂସ୍କୃତିର ସମ୍ପର୍କ ନେଇ ଗବେଷଣାର ଢେର ପ୍ରାସଙ୍ଗିକତା ରହିଛି । ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ମାନଙ୍କରେ ରହିଥିବା ଓଡ଼ିଆ ଭାଷା-ସାହିତ୍ୟ ବିଭାଗ, ଭାଷାତତ୍ତ୍ୱ ବିଭାଗରେ ଉଚ୍ଚମାନର ଗବେଷଣା ପାଇଁ ପ୍ରୋତ୍ସାହନ ଦିଆଯିବା ନିହାତି ଉଚିତ । ସରକାରୀ ସ୍ତରରେ ପ୍ରଶାସନିକ କାର୍ଯ୍ୟରେ ଏ ଭାଷାକୁ ମର୍ଯ୍ୟାଦାର ସହ ବ୍ୟବହାର କରାଯିବା ବିଧେୟ । ଶୁଦ୍ଧ ଓଡ଼ିଆ ଲିଖନ ଓ ଶୁଦ୍ଧ ଓଡ଼ିଆ ପଠନ ଉପରେ ଗୁରୁତ୍ୱ ଦିଆଯିବା ଏକାନ୍ତ ଅପରିହାର୍ଯ୍ୟ । ନହେଲେ ଓଡ଼ିଆ ଭାଷା ଆହୁରି ଅଧୋଗତି ଆଡ଼କୁ ଗତି କରିବ ଏବଂ ଏହାର ବ୍ୟବହାର ଆସ୍ତେ ଆସ୍ତେ କମିଯିବ । କୌଣସି ଓଡ଼ିଆ ବାହାଦୂରୀ ଦେଖେଇ କେନ୍ଦ୍ରୀୟ ଭାଷା ସଂସ୍ଥାନ, ମହୀଶୂରର ପ୍ରାକ୍ତନ ପ୍ରତିଷ୍ଠାତା ନିର୍ଦ୍ଦେଶକ କହି ବସିଲେ ଆମ ଭାଷାର ବିକାଶ ସଂଘଟିତ ହେବ ନାହିଁ । ଜଗତେ କେବଳ ଜନେ ହସିବେ, ଏ ତହୁଁ ଫଳ ।

ପ୍ରଶ୍ନ : ଆପଣ ଯାଜପୁରବାସୀ ଭାବେ ଗର୍ବ ଅନୁଭବ କରନ୍ତି । ଯାଜପୁରର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆପଣଙ୍କ ଦୃଷ୍ଟିଭଙ୍ଗୀ କ'ଣ ଓ କିପରି ?

ଉତ୍ତର : ମୁଁ ଐତିହ୍ୟ ସମ୍ପନ୍ନ ବୈତରଣୀ ତୀର୍ଥ ବିରଜା କ୍ଷେତ୍ରର ଜଣେ ସାଧାରଣ ନାଗରିକ ଭାବେ ଗର୍ବ ଅନୁଭବ କରେ । ଯାଜପୁରର ସର୍ବାଙ୍ଗୀନ ବିକାଶ ବ୍ୟାପାରରେ ଚିନ୍ତା କରେ । ଏପରିକି ଛାତ୍ର ଥିବା ବେଳେ ଯେତେବେଳେ ଯାଜପୁର ଜିଲ୍ଲା ଆନ୍ଦୋଳନ ହୋଇଥିଲା, ସେଥିରେ ମୁଁ ସାମିଲ ହୋଇଥିଲି । ଏବେ ଯାଜପୁରରେ ନେତା ପ୍ରବଳ, କିନ୍ତୁ ବିକାଶ ଶିଥିଳ । ସେମାନେ ଆତ୍ମୋନ୍ନତି ଛଡ଼ା କିଛି କରନ୍ତି ନାହିଁ । ତିନିବର୍ଷ ହେବ ଭାଙ୍ଗିଲାଣି ରୁଢ଼ିଆ ପୋଲ । ସେତକ ହୋଇପାରୁନି । ଜିଲ୍ଲାର ସାତଜଣ ବିଧାୟକ, ଜଣେ ସାଂସଦ, ସମସ୍ତେ ଅହଂ ପ୍ରମତ୍ତ, ବେଶ୍ କୋଟିପତି ସବୁ । କିଏ ବିରଜା ମୂର୍ତ୍ତି ଆପଣାର ସ୍ୱାର୍ଥସାଧନ ପାଇଁ ବଦଳାଇଲାଣି ତ; କିଏ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦଙ୍କ ନୈତିକତାକ ତୁଣ୍ଡବାଣୀ କରି ଦଳବଳ ଧରି ଗୁଣ୍ଡା ଗର୍ଦ୍ଦି, ଅନୀତି-ଦୁର୍ନୀତି ବ୍ୟଭିଚାର କଲାଣି; କିଏ ସରକାରୀ ଡାଲି ଦୁର୍ନୀତିରେ ସାମିଲ ହୋଇ ସାଧାରଣରେ ହେଲାଣି 'ଡାଲିଖାଇ ନାନୀ; ଆଉ କିଏ ରମଣୀ ବିଳାସରେ ମାତି ନାରୀ ଘଟିତ ଦୁର୍ନୀତିରେ ଛନ୍ଦି ହେଲାଣି; ପୁଣି କିଏ କୃଷକ ମାନଙ୍କ ବିହନରୁ ବେଶ ମୋଟାଅଙ୍କର ଅର୍ଥ ଚଳୁ କରି ସାଧାରଣରେ ଚର୍ଚ୍ଚିତ ହେଲାଣି; ଏଠି କବି ଲେଖକଙ୍କ ମୁହଁକୁ ମୁଥ ମାରି ଫଟେଇ ଦେବାରେ ଆମ ଯୁବ ବିଧାୟକମାନେ ପାରଙ୍ଗମ, ଆଉ କିଏ ଖଣି, ଖାଦନ, ପାହାଡ଼, ପର୍ବତକୁ ନିଜ ଆତ୍ମୀୟ ସ୍ୱଜନଙ୍କ ନାଁରେ ଧୂର୍ତ୍ତତାର ସହ କରେଇ ନେଲାଣି । ଏସବୁ ଯୁକ୍ତିରେ ବୁଝାଇ ହେବନାହିଁ ।, କେବଳ ଅନୁଭବର ବ୍ୟାପାର । ଏମାନଙ୍କୁ ଦେଖିଲେ ମନେପଡ଼େ ମଧୁବାବୁଙ୍କ ପଂକ୍ତି, "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ..." ଇତ୍ୟାଦି ଇତ୍ୟାଦି । ଯାଜପୁରର ଜ୍ଞାତି ଶତ୍ରୁ ଯାଜପୁରର ଜନପ୍ରତିନିଧିମାନେ । ଯିଏ ଯାଜପୁରରେ ଜିଲ୍ଲା ସଦର ମହାକୁମା ନ ହେଉ କହୁଥିଲେ, ସେଇ ପରିବାର ଯାଜପୁରର ବଡ଼ ନେତା, ସକଳ କର୍ମକୁଶଳତାର କର୍ଣ୍ଣଧାର । ଏଭଳି ସ୍ଥିତିରେ ଯାଜପୁରକୁ କେବଳ ମା' ବିରଜା, ବରାହନାଥ ସାହା, ଆଉ କେହି ନୁହନ୍ତି । ସେବାର ଧୂର୍ତ୍ତ ବିଜ୍ଞାପନ ଦେଇ ଏଠାକାର ନେତାମାନେ ସୁଆଙ୍ଗ ସାଜି ସେବକର ଅଭିନୟ କରନ୍ତି, ଆତ୍ମ ସୁଖ ଚରିତାର୍ଥ ବ୍ୟତୀତ ଅନ୍ୟ କିଛି ଜାଣନ୍ତି ନାହିଁ ।

ପ୍ରଶ୍ନ : ଆପଣ 'ବର୍ତ୍ତିକା' ସାହିତ୍ୟ ପତ୍ରିକାର ସମ୍ପାଦନା ମଣ୍ଡଳୀର ଜଣେ ସଦସ୍ୟ । ଏ ପତ୍ରିକା ସମ୍ପର୍କରେ ଆପଣ କ'ଣ କହିବେ ?

ଉତ୍ତର : 'ବର୍ତ୍ତିକା' ଗ୍ରାମାଞ୍ଚଳରୁ ବାହାରେ । ଯାଜପୁରର ଦଶରଥପୁର ଠାରେ ରହିଛି, 'ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ' ନାମରେ ଏକ ଅନୁଷ୍ଠାନ । ଏହି ଅନୁଷ୍ଠାନର

